6374
22/1/93

# ଉତ୍କଳ ପ୍ରସଙ୍ଗ





ଦୁର୍ଗାପୂଜା ଅବସରରେ
ଅଗଣିତ କୃଷିଭାଇ ସମବାୟ ସମିତି ଓ
ସାର ବ୍ୟବସାୟୀମାନଙ୍କୁ

# ହାର୍ଦ୍ଦିକ ଅଭିନନ୍ଦନ



ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।

**ହିନ୍ଦୁସ୍ଥାନ ଫର୍ଟିଲାଇଜର କର୍ପୋରେସନ ଲିଃ**
ଭାରତ ସରକାରଙ୍କ ସଂସ୍ଥା
ମାର୍କେଟିଂ ଡିଭିଜନ୍,
ଆଞ୍ଚଳିକ ଅଫିସ :— ୫/୭ ସତ୍ୟନଗର, ଭୁବନେଶ୍ୱର
ପ୍ରଶାଖା ଅଫିସ :— କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର

artex

# ଉତ୍କଳ ପ୍ରସଙ୍ଗ

୧୯୭୮ ଅକ୍ଟୋବର : ଆଶ୍ୱିନ
୧୯୦୦ ଶକାବ୍ଦ
୩୫ ଭାଗ : ତୃତୀୟ ସଂଖ୍ୟା

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦·୦୦

ଛଡ଼ିଖଣ୍ଡ—ଟ ୧·୦୦

* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

| | |
|---|---|
| ଓଡ଼ିଶା ମୋର ପ୍ରିୟ ଭୂମି .. | |
| ଓଡ଼ିଶାରେ ଶକ୍ତି ଉପାସନା .. | ୫ |
| ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶ .. | ୯ |
| ଉପଯୋଜନା ଏବଂ ଆଦିବାସୀ ହରିଜନ ଉନ୍ନୟନ .. | ୧୩ |
| ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ : ଆମ ରାଜ୍ୟର ପଦକ୍ଷେପ । | ୧୭ |
| ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ପୂର୍ଣ୍ଣାଙ୍ଗ ପରିକଳ୍ପନା .. | ୧୯ |
| ଚିତା ବାଘ .. | ୨୯ |
| ଓଡ଼ିଶାରେ ଗୁରୁ ନାନକ .. | ୩୩ |
| ଗାନ୍ଧୀ ବିଶ୍ୱର: ଏକ ଆତ୍ମ ସମୀକ୍ଷା .. | ୩୬ |
| ଦଶ ମହାବିଦ୍ୟା .. | ୩୯ |
| ନୂଆଖିଆ ପର୍ବ .. | ୪୩ |
| ପାରିବ ଯଦି ଉଠାଇନିଅ ରବି (କବିତା) .. | ୪୫ |
| ଗୃହିଣୀର ଦାୟିତ୍ୱ ଓ କର୍ତ୍ତବ୍ୟ .. | ୪୭ |
| ବିଶ୍ୱ ଶାନ୍ତିର କେନ୍ଦ୍ରବିନ୍ଦୁ : ଜାତିସଂଘ .. | ୪୯ |
| ଚିତା ବିରଡ଼ି .. | ୫୧ |
| ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ଓ ଓଡ଼ିଶାରେ ହସ୍ତଶିଳ୍ପର ବିକାଶ । | ୫୨ |
| ଗଯଲ .. | ୫୪ |
| ଅଭିଶାପ ନା ଆଶୀର୍ବାଦ .. | ୫୬ |
| ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ .. | ୫୯ |
| ଭୂମାପୁରୁଷ ଶ୍ରୀ ଅରବିନ୍ଦଙ୍କ ଦୁଇଟି କବିତା .. | ୬୩ |
| ମତ୍ତ ହସ୍ତୀ .. | ୬୪ |
| ଜିଲ୍ଲା ଶିଳ୍ପ କେନ୍ଦ୍ର .. | ୬୬ |
| ଅଂକୁଶ .. | ୬୮ |
| ଗାନ୍ଧିଜୀ ଓ ଭାରତର ବୈଦେଶିକ ନୀତି .. | ୭୩ |
| ମେହେର ସାହିତ୍ୟରେ ଊଷା ବର୍ଣ୍ଣନା .. | ୭୬ |
| ବାଂକେଶ୍ୱର ଗ୍ରାମର ବିକାଶ କାହାଣୀ .. | ୮୦ |
| ବଣ୍ଡା ଗପ .. | ୮୨ |
| ଲାଲବାହାଦୁର ଶାସ୍ତ୍ରୀ : ଏକ ଶ୍ରଦ୍ଧାଞ୍ଜଳି .. | ୮୪ |
| ମୋହନ ମୁରଲୀ ଡାକେ (କବିତା) .. | ୮୮ |
| ସୋନପୁରରେ ବଳି ଯାତ୍ରା .. | ୯୦ |



# ଓଡ଼ିଶା ମୋର ପ୍ରିୟ ଭୂମି

ଗାନ୍ଧିଜୀ ଓଡ଼ିଶା ସଂପର୍କରେ କହିଥିଲେ :

"ଭାରତ ବର୍ଷରେ 'ଓଡ଼ିଶା' ମୋର ପ୍ରିୟ ଭୂମି । ଯେତେବେଳେ ମୁଁ ଭାରତ ବର୍ଷରେ ପଦାର୍ପଣ କଲି, ସେତେବେଳେ ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ସମ୍ପର୍କରେ ଶୁଣିବାକୁ ପାଇଲି । ଠକ୍କର ବାପା ଓଡ଼ିଶାର ସମ୍ପର୍କରେ ଆସିଥିଲେ ଓ ଦୁର୍ଭିକ୍ଷ ସାହାଯ୍ୟ ସଙ୍ଗଠନ କରିଥିଲେ । ମୁଁ ମଧ୍ୟ ବୁଝିପାରିଲି ଯେ, ଯଦି ମୁଁ କୌଣସି ପ୍ରକାରେ ଓଡ଼ିଶାର ସେବା କରିପାରେ, ତାହାହେଲେ ସେହି ବାଟରେ ମୁଁ ଭାରତ ବର୍ଷର କିଛିହେଲେ ବି ସେବା କରିପାରିବି । ପରବର୍ତ୍ତୀ କାଳରେ ଓଡ଼ିଶା ମୋ' ଦୃଷ୍ଟିରେ ଏକ ତୀର୍ଥ ସ୍ଥଳୀ ହୋଇ ପଡ଼ିଲା । ଏଠାରେ ଜଗତର ନାଥଙ୍କ ମନ୍ଦିର ଥିବାଯୋଗୁଁ ସେ ଏପରି ହୋଇଥିଲା, କେବଳ ସେତିକି ନୁହେଁ (ଯେହେତୁ ଏହା ହରିଜନମାନଙ୍କ ପାଇଁ ଉନ୍ମୁକ୍ତ ନଥିଲା, ତେଣୁ ମୋ' ପାଇଁ ମଧ୍ୟ ଏହା ଉନ୍ମୁକ୍ତ ନଥିଲା) ପରନ୍ତୁ ଅସ୍ପୃଶ୍ୟତା ଦୂରୀକରଣ ଭଳି ଏକ ପବିତ୍ର କାର୍ଯ୍ୟ ଉପଲକ୍ଷେ ଦେଶ-ବ୍ୟାପୀ ଗସ୍ତ କରିବା ପାଇଁ ଏଠାରେ ମୁଁ ଏକ ଅଭିନବ ପନ୍ଥାର ସନ୍ଧାନ ପାଇ ପାରିଥିବା ଯୋଗୁଁ ଏହା ଘଟିଥିଲା । ମୁଁ ଶୁଣିଥିଲି ଯେ ତଥାକଥିତ ସନାତନୀମାନେ ମୋର କାର୍ଯ୍ୟରେ କ୍ରୋଧାନ୍ୱିତ ହୋଇ ହିଂସାକାଣ୍ଡ ଦ୍ୱାରା ତାହାକୁ ବ୍ୟର୍ଥ କରିବା ପାଇଁ ଚେଷ୍ଟା କରିବେ । ମୁଁ ଭାବିଲି, ଯଦି ପ୍ରକୃତରେ ସେମାନଙ୍କ ମନରେ ଏହା ଥାଏ, ତେବେ ମୁଁ ଦେଶ ଭିତରେ ରେଳ ଓ ମଟର ଗାଡ଼ି ଛାଡ଼ି ପଦଯାତ୍ରା ଦ୍ୱାରା ବରଂ ସେମାନଙ୍କର କାର୍ଯ୍ୟକୁ ସୁଗମ କରିବି । ତୀର୍ଥଯାତ୍ରୀମାନେ ମଟର ଗାଡ଼ି ଓ ରେଳ ଗାଡ଼ିରେ ତୀର୍ଥଯାତ୍ରା କରନ୍ତି ନାହିଁ । ସଂସାରର ବିଷୟବାସନାକୁ ଖାତିର ନକରି ଈଶ୍ୱରଙ୍କ ନାମ ଉଚ୍ଚାରଣପୂର୍ବକ ସେମାନେ ବୁଲି ବୁଲି ତୀର୍ଥ ସ୍ଥାନକୁ ଯାଆନ୍ତି । ସେତେବେଳେ କେବଳ ଈଶ୍ୱରଙ୍କୁ ସେବାରୂପକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥାଏ । ଯଦି ସନାତନୀମାନଙ୍କ କ୍ରୋଧ ଯୋଗୁଁ ପୁରୀଠାରେ କିଛି ଗଣ୍ଡଗୋଳ ଘଟେ, ତେବେ ଆମ୍ଭେମାନେ ତ ସେମାନଙ୍କର କ୍ରୋଧ ମୁହଁକୁ ପଳାଇ ଯାଇ ପାରିବୁ ନାହିଁ । ତେଣୁ, ଆମ୍ଭେମାନେ ଏହାର ସମ୍ମୁଖୀନ ହେବା ଉଚିତ । ଏସବୁ କାର୍ଯ୍ୟ ମୁଁ ମଟରଗାଡ଼ି କିମ୍ବା ରେଳଗାଡ଼ିରେ କରି ପାରିନଥାନ୍ତି । ସେଥିପାଇଁ ମୁଁ ଠିକ୍ କଲି ଯେ ମୋର ହରିଜନ ତୀର୍ଥଯାତ୍ରାର ଅବଶିଷ୍ଟାଂଶ ପଦବ୍ରଜରେ ସମ୍ପୂର୍ଣ୍ଣ କରିବି । ଭାରତବର୍ଷରେ ଜଗତ-ନାଥଙ୍କ (ଜଗନ୍ନାଥ) ମନ୍ଦିର ପ୍ରସିଦ୍ଧତମ ବୋଲି ଖ୍ୟାତି ଅର୍ଜିଛି, କାରଣ ସମସ୍ତଙ୍କର ବିଶ୍ୱାସ ଯେ ସେଠାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ଭେଦାଭେଦ ଅନ୍ତର୍ହିତ ହୁଏ, ସେଠାରେ ବ୍ରାହ୍ମଣ ଓ ଚଣ୍ଡାଳମାନେ କାନ୍ଧକୁ କାନ୍ଧ ଲଗାଇ ଠାକୁରଙ୍କ ଦର୍ଶନ ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରନ୍ତି ଏବଂ ପରସ୍ପର ପରସ୍ପର ହାତରୁ ମହାପ୍ରସାଦ ନେଇ ସେବନ କରନ୍ତି ; କିନ୍ତୁ ଦେଖାଯାଉଛି ଯେ କାଳକ୍ରମେ ସେହି ସୁଖ୍ୟାତିର ବିଲୟ ଘଟି ଏସବୁ ବର୍ଣ୍ଣନା କେବଳ ମନଗଢ଼ା କଥା ହୋଇ ପଡ଼ିଛି । କାରଣ ହରିଜନମାନଙ୍କୁ ଆଉ ବଡ଼ ଦେଉଳରେ ପ୍ରବେଶ କରିବାକୁ ଛାଡ଼ି ଦିଆଯାଉନାହିଁ । ତେଣୁ, ମୁଁ ମନେ ମନେ ଭାବିଲି ଯେ ଯେପର୍ଯ୍ୟନ୍ତ ଜଗତର ନାଥଙ୍କ ଆଖି ଆଗରେ ଏଭଳି ଭେଦାଭେଦ ରହିଥିବ, ସେ ପର୍ଯ୍ୟନ୍ତ ସେହି ପ୍ରଭୁ ମୋର ପ୍ରଭୁ ନୁହନ୍ତି ; ସେ ହେଉଛନ୍ତି ସେହିମାନଙ୍କର ପ୍ରଭୁ—ଯେଉଁମାନେ ସ୍ୱ ତାଙ୍କରି ନାମରେ ଶୋଷଣ କରି ଚାଲିଛନ୍ତି ଏବଂ ହରିଜନମାନଙ୍କୁ ଦୂରେଇ ରଖିଛନ୍ତି । ଏଣୁ ସେ ପ୍ରକୃତରେ ଜଗତର ନାଥ ହୋଇ ନପାରନ୍ତି । ମନ୍ଦିରର ପୁରାତନ ସୁଖ୍ୟାତିକୁ ଫେରାଇ ଆଣିବାର ଆକାଂକ୍ଷା ମୋର ଏପର୍ଯ୍ୟନ୍ତ ଅପୂର୍ଣ୍ଣ ରହିଛି ଏବଂ ଏହା ପୂର୍ଣ୍ଣ କରିବା ପାଇଁ ଆପଣମାନେ ମୋତେ ସାହାଯ୍ୟ କରିବା ଆବଶ୍ୟକ ।"

## ଗାନ୍ଧିଜୀଙ୍କର ପ୍ରଥମ ଓଡ଼ିଶା ଗସ୍ତ

୧୯୨୧ ମସିହାରେ ପ୍ରଥମଥର ପାଇଁ ଗାନ୍ଧିଜୀ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ୧୯୨୦ ମସିହାରେ ପୁରୀ ଜିଲ୍ଲାରେ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ସେଥିଯୋଗୁଁ ସାରା ଭାରତର ଦୃଷ୍ଟି ଓଡ଼ିଶା ପ୍ରତି ଆକୃଷ୍ଟ ହୋଇଥିଲା । ଲୋକମାନଙ୍କ ଚରମ ଦୁଃଖ-ଦୁର୍ଦ୍ଦଶାର ହୃଦୟବିଦାରକ କାହାଣୀ ଯେ କୌଣସି ଲୋକର ହୃଦୟ ତରଳାଇ ଦିଅନ୍ତା, ଗାନ୍ଧିଜୀ ତ ମହାମାନବ । ଫଳତଃ ନିଜ ଆଖିରେ ଦୁର୍ଭିକ୍ଷ-ପ୍ରପୀଡ଼ିତ ଲୋକମାନଙ୍କର ଅବସ୍ଥା ଦେଖିବା ପାଇଁ ଗାନ୍ଧିଜୀ ବ୍ୟଗ୍ର ହୋଇ ପଡ଼ିଥିଲେ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପାଖକୁ ଟେଲିଗ୍ରାମ ଯୋଗେ ଖବର ପଠା-ଇଲେ "୨୪ ତାରିଖରେ ଆପଣଙ୍କ ପାଖରେ ପହଞ୍ଚିବି ବୋଲି ଆଶା କରୁଛି—ଓଡ଼ିଶା ପାଇଁ ମୁଁ ପାଞ୍ଚଦିନ ସମୟ ଦେଇପାରେ ।"

କସ୍ତୁରବା ସହିତ ମହାତ୍ମାଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ଦୋଳ ପୂର୍ଣ୍ଣିମା ଦିନ ସକାଳେ କଟକରେ ପହଞ୍ଚିଲେ । ସେଠାରେ ପ୍ରାୟ ୩୦,୦୦୦ ଲୋକ ତାଙ୍କୁ

ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶୋଭାଯାତ୍ରାରେ କଟକର ୭୨ଟି କୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ ଏବଂ ୩୦୦ ସ୍ୱେଚ୍ଛାସେବକ ଶାନ୍ତି ଶୃଙ୍ଖଳା ରକ୍ଷା କରି ତାଙ୍କୁ ଗୋଟିଏ ସୁସଜ୍ଜିତ ମଟରଗାଡ଼ି ନିକଟକୁ ପାଛୋଟି ନେଇଥିଲେ । ମହାତ୍ମାଜୀ ଶୀଘ୍ର ଯାତ୍ରା କରି କଟକ ସ୍ୱରାଜ ଆଶ୍ରମରେ ଅବସ୍ଥାନ କଲେ । ମହାତ୍ମାଙ୍କ ଆଗମନ ଉପଲକ୍ଷେ ସହରର ପ୍ରଧାନ ରାସ୍ତାଟିକୁ ପତ୍ର, ଫୁଲ, ସଂକ୍ଷିପ୍ତ ମର୍ମାର୍ଥକ ବାକ୍ୟ, ତୋରଣ ଓ ପତାକାମାନଙ୍କ ଦ୍ୱାରା ସୁନ୍ଦର ଭାବରେ ସଜାଇ ଦିଆଯାଇଥିଲା । ମହିଳାମାନେ କୋଠା ଛାତ ଉପରେ ରହି ପୁଷ୍ପ ବୃଷ୍ଟି କରୁଥିଲେ । "ମହାତ୍ମା ଗାନ୍ଧୀଜି ଜୟ" ଧ୍ୱନିରେ ଆକାଶ ଫାଟି ପଡୁଥିଲା ।

୧୯୨୧ ମସିହା ମାର୍ଚ୍ଚ ମାସ ୨୪ ତାରିଖ ସକାଳେ ଗାନ୍ଧିଜୀ କଦମରସୁଲଠାରେ ମୁସଲମାନଙ୍କର ଏକ ସଭାରେ ଏବଂ ବିନୋଦବିହାରୀ ମନ୍ଦିର ନିକଟରେ ଏକ ମହିଳା ସଭାରେ ଏବଂ ଛାତ୍ର ଓ ବୁଦ୍ଧିଜୀବୀମାନଙ୍କର ଅନ୍ୟ ଦୁଇଟି ସଭାରେ ଭାଷଣ ଦେଇଥିଲେ । ସନ୍ଧ୍ୟାବେଳେ ସେ କାଠଯୋଡ଼ି ନଦୀ ଶଯ୍ୟାରେ ଆହୂତ ଏକ ସାଧାରଣ ସଭାରେ ଭାଷଣ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କ ବକ୍ତୃତାର ଓଡ଼ିଆ ତର୍ଜମା କରି ଲୋକମାନଙ୍କୁ ଶୁଣାଇଥିଲେ । ଏହିସବୁ ସଭାରେ ତିଳକ ସ୍ୱରାଜ ପାଣ୍ଠି ପାଇଁ ୧୬୦ ଟଙ୍କା ସଂଗ୍ରହ କରାଯାଇଥିଲା ।

ତା'ପରେ ସେ ପୁରୀ-ହାବଡ଼ା ପାସେଞ୍ଜର ଗାଡ଼ି ଯୋଗେ ରାତ୍ରି ଘ୧୧।୪୫ ମିନିଟରେ ଭଦ୍ରଖ ଯାଇଥିଲେ । ସେଠାରେ ତାଙ୍କୁ ସ୍ୱାଗତ ଜଣାଇବାପାଇଁ ରେଳ ଷ୍ଟେସନରେ ବହୁଲୋକ ଜମା ହୋଇଥାନ୍ତି । ଭଦ୍ରଖରେ ଗୋଟିଏ ଦିନ କଟାଇ ତା'ପରେ ସେ ସତ୍ୟବାଦୀ, ପୁରୀ, ବ୍ରହ୍ମପୁର ଓ ପରେ ବେଜୱାଡ଼ା ଯାତ୍ରା କରିଥିଲେ । ଗାନ୍ଧିଜୀ ସତ୍ୟବାଦୀର ବକୁଳବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ସେଠାରେ ସମବେତ ବହୁ ଛାତ୍ର, ଶିକ୍ଷକ ଓ ସ୍ଥାନୀୟ ଲୋକମାନଙ୍କ ଏକ ସଭାରେ ଭାଷଣ ଦେଇଥିଲେ । ଗୋପବନ୍ଧୁ ଦାସଙ୍କ ସୁଦକ୍ଷ ନେତୃତ୍ୱରେ ପରିଚାଳିତ ଉକ୍ତ ସ୍କୁଲରେ ଅନୁସୃତ ହେଉଥିବା ଶିକ୍ଷାଦାନର ମାନ ଓ ପଦ୍ଧତି ଦେଖି ସେ ଅଭିଭୂତ ହୋଇ ପଡ଼ିଥିଲେ ।

ତହିଁ ଆରଦିନ ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ ଏବଂ ସେଠାରେ ୧୯୨୧ ମସିହା ମାର୍ଚ୍ଚ ମାସ ୨୬ ତାରିଖ ସନ୍ଧ୍ୟା ଘ ୫।୨୦ ମିନିଟରେ ପହଞ୍ଚିଲେ । ମହାତ୍ମାଗାନ୍ଧୀ ତାଙ୍କର ଦଳବଳ ସହ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗହଣରେ ସେଦିନ ରେଳ ଷ୍ଟେସନରେ ପହଞ୍ଚିବା ବେଳେ ତାଙ୍କୁ ଯେପରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ସେଭଳି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପୁରୀର ଇତିହାସରେ କେବେ ଦେଖାଯାଇନଥିଲା । ସବୁ ଶ୍ରେଣୀର ଦର୍ଶକମାନେ ପ୍ଲାଟଫର୍ମରେ ଜମା ହୋଇଥାନ୍ତି ଏବଂ ପ୍ଲାଟଫର୍ମ ବାହାରେ ଆହୁରି ପ୍ରାୟ ୨୦,୦୦୦ ନରନାରୀ ଅପେକ୍ଷା କରି ରହିଥାନ୍ତି । ଏଥି ମଧ୍ୟରୁ ଅଧିକାଂଶ କେବଳ ମହାତ୍ମାଜୀଙ୍କୁ ଦର୍ଶନ କରିବାକୁ ସୁଦୂର ଗାଆଁ ଗଣ୍ଡାରୁ ଆସିଥିଲେ । ତାଙ୍କ ଉପରେ ଏତେ ପୁଷ୍ପ ବୃଷ୍ଟି ହୋଇଥିଲା ଯେ କହିବାକୁ ଗଲେ ସେ ଫୁଲମାନଙ୍କରେ ଘୋଡ଼ାଇ ହୋଇ ପଡ଼ିଥିଲେ । ମହାତ୍ମାଜୀ ଯେଉଁ ରାସ୍ତାରେ ଯିବା ସ୍ଥିର ହୋଇଥିଲା, ତାହାକୁ ଆଗରୁ ସୁନ୍ଦର ଭାବରେ ସଜା ହୋଇଥାଏ । ସବୁଠାରୁ ଚିତ୍ତାକର୍ଷକ ଘଟଣା ଘଟିଲା, ଯେତେବେଳେ ମହାତ୍ମାଜୀଙ୍କ ଗାଡ଼ି ପୁରୀ ରାଜାଙ୍କ ରାଜବାଟୀ ଆଗରେ ଛିଡ଼ାହେଲା । ପୁରୀର ରାଜା ମହାତ୍ମାଜୀଙ୍କ ସହିତ ସାକ୍ଷାତ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଯେତେବେଳେ ଏକଥା ଲୋକଙ୍କ ଭିତରେ ପ୍ରଚାରିତ ହୋଇଗଲା, ସେତେବେଳେ ସେଠାରେ ଅତ୍ୟଧିକ ଲୋକ ଭିଡ଼ହେଲା । ଯଦିଓ ଗାନ୍ଧିଜୀ ସେଠାରେ ପ୍ରାୟ ୧୫ ମିନିଟ କାଳ ଅପେକ୍ଷା କଲେ, ତଥାପି ଭିଡ଼ ଠେଲି ତାଙ୍କ ପାଖକୁ ଆସିବା ରାଜାଙ୍କ ପକ୍ଷରେ ସମ୍ଭବ ହେଲନାହିଁ । ଯାହାହେଉ, ମହାତ୍ମାଜୀଙ୍କ ପାଇଁ ଫୁଲମାଳ ପଠାଇ ଦେଇ ସେ ସନ୍ତୋଷ ଲାଭ କଲେ । ସେଠାରୁ ଶୋଭାଯାତ୍ରା ଘନ ଘନ ହର୍ଷଧ୍ୱନି ମଧ୍ୟରେ ଆସ୍ତେ ଆସ୍ତେ ଯାଇ ଶେଷରେ ସମୁଦ୍ର କୂଳରେ ଥିବା 'ଗୋକୁଳ କୋଠି' ବା 'ସାଗର ସୌଧ' ନିକଟରେ ପହଞ୍ଚିଲା । ପୁରୀରେ ପହଞ୍ଚିବା ପରେ ମହାତ୍ମାଜୀଙ୍କର ପ୍ରଥମ କାମ ହେଲା ପୁରୀର ଦୁର୍ଭିକ୍ଷ ସଂକ୍ରାନ୍ତରେ ନେତାମାନଙ୍କ ସହିତ ଆଲୋଚନା କରିବା । ତହିଁ ଆରଦିନ ସକାଳେ ମହାତ୍ମାଜୀ କେତେକ ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ଅପରାହ୍ନ ୪ଟା ବେଳେ ଏକ ମହିଳା ସଭାରେ ଏବଂ ୬ଟା ବେଳେ ଶରଧା ବାଲିରେ ଏକ ସାଧାରଣ ସଭାରେ ସେ ଭାଷଣ ଦେଇଥିଲେ । ପୁରୀକୁ ଆସିବାର ବହୁ ପୂର୍ବରୁ, ସେ ଏହି ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଥିବା କଥା ଘୋଷଣା କରି ସାରିଥାନ୍ତି ଏବଂ ତାହା ଫଳରେ ଦେଶର ଚାରିଆଡୁ ଏଠାକୁ ଟଙ୍କା ଅଜାଡ଼ିହୋଇ ପଡୁଥାଏ । ସରକାରୀ ସାହାଯ୍ୟ ଏହା ତୁଳନାରେ ଅତି ନଗଣ୍ୟ ଥିଲା । ପୁରୀ ଜିଲ୍ଲାର ଦୁର୍ଭିକ୍ଷ-ପ୍ରପୀଡ଼ିତ ଲୋକମାନେ ମହାତ୍ମାଙ୍କ ଉପସ୍ଥିତିରେ ନୂତନ ଜୀବନ ଲାଭ କଲାଭଳି ବୋଧକଲେ । ସେମାନେ ମନେ ମନେ ଭାବୁଥିଲେ ଯେପରିକି ସେମାନଙ୍କ ଆତ୍ମାର ତ୍ରାଣକର୍ତ୍ତା ସଶରୀରେ ସେଠାରେ ଉପସ୍ଥିତ ହୋଇଛନ୍ତି ।

ତହିଁ ଆରଦିନ ଗାନ୍ଧିଜୀଙ୍କ ମୌନବ୍ରତ-ଦିବସ ଥିଲା । ଏଠାରୁ ଗାନ୍ଧିଜୀ ପଣ୍ଡିତ ଗୋପବନ୍ଧୁଙ୍କ ସହ ୧୯୨୧ ମସିହା ମାର୍ଚ୍ଚ ମାସ ୨୯ ତାରିଖରେ ବ୍ରହ୍ମପୁର ଯାତ୍ରା କରିଥିଲେ ।

## ଗାନ୍ଧିଜୀଙ୍କର ସପ୍ତମ ଓ ଶେଷ ଗସ୍ତ

୧୯୪୬ ଜାନୁଆରୀ ୨୦ ତାରିଖ ଦିନ ଗାନ୍ଧିଜୀ ଜନତାର ଆଚରଣ ପର୍ଯ୍ୟବେକ୍ଷଣ ଓ ଅନୁଶୀଳନ କରିବା ଉଦ୍ଦେଶ୍ୟରେ କଲିକତାରୁ ମାଦ୍ରାଜ ଫେରୁଥିବା ବେଳେ ଓଡ଼ିଶା ଦେଇ ଯାଇଥିଲେ ।

ସମସ୍ତେ ଜାଣନ୍ତି ଯେ ଭାରତମାତାଙ୍କ "ପିତୃମାତୃହୀନ ସନ୍ତାନ" ରୂପୀ ଓଡ଼ିଶା ପାଇଁ ଗାନ୍ଧିଜୀଙ୍କର ବିଶେଷ ସ୍ନେହ ଶ୍ରଦ୍ଧା ରହିଥିଲା । ତାଙ୍କ ଭ୍ରମଣର ସଙ୍ଗଠକମାନେ ରାତିରେ କୌଣସିଠାରେ ଅଟକିବେ ନାହିଁ ବୋଲି ସ୍ଥିର କରିଥିଲେ । କିନ୍ତୁ ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଷ୍ଟେସନରେ ଗାଡ଼ିକୁ ଅଟକାଇବା ପାଇଁ ଗାନ୍ଧିଜୀ ସ୍ୱତନ୍ତ୍ର ଭାବରେ ଅନୁରୋଧ କରିଥିଲେ । ପ୍ରାୟ ଅଧରାତି ବେଳକୁ କଟକଠାରେ ଗାଡ଼ି ପହଞ୍ଚିଲା । ସେଠାରେ ବହୁତ ଲୋକ ରୁଣ୍ଡ ହୋଇଥାନ୍ତି । ସେମାନଙ୍କୁ ଭାଷଣ ଦେବା ପାଇଁ ଗାନ୍ଧିଜୀଙ୍କୁ ବାହାରକୁ ନିଆଯାଇଥିଲା । ସେଠାରେ ସେ ଯାହା ଦେଖିଲେ ସେଥିରେ ସେ ଗଭୀର ବ୍ୟଥା ଅନୁଭବ କରିଥିଲେ । ଚାରିଆଡ଼େ ପାଟିତୁଣ୍ଡ ଓ ଗୋଳମାଳ ଲାଗି ରହିଥାଏ । ତେଣୁ ସେ ତାଙ୍କ ହୃଦୟର ବ୍ୟଥା ସେମାନଙ୍କ ଆଗରେ ପ୍ରକାଶ କରିଥିଲେ । ସେ କହିଲେ ଯେ ଯେଉଁ ଓଡ଼ିଶାକୁ ସେ ଏତେ ନିବିଡ଼ ଭାବରେ ଭଲ ପାଆନ୍ତି ଏବଂ ଯେଉଁ ଓଡ଼ିଶାରେ ସେ ହରିଜନ ପଦଯାତ୍ରା କରିଥିଲେ, ତାହା ତାଙ୍କର ଆଶାକୁ ଧୂଳିସାତ୍ କରିଥିବା ଯୋଗୁଁ ସେ ହୃଦୟରେ ଦାରୁଣ ବ୍ୟଥା ପାଇଛନ୍ତି । ଏହା କ'ଣ ସେମାନଙ୍କର ଅହିଂସା ? ବିଶୃଙ୍ଖଳା ଓ ଗୁଣ୍ଡାମି ଦ୍ୱାରା ସ୍ୱାଧୀନତା ହାସଲ ହେବ ବୋଲି କ'ଣ ସେମାନେ କଳ୍ପନା କରୁଛନ୍ତି ? ଯଦି ସେମାନେ ସେପରି ବିଶ୍ୱାସ କରୁଥାନ୍ତି, ତେବେ ସେମାନେ ବୋକା ଲୋକର ସ୍ୱର୍ଗରେ ବାସ କରୁଛନ୍ତି । ପଶୁ ବଳର ଚରମ ପରିଣତି ହେଉଛି ଆଣବିକ ବୋମା, ଏହା ବିରୁଦ୍ଧରେ ବିଶୃଙ୍ଖଳା ଓ ଗୁଣ୍ଡାମିକୁ ଠିଆ କରାଇବା ହାସ୍ୟାସ୍ପଦ ନୁହେଁ କି ? ସେ ପୁଣି କହିଲେ ଯେ ଦୁଇଟି ପନ୍ଥା ଭିତରୁ ଗୋଟିକୁ ବାଛିନେବା ଦିଗରେ ମନ ଦୃଢ଼ କରିବାର ବେଳ ଆସିଛି । ଯଦି ଲୋକେ ଅନୁଭବ କରୁଥାନ୍ତି ଯେ ଅହିଂସାର ଶକ୍ତି ତମାଦି ହୋଇଗଲାଣି, ତେବେ ସେମାନେ ଅହିଂସା କାଟି ଫିଙ୍ଗି ଦେଇ ପାରନ୍ତି । କିନ୍ତୁ ଯଦି ସେମାନେ ଅହିଂସାକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ହିଂସା କଥା ଭାବୁଥାନ୍ତି, ତେବେ ସେମାନେ ନିଜକୁ ତଥା ପୃଥିବୀକୁ ଠକାଉଥିବା ଅପରାଧରେ ଦୋଷୀ ହେବେ । ସେ କହିଲେ, "ମୁଁ ବାଟରେ ଅଟକିବା ବେଳେ ଆପଣମାନଙ୍କ ଚିତ୍କାର ବା ସ୍ୱାଗତ ଧ୍ୱନି କିମ୍ବା ଆପଣମାନଙ୍କ ଟଙ୍କା ପଇସା ଚାହୁଁନାହିଁ । ମୁଁ ଚାହୁଁଛି, ଆପଣମାନେ ନିଜ ନିଜ ଆତ୍ମାର କଳୁଷ ପୋଛି ପକାନ୍ତୁ । ଆପଣମାନଙ୍କ

ଦାନ ଅପେକ୍ଷା ତାହା ମୋତେ ଅଧିକ ସନ୍ତୋଷ ଦେବ, କିନ୍ତୁ ଗୋଳମାଳ କେବେ ମୋତେ ସନ୍ତୋଷ ଦେଇ ନାହିଁ କି ଦେବ ନାହିଁ ।”

ଯାହା ହେଉ, କଟକର ଦୋଷ ପାଇଁ ବ୍ରହ୍ମପୁର କେତେକ ପରିମାଣରେ ପ୍ରାୟଶ୍ଚିତ କରିଥିଲା । ଏହି ସଫରର ଅବଶିଷ୍ଟ ସମୟତକ ଯେଉଁସବୁ ଷ୍ଟେସନରେ ଗାଡ଼ି ଅଟକୁଥିଲା, ସେଠାରେ ବହୁ ଲୋକ ସମବେତ ହେଉଥିଲେ ।

## ବେସରକାରୀ ହାଇସ୍କୁଲଗୁଡ଼ିକୁ ସ୍ୱୀକୃତି ଦେବା ସଂକ୍ରାନ୍ତରେ ନ୍ୟାଯ୍ୟ ନୀତି ପ୍ରଣୟନ

ପ୍ରଚଳିତ ନିୟମାବଳୀ ଅନୁଯାୟୀ ବେସରକାରୀ ହାଇସ୍କୁଲଗୁଡ଼ିକୁ ସ୍ୱୀକୃତି ଦେବା ସଂକ୍ରାନ୍ତରେ ଏକ ନ୍ୟାଯ୍ୟ ନୀତି ପ୍ରଣୟନ କରିବା ଉଦ୍ଦେଶ୍ୟରେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସ୍ୱୀକୃତି ପାଇବା ସକାଶେ ପ୍ରଚଳିତ ନୀତି ଲାଗୁ କରିବା ସମୟରେ ଆଖପାଖରେ ଥିବା ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ସଂଖ୍ୟା ତଥା ସ୍ଥିତି ଉପରେ ଏହାର କିଭଳି ପ୍ରଭାବ ପଡ଼ୁଛି, ସରକାର ତାହା ବିଚାରକୁ ନେବେ । ଭବିଷ୍ୟତରେ ଅଣ-ଯୋଜନାବଦ୍ଧ ଭାବେ ଗଢି ଉଠୁଥିବା ସ୍କୁଲଗୁଡ଼ିକର ସଂଖ୍ୟା ରୋକିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଶିକ୍ଷା ମଣ୍ଡଳ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିଙ୍କ ଦ୍ୱାରା ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ସକାଶେ ସରକାର ସ୍ଥିର କରିଛନ୍ତି । ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡ଼ିକର ଶିକ୍ଷା ମାନକୁ ଯଥାଯଥ ଭାବେ ବଜାୟ ରଖିବା ଉଦ୍ଦେଶ୍ୟରେ ଅନଗ୍ରସର ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକ ବ୍ୟତୀତ (ରାଜ୍ୟର ହାରାହାରି ସାକ୍ଷର ସଂଖ୍ୟା ଯେଉଁ ବ୍ଲକଗୁଡ଼ିକରେ ଅର୍ଦ୍ଧେକ କିମ୍ବା ତା'ଠାରୁ କମ୍ ହୋଇଥିବ, ସେହି ଅଞ୍ଚଳକୁ ଅନଗ୍ରସର ଅଞ୍ଚଳ ବୋଲି ବୁଝିବାକୁ ହେବ) ରାଜ୍ୟରେ ବର୍ତ୍ତମାନ ରହିଥିବା ସ୍କୁଲ ତଥା ନୂତନ ସ୍କୁଲଗୁଡ଼ିକ ପାଇଁ ବର୍ତ୍ତମାନର ଗ୍ରାଣ୍ଟ-ଇନ୍-ଏଡ୍ ନୀତି ଅନୁଯାୟୀ ସଂପୃକ୍ତ ସ୍କୁଲର ଛାତ୍ର ଛାତ୍ରୀମାନେ ୫ଟି ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଯୋଗ ଦେବା ପରେ ସେମାନଙ୍କୁ ସର୍ବନିମ୍ନ ଗ୍ରାଣ୍ଟ-ଇନ୍-ଏଡ୍ ମଞ୍ଜୁର କରାଯିବ । ଏଥି ନିମନ୍ତେ ସଂପୃକ୍ତ ସ୍କୁଲର ପରୀକ୍ଷାଫଳ କ୍ରମାଗତ ଭାବେ ୩ବର୍ଷ ପାଇଁ ରାଜ୍ୟର ହାରାହାରି ପରୀକ୍ଷା ଫଳରୁ କୌଣସି ମତେ କମ୍ ହୋଇନଥିବ ଓ ୬ଟି ଶ୍ରେଣୀ ଥିବା ହାଇସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ସଂଖ୍ୟା ୨୦୦ ଏବଂ ୪ଟି ଶ୍ରେଣୀ ଥିବା ହାଇସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ସଂଖ୍ୟା ୧୪୦ ରୁ କମ୍ ହୋଇନଥିବା ଆବଶ୍ୟକ । ଉପରଲିଖିତ ମତେ ସଂପୃକ୍ତ ସ୍କୁଲର ଛାତ୍ରଛାତ୍ରୀ ସଂଖ୍ୟା ତଥା ପରୀକ୍ଷା ଫଳ ସନ୍ତୋଷଜନକ ହୋଇଥିଲେ ସର୍ବନିମ୍ନ ଗ୍ରାଣ୍ଟ-ଇନ୍-ଏଡ୍ ପାଇବାର ତିନି ବର୍ଷ ପରେ ଏହି ସ୍କୁଲଟି ସିଧାସଳଖ ବେତନ ପାଇବାର ସୁବିଧା ହାସଲ ପାଇଁ ସମର୍ଥ ହୋଇପାରିବ । ସରକାର ଏଠାରେ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଯଦି କ୍ରମାଗତ ୨ବର୍ଷ ଧରି ସଂପୃକ୍ତ ସ୍କୁଲର ପରୀକ୍ଷା ଫଳ ରାଜ୍ୟର ହାରାହାରି ପରୀକ୍ଷା ଫଳଠାରୁ ଊଣା ହୋଇଥାଏ, ତେବେ ଉକ୍ତ ସ୍କୁଲର ସିଧାସଳଖ ବେତନ ପ୍ରଦାନ ବ୍ୟବସ୍ଥା ବାତିଲ କରିଦିଆଯିବ । ସମଗ୍ର ରାଜ୍ୟରେ ଥିବା ବାଳିକା ହାଇସ୍କୁଲ ଏବଂ ଅନଗ୍ରସର ଅଞ୍ଚଳରେ ହାଇସ୍କୁଲ ପାଇଁ ଉପରୋକ୍ତ ନୀତି କୋହଳ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଯେ କୌଣସିଠାରେ ଥିବା ବାଳିକା ହାଇସ୍କୁଲ ଏବଂ ଅନଗ୍ରସର ଅଞ୍ଚଳରେ ଥିବା ହାଇସ୍କୁଲଗୁଡ଼ିକର ଛାତ୍ରଛାତ୍ରୀମାନେ ଦୁଇଥର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଯୋଗ ଦେବା ପରେ ସଂପୃକ୍ତ ସ୍କୁଲ ସର୍ବନିମ୍ନ ଗ୍ରାଣ୍ଟ-ଇନ୍-ଏଡ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ପ୍ରକାଶ ଥାଉକି, ୬ଟି ଶ୍ରେଣୀ ଏବଂ ୪ଟି ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏ ଧରଣର ହାଇସ୍କୁଲଗୁଡ଼ିକର ଛାତ୍ରଛାତ୍ରୀ ସଂଖ୍ୟା ଯଥାକ୍ରମେ ୧୪୦ ଓ ୧୦୦ ହୋଇଥିବ ଏବଂ ସଂପୃକ୍ତ ସ୍କୁଲର ପରୀକ୍ଷା ଫଳ ରାଜ୍ୟର ହାରାହାରି ପରୀକ୍ଷା ଫଳର ଶତକଡ଼ା ୨୫ରୁ କମ୍ ହୋଇନଥିବା ଆବଶ୍ୟକ ।

ସ୍କୁଲ ଗୃହ ଓ ପାଠାଗାର ପ୍ରଭୃତି ବାବଦରେ ଅଣ-ପୌନଃପୁନିକ ଗ୍ରାଣ୍ଟ ପାଇବା କ୍ଷେତ୍ରରେ ରାଜ୍ୟର ହାରାହାରି ପରୀକ୍ଷା ଫଳଠାରୁ ଶତକଡ଼ା ୨୫ ଭାଗ ଅଧିକ ପରୀକ୍ଷା ଫଳ ହାସଲ କରିଥିବା ସ୍କୁଲଗୁଡ଼ିକୁ ଅଗ୍ରାଧିକାର ଦିଆଯିବା ସଙ୍ଗେ ସଙ୍ଗେ ରାଜ୍ୟର ପରୀକ୍ଷା ଫଳ ହାର ସହ ସମାନ ପରୀକ୍ଷା ଫଳ ହାସଲ କରିଥିବା ଅନଗ୍ରସର ଅଞ୍ଚଳର ହାଇସ୍କୁଲ ତଥା ବାଳିକା ହାଇସ୍କୁଲଗୁଡ଼ିକୁ ମଧ୍ୟ ଅନୁରୂପ ସୁବିଧା ମିଳିବ ।

ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ତଥା ଆଦିବାସୀ ଅଞ୍ଚଳର ଲୋକମାନଙ୍କୁ ହାଇସ୍କୁଲ ସ୍ତରୀୟ ଶିକ୍ଷା ସୁବିଧା ଯୋଗାଇ ଦେବାପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଆବାସିକ ସ୍କୁଲ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ସକାଶେ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

*HERE IS A FABULOUS OFFER*

TO

**Indian Citizens and Persons of Indian Origin Abroad**

**CANARA BANK** *Welcomes you to open*

NON-RESIDENT (EXTERNAL) ACCOUNT.

FOREIGN CURRENCY NON-RESIDENT (EXTERNAL) ACCOUNT IN POUND, STERLING AND UNITED STATES DOLLARS.

BENEFITS

- No Income-tax on interest without any limit on amounts
- No Wealth Tax on principal amount
- Freely retransferable to any country without formalities

*Added attraction*—**Courteous and personalised service at more than 1,115 branches all over India.**

**For further details, feel free to contact us at :**

CANARA BANK
INTERNATIONAL DIVISION
POST BOX NO. 782
BOMBAY-400001

**THUS YOU KEEP THE LAMP GLOWING IN SERVICE OF THE NATION**

**CANARA BANK**

*Head Office* – **Bangalore-560002**

*SERVING TO GROW* .. *GROWING TO SERVE*



# ଓଡ଼ିଶାରେ ଶକ୍ତି ଉପାସନା

ଶ୍ରୀ ଗଣେଶ ପ୍ରସାଦ ପରଜା

ଓଡ଼ିଶାରେ ଦୁର୍ଗା ପୂଜା ଅତି ପୁରାତନ । ଏହି ପୂଜା ଠିକ୍ କେଉଁ ସମୟଠାରୁ ଆରମ୍ଭ ହୋଇଛି ତାହା କହିବା କଷ୍ଟକର । ଦୁର୍ଗା କହିଲେ ସାଧାରଣତଃ ମହିଷମର୍ଦ୍ଦିନୀ ଦେବୀଙ୍କୁ ବୁଝାଏ । ଏହି ମହିଷ ମର୍ଦ୍ଦିନୀ ମୂର୍ତ୍ତି ପ୍ରଥମେ ବିରଜା ରୂପେ ଯାଜପୁରରେ ପୂଜିତ ହେଉଥିଲେ । ତାଙ୍କର ଦୁଇଟି ହସ୍ତ । ବାମ ହସ୍ତରେ ମହିଷର ପୁଚ୍ଛ ଧରି ଦକ୍ଷିଣ ହସ୍ତର ଶୂଳ ଦ୍ୱାରା ଏକ ଦୁର୍ଦ୍ଦାନ୍ତ ମହିଷକୁ ଦେବୀ ବଧ କରୁଛନ୍ତି । ଐତିହାସିକମାନେ ଏହି ମୂର୍ତ୍ତିକୁ ୪ର୍ଥ, ୫ମ ଶତାବ୍ଦୀର ବୋଲି ମତ ପ୍ରକାଶ କରନ୍ତି । ତେଣୁ ଏହି ସମୟ ପୂର୍ବରୁ ଓଡ଼ିଶାରେ ଦୁର୍ଗା ପୂଜା ପ୍ରଚଳନ ହୋଇଥିବା କଥାକୁ ଅସ୍ୱୀକାର କରି ହେବନାହିଁ । ଓଡ଼ିଶା କାହିଁକି ସମଗ୍ର ଭାରତରେ ବିରଜାଙ୍କ ପରି ଦୁର୍ଗା ମୂର୍ତ୍ତି ଆଉ କେଉଁଠି ନାହାନ୍ତି— ଏହା ପ୍ରତ୍ନତାତ୍ତ୍ୱିକମାନଙ୍କର ମତ । ଭୁମରାଠାରେ ଆଉ ଗୋଟିଏ ଚତୁର୍ଭୁଜା ଦୁର୍ଗା ମୂର୍ତ୍ତିର ସନ୍ଧାନ ଐତିହାସିକମାନେ ପାଇଛନ୍ତି । କିନ୍ତୁ ବିରଜା ତାଙ୍କଠାରୁ ପୁରାତନ । କାରଣ ମାନବ ଯେତେବେଳେ ପ୍ରତୀକ ପୂଜାରୁ ପ୍ରତିମା ପୂଜା କରିବାକୁ ଆଗେଇ ଆସିଲା, ସେତେବେଳେ ତାହାରି ପରି ଦ୍ୱିହସ୍ତ ବିଶିଷ୍ଟ ମୂର୍ତ୍ତି କରିଥିବ ବୋଲି ପ୍ରତ୍ନତାତ୍ତ୍ୱିକମାନେ ମତ ଦିଅନ୍ତି । ତତ୍ପରେ ଚତୁର୍ଭୁଜା ବିଶିଷ୍ଟ ଦେବତାଙ୍କର ପ୍ରତିଷ୍ଠା ହୋଇଥିବା କଥା ସ୍ୱାମୀ ପ୍ରଜ୍ଞାନାନନ୍ଦ ଶ୍ରୀ ଦୁର୍ଗାରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି, 'ବିରଜା ଦେବୀଙ୍କ ହାତର କଳ୍ପନା କରାହୋଇଛି' । ବ୍ରାହ୍ମଣ ସାହିତ୍ୟରେ ବିଭିନ୍ନ ଦିଗ କଥା ଉଲ୍ଲେଖ ଅଛି । କେତେକଙ୍କ ମତରେ ଋତୁ ଅୟନ, ସୂର୍ଯ୍ୟ କିରଣ, ଅଗ୍ନିଶିଖା ଏବଂ ଯଜ୍ଞ ବେଦୀର ବିଭିନ୍ନ ଆକାରରୁ ଦେବୀ କିମ୍ବା ଦେବତାମାନଙ୍କ ହାତର ଧାରଣା ଆସିଛି । ତେଣୁ ଆଦି ଦୁର୍ଗା ମୂର୍ତ୍ତି ଦ୍ୱିଭୁଜା । ତାହାହିଁ ବିରଜା ।

ବହୁ ପ୍ରାଚୀନ କାଳରୁ ମାତୃ ଉପାସନା ମାନବ ଜାତିର ଏକ ପରମ ବିଭବ ରୂପେ ଗଣ୍ୟ ହୋଇ ଆସୁଛି । ପ୍ରାଗ୍‌ବୈଦିକ ଯୁଗର ମହେଞ୍ଜୋଦାରୋ ସଭ୍ୟତାର ମାତୃ ଉପାସନା ବେଦରେ ମଧ୍ୟ ଗୃହୀତ । ଋଗ୍ ବେଦରେ ପୃଥିବୀ ଦେବୀଙ୍କୁ ସନ୍ତାନ ବାତ୍ସଲ୍ୟା ରୂପେ ବର୍ଣ୍ଣନା କରାଯାଇଛି । ଓଡ଼ିଶାରେ ଯେଉଁ କେତୋଟି ସ୍ଥାନରେ ସପ୍ତମାତୃକା ମୂର୍ତ୍ତି ଦୃଷ୍ଟ ହୁଅନ୍ତି, ସେମାନଙ୍କ କୋଳରେ ସନ୍ତାନ ଥିବା ଦେଖାଯାଏ । ସେହି ସପ୍ତ ମାତୃକାମାନେ ରକ୍ତବୀର୍ଯ୍ୟ ବଧରେ ଦେବୀ ଦୁର୍ଗାଙ୍କୁ ସାହାଯ୍ୟ କରିବାକୁ ଆସିଥିଲେ ବୋଲି ଉଲ୍ଲେଖ ଅଛି । ଓଡ଼ିଶାର ମନ୍ଦିରମାନଙ୍କରେ ପୂଜା ପାଉଥିବା ଦେବୀ ଦୁର୍ଗାଙ୍କ କୋଳରେ ସନ୍ତାନ ନଥିଲେ ମଧ୍ୟ ସନ୍ତାନ ପାଇଁ ଦେବୀ ମହିଷାକୁ ବଧ କରିଥିଲେ ବୋଲି ବିଭିନ୍ନ ଶାସ୍ତ୍ର ଗ୍ରନ୍ଥରେ ଦେଖିବାକୁ ମିଳେ । ଶବ୍ଦ କଳ୍ପଦ୍ରୁମରେ ଉଲ୍ଲେଖ ଅଛି—

ଦୁର୍ଗୋ ଦୈତ୍ୟେ ମହାବିଘ୍ନେ
ଭବବନ୍ଧେ କୁକର୍ମଣି ।

ଶୋକେ ଦୁଃଖେ ଚ ନରକେ
ଯମଦଣ୍ଡେ ଚ ଜନ୍ମନି ।।

ମହାଭୟେ ଽତିରୋଗେ
ଽପ୍ୟାଶବ୍ଦୋ ହନ୍ତୃ ବାଚକଃ ।

ଏତାନ୍ ହନ୍ତ୍ୟେବ ଯା ଦେବୀ
ସା ଦୁର୍ଗା ପରିକୀର୍ତ୍ତିତା ।।

"ଦୁର୍ଗ ନାମକ ଦୈତ୍ୟ, ମହାବିଘ୍ନ, ଭବବନ୍ଧ, କୁକର୍ମ, ଶୋକ, ଦୁଃଖ, ନରକ, ଯମ ଦଣ୍ଡ, ଜନ୍ମ, ମହାଭୟ ଏବଂ ଅତିରୋଗ, ଆ ଶବ୍ଦ ହେଲେ ହନ୍ତୁ ବାଚକ ହୁଏ । ଏହି ସବୁକୁ ଯେ ହନନ କରନ୍ତି ସେ ଦୁର୍ଗା ନାମରେ ପରିକୀର୍ତ୍ତିତା ।" ତେଣୁ ଦୁର୍ଗାଙ୍କୁ ଜଗଜ୍ଜନନୀ ବୋଲି ବୁଝାଯିବ ।

ପ୍ରାକ୍ ବୈଦିକ କାଳରୁ ମାତୃ ଉପାସନା ପ୍ରଚଳିତ ଥିବାରୁ ମାତୃ ଉପାସନା ଅନାର୍ଯ୍ୟ ସଭ୍ୟତାର ବୋଲି ବୁଝାଯାଏ । ଦୁର୍ଗା ପୂଜାର ପ୍ରତ୍ୟେକଟିକୁ ଲକ୍ଷ୍ୟ କଲେ ଦୁର୍ଗା ଯେ ପ୍ରଥମେ ଅନାର୍ଯ୍ୟ ଦେବତା ଥିଲେ ଏବଂ ଆର୍ଯ୍ୟମାନେ ପରେ ତାଙ୍କ ସଭ୍ୟତାରେ ଗ୍ରହଣ କରି ନେଇଛନ୍ତି ଏହା ଭଲଭାବେ ଜଣାପଡ଼େ । ବିଶେଷ କରି ଦୁର୍ଗା ପୂଜାର ନବପତ୍ରିକା ପ୍ରଚଳନ ଅନାର୍ଯ୍ୟ ସଭ୍ୟତାର ନିଦର୍ଶନ ବୃକ୍ଷ ପୂଜା ପ୍ରଥମେ ଅନାର୍ଯ୍ୟମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ବର୍ତ୍ତମାନ ମଧ୍ୟ ଆଦିବାସୀମାନେ ବୃକ୍ଷ ପୂଜା ନକରି ତାହାର ଫଳ ଖାଆନ୍ତି ନାହିଁ । ଏହି ପ୍ରଥା ଆଦିବାସୀମାନେ ପାଳନ କରନ୍ତି ବୋଲି ଅନ୍ୟତମ ଆଦିବାସୀ ଗବେଷକ ଶ୍ରୀ ସୀତାକାନ୍ତ ମହାପାତ୍ର ପ୍ରକାଶ କରନ୍ତି । ଖୁବ୍ ସମ୍ଭବ ଏହି ପ୍ରଥାରୁ ନୂଆଖିଆ ପ୍ରଥା ସମଗ୍ର ଓଡ଼ିଶାରେ ପ୍ରଚଳିତ ।

ହରିବଂଶ (୫୯ ଶ୍ଳୋ·) ଓ ବରାହ ପୁରାଣ (୩୦୫ ଶ୍ଳୋ·) ରେ ଦେବୀ

ଦୁର୍ଗାଙ୍କୁ କିରାତିନୀ ବୋଲି କୁହା ଯାଇଛି । "ଶବରୈଁ ର୍ବ ର୍ବ ରୈ ର୍ବେ ଶ୍ଚୈବ ପୁଲିନ୍ଦୈଶ୍ଚ ସୁପୂଜିତା" । ହେମଚନ୍ଦ୍ର ତାଙ୍କର ଅଭିଧାନ ଚିନ୍ତାମଣି–ପରିଶିଷ୍ଟରେ ଦୁର୍ଗାଙ୍କର ଆଉ ଗୋଟିଏ ନାମ "କିରାତୀ" ବୋଲି ଉଲ୍ଲେଖ କରିଛନ୍ତି । ସେହିଭଳି ଦୁର୍ଗୋତ୍ସବ ବିବେକରେ ଶୂଳପାଣି ଓ କାଳିକା ପୁରାଣରୁ ଦୁର୍ଗା ପୂଜାକୁ ଶବରୋତ୍ସବ ବୋଲି ନାମିତ କରି-ଛନ୍ତି । ମେରୁତନ୍ତ୍ର ବାମ ମାର୍ଗର ଯେଉଁ ପାଞ୍ଚ ପ୍ରକାର ରାଗ ନିର୍ଦ୍ଦେଶ କରା ହୋଇଛି ସେଥିରେ ମଧ୍ୟ 'ଶାବର' ବା ଶବରାନୁଷ୍ଠାନ ବୋଲି ଉଲ୍ଲେଖ ରହିଛି । ଦେବୀ ଯେ କିରାତିନୀ ଏହା ବହୁ ଶାସ୍ତ୍ରରେ ଉଲ୍ଲିଖିତ । ଜର୍ମାନ ଗବେଷକ ମେକ୍ସ ମୁଲର ଏହି ଶବରି, କିରାତିନୀ ବା କିରାତୀ, ପାର୍ବତୀ ପ୍ରଭୃତି ନାମ ଦେବୀ ଦୁର୍ଗାଙ୍କର ଥିବା ହେତୁ ଦେବୀଙ୍କୁ ଅସଭ୍ୟ ପାର୍ବତ୍ୟ ଜାତି ସଂଭୂତା ବୋଲି ସିଦ୍ଧାନ୍ତ କରିଛନ୍ତି । ସେ କହିଛନ୍ତି– Even in so late a work as the Harivamsa, V. 3274, we read that Durga was worshipped by wild races, such as Sabaras, Varvaras and Pulindas. May even, Sarva another name of Siva, and Sarva (ଶର୍ବା) and Sarvani, names of Durga, may be interpreted as names of a low caste (Anthropological Religion—1898—ପୃ.–୧୬୫)

ଦୁର୍ଗାଙ୍କର ବିଭିନ୍ନ ନାମ ମଧ୍ୟରୁ ଗିରିଜା, ପାର୍ବତୀ ପ୍ରଭୃତି ନାମ ପ୍ରସିଦ୍ଧ । ସେ ପର୍ବତ ତନୟା, ହିମାଳୟର କନ୍ୟା । ତେଣୁ ସେ ଗିରିଜା ନାମରେ ନାମିତ । ସେହି ପର୍ବତ ତନୟା ପାର୍ବତୀଙ୍କର ଅନ୍ୟନାମ ଉମା । ସେହି ଉମା ହିଁ ବ୍ରହ୍ମ । 'କେନ୍'–ଉପନିଷଦ-ରେ କଥିତ ଅଛି–ପୂର୍ବେ ଦେବାସୁରଙ୍କ ସଂଗ୍ରାମରେ ପରମେଶ୍ୱର ବ୍ରହ୍ମ, ଅସୁରମାନଙ୍କୁ ଜୟ କଲେ । ମାତ୍ର ଦେବତାମାନେ ମନେ କଲେ ଏହି ବିଜୟ ସେମାନଙ୍କ ଯୋଗୁଁ ହୋଇ ଅଛି । ଦେବତାମାନଙ୍କର ଏହି ମିଥ୍ୟା ଅଭିମାନ ଦୂର କରିବା ପାଇଁ ବ୍ରହ୍ମ ସେମାନଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଥିଲେ । ଦେବତା-ମାନେ ସେହି ଯକ୍ଷ ରୂପୀ (ଯକ୍ଷମିତି) ବ୍ରହ୍ମଙ୍କୁ ସେ କିଏ ବୋଲି ଜାଣି ପାରିଲେ ନାହିଁ । ତେଣୁ ଇନ୍ଦ୍ରାଦି ଦେବତାମାନେ ଅଗ୍ନିଙ୍କୁ କହିଲେ ହେ ଜାତବେଦ ! ଏହି ଯକ୍ଷ କିଏ ତାହା ତୁମେ ବୁଝି ଆସ । ଅଗ୍ନି, ଦେବତାମାନଙ୍କ କଥାନୁସାରେ ଯକ୍ଷଙ୍କ ନିକଟକୁ ଗଲେ ଏବ ଯକ୍ଷ ତାଙ୍କୁ ପାଖରେଦେଖି ପଚାରିଲେ ତୁମେ କିଏ ? ଉତ୍ତରରେ ଅଗ୍ନି କହିଲେ ମୁଁ ପ୍ରସିଦ୍ଧ ଅଗ୍ନି, ମୋର ଗୌରବମୟ ନାମ ଜାତ-ବେଦତା । ଯକ୍ଷ ତାଙ୍କ ନାମ ଶୁଣି କହିଲେ, ହେ ତଥା ପ୍ରସିଦ୍ଧ ; ତୁମଠାରେ କି ଶକ୍ତି ଅଛି ? ଅଗ୍ନି ତାଙ୍କୁ ଉତ୍ତରରେ କହିଲେ, ଯାହା କିଛି ଏହି ପୃଥିବୀରେ ଅଛି ଏ ସମସ୍ତ ମୁଁ ଜାଳି ଦେଇ ପାରେ । ଯକ୍ଷ ସଙ୍ଗେ ସଙ୍ଗେ ତାଙ୍କ ଆଗରେ ଖଣ୍ଡେ ତୃଣ ଧରି ତାହା ପୋଡ଼ି ଦେବାକୁ ଆହ୍ୱାନ କଲେ । ମାତ୍ର ଅଗ୍ନି ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ସେହି ତୃଣକୁ ପୋଡ଼ି ନପାରି ଲଜ୍ୟାରେ ଦେବତାମାନଙ୍କ ନିକଟକୁ ଫେରି ଯାଇ ସେ ଯକ୍ଷ କିଏ ତାହା ସେ ଜାଣି ପାରିଲେ ନାହିଁ ବୋଲି କହିଲେ । ତା ପରେ ପାଳି ପଡ଼ିଲା ବାୟୁଙ୍କର । ସେ ମଧ୍ୟ ଯକ୍ଷଙ୍କ ନିକଟରେ ପହଞ୍ଚିଲା ପରେ ଯକ୍ଷ ଅଗ୍ନିଙ୍କ ଭଳି ପ୍ରଶ୍ନ କଲେ, ତୁମେ କିଏ ? ବାୟୁ ଦୃପ୍ତ କଣ୍ଠରେ ଉତ୍ତର ଦେଲେ, ମୋର ପ୍ରସିଦ୍ଧ ନାମ ମାତରିଶ୍ୱା । ଯକ୍ଷ କହିଲେ, ହେ ତଥା ପ୍ରସିଦ୍ଧ ମାତରିଶ୍ୱା, ତୁମଠାରେ କି ଶକ୍ତି ଅଛି ? ଉତ୍ତରରେ ବାୟୁ କହିଲେ, ଏ ପୃଥିବୀରେ ଯାହା କିଛି ଅଛି ତାହା ମୁଁ ଉଡ଼ାଇ ଦେଇ ପାରେ । ତାହା ଶୁଣି ଯକ୍ଷ ତାଙ୍କ ଆଗରେ ତୃଣଟିଏ ଧରିଲେ । ମାତ୍ର ବାୟୁ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ସେହି ତୃଣକୁ ଟିକିଏ ହେଲେ ହଲାଇ ପାରିଲେ ନାହିଁ । ସେ ମଧ୍ୟ ଅଗ୍ନି ଭଳି ଲଜ୍ଜିତ ହୋଇ ଫେରି ଆସିଲେ । ତା ପରେ ଦେବତାମାନେ ଇନ୍ଦ୍ରଙ୍କୁ ପଠାଇଲେ ସେହି ଯକ୍ଷଙ୍କ ପରିଚୟ ପାଇଁ । ସେ ତାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେହି ଯକ୍ଷ ଅଦୃଶ୍ୟ ହୋଇଗଲେ । ଇନ୍ଦ୍ର ସେହି ଯକ୍ଷ ଥିବା ସ୍ଥାନରେ ଆକାଶରେ ବିଶେଷ ଶୋଭା ବିଶିଷ୍ଟ ହିମାଳୟଙ୍କ ଦୁହିତା ଉମାଙ୍କୁ ଦେଖିଲେ ।

ଏହି ପ୍ରସଙ୍ଗରେ କେନ–ଉପନିଷଦର ଏହି ଉମାଦେବୀଙ୍କ ସହିତ ଇନ୍ଦ୍ରଙ୍କର ସମ୍ପର୍କ ଅଥର୍ବ ବେଦ ମଧ୍ୟରେ ଦେଖିବାକୁ ପାଉଁ । ଏହା ଯେ ବୈଦିକ ସାହିତ୍ୟରେ ଦେବୀଙ୍କର ପ୍ରଥମ ସମ୍ପର୍କ ତାହା କହିବା ବାହୁଲ୍ୟ ମାତ୍ର । ଅଥର୍ବ ବେଦ ୬ । ୩୮ । ୧–୪ ମନ୍ତ୍ରରେ ଉଲ୍ଲେଖ ଅଛି–

ସିଂହେ ବ୍ୟାଘ୍ରେ ଉତ ଯା ପୃଦା କୌ
ତ୍ୱିଷିରଗ୍ନୌ ବ୍ରାହ୍ମଣେ ସୂର୍ଯ୍ୟେ ଯା ।
ଇନ୍ଦ୍ରଂ ଯା ଦେବୀ ସୁଭଗା ଜଜାନ
ସା ନ ଐତୁ ବର୍ଚସା ସଂ ବିଦାନା ॥
ଯା ହସ୍ତିନୀ ଦ୍ୱୀପିନି ଯା ହିରଣ୍ୟେ
ତ୍ୱିଷିରପ୍ସୁ ଗୋଷୁ ଯା ପୁରୁଷେଷୁ
ଇନ୍ଦ୍ରଂ ଯା ଦେବୀ ସୁଭଗା ଜଜାନ
ସା ନ ଐତୁ ବର୍ଚସା ସଂବିଦାନା ॥
ରଥେ ଅକ୍ଷେଷୁ ଋଷଭସ୍ୟ ବାଜେ
ବାତେ ପର୍ଜନ୍ୟେ ବରୁଣସ୍ୟ ଶୁଷ୍ମେ ।
ଇନ୍ଦ୍ରଂ ଯା ଦେବୀ..............................॥
ରାଜନ୍ୟେ ଦୁନ୍ଦୁଭାବାୟତା ଯା–
ମଶ୍ୱସ୍ୟ ବାଜେ ପୁରୁଷସ୍ୟ ମାୟୌ ।
ଇନ୍ଦ୍ରଂ ଯା ଦେବୀ..............................॥

ଯିଏ ସିଂହ ମଧ୍ୟରେ, ବ୍ୟାଘ୍ର ମଧ୍ୟରେ ଏବଂ ସର୍ପ ମଧ୍ୟରେ–ଦୀପ୍ତି ଯିଏ ଅଗ୍ନିରେ, ବ୍ରାହ୍ମଣ ମଧ୍ୟରେ ସୂର୍ଯ୍ୟରେ, ଇନ୍ଦ୍ରଙ୍କୁ ଯିଏ ଜନ୍ମ ଦେଇଛନ୍ତି ସେହି ସୁଭଗା ଦେବୀ, ତେଜୋଦୀପ୍ତା ସେହି ଦେବୀ ଆମମାନଙ୍କ ନିକଟକୁ ଆସନ୍ତୁ । ଯିଏ ହସ୍ତିରେ, ଯିଏ ହିରଣ୍ୟରେ–ଦୀପ୍ତି ଯିଏ ଜଳରାଶିରେ, ଗୋ ସମୂହରେ, ପୁରୁଷମାନଙ୍କ ମଧ୍ୟରେ, ଇନ୍ଦ୍ରଙ୍କୁ ଯିଏ ଜନ୍ମ ଦେଇଛନ୍ତି ସେହି ସୁଭଗା ଦେବୀ, ତେଜୋଦୀପ୍ତା, ସେହି ଦେବୀ ଆମମାନଙ୍କ ନିକଟକୁ ଆସନ୍ତୁ । ଯିଏ ରଥ ସମୂହରେ, ଅକ୍ଷ ସମୂହରେ, ଋଷଭର ଶକ୍ତିରେ, ଯିଏ ବାୟୁରେ, ପର୍ଜନ୍ୟରେ–ବରୁଣଙ୍କ ଶକ୍ତିରେ, ଯିଏ ରାଜନ୍ୟରେ, ଦୁନ୍ଦୁଭିରେ–ଅଶ୍ୱଙ୍କ ଗତିରେ, ପୁରୁଷଙ୍କ ଗର୍ଜନରେ, ଇନ୍ଦ୍ରଙ୍କୁ ଯେଉଁ ଦେବୀ ସୃଷ୍ଟି କରିଛନ୍ତି ଏଠାରେ ଯଦିଓ ସେହି ଦେବୀ ଉମା ବୋଲି ସ୍ପଷ୍ଟ ଉଲ୍ଲେଖ ନାହିଁ ତଥାପି ସେହି ବହୁ ଶୋଭମାନା ଦେବୀ ଉମା ବୋଲି ଧାରଣା ହେବା ସ୍ୱାଭାବିକ । ଦାର୍ଶନିକ ଦୃଷ୍ଟିରେ ଏହି ଉପନିଷଦର ଉମାଙ୍କୁ ବ୍ରହ୍ମ ବିଦ୍ୟା ସ୍ୱରୂପିଣୀ ବୋଲି କୁହା ହୋଇଛି–ସେହି ଦେବଗଣଙ୍କୁ ବ୍ରହ୍ମ ବିଦ୍ୟା ଦାନ କରିଥିଲେ । ଏହି ବ୍ରହ୍ମଜ୍ୟୋତି ରୂପିଣୀ ଆଦିଶକ୍ତି, ପ୍ରଥମ ଜ୍ୟୋତି ରୂପା ବୋଲି ସେ ସୁବର୍ଣ୍ଣ ବର୍ଣ୍ଣା ହୈମବତୀ । ଏହି ଉମା ହୈମବତୀ ପ୍ରସଙ୍ଗ ଅନ୍ୟ କୌଣସି ଉପନିଷଦରେ ସ୍ପଷ୍ଟ ଭାବରେ ଉଲ୍ଲେଖ ନହୋଇ ମଧ୍ୟ ପରବର୍ତ୍ତୀ କାଳର ଭାଷ୍ୟକାରମାନେ କେତେକ ସ୍ଥାନରେ ତାଙ୍କ ବିଷୟରେ ସୂଚନା ଦେଇଛନ୍ତି । ତୈତ୍ତିରୀୟ ଆରଣ୍ୟକର 'ସୋମ' ଶବ୍ଦର ବ୍ୟାଖ୍ୟା କରି-ବାକୁ ଯାଇ ପ୍ରସିଦ୍ଧ ଭାଷ୍ୟକାର ସାୟଣାଚାର୍ଯ୍ୟ କହିଛନ୍ତି, 'ଉମୟା ସହ ବର୍ତ୍ତମାନଃ' ଏବଂ ଉମା ଶବ୍ଦଟିକୁ ଏଠାରେ ବ୍ରହ୍ମଜ୍ଞାନ ଅର୍ଥରେ ଗ୍ରହଣ କରିଛନ୍ତି । ବାଜସନେୟ ସଂହିତାର ବ୍ୟାଖ୍ୟାରେ ଭାଷ୍ୟକାର ମହୀଧର ଏବଂ ତୈତ୍ତିରୀୟ ସଂହିତାର ବ୍ୟାଖ୍ୟାରେ ଭଟ୍ଟ ଭାସ୍କର ମିଶ୍ର ସୋମ ଶବ୍ଦଟିର ଠିକ୍ ଏହି ଭଳି ବ୍ୟାଖ୍ୟା କରିଛନ୍ତି । ତୈତ୍ତିରୀୟ ସଂହିତାର ଗୋଟିଏ ସ୍ଥାନରେ 'ଅମ୍ବିକା–ପତୟେ' ଶବ୍ଦଟି ମଧ୍ୟ ଅଛି । ଦକ୍ଷିଣ ଭାରତ ସଂସ୍କରଣରେ ଏହି ଅମ୍ବିକା–ପତୟେ ସ୍ଥାନରେ ଉମା–ପତୟେ ବୋଲି ଉଲ୍ଲେଖ ହୋଇଛି ।

ପର୍ବତକନ୍ୟା ଉମା ଯେ କି ଶିବଙ୍କୁ ବିବାହ କରିଥିଲେ ସେ ଯେ ପାର୍ବତୀ ନାମରେ ଅଭିହିତା ଏହା ପ୍ରତ୍ୟେକ ଜାଣନ୍ତି । ପର୍ବତ-ରାଜ ହିମାଳୟର କନ୍ୟା ହିଁ ପାର୍ବତୀ । ସେହି ଆଗମ ଶାସ୍ତ୍ରର ଜନନୀ । ସେହି ଦେବୀ ମଧ୍ୟ ଇନ୍ଦ୍ରଙ୍କୁ ପ୍ରସବ କରିଥିଲେ । ସେହି ଦେବୀ ଋଗ୍‌ବେଦ ଦଶମ ମଣ୍ଡଳର ୧୨୫ତମ ସୂକ୍ତର ବ୍ରହ୍ମମୟୀ ମହାଦେବୀ । ଅମ୍ଭୃଣ ଋଷିଙ୍କ ବାକ୍ ନାମ୍ନୀ ବ୍ରହ୍ମବାଦିନୀ କନ୍ୟା ଏକଦା ନିଜକୁ ମହା ଶକ୍ତି ମନେକରି ଗାଇ ଉଠିଲେ–ମୁଁ ରୁଦ୍ର, ବସୁ, ଆଦିତ୍ୟ ଏବଂ ବିଶ୍ୱ ଦେବଗଣ ରୂପେ ବିଚରଣ କରେ ; ମିତ୍ର–ବରୁଣ, ଇନ୍ଦ୍ର–ଅଗ୍ନି ଏବଂ ଅଶ୍ୱିନୀକୁମାର ଦ୍ୱୟଙ୍କୁ ମୁଁ ହିଁ ଧାରଣ କରିଛି । ମୁଁ ଶତ୍ରୁହନ୍ତା ସୋମ, ତ୍ୱଷ୍ଟା, ପୂଷା ଏବଂ ଭଗନାମକ

ଦେବତାମାନଙ୍କୁ ଧାରଣ କରିଛି, ଯଜ୍ଞାଦି ପାଇଁ ହବିଷ୍ମାନ ଯଜମାନଙ୍କୁ ମୁଁ ଯଜ୍ଞ ଫଳ ସ୍ୱରୂପ ଧନ ବିଧାନ କରେ । ଇତ୍ୟାଦି ।

ଅନାର୍ଯ୍ୟ ଦେବତା ଶିବ ପାର୍ବତୀ ବହୁ ପରେ ଆର୍ଯ୍ୟମାନଙ୍କ ଦେବତା ରୂପେ ଗୃହୀତ । ଆଶ୍ୱିନ ଦେବୀ-ପୂଜାରେ ସାଧାରଣତଃ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ପୂଜା ହୁଏ । ଏହି ମହିଷାମର୍ଦ୍ଦିନୀ ଦୁର୍ଗା ଭାରତର କେଉଁ ଅଞ୍ଚଳରେ ପ୍ରଥମେ ପୂଜା ପାଇଥିଲେ ତାହାର ସଠିକ୍ ବିବରଣୀ ନାହିଁ । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଓଡିଶାରେ ଦୁର୍ଗା ପୂଜା ପ୍ରଥମେ ହୋଇ ଥିଲା । ବୈତରଣୀ ନଦୀ କୂଳସ୍ଥ ଯାଜପୁରରେ ପୂଜା ପାଉଥିବା ଦ୍ୱିଭୁଜା ମହିଷାମର୍ଦ୍ଦିନୀ ବିରଜା ମାଆ । ୪ର୍ଥ ଶତାବ୍ଦୀର ହେଲେ ମଧ୍ୟ ବ୍ୟାସଙ୍କ ମହା ଭାରତ ବନ ପର୍ବରେ ବିରଜା ତୀର୍ଥ ଲେଖାଥିବା ଦୃଷ୍ଟିରୁ ଦେବୀ ବିରଜା ମହାଭାରତ ପୂର୍ବ ଯୁଗର ବୋଲି ମନେ ହେବା ସ୍ୱାଭାବିକ । ବ୍ୟାସ ମହାଭାରତରେ ସ୍ପଷ୍ଟ-ଭାବେ କହିଛନ୍ତି—

ତତୋ ବୈତରଣୀଂ ଗତ୍ୱା ନଦୀଂ ପାପ ପ୍ରମୋଚନିମ

ବିରଜା ତୀର୍ଥ ମାସାଦ୍ୟ ବିରାଜତି ଯଥା ଶଶୀ ।

ବ୍ୟାସଙ୍କ ପୂର୍ବରୁ ବାଲ୍ମୀକି ରାମାୟଣ ରଚନା କରିଥିଲେ ମଧ୍ୟ ଓଡ଼ିଶାର ମହେନ୍ଦ୍ର ଗିରି ଓ ଦଣ୍ଡକାରଣ୍ୟ ବ୍ୟତୀତ ଅନ୍ୟ ପ୍ରସିଦ୍ଧ ସ୍ଥାନକୁ ସେ ଆସି ନଥିବା ଜଣାଯାଏ । ତତ୍ ପୂର୍ବରୁ ବୈଦିକମାନେ ଉତ୍ତର ଭାରତରେ ବାସ କରି ରହୁଥିବା ହେତୁ ଓଡ଼ିଶା କଥା ଉଲ୍ଲେଖ କରି ନାହାନ୍ତି । ସେହି ସମୟରେ ଓଡ଼ିଶାରେ ଅଣ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିଲେ । ପ୍ରସ୍ତର ଯୁଗକୁ ପ୍ରାଗ୍ ବୈଦିକ ଯୁଗ କୁହାଯାଏ । ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତର ଯୁଗର ବହୁ ବସ୍ତୁର ସନ୍ଧାନ ମିଳିଛି । ତେଣୁ ଓଡ଼ିଶାର ସଂସ୍କୃତି ଅତି ପୁରାତନ । ଏଠାରେ ମହାଶକ୍ତି ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ନାମରେ ଅବସ୍ଥାନ କରିଛନ୍ତି । ପୁରାଣ ପ୍ରକାଶନୀଙ୍କ ଶାରଳା ମହାଭାରତ ମଧ୍ୟ ପର୍ବରେ ଦ୍ୱାଦଶ ଚଣ୍ଡୀଙ୍କ ନାମ ରହିଛି—

ଝଙ୍କଡ଼େ ରହିଲୁ ମାଗୋ ଶାରଳା ବୋଲାଇ
କାକଟପୁରେ ବୋଲାଇ ମଙ୍ଗଳା ସେ ତୁହି ।

ଲହ ଲହ ଜିହ୍ୱା ସେ ସିନ୍ଦୁରେ ମୁଖ ମଣ୍ଡି
କୋଣାରକେ ରହିଲୁ ଅଭୟା ରାମଚଣ୍ଡୀ ।

ପୁରୁଷୋତ୍ତମେ ରହିଲୁ ବିମଳା ବୋଲାଇ
ବାଙ୍କିରେ ରହିଲୁ ମାଗୋ ନାମ ଚର୍ଚ୍ଚିକାଇ ।

ସମ୍ବଲପୁରେ ରହିଲୁ ନାମ ସମଲାଇ
ଯାଜପୁରେ ରହିଲୁ ତୋ ନାମ ବିରଜାଇ ।

ପଶ୍ଚିମେ ରହିଲୁ ମାଗୋ ନାମ ହିଙ୍ଗୁଳାଇ
ଭୁବନେଶ୍ୱରେ ରହିଲୁ ଗଉରୀ ବୋଲାଇ ।

ବାଣପୁରେ ରହିଲୁ ତୋ ନାମ ଭଗବତୀ
ସକଳ ଧାମରେ ମାଗୋ କରନ୍ତି ସେ ସ୍ତୁତି ।

ଉତ୍ତର ଦିଗେ ରହିଲୁ ଚଣ୍ଡୀ ନାମ ବହି
ଏମନ୍ତ ଦ୍ୱାଦଶ ନାମ ବ୍ରହ୍ମା ଭଲେ କହି ।

ଏହି ଦେବୀଙ୍କ ବ୍ୟତୀତ ଶହ ଶହ ଆଞ୍ଚଳିକ ତଥା ଓଡ଼ିଶା ପ୍ରସିଦ୍ଧ ଦେବୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ବହୁ ବୌଦ୍ଧ ତନ୍ତ୍ରର ଦେବୀ ଏବଂ ବହୁ ଜାନୁଘଣ୍ଟ ପର୍ଶୁରାମ ପୂଜିତା ଦେବୀ ମଧ୍ୟ ଅଛନ୍ତି । ଚିଲିକା କୂଳସ୍ଥ ଭୁଷଣପୁରର ତାରା, ନାରାୟଣୀ ଖୋଲର ନାରାୟଣୀ, ପୁରୀର ଶ୍ୟାମାକାଳୀ, ଚଉଷଠୀ ଯୋଗିନୀ, ସପ୍ତମାତୃକାଦି ବହୁ ପ୍ରସିଦ୍ଧ ଦେବୀ ଓଡ଼ିଶାରେ ପୂଜିତା । ସେହିଭଳି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଖିଚିଙ୍ଗେଶ୍ୱରୀ, ଭଦ୍ରକାଳୀ, ପଶ୍ଚିମ ଓଡ଼ିଶା ଭବାନୀପାଟଣାର ମାଣିକେଶ୍ୱରୀ ଆଦି ଦେବୀ ଓଡ଼ିଶା ପ୍ରସିଦ୍ଧ । ମହାନଦୀ ଚିତ୍ରୋତ୍ପଳା ଉଭୟ ପାର୍ଶ୍ୱରେ, ପ୍ରାଚୀନଦୀ କୂଳରେ ବହୁ ତାନ୍ତ୍ରିକ ଦେବତା ଏବେ ମଧ୍ୟ ପୂଜା ପାଉଛନ୍ତି । କେଉଁ କୋରାପୁଟ ଅଞ୍ଚଳକୁ ଯିବା ପାଇଁ କିଛି ବର୍ଷ ପୂର୍ବେ ଉପକୂଳବାସୀଙ୍କ ମନରେ ଭୟ ସଞ୍ଚାର ହେଉଥିଲା, ସେହି କୋରାପୁଟ ଗୁଣୁପୁର ସବଡ଼ିଭିଜନ ପଦ୍ମପୁର ବ୍ଲକ ଜଗମୁଣ୍ଡାଇ ମଲ୍ଲିକେଶ୍ୱରଙ୍କ ମନ୍ଦିରରେ ଅଷ୍ଟଭୁଜା ଦୁର୍ଗା ଏବଂ ଆଉ ଗୋଟିଏ ଅଷ୍ଟଭୁଜା ଦୁର୍ଗା ରାୟଗଡ଼ା ନିକଟରେ ପାଇକ ପଡ଼ାରେ ପୂଜା ପାଉଛନ୍ତି । ଆଉ ମଧ୍ୟ ଜୟପୁରର କାଳିକା ଦେବୀ ମନ୍ଦିରରେ ଚତୁର୍ଦ୍ଦ ହସ୍ତା ଦୁର୍ଗା ଏବଂ ଅଷ୍ଟଭୁଜା ଚାମୁଣ୍ଡା ଆରାଧିତା ହେଉଛନ୍ତି । ସମଗ୍ର ଓଡ଼ିଶାରେ ଯେତେ ଦୁର୍ଗା, ଚାମୁଣ୍ଡା, ବିଭିନ୍ନ ତନ୍ତ୍ର ଦେବୀ ରହିଛନ୍ତି ତାହା ଲକ୍ଷ୍ୟ କଲେ ଓଡ଼ିଶାରେ ଦେବୀ ଦୁର୍ଗାଙ୍କର ପ୍ରଥମେ ଆରାଧନା ହୋଇଥିଲା ଏହା ଯେ କୌଣସି ଗବେଷକ କହିବ ।

ପ୍ରାଗ୍‌ବୈଦିକ ଯୁଗ ପରେ ବୌଦ୍ଧ ବଜ୍ର-ଯାନୀ ବା ମହାଯାନୀମାନେ ତନ୍ତ୍ରରେ ପ୍ରବେଶ କରିଥିବା କଥା ଐତିହାସିକମାନେ ନିରୂପଣ କରନ୍ତି । ଓଡ଼ିଶା ବଜ୍ରଯାନୀ ବା ମହା-ଯାନୀଙ୍କ ସାଧନାର ଭୂମି ଥିଲା । ତେଣୁ ଉଲ୍ଲେଖ ଅଛି—"ଓ ଡ୍ୟାଖ୍ୟାଂ ପ୍ରଥମଂ ପୀଠଂ, ଦ୍ୱିତୀୟଂ ଜାଳେଶୈଳକଂ, ତୃତୀୟଂ ପୂର୍ଣ୍ଣ ପୀଠନ୍ତୁ, କାମରୂପ ଚତୁର୍ଥକଂ ।" ଏହି ତନ୍ତ୍ରର ଚାରି ପୀଠ ମଧ୍ୟରୁ ଓଡ଼ିଶା ପ୍ରଥମ । ଗଙ୍ଗ ରାଜାମାନଙ୍କର ବହୁ ଅନୁଶାସନରୁ ଜଣାଯାଏ ପୂର୍ଣ୍ଣ ପୀଠ ବା ପୂର୍ଣ୍ଣ କୋଟି ପ୍ରାଚୀନ ଦକ୍ଷିଣ କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା । ବର୍ତ୍ତମାନ ତାହା ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ମୁଖଲିଙ୍ଗ ନଗର । ଅବଶିଷ୍ଟ ଜାଳଶୈଳ ବଙ୍ଗଦେଶର ଶ୍ରୀହଟ୍ଟ ଏବଂ କାମାକ୍ଷା ବର୍ତ୍ତମାନ ଆସାମରେ ।

ଦେବୀ ଦୁର୍ଗାଙ୍କ ବିଷୟ ପ୍ରଥମେ ଭାରତର ଆଞ୍ଚଳିକ ଭାଷା ଓଡ଼ିଆରେ ପ୍ରକାଶ ପାଇଥିଲା ପଞ୍ଚଦଶ ଶତାବ୍ଦୀରେ । ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ମହାକବି ଶାରଳାଦାସ ପ୍ରଥମେ ପ୍ରାକୃତ ଭାଷାରେ ଚଣ୍ଡୀପୁରାଣ ନାମକ ଏକ ଗ୍ରନ୍ଥ ରଚନା କଲେ । ସେହିଭଳି ଗ୍ରନ୍ଥ ଭାରତୀୟ ପ୍ରାକୃତ ସାହିତ୍ୟରେ ବିରଳ । ବହୁ ଶାକ୍ତ ଗ୍ରନ୍ଥ ଓଡ଼ିଆରେ ରଚିତ ହୋଇଥିବାର ମଧ୍ୟ ଦେଖିବାକୁ ମିଳେ । ଶାରଳାଦାସଙ୍କ ବିଲଙ୍କା ରାମାୟଣ, ବିଚିତ୍ର ରାମାୟଣ, ଜଗନ୍ନାଥ ଦାସଙ୍କ ତୁଳାଭିଣା ଏବଂ ବହୁ ପରବର୍ତ୍ତୀ କବିଙ୍କ ଶାକ୍ତ ଗ୍ରନ୍ଥ ଓଡ଼ିଆରେ ରଚନା କରାଯାଇଛି । ଓଡ଼ିଶା ମନ୍ଦିରମାନଙ୍କରେ ଦେବୀ ପୂଜା ହେଉଥିଲେ ମଧ୍ୟ ମୃଣ୍ମୟୀ ମୂର୍ତ୍ତିର ପୂଜା ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ପ୍ରଚଳିତ ଥିବାର ଜଣାଯାଏ । ନୀଳକଣ୍ଠ ମିଶ୍ରଙ୍କ ରଚିତ ଭକ୍ତ ମହୋଦୟ ନାଟକରେ ମୃଣ୍ମୟୀ ମୂର୍ତ୍ତି ପୂଜାର ଉଲ୍ଲେଖ ଅଛି ।

ଓଡ଼ିଶାର ସଂସ୍କୃତିରେ ଯେଉଁଭଳି ସ୍ୱାତନ୍ତ୍ର୍ୟ ରହିଛି ସେହିଭଳି ଓଡ଼ିଶାର ଦୁର୍ଗା ପୂଜାରେ ମଧ୍ୟ ସ୍ୱାତନ୍ତ୍ର୍ୟ ଥିବାର ଦେଖାଯାଏ । ବଙ୍ଗ ଦେଶରେ ଆଶ୍ୱିନ ଶୁକ୍ଳ ସପ୍ତମୀଠାରୁ ଦୁର୍ଗା ପୂଜା ଆରମ୍ଭ ହେଲାବେଳେ, ଉତ୍ତର ପ୍ରଦେଶ, ପଞ୍ଜାବାଦି ପ୍ରଦେଶରେ ଆଶ୍ୱିନ ଅମାବାସ୍ୟା-ଠାରୁ ଆରମ୍ଭ ହୋଇଥାଏ । ମାତ୍ର ଓଡ଼ିଶାର ପୀଠ ଦେବୀମାନଙ୍କ ନିକଟରେ ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ପୂଜା ଆରମ୍ଭ ହୁଏ ।

ଓଡ଼ିଶା ଶକ୍ତି ଉପାସନାର ଏକ ମହାନ୍ ପୀଠ । ଏଠାରେ ଶ୍ରୀ ଜଗନ୍ନାଥ ପ୍ରଥମେ ତନ୍ତ୍ର ଦେବତା ରୂପେ ଆରାଧିତ ହେଉଥିଲେ । ଡଃ ହରେକୃଷ୍ଣ ମହତାବ ତାଙ୍କ ଓଡ଼ିଶା ଇତିହାସରେ ଉଲ୍ଲେଖ କରିଛନ୍ତି ଦ୍ୱାଦଶ ଶତାବ୍ଦୀଠାରୁ ଶ୍ରୀ ଜଗନ୍ନାଥ ବୈଷ୍ଣବ ମତରେ ଆରାଧିତ ହେଉଛନ୍ତି । ସପ୍ତ ଶତୀ ଚଣ୍ଡୀର ତିନୋଟି ଚରିତର ଦେବତା ମହାକାଳୀ—ମହାଲକ୍ଷ୍ମୀ—ମହା ସରସ୍ୱତୀ ରୂପେ ଶ୍ରୀଜଗନ୍ନାଥ—ସୁଭଦ୍ରା—ବଳଭଦ୍ର ବିଗ୍ରହ ଧାରଣ କରି ଅବସ୍ଥାନ କରିଛନ୍ତି । ଅଷ୍ଟମ ଶତାବ୍ଦୀ ପ୍ରାରମ୍ଭ ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧ ତନ୍ତ୍ର ସିଦ୍ଧ ସାଧକ ଇନ୍ଦ୍ରଭୂତି ଶ୍ରୀଜଗନ୍ନାଥଙ୍କୁ ପ୍ରଣିପାତ କରି ଜ୍ଞାନସିଦ୍ଧି ଗ୍ରନ୍ଥ ରଚନା କରିଥିଲେ । ଅଷ୍ଟମ ଶତାବ୍ଦୀ ଓଡ଼ିଶାରେ ତନ୍ତ୍ରର ସୁବର୍ଣ୍ଣ ଯୁଗ ଥିଲା । ସେହି ସମୟରେ ଭୁବନେଶ୍ୱର, ପୁରୀ, କଟକ ଆଦି ତନ୍ତ୍ର ପୀଠରେ ତନ୍ତ୍ର ଦେବୀମାନେ ଆରାଧିତା ହେଲେ ।

ଆଜି ମହାଦେବୀଙ୍କର ମହାପୂଜା ସମାଗତ । ଉତ୍କଳ ପୁଣ୍ୟଭୂମି ଓଡ଼ିଶାରେ ସେହି ମହାପୂଜା, ପୀଠ ଦେବୀଙ୍କଠାରୁ ଆରମ୍ଭ କରି ମୃଣ୍ମୟୀ ଦେବୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିକଟରେ ମହା ସମାରୋହରେ ଅନୁଷ୍ଠିତ । ଏହି ଅବସରରେ ସମସ୍ତ ଅହମିକାକୁ ପଛରେ ପକାଇ ଆମେ ସବୁ ସେହି ଜଗତଜନନୀଙ୍କର ଶରଣାପନ୍ନ ହୋଇ ତାଙ୍କରି କରୁଣାର ପ୍ରାର୍ଥୀ ହେବା ।


ସହାୟକ ଗ୍ରନ୍ଥ:—

୧—ଋଗ୍‌ବେଦ, ୨—ଶବ୍ଦ କଳ୍ପଦ୍ରୁମ, ୩—ହରିବଂଶ, ୪—ବରାହ ପୁରାଣ, ୫—ହେମଚନ୍ଦ୍ର ଅଭିଧାନ, ୬—ମେରୁତନ୍ତ୍ର, ୭—Anthropological Religion, ୮—କେନ୍ ଉପନିଷଦ, ୯—ଅଥର୍ବବେଦ, ୧୦—ଶ୍ରୀ ଦୁର୍ଗା, ୧୧—ତୈତ୍ତରୀୟ ଆରଣ୍ୟକ ଉପନିଷଦ, ୧୨—ମହାଭାରତ (ବ୍ୟାସକବି), ୧୩—ଶାରଳା ମହାଭାରତ (ମଧ୍ୟ), ୧୪—ଚଣ୍ଡୀ ପୁରାଣ, ୧୫—ଭକ୍ତି ମହୋଦୟ, ୧୬—ସପ୍ତଶତୀ ଚଣ୍ଡୀ ।



କ୍ୱାଟର ନଂ୭୬, ଟାଇପ-୪
ଗୋପବନ୍ଧୁ ନଗର (ବ୍ରେଲ୍ଟା)
ଭୁବନେଶ୍ୱର-୧୨




## ୩ ହଜାର ୭୫୧ ଟି ହଲର ଲାଇସେନ୍ସ ଦିଆଯାଇଛି

ଗତ ଜାନୁଆରୀ ମାସଠାରୁ ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ୩ ହଜାର ୭୫୧ ଟି ହଲର ଲାଇସେନ୍ସ ଦିଆଯାଇଛି । ଏତଦ୍ୱାରା ଗାଁ ଗଣ୍ଡାରେ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାରେ ସୁବିଧା ମିଳି ପାରିଛି । ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୭୪ ଠାରୁ ୧୯୭୭ ମସିହା ମଧ୍ୟରେ କେବଳ ୬୮୦ ଟି ହଲର ଲାଇସେନ୍ସ ଦିଆଯାଇଥିଲା ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ଗାଁ ଗହଳରେ ଆତ୍ମନିଯୁକ୍ତି ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଓ କ୍ଷୁଦ୍ର ଶିଳ୍ପର ପ୍ରସାର ନିମନ୍ତେ ହଲର ବସାଇବା ସଂକ୍ରାନ୍ତୀୟ ନୀତି ରାଜ୍ୟ ସରକାର ଗତ ଜାନୁଆରୀ ମାସଠାରୁ କୋହଳ କରି ଦେଇଛନ୍ତି । ଗତ ସରକାରଙ୍କ ସମୟରେ ମାଷ୍ଟର ପ୍ଲାନକୁ ଭିତ୍ତି କରି ହଲର ଅନୁମତି ପାଇବା ପାଇଁ ଦରଖାସ୍ତକାରୀଙ୍କୁ ଦୀର୍ଘ ଦିନ ଧରି ହଇରାଣ ହେବାକୁ ପଡୁଥିଲା । ଉକ୍ତ ପ୍ଲାନକୁ ରଦ୍ଦ କରାଯିବା ଫଳରେ ହଲର ପାଇଁ ଲାଇସେନ୍ସ ମିଳିବା ସହଜ ହୋଇ ପାରିଛି ।

# ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶ



**ଶ୍ରୀ ସୁରେନ୍ଦ୍ର ମହାନ୍ତି**

ଗୋପବନ୍ଧୁ ଓଡ଼ିଶାର ଜାତୀୟ ଇତିହାସରେ ଏକ ପୁଣ୍ୟ ସ୍ମୃତି, ଏକ ଶୁଭ ଉଦ୍‌ବୋଧନ । ତାଙ୍କ ନାମ ଉଚ୍ଚାରଣ କରି ପ୍ରତି ଓଡ଼ିଆର ଜାତୀୟ ଚେତନା ପରିତୃପ୍ତ ହୋଇଥାଏ । ଗୋପବନ୍ଧୁ ପୁରୀ ଜିଲ୍ଲାନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ୧୮୭୭ ଖ୍ରୀ: ଅ: ଅକଟୋବର ୯ ତାରିଖ ଦିନ ଜନ୍ମ ଗ୍ରହଣ କରି ୧୯୨୮ ଖ୍ରୀ: ଅ: ଜୁନ୍ ୧୭ ତାରିଖ ଦିନ ସତ୍ୟବାଦୀଠାରେ ପରଲୋକ ପ୍ରାପ୍ତ ହୋଇଥିଲେ । ମାତ୍ର ୫୧ ବର୍ଷର ସଂକ୍ଷିପ୍ତ ଜୀବନ କାଳ ମଧ୍ୟରେ ଶିକ୍ଷା, ସାହିତ୍ୟ, ସାମାଜିକତା, ସଙ୍ଗଠନ କୁଶଳତା, ବୈଧାନିକତା ଓ ଜନସେବା, ସର୍ବୋପରି ନେତୃତ୍ୱ କ୍ଷେତ୍ରରେ ସେ ଯେଉଁ ଉଜ୍ଜ୍ୱଳ ସ୍ୱାକ୍ଷର ରଖି ଯାଇଅଛନ୍ତି, କାଳର କୁଟୀଳ ତାହାକୁ ଆଜି ସୁଦ୍ଧା ନିଷ୍ପ୍ରଭ କରି ପାରିନାହିଁ । ତାଙ୍କ ଜୀବନ ଓ ସାଧନାର ବିଭିନ୍ନ ବିଭାବ, ଏକ କ୍ଷୁଦ୍ର ଭାଷଣର ସୀମିତ ପରିସର ମଧ୍ୟରେ ଆଲୋଚନା କରିବା ସମ୍ଭବ ନୁହେଁ । ପ୍ରତ୍ୟେକଟି ବିଭାବ ଉପରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗ୍ରନ୍ଥ ଲେଖିପାରିଲେ, ସେ ସବୁର ଯଥାର୍ଥ ମୂଲ୍ୟାୟନ ସମ୍ଭବ ହୋଇ ପାରିବ । ଆଜି ସନ୍ଧ୍ୟାରେ ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶ ସମ୍ପର୍କରେ କେବଳ, କେତେକ ପ୍ରସଙ୍ଗ ଆଲୋଚନା କରିବା ମୋର ଅଭିପ୍ରାୟ । ବସ୍ତୁତଃ ଗୋପବନ୍ଧୁଙ୍କ ମୃତ୍ୟୁ ପରଠାରୁ ଇତିମଧ୍ୟରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ଅତିବାହିତ ହୋଇ ଯାଇଥିଲେ ହେଁ, ଆଜି ସୁଦ୍ଧା ତାହାର ପ୍ରାସଙ୍ଗିକତା ବା ରେଲିଭାନ୍‌ସ ଅକ୍ଷୁର୍ଣ୍ଣ ରହିଅଛି .

କେତେକ ଐତିହାସିକ କାରଣ ବଶ: ଓଡ଼ିଶାରେ ଭାରତୀୟ ଜାତୀୟ କଂଗ୍ରେସ ଚେର ବାନ୍ଧି ପାରିନଥିଲା । ଓଡ଼ିଶାର ରାଜନୈତିକ ଜୀବନରେ ଏହାକୁ ଏକ ବିକୃତି ବା ଅପରିପକ୍ୱତା ବୋଲି ବିଚାର କରିବା ଉଚିତ ହେବନାହିଁ ; ତତ୍‌କାଳୀନ ଅବିଭକ୍ତ ବଙ୍ଗଳା ପ୍ରଦେଶରେ ସୁଦ୍ଧା ରାଜନୈତିକ ମେଜାଜ୍ ଥିଲା ପ୍ରାୟ ସେଇଆ । ସଂତ୍ରାସବାଦୀମାନେ ଗାନ୍ଧିଜୀ ଓ କଂଗ୍ରେସକୁ ପୁରାପୁରି ପ୍ରତ୍ୟାଖ୍ୟାନ କରିଥିଲେ । ୧୯୨୦ ସାଲ୍ ସେପ୍‌ଟେମ୍ବର ମାସରେ କଂଗ୍ରେସର ଏକ ବିଶେଷ ଅଧିବେଶନ କଲିକତା ମହାନଗରୀରେ ଅନୁଷ୍ଠିତ ହୋଇ, ସେଥିରେ ଗାନ୍ଧୀଜୀଙ୍କ ଅସହଯୋଗ ପ୍ରସ୍ତାବ ଗୃହୀତ ହେବାବେଳେ, ତାହାର ବିକଳ୍ପ ରୂପେ, ବିପିନ ଚନ୍ଦ୍ର ପାଲଙ୍କ ସଂଶୋଧନ ପ୍ରସ୍ତାବ ସପକ୍ଷରେ ସର୍ବାପେକ୍ଷା ଅଧିକ ସମର୍ଥନ ମିଳିଥିଲା; ବଙ୍ଗଳା ଓ ମାଦ୍ରାଜର ପ୍ରତିନିଧି ବା ଡେଲିଗେଟ୍‌ମାନଙ୍କଠାରୁ ବଙ୍ଗଳା-୩୨୫ ; ମାଦ୍ରାଜ-୧୩୫ । ସେହିବର୍ଷ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଚିତ୍ତରଞ୍ଜନ ଅନିଚ୍ଛା ସତ୍ତ୍ୱେ ଗାନ୍ଧିଜୀଙ୍କ ନେତୃତ୍ୱ ସ୍ୱୀକାର କରିଥିଲେ ପୁଣି, ବଙ୍ଗଳାର ରାଜନୀତିରେ ଶେଷପର୍ଯ୍ୟନ୍ତ ସେ ତାଙ୍କର ସ୍ୱାତନ୍ତ୍ର୍ୟ ବଜାୟ ରଖି ପାରିଥିଲେ । ପରବର୍ତ୍ତୀ କାଳରେ ଗାନ୍ଧୀ ଓ ସୁଭାଷଚନ୍ଦ୍ରଙ୍କ ସଂଘର୍ଷ ସୁବିଦିତ ।

କିନ୍ତୁ ଓଡ଼ିଶା କଂଗ୍ରେସକୁ ଗ୍ରହଣ କରି ପାରିନଥିଲା, ଭିନ୍ନ କାରଣରୁ । ଐତିହାସିକ ତଥ୍ୟ ଦୃଷ୍ଟିରୁ ବିଚାରକଲେ ଦେଖାଯିବ, ୧୮୮୬ ଖ୍ରୀ: ଅ: ଡିସେମ୍ବରରେ କଲିକତାଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ ଦିନ୍ ୧୯୦୨ ଖ୍ରୀ: ଅ: ପର୍ଯ୍ୟନ୍ତ କଂଗ୍ରେସର ବିଭିନ୍ନ ଅଧିବେଶନରେ, କୁଳବୃଦ୍ଧ ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗଦେଇ ଆସୁଥିଲେ ହେଁ ଭାରତୀୟ ଜାତୀୟ କଂଗ୍ରେସ ମଞ୍ଚରୁ ଓଡ଼ିଶାର ବିଶେଷ ସମସ୍ୟାଗୁଡ଼ିକୁ ଉତ୍ଥାପନ କରିବାର ଅବକାଶ ନଥିବାରୁ, ୧୯୦୩ ଖ୍ରୀ: ଅ: ଠାରୁ ମଧୁସୂଦନ କଂଗ୍ରେସ ସହିତ ସମ୍ପର୍କ ଛିନ୍ନ କରି ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଏଥିପାଇଁ ସେ ଜାତୀୟ କଂଗ୍ରେସର ଅନ୍ୟତମ ବିଶିଷ୍ଟ ନେତା, ସାର ସୁରେନ୍ଦ୍ର ନାଥ ବାନାର୍ଜିଙ୍କ ଦ୍ୱାରା ବଙ୍ଗଳା ପ୍ରଭିନ୍‌ସିଆଲ୍-କନଫରେନ୍‌ସରୁ ପାଇଥିଲେ ପ୍ରେରଣା । ବସ୍ତୁତଃ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳ-ସମ୍ମିଳନୀ ହିଁ ଥିଲା, ଓଡ଼ିଶାର ଏକମାତ୍ର ରାଜନୈତିକ ଅନୁଷ୍ଠାନ ।

ଗୋପବନ୍ଧୁଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା, ଏହି ଉତ୍କଳ-ସମ୍ମିଳନୀ ମଣ୍ଡପରେ । ୧୯୦୩।୧୯୦୪ ଖ୍ରୀ: ଅ: ବେଳକୁ ଗୋପବନ୍ଧୁ କଲେଜର ଛାତ୍ର । ୧୯୧୮ ଖ୍ରୀ: ଅ: ବେଳକୁ ସେ ଉତ୍କଳ-ସମ୍ମିଳନୀର ଅବିସମ୍ବାଦିତ ନେତା ଓ କର୍ଣ୍ଣଧାର ରୂପେ ସ୍ୱୀକୃତ ହୋଇଥିଲେହେଁ, ସେତେବେଳେ ସେ ଥିଲେ ଉତ୍କଳ-ସମ୍ମିଳନୀର ସ୍ୱେଚ୍ଛାସେବକ । ମଧୁସୂଦନଙ୍କ ନେତୃତ୍ୱ ଓ ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିଲା ଗୋପବନ୍ଧୁଙ୍କ ରାଜନୈତିକ ଜୀବନ । ଏଥିରେ ଅସ୍ୱାଭାବିକତା କିଛି ନଥିଲା—କାରଣ ମଧୁସୂଦନ ହିଁ ଥିଲେ ଆଧୁନିକ ଓଡ଼ିଶାର ରାଜନୈତିକ ଇତିହାସରେ ପ୍ରଥମ ପିଢ଼ି ବା ଫାଷ୍ଟ ଜେନେରେସନ୍ । ଆପାତ ଦୃଷ୍ଟିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରୀକରଣ, ଓଡ଼ିଶାର ଅର୍ଥନୈତିକ ଉଜ୍ଜୀବନ ଓ ଶୈକ୍ଷିକ ଅଭ୍ୟୁତ୍ଥାନ, ଉତ୍କଳ-ସମ୍ମିଳନୀର ଘୋଷିତ ଲକ୍ଷ୍ୟ ଥିଲେହେଁ, ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଶାରେ ରେନେସାଁର ଯେଉଁ କ୍ଷୀଣ ସୂତ୍ରପାତ ହୋଇଥିଲା, ଉତ୍କଳ-ସମ୍ମିଳନୀ ଥିଲା ତାହାର ଫଳଶ୍ରୁତି । ତତ୍‌କାଳୀନ

ଓଡ଼ିଶା ଅର୍ଥନୈତିକ ଦୃଷ୍ଟିରୁ ଯେପରି ଥିଲା ଲୁଣ୍ଠିତ, ପ୍ରଶାସନିକ ଦୃଷ୍ଟିରୁ ଅବହେଳିତ, ରାଜନୈତିକ ଦୃଷ୍ଟିରୁ ନିର୍ଯ୍ୟାତିତ ଓ ସାଂସ୍କୃତିକ ଦୃଷ୍ଟିରୁ ବିଖଣ୍ଡିତ ; ସେଥିରେ ଉତ୍କଳ-ସମ୍ମିଳନୀର ଆବେଦନ ପ୍ରତି ଓଡ଼ିଆ ପ୍ରାଣରେ ଯେ ଅପ୍ରତିରୋଧ ଥିଲା ; ତାହା ଏଠାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ । ୧୯୨୦ ଖ୍ରୀ: ଅ: ଭାରତର ରାଜନୈତିକ ଇତିହାସରେ ଆଣିଥିଲା ଯୁଗାନ୍ତର । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଅସହଯୋଗ ସିଦ୍ଧାନ୍ତ , ଭାରତୀୟ ରାଜନୀତିରେ ଆଣିଥିଲା ଏକ ଗୁଣାତ୍ମକ ପରିବର୍ତ୍ତନ । ଓଡ଼ିଶାରେ ଗୋପବନ୍ଧୁଙ୍କ କଣ୍ଠରେ ପ୍ରତିଧ୍ୱନିତ ହୋଇଥିଲା ଅସହଯୋଗର ସେହି ମନ୍ତ୍ର ଆହ୍ୱାନ । ୧୯୨୦ ଖ୍ରୀ: ଅ: ରେ ଚକ୍ରଧରପୁରଠାରେ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଉତ୍କଳ-ସମ୍ମିଳନୀର ଯେଉଁ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ସେଥିରେ ଜାତୀୟ କଂଗ୍ରେସର ଲକ୍ଷ୍ୟ ଓ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏହା ପରଠାରୁ ଉତ୍କଳ-ସମ୍ମିଳନୀ ମିଶାଇ ଦେଇଥିଲା ନିଜକୁ ଜାତୀୟ ସଂଗ୍ରାମର ସେହି ମହାସ୍ରୋତରେ । ସ୍ୱରାଜ-ପ୍ରାପ୍ତି ଗୋପବନ୍ଧୁଙ୍କ ରାଜନୈତିକ ସାଧନାର ମର୍ମବାଣୀ ଥିଲେହେଁ ଓଡ଼ିଶାର ଅଭ୍ୟୁତ୍ଥାନ ତାଙ୍କ ରାଜନୈତିକ ଭାବନାର କେନ୍ଦ୍ର ବିନ୍ଦୁ ଥିଲା । ଗୋପବନ୍ଧୁଙ୍କ ସାହିତ୍ୟ-କୃତିମାନଙ୍କରେ ପ୍ରାୟ ସର୍ବତ୍ର ଏହାର ବାଙ୍ମୟ ରୂପ ଦେଖିବାକୁ ମିଳିଥାଏ । "ବନ୍ଦୀର ଆତ୍ମକଥା" ରେ ସ୍ୱରାଜ୍ୟ-ସାଧନାକୁ ଗୋପବନ୍ଧୁ ତାଙ୍କ ଜୀବନର ପରମ ଧ୍ୟେୟ ରୂପେ ଗ୍ରହଣ କରିଥିଲେ ହେଁ ଉତ୍କଳୀୟତା ବା ଉତ୍କଳ-ପ୍ରୀତି ଯେ ତାଙ୍କର ପ୍ରେୟ, ତାହା ଘୋଷଣା କରିବା ପାଇଁ କୁଣ୍ଠିତ ହୋଇ ନାହାନ୍ତି । ଗୋପବନ୍ଧୁ ଲେଖିଛନ୍ତି:—

"ସ୍ୱରାଜ୍ୟ ସାଧନେ ରହୁ ମୋର ଧ୍ୟାନ
ଭାରତ ସ୍ୱରାଜ୍ୟେ ଜଗତ-କଲ୍ୟାଣ ।
ଜଗତ ସରସେ ଭାରତ-କମଳ
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।
ଥିଲେ ଯହିଁ ତହିଁ ଭାରତ-ବକ୍ଷରେ
ମଣିବି ମୁଁ ଅଛି ଆପଣା କକ୍ଷରେ ।

* * *

ଥିଲେ ଯହିଁ ତହିଁ ଭାରତ-ଖଣ୍ଡରେ
ମଣିବି ମୁଁ ଅଛି ନୀଳାଚଳ ତଳେ ।"

ଗୋପବନ୍ଧୁଙ୍କ ଉତ୍କଳ-ପ୍ରୀତି ବା ଉତ୍କଳୀୟତାର ଏକ ସ୍ପଷ୍ଟ ରାଜନୈତିକ ଯଥାର୍ଥତା ଥିଲେ ହେଁ, ଏହା ଉତ୍କଳୀୟ ରେନେସାଁ ବା ନବଜାଗରଣ ଦ୍ୱାରା ଅନୁପ୍ରେରିତ ହୋଇଥିଲା । ବସ୍ତୁତଃ ସତ୍ୟବାଦୀ ଗୋଷ୍ଠୀର କବି ଓ ଲେଖକମାନେ ଏଇଥିରୁ ପ୍ରେରଣା ଆହରଣ କରି, ରେନେସାଁର କ୍ଷୀଣ ଧାରାକୁ ପରିପୁଷ୍ଟ କରିଥିଲେ । ଓଡ଼ିଆ ସାହିତ୍ୟକୁ ତାହାହିଁ ଥିଲା, ସତ୍ୟବାଦୀ ଗୋଷ୍ଠୀର ଉଲ୍ଲେଖନୀୟ ଅବଦାନ । ଗୋଦାବରୀଶ ଲେଖିଥିଲେ 'ମୁକୁନ୍ଦଦେବ' ଓ 'ପୁରୁଷୋତ୍ତମ ଦେବ' ନାଟକ, କୃପାସିନ୍ଧୁ ଲେଖିଥିଲେ 'କୋଣାର୍କ' ଓ 'ବାରବାଟୀ' ଓ ନୀଳକଣ୍ଠ ଲେଖିଥିଲେ ମହାକାବ୍ୟ 'କୋଣାର୍କ' । ଗୋପବନ୍ଧୁଙ୍କ କ୍ଷୁଦ୍ରକାବ୍ୟ 'ଧର୍ମପଦ'ରେ ଏହି ଧାରା ମଧ୍ୟ ସୁସ୍ପଷ୍ଟ । 'ଧର୍ମପଦ'ର ଭୂମିକାରେ ଗୋପବନ୍ଧୁ ଲେଖିଛନ୍ତି—

"ଦେଶ ଓ ଦଶ ନିମନ୍ତେ ଆତ୍ମୋତ୍ସର୍ଗରେ କି ସୁଖ ଓ ଗୌରବ ଅଛି, ଉତ୍କଳର ଚିରକଥିତ ଏହି କିମ୍ବଦନ୍ତୀରେ ତାହା ସୁସ୍ପଷ୍ଟ ବିବୃତ ହୋଇଅଛି । ଯଦ୍ଦ୍ୱାରା ସର୍ବାଧିକ ଲୋକଙ୍କର ସର୍ବାଧିକ ପରିମାଣରେ ହିତ ହୁଏ, ତାହାହିଁ ମାନବର କର୍ତ୍ତବ୍ୟ । ନୀତିଶାସ୍ତ୍ରର ଏହି ତତ୍ତ୍ୱ ପ୍ରକାଶ କରିବାର ପ୍ରୟୋଜନ ସକେ "ବାରଶହ ବଢ଼େଇରେ ଦାୟ କି ପୁଅରେ ଦାୟ"—ଏକଥା ଓଡ଼ିଶାର ଜନସାଧାରଣ ବ୍ୟବହାର କରିଥାନ୍ତି । ମାତ୍ର ଏତେ ସୁନ୍ଦର କିମ୍ବଦନ୍ତୀର ଆଖ୍ୟାନ ଉତ୍କଳ ସାହିତ୍ୟରେ କୌଣସିଠାରେ ଏ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇନାହିଁ ।"

ଶୈଳୀ ଓ ଆଙ୍ଗିକ ଦୃଷ୍ଟିରୁ ସତ୍ୟବାଦୀ ଗୋଷ୍ଠୀର କବିମାନେ ଯେ କବିବର ରାଧାନାଥଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ମାତ୍ର ରାଧାନାଥଙ୍କ କାବ୍ୟକୃତିମାନଙ୍କରେ ଉତ୍କଳୀୟ ପରଂପରାର ପରିପୁଷ୍ଟି ପରିବର୍ତ୍ତେ ସ୍ଥଳବିଶେଷରେ ତାହାର ବିକୃତି, ସତ୍ୟବାଦୀ ଗୋଷ୍ଠୀକୁ ରାଧାନାଥଙ୍କ ପ୍ରତି ବିମୁଖ କରିଥିଲା । ଏକ ଭାଗ୍ୟ-ବିଡ଼ମ୍ବିତ ସ୍ଥିତିରେ, ଓଡ଼ିଶା ତା'ର ଅତୀତ ଇତିହାସରୁ ପ୍ରେରଣା ଆହରଣ କରି, ଜାତୀୟ ସଂଗ୍ରାମ ଭୂମିରେ ଅବତରଣ କରିବା ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶର ଗୋଟିଏ ସ୍ପଷ୍ଟ ଅଭିମୁଖ୍ୟ ଥିଲା । ଗୋପବନ୍ଧୁଙ୍କ ଉତ୍କଳୀୟତା, ମହାଭାରତୀୟତାର ଯେପରି ପରିପନ୍ଥୀ ନ ଥିଲା, ମହାଭାରତୀୟ ଜାତୀୟତା ସେହିପରି ଓଡ଼ିଶାର ବିଶେଷ ସ୍ୱାର୍ଥ ଓ ସମସ୍ୟାର ପ୍ରତିକୂଳାଚରଣ କରୁନଥିଲା । ପରବର୍ତ୍ତୀ କାଳରେ ମହାଭାରତୀୟତା ଦୁହାଇରେ ଓଡ଼ିଶାର ବହୁ ଜୀବନ-ମରଣ ସମସ୍ୟା ଓଡ଼ିଶାର ନେତୃବୃନ୍ଦଙ୍କ ଦ୍ୱାରା ଉପେକ୍ଷିତ ହୋଇଅଛି ଓ ଏବେ ମଧ୍ୟ ହେଉଅଛି । କିନ୍ତୁ ଓଡ଼ିଶାକୁ ବାଦଦେଇ ଯେପରି ମହାଭାରତର ପରିକଳ୍ପନା ଅସମ୍ଭବ ଭାରତକୁ ବାଦଦେଇ ଓଡ଼ିଶାର ସ୍ୱାର୍ଥ ଓ ସମସ୍ୟା ମଧ୍ୟରେ ନିଜକୁ ନିମଜ୍ଜିତ ରଖିବା, ସେହିପରି ଏକ ପ୍ରାଦେଶିକ ସଂକୀର୍ଣ୍ଣତା ମାତ୍ର ! ଗୋପବନ୍ଧୁଙ୍କ ରାଜନୈତିକ ଭାବନାରେ ଏଇ ଦୁଇ ଆପାତ ବିରୋଧୀ ସ୍ଥିତିର ଏକ ସଙ୍ଗତ ସମନ୍ୱୟ ସ୍ଥାପିତ ହୋଇ ପାରିଥିଲା । ସହଜ ଲୋକପ୍ରିୟତା ବା ମହାଭାରତୀୟ ନେତୃବୃନ୍ଦଙ୍କ ସୁଲଭ ପୃଷ୍ଠପୋଷକତା ପାଇଁ ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶର ଏହି ଦିଗଟିକୁ ବିସ୍ମୃତ ହେବା ଉଚିତ ହେବନାହିଁ ।

ଗୋପବନ୍ଧୁଙ୍କ ପ୍ରୟାଣ ଦିନୁ ଅର୍ଦ୍ଧଶତାବ୍ଦୀ ଅତିବାହିତ ହୋଇଅଛି । ଭାରତୀୟ ରାଜ୍ୟ ପୁଞ୍ଜି ବା ୟୁନିୟନରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ଓ ସ୍ୱୀକୃତି ଲାଭ କରିଅଛି । ଭାରତର ସ୍ୱାଧୀନତା ପ୍ରାପ୍ତିପରେ, ଇତିମଧ୍ୟରେ ପାଞ୍ଚଗୋଟି ପଞ୍ଚବାର୍ଷିକ ଯୋଜନା ରୂପାୟିତ ହୋଇଛି । ତଥାପି ଆଜିସୁଦ୍ଧା ଓଡ଼ିଶା ଭାରତରେ ଦରିଦ୍ରତମ ରାଜ୍ୟ ବୋଲି ଘୋଷଣା କରିବା ପାଇଁ ଆମମାନଙ୍କର ରାଷ୍ଟ୍ରନାୟକମାନେ ତିଳାର୍ଦ୍ଧେ ପରିମାଣରେ ଲଜ୍ଜିତ ବା କୁଣ୍ଠିତ ହୁଅନ୍ତି ନାହିଁ । ବସ୍ତୁତଃ ଓଡ଼ିଶାକୁ ଶୋଷଣ, ପୀଡ଼ନ ଓ ଦାରିଦ୍ର୍ୟର କାରାଗାରରୁ ଉଦ୍ଧାରକରି ଓଡ଼ିଶାର ଅଭ୍ୟୁତ୍ଥାନ ଘୋଷଣା କରିବା, ଗୋପବନ୍ଧୁଙ୍କ ରାଜନୈତିକ ଭାବନାର ଅନ୍ୟ ଏକ ଦିଗ ଥିଲା । "ବନ୍ଦୀର ଆତ୍ମକଥା" ରେ ଗୋପବନ୍ଧୁଙ୍କର ଏହି ଭାବନା ଅତି ମର୍ମସ୍ପର୍ଶୀ ଭାବରେ ପ୍ରକାଶ ପାଇଛି :

ପଢ଼େମନେ ମୋର ଯେବେ ସିନ୍ଧୁକୂଳେ
ନୀଳାଚଳେ ଗାନ୍ଧୀ ଥିଲେ ପଦ୍ମାକୂଳେ
ଦେଖି ଉତ୍କଳର ଦୁର୍ଭିକ୍ଷ ଆଗାସ
ପାଇଥିଲେ ହୃଦେ ଗୁରୁତର ତ୍ରାସ ।
କେତେ ନରନାରୀ ବୃଦ୍ଧ ଯୁବା ବାଳ
(ଅନାହାରେ ଯେହୁ କେବଳ କଙ୍କାଳ)
ଦେଖିଣ ମହାତ୍ମା କାତର ଅନ୍ତରେ
କହିଥିଲେ ମତେ ଦୁଃଖ ଏକାନ୍ତରେ—
ଦେଖି ଏ ଦାରୁଣ ଦୃଶ୍ୟ ହୁଏମନ
ଅନଶନେ ଆଜି ତେଜନ୍ତି ଜୀବନ ।
ବଞ୍ଚିବାରୁ ବଳି ଦେଖି ଏ ଲକ୍ଷଣ
ଶତଗୁଣେ ଶ୍ରେୟ ମଣେ ମୁଁ ମରଣ ।
ମାତ୍ର ମୋ ପରାଣେ ରହିଛି ଭରସା
ଅଚିରେ ଦେଶର ଘୁଞ୍ଚିବ ଏ ଦଶା ।

× × ×

ମେଣ୍ଟିବ ଦୁର୍ଗତି ଦୁଃଖ ଯିବ କ୍ଷୟ
ଆସିବ ସୁଦିନ ହେବ ସୁଖୋଦୟ ।

ଆଜି ଗାନ୍ଧୀ ଗୋପବନ୍ଧୁ ନାହାନ୍ତି । ମାତ୍ର ଦାରିଦ୍ର୍ୟର ସେ ଅଭିଶାପ, ସ୍ୱାଧୀନ ଭାରତରେ ଆଜିସୁଦ୍ଧା ଓଡ଼ିଶାର ଲଲାଟ ଲିଖନ ହୋଇ ରହିଅଛି । ଦାରିଦ୍ର୍ୟ ଘୁଞ୍ଚାଇବା ପାଇଁ ଓଡ଼ିଶାକୁ ଅନ୍ୟ ସମୃଦ୍ଧିଶାଳୀ ରାଜ୍ୟ ଏପରିକି ମହାନଗରୀମାନଙ୍କ ସମକକ୍ଷ କରିବା ପାଇଁ ଅତୀତରେ ବହୁ ସ୍ଲୋଗାନ ଶୁଣାଯାଇଅଛି ଓ ଏବେ ମଧ୍ୟ ଶୁଣାଯାଉଅଛି । ଓଡ଼ିଶାରେ ଶିଳ୍ପାୟନ ନାମରେ କିଛି କିଛି ଉଦ୍ୟମ ଅବଶ୍ୟ ହୋଇଛି । ମାତ୍ର ଏହାର ଅନାସକ୍ତ ମୂଲ୍ୟାଙ୍କନ କଲେ ଦେଖାଯିବ, ଓଡ଼ିଶା ବାହାରର ଉଦ୍ୟୋଗୀ ଓ ଶିଳ୍ପପତିମାନେ ଏଥିରୁ ବହୁ ଫାଇଦା ଉଠାଇଥିଲେ ହେଁ, ଓଡ଼ିଶା ରହିଯାଇଛି ଯେଉଁ ତିମିରକୁ

ଘୋର ତିମିର । ଗୋପବନ୍ଧୁଙ୍କ ପୁଣ୍ୟ ଶତବାର୍ଷିକୀରେ ଓଡ଼ିଶାର ଯୁବ ସମାଜ, ପରିସ୍ଥିତିର ଏ ଆହ୍ୱାନର ମୁକାବିଲା କରିବା ଉଚିତ । ତା'ନହେଲେ ଗୋପବନ୍ଧୁ ଶତବାର୍ଷିକୀର ଏ ବିପୁଳ ଆୟୋଜନ କେବଳ ଗୋଟାଏ ଉତ୍ସବ ମାତ୍ର ହୋଇ ରହିଯିବ ।

ପ୍ରଚଳିତ ଅର୍ଥରେ ଗୋପବନ୍ଧୁ ବାମପନ୍ଥୀ ନ ଥିଲେ । ୧୯୩୪ ଖ୍ରୀ: ଅ: ରେ କଂଗ୍ରେସ-ସୋସିଆଲିଷ୍ଟ-ପାର୍ଟି ସ୍ଥାପିତ ନ ହେବା ପର୍ଯ୍ୟନ୍ତ କଂଗ୍ରେସରେ ସାମ୍ୟବାଦୀ ଭାବନାର ଉଦ୍ରେକ ହୋଇ ନ ଥିଲା । କିନ୍ତୁ ଗୋପବନ୍ଧୁଙ୍କ ବିଭିନ୍ନ ରଚନାରେ ଶୋଷିତ ଓ ଲୁଣ୍ଠିତର ପରିତ୍ରାଣ ପାଇଁ ଆବେଗପୂର୍ଣ୍ଣ ଉଦ୍‌ବୋଧନ ପରିଲକ୍ଷିତ ହୋଇଥାଏ ।

ପ୍ରସଙ୍ଗତଃ ଏଠାରେ ଉଲ୍ଲେଖ କରାଯାଇ ପାରେ ମହାତ୍ମା ଗାନ୍ଧୀ ସ୍ୱରାଜ୍ୟ-ସିଦ୍ଧିକୁ ଏକମାତ୍ର ଧ୍ୟେୟ ରୂପେ ଗ୍ରହଣ କରିଥିବାରୁ, ଏକ ସମୟରେ ଦେଶରୁ ସାମନ୍ତବାଦୀ ରାଜୁଡ଼ାତନ୍ତ୍ର ଓ ଜମିଦାରୀ ବିଲୋପ ସପକ୍ଷରେ ନ ଥିଲେ । କଂଗ୍ରେସ-ସାମ୍ୟବାଦୀ ଦଳର ଅନ୍ୟତମ ପ୍ରତିଷ୍ଠାତା ଏମ୍. ଆର. ମାସାନୀ ଷ୍ଟେଟସମ୍ୟାନ ପତ୍ରିକାରେ ପ୍ରକାଶିତ ନିଜ ସ୍ମୃତି କଥାରେ ଗାନ୍ଧିଜୀଙ୍କ ସହିତ ତାଙ୍କ ପତ୍ରାଳାପରୁ ଭିତ୍ତିକରି ଏହା ଲେଖିଛନ୍ତି । ଏଥିରୁ ଅବଶ୍ୟ କେହି ବୁଝିବା ଉଚିତ୍ ନୁହେଁ ଯେ, ଗାନ୍ଧିଜୀ କାୟେମୀ ନ୍ୟସ୍ତସ୍ୱାର୍ଥର ପୃଷ୍ଠପୋଷକ ଥିଲେ । ବସ୍ତୁତଃ ଐତିହାସିକ ତଥ୍ୟ ଦୃଷ୍ଟିରୁ ବିଚାର କଲେ ଦେଖାଯିବ ଚମ୍ପାରଣ ନୀଳଚାଷୀ ଆନ୍ଦୋଳନ ମଧ୍ୟରେ ହିଁ ଭାରତରେ ସାମନ୍ତବାଦୀ ଶୋଷଣ ବିରୁଦ୍ଧରେ କୃଷକ ଆନ୍ଦୋଳନର ମୂଳଭିତ୍ତି ସ୍ଥାପିତ ହୋଇଥିଲା । କିନ୍ତୁ କେତେକ ବିଶେଷ ପରିସ୍ଥିତିରେ ବ୍ରିଟିଶ ରାଜଶକ୍ତି ବିରୁଦ୍ଧରେ ରାଜା-ଜମିଦାର ଜମିଦାରଠାରୁ ଆରମ୍ଭକରି କୃଷକ ଶ୍ରମିକଙ୍କୁ ଐକ୍ୟବଦ୍ଧ କରିବା ଅଭିପ୍ରାୟରେ ଗାନ୍ଧିଜୀ ରାଜୁଡ଼ାତନ୍ତ୍ର ଓ ଜମିଦାରୀ ବିଲୋପ ଅପେକ୍ଷା, ସ୍ୱାଧୀନତା ସିଦ୍ଧିକୁ ଅଗ୍ରପ୍ରାଧାନ୍ୟ ଦେଉଥିଲେ । ୧୯୩୪ ମସିହା ମେ ୨୯ ତାରିଖରେ ମାସାନୀଙ୍କୁ ଲିଖିତ ଉପରୋକ୍ତ ପତ୍ରରେ ଗାନ୍ଧିଜୀ ଲେଖିଥିଲେ " on principle too, I am not for the abolition of the princes; but I believe in its reformation and modification in consonance with the true spirit of democracy". ଜମିଦାରୀ ଉଚ୍ଛେଦ ସଂପର୍କରେ, ମାସାନୀଙ୍କ ଉକ୍ତି ଅନୁସାରେ, ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ମଧ୍ୟ ଥିଲା ଏହିପରି । କିନ୍ତୁ [ମହାତ୍ମାଗାନ୍ଧୀଙ୍କ ସର୍ବମୟ ନେତୃତ୍ୱ ଓ ପ୍ରତିଷ୍ଠା କାଳରେ ସୁଦ୍ଧା ଗୋପବନ୍ଧୁ କନିକାପ୍ରଜା ଆନ୍ଦୋଳନରେ ଭାଗ ନେବାପାଇଁ ତିଳେମାତ୍ର ଦ୍ୱିଧା ଅନୁଭବ କରି ନ ଥିଲେ । ବସ୍ତୁତଃ ଗୋପବନ୍ଧୁ ନେଇଥିଲେ ଏହାର ନେତୃତ୍ୱ । ଏଥିପାଇଁ ତାଙ୍କୁ ମଧ୍ୟ କାରାବରଣ କରିବାକୁ ପଡ଼ିଥିଲା "ବନ୍ଦୀର ଆତ୍ମକଥାରେ କନିକାର ଉତ୍ପୀଡ଼ିତ ପ୍ରଜା ପୁଞ୍ଜଙ୍କ ପାଇଁ ଗୋପବନ୍ଧୁଙ୍କ ସମ୍ବେଦନ ମର୍ମସ୍ପର୍ଶୀ ଭାବେ ପ୍ରକାଶ ପାଇଛି ।

ଦୁଃଖିନୀ କନିକା କରୁଣ ଚୁହାଟ
ଲାଗେ ଯେହ୍ନେ ଭେଦି ବିର ବନପାଟ ।
ସାନନ୍ଦୀ ସଲିଳେ ପ୍ରତିଧ୍ୱନି ମନେ
ଚୁଳିଶ ନିନାଦ ବାଜଇ ମୋ କାନେ ।

× × ×

ତ୍ରାସିତ କନିକା ପ୍ରଜା ପ୍ରତି ସଦା
ରହିଥିବା ଭାଇ ସୋଦର-ଶରଧା ।

ତତ୍‌କାଳୀନ ପୃଷ୍ଠଭୂମିରେ ଯେ ପ୍ରଜା-ଆନ୍ଦୋଳନର ପରିଚାଳନା ଓ ନେତୃତ୍ୱ ଏକ ବୈପ୍ଳବିକ ପଦକ୍ଷେପ ଥିଲା ଏହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ସେହିପରି 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଥରେ ମହାତ୍ମା ଗାନ୍ଧୀ ମହୀଶୂର ମହାରାଜାଙ୍କୁ ପ୍ରଶଂସାକରି କେତେକ କଥା ଲେଖିଥିଲେ । ସେତେବେଳେ ମହୀଶୂର ବ୍ରିଟିଶ-ଶାସିତ ଭାରତ ଅପେକ୍ଷା ଅଧିକ ପ୍ରଗତିଶୀଳ ଥିଲା ଓ ମହୀଶୂର ମହାରାଜାଙ୍କର, ଭାରତୀୟ ଜାତୀୟ ଆନ୍ଦୋଳନ ପ୍ରତି ସମର୍ଥନ ରହିଥିଲା । ଏଥିପାଇଁ ଗୋପବନ୍ଧୁ ମହାତ୍ମାଙ୍କ ପ୍ରତି ସର୍ବସାଧାରଣରେ କଠୋର ଆକ୍ଷେପ ପ୍ରକାଶ କରିବା ପାଇଁ କୁଣ୍ଠିତ ହୋଇ ନ ଥିଲେ । ପଣ୍ଡିତ ନୀଳକଣ୍ଠ ନିଜ ଆତ୍ମ ଚରିତରେ ଲେଖିଛନ୍ତି....ଆରେ ଯାଃ, ଯେଉଁ ଗାନ୍ଧୀ 'ୟଙ୍ଗ ଇଣ୍ଡିଆ' କାଗଜରେ ମହୀଶର ରାଜାକୁ ପ୍ରଶଂସା କରି ସାର୍ଟିଫିକେଟ ଦିଏ, ସେ ଗାନ୍ଧୀ ସତ୍ୟବାଦୀ ଆସେନାହିଁ ।

କମ୍ୟୁନିଜମର ଇତିମଧ୍ୟରେ ଅବଶ୍ୟ ତାତ୍ତ୍ୱିକ ଓ ବ୍ୟାବହାରିକ ଦୃଷ୍ଟିରୁ ବହୁ ରୂପାନ୍ତର ଘଟିଅଛି । କିନ୍ତୁ ଚଳିତ ଶତାବ୍ଦୀର ତୃତୀୟ ଦଶକରେ କମ୍ୟୁନିଜମ୍‌ର ଆହ୍ୱାନ ଓ ଉଦ୍‌ଘୋଷଣ ପୃଥିବୀର ବହୁ ଚିନ୍ତାନାୟକଙ୍କ ରାଜନୈତିକ ଚେତନାକୁ ଗଭୀର ଭାବରେ ଆନ୍ଦୋଳିତ କରିଥିଲା । ଓଡ଼ିଶାର 'ଜନସମାଜରେ, ଗୋପବନ୍ଧୁଙ୍କ ଲେଖନୀରେ ସମ୍ଭବତଃ ସର୍ବ ପ୍ରଥମଥର ପାଇଁ ପ୍ରଚାରିତ ହୋଇଥିଲା, ସର୍ବହରାର ମୁକ୍ତି ସଂଗ୍ରାମର ସେଇବାଣୀ । ସାପ୍ତାହିକ 'ସମାଜ'ର ଏକ ଅଗ୍ରଲେଖାରେ ଗୋପବନ୍ଧୁ ଏହି ଚିନ୍ତାଧାରାକୁ ଲକ୍ଷକରି ଲେଖିଥିଲେ...... "* * ଭୋଗିବା ଲୋକଙ୍କ ଦେହରେ ଧୂଳି ପଡୁନାହିଁ, ତାଙ୍କ ପାଦ ତଳେ ଲାଗୁନାହିଁ । ଷଡ଼ରସ, ଦିବ୍ୟ ରଂଜନ ତାଙ୍କୁ ରୁଚୁନାହିଁ । ସେ କୋଟିପତି, ସେ ଲକ୍ଷପତି, ସେ ରାଜା, ସେ ଜମିଦାର । ମାତ୍ର ଯେ ବିଲରେ ହଳ କରୁଛି, ସେ ମୂଲିଆ, ସେ ପ୍ରଜା, ନିମ୍ନଶ୍ରେଣୀର ଲୋକଙ୍କ ମଧ୍ୟରେ ଅବସ୍ଥାର ଏହି ବିଷମ ବିଭେଦ ଘୁଞ୍ଚାଇ ସମସ୍ତଙ୍କୁ ସୁଖଶାନ୍ତି ଅଧିକାର ଦେବା, କମ୍ୟୁନିଷ୍ଟ ବା କୋଠବାଦୀମାନଙ୍କର ଯେବେ ନୀତି ହୁଏ, ତାହା ଘଟିବାକୁ ନିଶ୍ଚୟ ଭଲ ଲାଗିବ । ପ୍ରଜା ଓ ମଜୁରିଆମାନେ ଏକଥା ଶୁଣି ମୁଣ୍ଡିଆ ମାରିବେ । ମାତ୍ର ଯେଉଁମାନେ ଦେଶର ସଂପଦ ଧରି ବସିଛନ୍ତି, ସବୁ ଅଧିକାରକୁ ନିଜ ହାତରେ ରଖିଛନ୍ତି, ତଥାପି ଯେଉଁମାନଙ୍କର ତୃଷ୍ଣା ମେଣ୍ଟୁନାହିଁ, ସନ୍ନିପାତ ରୋଗୀପରି ଅଧିକ ପାଇବାକୁ ତୃଷ୍ଣା ଦିନକୁ ଦିନ ବଢୁଛି, ସେମାନେ ଏ କୋଠବାଦୀ ନୀତିରେ ଆପଣା ପ୍ରମାଦ ଯେ ଗଣିବେ, ଏଥିରେ ବିଚିତ୍ର କଣ ?

ଗୋପବନ୍ଧୁଙ୍କ ରାଜନୈତିକ ଭାବାଦର୍ଶର ଏହା ଏକ ସ୍ୱଳ୍ପ ଆଲୋଚନା ମାତ୍ର । ଆଜିସୁଦ୍ଧା ତାହା ପ୍ରାସଙ୍ଗିକତା ବା ରେଲିଭାନ୍‌ସ ହରାଇ ନାହିଁ, ବରଂ ଆଜିର ପରିସ୍ଥିତି ଓ ପୃଷ୍ଠଭୂମିରେ ଅଧିକତର ପ୍ରାସଙ୍ଗିକ ହୋଇଅଛି, ଏହା ଉଲ୍ଲେଖ କରିବା ଦ୍ୱିରୁକ୍ତି ମାତ୍ର ।

ଶିକ୍ଷା ସଂବନ୍ଧରେ ମଧ୍ୟ ଗୋପବନ୍ଧୁଙ୍କ ଚିନ୍ତା ଯେପରି ଥିଲା ମୌଳିକ, ସେହିପରି ବୈପ୍ଳବିକ । ସତ୍ୟବାଦୀ ଜାତୀୟ-ବିଦ୍ୟାଳୟ ଥିଲା ଏହାର ପରିଣତି । ବିଗତ ବ୍ରିଟିଶ ଶାସନ କାଳରେ ମାକଲେ ଭାରତରେ ଶିକ୍ଷା ନୀତିର ଯେଉଁ ଭିତ୍ତିସ୍ଥାପନ କରିଥିଲେ, ତାହାର ସାରତତ୍ତ୍ୱ ଥିଲା ଶିକ୍ଷା ପଦ୍ଧତି ଏପରି ଏକ ଶିକ୍ଷିତ ଗୋଷ୍ଠୀ ସୃଷ୍ଟି କରିବ ଯେଉଁମାନେ ଚମଡ଼ା ରଙ୍ଗରେ ହେବେ ଭାରତୀୟ, ମାତ୍ର ମନପ୍ରାଣରେ ଏ ହେବେ ବ୍ରିଟିଶ ଶାସନ ଓ ତାହାର ମୂଲ୍ୟବୋଧ ପ୍ରତି ବଶମ୍ବଦ । ଭାରତର ସ୍ୱାଧୀନତା ପ୍ରାପ୍ତି ଦିନୁ ଇତି ମଧ୍ୟରେ ଦୀର୍ଘ ତିରିଶ ବର୍ଷ ଅତିବାହିତ ହୋଇଥିଲେ ସୁଦ୍ଧା ସେହି ମାକଲେ ପ୍ରବର୍ତ୍ତିତ ଭାରତୀୟ ଶିକ୍ଷା ନୀତିରେ କୌଣସି ମୌଳିକ ବା ଗୁଣାତ୍ମକ ପରିବର୍ତ୍ତନ ଘଟିନାହିଁ । ଏଠାରେ ସ୍ମରଣ କରାଯାଇ ପାରେ ସତ୍ୟବାଦୀ ବନବିଦ୍ୟାଳୟକୁ ତତ୍‌କାଳୀନ ସରକାର ଆର୍ଥିକ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଥିଲେ, ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । କିନ୍ତୁ ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପରେ, ବନ-ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବା ହେତୁ, ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ଗ୍ରହଣ କରିବା ପାଇଁ ନାସ୍ତି କରି ଦେଇଥିଲେ । ସାମାନ୍ୟ ଇଂରାଜୀ ଶିକ୍ଷାଦେଇ ଏକ ଶିକ୍ଷିତ ସଂପ୍ରଦାୟ ସୃଷ୍ଟି କରିବା ପରିବର୍ତ୍ତେ, ଦେଶର କଲ୍ୟାଣବ୍ରତୀ, ପ୍ରଗତିକାମୀ, ଯୁବଗୋଷ୍ଠୀ ସୃଷ୍ଟିକରିବା ତାଙ୍କ ଦୃଷ୍ଟିରେ ଥିଲା ଶିକ୍ଷାର ଲକ୍ଷ୍ୟ । ଗୋପବନ୍ଧୁଙ୍କ ଭାଷାରେ........

"I realise that our goal is not to receive aids from the Government or to increase

our powers or to turn out a few students annually with a little of western education rather our aim is to develop education, desire for service and progress of the land. The Satyabadi School is by way, a partial fulfilment of these aims."

ବ୍ୟବସ୍ଥାପକ ବା ବୈଧାନିକ ଭାବରେ ତାଙ୍କର କାର୍ଯ୍ୟକାଳ ଥିଲା ଅତି ସଂକ୍ଷିପ୍ତ । ୧୯୧୭ ଖ୍ରୀ: ଅ: ରୁ ୧୯୨୧ ଖ୍ରୀ: ଅ: ପର୍ଯ୍ୟନ୍ତ ସେ ବିହାର-ଓଡ଼ିଶା ବିଧାନ ସଭାର ସଭ୍ୟ ରହିଥିଲେ । ଏହି ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ ତାଙ୍କ କର୍ମସୂଚୀରେ ଗୁରିଗୋଟି ବିଷୟ ମୁଖ୍ୟତଃ ଅଗ୍ରାଧିକାର ଲାଭକରିଥିଲା– ଯଥା :–

(କ) ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରୀକରଣ । '

(ଖ) ଓଡ଼ିଶାକୁ ବନ୍ୟା ଓ ଦୁର୍ଭିକ୍ଷ ହାତରୁ ରକ୍ଷା କରିବା ପାଇଁ ସ୍ଥାୟୀ ବ୍ୟବସ୍ଥା ।

(ଗ) ଓଡ଼ିଶାରେ ଲୁଣ ମାରିବା ପାଇଁ ପ୍ରଜାମାନଙ୍କର ଅବାଧ ଅଧିକାର ଓ

(ଘ) ସତ୍ୟବାଦୀ ଢ଼ାଞ୍ଚାରେ ଓଡ଼ିଶାରେ ଶିକ୍ଷାର ପ୍ରସାର ।

ଅତୀତ ପ୍ରତି ସିଂହାବଲୋକନ କଲେ ଦେଖାଯିବ, ଗୋପବନ୍ଧୁଙ୍କ ଜୀବଦଶାରେ ଓଡ଼ିଶାର ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ସମସ୍ୟା ଯାହା ଥିଲା, ଆଜିବି ତାହା ବହୁଳାଂଶରେ ଅପରିବର୍ତ୍ତିତ ରହିଅଛି । ଗୋପବନ୍ଧୁଙ୍କ ତିରୋଧାନ ପରେ ଅର୍ଦ୍ଧଶତାବ୍ଦୀ କାଳ ଅତିବାହିତ ହୋଇ ଥିଲେ ହେଁ, ତାଙ୍କର ସାଧନାର ଲକ୍ଷ୍ୟ ତଥାପି ଅପୂର୍ଣ୍ଣ ରହିଛି । ଆଜି ଗୋପବନ୍ଧୁଙ୍କ ଜନ୍ମ ତିଥିର ଏହି ପୁଣ୍ୟଦିବସରେ ଓଡ଼ିଶାବାସୀଙ୍କ ଉଦ୍‌ବୁଦ୍ଧ ଚେତନାରେ ଗୋପବନ୍ଧୁଙ୍କ ସାଧନାର ମର୍ମବାଣୀ ଯଦି ସହିତ, ପ୍ରତିଧ୍ୱନିତ ହୋଇପାରେ–ତାହେଲେ ଶତବାର୍ଷିକୀ ପାଳନର ଏହି ଉତ୍ସବ ଆୟୋଜନ ବ୍ୟର୍ଥ ହେବ ନାହିଁ ।

ଶିବାନୀ, କଟକ

(କଟକଠାରେ ଅନୁଷ୍ଠିତ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ୯ । ୧୦ । ୧୯୭୭)

## କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ଅଧିକ କେନ୍ଦ୍ରୀୟ ସାହାଯ୍ୟ ଆବଶ୍ୟକ ଦିଲ୍ଲୀଠାରେ ରାଜ୍ୟ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଶ୍ରୀ ବକ୍‌ସିପାତ୍ରଙ୍କ ଦାବୀ ।

ଷଷ୍ଠ ଯୋଜନା ସମୟ ମଧ୍ୟରେ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାକୁ ଅଧିକ ପରିମାଣର କେନ୍ଦ୍ରୀୟ ସାହାଯ୍ୟ ଦିଆଯିବା ଆବଶ୍ୟକ ବୋଲି ଦିଲ୍ଲୀଠାରେ ଅନୁଷ୍ଠିତ କ୍ଷୁଦ୍ର ଜଳସେଚନ ଯୋଜନା ସଂପର୍କୀୟ ସର୍ବଭାରତୀୟ ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍‌ସିପାତ୍ର ଦୃଢ଼ ମତ ପୋଷଣ କରିଛନ୍ତି ।

ଶ୍ରୀ ବକ୍‌ସିପାତ୍ର କହିଛନ୍ତି ଯେ ଓଡ଼ିଶାରେ ଷଷ୍ଠ ଯୋଜନା ସମୟ ମଧ୍ୟରେ ୯୦ ରୁ ୧୦୦ କୋଟି ଟଙ୍କା ବ୍ୟୟରେ କ୍ଷୁଦ୍ର ଜଳସେଚନ ଯୋଜନାମାନ କାର୍ଯ୍ୟକାରୀ କରାଯାଇ ଅଧିକ ଏକ ଲକ୍ଷ ହେକ୍‌ଟର ଜମିକୁ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ସତ୍ତ୍ୱେ ଓଡ଼ିଶାର ୧୩ଟି ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲାରେ ମୋଟ ଚାଷଜମିର ଶତକଡ଼ା ୩ଭାଗ ମାତ୍ର ଜଳସେଚନର ସୁବିଧା ପାଇବ । କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳସେଚନ ଯୋଜନାଗୁଡ଼ିକ କରିଆରେ ଏପର୍ଯ୍ୟନ୍ତ ମାତ୍ର ଶତକଡ଼ା ୧୫ରୁ ୧୭ ଭାଗ ଚାଷ ଜମିକୁ ଜଳସେଚନର ସୁବିଧା ମିଳିଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଳସେଚନର ପ୍ରସାର ପ୍ରତି ବିଶେଷ ଦୃଷ୍ଟି ଦିଆ ନଯାଇଥିବାରୁ ଆଞ୍ଚଳିକ ବୈଷମ୍ୟ ବୃଦ୍ଧି ପାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯେ କି ଆଦିବାସୀ ଉପ-ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଅଛନ୍ତି, ମତ ପ୍ରକାଶ କରିଛନ୍ତି ଯେ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଏଭଳି ବୈଷମ୍ୟ ଦୂର କରାଯିବା ଆବଶ୍ୟକ । ମାତ୍ର ରାଜ୍ୟ ସରକାରଙ୍କର ସମ୍ବଳର ସ୍ୱଳ୍ପତା ଦୃଷ୍ଟିରୁ କେନ୍ଦ୍ର ସରକାର କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ଅଧିକ ଅର୍ଥ ବରାଦ ନକଲେ ଆଦୀବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଳସେଚନର ପ୍ରସାର ସମ୍ଭବ ହେବନାହିଁ ।

ଆଦିବାସୀ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ଯୋଜନାର ସମ୍ଭାବନା ସଂପର୍କରେ ସର୍ଭେ କାର୍ଯ୍ୟ ୩ ବର୍ଷ ମଧ୍ୟରେ ସଂପୂର୍ଣ୍ଣ କରିବାକୁ "କାର୍ଯ୍ୟକାରୀ ଦଳ" ମତ ଦେଇଛନ୍ତି । ଏହା କାର୍ଯ୍ୟକାରୀ କରିବାକୁ ହେଲେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅଧିକ ଆର୍ଥିକ ସାହାଯ୍ୟ ଦେବା ଆବଶ୍ୟକ ।

ଶ୍ରୀ ବକ୍‌ସିପାତ୍ର କହିଛନ୍ତି ଯେ ଓଡ଼ିଶାରେ ବହୁ ପୁରାକାଳରୁ ପୁଷ୍କରିଣୀ-ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଥିଲା । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏ ଧରଣର କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକ କାଳକ୍ରମେ ଅଚଳ ହୋଇପଡ଼ିଛି । ଏହି ପୁଷ୍କରିଣୀ ଗୁଡ଼ିକରୁ ପଙ୍କୋଦ୍ଧାର ଓ କେନାଲ ନିର୍ମାଣ ପାଇଁ ମଧ୍ୟ ଅର୍ଥର ଆବଶ୍ୟକତା ରହିଛି । ଏଭଳି ଯୋଜନାଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ସରକାର ସାହାଯ୍ୟ ଦେବା ଆବଶ୍ୟକ ।

କେନ୍ଦ୍ର ସରକାର କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ଯେଉଁ ନୂଆ ନୀତି ନିର୍ଦ୍ଧାରଣ କରିଛନ୍ତି, ତାହା ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବୋଲି ଦର୍ଶାଇ ଏହି ନୂତନ ନୀତି ଫଳରେ ଜଳସେଚନର ପ୍ରସାର ସମ୍ଭବ ହେବ ବୋଲି ସେ ମତ ଦେଇଥିଲେ ।

ଶ୍ରୀ ବକ୍‌ସିପାତ୍ର କହିଲେ ଯେ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକର ଜଳସେଚିତ ଅଞ୍ଚଳରେ କୃଷିର ବିକାଶ ପାଇଁ କେନ୍ଦ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ । ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କେବଳ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବାର ସମ୍ଭାବନା ଥିବା ଦୃଷ୍ଟିରୁ ଏସବୁ ଅଞ୍ଚଳର ବିକାଶ ପାଇଁ କ୍ଷୁଦ୍ର ଜଳସେଚନ ଯୋଜନା ଓ କୃଷି ବିକାଶ କାର୍ଯ୍ୟକ୍ରମ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।



# ଉପଯୋଜନା ଏବଂ ଆଦିବାସୀ ହରିଜନ ଉନ୍ନୟନ

ଶ୍ରୀ ବୀରଭଦ୍ର ସିଂ

ଆଦିବାସୀ ଓ ଗ୍ରାମମଙ୍ଗଳ ରାଷ୍ଟ୍ରମନ୍ତ୍ରୀ

ଏକ ଜନମଙ୍ଗଳ ରାଷ୍ଟ୍ରରେ ଦେଶର ସମସ୍ତ ନାଗରିକଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିକାଶ ସରକାରଙ୍କର ପ୍ରଧାନ ଲକ୍ଷ୍ୟ । ତେଣୁ ଦେଶ ମଧ୍ୟରେ କୌଣସି ସଂପ୍ରଦାୟ ବା ଗୋଷ୍ଠୀ ଅବହେଳିତ ଅବସ୍ଥାରେ ଥିବାବେଳେ ସେମାନଙ୍କୁ ଅନ୍ୟମାନଙ୍କ ସହ ସମକକ୍ଷ କରାଇବାର ଗୁରୁ ଦାୟିତ୍ୱ ସରକାରଙ୍କୁ ବହନ କରିବାକୁ ପଡ଼ିଥାଏ ।

ଆମ ଦେଶର ଆଦିବାସୀ ଓ ହରିଜନ ସଂପ୍ରଦାୟ ଏଭଳି ଅନୁନ୍ନତ ଅବସ୍ଥାରେ ରହିଯାଇ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସଂପ୍ରଦାୟ ନଗ୍ନ ବା ଅର୍ଦ୍ଧ ନଗ୍ନ ଅବସ୍ଥାରେ ଆଧୁନିକ ସମାଜଠାରୁ ଦୂରରେ ବଣ ଜଙ୍ଗଲରେ କାଳାତିପାତ କରନ୍ତି । କେତେକ ଲୋକ ହରିଜନ ସଂପ୍ରଦାୟକୁ ଅସ୍ପୃଶ୍ୟ ଭାବରେ ଅନ୍ୟମାନଙ୍କଠାରୁ ଦୂରେଇ ରଖି ମଣିଷ ମଣିଷ ମଧ୍ୟରେ ବ୍ୟବଧାନ ସୃଷ୍ଟି କରୁଥିଲେ । ତେଣୁ ଏହି ସଂପ୍ରଦାୟକୁ ବାଦ୍ ଦେଇ କୌଣସି ଜନମଙ୍ଗଳ ରାଷ୍ଟ୍ର ନିଜର ପ୍ରଗତି ଚିନ୍ତା କରି ନପାରେ କିମ୍ବା ସେମାନେ ଦେଶର ଅନ୍ୟାନ୍ୟ ଉନ୍ନତ ଗୋଷ୍ଠୀ ବା ସଂପ୍ରଦାୟର ଲୋକଙ୍କ ସହ ସମାନ ନ ହେବା ଯାଏ ଦେଶରେ ଏକ ସୁସ୍ଥ ସମାଜ ଗଠିତ ହୋଇ ନପାରେ । ଏହି ଲକ୍ଷ୍ୟରେ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକମାନଙ୍କର ମଙ୍ଗଳ କଳ୍ପେ ରାଜନୈତିକ, ଶିକ୍ଷାଗତ ତଥା ନିଯୁକ୍ତି ଆଦି କ୍ଷେତ୍ରରେ ସେମାନଙ୍କ ପାଇଁ କେତେକ ସ୍ୱତନ୍ତ୍ର ସୁବିଧାର ସାମ୍ବିଧାନିକ ବ୍ୟବସ୍ଥା କରାଯାଇଅଛି । କିନ୍ତୁ ଏହା କାର୍ଯ୍ୟକାରୀ କରିବା ସତ୍ତ୍ୱେ ଦୀର୍ଘଦିନର ଅଭିଜ୍ଞତାରୁ ଦେଖାଗଲା ଯେ ସାମାଜିକ, ଶିକ୍ଷାଗତ ଓ ବିଶେଷ କରି ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର ବିଶେଷ କିଛି ଉନ୍ନତି ସାଧିତ ହୋଇ ପାରି ନାହିଁ । ତେଣୁ ଏକ ସ୍ୱତନ୍ତ୍ର ଉପଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତିର ପ୍ରଚେଷ୍ଟା କରାଯାଉଅଛି । ଏହାର ଲକ୍ଷ୍ୟ ହେଲା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଓ ହରିଜନମାନଙ୍କୁ ଅନ୍ୟାନ୍ୟ ଉନ୍ନତ ସଂପ୍ରଦାୟର ଲୋକଙ୍କ ସହ ସମାନ କରାଇବା ଓ ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ତାରତମ୍ୟ ଦୂର କରିବା ।

୧୯୭୧ ମସିହା ଜନଗଣନା ଅନୁସାରେ ଆମ ଓଡ଼ିଶାର ଆଦିବାସୀଙ୍କ ସଂଖ୍ୟା ହେଉଛି ଶତକଡ଼ା ୨୪ ଭାଗ ଓ ହରିଜନମାନଙ୍କ ସଂଖ୍ୟା ହେଉଛି ଶତକଡ଼ା ୧୫ ଭାଗ । ଅନ୍ୟୂନ ଶତକଡ଼ା ୫୦ ଭାଗ ଆଦିବାସୀ ବାସ କରୁଥିବା ୨୦ଟି ବ୍ଲକକୁ ନେଇ ୪ଟି ଆଦିବାସୀ ଉନ୍ନୟନ ସଂସ୍ଥା ବା ଟି. ଡି. ଏ. ଓ ୯୮ଟି ବ୍ଲକକୁ ନେଇ ୧୯ଟି ସମନ୍ୱିତ ଆଦିବାସୀ ଉନ୍ନୟନ ପରିଯୋଜନା ବା ଆଇ. ଟି. ଡି. ପି. ଗଠନ କରାଯାଇଅଛି । ମୟୂରଭଞ୍ଜ, କୋରାପୁଟ ଓ ସୁନ୍ଦରଗଡ଼ ଜିଲାର ସମସ୍ତ ଅଞ୍ଚଳ, ସମ୍ବଲପୁର ଜିଲାର କୁଚିଣ୍ଡା ତହସିଲ, କେନ୍ଦୁଝର ଜିଲାର କେନ୍ଦୁଝର, ଚଂପୁଆ କାଞ୍ଜିପାଣି ଓ ବଡ଼ବିଲ ତହସିଲ, ଗଞ୍ଜାମ ଜିଲାର ଆର. ଉଦୟଗିରି ତହସିଲ, ଫୁଲବାଣୀ ଜିଲାର କନ୍ଧମାଳ, ବାଲିଗୁଡ଼ା ଓ ଜି. ଉଦୟଗିରି ତହସିଲ, କଳାହାଣ୍ଡି ଜିଲାର ଥୁଆମୁଳ-ରାମପୁର ଏବଂ ଲାଞ୍ଜିଗଡ଼ ବ୍ଲକ, ଗଞ୍ଜାମ ଜିଲାର ଗୁମ୍ମା ଓ ରାୟଗଡ଼ା ବ୍ଲକ ଏବଂ ବାଲେଶ୍ୱର ଜିଲାର ନୀଳଗିରି ବ୍ଲକ ଏହି ଉପଯୋଜନାର ଅନ୍ତର୍ଭୁକ୍ତ ।

କୃଷି କ୍ଷେତ୍ରରେ ଆଦିବାସୀମାନଙ୍କୁ ଉନ୍ନତ ଧରଣର ବିହନ, ସାର ଓ ଅନ୍ୟାନ୍ୟ କୃଷୋପକରଣ ଯୋଗାଇ ଦେବା, କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ପ୍ରକାରର ଉନ୍ନତ ଧରଣର ଚାଷ ପ୍ରଣାଳୀ ଶିକ୍ଷାଦେବା, କୃଷକମାନଙ୍କୁ ଉନ୍ନତ ଚାଷ ବିଷୟରେ ତାଲିମ ଦେବା, ଆଦିବାସୀ ଅଞ୍ଚଳରେ ଥିବା ପତିତ ଜମିକୁ ଚାଷ ଉପଯୋଗୀ କରି ଭୂମିହୀନ ଆଦିବାସୀମାନଙ୍କ ମଧ୍ୟରେ ବିତରଣ

କରିବା, ଯୋଉ଼ୁ ଅଧ୍ୟୁଷିତ ଅଞ୍ଚଳରେ ନୂତନ ଫଳ ଗଛର ବ୍ୟବସ୍ଥା ଓ ବିଭିନ୍ନ ଧରଣର ପନିପରିବା ଗଛର ବ୍ୟବସ୍ଥା ଆଦି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଆଦିବାସୀମାନଙ୍କୁ ଅଧା ରିହାତି ମୂଲ୍ୟରେ ଓ ହରିଜନ ତଥା ନାମ ମାତ୍ର ଚାଷୀମାନଙ୍କୁ ଏକ ତୃତୀୟାଂଶ, କ୍ଷୁଦ୍ରଚାଷୀମାନଙ୍କୁ ଏକ ଚତୁର୍ଥାଂଶ ରିହାତି ମୂଲ୍ୟରେ ଛେଳି, ବଳଦ, କୁକୁଡ଼ା, ମେଣ୍ଢା, ଘୁଷୁରୀ ଓ ସେଚକୂପ ଆଦି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି । ଏହି ଅଞ୍ଚଳମାନଙ୍କରେ ବିଭିନ୍ନ ବ୍ଲକ ମାଧ୍ୟମରେ ଉନ୍ନତ ଧରଣର କୃଷି ଉପକରଣମାନ ଏହି ପରିମାଣର ରିହାତି ହାରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ଅଛି । ଗ୍ରାମମାନଙ୍କରେ ଭିଭିନ୍ନ ବ୍ୟବସାୟିକ ଧନ୍ଦାର ଉନ୍ନତି ପାଇଁ କାଠକାମ, ଲୁହାକାମ, ଲୁଗାବୁଣା, ଢ଼ଳେଇ ଓ ଫିଟରକାମ, କଂସାବାସନ, ବାଉଁଶ, ଚମଡ଼ା ଓ ବେତକାମ, ମଟର ମରାମତି, ଉନ୍ନତ ବଳଦଗାଡ଼ି ତିଆରି ଏବଂ ମୃତ୍ତିକା ଶିଳ୍ପ ଆଦି ବିଭିନ୍ନ ଧନ୍ଦା ପାଇଁ ମଧ୍ୟ ଶତକଡ଼ା ୫୦ ଭାଗ ରିହାତି ମୂଲ୍ୟରେ ବିଭିନ୍ନ ଉପକରଣମାନ ଯୋଗାଇ ଦେବାର ବନ୍ଦୋବସ୍ତ ରହିଛି । ଗ୍ରାମ୍ୟ ମହାଜନମାନଙ୍କ କବଳରୁ ଆଦିବାସୀ ଓ ହରିଜନମାନଙ୍କୁ ରକ୍ଷା କରିବା ପାଇଁ ନୂତନ ଭାବରେ ଲ୍ୟାଂପ (LAMP) ମାନ ପ୍ରତିଷ୍ଠା କରି ସୁଲଭ ଓ ସହଜ ଉପାୟରେ ଋଣ ଯୋଗାଣର ବ୍ୟବସ୍ଥା କରାଯାଉଅଛି । ବିଭିନ୍ନ କୃଷିଜାତ ଓ ବନ୍ୟଜାତ ଜିନିଷମାନ ଉପଯୁକ୍ତ ବଜାରଦରରେ ଯୋଗାଇ ଦେବା ଓ ସେମାନଙ୍କୁ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକୀୟ ଜିନିଷମାନ ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ଯୋଗାଇ ଦେବା ଲକ୍ଷ୍ୟରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ବା (T. D. C. C.) ଗଠିତ ହୋଇଛି । ଏହା ସହିତ ନୂତନ ଜଂଗଲ ଓ ବୃକ୍ଷ ରୋପଣ ଆଦିର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଆଦିବାସୀ ଅଞ୍ଚଳରେ ଗମନାଗମନର ସୁବିଧା ଆଣି ଦେବା ତଥା ପାନୀୟ ଜଳଯୋଗାଣ ଆଦିର ମଧ୍ୟ ବ୍ୟବସ୍ଥା ରହିଛି ।

ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ କେତେକ ଗୋଷ୍ଠୀ ଅଛନ୍ତି ଯେଉଁମାନେ କି ଅତ୍ୟନ୍ତ ଅନୁନ୍ନତ ଅବସ୍ଥାରେ ରହିଅଛନ୍ତି । ଏହି ପ୍ରକାରର ଆଦିମ ଅଧିବାସୀ ବା Primitive tribe ଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ଯୋଜନାମାନ କାର୍ଯ୍ୟକାରୀ କରାଯାଉ-ଅଛି । ପୂର୍ବରୁ ଥିବା ଗଞ୍ଜାମ ଜିଲ୍ଲର Soura Development Agency ଓ କୋରାପୁଟ ଜିଲ୍ଲର Bonda Development Agency ନାମକ ଦୁଇଟି ସଂସ୍ଥା ସହିତ ୧୯୭୮-୭୯ ମସିହାରେ ନୂତନ ଭାବରେ ଆଉ ଯେଉଁ ଛଅଗୋଟି ଯୋଜନା ଅନ୍ୟ ଆଦିମ ଅଧିବାସୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଅଛି, ସେଗୁଡ଼ିକ ହେଲା :—

୧। କେଉଁଝର ଜିଲ୍ଲାରେ Juang Development Agency.

୨। ଫୁଲବାଣୀ ଜିଲ୍ଲାର ବେଲଘର ଅଞ୍ଚଳରେ Kutiakandh Development Agency.

୩। କୋରାପୁଟ ଜିଲ୍ଲାର ନିୟମଗିରି ପର୍ବତମାଳା ଅଞ୍ଚଳରେ Dongriakandh Development Agency.

୪। ଗଞ୍ଜାମଜିଲ୍ଲାର ପାତ୍ରପୁର ବ୍ଲକ ଅଞ୍ଚଳରେ Lanjia-Soura Development Agency.

୫। ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା ସବ୍‌ଡ଼ିଭିଜନ୍‌ରେ Paudi Bhuyan Development Agency ଓ ମୟୂରଭଞ୍ଜ ଜିଲ୍ଲାର ଲୋଧା ଖଡ଼ିଆ ଓ ମାଙ୍କଡ଼ିଆମାନଙ୍କ ପାଇଁ ଯୋଜନା ।

ଏତଦ୍ ବ୍ୟତୀତ ଉପଯୋଜନା ଅଞ୍ଚଳ ବାହାରେ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ, କଟକ ଜିଲ୍ଲାର ସୁକିନ୍ଦା ବ୍ଲକ ଓ ଗଞ୍ଜାମ ଜିଲ୍ଲାର ଗାଜଲବାଡ଼ି ଅଞ୍ଚଳକୁ ନେଇ ଆଦିବାସୀଙ୍କ ପାଇଁ ତିନୋଟି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି । ଏଥି ସଙ୍ଗେ ସଙ୍ଗେ ଉପ-ଯୋଜନା ବାହାରେ ଥିବା ଅଞ୍ଚଳ ମଧ୍ୟରେ ଶତକଡ଼ା ୫୦ରୁ ଅଧିକ ଆଦିବାସୀ ବାସ କରୁଥିବା ପାଖାପାଖି ଗ୍ରାମପଞ୍ଚାୟତମାନଙ୍କର ମୋଟ ଲୋକସଂଖ୍ୟା ୨୦ ହଜାରରୁ ଅଧିକ ହୋଇଥିବା ଅଞ୍ଚଳକୁ ନେଇ Modified Area Development Project ନାମରେ ନୂତନ ଭାବରେ ୧୫ଟି ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଅଛି । ସେହିଭଳି ହରିଜନ ବହୁଳ ଅଂଚଳମାନଙ୍କରେ ସେମାନଙ୍କର ସମୂହ ବିକାଶ ପାଇଁ ବାଲେଶ୍ୱର ଜିଲ୍ଲାର ଭଦ୍ରଖ ସବ୍-ଡ଼ିଭିଜନ୍ ଓ କଟକ ଜିଲ୍ଲାର କଟକ ସଦର ଓ ଯାଜପୁର ସବ୍‌ଡ଼ିଭିଜନରେ ତିନୋଟି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଅଛି । ଏହି ପାଇଲଟ୍ ପ୍ରୋଜେକ୍ଟ ପରିସର ଅଧିକ ସଂପ୍ରସାରିତ କରିବା ପାଇଁ ବିଗ୍ଭର କରାଯାଉଅଛି ।

ଶିକ୍ଷା କ୍ଷେତ୍ରରେ ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀ-ମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ବୃତ୍ତି ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷାଦାନ ପାଇଁ ସିଲେଇ, ଲୁଗାବୁଣା, କୃଷି ଆଦି ଶିକ୍ଷାର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ନୂତନ ଭାବରେ ମୋଟର ମେକାନିକ୍, ଢ଼ଳେଇ, ଓ୍ୱାରମେନ୍, ସିଲେଇ ଓ ସର୍ଟହ୍ୟାଣ୍ଡ-ଟାଇପରାଇଟିଙ୍ଗ ଆଦି ଧନ୍ଦାମୂଳକ ଶିକ୍ଷା I. T. I. Standard ରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା ଏହି ବର୍ଷଠାରୁ ଆରମ୍ଭ କରାଯାଇଛି । ଡାକ୍ତରୀ, ଇଞ୍ଜିନିୟରିଙ୍ଗ୍ ଆଦି ବୈଷୟିକ ଶିକ୍ଷାରେ ନାମ ଲେଖାଇବା ପାଇଁ କୋହଳ ନୀତି ଅନୁ-ସରଣ ମାଧ୍ୟମରେ ସ୍ଥାନ ସଂରକ୍ଷଣ କରାଯାଇଛି । ଏଥି ସଙ୍ଗେ ସଙ୍ଗେ ସେମାନଙ୍କର ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଚାକିରୀ ଆଦି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ବିଧିବଦ୍ଧ ଭାବରେ ପାଳନ କରାଯାଉଛି । ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଏବଂ ଆଦିବାସୀ ଓ ହରିଜନମାନଙ୍କ ଠାରୁ ବେଆଇନ୍ ଭାବରେ ଜମି ହସ୍ତାନ୍ତର ବନ୍ଦ କରିବା

ପାଇଁ ଆଇନ୍ ପ୍ରଣୟନ କରାଯାଇଛି ଓ ତାହା କଡ଼ାକଡ଼ି ଭାବରେ ପାଳନ କରାଯାଉଛି ।

ଏ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଯଦି ଆଦିବାସୀ ଓ ହରିଜନ ଭାଇମାନେ ବିଶେଷ ସକ୍ରିୟ ନ ହେବେ ବା ଉତ୍ସାହ ପ୍ରକାଶ ନ କରିବେ ତେବେ ଆଶାନୁରୂପ ଫଳ ଲାଭ କରିବା ନିଶ୍ଚୟ କଷ୍ଟସାଧ୍ୟ ହୋଇ ପଡ଼ିବ । ଅବଶ୍ୟ ଏଥିପାଇଁ ସେମାନଙ୍କର ଶିକ୍ଷାହୀନତା ଓ ସରଳତା ବହୁ ପରିମାଣରେ ଦାୟୀ । ସେମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବା ଏହିସବୁ ସଂପ୍ରଦାୟର ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କର ଦାୟିତ୍ୱ । ଏମାନେ ସରକାରଙ୍କର ସମସ୍ତ ଯୋଜନାଗୁଡ଼ିକୁ ଭଲଭାବରେ ଅନୁଧ୍ୟାନ କରି ଆଦିବାସୀ ଓ ହରିଜନ ସଂପ୍ରଦାୟଙ୍କ ମଧ୍ୟରେ ପ୍ରଚାର କରି ସେମାନଙ୍କର ନିଷ୍କ୍ରିୟତା ଦୂର କରିବା ସଙ୍ଗେ ସଙ୍ଗେ ସମସ୍ତ ସୁବିଧାସୁଯୋଗ ହାସଲ କରିବା ଲକ୍ଷ୍ୟରେ କାମ କରିବା ପାଇଁ ଆଗଭର ହେବା ଉଚିତ୍ ।

ଭଗବାନଙ୍କ ସୃଷ୍ଟିରେ ସମସ୍ତ ମାନବ ସମାନ । ବିଭିନ୍ନ ଭେଦଭାବ କେବଳ ମଣିଷ ଗଢ଼ା । ଏହି ସତ୍ୟ ଉପଲବ୍ଧିକରି ଯଦି ଆମର ସମସ୍ତ ଦେଶବାସୀ ସମାଜର ତଳେ ପଡ଼ିରହିଥିବା ତାଙ୍କର ଭାଇମାନଙ୍କର ସର୍ବାଙ୍ଗୀନ ଉନ୍ନତି କଲେ ବେସରକାରୀ ସ୍ତରରେ ଯତ୍ନବାନ ହୁଅନ୍ତେ, ଆମ ଦେଶରେ ଖୁବ୍ ଶୀଘ୍ର ଏକ ସୁସ୍ଥ, ସୁନ୍ଦର ଓ ଶ୍ରେଷ୍ଠ ସମାଜ ଗଢ଼ି ଉଠି ପାରନ୍ତା । ଏହା ବ୍ୟତୀତ ଏହିସବୁ ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା କର୍ମଚାରୀଗଣ ନିଷ୍ଠା, ଆନ୍ତରିକତା ଓ ଶ୍ରଦ୍ଧାର ସହିତ କାମ କଲେ ଆମର ଏ ପ୍ରଚେଷ୍ଟା କ୍ଷିପ୍ର ଗତିରେ ସଫଳତା ହାସଲ କରିପାରିବ ।

## ଆଦବାସୀ ଓ ହରଜନମାନଙ୍କ ଶିକ୍ଷା ପ୍ରସାର ପାଇଁ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ

ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ଚଳିତ ବର୍ଷ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଗତ ପଞ୍ଚମ ପଂଚବାର୍ଷିକ ଯୋଜନା କାଳରେ ଆଦିବାସୀ ଓ ହରିଜନମାନଙ୍କ ସାକ୍ଷର ସଂଖ୍ୟା ଶତକଡ଼ା ୭ ଭାଗ ଥିବା ସ୍ଥଳେ ବର୍ତ୍ତମାନ ଏହା ଶତକଡ଼ା ୯ ଭାଗକୁ ବୃଦ୍ଧି ପାଇଛି ।

ବର୍ତ୍ତମାନ ରାଜ୍ୟର ୩୨ ହଜାର ପ୍ରାଥମିକ ବିଦ୍ୟାଳୟରେ ୩ ଲକ୍ଷ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏମାନଙ୍କୁ ବାର୍ଷିକ ୨୭ ଲକ୍ଷ ଟଙ୍କାର ଲିଖନ ଓ ପଠନ ସାମଗ୍ରୀ ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ ୧୨ ଶହ ସେବାଶ୍ରମରେ ଅଧ୍ୟୟନ କରୁଥିବା ୧୦ ହଜାର ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ମୂଲ୍ୟର ଲିଖନ ଓ ପଠନ ସାମଗ୍ରୀ ଏବଂ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ସ୍କୁଲ ପୋଷାକ ଯୋଗାଇ ଦିଆଯାଉଛି । ଶିକ୍ଷା ବିଭାଗ ଅଧୀନସ୍ଥ ୬ ହଜାର ମାଇନର ସ୍କୁଲ ଓ ୨ ହଜାର ହାଇସ୍କୁଲରେ ଅଧ୍ୟୟନ କରୁଥିବା ଏହି ସଂପ୍ରଦାୟର ୮୯ ହଜାର ଛାତ୍ର ଛାତ୍ରୀଙ୍କୁ ବାର୍ଷିକ ୧ କୋଟି ୨୦ ଲକ୍ଷ ଟଙ୍କା ଛାତ୍ର ବୃତ୍ତି ଦିଆଯାଉଛି । ଏହା ବ୍ୟତୀତ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୨୪ ଟି ଉଚ୍ଚ ଓ ନିମ୍ନ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୦ ହାଜାର ଛାତ୍ରଛାତ୍ରୀଙ୍କର ଖାଦ୍ୟ, ବାସଗୃହ, ପାଠ୍ୟୋପକରଣ, ଔଷଧପତ୍ର ଓ ପୋଷାକ ଆଦି ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି । ଏ ବାବଦରେ ରାଜ୍ୟ ସରକାରଙ୍କୁ ବାର୍ଷିକ ୨ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କ ପାଇଁ ଖୋଲଯାଇଥିବା ୧ ହଜାର ୩ଟି ଛାତ୍ରାବାସ ଓ ଛାତ୍ରୀ ନିବାସରେ ୧୮ ହଜାର ଛାତ୍ରଛାତ୍ରୀ ରହି ଅଧ୍ୟୟନ କରୁଛନ୍ତି ।

ରାଜ୍ୟରେ ଏବଂ ରାଜ୍ୟ ବାହାରେ ଥିବା ୧୬୦ଟି ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନ କରୁଥିବା ୬ ହଜାର ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ହାରରେ ବାର୍ଷିକ ୫୦ ଲକ୍ଷ ଟଙ୍କା ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।

# CRUCIAL ROLE OF
# ORISSA FOREST CORPORATION LIMITED

The Orissa Forest Corporation is the earliest Corporation to be set up in the country for arresting the evils of illicit felling and exploitation of labour, maximising employment for Tribals and assisting in preservation and scientific and economic exploitation of our valuable Forest wealth.

**O.F.C.'s Units—Production and Sale of Timber :**

Orissa Forest Corporation has got 13 Timber Divisions with headquarters at Bhubaneswar, Balliguda, Berhampur, Bhanjanagar, Baripada, Dhenkanal, Jharsuguda, Jaypore, Jajpur Road, Malkangiri, Nawarangpur, Rourkela and Sambalpur. These Divisions operate about 30% of the Forest Coupes and extract and sell annually about 1 million Cubic Metre of various species of timber like Sal, Bija. Asan, Haldu, Bamboo, etc., valued at over Rs. 4 crores. It can undertake bulk supply of Charcoal and Firewood.

**Kendu Leaves :**

It markets about 4 lakh quintals of Kendu Leaves worth about Rs. 11 crores on behalf of Government through its Marketing Divisions with headquarters at Balangir, Boudh, Bhawanipatna, Jharsuguda, Sambalpur, Angul and Sale Depots at Calcutta and Aurangabad in West Bengal, Madras, Tinnevelly and Vellore in Tamilnadu, Sholapur in Maharastra and Hyderabad in Andra Pradesh.

**Sal Seeds :**

Orissa Forest Corporation collects Sal Seeds in 10 out of 25 Sal Seed Divisions and the collection was 23,000 MetricTonnes in 1977. Orissa Forest Corporation contributes over 45% of total forest revenue and provides 50 lakh man days of employment in timber operation alone.

**Plantation :**

With its rich experience Orissa Forest Corporation is poised to take extensive plantations of Teak, Eucalyptus, Cashew, Pine, etc., with assistance of Agricultural Refinance & Development Corporation.

**THE ORISSA FOREST CORPORATION LIMITED**

# ଜାତୀୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ
# ଆମ ରାଜ୍ୟର ପଦକ୍ଷେପ

**ପ୍ରଫେସର ବଧୁଭୂଷଣ ଦାସ**

## ଏକ ବିରାଟ ଦାୟିତ୍ୱ

୧୯୭୮ ଅକ୍ଟୋବର ୨ ତାରିଖଠାରୁ ଭାରତରେ ଏକ ଯୁଗାନ୍ତକାରୀ ଯୋଜନା ଆରମ୍ଭ ହେଉଛି । ଏହା "ଜାତୀୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ" ନାମରେ ଅଭିହିତ । ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରୌଢ଼ ଶିକ୍ଷା ଉପରେ ପର୍ଯ୍ୟବସିତ ନୀତି ନିର୍ଦ୍ଧାରକ ଅଭିବ୍ୟକ୍ତିରୁ ଏହା ଉଦ୍ଭୂତ । ଏହି ଐତିହାସିକ ଘୋଷଣା ଅନୁଯାୟୀ ୧୫ ବର୍ଷରୁ ୩୫ ବର୍ଷ ମଧ୍ୟରେ ଥିବା ୧୦୦ ନିୟୁତ ନିରକ୍ଷର ଲୋକଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ଶିକ୍ଷା ଦିଆଯିବ। ୧୯୪୭ ରେ ନିରକ୍ଷର ଲୋକଙ୍କ ହାର ୧୪% ଥିଲା । ଚାରି ବର୍ଷ ବୟସ ପିଲଙ୍କୁ ହିସାବକୁ ନିଆ ନ ଯାଇ ୧୯୭୧ରେ ଏହା ୩୪.୪୫%କୁ ବୃଦ୍ଧି ପାଇଥିଲା । ଜନସଂଖ୍ୟା ବୃଦ୍ଧି ଏବଂ କାର୍ଯ୍ୟକ୍ରମର ଅଗ୍ରଗତିରେ ଅସଫଳତା ହେତୁ ନିରକ୍ଷର ଲୋକଙ୍କ ସଂଖ୍ୟା ୧୯୫୧ରେ ୨୪୭ ନିୟୁତ ଥିବା ସ୍ଥଳେ ୧୯୭୧ରେ ଏହା ୩୦୭ ନିୟୁତକୁ ବୃଦ୍ଧି ପାଇଥିଲା । ୧୯୭୧ ଜନଗଣନା ଅନୁଯାୟୀ ୧୪ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନିରକ୍ଷର ଲୋକଙ୍କ ସଂଖ୍ୟା ଥିଲା ୨୦୯.୫ ନିୟୁତ । ଏଥିରୁ ୧୫ ରୁ ୩୫ ବର୍ଷ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ହେଉଛି ୯୭.୧ ନିୟୁତ, ଯାହାକି ବର୍ତ୍ତମାନ ୧୦୦ ନିୟୁତରେ ଆସି ପହଞ୍ଚିଛି । ଅସଂଖ୍ୟ ନିରକ୍ଷର ଲୋକଙ୍କୁ ଶିକ୍ଷା ଦେବା ଉପରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଅଛି, କାରଣ ନିରକ୍ଷରତା ଏକ ଜାତୀୟ କଳଙ୍କ ରୂପେ ବିବେଚିତ ହୋଇଥାଏ ।

ସ୍ଥିର କରାଯାଇଛି ଯେ, ଏହି ବିରାଟ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାର ପ୍ରଥମ ବର୍ଷ ମଧ୍ୟରେ (୧୯୭୯-୮୦) ପ୍ରାୟ ୪.୫ ନିୟୁତ ଶିକ୍ଷାର୍ଥୀଙ୍କୁ, ୧,୫୦,୦୦୦ ଶିକ୍ଷକଙ୍କୁ, ୫,୦୦୦ ପରିଦର୍ଶକଙ୍କୁ ଏବଂ ୫୦୦ ପ୍ରୋଜେକ୍ଟ ଅଫିସରଙ୍କୁ ଏଥି ସହିତ ସଂପୃକ୍ତ କରାଯିବ । କାର୍ଯ୍ୟକ୍ରମର ଶେଷ ବର୍ଷରେ (୧୯୮୩-୮୪) ୩୫ ନିୟୁତ ଶିକ୍ଷାର୍ଥୀ, ଏକ ନିୟୁତରୁ ଅଧିକ ଶିକ୍ଷକ, ୪୦,୦୦୦ ପରିଦର୍ଶକ ଏବଂ ୪,୦୦୦ ପ୍ରୋଜେକ୍ଟ ଅଫିସର ଏହାର ଅନ୍ତର୍ଭୁକ୍ତ ହେବେ । ଦେଶର ଶିକ୍ଷା କ୍ଷେତ୍ରରେ ପଞ୍ଚବାର୍ଷିକ ଯୋଜନା ଭିତ୍ତିରେ ଅତୀତରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ମଧ୍ୟରେ ଏହା ସର୍ବାଧିକ ଦାୟିତ୍ୱମୂଳକ କାର୍ଯ୍ୟ ।

## ପରିକଳ୍ପନା ଓ ଏହାର ଲକ୍ଷ୍ୟ

ଜାତୀୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ସମଗ୍ର ଦେଶରେ ଅର୍ଥାତ୍ ୨୨ଟି ରାଜ୍ୟ ଓ ୯ଟି କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରସାରିତ ହେବ ଏବଂ ଏହା ସ୍ଥାନର ପ୍ରାକୃତିକ, ସାମାଜିକ, ଅର୍ଥନୈତିକ ଏବଂ ସଂସ୍କୃତିକ ଅବସ୍ଥା ସହିତ ସମ୍ପର୍କ ରକ୍ଷା କରିବ । ଏଣୁ ଏଥିରେ ଯଥେଷ୍ଟ ବିଭିନ୍ନତା ଏବଂ ସ୍ଥାନୀୟ ବୈଶିଷ୍ଟ୍ୟ ରହିବା ସ୍ୱାଭାବିକ । ବୃତ୍ତିଗତ ଓ ସାଂସ୍କୃତିକ ଅବସ୍ଥା ଭେଦରେ ଗୋଟିଏ ସ୍ଥାନର ଶିକ୍ଷାର୍ଥୀଙ୍କ ସହ ଅନ୍ୟ ସ୍ଥାନର ଶିକ୍ଷାର୍ଥୀଙ୍କର ମେଳ ରହିବ ନାହିଁ । ଏଣୁ ଏହି କାର୍ଯ୍ୟକ୍ରମର ଆଭ୍ୟନ୍ତରୀଣ ରୂପରେଖ, ଉପାଦାନ ଏବଂ ପଦ୍ଧତିରେ ସ୍ଥାନ ଅନୁପାତରେ ସ୍ୱତନ୍ତ୍ରତା ରହିବ ।

ସାକ୍ଷରତା ନିମିତ୍ତ ଦକ୍ଷତା ହାସଲ କରିବା ପାଇଁ ସୁବିଧା ଦେବା ସଙ୍ଗେ ସଙ୍ଗେ ଶିକ୍ଷା ପାଇବା, କାମ କରିବା ଏବଂ ବଞ୍ଚି ରହିବା ଯେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତାହା ଏହି କାର୍ଯ୍ୟକ୍ରମ ସୂଚାଇ ଦିଏ । ପରନ୍ତୁ ଗୋଟିକୁ ଅନ୍ୟ ସହ ସମ୍ବନ୍ଧଯୁକ୍ତ କରିବା ଦ୍ୱାରା ପ୍ରତ୍ୟେକର ଅର୍ଥଗତ ପ୍ରଭେଦ ଦେଖାଦେଇଥାଏ । ଶିକ୍ଷା ପାଇବାର ଅପରିହାର୍ଯ୍ୟ ସାଧନ ଭାବରେ ସାକ୍ଷରତା ନିଶ୍ଚିତ ଭାବେ ବିବେଚିତ ଏହି କାର୍ଯ୍ୟକ୍ରମ ଅନୁଯାୟୀ ସଂପାଦିତ ହେଉଥିବା କ୍ରିୟା, ଶିକ୍ଷାର୍ଥୀର ଆତ୍ମବିଶ୍ୱାସର ଉନ୍ନତି ନିମିତ୍ତ ତାହାର ଆବଶ୍ୟକତା, ଅବସ୍ଥା ଓ ଅଭିଳାଷ ସହ ସମନ୍ୱିତ ହେବା ଉଚିତ ।

ଗଣ ନିରକ୍ଷରତା ବିରୁଦ୍ଧରେ ଏକ ନିର୍ମମ ଯୁଦ୍ଧ ରୂପେ ଏହି ସୁଚିନ୍ତିତ ଓ ପ୍ରତିଶ୍ରୁତିବଦ୍ଧ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାର ସ୍ଥିର କଲେ । ଏହା ଦ୍ୱାରା ଜନସାଧାରଣ ଦେଶର ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନରେ ମୁଖ୍ୟ ଅଂଶ ଗ୍ରହଣ କରି ପାରିବେ । ବ୍ୟକ୍ତିର ବ୍ୟକ୍ତିତ୍ୱର ମୁଖ୍ୟ ଅଂଶ ରୂପେ ଏବଂ ସାମାଜିକ ଓ ଅର୍ଥନୈତିକ ଉନ୍ନତିର ସାଧକ ରୂପେ ସାକ୍ଷରତା ବିବେଚିତ ହେବା ଉଚିତ । ବର୍ତ୍ତମାନର ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ନିମ୍ନ ଧାରଣା ଉପରେ ପର୍ଯ୍ୟବସିତ ।

୧—ବ୍ୟକ୍ତିର ବିକାଶରେ ଏବଂ ଦେଶର ସାମାଜିକ ତଥା ଅର୍ଥନୈତିକ ଅଗ୍ରଗତିରେ ନିରକ୍ଷରତା ଏକ ପ୍ରବଳ ପ୍ରତିବନ୍ଧକ ।

୨—ବିଦ୍ୟାଳୟରେ ଶିକ୍ଷାଦାନ ଦ୍ୱାରା ଶିକ୍ଷାର ପରିସମାପ୍ତି ହୁଏ ନାହିଁ । ଜୀବନର ପ୍ରତି କ୍ଷେତ୍ରରେ ଏବଂ କାର୍ଯ୍ୟରେ ଏହାର ଉପଯୋଗ ହୋଇଥାଏ ।

୩—ଶିକ୍ଷାଲାଭ କରିବା, କାର୍ଯ୍ୟ କରିବା ଏବଂ ବଞ୍ଚି ରହିବା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିକୁ ଅନ୍ୟସହ ସମ୍ବନ୍ଧଯୁକ୍ତ କରିବା ଦ୍ୱାରା ପ୍ରତ୍ୟେକର ଅର୍ଥଗତ ପ୍ରଭେଦ ଦେଖାଦେଇଥାଏ ।

୪—ଯେଉଁ ଉଦ୍ଦେଶ୍ୟ ନିମିତ୍ତ ଲୋକେ ଏହାର ଉନ୍ନତିର ଧାରା ସହ ସମ୍ପୃକ୍ତ ହୁଅନ୍ତି, ସେହି ଉଦ୍ଦେଶ୍ୟ ମଧ୍ୟ ଏହାର ଶେଷ ଫଳ ଭଳି ଗୁରୁତ୍ୱପୂର୍ଣ୍ଣ ।

୫—ସାକ୍ଷରତା, ଆଲୋଚନା ଏବଂ କାର୍ଯ୍ୟ ମାଧ୍ୟମରେ ହିଁ ନିରକ୍ଷରତା ଓ ଦାରିଦ୍ର୍ୟ କବଳରୁ ମୁକ୍ତି ମିଳିପାରିବ ।

ନିରକ୍ଷରଙ୍କ ମଧ୍ୟରେ ଜାଗରଣ ଆଣିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ଏହି ନିରକ୍ଷରଙ୍କ ମଧ୍ୟରୁ ଅଧିକାଂଶ ସମାଜର ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ଅବହେଳିତ । ସାଧାରଣତଃ ଏହି ପ୍ରକାର ଲୋକେ ସାକ୍ଷରତାରେ ଅଂଶ ଗ୍ରହଣ କରିବା ଏବଂ ଏହାକୁ ସ୍ଥିର ରଖିବା ନିମିତ୍ତ ପ୍ରେରଣା ପାଆନ୍ତି ନାହିଁ । ଶିକ୍ଷାର୍ଥୀଙ୍କ ଭାଗ୍ୟ ପରିବର୍ତ୍ତନରେ ସହାୟକ ହେବାଭଳି ଏହି ପ୍ରକାର ପ୍ରେରଣା ଓ ଉତ୍ସାହଦାନ ଦିଆଯାଇପାରିବ । କାର୍ଯ୍ୟକରିବା ଏବଂ ବାସ କରିବାର ଅବସ୍ଥା ତଥା ପାରିପାର୍ଶ୍ୱିକ ଅବସ୍ଥା ଏବଂ

ଦେଶର ଉନ୍ନତି ନିମିତ୍ତ ସୁବିଧା ସହିତ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଜଡ଼ିତ । ଏହା ଯେ କେବଳ ଶିକ୍ଷାର୍ଥୀଙ୍କୁ ସକ୍ରିୟ ଅଂଶ ଗ୍ରହଣ କରିବାରେ ସାହାଯ୍ୟ କରେ ତାହା ନୁହେଁ । ଏହା ମଧ୍ୟ ଦେଶର ଉନ୍ନତି ଓ ଅଗ୍ରଗତିରେ ସାହାଯ୍ୟ କରିବାର ଏକ ମାଧ୍ୟମ ହୋଇଥାଏ । ଏଣୁ, ଶିକ୍ଷା ନଇର କୌଶଳ ହାସଲ ନିମିତ୍ତ ପ୍ରାଧାନ୍ୟ ଦିଆଯିବା ସଙ୍ଗେ ସଙ୍ଗେ ନିମ୍ନ କାରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ ।

(କ) ଶିକ୍ଷାର୍ଥୀର ଆବଶ୍ୟକତା ଓ ପାରିପାର୍ଶ୍ୱିକ ଅବସ୍ଥା ସହିତ ସାମଞ୍ଜସ୍ୟ ରକ୍ଷା କରିବା ।

(ଖ) ସ୍ଥାୟିତ୍ୱ, ସମୟ, ସ୍ଥାନ, ଶିକ୍ଷଣୀୟ ସୁବିଧା ଇତ୍ୟାଦିରେ ନମନୀୟତା,

(ଗ) ପାଠ୍ୟକ୍ରମ, ଶିକ୍ଷା, ଶିକ୍ଷାଦାନ ସମ୍ପର୍କୀୟ ଜିନିଷ ଏବଂ ପଦ୍ଧତି ଆଦିରେ ବିଭିନ୍ନତା ।

(ଘ) ପ୍ରତ୍ୟେକ ବିଷୟରେ ଶୃଙ୍ଖଳିତ କାର୍ଯ୍ୟ ।

## ଆମ ରାଜ୍ୟର ପ୍ରଚେଷ୍ଟା

ପାଞ୍ଚବର୍ଷ ମଧ୍ୟରେ ଆମ ଜନ ସଂଖ୍ୟାର ଏକ ବୃହତ୍ ଅଂଶରେ ରହିଥିବା ୧୫ ବର୍ଷରୁ ୩୫ ବର୍ଷ ବୟସର ବ୍ୟକ୍ତିମାନଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ । ଏଣୁ ଏଥିପାଇଁ ସୁସଙ୍ଗଠିତ ଆୟୋଜନ, ବ୍ୟାପକ ଯୋଜନା ଏବଂ ଅଧିକ ସାଙ୍ଗଠନିକ ଦକ୍ଷତା ଆବଶ୍ୟକ । ଚାରି ବର୍ଷ ବୟସ ମଧ୍ୟରେ ଥିବା ଶିଶୁଙ୍କୁ ଛାଡ଼ିଦେଲେ ଆମ ରାଜ୍ୟରେ ସାକ୍ଷରଙ୍କ ସଂଖ୍ୟା ହେଉଛି ଶତକଡ଼ା ୩୦'୫୯ ଏବଂ ପୂର୍ଣ୍ଣ ଜନସଂଖ୍ୟାର ସର୍ବମୋଟ ସାକ୍ଷର ସଂଖ୍ୟା ଶତକଡ଼ା ୨୬'୧୮ । ଏଥିରୁ ଜଣାଯାଏ ଯେ ରାଜ୍ୟର ପ୍ରତ୍ୟେକ ଚାରିଜଣ ବ୍ୟକ୍ତିଙ୍କ ମଧ୍ୟରେ ୩ ଜଣ ନିରକ୍ଷର । ଆମ ରାଜ୍ୟ ସରକାର ୧୯୭୯ ମସିହାରୁ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ଆସୁଛନ୍ତି । ବର୍ତ୍ତମାନ ତିନି ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ନିରକ୍ଷରତା ଦୂର କରାଯାଉଛି । (କ) ସାଧାରଣ ପ୍ରୌଢ଼ ସାକ୍ଷରତା, (ଖ) ଧନ୍ଦାଭିତ୍ତିକ ସାକ୍ଷରତା, ଏବଂ (ଗ) ଅଣ-ଆନୁଷ୍ଠାନିକ ଶିକ୍ଷା । ଏବେ ଏହି ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି । ଏଥି ନିମିତ୍ତ ଲକ୍ଷ୍ୟ ରଖିଥିବା ୧୫ରୁ ୩୫ ବର୍ଷ ବୟସର ବ୍ୟକ୍ତିଙ୍କ ସଂଖ୍ୟା ହେଉଛି ୫୫,୦୦,୦୦୦ । ଏହି କାର୍ଯ୍ୟକ୍ରମ ବ୍ୟାପକ ଓ କଷ୍ଟକର ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାରେ ବିଭିନ୍ନ ଅନୁଷ୍ଠାନକୁ ସମ୍ପୃକ୍ତ କରାଯିବ । ଆମ ରାଜ୍ୟରେ ଥିବା ଅନୁଷ୍ଠାନଗୁଡ଼ିକ ହେଉଛି—

(କ) ସ୍ୱେଚ୍ଛାକୃତ ଅନୁଷ୍ଠାନ ।

(ଖ) ପ୍ରତ୍ୟେକ ଶିକ୍ଷକ ଶିକ୍ଷା ମହା ବିଦ୍ୟାଳୟ ଏବଂ ସାଧାରଣ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ଛାତ୍ର ।

(ଗ) ମନୋନୀତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ।

(ଘ) ସରକାରୀ ଅନୁଷ୍ଠାନ ମାଧ୍ୟମରେ କୃଷକ ପାଇଁ ଧନ୍ଦାଭିତ୍ତିକ ସାକ୍ଷରତା, ଅଣ-ଆନୁଷ୍ଠାନିକ ଏବଂ ସାଧାରଣ ସାକ୍ଷରତା ଯୋଜନା ।

(ଙ) ନେହେରୁ ଯୁବକ କେନ୍ଦ୍ର

(ଚ) ରାଜ୍ୟ ସମାଜ ମଙ୍ଗଳ ଅନୁଷ୍ଠାନ ଅଧୀନରେ ଥିବା ମନୋନୀତ ମହିଳା ସମିତି (କେବଳ ମହିଳାଙ୍କ ପାଇଁ)

(ଛ) ଆଦିବାସୀ ଉନ୍ନତି କଳ୍ପେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ।

(ଜ) ମ୍ୟୁନିସିପାଲିଟି ଏବଂ ବିଜ୍ଞାପିତ ଅଞ୍ଚଳ ।

(ଝ) ବିଭିନ୍ନ ଶିଳ୍ପାନୁଷ୍ଠାନ ।

(ଞ) ସାଂସ୍କୃତିକ ବିଭାଗ ଅଧୀନରେ ଥିବା ଗ୍ରାମ୍ୟ ଲାଇବ୍ରେରୀ ।

ରାଜ୍ୟର ମହିଳା ଏବଂ ଆଦିବାସୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ପାଇଁ ବିଶେଷ ଚେଷ୍ଟା କରାଯିବ । କାରଣ ବର୍ତ୍ତମାନ ସୁଦ୍ଧା ଏମାନେ ଯଥେଷ୍ଟ ଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ।

ଏହି ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ଭାରତ ସରକାର ଅଗ୍ରଣୀ ଏବଂ ବିଭିନ୍ନ ସୋପାନରେ ନିମ୍ନମତେ ଲୋକ ବଳ ଦେଇ ସେମାନଙ୍କର ଆର୍ଥିକ ଦାୟିତ୍ୱ ନେବାକୁ ଶିକ୍ଷା ମନ୍ତ୍ରଣାଳୟ ରାଜି ହୋଇଛନ୍ତି ।

(କ) ସଚିବାଳୟ ମଧ୍ୟରେ ଏକ ପୃଥକ୍ ପ୍ରକୋଷ୍ଠ ।

(ଖ) ଶିକ୍ଷା ନିର୍ଦ୍ଦେଶାଳୟରେ ଏକ ପୃଥକ୍ ବିଭାଗ ।

(ଗ) ଜିଲ୍ଲା ସ୍ତରରେ ଯୋଜନା ଅଫିସର ଇତ୍ୟାଦି ।

ରାଜ୍ୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମର କାର୍ଯ୍ୟାବଳୀକୁ ପ୍ରଣୟନ କରିବା ପାଇଁ ରାଜ୍ୟ ସ୍ତରୀୟ ପ୍ରୌଢ଼ ଶିକ୍ଷା ସଂସ୍ଥା ଗଠିତ ହୋଇ ସାରିଛି ଏବଂ ଅନ୍ୟ ବିଭାଗ ଯଥା :—ସ୍ୱାସ୍ଥ୍ୟ, କୃଷି, ସମବାୟ, ଶିଳ୍ପ ଇତ୍ୟାଦିର ଶାସନ ସଚିବମାନଙ୍କୁ ନେଇ ରାଜ୍ୟ ସ୍ତରୀୟ ଷ୍ଟିଅରିଂ କମିଟି ଗଢ଼ାଯାଇଛି । ଏହାଦ୍ୱାରା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସାହାଯ୍ୟ ମିଳିବ ଏବଂ ପରସ୍ପର ସହିତ ସମ୍ପର୍କ ସ୍ଥାପିତ ହୋଇ ପାରିବ । ଏଥିପାଇଁ ରାଜ୍ୟରେ ଜନଜାଗରଣ ସୃଷ୍ଟି ନିମନ୍ତେ ବୈଠକ ଓ ସମ୍ମିଳନୀ ଆହ୍ୱାନ କରାଯାଉଛି । ଉପଯୁକ୍ତ ଅନୁଷ୍ଠାନସବୁ ଠାବ କରାଯାଉଛି ଏବଂ ସେମାନଙ୍କୁ ଏଥି ପାଇଁ ପ୍ରେରଣା ଦିଆଯାଉଛି । କେବଳ ସେତିକି ନୁହେଁ, ସମ୍ବାଦପତ୍ର, ପତ୍ରିକା, ପ୍ରାଚୀରପତ୍ର, ରେଡ଼ିଓ, ଟେଲିଭିଜନ୍ ଇତ୍ୟାଦି ମାଧ୍ୟମରେ ବିଜ୍ଞାପନ ଦିଆଯାଉଛି ଓ ପ୍ରଚାର କରାଯାଉଛି । ଆବଶ୍ୟକୀୟ ଆଭ୍ୟନ୍ତରୀଣ ରୂପରେଖ ମଧ୍ୟ ପ୍ରଦାନ କରାଯାଉଛି ।

ଆଶା କରାଯାଉଛି ଯେ ପ୍ରତ୍ୟେକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ପୂର୍ଣ୍ଣ ସାହାଯ୍ୟରେ ଏବଂ ବିଭିନ୍ନ ବିଭାଗର ଉଦ୍ୟମରେ ଏଭଳି ଏକ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ସାଧିତ ହୋଇ ପାରିବ । ଏହାକୁ ଏକ ଆହ୍ୱାନରୂପେ ଗ୍ରହଣ କରିବା ଉଚିତ । ଯଥେଷ୍ଟ ସାହସ, ମନୋବଳ ଏବଂ ପ୍ରତିଶ୍ରୁତିକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ସମ୍ମୁଖୀନ ହେବା ପାଇଁ ଆଗେଇ ଆସନ୍ତୁ ।

ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା



# ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ପୂର୍ଣ୍ଣାଙ୍ଗ ପରିକଳ୍ପନା

ଶ୍ରୀ ସତ୍ୟବ୍ରଜରାଜ ଚୌଧୁରୀ

ଗ୍ରାମ ଗାଁ ଜଙ୍ଗଲ ଥିଲା କେତେ ସୁନ୍ଦର । ଖରା, ବର୍ଷା, ଶୀତ ସବୁବେଳେ ସେ ଥିଲା ଭଳି କି ଭଳି ସୁନ୍ଦର । ପିଲାଦିନଠୁଁ ଦେଖିଛୁ । ହେଲେ ତା କଥା କିଏ କେବେ ଭାବି ଥିଲା କି? ନୀରବ ନିଶ୍ଚଳ ହେଲେ ବି ତା ଭିତରେ ଯେଉଁ ଅମାପ ଶକ୍ତି ଲୁଚି ରହିଥିଲା ସେ ବିଷୟରେ କେହି କଣ ଚିନ୍ତା କରିଥିଲା? ସେ ଶକ୍ତିର କିଛି ନମୁନା ଗ୍ରୀଷ୍ମ ଦେଶରେ ମାପ କରା ହୋଇଛି । ଶୀତପ୍ରଧାନ ଗ୍ରୀଷ୍ମ ଦେଶର ମାତ୍ର ଗୋଟିଏ ହେକ୍ଟର ଜଙ୍ଗଲ ଏକ ଉଷ୍ଣମିଆ ଖରାଦିନରେ ୧୨୦ରୁ ୧୫୦ କି: ଗ୍ରା: ଉଦ୍ଭିଦବସ୍ତୁ ତିଆରି କରେ । ସେଥିରେ ସେ ତା ବାୟୁ ମଣ୍ଡଳର ୪୫ ମିଟର ଉପର ଯାଏ ସବୁ ଅଙ୍ଗାରକାମ୍ଳ ପ୍ରାୟ ୨୨୦ରୁ ୨୮୦ କି: ଗ୍ରା: ପର୍ଯ୍ୟନ୍ତ ଶୋଷି ନେଇ ପାରେ । ଆଉ ତା ବଦଳରେ ୧୮୦ରୁ ୨୨୦ କି: ଗ୍ରା: ଅମ୍ଳଜାନ ଛାଡି ଜୀବ ଜଗତର ନିଶ୍ୱାସ ନେବା ପ୍ରଣାଳୀକୁ ସହଜ କରେ । ଆଉ ମଧ୍ୟ ସେହି ଗୋଟିଏ ହେକ୍ଟର ଜଙ୍ଗଲ ବର୍ଷକୁ ୫୦ରୁ ୭୦ ଟନ ଧୂଳି ଛାଣି ନେଇ ପବନକୁ ପରିଷ୍କାର କରେ ।

ଆମ ଦେଶର ଗ୍ରୀଷ୍ମ ପ୍ରଧାନ ଜଳବାୟୁରେ ଉଦ୍ଭିଦ ଜଗତର ଜୀବନୀ ଶକ୍ତି ଶୀତପ୍ରଧାନ ଦେଶଠୁ ପ୍ରାୟ ୯ଗୁଣ ଅଧିକ । ସେଥିପାଇଁ ଏ ଦେଶର ବଣର ଗଛ, ଲତା, ଘାସ ଆଦିର ପ୍ରକାରଭେଦ ଅନେକ । ସୂର୍ଯ୍ୟ କିରଣରୁ ଶକ୍ତି ନେଇ ସେମାନେ ସାରା ବର୍ଷ ମାଟି, ପାଣି ଓ ପବନରୁ ଖାଦ୍ୟ ତିଆରି କରୁଥାନ୍ତି । ସେଥିରେ ନିଜେ ବଞ୍ଚି ନିଜର ଦେହ ଗଢନ୍ତି ଆଉ ବଳକା ବହୁତ ଶକ୍ତି ଅନ୍ୟ ପାଇଁ ସଞ୍ଚି ରଖନ୍ତି । ହାତୀ, ଗୟଳ, ହରିଣ, ମାଙ୍କଡ, ବେଳେରା ମୂଷା, ଝିଙ୍କ, ଠେକୁଆ, ଶୁଆ, ଆଦି ଜୀବଜନ୍ତୁ ଡାଳ, ପତର, ଫୁଲ, ଫଳ, ଘାସ, ମୁଥା ଖାଇ ବଞ୍ଚନ୍ତି । ବାଘ, ଚିତା, ବଣିଆ, ବାଜ, ଅଜଗର, ଅହିରାଜ ଭଳି ମାଂସାଶୀମାନେ ଅନ୍ୟ ଜନ୍ତୁଙ୍କୁ ମାରି ଖାଆନ୍ତି । ଭାଲୁ, ବାର୍ହା, ଶିଆଳ, ଗଧିଆ, ଖାରୀ ଆଦି ଜନ୍ତୁମାନେ ଦିଆଡୁ ଭାଗ ନିଅନ୍ତି । ମାଂସାଶୀ ହେଉ କି ଫଳାହାରି ହେଉ କେହି ନିଜର ଖାଦ୍ୟ ଗଛପରି ତିଆରି କରି ପାରେ ନାହିଁ । ସମସ୍ତେ ଖାଦ୍ୟ ପାଇଁ ବଣ ଜଙ୍ଗଲ ଉପରେ ନିର୍ଭର କରନ୍ତି ।

ଯେ କୌଣସି ଜନ୍ତୁ ବିଶେଷର ବଂଶ ଲୋପ ନ ହେବା ପାଇଁ ତିନୋଟି ଜିନିଷର ବିଶେଷ ଦରକାର । ସେ ଗୁଡିକ ହେଲା, ପ୍ରୟୋଜନ ଅନୁଯାୟୀ ଖାଦ୍ୟ, ବିପଦରୁ ବର୍ଞ୍ଚି ରହିବାର ତତ୍ପରତା ଓ ଉପଯୁକ୍ତ ପ୍ରଜନନ । ଜଙ୍ଗଲ ତା' ଜନ୍ତୁମାନଙ୍କୁ ପ୍ରଥମ ଦୁଇଟି ପୁରାପୁରି ଯୋଗାଇ ଦିଏ, ଆଉ ତୃତୀୟଟିରେ ମଧ୍ୟ ପିଲାଙ୍କୁ ପାଳିବାରେ ସୁବିଧା ଦିଏ ।

ବଣରେ ଖାଲି ଯେ, ଗଛ, ବୁଦା, ଆଦି ଦିନ ରାତି ଖଟି କରି ଜନ୍ତୁଙ୍କ ପାଇଁ ସବୁ ଯୋଗାଇ ଦଅନ୍ତି ତା' ନୁହେଁ । ପ୍ରତିଦାନରେ ଜନ୍ତୁମାନେ ବି ଜଙ୍ଗଲର ବହୁତ ଉପକାର କରନ୍ତି । ଅନେକ ପ୍ରକାର ଗଛ, ବୁଦାର ମଞ୍ଜି ଜନ୍ତୁଙ୍କ ଦେହରେ ଲାଗି ବା ଝାଡାରେ କିମ୍ବା ପାକୁଳିରୁ ବାହାରି ପ୍ରଚିଆଡେ ବିଛେଇ ହୁଏ । ଖୁରା ବାଲା ଜଙ୍ଗଲି ଜନ୍ତୁଙ୍କ ଉଟଙ୍କ ପାଦ ଭଳି ଚେଙ୍ଗା ଓ ମୁନିଆଁ ଖୁରାରେ ମାଟି ଖୋଳି ହୋଇ ହାଲୁକା ହୁଏ । ଛେଳିର ମୁଣ୍ଡା ଖୁରରେ ଚପି ହେଲା ପରି ଟାଣ ହୁଏ ନାହିଁ । ଭୂଇଁ ଖୋଳି ହୋଇ ଉଶ୍ୱାସହେବାରୁ ଏହାକୁ ଜଙ୍ଗଲି ଖୁରସ୍ପର୍ଶ କହନ୍ତି । ବାର୍ହା, ଝିଙ୍କ, ଗାଡଗଲୁ, ବଣୁକାଣ୍ଡିଆ ଭଳି ଅନେକ ଜନ୍ତୁ ଥୋମଣୀ ବା ନଖରେ ଭୂଇଁକୁ ଖୋଳନ୍ତି । ହଜାର, ହଜାର ବନ୍ୟଜନ୍ତୁ ଆଠକାଳି ବାରମାସୀ ଦିନ, ରାତି ଏମିତି ଯେଉଁ ଅନୁପାତରେ କଞ୍ଚାଣ, ବୋହର ତେହର କରନ୍ତି ତାର ପରିମାଣ ଧାରଣା କରିବା ମୁସ୍କିଲ । ହେଲେ ବି ନମୁନା ମାପ ସବୁ ନେଇ କିଛିଟା ଅନୁମାନ କରାଯାଏ । ସେମିତି ବୃକ୍ଷରେ ପାଣି ଦେବିଲେ ସମସ୍ତଙ୍କର ଉପକାର ହୁଏ । ଆଉ ମଧ୍ୟ ସେଠି ମଞ୍ଜି ପଡ଼ି ଗଛ ମାରେ, ଘାସ ଉଧାଏ, ଜଙ୍ଗଲ ବଢେ ଜନ୍ତୁ ବିବର୍ଦ୍ଧି ।

ଏମିତି ଜଙ୍ଗଲ ନଷ୍ଟ କରି ବନ୍ୟଜନ୍ତୁ ସେଥିରେ ଯଥେଷ୍ଟ କ୍ଷତ ବି ଦିଅନ୍ତି । ପ୍ରତିଦିନ ଖାଇ ବୁଲି ସେମାନେ ଯାହା ଲଣ୍ଡି ଓ ଗୋବର ଛାଡନ୍ତି ତାର ହିସାବ କଲେ ବିଶ୍ୱାସ କରି ହେବ ନାହିଁ । ବଣଜନ୍ତୁପର୍ଣ୍ଣ ଗୋଟିଏ ଜଙ୍ଗଲରେ ହେକ୍ଟରେ ପିଛା ବର୍ଷକୁ ଅତି କମରେ ସେମିତି ଦୁଇ ଟନ କ୍ଷତ ପଡେ । ଜନ୍ତୁ ନ ଥିଲେ ସେ ସ୍ପର୍ଶ କୋଉଠୁ ଆସନ୍ତା ନା ସେ କ୍ଷତ କୋଉଠୁ ଆସନ୍ତା । ଜନ୍ତୁଙ୍କୁ ଜଙ୍ଗଲ-ଯେମିତି ଦରକାର ଜଙ୍ଗଲକୁ ଜନ୍ତୁ ବି ସେମିତି ଦରକାର । ଦୁଇଟିକୁ ଭିନ୍ନ କରି କୌଣସି ସଂରକ୍ଷଣ ପରିକଳ୍ପନା ହୋଇ ପାରେ ନା ।

ଆମ ଗାଁର ସେ ଜଙ୍ଗଲ ନାହିଁ କି, ଶାଳ, ଡିମା, ଶିଶୁ, ଗମ୍ଭାରୀ ନାହିଁ । ବରଷ ୨୦—୩୦ ରେ ସବୁ ସଫା । ଏବେ ଅଛି ଖାଲି ଟାଙ୍ଗରା ପାହାଡ ଆଉ ଲଣ୍ଡିଆଳ ନଦୀ । ସେ ହାତୀ, ବାଘ, ନାହାନ୍ତି କି, ସେ ମିରିଗ, ସମ୍ବର ନାହାନ୍ତି । ଅଛନ୍ତି ସାପ ଗୋଧି ଆଉ ଶିଆଳ, ନେଉଳ । କହୁଛି, କାହିଁକି ଏମିତି ହେଲା ସେଥିରୁ ଅନୁମାନ କରିବେ ଯେ—

### ବନ୍ୟଜନ୍ତୁ ସଂରକ୍ଷଣ କ'ଣ ?

ଆବହମାନ କାଳରୁ ଯେତେ ପ୍ରକାର ଗଛ, ବୁଦା, ଲତା, ଘାସ, ପଶୁ, ପକ୍ଷୀ, ସାପ, ମାଛି ଆସିଥିଲେ, ସମସ୍ତେ ନିଜ ନିଜର ଗୁଣ, ଓ ଜନ୍ମଗତ ପ୍ରକୃତି ଖଟାଇ ବଞ୍ଚିବାକୁ ଚେଷ୍ଟା କରିଥିଲେ । ସେ ଭିତରୁ ଯେଉଁମାନଙ୍କୁ ଏଠାର ମାଟି, ପାଣି, ସହିଲା ଓ ଅନ୍ୟମାନଙ୍କ ସାଙ୍ଗରେ ତାଙ୍କ ପ୍ରକୃତି ଖାପ ଖାଇଲା ସେଇମାନେଇ କେବଳ ତିଷ୍ଠିଲେ ଓ ତାଙ୍କ ବଂଶ ବଢିଲା । ସେ ସମସ୍ତଙ୍କୁ ମିଶାଇ ଏ ଜଙ୍ଗଲର ଜୀବ ସମ୍ପ୍ରଦାୟ ଗଢି ଉଠିଲା ଆଉ ସେ ସଂପ୍ରଦାୟର ପ୍ରଭାବରେ ସେଠାର ବାତାବରଣ ଆହୁରି ଅନୁକୂଳ ହେଲା । ସେପରି ସମ୍ପ୍ରଦାୟରେ ଜଙ୍ଗଲ ଓ ଜନ୍ତୁଙ୍କ ସମ୍ପର୍କ ବିଷୟରେ ଆଗରୁ କିଛି ଆଭାସ ଦିଆ ଯାଇଛି । ବହୁ ପୁରାକାଳରେ ଆମ ପୂର୍ବପୁରୁଷମାନେ ସେହି ସମ୍ପ୍ରଦାୟରେ ରହି ବଢୁ ଥିଲେ । ଆମ ବାପ, ଗୋସବାପ ନଷ୍ଟ କରି ଜଙ୍ଗଲରୁ ଅଲଗା ହେଲେ ବି ଜଙ୍ଗଲକୁ ଲାଗିଛି ରହି ସେଥିରୁ ତାଙ୍କ ଗୁହିତା, ଗଛ, ମାଛ, ଶାଗ, ମାଂସ ଆମଦାନୀ କରୁଥିଲେ । ହେଲେ ସେଇ ସୁଦିନ ମାନଙ୍କରେ ହଠାତ୍ ଆରମ୍ଭ ହେଲା ଦ୍ୱିତୀୟ ମହା ଯୁଦ୍ଧ । ଜୀପ୍, ସର୍ଚ୍ଚ-ଲାଇଟ, ରାଇଫଲ, ବ୍ରେନ୍ଗନ କୌଣସିଟା ଆଉ ବାକି ରହିଲା ନାହିଁ । ସେହିଁ ସେହିଁ କ୍ରମଶଃ ଜଙ୍ଗଲର ଜୀବଜନ୍ତୁ ସଂଖ୍ୟା କମି ଆସିଲା । ତା ପୂର୍ବରୁ ପ୍ରତି ରବିବାର କଲେଜ ଛୁଟିରେ ଏକା ମୁଁ ବାର୍ହା ହେଉ, କୁଟାରୀ ହେଉ କି ସମ୍ବର, ହରିଣ ଯାହା ହେଲେ ଗୋଟାଏ ମାରୁଥିଲି । ସେଥିରୁ ବାଣ୍ଟୁଆର ଭାଗ

ଚଉଠେ ପଡି ବାଘୁଆଙ୍କ ଭାଗ ଚଉଠେ, ଆଉ ବାକି ଅଧେ ଗାଁବାଲଙ୍କର । ଆମ ସେ ଇଲକାରେ ପ୍ରତି ବର୍ଷ ଗୋଟାଏ, ଦୁଇଟା ବାଘ ଶିକାର ହେଉଥିଲା । ରଶି ଧୋଇ ଆଦାୟ କରିବାକୁ ଜଙ୍ଗଲ ସବୁ ନ ଥିଲା, ଜନ୍ତୁ ସବୁ ନଥିଲେ କି ଆମଦାନୀ ବି କମ୍ ନ ଥିଲା । ପ୍ରାକୃତିକ ସମ୍ପଦ ସଂରକ୍ଷଣର ତାହା ହେଉଛି ସବୁଠାରୁ ନିର୍ଭରଯୋଗ୍ୟ ମାପକାଠି ।

ଏ ଶତାବ୍ଦୀର ପ୍ରାରମ୍ଭରେ ଆମେରିକାର ଇତିହାସ ପ୍ରସିଦ୍ଧ ଦୂରଦର୍ଶୀ ରାଷ୍ଟ୍ରପତି ଥିଓଡୋର୍ କହିଥିଲେ ଯେ, ଦେଶର ପ୍ରାକୃତିକ ଜୀବ ସଂପଦକୁ ଯଦି ଜନ ସମାଜ ବିବେକୀ ଭାବରେ ବ୍ୟବହାର କରେ ତାହାହେଲେ ଅନିର୍ଦ୍ଦିଷ୍ଟ କାଳଯାଏ ସେ ତାହାର ଅସରନ୍ତି ବ୍ୟବହାର କରି ପାରିବ । ସେ କହିଥିଲେ ଯେ, ଆମେ ପ୍ରାକୃତିକ ଜୀବ ସଂପଦରୁ ଯେତିକି ଖରଚ କରିବୁ, ସେତିକି ପୁଣି ବଢ଼ି କରି ନିର୍ଦ୍ଦିଷ୍ଟ ସମୟରେ ପୂରଣ ହେବ ବୋଲି ନିଃସନ୍ଦେହ ଜାଣିବା ହେଉଛି ବିବେକୀ ବ୍ୟବହାର । ପ୍ରକୃତିର ସଜୀବ ସଂପଦ ପ୍ରତି ସେପରି ବ୍ୟବହାର ହିଁ ଉଚିତ ସଂରକ୍ଷଣ । ସେପରି ହିସାବ ଆମ ବାପା, ଗୋସବାପା କରିନଥିଲେ । କିନ୍ତୁ ସେମାନେ ଥିଲେ, ଗୋଷ୍ଠୀଗତ ମନୋଭାବରେ ପ୍ରଭାବିତ ସ୍ୱାଭାବିକ ରକ୍ଷଣଶୀଳ । ଆଉ ସେଥି-ଯୋଗୁଁ ଆମ ଗାଁ ଜଙ୍ଗଲ ଓ ସେଥିରେ ବନ୍ୟଜନ୍ତୁ ଥିଲେ ସୁରକ୍ଷିତ ଓ ତେଣୁ ଅସରନ୍ତି ଫଳପ୍ରଦ ।

ଆମ ଦେଶରେ ଯୁଦ୍ଧ କାଳ, ମନୋ-ବିକୃତି, ଯୁଦ୍ଧ ପର ଆର୍ଥିକ ଅନଟନ ଓ ସର୍ବୋପରି ସ୍ୱାଧୀନତାର ଅପବ୍ୟବହାର, ଗୋଷ୍ଠୀ ସ୍ୱାର୍ଥକୁ ଆଡ଼େଇ ଦେଇ ନିଜ ସ୍ୱାର୍ଥକୁ ଆଗୁଆ କଲା । ସେଥିର ବିଶେଷ ପ୍ରତିକ୍ରିୟା ହେଲା ସ୍ୱାର୍ଥାନ୍ଧ ବ୍ୟକ୍ତିଗତ ପ୍ରତିଯୋଗିତା । ସେ ପ୍ରତିଯୋଗିତାର ସବୁଠୁ ବଡ଼ ଆଞ୍ଚ ପଡ଼ିଲା ଜଙ୍ଗଲ ଓ ସେଥିରେ ଯାହା ବାକି ଥିଲା ବନ୍ୟଜନ୍ତୁ ଉପରେ ତା'ର ପରିଣତି ଆଗରୁ କୁହାଯାଇଛି । ଖାଲି ଆମ ଗାଁ ଜଙ୍ଗଲ ନୁହେଁ ଦେଶର ଗୁରିଆଡ଼େ ସବୁ ପ୍ରକାର ଜଙ୍ଗଲରେ ଅଳ୍ପ ବହୁତ ସେପରି ହୋଇଛି । ଏ ଉଜୁଡ଼ା ସଂପଦକୁ ସଜାଡ଼ିବାକୁ ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସମାଜର ଦୃଷ୍ଟିକୋଣକୁ ଛାଡ଼ିର ଏତେବଡ଼ ଭୁଲ ପ୍ରତି ସଜାଗ କରି ସମୂହ ସଂରକ୍ଷଣରେ ଶିକ୍ଷିତ ଓ 'ସଂଯତ କରିବା । ଶିକ୍ଷିତ ସଂଯତ ସଂରକ୍ଷଣର କଳ୍ପନାତୀତ ଫଳର ଗୋଟିଏ ଉଦାହରଣ ସାଇଗା ବାଲିହରିଣ । ସାଇଗା ସାଇ-ବେରିଆର ବିସ୍ତୀର୍ଣ୍ଣ ମରୁଭୂମିର ବାଲିହରିଣ । ସେଠାର ଅତି ସୂକ୍ଷ୍ମ ଧୂଳି-କଣାକୁ ଛାଣି ସ୍ୱାସ୍ଥ୍ୟକର ନିଶ୍ୱାସ ନେବା-ପାଇଁ ତା ଥୋମଣୀ ଅତି ମାତ୍ରାରେ ପେଟୁଆ ହୋଇ, ତା ନାକ ଭିତରେ ପରଦା ରୋମାଳ ଶୁଙ୍ଗୁଣୀରେ ଅଭ୍ୟୁଦୟ ହୋଇଛି, ସେପରି ଧୂଳିଭରା ବାୟୁମଣ୍ଡଳରେ ସାଇଗା ଛଡ଼ା ସାଧାରଣ ଅନ୍ୟ ଜନ୍ତୁ ବଞ୍ଚିବା ଅସମ୍ଭବ । ୧୯୨୦ ସାଲରେ ସାରା ରୁଷ ଦେଶରେ ସାଇଗା ସଂଖ୍ୟା ଏକ ହଜାରରୁ କମ୍ ଥିଲା ।

ଉପଯୁକ୍ତ ଓ ପୂର୍ଣ୍ଣାଙ୍ଗ ସଂରକ୍ଷଣରେ ସାଇଗା ପୁନଃ ପ୍ରତିଷ୍ଠିତ ହୋଇ ଏବେ ତା ସଂଖ୍ୟା ତିରିଶ ଲକ୍ଷରୁ ଅଧିକ ହୋଇଛି ଓ ସେଥିରୁ ପ୍ରତି ବର୍ଷ ଦଶ ଲକ୍ଷ ଛାଲ, କୋଡ଼ିଏ ଲକ୍ଷ ଶିଙ୍ଗ ଓ ଏକ କୋଟି ଦଶ ଲକ୍ଷ କିଲୋ-ଗ୍ରାମ ତଟକା ମାଂସ, ସେଥିର ବାର୍ଷିକ ଆୟ ତିରିଶ କୋଟି ଟଙ୍କାରୁ ଅଧିକ ଆଦାୟ ହେଉଛି । ସଂରକ୍ଷଣ ସଚେତନ ୟୁରୋପ, ଆମେରିକା ଆଦି ଅନେକ ଉନ୍ନତ ଦେଶ ମାନଙ୍କର ଜଙ୍ଗଲ ଓ ବନ୍ୟଜନ୍ତୁର ପୂର୍ଣ୍ଣାଙ୍ଗ ସଂରକ୍ଷଣ କରାଯାଉଛି । ସେସବୁ ପ୍ରାକୃତିକ ଜାତୀୟ ସଂପଦର ବହୁମୁଖୀ ବିକାଶ ହୋଇ ତାର ଫଳ ସେ ଦେଶବାସୀ ଅଧିକରୁ ଅଧିକ ଉପଭୋଗ କରୁଛନ୍ତି ।

ଆମ ଏଠାର ଗ୍ରୀଷ୍ମପ୍ରଧାନ ଜଳବାୟୁରେ ସେ ଦେଶ ମାନଙ୍କଠାରୁ ଢେର ବେଶୀ ସଂରକ୍ଷଣ ଓ ଆମଦାନୀ ହୋଇ ପାରିବ । ଗତ ୨୦-୩୦ ବର୍ଷରେ ଯାହା ଉଜୁଡ଼ିଛି ତିକିଏ ସଜାଗ ହେଲେ ଆସନ୍ତା ୨୦-୩୦ ବର୍ଷର ସବୁ ପୁଣି ସଜାଡ଼ି ହୋଇଯିବ । ଆଉ ଯଦି ବୈଜ୍ଞାନିକ ପ୍ରଣାଳୀରେ ସୁଧାରି-ବାକୁ ଆମକୁ ସାହାଯ୍ୟ କରାଯାଏ ତା' ହେଲେ ବର୍ଷ ଦଶଟାରେ ବି ସେମିତି ଫଳ ଆଣି ହେବ । ସେ ଲକ୍ଷ୍ୟ ଆମେ ଶିମିଳିପାଳ ବ୍ୟାଘ୍ର ଯୋଜନାରେ ରଖିଛୁ । କୁମ୍ଭୀର ଯୋଜନା ମଧ୍ୟ ସେପରି ଅନ୍ୟ ଏକ ପରିକଳ୍ପନା । ଏ ପ୍ରକାର ମହତ ପରିକଳ୍ପନା ଓ ଯୋଜନାକୁ ସଫଳ କରିବାକୁ ହେଲେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ।


## ଆଦିବାସୀ ଓ ହରିଜନଙ୍କ ପାଇଁ ୧ ହଜାର ୪୩୫ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ

ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ସାଧାରଣ ଶିକ୍ଷାନୁଷ୍ଠାନ ଗୁଡ଼ିକ ବ୍ୟତୀତ କେବଳ ଆଦିବାସୀ ଓ ହରିଜନ ଛାତ୍ର-ଛାତ୍ରୀ ମାନଙ୍କ ପାଇଁ ରାଜ୍ୟରେ ୧ ହଜାର ୪୩୫ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଚାଲୁ ରହିଛି । ଏଥିରେ ୧ ହଜାର ୧୮୫ ଟି ସେବାଶ୍ରମ, ୮୪ ଟି ଚଟଶାଳୀ, ୩୬ ଟି ଆବାସିକ ସେବାଶ୍ରମ, ୪୦ ଟି ବାଳକ ଆଶ୍ରମ ସ୍କୁଲ, ୨୦ ଟି ବାଳିକା ଆଶ୍ରମ ସ୍କୁଲ, ୫୪ ଟି ବାଳକ ହାଇସ୍କୁଲ, ୧୦ ଟି ବାଳିକା ହାଇସ୍କୁଲ ଏବଂ ୬ ଟି ଶିକ୍ଷକ ତାଲିମ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ।


ବର୍ତ୍ତମାନ ରାଜ୍ୟର ୩୨ ହଜାର ପ୍ରାଥମିକ ବିଦ୍ୟାଳୟରେ ୩ ଲକ୍ଷ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହା ବ୍ୟତୀତ ସେବାଶ୍ରମମାନଙ୍କରେ ୧୦ ହଜାର ଛାତ୍ରଛାତ୍ରୀ, ଶିକ୍ଷା ବିଭାଗ ଅଧୀନସ୍ଥ ୬ ହଜାର ଏମ୍: ଇ: ସ୍କୁଲ ଓ ୨ ହଜାର ହାଇସ୍କୁଲରେ ୮୯ ହଜାର ଛାତ୍ରଛାତ୍ରୀ, ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲରେ ୨୦ ହଜାର ଛାତ୍ରଛାତ୍ରୀ ଏବଂ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ୬ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲାଯାଇଥିବା ୯୮୨ ଟି ଛାତ୍ରାବାସ ଓ ଛାତ୍ରୀ ନିବାସରେ ୧୮ ହଜାର ଛାତ୍ରଛାତ୍ରୀ ରହି ବିଦ୍ୟାଭ୍ୟାସ କରୁଛନ୍ତି ।




ପକ୍ଷୀ ଶାବକ



ନୃତ୍ୟରତ ମୟୂର




ଅଣ୍ଡାସହିତ ଅଜଗର



ବଜ୍ରକାପକା






ମହାବଳ ବାଘ

ନନ୍ଦନ କାନନର ଗଣ୍ଡାର




ସିଂହ






ଝିଙ୍କ

ବାଘ ଛୁଆ



ଥଣ୍ଟିଆ ଥଣ୍ଟିର କୁମ୍ଭୀର



ବଉଳା କୁମ୍ଭୀର




କୁଟୁର





ଚଉସିଂଘା—ମୃଗଜାତୀୟ ପ୍ରାଣୀ

ସମ୍ବର



ସମ୍ବର ଯୂଥ




ଗହିରମଥା (ଭିତର କନିକା ଅଭୟାରଣ୍ୟ) ର ସମୁଦ୍ର କଚ୍ଛପ



ଶିକାର




ନୌକା ବିହାର



ନନ୍ଦନ କାନନସ୍ଥିତ ପୁଷ୍କରିଣୀରେ କୁମ୍ଭୀର ଯାଆଁଳ ଛଡ଼ାଯାଉଛି



ନନ୍ଦନ କାନନରେ ପିଲଙ୍କ ହାତୀଚଢ଼ା



# ଚିତା ବାଘ

ଶ୍ରୀ ଗୌର ମୋହନ ଦାସ

ଅନେକ ଜାତିର ଚିତା ବାଘ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା—ଚିତା ବାଘ ବା କଲରା ପତରିଆ ବାଘ, ତୁଷାର ଚିତା ବାଘ (Snow Leopard), ମେଘୁଆ ଚିତା ବାଘ (Clouded Leopard), ଶିକାରୀ ଚିତା ବାଘ (Hunting Leopard) ଏବଂ ଆମେରିକାର ଚିତା ବାଘ (Jaguar) । କିନ୍ତୁ ଆଜିର ଆଲୋଚନାର ବିଷୟ ହେଲା ଚିତା ବାଘ ବା କଲରାପତୁରିଆ ବାଘ ଯାହାକି ଇଂରାଜୀରେ Leopard ବା Panther କୁହାଯାଏ ।

ଚିତାବାଘର ଉତ୍ପତ୍ତି ସାଇବେରିଆ ବୋଲି ବିଶ୍ୱାସ କରାଯାଉଛି । କିନ୍ତୁ ବର୍ତ୍ତମାନ ସାଇବେରିଆରେ ଚିତା ବାଘ ଦେଖାଯାଉନାହାନ୍ତି । ସାଇବେରିଆରୁ ଚିତା ବାଘ ଏସିଆ ୟୁରୋପ ଓ ଆଫ୍ରିକା ମହାଦେଶକୁ ପ୍ରସାରିତ ହୋଇଥିଲା । କେତେକଙ୍କ ମତରେ ଚିତାବାଘ ଆସାମ ବାଟ ଦେଇ ଭାରତ ବର୍ଷକୁ ପ୍ରଥମେ ଆସିଥିଲା ବୋଲି ଅନୁମାନ କରାଯାଉଛି । ଏହା ବର୍ତ୍ତମାନ ଏସିଆ ଓ ଆଫ୍ରିକା ମହାଦେଶରେ ଦେଖିବାକୁ ମିଳେ । କିନ୍ତୁ ତିବ୍ବତ, ସାହାରା, ଜାପାନ୍, ମାଡ଼ାଗାସ୍କାର, ଆଣ୍ଡାମାନ୍, ଓ ନିକୋବାର ଦ୍ୱିପରେ ଚିତା ବାଘ ଦେଖାଯାଆନ୍ତି ନାହିଁ । ଏହା ଭାରତର ସର୍ବତ୍ର ଓ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଦେଖିବାକୁ ମିଳେ ।

କଳା ଚିତା ବାଘ ବେଳେ ବେଳେ ଆସାମ ପରି ଅତ୍ୟଧିକ ବର୍ଷା ହେଉଥିବା ଅଞ୍ଚଳରେ ଜଙ୍ଗଲରେ ଦେଖାଯାଆନ୍ତି । ଓଡ଼ିଶାର କୋରାପୁଟ, କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାରେ ବେଳେ ବେଳେ କଳା ଚିତା ବାଘ ଦେଖିବାକୁ ମିଳେ । କିନ୍ତୁ ଧଳା ବାଘ ପରି ଧଳା ଚିତା ବାଘ ଦେଖିବାକୁ ମିଳେ ନାହିଁ । ଚିତା ବାଘ ସବୁ ପ୍ରକାର ସ୍ଥାନ, ଯଥା —ଘଞ୍ଚ ଜଙ୍ଗଲ, ବୁଦ୍ ବୁଦିଆ ଜଙ୍ଗଲ, ପଥର କୋରଡ଼, ଗ୍ରାମ ନିକଟ ଜଙ୍ଗଲ ଇତ୍ୟାଦିରେ ରହିପାରେ ।

ଏହା ସହଜରେ ଆୟତ୍ତ କରି ପାରୁଥିବା ସମସ୍ତ ପ୍ରକାର ଜନ୍ତୁ ଖାଆନ୍ତି, ଯଥା —ଗାଈ ଗୋରୁ, ହରିଣ, ମାଙ୍କଡ଼, ଠେକୁଆ ଝିଙ୍କ, ବାରହା ଇତ୍ୟାଦି, ଏପରିକି ପକ୍ଷୀ, ସରିସୃପ ଓ କଙ୍କଡ଼ା ଖାଉଥିବାର ମଧ୍ୟ ଦେଖାଯାଇଛି । ଜନ ବସତି ନିକଟରେ ବାସ କରୁଥିବା ଚିତାବାଘ ସାଧାରଣତଃ ଗୃହପାଳିତ ପଶୁ ଯଥା —ବାଛୁରୀ, ମେଣ୍ଢା, ଛେଳି, ଗଧ, କୁକୁର ଇତ୍ୟାଦି ଖାଏ । ଚିତାବାଘ ଶିକାରର ବେକକୁ ପ୍ରଥମେ ଧରି ମାରେ । ପ୍ରଥମେ ଜନ୍ତୁକୁ ମାରେ ଓ ତା' ପରେ ଶାଗୁଣା ମାନଙ୍କ ଠାରୁ ରକ୍ଷା କରିବା ପାଇଁ ଘଞ୍ଚ ଗଛ ପତ୍ରରେ ଲୁଚାଇ ରଖେ । ବେଳେ ବେଳେ ଗଧିଆ ମାନଙ୍କଠାରୁ ଦୂରେଇବା ପାଇଁ ମାରିଥିବା ଜନ୍ତୁକୁ ଗଛ ଉପରକୁ ନେଇଯାଏ । ସାଧାରଣତଃ ରାତିରେ ଏମାନେ ଖାଦ୍ୟ ଖାଆନ୍ତି । ଚିତା ବାଘ ତା'ର ଶିକାରକୁ ଭୂମି ଉପରୁ ଡେଇଁ ମାରେ ବା ଗଛ ଡାଳ ଉପର ଦେଇ ତଳୁ ଉପରକୁ ଡିଆଁ ମାରି ମାରେ । ଗୋଟିଏ ବଡ଼ ହରିଣକୁ ପାଟିରେ ଧରି ଚିତା ବାଘ

ଗଛ ଉପରକୁ ଚଢୁଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖା ଯାଇଛି । ଏଥିରୁ ଚିତା ବାଘର ଶକ୍ତି ବିଷୟରେ ସମ୍ୟକ୍ ଧାରଣା ମିଳେ । ମହାବଳ ବାଘ ଖାଇ ସାରିବା ପରେ ପାଣି ପିଏ । କିନ୍ତୁ ଚିତା ବାଘ ଖାଇ ସାରିବା ପରେ ପାଣି ପିଇବା ଦରକାର କରେ ନାହିଁ ।


ଜଙ୍ଗଲର ସବୁ ବନ୍ୟ ପ୍ରାଣୀ ପରି ଚିତା ବାଘ ମଧ୍ୟ ସବୁବେଳେ ମଣିଷମାନଙ୍କଠାରୁ ଦୂରରେ ରହିବାକୁ ଚେଷ୍ଟା କରେ । କିନ୍ତୁ ଖାଇବା ସମୟରେ ମଣିଷ ସାମନା ସାମନି ହୋଇଗଲେ ବା ଛୁଆ ହୋଇଥିବା ଚିତା ବାଘ ମା'ନିକଟରେ ମଣିଷକୁ ଦେଖିଲେ ବା ଚିତା ବାଘକୁ ଘଉଡେଇବା ପାଇଁ ଚେଷ୍ଟା କଲେ, ସେ ଆତ୍ମ ରକ୍ଷା ପାଇଁ ମଣିଷ ଉପରେ ଆକ୍ରମଣ କରେ । ବେଳେ ବେଳେ ଚିତା-ବାଘ ମଣିଷ ଖିଆ ହୋଇଥିବାର ଜଣା ଯାଇଛି । ଏହାର ପ୍ରଧାନ କାରଣଗୁଡ଼ିକ ହେଲ—ସେ ରହୁଥିବା ଜଙ୍ଗଲରେ ତା'ର ପ୍ରାକୃତିକ ଖାଦ୍ୟର ଅଭାବ, ଆଘାତ ପାଇ ଜୀବ ଜନ୍ତୁକୁ ମାରିବା ପାଇଁ ଅକ୍ଷମତା ବା ବୃଦ୍ଧାବସ୍ଥାରେ ଦାନ୍ତ ଓ ନଖ କାମ ନକରିବା । ଏପରି ଅବସ୍ଥାରେ ସେ ମଣିଷକୁ ସୁବିଧାରେ ଆକ୍ରମଣ କରେ ଓ ଖାଏ । ନିକଟରେ ଉତ୍ତର ପ୍ରଦେଶର ଏକ ଅଞ୍ଚଳରେ ଗୋଟିଏ ମଣିଷ ଖିଆ ଚିତା ବାଘକୁ ଜନ୍ତା ସାହାଯ୍ୟରେ ଧରି ଦେଖାଗଲା ଯେ, ତାର ପ୍ରାୟ ସବୁ ନଖ ଓ ପାଟିରୁ ତିନୋଟି ବଡ଼ ଦାନ୍ତ (Canine) ନଷ୍ଟ ହୋଇ ଯାଇଛି । ଏସବୁ କାରଣରୁ ସେ କୌଣସି ଜୀବକୁ ଶିକାର କରିନପାରି ସହଜରେ ମାରି ପାରୁଥିବା ମଣିଷ ପ୍ରତି ଆକୃଷ୍ଟ ହୁଏ ବୋଲି ଅନୁମାନ କରାଯାଇଛି । କିନ୍ତୁ ସେ ସାଧାରଣତଃ ମଣିଷଠାରୁ ଦୂରେଇ ରହେ ।

ଜଙ୍ଗଲରେ ଚିତା ବାଘର ପ୍ରଧାନ ଶତ୍ରୁ ହେଲା ମହାବଳ ବାଘ । କିନ୍ତୁ ଜଙ୍ଗଲରେ ଚିତା ବାଘର ବଲିଆ କୁକୁର ଓ ଗଧିଆ ସହିତ ମଧ୍ୟ ସଂଘର୍ଷ ହୁଏ । ଏମାନଙ୍କର ସବୁଠାରୁ ବଡ଼ ଶତ୍ରୁ ହେଲା ମଣିଷ । ଯିଏକି ଅବିଗ୍ଭରିତ ଭାବେ ଏମାନଙ୍କୁ ମାରି ନଷ୍ଟ କରି ଦେଉଛି । ଏହାର ଶ୍ରବଣଶକ୍ତି ଓ ଦୃଷ୍ଟି ଶକ୍ତି ଅତି ଉତ୍ତମ, କିନ୍ତୁ ଘ୍ରାଣ ଶକ୍ତି ସେତେ ଭଲ ନୁହେଁ । ଏମାନେ କରୁଥିବା ଶବ୍ଦ କାଠ କରତିଲା ବେଳେ ହେଉଥିବା ଶବ୍ଦ ସାଙ୍ଗେ ସମାନ । ଏମାନେ ଅତି ସହଜରେ ଗଛ ଉପରେ ଚଢି ପାରନ୍ତି । କିନ୍ତୁ ପାଣିକୁ ଯିବାକୁ ବାଘ ପରି ଭଲ ପାଆନ୍ତି ନାହିଁ । ଅବଶ୍ୟ ଦରକାର ପଡ଼ିଲେ ପାଣିରେ ପଶି ପହଁରି ଯାଇ ପାରନ୍ତି । ଆବଦ୍ଧ ଅବସ୍ଥାରେ ବାଘ ଓ ସିଂହ ପରି ଏମାନେ ସାଧାରଣତଃ କଥା ମାନନ୍ତି ନାହିଁ । ତେଣୁ ଚିତା ବାଘକୁ ସର୍କସରେ ଖେଳ ଦେଖାଉ ଥିବାର ପ୍ରାୟ ଦେଖା ଯାଏ ନାହିଁ । ଅଣ୍ଡିରା ଚିତା ବାଘ ପ୍ରାୟ ସାତ ଫୁଟ ଲମ୍ବ ଓ ପଗ୍ଭଶ କେଜି ଓଜନ ହୁଏ । ସେହିପରି ମାଈ ଚିତା ବାଘ ପ୍ରାୟ ଛ'ଫୁଟ ଲମ୍ବ ଓ ଗ୍ଭଳିଶ କେଜି ଓଜନ ହୁଏ । କିନ୍ତୁ ୮ ଫୁଟ ଲମ୍ବ ଓ ୬୮ କେଜି ଓଜନର ଅଣ୍ଡିରା ଚିତା ବାଘ ମଧ୍ୟ ଦେଖା ଯାଇଛି । ଜନ୍ମ ସମୟରେ ଚିତାର ଛୁଆ ପ୍ରାୟ ଦେଢ଼ ଫୁଟ ଲମ୍ବ ଓ ଓଜନରେ ୫୦୦ ଗ୍ରାମ୍ ହୁଏ । ଭାରତର ବିଭିନ୍ନ ଅଞ୍ଚଳରେ ଦେଖା ଯାଉଥିବା ଚିତା ବାଘ ଆକାର, ପ୍ରକାର ଓ ବର୍ଣ୍ଣରେ ଅନେକ ପାର୍ଥକ୍ୟ ଦେଖାଯାଏ ।

ଚିତାବାଘ ପ୍ରାୟ ତିନିବର୍ଷ ବୟସଠାରୁ ଛୁଆ ଜନ୍ମ କରିବା ପାଇଁ ସକ୍ଷମ ହୁଅନ୍ତି । ଏମାନେ ଥରକେ ଗୋଟିଏରୁ ଗ୍ଭରିଟି ଛୁଆ ଜନ୍ମ କରନ୍ତି କିନ୍ତୁ କେବଳ ଗୋଟିଏ ଛୁଆ ବଡ଼ ହୋଇ ପାରେ ଓ ଅନ୍ୟ ଗୁଡ଼ିକ ମରି ଯାଆନ୍ତି । ଏମାନେ ୯୦ ରୁ ୧୦୦ ଦିନ ଗର୍ଭ ଧାରଣ କଲାପରେ ଛୁଆ ପ୍ରସବ କରନ୍ତି । ଛୁଆ ଜନ୍ମ ହେଲାପରେ ମାଈ ଚିତାବାଘ ଅଣ୍ଡିରା ଚିତାବାଘ ଠାରୁ ଦୂରେଇ ଯାଇ ଛୁଆ ପାଳନରେ ଲାଗେ । ଜନ୍ମ ହେଲାବେଳେ ଛୁଆର ଆଖି ବନ୍ଦ ଥାଏ । ୮ରୁ ୧୪ ଦିନ ଭିତରେ ସେମାନଙ୍କର ଆଖି ଫିଟେ । ମା' ଛୁଆଗୁଡ଼ିକୁ ସବୁବେଳେ ଗୋଟିଏ ସ୍ଥାନରେ ନ ରଖି ମଝିରେ ମଝିରେ ସ୍ଥାନାନ୍ତର କରେ । ବିରାଡ଼ି ପରି ମା' ଛୁଆର ବେକକୁ କାମୁଡ଼ି ଧରି ନିଆ ଅଣା କରେ । ପ୍ରଥମେ ମା' ଖାଉଥିବା ମାଂସକୁ ଛୁଆ ସାମନାରେ ବାନ୍ତି କରି ଛୁଆକୁ ମାଂସ ଖାଇବା ଶିଖାଏ । ଅନ୍ତତଃ ଏକ ବର୍ଷ ପର୍ଯ୍ୟନ୍ତ ମା ସହିତ ଛୁଆ ରହେ । ଚିଡ଼ିଆଖାନାରେ ଦେଖାଯାଇଛି ଯେ ଏମାନେ ହାରାହାରି ପ୍ରତି ୧୫ ମାସରେ ଥରେ ଛୁଆ ଜନ୍ମ କରନ୍ତି କିନ୍ତୁ ଛୁଆ ଯଦି ମରିଯାଏ ବା ଛୁଆକୁ ଯଦି ମା' ଠାରୁ ଦୂରେଇ ନିଆଯାଏ ତେବେ ତା' ଠାରୁ କମ ସମୟ ବ୍ୟବଧାନରେ ମଧ୍ୟ ଚିତା ବାଘ ସନ୍ତାନ ପ୍ରସବ କରିବା ଦୃଷ୍ଟାନ୍ତ ରହିଅଛି । ଏମାନେ ପ୍ରାୟ ପନ୍ଦରରୁ କୋଡ଼ିଏ ବର୍ଷ ବଞ୍ଚନ୍ତି ।

ଭାରତ ସ୍ୱାଧୀନ ହେବା ପୂର୍ବରୁ ଥରେ ହିସାବ କରାଯାଇ ଥିଲା ଯେ ଶିକାରୀମାନେ ଗୋଟିଏ ବର୍ଷରେ ୪,୦୮ଟି ଚିତାବାଘ ମାରିଲେ । ୧୯୨୦ ମସିହାରେ ହିସାବ କରାଯାଇଥିଲା ଯେ ଭାରତରେ ଏକ ଲକ୍ଷ ଚିତାବାଘ ଥିଲେ । କିନ୍ତୁ ୧୯୬୪ ମସିହାରେ ହିସାବ କରାଯାଇଥିଲା ଯେ ସେମାନଙ୍କର ସଂଖ୍ୟା କମି ୭,୦୦୦ କୁ ଆସିଯାଇଥିଲା । ଏବେ ହୁଏତ ଏହି ସଂଖ୍ୟା ଆହୁରି କମହୋଇ ପାରିଥାଏ । ଶିକାରୀମାନେ ଏମାନଙ୍କର ଚମଡ଼ା ବିଦେଶରେ ବିକ୍ରି କରିବା ପାଇଁ ବିଭିନ୍ନ ଉପାୟରେ ମାରି ଦେଉଛନ୍ତି । ଗୋଟିଏ ଚିତା ବାଘ ଚମଡ଼ାର ଦାମ୍ ବିଦେଶରେ ପ୍ରାୟ ୧୫୦୦ ଡ଼ଲାର । ତେଣୁ ଏମାନଙ୍କୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ସାରା ଭାରତରେ ବିଭିନ୍ନ ପଦକ୍ଷେପ ନିଆ ଯାଇଛି । ଭାରତର ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ (୧୯୭୨) ଅନୁଯାୟୀ ଚିତାବାଘକୁ ୧ମ ତଫସିଲ ଭୁକ୍ତ କରାଯାଇଛି । ଚିତାବାଘ ବା ତା'ର ଦେହାବଶେଷକୁ ବିଦେଶକୁ ରପ୍ତାନୀ ବନ୍ଦ କରାଯାଇଛି । ଅନ୍ୟ ଜୀବଜନ୍ତୁଙ୍କ ସହିତ ଚିତାବାଘକୁ ସଂରକ୍ଷଣ କରିବା ପାଇଁ ଭାରତର ବିଭିନ୍ନ ଅଞ୍ଚଳରେ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନମାନ ସୃଷ୍ଟି କରାଯାଇଛି ଓ ଆହୁରି କେତେକ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ରହିଛି । ଚିଡ଼ିଆଖାନାମାନଙ୍କରେ ଏମାନଙ୍କର ସଂଖ୍ୟା ବୃଦ୍ଧି କରିବା ପାଇଁ ଚେଷ୍ଟା କରାଯାଉଛି । ସୁଖର କଥା ଆମ ରାଜ୍ୟର ଚିଡ଼ିଆଖାନା ନନ୍ଦନକାନନରେ ଚିତା-ବାଘର ବଂଶ ବୃଦ୍ଧି କରାଯାଇ ଭାରତର କେତେକ

ଚିଡ଼ିଆଖାନା ଯଥା—ବିଶାଖାପାଟଣା, ଅହମଦାବାଦ, କାନପୁର ଇତ୍ୟାଦି ଚିଡ଼ିଆଖାନାକୁ ଯୋଗାଇ ଦିଆଯାଇଛି । ଚିତାବାଘର ଗଣନା ପାଇଁ ମଧ୍ୟ ପ୍ରସ୍ତାବ ବିଚାରାଧୀନ ଅଛି । ଯଦି କୌଣସି ଚିତାବାଘ ମଣିଷଖିଆ ପାଲଟି ଲୋକଙ୍କର ଧନ ଜୀବନ ପ୍ରତି ବିପଦ ସୃଷ୍ଟିକରେ ତେବେ ସେହି ଚିତାବାଘକୁ ଆଇନ୍ ଅନୁଯାୟୀ ମାରିଦେବାର ମଧ୍ୟ ବ୍ୟବସ୍ଥା ଅଛି । ଏସବୁ ବ୍ୟବସ୍ଥା ସତ୍ତ୍ୱେ—ସର୍ବସାଧାରଣଙ୍କ ସହଯୋଗ ବିନା ଅନ୍ୟ କେତେକ ମୂଲ୍ୟବାନ ପ୍ରାଣୀଙ୍କ ପରି ଚିତାବାଘକୁ ମଧ୍ୟ ଆମେ ହରାଇ ପାରୁ । ତେଣୁ ସରକାରଙ୍କ ସହିତ ସର୍ବସାଧାରଣ ଚିତାବାଘ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ହେଉଥିବା ଯୋଜନା ଗୁଡ଼ିକରେ ସହଯୋଗ କରିବା ଏକାନ୍ତ ଆବଶ୍ୟକ ।



## ଇଉକାଲି ପଟାସ ଗଛ ପ୍ରତି ସାବଧାନ ରହନ୍ତୁ

...ଏକାଲି ପଟାସ ଏକ ଉପକାରୀ ବୃକ୍ଷ ବୋଲି ଯୁଗ ଯୁଗ ଧରି ଆମର ଯେଉଁ ଧାରଣା ରହି ଆସିଥିଲା ତାହା ସମୟାନୁକ୍ରମେ ପରିବର୍ତ୍ତିତ ହୋଇଛି । ତେବେ ଏକଥା ସତ୍ୟ ଯେ ଜାଳେଣି କାଠ ଯୋଗାଣ ତଥା ଔଷଧାଦି ପ୍ରସ୍ତୁତି କ୍ଷେତ୍ରରେ ଏହାର ଉପଯୋଗିତାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ମାତ୍ର ଏହାର ଉପକାରିତା ତୁଳନାରେ ଅପକାରିତା ଯଥେଷ୍ଟ ବେଶୀ ହୋଇଥିବା ଦୃଷ୍ଟିରୁ ତାହା ମାନବ ସମାଜ ନିମନ୍ତେ କ୍ଷତିକାରକ ବୋଲି ବୈଜ୍ଞାନିକମାନେ ମତ ପୋଷଣ କରନ୍ତି ।

ସଂପ୍ରତି ଗବେଷଣା ଗୁଡ଼ିକର ଫଳା ଫଳରୁ ଜଣା ପଡ଼ିଛି ଯେ ଉକ୍ତ ବୃକ୍ଷର ଜଳ ଗ୍ରହଣ ଶକ୍ତି ।ତେ ପ୍ରବଳ ଯେ ପ୍ରତ୍ୟେକ ବୃକ୍ଷ ନିଜ ନିଜର ଆବଶ୍ୟକତା ମୁତାବକ ପ୍ରତ୍ୟହ ୮୦ ଗ୍ୟାଲେନ୍ ଜଳ ଦରକାର କରିଥାନ୍ତି । ଇସ୍ରାଏଲ ଓ ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନଙ୍କରେ ଜଳୁଆ ଜମିଗୁଡ଼ିକରୁ ଜଳ ଶୁଖାଇବା ନିମନ୍ତେ ସଂପୃକ୍ତ ଜମିର ସନ୍ନିକଟରେ ଇଉକାଲି ପଟାସ ବୃକ୍ଷ-ରୋପଣ କରାଯାଇଥାଏ । ମୃତ୍ତିକାର ଉର୍ବରତା ଉପରେ ମଧ୍ୟ ଏହାର ବିଶେଷ କୁପ୍ରଭାବ ରହିଛି । ଇଉକାଲି ପଟାସ ବୃକ୍ଷ ଲଗାଇ ଥିବା ମୃତ୍ତିକାରେ ଜଳର ସ୍ତର କ୍ରମଶଃ ନିମ୍ନମୁଖୀ ହୋଇଯାଏ ଓ ଏହା ଫଳରେ ଅନ୍ୟାନ୍ୟ ବୃକ୍ଷଗୁଡ଼ିକ ସେଠାରେ ବିଶେଷ ଉଧାଇ ପାରେନାହିଁ । ଏତଦ୍‌ବ୍ୟତୀତ ଇଉକାଲି ପଟାସ ବୃକ୍ଷଥିବା ଜଙ୍ଗଲଗୁଡ଼ିକରେ ଅନ୍ୟସବୁ ଗଛ ଭଲରୂପେ ବଢ଼ିପାରନ୍ତି ନାହିଁ ଓ ଏହା ଫଳରେ ପକ୍ଷୀମାନେ ଯଥେଷ୍ଟ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି । ସେମାନେ ଇଉକାଲି ପଟାସ ବୃକ୍ଷର ହାଲୁକା ଡାଳ ଓ ପତ୍ରରେ ବସା ବାନ୍ଧି ପାରନ୍ତି ନାହିଁ । ଏହା ଫଳରେ ପକ୍ଷୀ ଜଗତ ନିମନ୍ତେ ଏହା ବିପଦପୂର୍ଣ୍ଣ ପ୍ରତୀତ ହୁଏ । ଏହାଛଡ଼ା ଇଉକାଲି ପଟାସ ବୃକ୍ଷ ବାୟୁମଣ୍ଡଳର ଆର୍ଦ୍ରତାକୁ ସଂପୂର୍ଣ୍ଣ ରୂପେ ଶୁଷ୍କ କରିବା ସଙ୍ଗେ ସଙ୍ଗେ କେତେକ ପରିସ୍ଥିତିଗତ ପରିବର୍ତ୍ତନ ମଧ୍ୟ ସଂଗଠିତ କରେ । ଏହା ଆଜି ସମଗ୍ର ମାନବ ଜାତି ସମ୍ମୁଖରେ ଏକ ଆସନ୍ନ ସଂକଟ ରୂପେ ଦେଖା ଦେଇଛି । ଜନସାଧାରଣ ଏହି ବୃକ୍ଷର ଅପକାରିତା ଉପଲବ୍ଧି କରି ସତର୍କତା ସହକାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

*With Best Compliments From:*

# HINDUSTAN AERONAUTICS LIMITED

**(KORAPUT DIVISION)**

**POST: SUNABEDA-763002**

**DIST: KORAPUT (ORISSA)**

# ଓଡ଼ିଶାରେ ଗୁରୁ ନାନକ

**ଶ୍ରୀ ଅମର ସିଂହ**

ଯୁଗେ ଯୁଗେ ଦେବ ଅଥବା ଯୁଗାବତାର ପୁରୁଷ ସଂସାରରୁ ଦୁଷ୍ଟ ସଂହାର ଉଦ୍ଦେଶ୍ୟରେ ଧରାଧାମରେ ଅବତୀର୍ଣ୍ଣ ହୋଇଥାନ୍ତି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି "ସାଧୁ ସଜ୍ଜନ ପାଳନ ଓ ଦୁଷ୍ଟ ବିନାଶନ ପାଇଁ ପ୍ରତି ଯୁଗରେ ମୁଁ ନର ରୂପ ଧାରଣ କରିଥାଏ ।" ସମାଜରେ ସତ୍ୟନ୍ୟାୟ ପ୍ରତିଷ୍ଠା ପୂର୍ବକ ମାନବ ଆତ୍ମାକୁ ମାୟା ବନ୍ଧନରୁ ମୁକ୍ତ କରିବା ଲାଗି ଏହିପରି ବିଭିନ୍ନ ସମୟରେ ଯୁଗାବତାର ପୁରୁଷମାନଙ୍କର ଆବିର୍ଭାବ ହୋଇଥାଏ । ସେମାନେ ସମାଜର ତତ୍କାଳୀନ ଆବଶ୍ୟକତା ସହ ସମନ୍ୱୟ ରକ୍ଷା କରି ମାନବ ଜାତିକୁ ଉଚିତ ମାର୍ଗରେ ପରିଚାଳିତ ହେବା ଲାଗି ଦିଗ୍‌ଦର୍ଶନ ଦେଇଥାନ୍ତି ।

ଗୁରୁନାନକ ହେଉଛନ୍ତି ଏଭଳି ଅବତାର ପୁରୁଷମାନଙ୍କ ମଧ୍ୟରୁ ଅନ୍ୟତମ । ସେ ତତ୍କାଳୀନ ସମାଜର କୁସଂସ୍କାର ରୂପ ଘନ ତମସା ଭେଦ କରି ସତ୍ୟାଲୋକର ମାର୍ଗ ଉନ୍ମୋଚନ କରିବାପାଇଁ ଏହି ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ସମାଜରେ ପ୍ରଚଳିତ ଚିରାଚରିତ ପ୍ରଥାଗୁଡ଼ିକୁ ଭଙ୍ଗ କରି ସମଗ୍ର ମାନବ ଜାତି ମଧ୍ୟରେ ସଂହତି ପ୍ରତିଷ୍ଠା କରିବା ଥିଲା ତାଙ୍କର ମୁଖ୍ୟ ଅଭିପ୍ରାୟ । ଭଲ ପାଇବାରୁ ଭକ୍ତିଭାବ ଉଦ୍ରେକ ହୁଏ ଓ ଏହି ଭକ୍ତିଭାବ ଈଶ୍ୱରଙ୍କ ସତ୍ତା ଉପଲବ୍ଧି ପାଇଁ ପ୍ରେରଣା ଦେଇଥାଏ । ଦଳିତ ଓ ପତିତମାନଙ୍କୁ ଉଦ୍ଧାର କରିବା ଓ ଦୁର୍ବଳ ତଥା ଅବ୍ୟବସ୍ଥିତ ମନରେ ବିଶ୍ୱାସ ସଞ୍ଚାର କରିବା ଥିଲା ତାଙ୍କ ଧର୍ମ ପ୍ରଚାରର ମୂଳ ଲକ୍ଷ୍ୟ । ବିଭିନ୍ନ ଜାତି, ବର୍ଣ୍ଣ ତଥା ସମ୍ପ୍ରଦାୟରେ ବିଭକ୍ତ ମାନବ ଜାତିର ଦୁଃଖ ମୋଚନ ପାଇଁ ସେମାନେ ଯେ ସମସ୍ତେ ଏକ ଭଗବାନଙ୍କର ସନ୍ତାନ ସେ ସମ୍ପର୍କରେ ସେମାନଙ୍କୁ ସେ ସଚେତନ କରାଇ ଦେଇଥିଲେ । ଘର ସଂସାର ତ୍ୟାଗ କରି, ଶରୀରକୁ ପୀଡ଼ା ଦେଇ ଏଣେ ତେଣେ ବୁଲିଲେ କିମ୍ବା ବାହ୍ୟ ସଂଯମ ଆଚରଣ ପୂର୍ବକ ବହୁବାର ତୀର୍ଥସ୍ଥାନ ପର୍ଯ୍ୟଟନ କଲେ ନତୁବା ଯଜ୍ଞ ହୋମାଦିରେ ନୈବେଦ୍ୟ ସମର୍ପଣ କଲେ ନିର୍ବାଣପ୍ରାପ୍ତି ହେବ ନାହିଁ ବୋଲି ସେ କହୁଥିଲେ । ମାତ୍ର ଯେତେବେଳେ ଭକ୍ତି ରୂପକ ଅର୍ଘ୍ୟ ନିଜ ଭିତରେ ଉଦ୍ଭାବିତ ହୋଇ ଉଠିବ ଓ ଈଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ମନୁଷ୍ୟ ନିଜ ନିଜର କର୍ତ୍ତବ୍ୟ ସୁସ୍ତରୂପେ ସମ୍ପାଦନ କରି ପାରିବେ ସେତେବେଳେ ମଣିଷ ମନରୁ ଅହଂଭାବ ଦୂରହୋଇ ଏକ ଉଚ୍ଚତର ଚେତନାର ପଥ ଉନ୍ମୁକ୍ତ ହେବ । ଗୁରୁ ନାନକ ନିଜକୁ ହିନ୍ଦୁ କିମ୍ବା ମୁସଲମାନ ସମ୍ପ୍ରଦାୟର ନୁହନ୍ତି ବୋଲି କହୁଥିଲେ । ସେ ଏକେଶ୍ୱରବାଦରେ ବିଶ୍ୱାସ କରୁଥିଲେ ଓ ଅନ୍ୟ ସମସ୍ତେ ଏଥିପ୍ରତି ଆକୃଷ୍ଟ ହେବାପାଇଁ ପ୍ରବର୍ତ୍ତାଉଥିଲେ ।

ପଞ୍ଚଦଶ ଶତାବ୍ଦୀ ଭାରତ ବର୍ଷ ପାଇଁ ସଙ୍କଟର କାଳ ଥିଲା । ଭାରତ ଉପରେ ବାହ୍ୟ ଶତ୍ରୁର ପ୍ରଚଣ୍ଡ ଆକ୍ରମଣ ଲାଗି ରହିଥିଲା । ଏହି ନୃଶଂସ ଆକ୍ରମଣର ଶିକାର ହୋଇ ଅସଂଖ୍ୟ ଲୋକ ମରୁଥିଲେ । ଏଭଳି ଏକ ସନ୍ଧିକ୍ଷଣରେ ଭାରତର ଲୋକମାନେ ସେମାନଙ୍କର ଆଧ୍ୟାତ୍ମିକ ଐତିହ୍ୟ ଏବଂ ଏକତାବଦ୍ଧ ଭାବେ ନିଜକୁ ରକ୍ଷା କରିବା ଲାଗି ଆବଶ୍ୟକ ଦୃଢ଼ତା ଓ ସାହସିକ ମନୋଭାବ ସମ୍ପୂର୍ଣ୍ଣ ଭାବେ ହରାଇ ବସିଲେ । ସେମାନଙ୍କ ବୀରୋଚିତ ପରଂପରା ସତ୍ତ୍ୱେ ସେମାନେ ଏକ ଈଶ୍ୱରବାଦ ଉପରେ ନିଜର ଦୃଢ଼ ଆତ୍ମ-ପ୍ରତ୍ୟୟ ପ୍ରତିଷ୍ଠା ନକରି କୁସଂସ୍କାରଗତ ପର୍ବପର୍ବାଣୀ ପାଳନ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କଲେ । ଏହା ଫଳରେ ସେମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ହୋଇ ପାରିଲା ନାହିଁ ଓ ସେମାନେ କ୍ରମେ ନିଷ୍କ୍ରିୟ ହୋଇ ପଡ଼ିଲେ । ସମାଜରେ ବିଶୃଙ୍ଖଳା ଦେଖାଦେଲା । ଲୋକମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ ଓ ସାହାଯ୍ୟ ନିମନ୍ତେ କେଉଁଠାକୁ ଯିବେ ସେ ସମ୍ପର୍କରେ ସନ୍ଦିହାନ ହୋଇ ପଡ଼ିଲେ । ଏଭଳି ଏକ ପରିସ୍ଥିତି ମୁହୂର୍ତ୍ତରେ ଲାହୋରଠାରୁ ପ୍ରାୟ ୩୫ ମାଇଲ ଦୂରରେ ରାବି ନଦୀ ତଟସ୍ଥ ତଲୱଣ୍ଡି ଗ୍ରାମରେ ୧୪୬୯ ମସିହା ନଭେମ୍ବର ୨୩ ତାରିଖ ଦିନ ଗୁରୁ ନାନକ ଜନ୍ମ ଗ୍ରହଣ କଲେ । ସମ୍ପ୍ରତି ଏହି ଗ୍ରାମଟି ନାନକ ସାହେବ ନାମରେ ଖ୍ୟାତ ଏବଂ ଶିଖ ସମ୍ପ୍ରଦାୟ ସମେତ ପୃଥିବୀର ବିଭିନ୍ନ ଦେଶରୁ ଲକ୍ଷ ସଂଖ୍ୟକ ଲୋକ ଏହି ସ୍ଥାନ ପରିଦର୍ଶନ ପାଇଁ ଆସିଥାନ୍ତି ।

ଗୁରୁ ନାନକ ଯାହା କହୁଥିଲେ ତାହା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରୁଥିଲେ । ସେ ଏକାଧାରରେ ନିଜକୁ ଜଣେ ଶ୍ରମିକ, କୃଷକ, ବ୍ୟବସାୟୀ, ସରକାରୀ କର୍ମଚାରୀ, ଧର୍ମଯାଜକ, ଦେଶପ୍ରେମୀ ଓ କବିରୂପେ ପ୍ରତିଷ୍ଠିତ କରି ପାରିଥିଲେ । କୃଷି କ୍ଷେତ୍ରରେ କାର୍ଯ୍ୟରତ ସହଯୋଗୀ କୃଷକ ଯେପରି ଗୁରୁ ନାନକଙ୍କୁ ଅତିମାନବ ରୂପେ ଚିନ୍ତା ନକରେ ସେଥି ନିମନ୍ତେ ସେ କୃଷି କ୍ଷେତରେ ସେମାନଙ୍କ ସହ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ସାଧାରଣ ମନୁଷ୍ୟ ପରି ତାଙ୍କର ମଧ୍ୟ ସମସ୍ୟାମାନ ରହିଛି ବୋଲି ପ୍ରତିପାଦିତ କରିବା ନିମନ୍ତେ ସେ ଏଭଳି ଆଚରଣ କରୁଥିଲେ । ପାର୍ଥକ୍ୟ ମଧ୍ୟରେ ଏତିକି ପରିଦୃଷ୍ଟ ହେଉଥିଲା ଯେ ସେ ଉକ୍ତ ସମସ୍ୟାଗୁଡ଼ିକୁ ଯେଉଁଭଳି ଅସାଧାରଣ ଅଧ୍ୟବସାୟ ଓ ଦୂରଦୃଷ୍ଟି ସହକାରେ ସମାଧାନ କରୁଥିଲେ ତାହା ସାଧାରଣ ମନୁଷ୍ୟ ପକ୍ଷେ ସହଜସାଧ୍ୟ ହେଉନଥିଲା । ପ୍ରଶାସନିକ କ୍ଷେତ୍ରରେ ନିଜକୁ ଏକ ସଚ୍ଚୋଟ ତଥା ବିଶ୍ୱସ୍ତ କର୍ମଚାରୀ ରୂପେ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ସେ କିଛି କାଳପାଇଁ ସରକାରୀ କାର୍ଯ୍ୟ କରିଥିଲେ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ କୌଣସି ଭେଦଭାବ ନରଖି ସେ ଯେପରି ଉଭୟଙ୍କୁ ଆଦର କରୁଥିଲେ ସେହିପରି ଶାସନ କ୍ଷେତ୍ରରେ କୌଣସି ପାତର ଅନ୍ତର ଭାବ ନରଖି ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିଲେ ।

ସମାଜରୁ ଉଚ୍ଚ ନୀଚ ଭେଦଭାବ ଦୂର କରିବା, ପ୍ରତେକ ମଣିଷ ସମାନ, ପୁରୁଷ ଓ ମହିଳା ମଧ୍ୟରେ ପାର୍ଥକ୍ୟ ଦୂର କରିବା ଓ ଶାସକ ଓ ଶାସିତ ମଧ୍ୟ ସମାନ—ଏହି ଭାବ ସମସ୍ତଙ୍କ ମଧ୍ୟରେ ପରିବ୍ୟାପ୍ତ କରିବା ପାଇଁ ଗୁରୁ ନାନକ ବିଶେଷ ସଚେଷ୍ଟ ଥିଲେ । ଗୁରୁ ନାନକଙ୍କ ଏହି ବାଣୀ ଦେଶର ଜନସାଧାରଣଙ୍କ ମଧ୍ୟରେ ଅପୂର୍ବ ଶିହରଣ ଆଣି ଦେଇଥିଲା । ଦେଶର ଅଗଣିତ ଲୋକ ଏମାନଙ୍କ ବାଣୀର ମହତ୍ତ୍ୱ ହୃଦୟଙ୍ଗମ କରିପାରିଲେ ଏହା ସେମାନଙ୍କ ହୃଦୟରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା । ତାଙ୍କ ଦ୍ୱାରା ପ୍ରଚାରିତ ଜୀବନ ତତ୍ତ୍ୱରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରିବାକୁ ସେ ଦେଶ ବ୍ୟାପୀ ଐତିହାସିକ ପଦଯାତ୍ରା ଆରମ୍ଭ କରିଥିଲେ । ସେ ଏହି ଧରାଧାମରେ ତାଙ୍କର ୭୧ ବର୍ଷର ମୂଲ୍ୟବାନ ତଥା ଗୌରବମୟ ଜୀବନ ଅତିବାହିତ କରିଥିଲେ । ତାଙ୍କର ଜୀବନ କାଳ ମଧ୍ୟରେ ଦୀର୍ଘ ୨୫ ବର୍ଷ ଧରି ସେ ଓଡ଼ିଶା ମକ୍କା, ମଦିନା, ତୁର୍କୀ ଏପରିକି ଚୀନ ସମେତ ଭାରତର ବିଭିନ୍ନ ପ୍ରାନ୍ତ ପରିଭ୍ରମଣ କରିଥିଲେ । ମଣିଷ ମନରୁ ଅଜ୍ଞାନତା ଦୂର କରି ସେମାନଙ୍କୁ ପ୍ରଗତି ପଥରେ ଆଗେଇନେବା ଲାଗି ସେ ପଦବ୍ରଜରେ ୫୦,୦୦୦ ମାଇଲ ଯାତ୍ରା କରିଥିଲେ ବୋଲି କୁହାଯାଏ । ସିଂହଳ ଦେଶର ରାଜାଙ୍କୁ ତାଙ୍କ ପ୍ରଭାବିତ

ତତ୍ତ୍ୱରେ ଅନୁପ୍ରାଣିତ କରିବା ଲାଗି ସେ ସିଂହଳରେ ପ୍ରାୟ ଦେଢ଼ ବର୍ଷ ଅବସ୍ଥାନ କରିଥିଲେ ।

୧୫୦୬ ମସିହାରେ ଗୁରୁ ନାନକ ୩୬-୩୭ ବର୍ଷ ବୟସରେ ଓଡ଼ିଶାରେ ପଦାର୍ପଣ କରିଥିଲେ । ବହୁ ପଥ ଅତିକ୍ରମ କରାପରେ ସେ କଟକଠାରେ ମହାନଦୀ କୂଳରେ ଆସି ପହଞ୍ଚିଥିଲେ । ଗୁରୁ ନାନକ ଯେଉଁ ସ୍ଥାନରେ ବିଶ୍ରାମ ଗ୍ରହଣ କରିଥିଲେ, ତାହା ଆଜି କାଳିଆବୋଦା ନାମରେ ପରିଚିତ । ଗୁରୁ ନାନକଙ୍କ ସ୍ମରଣାର୍ଥେ ଓ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସେଠାରେ ଏକ ବିରାଟ ଗୁରୁଦ୍ୱାର ନିର୍ମାଣ କରାଯାଇଛି । ଉକ୍ତ ଗୁରୁଦ୍ୱାରରେ ପରିଦର୍ଶକମାନଙ୍କର ରହିବାର ସୁବିଧା ମଧ୍ୟ ରହିଛି । ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଗୁରୁ ନାନକଙ୍କୁ ସମ୍ମାନ ଓ ଭକ୍ତି ଜ୍ଞାପନ କରିବା ପାଇଁ ତାଙ୍କ ନିକଟକୁ ଯାଇଥିଲେ ଓ ସେଠାରେ ଗୋଟିଏ ଦିନ ଅବସ୍ଥାନ କରିଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ । ରାଜ୍ୟପାଳଙ୍କ ଏତାଦୃଶ ଆଗ୍ରହ ଯୋଗୁଁ ଚୈତନ୍ୟ ଭାରତୀଙ୍କ ମନରେ ଘୋର ଈର୍ଷା ଜାତ ହେଲା ଓ ସେ ଗୁରୁ ନାନକଙ୍କ ଅନିଷ୍ଟ ସାଧନ ପାଇଁ ଭୈରବ ଠାକୁରଙ୍କୁ ଆବାହନ କଲେ । ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଅନିରୁଦ୍ଧ ଦାସଙ୍କ ପ୍ରଣୀତ 'ସନ୍ଥ ନାନକ' ପୁସ୍ତକରେ ଏହା ଉଲ୍ଲେଖ ରହିଛି । ସେଥିରେ ଆଉ ମଧ୍ୟ ଉଲ୍ଲେଖ ଅଛି ଯେ ଉକ୍ତ ଭୈରବ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ଗୁରୁନାନକଙ୍କର ଆଦୌ କ୍ଷତି ସାଧନ କରି ନଥିଲେ । ଏହା ଫଳରେ ଚୈତନ୍ୟ ଭାରତୀ କ୍ରୁଦ୍ଧ ହୋଇ ଶାହାଡ଼ା ଗଛର ଖଣ୍ଡିଏ ଡାଳ ଧରି ଗୁରୁ ନାନକଙ୍କୁ ମାରିବା ନିମନ୍ତେ ଉଦ୍ୟତ ହେଲେ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ସେ ଗୁରୁ ନାନକଙ୍କୁ ଅବଲୋକନ କଲା ମାତ୍ରେ ଭଗବତ ପ୍ରେମରେ ବିମୋହିତ ହୋଇ ପଡ଼ିଲେ ଓ ସେ ଏପରି ଭାବତନ୍ମୟ ହୋଇ ପଡ଼ିଲେ ଯେ ଧରିଥିବା ଶାହାଡ଼ା ଡାଳଟି ଆପେ ଆପେ ନିଜ ହାତରୁ ଖସି ପଡ଼ିଲା । ଏହା ପରେ ସେ ନିଜେ ଗୁରୁ ନାନକଙ୍କୁ ପ୍ରଣିପାତ କଲେ । ଗୁରୁନାନକ ଉକ୍ତ ଶାହାଡ଼ା ଡାଳରୁ ଖଣ୍ଡିଏ ଭାଙ୍ଗି ଦାନ୍ତକାଠି ପାଇଁ ରଖିଲେ ଓ ଅବଶିଷ୍ଟ ଅଂଶକୁ ଏହା ଯେଉଁଠି ପଡ଼ିଥିଲା ସେଠାରେ ନିଜ ହାତରେ ପୋତିଦେଲେ । ଉକ୍ତ ସାହାଡ଼ା ଡାଳଟି କ୍ରମଶଃ ଏକ ବିରାଟ ଗଛରେ ପରିଣତ ହେଲା । ମାତ୍ର ତାହା ସମୟାନୁକ୍ରମେ ନଦୀ ଗର୍ଭ ପସାର ଫଳରେ ଉପୁଡ଼ି ପଡ଼ିବାର ଆଶଙ୍କା ଯୋଗୁଁ କାଟି ଦିଆଗଲା ଓ ଏହାକୁ ସ୍ମାରକୀ ରୂପେ ରଖାଯାଇଛି । ଉକ୍ତ ଶାହାଡ଼ା ଗଛଟିର ବୟସ କେତେ ତାହା ନିରୂପଣ କରିବା ପାଇଁ ବିଶେଷଜ୍ଞମାନେ ପରୀକ୍ଷା କରିଥିଲେ । ଏହାର ସନ୍ନିକଟରେ ଶିଖମାନେ ଏକ ଗୁରୁଦ୍ୱାର ନିର୍ମାଣ କରିଛନ୍ତି ଓ ତାହା ଦାତନ ସାହେବ ନାମରେ ଖ୍ୟାତ ।

ଓଡ଼ିଶାର ବନ୍ଦୋବସ୍ତ ନଥିପତ୍ରରୁ ଜଣାପଡ଼ିଛି ଯେ ବାଲେଶ୍ୱର ଜିଲ୍ଲା ସୋରଠ ନିକଟରେ 'ସଙ୍ଗତ' ନାମରେ ଏକ ଗ୍ରାମ ଅଛି । ସମୂହ ପ୍ରାର୍ଥନା ଓ ସମୂହ 'ଦିୱାନ' ଅନୁଷ୍ଠିତ ପାଇଁ ଗୁରୁ ନାନକ ଏଠାରେ ଅବସ୍ଥାନ କରିଥିଲେ ବୋଲି ଉଲ୍ଲେଖ ରହିଛି । ଉକ୍ତ ଗ୍ରାମରେ ଏକ ଯାଗା ଅଛି ଯାହାକି 'ନାନକ ଦିହ' ନାମରେ ପରିଚିତ । ଉକ୍ତ ଯାଗାରେ ଗୁରୁ ନାନକ ଏକ ଛୋଟିଆ କୁଡ଼ିଆ ନିର୍ମାଣ କରିଥିଲେ । ଏହି ଗ୍ରାମରେ କବି ବଂଶୀ ବଲ୍ଲଭ ଗୋସ୍ୱାମୀ ଅଷ୍ଟାଦଶ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ । ସେ ଓଡ଼ିଆ, ବଙ୍ଗଳା, ହିନ୍ଦି ଓ ପାରସ୍ୟ ଭାଷାରେ ବହୁ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଏକ କବିତାରେ ସେ ଉକ୍ତ ଗ୍ରାମ ବିଷୟରେ ଉଲ୍ଲେଖ କରିଛନ୍ତି ଓ ଲେଖିଛନ୍ତି ଯେ ଗୁରୁ ନାନକ ଏଠାରେ ତାଙ୍କର ଧର୍ମ, ଦର୍ଶନ ପ୍ରଚାର କରିଥିଲେ ଓ ଦିବାନିଶି ସେ ସମ୍ପର୍କରେ ବିଚାର ଆଲୋଚନା କରୁଥିଲେ । ୧୯୩୦ ମସିହାରେ ରାଜବଲ୍ଲଭ ମହାନ୍ତି ତାଙ୍କର ଉଦ୍‌କାଳୀ ଜଣାଣରେ ଉଲ୍ଲେଖ କରିଛନ୍ତି ଯେ ପ୍ରସିଦ୍ଧ ସଙ୍ଗତ ଗ୍ରାମଟି ଗୁରୁ ନାନକଙ୍କ କାର୍ଯ୍ୟ-କଳାପର କେନ୍ଦ୍ରସ୍ଥଳୀ ଥିଲା । ଗୁରୁ ନାନକଙ୍କ ଜପ ପ୍ରାର୍ଥନା ଥିବା ନଥିପତ୍ର ଏଠାରେ ରହିଛି । ସଙ୍ଗତ ଗ୍ରାମଟି ଗୁରୁ ନାନକଙ୍କର ବୋଲି ସେଥିରୁ ଜଣାଯାଏ ।

ଏହା ପରେ ଗୁରୁ ନାନକ ପୁରୀ ଅଭିମୁଖେ ଯାତ୍ରା କଲେ । ସେ ସନ୍ଧ୍ୟା ଗତ ପରେ ସେଠାରେ ପହଞ୍ଚିଲେ । ବର୍ତ୍ତମାନର ସ୍ୱର୍ଗଦ୍ୱାର ନିକଟସ୍ଥ ବେଳାଭୂମିରେ ସେ ଧ୍ୟାନମଗ୍ନ ହେଲେ । ବଲ ଓ ମର୍ଦ୍ଦନ ନାମକ ଦୁଇ ହିନ୍ଦୁ ଓ ମୁସଲମାନ ଶିଷ୍ୟ ତାଙ୍କ ସହ ପୁରୀ ଆସିଥିଲେ । ଏଠାରେ ଗୁରୁ ନାନକ ଓ ତାଙ୍କର ଦୁଇ ଶିଷ୍ୟଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କେହି ନଥିଲେ । ଫଳରେ ତାଙ୍କର ଦୁଇ ଶିଷ୍ୟ ଖାଇବାପିଇବାକୁ ନପାଇ ଘୋର ଦୁଃଖ କଷ୍ଟରେ କାଳାତିପାତ କଲେ ଓ ଏଥିପାଇଁ ଦୁଇ ଶିଷ୍ୟଯାକ ଗୁରୁଙ୍କୁ ନିନ୍ଦା ମଧ୍ୟ କରିଥିଲେ । ମାତ୍ର ସେମାନଙ୍କର ଏଭଳି ଦୁଃସମୟରେ କେହି ଜଣେ ବ୍ୟକ୍ତି ସୁନା ବାସନରେ ସେମାନଙ୍କ ପାଇଁ ଖାଦ୍ୟସାମଗ୍ରୀ ଓ ପିଇବା ପାଣି ଧରି ଆସିଥିଲେ ।

ତା' ପରଦିନ ବଡ଼ି ସକାଳୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକ ବଡ଼ ଧରଣର ହଟଗୋଳ ଶୁଣାଗଲା । ବଡ଼ ଠାକୁରଙ୍କ ସୁନା ବାସନ ମିଳୁ ନାହିଁ ଓ ତାହା ସବୁ ଚୋରି ହୋଇ-ଯାଇଛି ବୋଲି ରାଜାଙ୍କୁ ଖବର ଦିଆଗଲା । ମାତ୍ର ଗତ ରାତିରେ ବଡ଼ ଠାକୁର ରାଜାଙ୍କୁ ସ୍ୱପ୍ନରେ ସନ୍ଥ ନାନକଙ୍କୁ ଦର୍ଶନ କରାଇଦେଇ ଥିବାରୁ ରାଜା ସନ୍ଥ ସାହେବଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରାର ଆୟୋଜନ କରୁଥିବାର ଦେଖାଗଲା । ଯେତେବେଳେ ବାର୍ତ୍ତାବହ ରାଜାଙ୍କୁ ଠାକୁରଙ୍କ ସୁନା ବାସନ ଚୋରି ହୋଇ ଯାଇଥିବାର ଖବର ଦେଲା, ସେତେବେଳେ ରାଜା ଖୁବ୍ ଜୋରରେ ହସି ଉଠିଲେ ଓ ସମୁଦ୍ର କୂଳକୁ ଯାଉଥିବା ଶୋଭାଯାତ୍ରାରେ ଯୋଗ ଦେବା ନିମନ୍ତେ ତାଙ୍କୁ ନିର୍ଦ୍ଦେଶ ଦେଲେ । ରାଜା ସ୍ୱପ୍ନରେ ଦେଖିଥିବା ସ୍ଥାନରେ ଶୋଭା-ଯାତ୍ରା ସହ ପହଞ୍ଚି ଦେଖିଲେ ଯେ ଗୁରୁ ନାନକ ନୀରବ ନିଶ୍ଚଳଭାବେ ଧ୍ୟାନମଗ୍ନ ଓ ତାଙ୍କର ଦୁଇ ଶିଷ୍ୟ ନିଦ୍ରାଗତ ଏବଂ ଗୁରୁଙ୍କ ପାଖରେ ଖାଲି ସୁନା ବାସନ ପଡ଼ିରହିଛି । ଏହାପରେ ରାଜା ସୁନା ବାସନ ଚୋରି ରହସ୍ୟ ତଥା ଗୁରୁ ନାନକଙ୍କ ଉଦାତ୍ତ ସତ୍ତା ସମ୍ପର୍କରେ ବେଶ ଅବଗତ ହେଲେ ଓ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆଗତ ସନ୍ଥଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇଲେ । ତପରେ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଗୁରୁ ନାନକଙ୍କୁ ନିମନ୍ତ୍ରଣ କରାଗଲା । ଯେତେବେଳେ ସନ୍ଧ୍ୟାରେ ପ୍ରଭୁ ଜଗନ୍ନାଥଙ୍କ ଆରତି ସମାପନ କରା-ଯାଉଥିଲା ସେତେବେଳେ ସନ୍ଥ ନାନକ ପୁରୀ ମନ୍ଦିର ଦର୍ଶନ କରିବାକୁ ଗଲେ ।

ଦିନବେଳେ ଯେତେବେଳେ ପାଣିର ଆବଶ୍ୟକତା ପଡ଼ିଲା ସେତେବେଳେ ଗୁରୁ ନାନକ ତାଙ୍କର ଦୁଇ ଶିଷ୍ୟଙ୍କୁ ସମୁଦ୍ର କୂଳରେ ରହୁଥିବା ବାଲି ସ୍ଥାନକୁ ଖୋଳି ପାଣି ବାହାର କରିବାକୁ କହିଲେ ଓ ଉକ୍ତ ଦୁଇ ଶିଷ୍ୟ ତଦନୁସାରେ ଝରଣାଧାର ପର୍ଯ୍ୟନ୍ତ ଖୋଳିଖୋଳି ଅତି ମଧୁର ପାଣି ପାଇଲେ । ଏହି ଗାତକୁ ପରବର୍ତ୍ତୀ ଅବସ୍ଥାରେ ଏକ କୂପ ନିର୍ମାଣ ଓ ବର୍ତ୍ତମାନ ସେ ନିକଟରେ ବାଉଳୀ ସାହେବ ନାମକ ଏକ ଗୁରୁଦ୍ୱାର ନିର୍ମାଣ କରାଯାଇଛି । ଏକ ବ୍ରାହ୍ମଣ ପୂଜକ ଏହାର ଦେଖାଶୁଣା ଦାୟିତ୍ୱରେ ଅଛନ୍ତି । ଶିଖମାନେ ଉକ୍ତ ଗୁରୁଦ୍ୱାରକୁ ନିଜର କର୍ତ୍ତୃତ୍ୱାଧୀନ କରିବା ପାଇଁ ଖୁବ୍ ଉଦ୍ୟମ କରିଥିଲେ । ମାତ୍ର ଅଦ୍ୟାବଧି ତାହା ସେମାନେ ପାଇବା ପାଇଁ ସକ୍ଷମ ହୋଇ ନାହାନ୍ତି । ଅଦ୍ୟାବଧି ଉକ୍ତ ବ୍ରାହ୍ମଣ ପୂଜକ ଶିଖମାନଙ୍କର ଏହି ପବିତ୍ର ଗୁରୁଦ୍ୱାରର ତତ୍ତ୍ୱାବଧାନରେ ଅଛନ୍ତି । ସେଠାରେ ଶିଖମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ଗୁରୁଗ୍ରନ୍ଥ ସାହେବ ରହିଛି ଓ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଉକ୍ତ ଧର୍ମଗ୍ରନ୍ଥ ପରିଦର୍ଶକମାନଙ୍କ ଆବୃତ୍ତି ପାଇଁ ଖୋଲି ରଖାଯାଇଥାଏ । ଗୁରୁ ନାନକ ପୁରୀରେ ଯେଉଁ ସ୍ଥାନରେ ଅବସ୍ଥାନ କରୁଥିଲେ ସେଠାରୁ ସମୁଦ୍ର ବହୁ ଦୂର ପର୍ଯ୍ୟନ୍ତ ଅପସରି ଯାଇଛି । ମୁଁ ୮/୯ ବର୍ଷ ବୟସରେ ସେତେବେଳେ ମୋ ମା'ଙ୍କ ସହ ପୁରୀ ପରିଦର୍ଶନରେ ଆସିଥିଲି ସେତେବେଳେ ମୋର ମନେ ଅଛି ଯେ ସମୁଦ୍ର ବାଉଳୀ ସାହେବ ଗୁରୁଦ୍ୱାରଠାରୁ ବହୁ ଦୂରରେ ନଥିଲା । ସମୁଦ୍ର ଏତେ ନିକଟରେ ଥାଇ-ମଧ୍ୟ ତୀର୍ଥଯାତ୍ରୀମାନେ ମଧୁର ପାଣି ପିଇବାକୁ ପାଉଥିଲେ । ପୁରୀ ସହରର କୌଣସି କୂପରୁ ଏଭଳି ମଧୁର ପାଣି

ପିଇବାକୁ ମିଳେ ନାହିଁ । ମୁଁ ଏଠାରେ କହିବି ଯେ ଏହା ହେଉଛି ଭବିଷ୍ୟତ ବଂଶଧରଙ୍କ ପାଇଁ ଈଶ୍ୱରଙ୍କ ଚିରନ୍ତନ ଦାନ । ସାମୁଦ୍ରିକ ଲୁଣି ପାଣି ଧାରର ସମାନ୍ତରାଳ-ଭାବେ ଯାଉଥିବା ମଧୁର ପାଣିର ଧାର ଥିବା ଏହି ଐତିହାସିକ କୂପରୁ ଗ୍ଲାସେ ପାଣି ପିଇଲେ ମନରେ ବେଶ ସନ୍ତୋଷ ଲାଭ ହୁଏ । ପ୍ରଭୁ ଜଗନ୍ନାଥଙ୍କ ସଂଧ୍ୟା ଆରତି ସମୟରେ ଗୁରୁ ନାନକ ଯୋଗ ଦେଇ ନଥିଲେ । ସଂଧ୍ୟା ଆରତିରେ ସନ୍ଥଜୀ ଯୋଗ ନଦେବା ପରରେ ଜଣେ ପୂଜକ ତାଙ୍କୁ ପଚାରିଲେ, "ଆପଣ କ'ଣ ଅସୁସ୍ଥ ? ଆପଣ କାହିଁକି ପ୍ରଭୁଙ୍କର ସଂଧ୍ୟା ଆରତିରେ ଯୋଗ ଦେଲେ ନାହିଁ ? ''

ଗୁରୁଜୀ ଉତ୍ତରରେ କହିଲେ ଯେ ସଂଧ୍ୟା ଆରତି ସମୟରେ ପ୍ରଭୁଙ୍କର ସମ୍ମୁଖରେ ଭାବମୂର୍ତ୍ତି ଆରତିର ଭିତ୍ତ୍ୟିକୁ ମଳିନ କରିଦିଏ । ଏଣୁ ଆରତି ସମୟରେ ଯୋଗ ଦେବା ମୋର ଆବଶ୍ୟକ ନାହିଁ ।

ଈଶ୍ୱର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନ, ଗୃହ ଓ ମନ୍ଦିର ମଧ୍ୟରେ ଆବଦ୍ଧ ନୁହନ୍ତି । ଆକାଶ, ପୃଥିବୀ, ଅଗଣିତ ତାରକା ସୂର୍ଯ୍ୟ ଓ ଚନ୍ଦ୍ର ସବୁ କିଛି ତାଙ୍କରହିଁ ସୃଷ୍ଟି । ସେ ସବୁଠାରେ ପରିବ୍ୟାପ୍ତ । ସେ 'ସର୍ଜନା କରନ୍ତି ଓ ତାଙ୍କର ସୃଷ୍ଟିକୁ ନଷ୍ଟ କରି ପୁନର୍ବାର ରୂପାୟନ କରନ୍ତି । ତାଙ୍କର ମହାନୁଭବତାର ଶେଷ ନାହିଁ । ସମଗ୍ର ଜଗତ ତାଙ୍କ ଚରଣାଶ୍ରିତ । ସୂର୍ଯ୍ୟ ଓ ଚନ୍ଦ୍ରାଲୋକ ତାଙ୍କରି ଔଜ୍ଜ୍ୱଲ୍ୟରେ ଉଦ୍ଭାସିତ । ଆମ ପ୍ରତ୍ୟେକଙ୍କ ମଧ୍ୟରେ ସେହି ଅନେକର ଉନ୍ମେଷ ଘଟିଛି ତାହା ହେଉଛି ସେହି ଭଗବତାତେଜ । ତୁମ ହୃଦୟରେ ତାର ସନ୍ଧାନ କର । ଯେଉଁ ଦିନ ମନୁଷ୍ୟର ସ୍ୱାର୍ଥ ତାଙ୍କର ଆବାହନି ଶବ୍ଦ ଓ ଦୟା ଭିତର ଦେଇ ମିଳେଇ ଯିବ ସେତେବେଳେ ଯାଇ ନିର୍ବାଣପ୍ରାପ୍ତି ହେବ ।

ଗୁରୁ ନାନକଙ୍କ ସଂପର୍କରେ ଆଉ ଏକ କାହାଣୀ ରହିଛି । ଥରେ ସନ୍ଥଜୀ ସମବେତ ଭକ୍ତଗଣଙ୍କୁ ପରାମର୍ଶ ଦେଇ କହିଲେ ଯେ ଈଶ୍ୱର ସବୁଠାରେ ପରିବ୍ୟାପ୍ତ ଓ ସେ କୌଣସି ବ୍ୟକ୍ତି କିମ୍ବା ସଂପ୍ରଦାୟ ମଧ୍ୟରେ ସୀମାବଦ୍ଧ ନୁହନ୍ତି । ଏହା କହି ସେ ତାଙ୍କର ଦୁଇ ପାଦୁକି ସେମାନଙ୍କୁ ଦେଖାଇଲେ । ଆଶ୍ଚର୍ଯ୍ୟର ବିଷୟ ସେମାନେ ତାଙ୍କ ପାଦୁକିରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ପାଇ ଭାବବିହ୍ୱଳ ହୋଇଗଲେ ।


# ଓଡ଼ିଶା ରାଜ୍ୟ ଗୃହ-ନିର୍ମାଣ ସଂସ୍ଥାର

## ଚଳନ୍ତିବର୍ଷ

# ଶାରଦୀୟ ଉତ୍ସବର ଉପହାର

- ଭୁବନେଶ୍ୱର ବରମୁଣ୍ଡାଠାରେ (୫ ନମ୍ବର ଜାତୀୟ ରାଜପଥରେ ସି.ଆର.ପି. କଲୋନି ନିକଟରେ) ବିଭିନ୍ନ ଶ୍ରେଣୀ ଆୟକାରୀ ବ୍ୟକ୍ତିଙ୍କପାଇଁ ୮୦୨ ବାସଗୃହ ।
- ରାଉରକେଲା ବାସନ୍ତୀ କଲୋନି (ଉଦିତ ନଗର ସମୀପବର୍ତ୍ତୀ) ଠାରେ ବିଭିନ୍ନ ଶ୍ରେଣୀ ଆୟକାରୀ ବ୍ୟକ୍ତିଙ୍କପାଇଁ ୫୬୧ ବାସଗୃହ ।

ସବିଶେଷ ବିବରଣୀପାଇଁ ଅନୁସନ୍ଧାନ କରନ୍ତୁ:

ଦରଖାସ୍ତ ଦେବାର ଶେଷ ତାରିଖ ୨୦-୧୧-୧୯୭୮ । ଡାକ ଯୋଗେ ଟ୮'୦୦, ମନିଅର୍ଡର କଲେ କିମ୍ବା ଅଫିସରେ ଟ୫'୦୦ ଦେଲେ ଫର୍ମ ମିଳି ପାରିବ ।

ଅଫିସ୍ :
ଏ/୩୦, ଭୌମ ନଗର, ଭୁବନେଶ୍ୱର
ଓ
ଏଇଚ୍/୧୭, ଉଦିତ ନଗର, ରାଉରକେଲା

# ଗାନ୍ଧୀ ବିଚାର—
## ଏକ ଆତ୍ମ ସମୀକ୍ଷା

ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଅହିଂସା ଅସହଯୋଗ ଏବଂ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲାବେଳେ ଇଉରୋପର ତତ୍‌କାଳୀନ ଦାର୍ଶନିକ ଓ ଲେଖକମାନଙ୍କ ସହିତ ମଧ୍ୟ ପତ୍ର ବିନିମୟ ଦ୍ୱାରା ସଂପର୍କ ପ୍ରତିଷ୍ଠା କରିଥିଲେ । ରୁଷିଆର ଟଲଷ୍ଟୟଙ୍କ ବିଚାର-ଧାରାର ତାଙ୍କ ଉପରେ ପ୍ରଭାବ ପଡ଼ିଥିବା କଥା ଗାନ୍ଧିଜୀ ନିଜେ ସ୍ୱୀକାର କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ଜନମତକୁ ସଂପୂର୍ଣ୍ଣ ଅହିଂସ ପନ୍ଥାରେ ଜାଗ୍ରତ ଓ ସଂଗଠିତ କରିବାକୁ ଗାନ୍ଧିଜୀ ସଫଳ ହୋଇଥିଲେ । ଶେଷରେ ଦକ୍ଷିଣ ଆଫ୍ରିକାର ତତ୍‌କାଳୀନ ପ୍ରଧାନ ମନ୍ତ୍ରୀ ଜେନେରାଲ ସ୍ମଟସ ଗାନ୍ଧିଜୀଙ୍କ ସହିତ ବୁଝାମଣା କରିବାକୁ ବାଧ୍ୟ ହୋଇଥିଲେ ।

ଗାନ୍ଧିଜୀ ଭାରତରେ ଏହି ପରୀକ୍ଷା ପ୍ରଥମ ମହାଯୁଦ୍ଧ ପରେହିଁ ଆରମ୍ଭ କଲେ । ସେ ବାରମ୍ବାର ବ୍ରିଟେନ୍ ଯାଇଥିଲେ । ଇଉରୋପର କେତେକ ଦେଶ ଗସ୍ତ କରିଥିଲେ । ସବୁଠାରେ ଆପଣାର ବିଚାର ଉପସ୍ଥାପିତ କରିଥିଲେ । ଭାରତ ତାଙ୍କ ନେତୃତ୍ୱରେ ଅହିଂସ ପନ୍ଥାରେ ଦ୍ୱିତୀୟ ମହାଯୁଦ୍ଧ ପରେ ସ୍ୱାଧୀନତା ହାସଲ କଲା । ପ୍ରଥମ ମହାଯୁଦ୍ଧ ପରେ ରୁଷିଆରେ ଲେନିନ୍‌ଙ୍କ ନେତୃତ୍ୱରେ ବଲସେଭିକ୍ ଦଳ ସମାଜବାଦୀ ରାଷ୍ଟ୍ର ପ୍ରତିଷ୍ଠା କରିବା ପରେ ମାର୍କସ ବିଚାରକୁ ବାସ୍ତବରେ ପରିଣତ କରିବା ଦିଗରେ କ୍ରମାଗତ ସଫଳ ଉଦ୍ୟମ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କଲା । ବିଶେଷତଃ କୃଷି ଓ ଶିଳ୍ପ ସମେତ ସମସ୍ତ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାର ଜାତୀୟକରଣ, ଯୋଗାଯୋଗ ଓ ପରିବହନର ଜାତୀୟକରଣ ଦ୍ୱାରା ଶୋଷଣର ବିଲୋପ ଓ ସାମାଜିକ ବୈଷମ୍ୟ ଦୂରୀକରଣ ଦିଗରେ ସୋଭିଏତ୍ ରୁଷିଆ ସଫଳ ହେଲା । ଏହା ସହିତ ରୁଷିଆରେ ବିଜ୍ଞାନ ଓ ବୈଷୟିକ ପ୍ରଗତି ମଧ୍ୟ ଅତ୍ୟଧିକ ଦ୍ରୁତ ହେଲା । ଫଳରେ ସାରା ବିଶ୍ୱର ଶିକ୍ଷିତ ଲୋକେ ମାର୍କସବାଦ ଆଡ଼କୁ ଆକୃଷ୍ଟ ହୋଇଥିଲେ । ମାତ୍ର ସୋଭିଏତ୍ ରୁଷିଆରେ ଯାହା ଶ୍ରେଣୀ ସଂଘର୍ଷ ଓ ହିଂସାତ୍ମକ ପନ୍ଥାରେ ହେଲା, ଭାରତରେ ତାହା ଅହିଂସ ଓ ଗଣତାନ୍ତ୍ରିକ ପନ୍ଥାରେ ସଂଭବ ହେବ ବୋଲି ସର୍ବତ୍ର ଆଶା ସୃଷ୍ଟି ହୋଇଥିଲା ।

ସ୍ୱାଧୀନତା ପରେ ସଂପୂର୍ଣ୍ଣ ଅହିଂସ ପନ୍ଥାରେ ଗଡ଼ଜାତଗୁଡ଼ିକର ମିଶ୍ରଣ ଦ୍ୱାରା ସମଗ୍ର ଦେଶକୁ ଏକ ଶାସନାଧୀନ କରାଗଲା । ସମସ୍ତ ରାଜ୍ୟରୁ ଜମିଦାରୀ ପ୍ରଥା ମଧ୍ୟ ହିଂସା ଓ ରକ୍ତପାତ ବ୍ୟତୀତ ସମ୍ଭବ ହେଲା । ସମାଜବାଦୀ ସମାଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମସ୍ତ ବୃହତ୍ ଶିଳ୍ପ ଜାତୀୟକରଣ ପାଇଁ ଉଦ୍ୟମ ହେଲା । ଜମିଜମା ସଂସ୍କାର ଆଇନ ଦ୍ୱାରା କୃଷି କ୍ଷେତ୍ରରେ ବୈଷମ୍ୟ ଦୂରକରି ଉପଯୁକ୍ତ ଚାଷୀକୁ କ୍ରମେ ଅଧିକରୁ ଅଧିକ ମୂଲ୍ୟ ଦେବାକୁ ଉଦ୍ୟମ ହେଲା । ଶିଳ୍ପଜାତ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ କରାଗଲା । ସରକାରୀ ଉଦ୍ୟୋଗଭାବେ ବୃହତ୍ ଜଳସେଚନ ଯୋଜନା କାର୍ଯ୍ୟକାରୀହେଲା । ସଂପତ୍ତିରେ ବ୍ୟକ୍ତିଗତ ମାଲିକାନାର ଉଚ୍ଛେଦ ପାଇଁ ସମ୍ବିଧାନର ସଂଶୋଧନ କରାଗଲା । ଏହିସବୁ ଉଦ୍ୟମ ଫଳରେ ସଂପୂର୍ଣ୍ଣ ଅହିଂସ ଓ ଗଣତାନ୍ତ୍ରିକ ପନ୍ଥାରେ କ୍ରମେ ଦେଶରେ ଗାନ୍ଧିଜୀଙ୍କର ପରିକଳ୍ପିତ ଶ୍ରେଣୀହୀନ ଓ ଶୋଷଣହୀନ ସମାଜ ପ୍ରତିଷ୍ଠା ସଂଭବ ହେବ ବୋଲି ନୂତନ ଆଶା ଓ ବିଶ୍ୱାସ ସୃଷ୍ଟି ହେଲା । ଆଚାର୍ଯ୍ୟ ବିନୋବାଙ୍କ ନେତୃତ୍ୱରେ ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନ ଦ୍ୱାରା ଦେଶ-ସାରା ଜମି ମାଲିକଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସୃଷ୍ଟି ହେଲା । ସ୍ୱତଃପ୍ରବୃତ୍ତ ହୋଇ ହଜାର ହଜାର ଲୋକ ଆପଣାର ଜମି ଭୂମିହୀନ ଚାଷୀକୁ ଦାନ କରିବାକୁ ସ୍ୱୀକୃତି ଜଣାଇଲେ । ଫଳରେ ଭାରତରେ ଶ୍ରେଣୀ ସଂଘର୍ଷ ବ୍ୟତୀତ ଚାଷୀ ଓ ମୂଲିଆମାନେ ସେମାନଙ୍କର ଶ୍ରମର ଯଥାର୍ଥ ମୂଲ୍ୟ ପାଇବାକୁ କ୍ରମେ ସମର୍ଥ ହେବେ ବୋଲି ସାଧାରଣ ଭାବେ ଆସ୍ଥା ସୃଷ୍ଟି ହୋଇଥିଲା । ସୋଭିଏତ୍ ରୁଷିଆରେ ଜମିରେ ବ୍ୟକ୍ତିଗତ ମାଲିକାନା ରହିବ ନାହିଁ ବୋଲି ଲେନିନ୍ ଶାସନ କ୍ଷମତା ହାସଲ କରିବା ପରଦିନହିଁ ଘୋଷଣା କରିଥିଲେ । ମାତ୍ର ତାହା ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ଅନ୍ତତଃ ଦଶବର୍ଷ ସମୟ ଲାଗିଥିଲା । ପ୍ରଥମେ ମାଲିକାନା ଅବ୍ୟାହତ ରଖି ସମବାୟ ଚାଷର ପ୍ରଚଳନ ଦିଗରେ ଉଦ୍ୟମ ହୋଇଥିଲା । ମାତ୍ର ତାହା ଜମିହୀନ କୃଷି ଶ୍ରମିକଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କଲାନାହିଁ । ତେଣୁ କ୍ରମେ ମାଲିକାନାର ଉଚ୍ଛେଦ କରି କୋଠଚାଷ ପ୍ରଚଳନ କରାଗଲା । ମାତ୍ର ବଣ୍ଟନ ବ୍ୟବସ୍ଥାର ନିୟନ୍ତ୍ରଣ ଦ୍ୱାରା ମୂଲ୍ୟସୂଚୀ ବୃଦ୍ଧି ପରିବର୍ତ୍ତନ ହେଉଥିଲା । ଆଭାଡ଼ି କଂଗ୍ରେସ ଅଧିବେଶନରେ ପ୍ରଥମେ ୧୯୫୪ ମସିହାରେ ସ୍ପଷ୍ଟ ଭାବେ ଘୋଷଣା କରାଗଲା ଯେ ଭାରତରେ ଯୋଜନାର ଲକ୍ଷ୍ୟ ସମାଜବାଦ ପ୍ରତିଷ୍ଠା । ତା'ପରେ ଦ୍ୱିତୀୟ ଯୋଜନାର ଟିପ୍ପଣୀରେ ଏ ସମାଜବାଦୀ ଲକ୍ଷ୍ୟ ଘୋଷିତ ହେଲା । ପ୍ରଧାନ ମନ୍ତ୍ରୀ ନେହେରୁ ବାରମ୍ବାର ଘୋଷଣା କଲେ ଯେ ଚୀନ ହିଂସାତ୍ମକ ପନ୍ଥାରେ ସମାଜବାଦ ପ୍ରତିଷ୍ଠା ସହିତ ଦେଶର ଅଗ୍ରଗତି ପାଇଁ ଯେପରି ଉଦ୍ୟମ କରୁଛି ଭାରତ ଅହିଂସ ଓ ଗଣତାନ୍ତ୍ରିକ ପନ୍ଥାରେ ତା'ଅପେକ୍ଷା ଅଧିକ ଦ୍ରୁତଗତିରେ ବିକାଶଲାଭ କରିବ ।

ଗାନ୍ଧିଜୀଙ୍କର ଜନ୍ମ ଶତାବ୍ଦୀ ପାଳନ ସମୟରେ ଭାରତରେ ଗାନ୍ଧୀ ବିଚାର କିପରି ଓ କେତେଦୂର ବାସ୍ତବରେ ପରିଣତ ହୋଇଛି ସେ ବିଷୟରେ ଅନୁଧ୍ୟାନ ପାଇଁ ବହୁ ବିଦେଶୀ ଗବେଷକ ଆସିଥିଲେ । ୧୯୬୯-୭୦ ମସିହା ବେଳକୁ ସରକାରୀ ହିସାବରେ ଦେଶର ବୃହତ୍ ବ୍ୟକ୍ତିଗତ ଉଦ୍ୟୋଗର ପୁଞ୍ଜି ପରିମାଣ ସ୍ୱାଧୀନତା ପରେ ପ୍ରାୟ ଦ୍ୱିଗୁଣ ବୃଦ୍ଧି ପାଇଥିବାର ସରକାରୀ ହିସାବ ପ୍ରକାଶିତ ହୋଇଥିଲା । ମନୋପଲି କମିସନ ଦେଶରେ ମନୋପଲି ଶିଳ୍ପ ବ୍ୟବସାୟ ବୃଦ୍ଧି ପାଇଥିବାର ରିପୋର୍ଟ ଦେଇ ସାରିଥିଲେ । ଓଡ଼ିଶାରେ ଦାରିଦ୍ର୍ୟ ସୀମାରେଖା ତଳେ ଶତକଡ଼ା ୪୫ ଭାଗ ଲୋକ ଥିବାର ସରକାରୀ ଭାବେ ସ୍ୱୀକୃତ ହୋଇଥିଲା । ଆଦିବାସୀ ଓ ହରିଜନଙ୍କର ବିକାଶ ପାଇଁ କୋଟି କୋଟି ଟଙ୍କା ସରକାରୀ ଓ ବେସରକାରୀ ସଂସ୍ଥା ତରଫରୁ ଖର୍ଚ୍ଚ ହୋଇଥିଲେହେଁ ସେମାନଙ୍କର ସ୍ୱାଧୀନତା ପୂର୍ବରୁ ଯେପରି ଦାରିଦ୍ର୍ୟ ଥିଲା ସେଥିରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନଥିଲା । କେତେକ ବିଦେଶୀ ଅନୁଧ୍ୟାନକାରୀ ଦଳ କୋରାପୁଟ ପର୍ଯ୍ୟନ୍ତ ଯାଇ ମଧ୍ୟ ଆଦିବାସୀଙ୍କ ଦାରିଦ୍ର୍ୟ ବିଷୟରେ ପ୍ରତ୍ୟକ୍ଷ ଧାରଣା ହାସଲ କରିଥିଲେ ।

ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ଏବଂ ଦର ସୂଚୀ କ୍ରମାଗତ ଭାବେ ବୃଦ୍ଧି ପାଉଥିବାର ସରକାରୀ ରିପୋର୍ଟମାନ ପ୍ରକାଶିତ ହୋଇ ସାରିଥିଲା ।

ଓଡ଼ିଶାରେ ଦୋଳ ପୂର୍ଣ୍ଣମୀର ପବିତ୍ର ଦିବସରେ ଶ୍ରୀ ଚୈତନ୍ୟ ପ୍ରଥମେ ପଦାର୍ପଣ କରି ପ୍ରେମ ଧର୍ମ ପ୍ରଚାର କରିଥିଲେ । ଦୁଇ ଶହ ବର୍ଷ ପରେ ଗାନ୍ଧିଜୀ ମଧ୍ୟ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅର୍ଥାତ୍ ୧୯୨୧ ମସିହାର ଦୋଳପୂର୍ଣ୍ଣିମା ଦିବସରେ ପ୍ରଥମେ ଓଡ଼ିଶାରେ ପଦାର୍ପଣ କରି ଅହିଂସା ଓ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ । ୧୯୭୫ ମସିହାରେ ଠିକ୍ ଏହି ଦୋଳପୂର୍ଣ୍ଣିମା ଦିନ ଜୟପ୍ରକାଶ ନାରାୟଣ 'ଅହିଂସା ପନ୍ଥାରେ ଏକଛତ୍ରବାଦ ବିରୁଦ୍ଧରେ ସଂଗଠିତ ସଂଗ୍ରାମର ବାର୍ତ୍ତା ପ୍ରଚାର କରିବାକୁ ଓଡ଼ିଶା ଆସିଥିଲେ । ସାମ୍ରାଜ୍ୟବାଦ ବିରୁଦ୍ଧରେ ଅହିଂସା ପନ୍ଥାରେ ଭାରତର ମୁକ୍ତି ସଂଗ୍ରାମର ସଫଳତା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କଲା । ଅହିଂସ ପନ୍ଥାରେ ଭାରତରେ ଏକଛତ୍ରବାଦ ବିରୁଦ୍ଧରେ ଜୟପ୍ରକାଶଜୀଙ୍କର ସଂଗ୍ରାମର ସଫଳତା ଦେଶ ଗଠନ କ୍ଷେତ୍ରରେ ମଧ୍ୟ ନିଷ୍ଠାର ସହିତ ଅନୁସରଣ କରାଯିବ ଏବଂ ସ୍ୱାଧୀନତାର ୩୦ ବର୍ଷ ପରେ ଗାନ୍ଧୀ ବିଚାର ଏ ଦେଶରେ ନୂତନ ସମାଜ ପ୍ରତିଷ୍ଠା କ୍ଷେତ୍ରରେ ପ୍ରତିଫଳିତ ହେବ ବୋଲି ସର୍ବତ୍ର ନୂତନ ଆଶା ଜାଗ୍ରତ ହେଲା ।

୧୯୭୭ ମସିହା ନିର୍ବାଚନରେ ଜନତା ଦଳର ନିର୍ବାଚିତ ଲୋକସଭା ସଭ୍ୟମାନେ ଦଳପତି ନିର୍ବାଚନ କରିବା ପୂର୍ବରୁ ଦିଲ୍ଲୀର ରାଜଘାଟରେ ଗାନ୍ଧିଜୀଙ୍କ ସମାଧିପୀଠରେ ଏକତ୍ର ହୋଇ ମୁକ୍ତକଣ୍ଠରେ ଘୋଷଣା କଲେ ଯେ ସେମାନେ ଗାନ୍ଧିଜୀଙ୍କ ଆଦର୍ଶରେ ସାଧୁ ଓ ସରଳ ଜୀବନଯାପନ କରିବେ । ଦରିଦ୍ର ଓ ଶୋଷିତ ଜନତାର ବିକାଶ ପାଇଁ ଉଦ୍ୟମ କରିବେ । ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଚରଣ ସିଂହ ଗାନ୍ଧୀ ନୀତିର ବିଶ୍ଳେଷଣ କରି ଦେଶର ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମରେ କ୍ଷୁଦ୍ର ଶିଳ୍ପ ଓ ଗ୍ରାମ ଉନ୍ନୟନକୁ ପ୍ରାଧାନ୍ୟ ଦେବାକୁ ଆପଣାର ତାତ୍ତ୍ୱିକ ବିଚାର ଉପସ୍ଥାପିତ କଲେ । ଜନତା ଦଳ ମଧ୍ୟ ଏହି କାର୍ଯ୍ୟକ୍ରମ ଗ୍ରହଣ କଲା । ଷଷ୍ଠ ଯୋଜନା ଚିଠାରେ ଏଥିପାଇଁ ଗୁରୁତ୍ୱ ପ୍ରଦାନ କରାଗଲା । ମାତ୍ର ଗତ ୧୫ ମାସ ମଧ୍ୟରେ ଏ କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତି ହୋଇନାହିଁ ବୋଲି କେତେକ ବ୍ୟକ୍ତି ପ୍ରକାଶ୍ୟ ସମାଲୋଚନା କରୁଛନ୍ତି ।

ସଂଗଠିତ ଆନ୍ଦୋଳନରେ ଅହିଂସ ପନ୍ଥା ଆମେରିକାର ନିଗ୍ରୋମାନଙ୍କୁ ମଧ୍ୟ ପ୍ରଭାବିତ କରିଅଛି । ମାର୍କସବାଦୀମାନେ ଆଉ ହିଂସାକୁ ଗଣଆନ୍ଦୋଳନ କ୍ଷେତ୍ରରେ ଅନିବାର୍ଯ୍ୟ ବିଚାରୁନାହାନ୍ତି । ସେମାନେ ମଧ୍ୟ ଅନଶନ ଓ ଅହିଂସ ପନ୍ଥାରେ ଆଉର ଅମାନ୍ୟ ପନ୍ଥା ଅନୁସରଣ କରୁଛନ୍ତି ।

ଗାନ୍ଧିଜୀ ନିର୍ଦ୍ଦିଷ୍ଟ ନୀତି, ନିୟମ ଓ ଆଦର୍ଶରେ ରାଜନୈତିକ ନେତୃତ୍ୱ ନେଇଥିଲେ । ତାଙ୍କର ସମସ୍ତ କାର୍ଯ୍ୟକୁ ଏହି ନିର୍ଦ୍ଧାରିତ ଓ ଘୋଷିତ ନୀତିଉନିକଷରେ ତଉଲିବା ସମ୍ଭବ ହେଉଥିଲା । କୌଣସି କାର୍ଯ୍ୟ ନୀତି ବିରୋଧୀ ହେଉଥିବାର କୌଣସି ବ୍ୟକ୍ତି ତାଙ୍କୁ ଜଣାଇଲେ ଏହାକୁ ସେ ଗୁରୁତର ସହିତ ବିଚାର କରୁଥିଲେ । ଆବଶ୍ୟକ ସ୍ଥଳେ ସଂଶୋଧନ କରୁଥିଲେ । ତେଣୁ ତାଙ୍କର ନେତୃତ୍ୱ ପ୍ରତି ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତଙ୍କର ଆସ୍ଥା ସୃଷ୍ଟି ହୋଇଥିଲା । ମାତ୍ର ପରବର୍ତ୍ତୀ ଯୁଗରେ ନୀତି ଘୋଷଣା ସହିତ ବ୍ୟକ୍ତିଗତ ଓ ଶାସନ କ୍ଷେତ୍ରରେ ଆଚରଣ ଓ କାର୍ଯ୍ୟରେ ବ୍ୟବଧାନ ଦିନକୁ ଦିନ ବଢ଼ି ପାରେଇ । ଭାରତବାସୀଙ୍କର ପୌରାଣିକର ଶୃଙ୍ଗର ସର୍ବୋଚ୍ଚ ଶିଖର ଭଳି ଉଚ୍ଚତମ ବିଚାର ଓ ଭାରତ ମହାସାଗରର ଗଭୀରତମ ପ୍ରଦେଶରେ ଗଭୀରତା ଭଳି ନୀଚ କାର୍ଯ୍ୟ ସମାନ୍ତରାଳ ଭାବେ ଲକ୍ଷିଯାଏ ବୋଲି ସମାଲୋଚନା ଦିନକୁଦିନ ବୃଦ୍ଧି ପାଉଛି । ଆସ୍ଥା ପରିବର୍ତ୍ତେ ଦିନକୁଦିନ ଦେଶରେ ଅନାସ୍ଥା ଭାବ ଦେଖା ଦେଲା । ରାଜନୈତିକ ଦଳଗୁଡ଼ିକରେ ମଧ୍ୟ ନୀତି ଓ ଆଦର୍ଶ ଅପେକ୍ଷା ବ୍ୟକ୍ତିକୈନ୍ଦ୍ରିକ ନେତୃତ୍ୱ ଅଧିକ ଅନୁଭୂତ ହେଲା । ଫଳରେ ସର୍ବଭାରତୀୟ ସ୍ତରରେ ଗଠିତ ରାଜନୈତିକ ଦଳଗୁଡ଼ିକ କ୍ରମେ ଖଣ୍ଡ ବିଖଣ୍ଡିତ ହେବାକୁ ଲାଗିଲେ । ଗାନ୍ଧିଜୀଙ୍କ ପରେ ନେହେରୁ ଆଂଶିକ ଭାବେ ଦେଶର ରାଜନୈତିକ କ୍ଷେତ୍ରରେ ଐକ୍ୟ ଓ ସଂହତି ରକ୍ଷା କରିବାକୁ ସମର୍ଥ ହୋଇଥିଲେ । ସମାଜବାଦୀ ନୀତି ଘୋଷଣା ଏବଂ ଅର୍ଥନୈତିକ ଯୋଜନାର କାର୍ଯ୍ୟକ୍ରମ ଫଳରେ ଦେଶରେ ସେ ଏଭଳି ଆସ୍ଥା ଅକ୍ଷୁର୍ଣ୍ଣ ରଖିବାକୁ ଉଦ୍ୟମ କରିଥିଲେ । ମାତ୍ର ଘୋଷିତ ଲକ୍ଷ୍ୟ ହାସଲ ଦିଗରେ ଶିଥିଳ ଅଗ୍ରଗତି ଏବଂ କେତେକ କ୍ଷେତ୍ରରେ ବିପରୀତ ଗତି ଏହି ଆସ୍ଥାକୁ କ୍ରମେ ଦୁର୍ବଳ କଲା । ତାଙ୍କର ବିରାଟ ବ୍ୟକ୍ତିତ୍ୱ ଯୋଗୁଁ ଏହି ଅସନ୍ତୋଷ ଘନୀଭୂତ ହେଲେ ମଧ୍ୟ ସଂଗଠିତ ହେବାର ସୁଯୋଗ ନଥିଲା । ଲାଲବାହାଦୁର ଶାସ୍ତ୍ରୀ ମଧ୍ୟ ତାଙ୍କ ପରେ କିଛି ପରିମାଣରେ ଗାନ୍ଧୀ ନୀତି ଓ ଆଦର୍ଶ ଅନୁସରଣ ପ୍ରତି ଗୁରୁତ୍ୱ ଦେଇଥିଲେ । ଆପଣାର ସାଧୁ ଓ ସରଳ ଜୀବନ ଯାପନ ଦ୍ୱାରା ସେ ଅନ୍ୟ ସମସାମୟିକ ନେତାମାନଙ୍କ ଅପେକ୍ଷା ଦେଶବାସୀଙ୍କର ଅଧିକ ଆସ୍ଥାଭାଜନ ହେବା ପାଇଁ ସମର୍ଥ ହୋଇଥିଲେ । ମାତ୍ର ତାଙ୍କ ପରେ ଦେଶର ରାଜନୈତିକ ଦଳଗୁଡ଼ିକ ମଧ୍ୟ ଖଣ୍ଡ ବିଖଣ୍ଡିତ ହେଲା ।

ସର୍ବୋଦୟ ସଂସ୍ଥା ସମେତ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ବହୁଦିନ ଦ୍ୱିଧାଗ୍ରସ୍ତ ହେବା ପରେ ଏବେ ଆତ୍ମସମୀକ୍ଷା ଆରମ୍ଭ କରିଛନ୍ତି । ସମ୍ପ୍ରତି ଦେଶ ଗଠନ କ୍ଷେତ୍ରରେ ଗାନ୍ଧୀ ବିଚାରର ଆବଶ୍ୟକତା ଉପଲବ୍ଧି କରି ସ୍ୱାଧୀନତାକୁ ଅଧିକ ଅର୍ଥପୂର୍ଣ୍ଣ କରିବା ପାଇଁ ସେମାନେ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରୁଥିବାର ଲକ୍ଷ୍ୟ କରାଯାଉଛି ।

ଡଗରପଡ଼ା, କଟକ

## ଓଡ଼ିଶାରେ ବନସ୍ପତି କାରଖାନା

ସହାୟତାରେ ଆମ ରାଜ୍ୟରେ ଏକ ବନସ୍ପତି କାରଖାନା ସ୍ଥାପନ
ଓଡ଼ିଶା ଶିଳ୍ପ ଉଦ୍ୟୋଗ ଓ ବିନିଯୋଗ କର୍ପୋରେସନର ସହାୟତାରେ ଆମ ରାଜ୍ୟରେ ଏକ ବନସ୍ପତି କାରଖାନା ସ୍ଥାପନ
କରିବା ପାଇଁ ଗତ କିଛିଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ଶିଳ୍ପ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଗତ ତା ୮।୯।୭୮
ରିଖରେ କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟ ଉକ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ ବିଧିବଦ୍ଧ ପ୍ରାରମ୍ଭିକ ଅନୁମୋଦନ ଦେଇଛନ୍ତି । ଏହି ବନସ୍ପତି
କାରଖାନାରୁ ବର୍ଷକୁ ୧୫,୦୦୦ ଟନ୍ ବନସ୍ପତି ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ବନସ୍ପତି ଚାହିଦା ପୂରଣ ହୋଇପାରିବ ।
ଏ ଦିଗରେ ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ 'ଇପିକଲ୍' କୁ ନିର୍ଦ୍ଦେଶ ଦିଆଯାଇଛି ।



କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଶ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ସେପ୍ଟେମ୍ବର ୨୦ ତାରିଖ ଦିନ ଭୁବନେଶ୍ୱରଠାରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ଷଷ୍ଠ ବାର୍ଷିକ ଅଧିବେଶନରେ ଉଦ୍‌ବୋଧନ ଦେଉଛନ୍ତି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଅନ୍ୟମାନଙ୍କ ଗହଣରେ ସଭାମଣ୍ଡପରେ ବସିଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସେପ୍ଟେମ୍ବର ୨୭ ତାରିଖ ଦିନ ଧଉଳି କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା ଓ ତାଲିମ କେନ୍ଦ୍ରରେ ମାଛଧରା ଦେଖୁଛନ୍ତି ।

# ଦଶ ମହାବିଦ୍ୟା

ଡକ୍ଟର ହରଶ୍ଚନ୍ଦ୍ର ଦାଶ

ଭାରତର ସାଂସ୍କୃତିକ ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ପବିତ୍ର ଭାରତ ବର୍ଷରେ ବହୁ ଧର୍ମର ଅଭ୍ୟୁଦୟ ଓ ବିକାଶ-ଲାଭ ହୋଇଛି ଏବଂ କାଳକ୍ରମେ ସେଗୁଡ଼ିକ ଭାରତୀୟ ଚିନ୍ତାଧାରାରେ ଏକ ବିଶିଷ୍ଟ ଅଙ୍ଗ ହୋଇ ଭାରତୀୟ ସଭ୍ୟତାକୁ ପରିପୁଷ୍ଟ କରିଛି । ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ମଧ୍ୟ ଯୁଗ ପର୍ଯ୍ୟନ୍ତ ଏହି ଭୂଖଣ୍ଡରେ ବିକାଶ ଲାଭ କରିଥିବା ଧର୍ମ ସମଷ୍ଟି ମଧ୍ୟରୁ ଶାକ୍ତ ଧର୍ମ ଅନ୍ୟତମ । ଶାକ୍ତ-ତାନ୍ତ୍ରିକ ଧର୍ମର ବିକାଶ, ଏବଂ ପ୍ରସାର ହେବା ସଙ୍ଗେ ସଙ୍ଗେ ଅସଂଖ୍ୟ ଦେବୀ ମୂର୍ତ୍ତିର ପରିକଳ୍ପନା କରାଯାଇଅଛି । ପୌରାଣିକ ଯୁଗରେ ପ୍ରାକ୍ ଐତିହାସିକ, ବୈଦିକ ଏବଂ ରାମାୟଣ, ମହାଭାରତ ଯୁଗରେ ସୃଷ୍ଟି ହୋଇଥିବା ଦେବ ଦେବୀ ମାନଙ୍କର ରୂପ ଧ୍ୟାନ ଏବଂ ପୂଜାବିଧି ବିସ୍ତାରିତ ଭାବରେ ଅଷ୍ଟାଦଶ ପୁରାଣ ଏବଂ ଶାକ୍ତ ଉପ-ପୁରାଣମାନଙ୍କରେ ବୋଧଗମ୍ୟ ଭାଷାରେ ବର୍ଣ୍ଣିତ ହୋଇ ସମାଜରେ ସବୁ ଶ୍ରେଣୀର ଲୋକଙ୍କୁ ଆକୃଷ୍ଟ କରିଥିଲା । ଏହି ସମୟରେ କଳ୍ପିତ ଦେବଦେବୀମାନେ ବିଭିନ୍ନ ମୂର୍ତ୍ତିରେ ପ୍ରକାଶିତ ହେଲେ । ଭାରତର ବିଭିନ୍ନ ଅଞ୍ଚଳରେ ଅଦ୍ୟାବଧି ବିଦ୍ୟମାନ ମନ୍ଦିରରାଜି, ପୌରାଣିକ ଯୁଗର ମୂର୍ତ୍ତି ଶିଳ୍ପର ସୁସ୍ପଷ୍ଟ ପ୍ରମାଣ ।

ମହାଦେବୀଙ୍କର କଳ୍ପିତ ବିଭିନ୍ନ ରୂପ ମଧ୍ୟରେ ଦଶ ମହାବିଦ୍ୟା ଅନ୍ୟତମ । ମହା ଭାଗବତ ପୁରାଣ ଅନୁସାରେ ଦେବୀଙ୍କର ବହୁମୂର୍ତ୍ତି ମଧ୍ୟରୁ ଦଶ ମହାବିଦ୍ୟା ହିଁ ପ୍ରକୃଷ୍ଟ, ଯଥା:—

"ଏତା ସର୍ବା ପ୍ରକୃଷ୍ଟାସ୍ତୁ ମୂର୍ତ୍ତୟୋ ବହୁମୂର୍ତ୍ତିଷୁ ।" ଦଶ ମହାବିଦ୍ୟାଙ୍କର ନାମ ତନ୍ତ୍ର ଶାସ୍ତ୍ରରେ ବିଭିନ୍ନ ଭାବରେ ବର୍ଣ୍ଣନା କରାଯାଇଅଛି । ତନ୍ତ୍ର ଶାସ୍ତ୍ରରେ ଦଶ ମହାବିଦ୍ୟାର ଦୁଇଗୋଟି ନାମାବଳୀ ଦିଆଯାଇଅଛି । ପ୍ରଥମ ନାମାବଳୀ ଅନୁସାରେ କାଳୀ, ତାରା, ମହାଦୁର୍ଗା, ତ୍ୱରିତା, ଛିନ୍ନମସ୍ତା, ବାଗ୍‌ବାଦିନୀ, ଅନ୍ନପୂର୍ଣ୍ଣା, ପ୍ରତ୍ୟଙ୍ଗିରା, କାମାକ୍ଷା ବାସିନୀ, ବାଳା, ମାତଙ୍ଗୀ ଏବଂ ଶୈଳ ବାସିନୀ, ଦ୍ୱିତୀୟ ନାମାବଳୀ ଅନୁସାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ମାତଙ୍ଗୀ, ବଗଳା, କମଳା । ବୃହଦ୍ଧର୍ମ ପୁରାଣ ଅନୁସାରେ କମଳା ପରିବର୍ତ୍ତେ ସୁନ୍ଦରୀ ଏବଂ ବଗଳା ପରିବର୍ତ୍ତରେ ବଗଳା ମୁଖୀ କଳ୍ପନା କରାଯାଇଛି । ଅଭିନବ ଗୁପ୍ତଙ୍କ ତନ୍ତ୍ରାଲୋକରେ ଦେବୀଙ୍କର ତ୍ରୟୋଦଶ ରୂପର ବର୍ଣ୍ଣନା କରାଯାଇଛି । ସେଗୁଡ଼ିକ ହେଲେ, ସୃଷ୍ଟି କାଳୀ, ସଂହାର କାଳୀ, ସ୍ଥିତିକାଳୀ, ରକ୍ତ କାଳୀ, ସୁକାଳୀ, ନାମ କାଳୀ, ମୃତ୍ୟୁ କାଳୀ, ରୁଦ୍ରକାଳୀ ବା ଭଦ୍ର କାଳୀ, ପରମାର୍କ କାଳୀ, ମାର୍ତ୍ତଣ୍ଡ କାଳୀ, କାଳାଗ୍ନି ରୁଦ୍ର କାଳୀ, ମହାକାଳୀ ଏବଂ ମହାଭୈରବ ଘୋର ଚଣ୍ଡକାଳୀ । ମାତ୍ର ମୁଣ୍ଡମାଳା ତନ୍ତ୍ରରେ ବର୍ଣ୍ଣିତ ନାମାବଳୀ ସର୍ବତ୍ର ଗ୍ରହଣ କରାଯାଇଥିଛି, ଯଥା:—

"କାଳୀ ତାରା ମହାବିଦ୍ୟା,
ଷୋଡ଼ଶୀ ଭୁବନେଶ୍ୱରୀ ।
ଭୈରବୀ ଛିନ୍ନମସ୍ତାଚ,
ବିଦ୍ୟା ଧୂମାବତୀ ତଥା ।
ବଗଳା ସିଦ୍ଧ ବିଦ୍ୟାଚ
ମାତଙ୍ଗୀ କମଳାତ୍ମିକା,
ଏତା ଦଶ ମହାବିଦ୍ୟା
ସିଦ୍ଧ ବିଦ୍ୟା ପ୍ରକିର୍ତ୍ତୀତାଃ ।।"

ମିଳିଥିବା ବିଭିନ୍ନ ନାମାବଳୀରେ କାଳୀ କିମ୍ବା ମହାକାଳୀ ଆଦ୍ୟରେ ରହିଥିବା ଜଣାଯାଏ । ଏଥିରୁ ମନେ ହୁଏ ଯେ କାଳୀଙ୍କର ଉପାସନା ଏବଂ ଆରାଧନା ଦଶ ମହାବିଦ୍ୟା ସୃଷ୍ଟି ହେବାର ବହୁ ପୂର୍ବରୁ ପ୍ରଚଳନ ଥିଲା । କାଳୀଙ୍କର ପୂଜା ବିଧି ସମ୍ପର୍କରେ ବର୍ଣ୍ଣନା କାଶିନାଥଙ୍କର ଶ୍ୟାମସପର୍ଯ୍ୟା ବିଧିରେ ସର୍ବ ପ୍ରଥମେ ଦେଖିବାକୁ ମିଳେ । ପ୍ରାଚୀନ ଶାସ୍ତ୍ରକାରମାନେ କାଳୀଙ୍କର ପୂଜା ମାଘ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ନିର୍ଦ୍ଧାରିତ କରିଛନ୍ତି । କାର୍ତ୍ତିକ ମାସ ଦୀପାବଳୀ ଉପଲକ୍ଷେ, କାଳୀପୂଜା ବିଧି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ନାହିଁ । ସମ୍ଭବତଃ ମଧ୍ୟଯୁଗରେ କାର୍ତ୍ତିକ ମାସ ଅମାବାସ୍ୟାରେ କାଳୀ ବା ଶ୍ୟାମା ପୂଜାର ବିଧି ଆରମ୍ଭ କରା ଯାଇଅଛି ।

ଦଶମହାବିଦ୍ୟା କେବେ ସୃଷ୍ଟି ହେଲେ ଏବଂ କେବେ ସର୍ବ ସାଧାରଣରେ ତାନ୍ତ୍ରିକ ଦେବୀ ହିସାବରେ ପୂଜିତା ହେଲେ ଏ ସମ୍ପର୍କରେ ସଠିକ ଐତିହାସିକ ବିବରଣୀ ମିଳି ନ ଥିଲେ ମଧ୍ୟ ପୌରାଣିକ ବର୍ଣ୍ଣନାରୁ ମୋଟାମୋଟି ଭାବରେ ଏମାନଙ୍କର ଐତିହାସିକ କାଳ ନିର୍ଣ୍ଣୟ କରାଯାଇପାରେ । ପ୍ରଫେସର ପାର୍ଜିଟର ସାହେବ, ସି. ଭି. ବୈଦ୍ୟ, ଏସ୍. ଡି. ଜ୍ଞାନୀ ପ୍ରଭୃତି ପଣ୍ଡିତ ମାନଙ୍କ ମତରେ ଅଷ୍ଟାଦଶ ପୁରାଣର ରଚନା କାଳ ଖ୍ରୀ: ପୂ: ୪ର୍ଥ ଶତାବ୍ଦୀ ମଧ୍ୟରୁ ଦଶମ ଶତାବ୍ଦୀ ମଧ୍ୟରେ । ଭଣ୍ଡାରକର ଏବଂ ସ୍ମିଥ ସାହେବ ପୁରାଣ ସାହିତ୍ୟ ଗୁପ୍ତ ଯୁଗରେ ଲିଖିତ ହୋଇଛି ବୋଲି ପ୍ରମାଣ କରିଅଛନ୍ତି । ଆର. ସି. ମଜୁମଦାର, ପି. ଭି. କାଣେ ଏବଂ ମରଗାନ ସାହେବ ଖ୍ରୀଷ୍ଟିୟ ତୃତୀୟରୁ ସପ୍ତମ ଶତାବ୍ଦୀ ମଧ୍ୟରେ ସମସ୍ତ ପୁରାଣ ରଚନା ହୋଇଥିବାର ଯୁକ୍ତି ବାଢି ଅଛନ୍ତି । ମହାଭାଗବତ ପୁରାଣ ଏବଂ ବୃହଦ୍ ନାରଦୀୟ ପୁରାଣ ସର୍ବ ପ୍ରଥମେ ଦଶ ମହାବିଦ୍ୟାରେ ବର୍ଣ୍ଣନା କରିଥିବାରୁ ଏହି ଦେବୀମାନଙ୍କର ସୃଷ୍ଟି ସପ୍ତମ ବା ଅଷ୍ଟମ ଶତାବ୍ଦୀ ମଧ୍ୟରେ ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଇ ପାରେ । ସାଂସ୍କୃତିକ ଇତିହାସରୁ ଜଣାଯାଏ ଯେ ଏହି ସମୟରେ ବ୍ରାହ୍ମଣ୍ୟ ଏବଂ ବୌଦ୍ଧ ଧର୍ମରେ ତନ୍ତ୍ର ପ୍ରବେଶ କଲା ଏବଂ ବହୁ ତନ୍ତ୍ର ଦେବ ଦେବୀର ସୃଷ୍ଟି ହେଲେ । ତେଣୁ ଦଶ ମହାବିଦ୍ୟାର ଉତ୍ପତ୍ତି ସପ୍ତମ—ଅଷ୍ଟମ ଶତାବ୍ଦୀରେ ।

ମହାଭାଗବତ ପୁରାଣରେ ଦଶ ମହାବିଦ୍ୟାର ଆବିର୍ଭାବ ସଂପର୍କରେ ଏକ ଚିତ୍ତାକର୍ଷକ କାହାଣୀର ଉଲ୍ଲେଖ ରହିଛି । ମହାସତୀ ପାର୍ବତୀ ଦକ୍ଷଯଜ୍ଞ ଦେଖିବା ପାଇଁ ଶିବଙ୍କଠାରେ ଅନୁମତି ପ୍ରାର୍ଥନା କଲେ । ମାତ୍ର ଶିବ ନିମନ୍ତ୍ରିତ ହୋଇ ନ ଥିବାରୁ ତାଙ୍କୁ ଯିବା ପାଇଁ ନିଷେଧ କଲେ । ଶିବ କହିଲେ "ସତୀ ତୁମର ସେଠାକୁ ଯିବା ଉଚିତ ନୁହେଁ । ସେଠାରେ ତୁମର ଅପମାନ ଛଡ଼ା ସମ୍ମାନ ମିଳିବ ନାହିଁ । କାରଣ ଦକ୍ଷ ମୋତେ ଏବଂ ତୁମକୁ ଇଚ୍ଛା କରି ନିମନ୍ତ୍ରଣ କରି ନାହାନ୍ତି । ତେଣୁ ବିନା ନିମନ୍ତ୍ରଣରେ ସେଠାକୁ ଯିବା ଆଦୌ ସମୀଚୀନ ହେବ ନାହିଁ" । କିନ୍ତୁ ସତୀ ଯିବା ପାଇଁ ଜିଦ୍ ଧରି ବସିଲେ । ଶିବ ବିରକ୍ତ ହୋଇ ତାଙ୍କୁ କହିଲେ "ଦକ୍ଷ କନ୍ୟା! ମୁଁ ଜାଣେ ତୁମେ ମୋର ବାଧ୍ୟ ନୁହଁ, ତୁମର ଯାହା ଇଚ୍ଛା ତା'କର ମୋର ଆଜ୍ଞାର ଅପେକ୍ଷା କାହିଁକି କରୁଛ ?" ଏହି କଥା ଶୁଣି ଦେବୀ ଅତ୍ୟନ୍ତ କ୍ରୁଦ୍ଧା ହେଲେ ଏବଂ ଭାବିଲେ ଯେ ଶିବ ତାଙ୍କୁ ପତ୍ନୀ ହିସାବରେ ପାଇ ତାଙ୍କର

ପ୍ରକୃତ ରୂପ ଭୁଲି ଯାଉଥିଲେ । ତେଣୁ ସେ ତାଙ୍କର ନିଜର ରୂପ ପ୍ରକାଶ କରିବା ପାଇଁ ପ୍ରୟାସ କଲେ । ଦେବୀ ଅତ୍ୟନ୍ତ କ୍ରୁଦ୍ଧା ହୋଇ ଅତି ଭୟଙ୍କରୀ କାଳୀ ମୂର୍ତ୍ତି ଧାରଣ କଲେ । "ଜ୍ୱଳନ୍ତ ସମ୍ପନ୍ନା, ଦିଗମ୍ବରୀ, ଆଲୁଳାୟିତ କୁନ୍ତଳା, ଲୋଳଜିହ୍ୱା, ମୁଣ୍ଡମାଳିନୀ ! ସେହି ମୂର୍ତ୍ତି ଦେଖି ଶିବ ଭୟରେ ପଳାୟନ କରିବା ପାଇଁ ଚେଷ୍ଟା କଲେ । ସ୍ୱାମୀଙ୍କୁ ଭୟାଭିଭୂତ ଦେଖି ତତ୍‌କ୍ଷଣାତ୍ ଦେବୀ ଦଶମୂର୍ତ୍ତି ଧାରଣକରି ଦଶ ଦିଗରେ ଅବସ୍ଥାନ କଲେ । ଶିବ ଇତସ୍ତତଃ ଧାବିତ ହେବାକୁ ଲାଗିଲେ, ଏବଂ ଯେଉଁ ଦିଗକୁ ଗଲେ ସେ ଦିଗରେ ଏକ ଭୟଙ୍କର ମୂର୍ତ୍ତି ଦେଖିଲେ । କୌଣସି ଦିଗକୁ ଯିବାର ରାସ୍ତା ନ ପାଇ ଭୟରେ ଚକ୍ଷୁ ମୁଦ୍ରିତ କଲେ । ଆଖି ଖୋଲି ଦେଖିଲେ ଯେ ତାଙ୍କ ଆଗରେ ସେହି ଭୟଙ୍କରୀ କାଳୀ ମୂର୍ତ୍ତି । ଶିବ ପଚାରିଲେ, "କିଏ ତୁମେ ଶ୍ୟାମା ? ମୋର ପ୍ରାଣ ବଲ୍ଲଭୀ ସତୀ କେଉଁଠି ?" ଦେବୀ କହିଲେ, "ତୁମେ କଣ ଚିହ୍ନିପାରୁନାହଁ, ମୁଁ ପରା ସତୀ, ମୁଁ ସୃଷ୍ଟି ସଂହାର କାରିଣୀ ସୂକ୍ଷ୍ମା ପ୍ରକୃତି । ତମର ସ୍ତ୍ରୀ ହେବାପାଇଁ ମୁଁ ଗୌରବର୍ଣ୍ଣ ଧାରଣ କରିଥିଲି । ଦଶଦିଗରେ ଯେଉଁ ମହାଭୟଙ୍କରୀ ଦଶମୂର୍ତ୍ତି ଦେଖୁଛ, ସେ ସବୁ ମୋର ମୂର୍ତ୍ତି । ଅତଏବ୍ ମହାମତୀ ଶମ୍ଭୁ ଭୟତ୍ୟାଗକର" ।

ମହାଭାଗବତ ପୁରାଣ ଅନୁସାରେ ଦଶଦିଗରେ ଦଶ ମହାବିଦ୍ୟାଙ୍କର ଅବସ୍ଥାନ ଏହିପରି —ମଧ୍ୟ ଭାଗରେ ଶିବ, ତାଙ୍କର ସମ୍ମୁଖ ଏବଂ ଉତ୍ତର ଦିଗରେ କାଳୀ, ଉର୍ଦ୍ଧ୍ୱରେ ତାରା, ପୂର୍ବ ଦିଗରେ ଛିନ୍ନମସ୍ତା, ପଶ୍ଚିମରେ ଭୁବନେଶ୍ୱରୀ, ଦକ୍ଷିଣରେ ବଗଳା, ଅଗ୍ନି କୋଣରେ ଧୂମାବତୀ, ନୈଋତ କୋଣରେ ତ୍ରିପୁରାସୁନ୍ଦରୀ, ବାୟୁ କୋଣରେ ମାତଙ୍ଗୀ, ଈଶାନ କୋଣରେ ଷୋଡ଼ଶୀ ଏବଂ ଅଧଦେଶରେ ଭୈରବୀ ।

ଏହି କାହାଣୀର ସତ୍ୟାସତ୍ୟ ଯାହା ଥାଉନା କାହିଁକି ଦେବୀଙ୍କର ଦଶରୂପ ଶିବଙ୍କ ସହିତ ଯେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଏଥିରେ ସନ୍ଦେହ ନାହିଁ ।

ତନ୍ତ୍ରଶାସ୍ତ୍ରରେ ମହାବିଦ୍ୟାର ପାରିଭାଷିକ ନାମ ରାତ୍ରୀ । ବିଶେଷ ବିଦ୍ୟାର ଆବିର୍ଭାବ କାଳ ଏବଂ ବିଶେଷ ନାମ ମଧ୍ୟ ଅଛି । ଯେପରି କାଳୀର ଆବିର୍ଭାବ କାଳ ମହାରାତୀ ଏବଂ କାଳୀର ନାମ ମଧ୍ୟ ମହାରାତ୍ରୀ, ସେହିପରି ତାରାର ଆବିର୍ଭାବ କାଳର ନାମ କ୍ରୋଧରାତ୍ରୀ, ଷୋଡ଼ଶୀଙ୍କର ଦିବ୍ୟରାତ୍ରୀ, ଭୁବନେଶ୍ୱରୀଙ୍କର ସିଦ୍ଧରାତ୍ରୀ, ଛିନ୍ନମସ୍ତାଙ୍କର ବୀରରାତ୍ରୀ, ଭୈରବୀଙ୍କର କାଳରାତ୍ରୀ, ଧୂମାବତୀଙ୍କର ଦାରୁଣରାତ୍ରୀ; ବଗଳାମୁଖିଙ୍କର ବୀରରାତ୍ରୀ, ମାତଙ୍ଗୀର ମୋହରାତ୍ରୀ, ଏବଂ କମଳାଙ୍କର ମହାରାତ୍ରୀ । ଦଶମହାବିଦ୍ୟାର ଆବିର୍ଭାବତ୍ ବ୍ୟାଖ୍ୟାରେ କୁହାଯାଉଛି ଯେ ଗଣିତ ଶାସ୍ତ୍ରର ଶୂନ୍ୟର କୌଣସି ମୂଲ୍ୟ ନାହିଁ, ଏବଂ ଏହା ଏକ ନିରାକାର ପଦାର୍ଥ । କିନ୍ତୁ ଏହି ଶୂନ୍ୟ ଯେତେବେଳେ 'ଏକ' ସହିତ ଯୁକ୍ତ ହୁଏ । ଉଭୟ ମିଶି ୧୦ ହୋଇଯାଏ । ସେହିପରି ବ୍ରହ୍ମମୟୀ ଯେତେବେଳେ ଏକ ସହିତ, ଅର୍ଥାତ୍ ନିଜର ତ୍ରିଗୁଣାତ୍ମିକା ପ୍ରକୃତି ସହିତ ଯୁକ୍ତ ହୁଅନ୍ତି, ସେତେବେଳେ ସେ ଭକ୍ତମାନଙ୍କର ମନବାସନା ପୂର୍ଣ୍ଣ କରିବା ପାଇଁ ଦଶମହାବିଦ୍ୟାର ରୂପ ଧାରଣ କରନ୍ତି ।

ଦଶମହାବିଦ୍ୟା ମଧ୍ୟରେ କାଳୀ ଶୁଦ୍ଧସଗୁଣ ପ୍ରଧାନା, ନିର୍ବିକାରା, ନିର୍ଗୁଣ ବ୍ରହ୍ମ ସ୍ୱରୂପ ପ୍ରକାଶିକା । ଏହି ଆଦ୍ୟବିଦ୍ୟାକାଳୀ, ସାକ୍ଷାତ କୈବଲ୍ୟ ଦାୟିନୀ, ତାରାସତ୍ତ୍ୱଗୁଣାତ୍ମିକା, ଏବଂ ତତ୍ତ୍ୱବିଦ୍ୟାଦାୟିନୀ, ଷୋଡ଼ଶୀ, ଭୁବନେଶ୍ୱରୀ ଏବଂ ଛିନ୍ନମସ୍ତା, ରଜୋଗୁଣ ପ୍ରଧାନା ସତ୍ତ୍ୱଗୁଣାତ୍ମିକା, ଏମାନେ ଗୌଣମୁକ୍ତି, ଐଶ୍ୱର୍ଯ୍ୟ ଏବଂ ସ୍ୱର୍ଗାଦି ପ୍ରଦାନ କରନ୍ତି । ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳା ତମଗୁଣ ପ୍ରଧାନା । ଆଭିଚାରିକ ଷଟ୍‌କର୍ମ ସାଧନଦ୍ୱାରା ଏମାନଙ୍କର ଆରାଧନା କରାଯାଏ । ଅତଏବ ଦଶମହାବିଦ୍ୟାହିଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଭୁକ୍ତି ମୁକ୍ତି ପ୍ରଦାନ କରନ୍ତି ।

ତୁବୁଳିକା ତନ୍ତ୍ରରେ ଦଶମହାବିଦ୍ୟା ମାହାତ୍ମ୍ୟ ବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇ ଅଛିଯେ ଏମାନେ ସର୍ବଦା ଧର୍ମ, ଅଧର୍ମ, କାମ, ଓ ମୋକ୍ଷ ଏହି ଚତୁଃବର୍ଗ ପ୍ରଦାନ କରନ୍ତି ।

ଏହି ଆଲୋଚନା ପ୍ରସଙ୍ଗରେ ଏକ ସାଧାରଣ ଜ୍ଞାତବ୍ୟ ବିଷୟ ଉଲ୍ଲେଖ କରିବା ବିଧେୟ । ଶିବ ଓ ଶକ୍ତି ମଧ୍ୟରେ ଅଭିନ୍ନଭାବ—ସମ୍ବନ୍ଧ ଓ ତେଣୁ ଯେଉଁଠି ଶକ୍ତି ସେଠାରେ ଶିବ । ତେଣୁ ପ୍ରତ୍ୟେକ ମହାବିଦ୍ୟାଙ୍କର ଏକ ଏକ ଭୈରବ ସହିତ ସଂଯୁକ୍ତ । ମହାବିଦ୍ୟାଙ୍କର ପୂଜା ଆରାଧନା କରିବାବେଳେ ଭୈରବଙ୍କୁ ମଧ୍ୟ ଆରାଧନା କରାଯାଏ ।

ଭୈରବ ହେଉଛନ୍ତି ଶିବ । ଭୈରବ ଶବ୍ଦର ବିଭିନ୍ନ ବ୍ୟାଖ୍ୟା ଦେଖାଯାଏ । ଯେ ଏ ବିଶ୍ୱକୁ ଧାରଣ ଏବଂ ପୋଷଣ କରନ୍ତି, ବିଶ୍ୱ ଯାହାକୁ ଧାରଣ କରେ, ଅର୍ଥାତ୍ ବିଶ୍ୱମୟ ବୋଲି ଯେ ସର୍ବତ୍ର ବିଦିତ । ଏବଂ ଯେ ସବିମର୍ଷ ଅର୍ଥାତ୍—ଶବ୍ଦରାଶି ସମୁଖକାଦି-କ ବା ବି ମ ର୍ଷ ମୟ-ରବ ସେ ଭୈରବ । ଅନ୍ୟ ଶବ୍ଦରେ ମଧ୍ୟ ବ୍ୟାଖ୍ୟା କରଯାଇ ପାରେ—ଯେପରି ଭୀ ଅର୍ଥ ଭୟ-ଅର୍ଥାତ୍‌ସଂସାର ତ୍ରାସ । ସେହି ତ୍ରାସଜନିତ ରବ ଅର୍ଥାତ୍ କ୍ରନ୍ଦନ ବା ଚିତ୍କାର ଯେ ଜାତ ସେ ଭୈରବ । ସଂସାର ଭୟରେ ଭୀତ ଜୀବ ଯେତେବେଳେ ଭଗବାନ ଭଗବାନ ବୋଲି ଆର୍ତ୍ତରବ କରେ ସେତେବେଳେ ସେହି ଜୀବର ହୃଦୟରେ ପରମାର୍ଥ ରୂପେ ଯେ ସ୍ଫୁରିତ ହୁଅନ୍ତି ସେ ଭୈରବ ।

ଶକ୍ତିସଙ୍ଗମ ତନ୍ତ୍ରରେ ଦଶମହାବିଦ୍ୟାମାନଙ୍କ ସଂଯୁକ୍ତ ଭୈରବମାନଙ୍କର ନାମ ଦିଆଯାଇ ଅଛି , ଯଥା:—କାଳୀଙ୍କ ଭୈରବ ମହାକାଳ, ସୁନ୍ଦରୀ ବା ତ୍ରିପୁରା-ସୁନ୍ଦରୀଙ୍କର ଲଳୀତେଶ୍ୱର, ତାରାଙ୍କର ଅକ୍ଷୋଭ୍ୟ, ଛିନ୍ନମସ୍ତାଙ୍କର ବିକରାଳକ, ଭୁବନେଶ୍ୱରୀଙ୍କର ମହାଦେବ, ଧୂମାବତୀଙ୍କର କାଳଭୈରବ । କମଳାଙ୍କର ନାରାୟଣ, ଭୈରବୀଙ୍କର ବଟୁକ, ମାତଙ୍ଗୀର ମାତଙ୍ଗ ବା ସଦାଶିବ, ବଗଳାଙ୍କର ଭୈରବ ମୃତ୍ୟୁଞ୍ଜୟ ।

ଏହି ପ୍ରସଙ୍ଗରେ ଏକ ଏକ ଦଶମହାବିଦ୍ୟାଙ୍କର ସଂକ୍ଷେପ ଆଲୋଚନା ଆବଶ୍ୟକ ।

କାଳୀ—କାଳୀ ହେଉଛନ୍ତି ଆଦ୍ୟାମହାବିଦ୍ୟା ସମସ୍ତ ସୃଷ୍ଟି ଏବଂ ଦେବଗଣବୃନ୍ଦ କାଳୀଙ୍କ ଠାରୁ ସମ୍ଭୂତ ଏବଂ ପ୍ରଳୟ କାଳରେ ତାଙ୍କ ଦେହରେ ବିଲୀନ ହୁଅନ୍ତି । କାଳୀତନ୍ତ୍ରର ଧ୍ୟାନ ଅନୁସାରେ ସେ କରାଳବଦନା, ଘୋରା, ମୁକ୍ତକେଶୀ, ଚତୁର୍ଭୁଜା, ପୀନୋନ୍ନତ ପୟୋଧରା, ମହାମେଘ ପ୍ରଭା, ଶ୍ୟାମା, ଘୋରବା, ତାଙ୍କର ବାମପାର୍ଶ୍ୱସ୍ଥ ଊର୍ଦ୍ଧ୍ୱ ହସ୍ତରେ ସଦ୍ୟଛିନ୍ନ ମୁଣ୍ଡ, ନିମ୍ନ ହସ୍ତରେ ଖଡ୍ଗ ଏବଂ ଦକ୍ଷିଣ ପାର୍ଶ୍ୱସ୍ଥ ଊର୍ଦ୍ଧ୍ୱ ହସ୍ତରେ ଅଭୟମୁଦ୍ରା, ନିମ୍ନ ହସ୍ତରେ ବରଦମୁଦ୍ରା, ତାଙ୍କ ଗଳାରେ ପ୍ରତୀକ ମୁଣ୍ଡମାଳା, ସେଥିରୁ ରୁଧିରଧାରା ବିଗଳିତ ହୋଇ ଦେବୀଙ୍କ ଶରୀର ରୁଧିରସ୍ନାତା । ତାଙ୍କର ଓଷ୍ଠପ୍ରାନ୍ତରୁ କ୍ଷରିତ ରକ୍ତଧାରାଦ୍ୱାରା ତାଙ୍କର ମୁଖମଣ୍ଡଳ ରଞ୍ଜିତ । ଘୋର ରବକାରି ଶୃଗାଳଗଣ ଦେବୀଙ୍କ ଚତୁର୍ଦ୍ଦିଗରେ ପରିବେଷ୍ଟିତ, ଦେବୀହାସ୍ୟମୁଖୀ, ଦିଗମ୍ବରୀ ଏବଂ ମୁକ୍ତକେଶୀ, ତାଙ୍କର ଶିରଭୂଷଣ ଅର୍ଦ୍ଧଚନ୍ଦ୍ର । ଶବରୂପୀ ମହାଦେବଙ୍କର ବକ୍ଷଦେଶରେ ଦେବୀ ଦଣ୍ଡାୟମାନ, ମଦ୍ୟପାନ ଦ୍ୱାରା ତାଙ୍କର ନୟନ ବିଘୂର୍ଣ୍ଣିତ । ମୁଖପଦ୍ମହାସ୍ୟ ବିକଶିତ । କାଳୀକାଦେବୀ ଅଟ୍ଟହାସ୍ୟକାରିଣୀ ମହାରୌଦ୍ରୀ ଏବଂ ସର୍ବଦା ଆନନ୍ଦକାରିଣୀ, କାଳିକା ଜଗତର ମାତା, ଶୋକଦୁଃଖବିନାଶିନୀ ।

ତାରା:—ଦ୍ୱିତୀୟ ମହାବିଦ୍ୟା ତାରା, ଶକ୍ତିସଙ୍ଗମତନ୍ତ୍ରରେ କୁହାଯାଇଛି ଯେ କାଳୀ, ତାରା ତ୍ରିପୁରା ସୁନ୍ଦରୀ ଏବଂ ଛିନ୍ନମସ୍ତା । ଏହି ଚାରିଜଣଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ । କାଳୀ ତାରାର ସମ୍ବନ୍ଧ ଶିବ ଶକ୍ତିର ସମ୍ବନ୍ଧ ସଦୃଶ । କଳିଯୁଗରେ କାଳୀଙ୍କ ପରି ତାରାମଧ୍ୟ ସର୍ବସିଦ୍ଧି ଦାୟିନୀ, ଭୋଗମୋକ୍ଷ ଦାତ୍ରୀ ଦେବୀ । ନୀଳତନ୍ତ୍ରର ଧ୍ୟାନ ଅନୁସାରେ ଦେବୀ ମୁଣ୍ଡମାଳା ବିଭୂଷିତା, ଭୟଙ୍କରୀ, ପ୍ରତ୍ୟାଲିଢପଦା ଖର୍ବାକୃତି, ଲମ୍ବୋଦରୀ, ଭୀମା, କଟିଦେଶ ବ୍ୟାଘ୍ରଚର୍ମାବୃତ, ନବଯୌବନ-ସମ୍ପନ୍ନା ଦେବୀ ପଞ୍ଚମୁଦ୍ରା ବିଭୂଷିତା, ଚତୁର୍ଭୁଜା,

ଲୋଳଜିହ୍ୱା, ମହାରାମାଦେବୀ ବରଦାୟିନୀ, ଦେବୀର ଦକ୍ଷିଣ ହସ୍ତରେ ଖଡ୍‌ଗ ଏବଂ କାତି, ବାମହସ୍ତରେ କପାଳ ଏବଂ ପଦ୍ମପୁଷ୍ପହାରା ସୁଶୋଭିତ, ସେ ଏକ ଜଟାଧାରିଣୀ । ମସ୍ତକଉପରେ ନାଗରୂପଧାରୀ ଅକ୍ଷୋଭ୍ୟ (ଶିବ) ବିରାଜମାନ । ଦେବୀଙ୍କର ତ୍ରିନୟନ ତରୁଣ ସୂର୍ଯ୍ୟମଣ୍ଡଳପରି ବର୍ତ୍ତୁଳାକାର । ଘୋରଦଂଷ୍ଟ୍ରା କରାଳିନୀ, ଦେବୀ ଜ୍ୱଳନ୍ତ ଚିତା ମଧ୍ୟରେ ଦଣ୍ଡାୟମାନା , ତାରିଣୀତନ୍ତ୍ର-ମତରେ ଦେବୀ ଉନ୍ନତସ୍ତନୀ ଉଗ୍ରା ଏବଂ ମହାନାଗଦ୍ୱାରା ବେଷ୍ଟିତା, ଶବ ଉପରେ ଉପବିଷ୍ଟା, ଦୀର୍ଘକେଶୀ ଚତୁର୍ଭୁଜା, ସେ ପାନପାତ୍ରରେ ରୁଧିର ଧାରା ପାନକରୁଛନ୍ତି । ନିତ୍ୟ ସର୍ବସିଦ୍ଧି ପ୍ରଦାଦେବୀ ଗିରିନିବାସିନୀ ।

ଷୋଡ଼ଶୀ :—ମହାବିଦ୍ୟା ଷୋଡ଼ଶୀଙ୍କୁ ଶ୍ରୀବିଦ୍ୟା, ତ୍ରିପୁରା ବା ମହାତ୍ରିପୁରା ସୁନ୍ଦରୀ କୁହାଯାଏ । ଦେବୀ ସର୍ବଦା ଶ୍ରୀ (ଐଶ୍ୱର୍ଯ୍ୟ) ପ୍ରଦାନ କରନ୍ତି ବୋଲି ତାଙ୍କୁ ଶ୍ରୀବିଦ୍ୟା ଏବଂ ନିର୍ଗୁଣା ବୋଲି ତାଙ୍କୁ ଷୋଡ଼ଶୀ କୁହାଯାଏ । କୁବ୍‌ଜିକା ତନ୍ତ୍ରର ନିମ୍ନୋକ୍ତ ଶ୍ଳୋକରୁ ଏକଥା ଜଣାଯାଏ—

"ଶ୍ରୀ ଦାତ୍ରୀଚ ସଦାବିଦ୍ୟା
ଶ୍ରୀବିଦ୍ୟା ପରିକିର୍ତ୍ତିତା,
ନିର୍ଗୁଣାଚ ମହାଦେବୀ
ଷୋଡ଼ଶୀ ପରିକିର୍ତ୍ତିତା" ।

ଦେବୀଙ୍କୁ ତ୍ରିପୁରା କହିବାର ତାତ୍ପର୍ଯ୍ୟ କାଳିକାପୁରାଣରୁ ମିଳେ । ଏହି ପୁରାଣ ଅନୁସାରେ—"ଦେବୀଙ୍କର ମଣ୍ଡଳ ତ୍ରିକୋଣ, ଭୂପୁର ତ୍ରିରେଖ, ମନ୍ତ୍ର ତ୍ରିଅକ୍ଷର, ରୂପତ୍ରିବିଧ, କୁଣ୍ଡଳୀଶକ୍ତି, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ତ୍ରିଦେବଙ୍କର ସୃଷ୍ଟିରୁ ତ୍ରିବିଧ ହୁଏ । ତେଣୁ ଦେବୀଙ୍କୁ ତ୍ରିପୁରା କୁହାଯାଏ । ଏହି ବିଶ୍ୱ-ମାତା ପୁରାତନୀ ଆଦିବିଦ୍ୟା । ଶ୍ରୀବିଦ୍ୟା ଅନେକ । ଷୋଡ଼ଶାକ୍ଷରୀ ଶ୍ରୀବିଦ୍ୟାକୁ ଷୋଡ଼ଶୀ କୁହାଯାଏ । ଜ୍ଞାନାର୍ଣ୍ଣବ ତନ୍ତ୍ରରେ କୁହାଯାଇଛିଯେ ସହସ୍ର କୋଟି ମୁଖରେ ଏବଂ ଶତକୋଟି ଜିହ୍ୱା ଦ୍ୱାରା ମଧ୍ୟ ଷୋଡ଼ଶାକ୍ଷରୀ ଶ୍ରୀ ବିଦ୍ୟାର ମାହାତ୍ମ୍ୟ ବର୍ଣ୍ଣନା କରାଯାଇ ପାରେ ନାହିଁ । ବ୍ରହ୍ମବିଦ୍ୟା ସ୍ୱରୂପା ଏହି ବିଦ୍ୟା ଭୁକ୍ତିମୁକ୍ତି ଫଳପ୍ରଦା, ଯୋଗିନୀ ହୃଦୟ ତନ୍ତ୍ରର ଧ୍ୟାନରେ ଦେବୀ ଷୋଡ଼ଶୀ ପ୍ରଭାତ ସୂର୍ଯ୍ୟ ସ୍ୱରୂପା ଉଜ୍ଜଳ ଜବାକୁସୁମ-ପରି । ତାର ମସ୍ତକରେ ଉଜ୍ଜ୍ୱଳ ମୁକୁଟ, ଦେବୀର କୁଟିଳକେଶରାଶି, କୃଷ୍ଣଭ୍ରମର-ଶ୍ରେଣୀର ଶୋଭାପରି ; ବଦନମଣ୍ଡଳ ନବୋ-ଦିତ ସୂର୍ଯ୍ୟପରି, ଲଲାଟରେ ଅର୍ଦ୍ଧଚନ୍ଦ୍ର ଉଜ୍ଜ୍ୱଳ ଭାବରେ ଶୋଭା ପାଉଅଛି । ପରମେଶ୍ୱରୀଙ୍କର ଭ୍ରୂଲତାର ଆକାର ହରଧନୁ ପରି । ତାଙ୍କର ହେମକୁଣ୍ଡଳ ଉଜ୍ଜ୍ୱଳ କରଣ ପରି ଶୋଭାପାଉଛି । ଅମୃତୋପମ ଦେବୀର ଓଷ୍ଠ ପ୍ରବାଳପରି ରକ୍ତବର୍ଣ୍ଣ । ଦେବୀର ସ୍ମିତହାସ୍ୟର ମାଧୁର୍ଯ୍ୟ ସାଗରକୁ ପରାଭୂତ କରୁଛି । ଦେବୀ ମୃଣାଳକଳିକ-ହସ୍ତା । ଦେବୀର ପଦନଖ ପଙ୍‌କ୍ତିର ଜ୍ୟୋତି ସମସ୍ତ ନଭୋମଣ୍ଡଳକୁ ବିସ୍ତୀର୍ଣ୍ଣ କରିଛି । ସମୁନ୍ନତ ପୟୋଧର ମୁକ୍ତାହାର କଦାନ୍ୱିତା ।

ଭୁବନେଶ୍ୱରୀ :—କୁବ୍‌ଜିକାତନ୍ତ୍ର ଅନୁସାରେ ଦେବୀ ଭୁବନ ପାଳନ କରନ୍ତି ବୋଲି ସୃଷ୍ଟିସ୍ଥିତିକାରିଣୀ ଦେବୀଙ୍କୁ ଭୁବନେଶ୍ୱରୀ ଆଖ୍ୟା ଦିଆ ଯାଇଅଛି । ଦେବୀ ଭୁବନେ-ଶ୍ୱରୀ ଉଦୀୟମାନ ସୂର୍ଯ୍ୟପରି ପ୍ରଭାମୟୀ, ଉନ୍ନତସ୍ତନୀ, ତ୍ରିନୟନା ସ୍ମିତହାସ୍ୟମୁଖୀ । ଦେବୀଙ୍କର ନିମ୍ନ ବାମହସ୍ତରେ ବରମୁଦ୍ରା, ଉପର ବାମ ହସ୍ତରେ ପାଶ ଏବଂ ଦକ୍ଷିଣ ହସ୍ତରେ ଅଙ୍କୁଶ ଏବଂ ଅଭୟମୁଦ୍ରା । ଦେବୀ-ଙ୍କର ମୂର୍ତ୍ତି ସିନ୍ଦୁର ପରି ରକ୍ତବର୍ଣ୍ଣ, ଉଜ୍ଜଳ ଚନ୍ଦ୍ର ତାଙ୍କର ଶିରୋଭୂଷଣ ।

ଭୈରବୀ :—କୁବ୍‌ଜିକା ତନ୍ତ୍ର ମତରେ ଭୈରବୀ ଦୁଃଖସଂହର୍ତ୍ତ୍ରୀ, ଯମଦୁଃଖବିନାଶିନୀ, କାଳଭୈରବଙ୍କର ସ୍ତ୍ରୀ ବୋଲି ତାଙ୍କୁ ଭୈରବୀ ଆଖ୍ୟା ଦିଆ ଯାଇଅଛି । ଦେବୀଙ୍କର ବିଭିନ୍ନ ରୂପ କଳ୍ପନା କରାଯାଇଅଛି । ତନ୍ତ୍ରଶାସ୍ତ୍ରରେ ତ୍ରିପୁର ଭୈରବୀ, ଚୈତନ୍ୟ ଭୈରବୀ, ଭୁବନେଶ୍ୱରୀ ଭୈରବୀ, ସମ୍ପତ୍‌ପ୍ରଦା ଭୈରବୀ, ଷଟକୂଟା ଭୈରବୀ, ରୁଦ୍ର ଭୈରବୀ, ଅନ୍ନପୂର୍ଣ୍ଣା ଭୈରବୀ ପ୍ରଭୃତି ଦେବୀ-ଙ୍କର ବିଭିନ୍ନ ନାମର ଉଲ୍ଲେଖ ରହିଛି । ସହସ୍ର ଉଦୀୟମାନ ସୂର୍ଯ୍ୟ ପରି ଦେବୀଙ୍କର କାନ୍ତି, ରକ୍ତବର୍ଣ୍ଣ କ୍ଷୌମବସ୍ତ୍ର ପରିଧାନ କରି-ଛନ୍ତି । ଗଳାରେ ମୁଣ୍ଡମାଳା, ପୟୋଧର ରକ୍ତଚନ୍ଦନ ଲିପ୍ତ, ଦେବୀନିତ୍ୟା ଏବଂ କପାଳିନୀ, ତାଙ୍କର ବାମହାତରେ ପାଶ ଓ ଅଙ୍କୁଶ ଏବଂ ଦକ୍ଷିଣ ହସ୍ତରେ ବର ଅଭୟମୁଦ୍ରା ।

ଛିନ୍ନମସ୍ତା:—ନାରଦ ପଞ୍ଚରାତ୍ର ତନ୍ତ୍ର ଅନୁସାରେ ଦିନେ ଦେବୀ ପାର୍ବତୀ ତାଙ୍କର ଡାକିନୀ ଓ ବର୍ଣ୍ଣିନୀ ନାମକ ଦୁଇ ସହଚରୀ ସହିତ ସ୍ନାନ କରିବାକୁ ଗଲେ । ସ୍ନାନ ପରେ ସଖୀ ଦୁଇଜଣ କ୍ଷୁଧାର୍ତ୍ତ ହୋଇ ଦେବୀଙ୍କୁ ଖାଦ୍ୟ ମାଗିଲେ । ଦେବୀ ଅପେକ୍ଷା କରିବାକୁ କହିଲେ । ମାତ୍ର ସେମାନଙ୍କର ବ୍ୟସ୍ତତା ଓ କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ବାମନଖ ଦ୍ୱାରା ମସ୍ତକ ଛେଦନ କରି ବାମ ହସ୍ତରେ ଧାରଣ କଲେ । ଉକ୍ତ ଦେହରୁ ୩ଟି ରକ୍ତ ଧାରା ନିଃସୃତ ହୋଇ ଗୋଟିଏ ଧାରା ବାମ ଦିଗରେ ଡାକିନୀର ମୁହଁରେ, ଗୋଟିଏ ଧାରା ଡାହାଣ ଦିଗରେ ବର୍ଣ୍ଣିନୀ ମୁହଁରେ ଏବଂ ମଧ୍ୟ ଧାରାଟି ନିଜ ମୁହଁରେ ପଡ଼ିଲା । ଦେବୀଙ୍କର ମସ୍ତକ ଛିନ୍ନ ହୋଇ ଯାଇଥିବାରୁ ଛିନ୍ନମସ୍ତା ନାମରେ ପରିଚିତା ହେଲେ । ଛିନ୍ନ ମସ୍ତା ପ୍ରଚଣ୍ଡ ଚଣ୍ଡିକା ନାମରେ ମଧ୍ୟ ଖ୍ୟାତ ।

ମହାଦେବୀ ନିଜ ବାମ ହସ୍ତରେ ନିଜର ମସ୍ତକ ଧାରଣ କରି ଅଛନ୍ତି । ତାଙ୍କର ମୁଖ ବିସ୍ତୃତ, ଜିହ୍ୱା ଉଗ୍ର ଓ ଲେଲିହାନ । ନିଜ କଣ୍ଠନିଃସୃତ ରକ୍ତଧାରା ପାନ କରୁଅଛନ୍ତି । ତାଙ୍କର / କେଶ ରାଶି ଆଲୁଳାୟିତା ଦକ୍ଷିଣ ହସ୍ତରେ କର୍ତ୍ତିକା । ମୁଣ୍ଡମାଳା ବିଭୂଷିତା ଦିଗମ୍ବରୀ ଅତି-ଭୟଙ୍କରୀ, ପ୍ରତ୍ୟାଳିଢ଼ ପଦରେ ଅବସ୍ଥିତା, ଗଳାରେ ନାଗ ଯଜ୍ଞୋପବିତ, ପୀନୋନ୍ନତ ପୟୋଧରା, ଦେବୀ ସର୍ବଦା ଷୋଡ଼ଶ ବର୍ଷୀୟା, ଅଷ୍ଟନାଗ ସମନ୍ୱିତା, ବିପରୀତ ରତି ନିରତ ରତି କାମ ଉପରେ ଅଧିଷ୍ଠିତା । ତାଙ୍କର ବାମରେ ଡାକିନୀ ଓ ଦକ୍ଷିଣରେ ବର୍ଣ୍ଣିନୀ ।

ଧୂମାବତୀ:—ସ୍ୱତନ୍ତ୍ର ତନ୍ତ୍ରରେ ଧୂମା-ବତୀଙ୍କର ଉତ୍ପତ୍ତି ବର୍ଣ୍ଣନା କରାଯାଇଛି । ସର୍ବସଂହାରକାରିଣୀ ଦେବୀ କ୍ରୁଦ୍ଧା ହୋଇ ଦକ୍ଷ ପ୍ରଜାପତିର ଯଜ୍ଞାଗ୍ନିରେ ସ୍ୱଦେହ ତ୍ୟାଗ କଲେ । ତା ଫଳରେ ବିରାଟ ଧୂମ ରାଶିର ଉତ୍ପତ୍ତି ହେଲା । ସେହି ଧୂମ ରାଶିରୁ ସର୍ବ ଶତ୍ରୁ ବିନାଶିନୀ ଧୂମାବତୀର ଉଦ୍ଭବ । ଧୂମାବତୀ ବିବର୍ଣ୍ଣା, ଚଞ୍ଚଳା, ରୁଷ୍ଟା, ବିଧବା କାକଧ୍ୱଜ ଉପରେ ଆରୂଢ଼ା ବିଲମ୍ବିତ ପୟୋଧରା । ତାଙ୍କର ନୟନ ରୁକ୍ଷା । କମ୍ପିତ ହାତରେ ସୂର୍ପ ଓ ବର-ମୁଦ୍ରା । ବିଶାଳ ବଦନା, ଅତ୍ୟନ୍ତ କୁଟିଳା ଓ କୁଟିଳ ନୟନା, ସର୍ବଦା କ୍ଷୁଧାନସ୍ଥାରେ କାତର, ଭୟଦା ଓ କଳହପ୍ରିୟା ।

ବଗଳା :—ଦେବୀ ବଗଳାଙ୍କର ଉତ୍ପତ୍ତି ସଂପର୍କରେ ସ୍ୱତନ୍ତ୍ର ତନ୍ତ୍ରରେ ବର୍ଣ୍ଣନା କରାଯାଇ ଅଛି ଯେ ସତ୍ୟ ଯୁଗରେ ପବନ ବେଗରେ ବାୟୁ ପ୍ରବାହିତ ହୋଇ ସୃଷ୍ଟି ନଷ୍ଟ କରିବାକୁ ବସିଲା । ବିଷ୍ଣୁ ଚିନ୍ତିତ ହୋଇ ବାୟୁ ବେଗ ସ୍ତମ୍ଭିତ କରିବା ପାଇଁ ତପସ୍ୟା ଦ୍ୱାରା ମହାତ୍ରିପୁରାଙ୍କୁ ସନ୍ତୁଷ୍ଟ କଲେ । ଦେବୀଙ୍କ କୃପାରୁ ବାୟୁ ବେଗ ପ୍ରଶମିତ ହେଲା । ଦେବୀ ହରିଦ୍ରା ନାମକ ସରୋ-ବରରେ ଜଳକ୍ରୀଡ଼ା କରି ମହାପୀତ ହ୍ରଦ ସମୀପରେ ବଗଳା ରୂପରେ ଆବିର୍ଭୂତା ହେଲେ । ଦେବୀ ଗମ୍ଭୀରା, ମଦୋନ୍ମତ୍ତା ତପ୍ତ କାଞ୍ଚନ ପରି ତାଙ୍କର ବର୍ଣ୍ଣ, ଚତୁର୍ଭୁଜା ତ୍ରିନୟନା କମଳାସନରେ ଉପବିଷ୍ଟା । ଦେବୀଙ୍କର ଦକ୍ଷିଣ ହାତରେ ମୁଦ୍‌ଗର ଓ ପାଶ ଏବଂ ବାମ ହାତରେ ଶତ୍ରୁର ଜିହ୍ୱା ଓ ବଜ୍ର । ତାଙ୍କର ସ୍ତନଯୁଗଳ ବୃତ୍ତାକାର ଓ ସ୍ଥୂଳ ଦେବୀ ପୀତ ଭୂଷଣରେ ଭୂଷିତା ଏବଂ ସ୍ୱର୍ଣ୍ଣ ସିଂହାସନରେ ଅଧିଷ୍ଠିତା ।

ମାତଙ୍ଗୀ:—କୁବ୍‌ଜିକ ତନ୍ତ୍ରରେ ମାତଙ୍ଗା-ସୁରକୁ ବଧ କରିଥିବାରୁ ଦେବୀଙ୍କୁ ମାତଙ୍ଗୀ ଆଖ୍ୟା ଦିଆଯାଇଛି । ଦେବୀଙ୍କର ଉତ୍ପତ୍ତି ସଂପର୍କରେ ସ୍ୱତନ୍ତ୍ର ତନ୍ତ୍ରରେ କୁହାଯାଇ ଅଛି ଯେ ଏକଦା ନାନା ବୃକ୍ଷ ସମାକୁଳ କଦମ୍ବ କାନନରେ ସବୁ ଜୀବକୁ ବଶୀଭୂତ କରିବା ପାଇଁ ମତଙ୍ଗ ମୁନି ଦେବୀଙ୍କର

ଆରାଧନା କଲେ । ମୁନିଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ରାଜମାତଙ୍ଗୀ ରୂପରେ ଆବିର୍ଭୂତା ହେଲେ । ଧ୍ୟାନ ଅନୁସାରେ ଦେବୀ ଶ୍ୟାମାଙ୍ଗୀ, ଶଶିଶେଖରା, ତ୍ରିନୟନା ରତ୍ନସିଂହାସନରେ ଉପବିଷ୍ଟା, ବିଚିତ୍ର ଭୂଷଣ ଭୂଷିତା, କ୍ଷିଣ ମଧ୍ୟା, ଆପୀନସ୍ତନମଣ୍ଡଳା ସ୍ମିତ ମୁଖୀ, ଚାରି ହାତରେ ଅଙ୍କୁଶ, ଅସି, ପାଶ ଓ ଖେଟକ । ମାତଙ୍ଗୀ ବିଭିନ୍ନ ପ୍ରକାରର, ଯଥା—ଉଚ୍ଛିଷ୍ଟ ମାତଙ୍ଗୀ, ରାଜ-ମାତଙ୍ଗୀ, ସୁମୁଖୀ ମାତଙ୍ଗୀ, ବଶ୍ୟ ମାତଙ୍ଗୀ ଓ କର୍ଣ୍ଣ ମାତଙ୍ଗୀ ।

କମଳା :—ସ୍ୱତନ୍ତ୍ର ତନ୍ତ୍ରରେ ଦେବୀଙ୍କୁ ମହାଲକ୍ଷ୍ମୀ ଓ ଶ୍ରୀଭୁବନା କୁହାଯାଇଅଛି । ବୃହତ୍ନୀଳ ତନ୍ତ୍ରରେ—ବୈକୁଣ୍ଠ ବାସିନୀ ଦେବୀ କମଳା ତ ପ୍ରକାଶିତା ।

ପାତାଳବାସିନୀ ଦେବୀ ଲକ୍ଷ୍ମୀରୂପା ତ ସୁନ୍ଦରୀ । ଦେବୀଙ୍କର କାନ୍ତି କାଞ୍ଚନ ପରି । ହିମଗିରୀ ସଦୃଶ ୪ଟି ଗଜ ଶୁଣ୍ଢ ଦ୍ୱାରା ହିରଣ୍ମୟ ଅମୃତ ଘଟ ଧରି ଦେବୀଙ୍କୁ ସ୍ନାନ କରାଉ ଅଛନ୍ତି । ଦେବୀଙ୍କର ବାମ ହାତରେ ବରମୁଦ୍ରା ଓ ପଦ୍ମ ଏବଂ ଡାହାଣ ହାତରେ ପଦ୍ମ ଓ ଅଭୟ । ଦେବୀ କ୍ଷୌମ ବସ୍ତ୍ର ପରିହିତା, ପଦ୍ମ ଉପରେ ଉପବିଷ୍ଟା ।



## ଜମ୍ବୁ ଦ୍ୱୀପଠାରେ ଲୁଣମରା କେନ୍ଦ୍ର

ଓଡ଼ିଶା ବେଳାଭୂମି ଓ ଚିଲିକା ଉନ୍ନୟନ କର୍ପୋରେସନ ତରଫରୁ କଟକ ଜିଲ୍ଲା ମାର୍ଶାଘାଇ ତହସିଲ ଅନ୍ତର୍ଗତ ଜମ୍ବୁ ଦ୍ୱୀପରେ ୨୫୦ ଏକର ପରିମିତ ଅଞ୍ଚଳରେ ଏକ ଲୁଣମରା କେନ୍ଦ୍ର ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଗୋଟିଏ ରାସାୟନିକ କାରଖାନା ସ୍ଥାପନ କରାଯିବ । ଏ ଦିଗରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଗତ ସେପ୍ଟେମ୍ବର ୧୮ ତାରିଖରେ ଜମ୍ବୁଠାରେ ବେଳାଭୂମି ଉନ୍ନୟନ ସଂସ୍ଥାର ଚେୟାରମ୍ୟାନ ଶ୍ରୀ ଭି. ଏସ୍. ମାଥ୍ୟୁସ୍, ବିଧାନ ସଭା ସଦସ୍ୟ ଶ୍ରୀ ନଳିନୀ ମହାନ୍ତି ଏବଂ ବହୁ ସରକାରୀ ଓ ବେସରକାରୀ ବ୍ୟକ୍ତିଙ୍କ ମଧ୍ୟରେ ଏ ସଂପର୍କରେ ବିଶଦ ଆଲୋଚନା ହୋଇଥିଲା ।

୧୯୭୩ ମସିହାରେ ରାମଚଣ୍ଡୀ ସମବାୟ ସମିତି ତରଫରୁ ଗୋଟିଏ ଛୋଟ ଲୁଣମରା କେନ୍ଦ୍ର ଆରମ୍ଭ କରାଯାଇଥିଲା । କିନ୍ତୁ ପରିଚାଳନାଗତ ତ୍ରୁଟି ଏବଂ ଅର୍ଥାଭାବ ହେତୁ ଏହା ବନ୍ଦ ହୋଇଯାଇଥିଲା । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରୁ ଜଣାଯାଏ ଯେ ଏହି ଅଞ୍ଚଳ ଲୁଣମରା କେନ୍ଦ୍ର ଓ ରାସାୟନିକ କାରଖାନା ସ୍ଥାପନ ନିମନ୍ତେ ବିଶେଷ ଅନୁକୂଳ । ଅର୍ଥନୈତିକ ଦିଗରୁ ଅନଗ୍ରସର ଏହି ଉପକୂଳ ଅଞ୍ଚଳରେ ଏଭଳି ଲବଣ-ଶିଳ୍ପର ବିକାଶ ଫଳରେ ୩୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ଥାୟୀ କର୍ମ-ସଂସ୍ଥାନ ହୋଇପାରିବା ସଙ୍ଗେ ସଙ୍ଗେ ମାଲପତ୍ର ପରିବହନ, ବିକ୍ରିବଟା ଆଦି ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ବହୁ ଲୋକ ନିଯୁକ୍ତି ପାଇପାରିବେ । ଏହି ଲବଣ-ଶିଳ୍ପରୁ ବାର୍ଷିକ ତିନି ଲକ୍ଷ ଟଙ୍କା ଲାଭ ହୋଇପାରିବ ।

ଏହା ବ୍ୟତୀତ ବେଳାଭୂମି କର୍ପୋରେସନ ତରଫରୁ ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଉପକୂଳବର୍ତ୍ତୀ ଅଞ୍ଚଳରେ ଏ ଧରଣର ୨୦ଟି ଲୁଣମରା କେନ୍ଦ୍ର ପ୍ରତିଷ୍ଠା କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି ଏବଂ ଏଥିରୁ ବାର୍ଷିକ ଏକ ଲକ୍ଷ ମେଟ୍ରିକ୍ ଟନ୍ ଲବଣ ଉତ୍ପାଦିତ ହୋଇପାରିବ ।

# ନୂଆଖିଆ ପର୍ବ

ଶ୍ରୀ ଈଶ୍ୱର ପ୍ରସାଦ ସିଂହ

ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଇତ୍ୟାଦି ଜିଲ୍ଲାମାନଙ୍କରେ ଆଚାର-ବେଭାର, ଖାଦ୍ୟପେୟ, ପର୍ବପର୍ବାଣୀରେ ଅନେକ ସାମଞ୍ଜସ୍ୟ ଥିବାର ଲକ୍ଷ୍ୟ କରାଯାଏ । ବାର ମାସରେ ତେର ପର୍ବ ବୋଲି ଆମେ କଥାରେ କହୁଁ । ପ୍ରକୃତରେ ଏହି ଜିଲ୍ଲାମାନଙ୍କରେ ବିଭିନ୍ନ ସମୟରେ ବହୁ ସଂଖ୍ୟକ ପର୍ବ ପାଳିତ ହୁଏ । ସେଗୁଡ଼ିକ ମଧ୍ୟରେ ସବୁଠାରୁ ଆନନ୍ଦଦାୟକ ଏବଂ ଅତି ଆଦରର ପର୍ବ ହେଉଛି "ନୂଆଖିଆ ପର୍ବ" ।

ଲୋକ ମୁଖରୁ ଶୁଣାଯାଏ, ଦ୍ୱାପର ଯୁଗରେ ମହାଭାରତର ଚରିତ୍ରମାନଙ୍କ ମଧ୍ୟରୁ "ଗୋସିଙ୍ଗ ଦୈତ୍ୟ" ରାଜା ପଶ୍ଚିମ ଓଡ଼ିଶା ଅଞ୍ଚଳର କଳାହାଣ୍ଡି ଜିଲ୍ଲାରେ ତାଙ୍କର ରାଜଧାନୀ ସ୍ଥାପନ କରି ରାଜୁତି କରୁଥିଲେ । ରାଜଧାନୀଟି ଏବେର "ଯୁନାଗଡ଼ ସହର" । ଏହାକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଆଗ କାଳରେ ରାଜାମାନେ ଯେପରି ଚତୁର୍ଦ୍ଦିଗରେ ଗଡ଼ଖାଇ ତିଆରି କରୁଥିଲେ ସେପରି ଗଡ଼ଖାଇ ବର୍ତ୍ତମାନ ସୁଦ୍ଧା ସହରର ସୀମାପଟେ ରହିଛି । କଳାହାଣ୍ଡି ଭାଷାରେ ପୁରୁଣାକୁ "ଯୁନା" କୁହାଯାଏ । ପୁରୁଣା-ଗଡ଼ରୁ ଏହା "ଯୁନାଗଡ଼" ନାମ ଧାରଣ କରିଛି । ସେ କାଳର ଦୈତ୍ୟରାଜାମାନେ ସାଧାରଣତଃ ପ୍ରବଳ ପ୍ରତାପୀ ଏବଂ ସାଧକ ହିସାବରେ ଦେବଗଣଙ୍କୁ ମଧ୍ୟ ନିଜର ବଶ କରି ପାରିଥିଲେ । ତେଣୁ ସେମାନେ ଇନ୍ଦ୍ର, ବରୁଣ, କୁବେର ଇତ୍ୟାଦିଙ୍କୁ ନିଜ ତପ ସାଧନା ତଥା ପରାକ୍ରମରେ ଭୟଭୀତ କରାଇ ନିଜ ରାଜ୍ୟ ଯେପରି ସବୁବେଳେ ନିରାପଦରେ ରହିବ, ବର୍ଷା ଯେପରି ଉପଯୁକ୍ତ ମାତ୍ରାରେ ହେବ, ପବନ ଆବଶ୍ୟକ ପ୍ରକାରେ ବହିବ, ରାଜ୍ୟ ସବୁ ସମୟରେ ଧନ ଦଉଲତରେ ପୂରି ରହିବ, ସେଥିପାଇଁ ଚେଷ୍ଟା କରୁଥିଲେ । ତେଣୁ ବଢ଼ି, ମରୁଡ଼ି, ଶସ୍ୟ ନଷ୍ଟ ଇତ୍ୟାଦି ଆଦୌ ହେଉ ନଥିଲା । ଏପରିକି ନିଜ ଅଞ୍ଚଳରେ କୌଣସି ସମୟରେ ବର୍ଷା ଅଭାବରେ ଫସଲ ନଷ୍ଟ ହେଲେ ପ୍ରଜାମାନେ ଯେମିତି ଦୁଃଖ କଷ୍ଟର ସମ୍ମୁଖୀନ ନହେବେ ସେଥିପାଇଁ ଇନ୍ଦ୍ରଙ୍କୁ ବନ୍ଧା ରଖିବା କରା ଯାଉଥାଏ । ତେଣୁ ଏ ଅଞ୍ଚଳମାନଙ୍କରେ ପୂର୍ବକାଳରେ ବର୍ଷା ଅଭାବ ନଥିଲା ଓ ଧରଣୀ ସର୍ବଦା ଶସ୍ୟଶ୍ୟାମଳା ହୋଇଥିବାରୁ ଲୋକେ ଆଦୌ ଅଭାବ ଅସୁବିଧା ଅନୁଭବ କରୁ ନଥିଲେ । କାଳର ଗତିରେ ରାଜା, ରାଜ୍ୟ, ପ୍ରଜା ଇତ୍ୟାଦିର ପରିବର୍ତ୍ତନ ଘଟିଲା । କ୍ରମେ ଅନ୍ୟ ରାଜାମାନେ ରାଜୁତି କଲେ । ଦେଶୀୟ ରାଜା, ଜମିଦାରମାନେ ପୂର୍ବ ରାଜାଙ୍କ ଭକ୍ତି ସାଧନା, ପରାକ୍ରମ, ପ୍ରଜାପାଳନ, ଦେବଗଣ ସେବାରେ ଯତ୍ନବାନ ନହେବାରୁ କୁଶାସନ କ୍ରମେ ପ୍ରବେଶ କଲା । ସୁଖ ସମ୍ଭୋଗ ତଥା ବ୍ୟଭିଚାର କ୍ରମଶଃ ବଢ଼ିଲା । ଅନାବୃଷ୍ଟି ହେବା ଫଳରେ ଦୁର୍ଭିକ୍ଷ, ମହାମାରୀ ଇତ୍ୟାଦି ଦେଖାଗଲା । ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଲା । ରାଜାମାନେ ପ୍ରଜାଙ୍କର ଉପଦ୍ରବ ସମ୍ଭାଳି ନପାରି ବ୍ୟାକୁଳ ହୋଇ ନିଜ ନିଜ ଭିତରେ ମନ୍ତ୍ରଣା କଲେ । ସେହି ସମୟରେ କୌଣସି କୌଣସି ସ୍ଥାନରେ ଲୋକେ ନୈଷ୍ଠିକ ଭାବରେ ପୂଜା ଆରାଧନା ଓ ସାଧନା କରି ଦେବଦେବୀଙ୍କର କୃପାଲାଭ କରିଥିଲେ । ଏହି କ୍ଷେତ୍ରରେ ରାଜାମାନେ ପ୍ରଜାଙ୍କଠାରୁ ମଧ୍ୟ ଅପଦସ୍ତ ହୋଇ ଶେଷରେ ସେହି ଦେବଦେବୀଙ୍କୁ ନିଜେ ପ୍ରତିଷ୍ଠା କରି ସେବା ପୂଜା କଲେ ଓ ସତ୍‌ମାର୍ଗକୁ ଆସିଲେ । ଏହି ପ୍ରସଙ୍ଗରେ ଭବାନୀ ପାଟଣାର ମାଣିକେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ ଇତ୍ୟାଦି ପ୍ରତ୍ୟକ୍ଷ ଦେବୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ଦେବୀମାନଙ୍କୁ ଆରାଧନା କରି, ସେମାନଙ୍କ ନିକଟରେ ଜୀବବଳି ଦେଇ ସେମାନଙ୍କୁ ସନ୍ତୁଷ୍ଟ କରି ରାଜାମାନେ ଅନାବୃଷ୍ଟି, ଫସଲହାନି ଓ ଶତ୍ରୁ ଭୟରୁ ରକ୍ଷା ପାଇଲେ । ରାଜା ରାଜା ମଧ୍ୟରେ ଏବଂ ରାଜା ପ୍ରଜା ମଧ୍ୟରେ ଉତ୍ତମ ବୁଝାମଣା ହୋଇ ମରୁଡ଼ିର ପରବର୍ତ୍ତୀ ବର୍ଷ ଭଲ ଫସଲ ଅମଳ ହେତୁ ଆନନ୍ଦ ଶତଗୁଣରେ ବଢ଼ିଲା । ସମ୍ଭବତଃ ଏହି ଅଞ୍ଚଳମାନଙ୍କରେ ରାଜାମାନେ ଓ ପ୍ରଜାମାନେ ଆନନ୍ଦରେ ଏକତ୍ରିତ ହୋଇ ନୂଆ ବର୍ଷର ନୂଆ ଫସଲ ଦ୍ୱାରା ଦେବୀ ତଥା ଲକ୍ଷ୍ମୀଙ୍କୁ ପବିତ୍ର ମନରେ ଉପାସନା କରି ନବାନ୍ନ ଭକ୍ଷଣ କରିବାକୁ ସ୍ଥିର କଲେ । ଏହାକୁ ରାଜାମାନେ ନିଜ ନିଜ ଅଞ୍ଚଳର ଗାଁ ଶାସକ, ଗଉନ୍ତିଆ, ଗଣ୍ଡା, ପୂଜାରୀ ଇତ୍ୟାଦିଙ୍କ ଜରିଆରେ ଖବର ଦେଇ ଜାକଜମକରେ ଦୁଇ ତିନି ଦିନ ଧରି ପାଳନ କରିବାକୁ ଶୁଭ ବେଳା ଦେଖି ଦିନ ଧାର୍ଯ୍ୟ କଲେ । ତଦନୁଯାୟୀ ପ୍ରତିବର୍ଷ ନୂଆ ଫସଲ ଦିନରେ ପାଳିଲେ ପୂର୍ବ ରୀତି ଅନୁଯାୟୀ ସର୍ବସାଧାରଣ ଏହି "ନୂଆଖିଆ ପର୍ବ" ଆଜିପର୍ଯ୍ୟନ୍ତ ପାଳନ କରି ଆସୁଛନ୍ତି ।

ନୂଆଖିଆ ପର୍ବ ହେବାର ପ୍ରାୟ ଦୁଇମାସ ପୂର୍ବରୁ ଏହାର ଝୁଙ୍କ ସମସ୍ତଙ୍କ ମନକୁ ଆସେ । ପୂର୍ବ କାଳରୁ ବ୍ୟବହାର କରୁଥିବା ବୀର-ବାଦ୍ୟ "ନିଶାଣ ଓ ଘୁମୁରା" ସହ ଘୁମୁରା ନାଚର ଶିକ୍ଷା ଗାଁ ଗାଁରେ ଆରମ୍ଭ ହୋଇଯାଏ । ବିଭିନ୍ନ ଗୀତିନାଟ୍ୟ, ସୁଆଙ୍ଗ ଇତ୍ୟାଦି ଆଖଡ଼ା ଘରମାନଙ୍କରେ ଶିକ୍ଷା ଦିଆଯାଏ । ବଛା ବଛା ଯୁବକମାନଙ୍କୁ ଗାୟକ, ବାଦକ ଓ ନାଚକାରୀ ହିସାବରେ ନେଇ ରିହରସେଲ କରାଯାଏ । ଘୁମୁରା ବାଦ୍ୟ ପାଇଁ ଗାୟକମାନେ ସ୍ୱଶୁଲ ଗୀତ ରଚନା କରିଥାନ୍ତି । ନୂଆଖାଇର ବାସୀ ଦିନ ପାଇଁ ଲୋକେ ହୃଷ୍ଟପୁଷ୍ଟ ଛେଳିମେଣ୍ଢାକୁ ସ୍ୱତନ୍ତ୍ର ଖାଦ୍ୟପେୟ ଦେଇ ପାଳନ କରନ୍ତି । ନିଜ ନିଜ ଭିତରେ କଥା ଛଳରେ କୁହାକହି ହୁଅନ୍ତି "କେତ୍ଥାଗା" ନୂଆଖିଆ ଲାଗି ଲ 'ଗଡ୍ରା' କି 'ଛ' କର୍ସି ପୋଷୁଛୁ କି ? "ଛ" ଅର୍ଥ ଏଡ଼ି । ଏହିପରି ବହୁତ ଦିନ ପୂର୍ବରୁ ପ୍ରତ୍ୟେକ ପରିବାରରେ ସଜବାଜ ଆରମ୍ଭ ହୋଇଥାଏ । ଯୁବକ ଯୁବତୀମାନେ ନୂତନ ଆନନ୍ଦରେ ବିଲ କାମକୁ ଗଲାବେଳେ କିମ୍ବା ବିଲରୁ ଫେରିଲା ବେଳେ ପରସ୍ପରକୁ ଆକ୍ଷେପ କରି ଗୀତ ବୋଲିବା ଆରମ୍ଭ କରିଥାନ୍ତି । ପୁରୁଷ ପିଲାମାନେ ଝିଅଙ୍କୁ ଲକ୍ଷ୍ୟ କରି ଗାଆନ୍ତି ।

ନୂଆଖାଇ ନାଇ ଯାଇଛେଁ ସରଗର ତରାରେ ମୋର ସରଗର ତରା ନୂଆଖାଇ ନାଇ ଯାଇଛେଁ .....................

ଯୁବତୀମାନେ ଉତ୍ତରରେ ଗାଉଥାନ୍ତି—

ତୋର ସଙ୍ଗେ ମୁଇଁ ନାଇଁ ଯାଏଁରେ,
ତୋର ସଙ୍ଗେ ମୁଇଁ ନାଇଯାଏଁରେ ।

ଯେନୁଆଟୁରା, ଏ ବାସଧରାଟେରା,
ନୂଆଖାଇ ନାଇ ଯାଇଛେଁ .............

ଏହିପରି ଅନେକ ପକ୍ଷୀ ଲୋକ ଗୀତରେ ସେମାନଙ୍କର ଯିବା ଆସିବା ସମୟ ଆନନ୍ଦରେ କଟେ । ପର୍ବ ଯେତେ ନିକଟ ହୋଇ ଆସେ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ଏବଂ ସଜବାଜ ସେତେ ପ୍ରଖର ହୁଏ । ପରିବାରର ସମସ୍ତଙ୍କ ପାଇଁ କିପରି ନୂଆ ଲୁଗା ହେବ, କିପରି ବାସୀଦିନ ପାଇଁ ଯଥେଷ୍ଟ ମାଂସ ରନ୍ଧା ହେବ, ମୂଲିଆ ତଥା ମଦୁଆମାନେ କିପରି ମଦମାଂସ ପେଟପୁରା ଖାଇବେ, ଘୁମୁରା-ବାଦୀ ପ୍ରତିଯୋଗୀତାରେ କିପରି ପ୍ରଥମ ହେବେ ସେସବୁ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ପର୍ବ ଅତି ନିକଟ ହୋଇ ଆସିଲେ, ଉଚା ଜମିରେ ପ୍ରଥମେ ପାଚୁଥିବା ଫସଲ ଯଥା—ପୋରାଧାନ, ସେଟ୍‌କାଧାନ ଇତ୍ୟାଦି ପାଚିବାକୁ ଆରମ୍ଭ କଲେ ଗାଁର ପରଢିଆ, ପୂଜାରୀ ଏବଂ ଗଣ୍ଡା ପାଞ୍ଜିପତ୍ର ଦେଖି ଭଲ ଶୁଭ ଦିନ ବାଛନ୍ତି ନୂଆଖିଆ ପାଇଁ । ଗାଁ ସଭାରେ ଦିନ ଧାର୍ଯ୍ୟ କରି ପ୍ରାୟ ୧୫ ଦିନ ପୂର୍ବରୁ ଗଣ୍ଡା ସେହି ଶୁଭ ଲଗ୍ନ ଓ ଦିନଟିକୁ "ଟାମକି ବାଜା" ବଜାଇ ଗାଁ ସାରା ପ୍ରଚାର କରାଇଥାନ୍ତି । ଏହି ଖବର ଶୁଣି ଗାଁର ଲୋକେ, ଏପରିକି ପାଖାପାଖି କେତେକ ଗାଁରେ, ସେହିଦିନ ନୂଆଖିଆ ପାଇଁ ପ୍ରସ୍ତୁତ ହୋଇଯାନ୍ତି ।

ଏତେ ବଡ଼ ନୂଆଖିଆ ପର୍ବ ବା କିପରି ହଠାତ୍ ଆସିବ ବିନା ସୂଚନାରେ । ରାଜା ଆସୁଥିବା ଖବର ଯେପରି ରାଜ ପ୍ରଚାର କରେ ସେପରି ଏହାର ରାଜ ପର୍ବ "ପୋରାଗଅାଁସ" ବା ସପ୍ତପୁରି ଅମାବାସ୍ୟା ଏକ ସପ୍ତାହ ପୂର୍ବରୁ ଏହି ବିରାଟ ପର୍ବର ବାର୍ତ୍ତା ପହଞ୍ଚାଏ । ଏହି ଦିନ ପ୍ରତି ଘରେ ଗୃହ ଇଷ୍ଟ ଦେବୀଙ୍କୁ ପୂଜା ଅର୍ଚ୍ଚନା କରାଯାଏ । ଖିରୀ, ଖେଚୁଡ଼ି, ଖଜାପିଠା ଇତ୍ୟାଦି ହୁଏ । ଅପରାହ୍ନରେ ପୁଅପିଲାମାନେ ମାଟି ବା କାଠରେ ତିଆରି ଷଣ୍ଢ, ଘୋଡ଼ା, ହାତୀ ଇତ୍ୟାଦି ନେଇ ଖଜା, ପିଠା, ଗଜ୍ଜୁଡ଼ା ସହ ମନ୍ଦିର ବେଢ଼ା ମଧ୍ୟରେ ଭୋଜି କରି ଖେଳନ୍ତି ଏବଂ ଶେଷରେ ଷଣ୍ଢ, ହାତୀ, ଘୋଡ଼ା ଲଢ଼େଇ କରି ଭାଙ୍ଗିଭୁଙ୍ଗି ଫେରନ୍ତି । ସେହି ପରି ଝିଅ ପିଲାମାନେ ମାଟିରେ ତିଆରି ରନ୍ଧନ ପାତ୍ର, ବାସନ, କଢେଇ ଇତ୍ୟାଦି ସହ ଖଜା ପିଠା, ଲିଆମୁଆଁ ନେଇ ମନ୍ଦିର ବେଢ଼ା ବା ଫରଚ୍ଛ ସ୍ଥାନରେ ମଉଜ ମଜଲିସ୍ କରି ମାଟି କଣେଇ ଭାଙ୍ଗିଭୁଙ୍ଗି ସନ୍ଧ୍ୟାରେ ଫେରନ୍ତି । ଫେରିଲାବେଳେ ନୂଆଖିଆ ପାଖ ହୋଇଥିବା ଗୀତ ବୋଲନ୍ତି ।

ପୋରାଗଲା ନୂଆଖାଇ ଦଉଡ଼ି ଆସିଲାରେ ।
ପୋରାଗଲା ନୂଆଖାଇ ଦଉଡ଼ି ଆସିଲା ।

ପୋରା ଅର୍ଥାତ୍ ସପ୍ତପୁରୀ ଅମାବାସ୍ୟା ଗଲାପରେ ନୂଆଖିଆ ପାଖକୁ ଧାଇଁ ଆସିଲା ।

ଏହାପରେ ଆସେ ଆଦରର ନୂଆଖିଆ ପର୍ବ । ଏହା ସାଧାରଣତଃ ଭାଦ୍ରବ ମାସରେ ଗଣେଶ ପୂଜା ପାଖାପାଖି ପଡ଼େ ତୃତୀୟା, ପଞ୍ଚମୀ, ସପ୍ତମୀ କିମ୍ବା ବିଜୟା ଦଶମୀରେ । ନୂଆଖିଆ ପୂର୍ବ ଦିନ ପ୍ରାୟ ପର୍ବ ପାଳନର ସମସ୍ତ ଆୟୋଜନ ସରିଯାଇ ଥାଏ । କେତେକ ଶ୍ରେଣୀର ଲୋକେ ଏପରିକି ପାଣିକୁ ମଧ୍ୟ ନୂଆ କରି ସଂଗ୍ରହ କରିଥାନ୍ତି । ନୂଆ ହାଣ୍ଡିରେ ଦେହି ନକାଣିବା ରାତି ରାତ୍ର ୧୨ଟା ଠାରୁ ୩ଟା ମଧ୍ୟରେ ପୋଖରୀରୁ ନୂଆ ପାଣି ଭରି କରି ଆଣନ୍ତି । ସେହି ପାଣିରେ ହିଁ ଇଷ୍ଟ ଦେବୀଙ୍କ ପୂଜା ସ୍ଥାନ ଲିପାପୋଛା, ରନ୍ଧାବଢ଼ା, ପୂଜା ଇତ୍ୟାଦି ହୁଏ । ଲୋକେ ଭୋରରୁ ଉଠି ଘର ଦ୍ୱାର ଲିପାପୋଛା, ସଫାସୁତରା କରନ୍ତି । ରନ୍ଧନର ସମସ୍ତ ମାଟିପାତ୍ର ଫିଙ୍ଗାଯାଇ ନୂଆ ହାଣ୍ଡି ମାଠିଆ ବ୍ୟବହାର ଆରମ୍ଭ ହୁଏ । ପ୍ରତ୍ୟେକ ଘରେ ନୂଆ ଧାନର କେଣ୍ଡା ଆଣି ଗ୍ରଭକ, ଚୁଡ଼ା, ଖିରୀ, ଭାତ ତିଆରି ହୁଏ । ଶୁଭ ସମୟରେ ଅଧିଷ୍ଠାତ୍ରୀ ଲକ୍ଷ୍ମୀଠାକୁରାଣୀଙ୍କୁ ନୂଆ ଚୁଡ଼ା, ଗାଈ କ୍ଷୀର ଇତ୍ୟାଦି ଦ୍ୱାରା ପୂଜା ଅର୍ଚ୍ଚନା କରାଯାଏ । ନୂଆ ଧାନ କେଣ୍ଡାରେ ମାଳ ତିଆରି ହୁଏ । ପରିବାରର ସମସ୍ତେ ନୂଆ ଲୁଗା ପିନ୍ଧି ପୂଜାରେ ଯୋଗଦାନ କରନ୍ତି । ଦିଅଁଙ୍କୁ ପ୍ରଣାମ କରି ଭଲ ଫସଲ ଦେବାକୁ ପ୍ରାର୍ଥନା କରନ୍ତି । ତାପରେ ପରିବାରର ସମସ୍ତେ ଏକା ସାଙ୍ଗରେ ଏକା ସ୍ଥାନରେ ବସି ନୂଆ ଚୁଡ଼ା, ଖିରୀ, ଭାତ, ପିଠା ଇତ୍ୟାଦି ଖାଆନ୍ତି । ଖାଇସାରି ପରିବାରର କର୍ତ୍ତା, ବୟସାମାନଙ୍କୁ, ଗାଁର୍ ଗଉନ୍ତିଆଙ୍କୁ ନୂଆଖାଇ ଜୁହାର ହୁଅନ୍ତି । ମନ୍ଦିରମାନଙ୍କୁ ଯାଇ ଭଜନକୀର୍ତ୍ତନ ଇତ୍ୟାଦି କରନ୍ତି । ଓପର-ଓଳି ଗୁରି ଘଣ୍ଟା ସମୟରେ ଗାଁର ମଝି ସ୍ଥାନରେ ଘୁମୁରା ବାଜା ସହ ନୃତ୍ୟ ଆରମ୍ଭ ହୁଏ । ଯେଉଁ ଗାଁମାନଙ୍କରେ ଦୁଇ ତିନୋଟି ଦଳଥାନ୍ତି ସେମାନଙ୍କ ମଧ୍ୟରେ ଗୀତରେ ପ୍ରଶ୍ନ ଉତ୍ତର ମାଧ୍ୟମରେ ପ୍ରତିଯୋଗିତା ହୁଏ । ପରସ୍ପର ବନ୍ଧୁ ମିଳନ ଏବଂ ନୃତ୍ୟ ଉତ୍ସବ ରାତ୍ର ପ୍ରାୟ ୮ଟା ପର୍ଯ୍ୟନ୍ତ ଚାଲିଥାଏ । ରାତ୍ର ଭୋଜନ ପରେ ଗୀତିନାଟ୍ୟ, ସୁଆଙ୍ଗ ଇତ୍ୟାଦି ମନୋରଞ୍ଜନ କାର୍ଯ୍ୟ ରାତ୍ର ପାହାନ୍ତା ପର୍ଯ୍ୟନ୍ତ ଲାଗି ରହିଥାଏ । ବୁଆରି ବାହାରି ଉତ୍ସବଟିକୁ ଆହୁରି ହସମାତରେ ବଢ଼ାଇଥାଏ । ଏହି ଦିବସର ପରଦିନ ହେଉଛି "ନୂଆଖିଆ ବାସୀ" । ଲୋକେ ବଡ଼ି ଭୋରରୁ ଉଠି ପ୍ରତି ସାହିରେ ଅନେକ ଛେଳି ମେଣ୍ଢା କାଟନ୍ତି । ଦିନରେ ଓ ରାତିରେ ପ୍ରତି ଘରେ ମାଂସ ଭାତ ଖିଆଯାଏ । ବର୍ଷକର ପର୍ବ ବୋଲି ହରିଜନ, ହଳିଆ ମୂଲିଆମାନେ ଯଥେଷ୍ଟ ମଦ ପିଇଥାନ୍ତି । ହଳିଆ ମୂଲିଆମାନଙ୍କୁ ଏହି ଦୁଇ ତିନି ଦିନ ପାଇଁ କାମରୁ ଛୁଟିମିଳେ । ସ୍କୁଲ, କଲେଜ ମଧ୍ୟ ଛୁଟିରେ ବନ୍ଦ ରହେ । ପ୍ରତ୍ୟେକ ଗାଁରେ ପ୍ରତି ଘରେ ମହା ଆନନ୍ଦରେ ଉତ୍ସବ ଅନୁଷ୍ଠିତ ହୁଏ । ବାସୀ ପରଦିନଠାରୁ ଅନ୍ୟ ଗାଁମାନଙ୍କୁ ଯାଇ ଅଧିବାସୀମାନେ ନିଜର ବନ୍ଧୁବାନ୍ଧବ ଇତ୍ୟାଦିଙ୍କୁ ନୂଆଖାଇ ଜୁହାର କରି ଆନନ୍ଦରେ ଖିଆପିଆ କରନ୍ତି । ଏପରି ଭାବରେ ଏହି ବିରାଟ ଓ ସର୍ବଠାରୁ ବ୍ୟୟ ବହୁଳ ଉତ୍ସବ ପାଳନ କରାଯାଏ । ବାସ୍ତବରେ ଏହି ଉତ୍ସବ ଦ୍ୱାରା ଅଧିବାସୀ-ମାନଙ୍କ ମଧ୍ୟରେ ଏକତା ରକ୍ଷା କରାଯାଏ ।

ଏହି ଉତ୍ସବ ଓ ଏଥିପାଇଁ ହେଉଥିବା ଖର୍ଚ୍ଚ ଆସ୍ତେ ଆସ୍ତେ ବେଶୀ ମାତ୍ରାରେ ବଢ଼ିଗଲା । ଲୋକେ ଗାଁ ମହାଜନମାନଙ୍କଠାରୁ ଟଙ୍କା ଓ ଧାନ ଋଣ ଆଣି ଖର୍ଚ୍ଚ ତୁଲାଇଲେ । ପ୍ରାୟ ଛଅ ମାସ ପାଇଁ ଧାନ ୪ ପୌଟିକୁ କରଜରେ ୧ ପୌଟି ବା ୧୧/୨ ପୌଟି ଏବଂ କରଜରେ ହାର ଟଙ୍କା ପ୍ରତି ୬ଅଣା ହେଲା । ଫଳରେ ଲୋକେ ନୂଆଖିଆ ପର୍ବ ପାଇଁ ଅହରହରେ ଋଣ ଗ୍ରସ୍ତ ହେଲେ । କ୍ଷେତରୁ ଅମଳ ହେଉଥିବା ପ୍ରାୟ ସମସ୍ତ ଫସଲ ମହାଜନ ଘରକୁ ଚାଲିଗଲା । ସୁଧ ଋଣ ପରିଶୋଧ କରି ନପାରି ଶେଷରେ ମହାଜନକୁ ନିଜର ଜମି ବିକି ଦେଇ ବା ବନ୍ଧାଦେଲା । ପୁଅକୁ ତା ଘରେ କାଟତି ହଳିଆ ରଖି ସର୍ବସ୍ୱାନ୍ତ ହେଲା । ତେଣୁ ବୁଦ୍ଧିଆ ଲୋକେ ଉଇମନ୍ଦ ବିଚାରି ନିଜର ଶକ୍ତି ମୁତାବକ ଖର୍ଚ୍ଚ କରି ଋଣ କରିବାକୁ ପସନ୍ଦ କଲେ ନାହିଁ । ମଦୁଆ-ମାନେ ମଦ ବାବଦକୁ ପାଉଣା ଦେବାରେ ଘରର ଅମଳ ସବୁ ଶେଷ କରି ଛୁଆ ପିଲାଙ୍କୁ ଭୋକ ଉପାସରେ ରଖିଲେ ।

ପୂର୍ବରୁ ଗରିବ ତଥା ହରିଜନ ଆଦିବାସୀ-ମାନଙ୍କୁ ଋଣ ନ ମିଳିବାରୁ ସେମାନେ ଅସନ୍ତୋଷରେ ଏହି ଉତ୍ସବ ପାଳନ କରୁଥିଲେ । ଯଗ ଯଗ କିଛି ବର୍ଷ ମଦ୍ୟନ୍ତି ହେବା ଫଳରେ ଏବଂ ଋଣ ନମିଳିବାରୁ ମନକଷ୍ଟ ଆହୁରି ଅନେକ ବଢ଼ିଲା । ଲୋକେ କ୍ରମଶଃ ଶିକ୍ଷିତ ହେଲେ । ଏହି ଉତ୍ସବକୁ ଲୋକେ ଅତି ଆଦରରେ ପାଳନ କଲେ ମଧ୍ୟ ଅଭାବରୁ ଉଦ୍ଧାର ପାଇବା ପାଇଁ ବଦଖର୍ଚ୍ଚକୁ ବହୁତ ଊଣା କଲେ । ମହାଜନୀ ଋଣ କରିବାର "ବେଆଇନ" ହେବାରୁ ଓ ଏଥିପାଇଁ ଦଣ୍ଡ ବିଧାନ ଥିବାରୁ ଗାଁ ମହାଜନ-ମାନେ ଋଣ କାରବାର ବନ୍ଦ କରିଦେଲେ । ନିଶା ନିବାରଣ ଆଇନ କଡ଼ାକଡ଼ି ଭାବେ ପାଳିତ ହେବାରୁ ଲୋକେ କ୍ରମଶଃ ମଦ ପିଇବା ବହୁ ପରିମାଣରେ ଊଣା କଲେ । ବର୍ତ୍ତମାନ ଉନ୍ନତ ଗୃହବାସରେ ମନ ଦେଇ ସୁଖୀ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ସଂଯମ ସହକାରେ ଏହି ଉତ୍ସବ ପାଳନ କରା-ଯାଉଛି ।

ସହକାରୀ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ
ଜୟପୁର, କୋରାପୁଟ ।

# ପାରିବ ଯଦି, ଉଠାଇ ନିଅ କବି !

ରାଜେନ୍ଦ୍ର କିଶୋର ପଂଡା

ନା, ଉତ୍ତର ନାହିଁ ଏକାକୀତ୍ୱର ଶିଖରରୁ, କବି,
ପାରିବ ଯଦି, କେଇ ଯୋଜନ ଲଂବାଇଦିଅ ହାତ,
ଉଠାଇ ନିଅ।

ଏଠି ରେରେହାହାକାର ତ ସେଠି ତୁମର ଓମ୍‌ଝମ୍‌କାର....
ତାଂ ଉପରେ ନୀରବତା, ଆଉ ସବା ଉପରେ....


ନା, ଉତ୍ତର ନାହିଁ ଏକାକୀତ୍ୱର ଶିଖରରୁ, କବି,
ତଳେ ଏଠି ଅନେକ ଦେଶ, ଅନେକ ନଦୀ,
ଅନେକ ନଖୀ, ଅନେକ ନାରୀ....
ସ୍ୱେଦରକ୍ତକର୍ଦ୍ଦମରେ ବୁଡ଼ିଯିବ ରୂପାର କଣ୍ଠ ତୁମର
ଅଦୃଶ୍ୟ ଶିଖାର ମଂଦାର କଢ଼ ତୁମର ବୁଡ଼ିଯିବ, କବି,
ବୁଡ଼ିଯିବ ।
ବୁଡ଼ିଯିବ ? ଆମର ଅଂଗ ସିନା ଏଠି,
ତୁମେ ନିଶ୍ୱଉଛ ସେଇଠି, କହୁଚ—ମୁଁ ଅମୃତ: ମୁଁ ମୃତ୍ୟୁ
ମୁଁ ସତ୍: ମୁଁ ଅସତ, ମୁଁ ଦୁଃଖ: ମୁଁ ମହାସୁଖ ।
ଶହ ଶହ କୋଟି ଆତ୍ମାରେଇ ନିର୍ମିତ ତୁମର ଦେହ ।

କାଳର ଅଂତ ହେବ ମୋର ଏଇ ନିବେଦନର ସମାପ୍ତିରେ,
ମୁଁ ସବାଶେଷ ସେକ
ମହାପ୍ରଳୟର ଠିକ୍ ଘଡ଼ିଏ ପୂର୍ବରୁ, କବି,
ଖାଲି ପ୍ରତିଧ୍ୱନି ନୁହେଁ ସଂହରିନିଅ ଧ୍ୱନିକୁ ବି ।
ଉତ୍ତର ନାହିଁ ଏକାକୀତ୍ୱର ଶିଖରରୁ,
ପାରିବ ଯଦି, ସଂହରି ନିଅ ମାଧ୍ୟାକର୍ଷଣ, ସଂହରି ନିଅ....
ଉଠାଇ ନିଅ ତୁମର ବିପୁଳା ପୃଥ୍ୱୀକୁ
କ୍ଷୁଦ୍ର ଅଂଡ଼ଟିଏ କରି ଉଠାଇ ନିଅ ନିମିଷେ ଭିତରେ
ଉତ୍ତର ନାହିଁ, ଚଢ଼ାଇ ନିଅ ଶିଖରକୁ ଆହୁରି ଊର୍ଦ୍ଧ୍ୱକୁ, କବି,
ନୀରବତା ଯେଉଁଠି ନୀରବ ଥାଏ, ସେଇ ଭୂମିକୁ !

ମହାପ୍ରଳୟ ପୂର୍ବରୁ ମୁଁ ସର୍ବାଶେଷ ଲୋକ
ମୁଁ ତୁମର ସମାନଧର୍ମା କି ନୁହେଁ ପଚାରି
ମୋତେ ଅପ୍ରତିଭ କରନାହିଁ, କବି,
ବରଂ, ଯଦି ଉଠାଇ ନିଅ,
ସଯତ୍ନେ ସଂପାଦିରଖ ଅଂଡ଼ରୂପୀ ତୁମର ପୃଥିବୀକୁ,
କାଳେ କିଏ ଜନ୍ମିବ, କାଳେ କିଏ....

ନା, ଉତ୍ତର ନାହିଁ ଏକାକୀତ୍ୱର ଶିଖରରୁ, କବି,
ପାରିବ ଯଦି ଉଠାଇ ନେଇ ବଂଚାଇ ରଖ
ଠିକ୍ ନିମିଷକ ପରେ ମରିବାକୁ ଥିବା
କାଳକୁ !

୯, ୫-ଆର (ଫ୍ଲାଟ) ୟୁନିଟ-୩
ଭୁବନେଶ୍ୱର



## ଆଦିବାସୀ ଉପଯୋଜନା ଦ୍ୱାରା ୩୪ ଲକ୍ଷ ୭୦ ହଜାର ଆଦିବାସୀ ଉପକୃତ ହେଉଛନ୍ତି

ରାଜ୍ୟର ଆଦିବାସୀ ଅଧ୍ୟୁଷିତ୍ୟ ୧୧୮ଟି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଆଦିବାସୀ ଉପଯୋଜନା ଦ୍ୱାରା ୩୪ ଲକ୍ଷ ୭୦ ହଜାର ଆଦିବାସୀ ଓ ୬ ଲକ୍ଷ ୭୦ ହଜାର ହରିଜନ ଉପକୃତ ହେଉଛନ୍ତି । ଉକ୍ତ ବ୍ଲକ୍‌ଗୁଡ଼ିକ ମଧ୍ୟରୁ ୯୮ଟି ବ୍ଲକ୍‌ରେ ୧୯ଟି ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରୋଜେକ୍ଟ୍ ଏବଂ ୨୦ଟି ବ୍ଲକ୍‌ରେ ୪ଟି ଆଦିବାସୀ ଉନ୍ନୟନ ଏଜେନ୍‌ସି ଜରିଆରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି ।

ଉପଯୋଜନା ଅଞ୍ଚଳ ଅନ୍ତର୍ଗତ ୧ ହଜାର ୨୦୯ଟି ଗ୍ରାମ ପଞ୍ଚାୟତର ୨୦ ହଜାର ୨୫୭ଟି ଗ୍ରାମରେ ବସବାସ କରୁଥିବା ଆଦିବାସୀ ଓ ହରିଜନମାନଙ୍କର ସଂଖ୍ୟା ସମଗ୍ର ରାଜ୍ୟରେ ଏହି ସଂପ୍ରଦାୟ ଲୋକ ସଂଖ୍ୟାର ଯଥାକ୍ରମେ ଶତକଡ଼ା ୬୮ ଭାଗ ଓ ୧୦.୯୦ ଭାଗ । ରାଜ୍ୟର ସ୍କୋୟାର କିଲୋମିଟର ପ୍ରତି ଜନସଂଖ୍ୟା ୧୪୧ ହୋଇଥିବା ସ୍ଥଳେ ଏହି ଅଞ୍ଚଳର ଜନସଂଖ୍ୟା ମାତ୍ର ୯୮ ଅଟେ ।

ଉପଯୋଜନା ଅଞ୍ଚଳରେ ୨୧ଟି କଲେଜ, ୩୯୦ଟି ହାଇସ୍କୁଲ, ୯୬୫ଟି ଏମ୍. ଇ. ସ୍କୁଲ ଏବଂ ୯ ହଜାର ୯୩୩ଟି ପ୍ରାଥମିକ ବିଦ୍ୟାଳୟ ଖୋଲା ରହିଛି । ଏହା ବ୍ୟତୀତ ଏହି ଅଞ୍ଚଳରେ ୨୪ଟି ହସ୍‌ପିଟାଲ, ୧୭ଟି ରିଫ୍ୟୁଜି ହସ୍‌ପିଟାଲ୍, ୭୨ଟି ଡାକ୍ତରଖାନା, ୧୧୮ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୩୫୪ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲାଯାଇଛି ।

# ଗୃହିଣୀର ଦାୟିତ୍ୱ ଓ କର୍ତ୍ତବ୍ୟ

ଶ୍ରୀମତୀ ସୈରନ୍ଧ୍ରୀ ନାୟକ

ଉଭୟ ନାରୀ ଓ ପୁରୁଷଙ୍କୁ ନେଇ ପରିବାର ଗଠିତ ହୋଇଥାଏ । ପରିବାରର ବିକାଶ ଓ ପରିଚାଳନା କ୍ଷେତ୍ରରେ ପୁରୁଷ ଓ ନାରୀର ସ୍ୱତନ୍ତ୍ର ଓ ବିଶିଷ୍ଟ ଭୂମିକା ଓ ଅବଦାନ ରହିଛି । ପରିବାରର ଗୋଟିଏ ଅଙ୍ଗପ୍ରତି ଅବହେଳା ପ୍ରଦର୍ଶନ କଲେ କିମ୍ବା ଗୋଟିଏ ଅଙ୍ଗ ପ୍ରତି ଅତିଶୟ ପ୍ରାଧାନ୍ୟ ଦର୍ଶାଇଲେ ପାରିବାରିକ ସୁଖଶାନ୍ତିର ସୁସ୍ଥ ବିକାଶ ସଂଭବ ହୋଇ ପାରିବ ନାହିଁ ।

ଅନେକଗୁଡ଼ିଏ ପରିବାରକୁ ନେଇ ସମାଜ ଗଠିତ ହୁଏ । ତେଣୁ ପରିବାରର ପରିବେଶ, ଆଚାର ବିଚାର, ପରିଚାଳନା ଶୈଳୀ ଓ ସାମାଜିକ ଜୀବନ ଓ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇଥାଏ । ପାରିବାରିକ ପରିସ୍ଥିତି ଗୋଟିଏ ଦେଶର ଜାତୀୟ ଚରିତ୍ରରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ଯେଉଁ ଦେଶରେ ପରିବାର ସଂପର୍କୀୟ ସମସ୍ତ ନିଷ୍ପତ୍ତି ଗଣତାନ୍ତ୍ରିକ ଭିତ୍ତିରେ ନିଆଯାଇଥାଏ ଓ ପରସ୍ପରର ମତ ଓ ରୁଚି ପ୍ରତି ସହନଶୀଳତା ପ୍ରଦର୍ଶିତ ହୋଇଥାଏ ସେ ଦେଶରେ ଏକ ସୁସ୍ଥ ଗଣତାନ୍ତ୍ରିକ ପରଂପରାର ବିକାଶ ଓ ରାଜନୈତିକ ସହନଶୀଳତା ଦେଖାଦେବା ସ୍ୱାଭାବିକ । ପରିବାର ଭିତରେ ଯଦି ଶୃଂଖଳା ଓ ସଂଯମର ଅଭାବ ରହେ, ସହନଶୀଳତା, ଶ୍ରଦ୍ଧା ଓ ସ୍ନେହର ତ୍ରୁଟି ପରିଲକ୍ଷିତ ହୁଏ, ଜାତୀୟ ଜୀବନ ଓ ଚରିତ୍ର ବିକଳାଙ୍ଗ ହେବାର ଯଥେଷ୍ଟ ସଂଭାବନା ରହିଛି । ଏଣୁ ଗୋଟିଏ ଦେଶର ବିକାଶ ଯୋଜନାରେ ଏକ ସୁସ୍ଥ ପାରିବାରିକ ଜୀବନର ବିକାଶ ପତି ଗୁରୁତ୍ୱ ଆରୋପ କରିବାକୁ ହେବ ।

ସାମାଜିକ ନ୍ୟାୟ ଦୃଷ୍ଟିରୁ ଉଭୟ ପୁରୁଷ ଓ ନାରୀ ଅଧିକାର, ପ୍ରତିଷ୍ଠା, ସମ୍ମାନ କ୍ଷେତ୍ରରେ କେହି କାହାଠାରୁ ଊଣା ନୁହନ୍ତି, କିନ୍ତୁ କେତେକ ସ୍ୱତନ୍ତ୍ର କର୍ତ୍ତବ୍ୟ ପାଳନ କରିବା ପାଇଁ ନାରୀ ପ୍ରକୃତି ଦ୍ୱାରା ଅଭିପ୍ରେତ । ସେଇ କର୍ତ୍ତବ୍ୟ କିମ୍ବା ଅଧିକାରଟି ହେଲା ନାରୀ ଜନନୀ । ସମଗ୍ର ମାନବ ଜାତିର ଜନ୍ମଦାତ୍ରୀ ସେ । ଶିଶୁକୁ ଲାଳନ ପାଳନ କରି ମଣିଷ ଭାବରେ ଗଢ଼ିବାରେ ପୁରୁଷ ଅପେକ୍ଷା ନାରୀର କର୍ତ୍ତବ୍ୟ ବେଶୀ । ଶିଶୁ ନିଜର ପ୍ରାଥମିକ ଶିକ୍ଷା ଜନନୀ ପାଖରୁ ହିଁ ଗ୍ରହଣ କରିଥାଏ ।

ଭାରତର ଗୃହିଣୀମାନଙ୍କ ଉଦ୍ଦେଶ୍ୟରେ ୧୯୨୧ ମସିହାରେ ମହାତ୍ମାଗାନ୍ଧୀ କହିଥିଲେ ଭାରତର ଅର୍ଥନୈତିକ ଓ ନୈତିକ ମୁକ୍ତି ଆପଣମାନଙ୍କ ଉପରେ ନିର୍ଭର କରେ । ତାଙ୍କ କହିବାର ତାତ୍ପର୍ଯ୍ୟ ଥିଲା ଗୃହିଣୀମାନେ ନିଜର ସନ୍ତାନ ସନ୍ତତିମାନଙ୍କୁ ଯେପରି ଭାବରେ ଗଠନ କରିବେ ତା'ଉପରେ ଭାରତର ଭବିଷ୍ୟତ ନିର୍ଭର କରିବ । ସେମାନେ ଯଦି ନିଜର ସନ୍ତାନସନ୍ତତିମାନଙ୍କୁ ନିରାଡ଼ମ୍ବର ସତ୍ୟବାଦୀ ଓ ନିର୍ଭୀକଭାବେ ଗଠନ କରିବେ ସେମାନେ ଜାତୀୟ ତଥା ବ୍ୟକ୍ତିଗତ ଜୀବନରେ ସମସ୍ତ ରକମ ଝଡ଼ଝଞ୍ଜା ସଂଭାଳିବା ପାଇଁ ସମର୍ଥ ହେବେ । ଅନ୍ୟ ପକ୍ଷରେ ସେମାନେ ଯଦି ନିଜର ପୁଅ ଝିଅଙ୍କୁ ଭୟାଳୁ, ବିଳାସୀ ଓ ନିର୍ଭରଶୀଳ ଭାବେ ଗଢ଼ିବାକୁ ଦେବେ ତା'ହେଲେ ସେମାନେ ଏକ ଉନ୍ନତ ଓ ସମୃଦ୍ଧ ଦେଶ ଗଠନ କରିବାରେ ଅସମର୍ଥ ହେବେ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଯେଉଁ ମତ ବ୍ୟକ୍ତ କରିଥିଲେ ତାହା ଆଜି ମଧ୍ୟ ପ୍ରଯୁଜ୍ୟ । ଆଜି ଯେ ଶିଶୁ ସେ ଆସନ୍ତା କାଲି ଦେଶ ଓ ଜାତିର କର୍ଣ୍ଣଧାର ହେବ । ଏଇ ଶିଶୁମାନଙ୍କୁ ଗୃହିଣୀମାନେ ଯେପରି ଭାବରେ ଲାଳନ-ପାଳନ କରିବେ ତା' ଉପରେ ଦେଶର ଭବିଷ୍ୟତ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଜୀବନ ନିର୍ଭର କରିବ । ତେଣୁ ପ୍ରତ୍ୟେକ ଗୃହିଣୀ ଶିଶୁମାନଙ୍କର ଦୈହିକ, ମାନସିକ ଓ ଚାରିତ୍ରିକ ବିକାଶ ପ୍ରତି ବିଶେଷଭାବେ ଯତ୍ନବାନ ହେବା ଉଚିତ । ଏଥିପ୍ରତି ଯଦି ସେମାନେ ଅବହେଳା ପ୍ରଦର୍ଶନ କରନ୍ତି କିମ୍ବା ଉଦାସୀନ ରହନ୍ତି ତା'ହେଲେ ପାରିବାରିକ ତଥା ଜାତୀୟ ଜୀବନ କ୍ଷେତ୍ରରେ ବିଶୃଂଖଳା ଦେଖା ଦେବ । ତେଣୁ ପ୍ରତ୍ୟେକ ଗୃହିଣୀ ଶିଶୁମାନଙ୍କ ସକାଶେ ଅଳ୍ପ ବ୍ୟୟରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ରୋଗ ନିରାକରଣ ସକାଶେ ପ୍ରତିଷେଧକ ବ୍ୟବସ୍ଥା, ଶିଶୁର ମନସ୍ତତ୍ତ୍ୱ ଓ ବୁଦ୍ଧି ବିକାଶର ପଦ୍ଧତି ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ଆବଶ୍ୟକ । ଏହା ବ୍ୟତୀତ ଶିଶୁମାନଙ୍କ ଭିତରେ ଅନୁସନ୍ଧିତ୍ସା, ତିତିକ୍ଷା, ସହନଶୀଳତା ଓ ଧୈର୍ଯ୍ୟ ପ୍ରଭୃତି ଗୁଣର ବିକାଶ ପାଇଁ ସେମାନେ ବିଶେଷ ଭାବେ ଯତ୍ନଶୀଳା ହେବା ଆବଶ୍ୟକ ।


ପରିବାରର ଅର୍ଥନୀତି ବିଶେଷ ଭାବେ ଗୃହିଣୀମାନଙ୍କ ଉପରେ ନିର୍ଭର କରେ । ସ୍ତ୍ରୀ ଅର୍ଥନୈତିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉ ବା ନହେଉ, ପରିବାରରେ ଗୃହିଣୀର ସ୍ଥାନ ପୁରୁଷମାନେ ସ୍ୱୀକାର କରନ୍ତୁ ବା ନ କରନ୍ତୁ ପାରିବାରିକ ଖର୍ଚ୍ଚ ବିଶେଷଭାବେ ଗୃହିଣୀମାନଙ୍କ ପାରଦର୍ଶିତା ଉପରେ ନିର୍ଭର କରିଥାଏ । ଘରକରଣା ସ୍ତ୍ରୀମାନଙ୍କ ଉପରେ ନିର୍ଭର କରୁଥିବାରୁ ହିଁ ତାକୁ ଗୃହିଣୀ କୁହାଯାଏ । ପରିବାରର ଆୟକୁ ଆଖିରେ ରଖି ଗୃହିଣୀମାନେ ଯଦି ଗୃହ ଖର୍ଚ୍ଚର ଆଟକଳ ପ୍ରସ୍ତୁତ ନକରନ୍ତି ଓ ପରିବାରର ଭବିଷ୍ୟତ କିମ୍ବା ଜରୁରୀ ପରିସ୍ଥିତି ପ୍ରତି ସଚେତନ ନରହନ୍ତି ସେମାନେ ପରିବାର ଭିତରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ପାରିବେ ନାହିଁ । ଭବିଷ୍ୟତ ପାଇଁ ସଞ୍ଚୟ ପୂର୍ଣ୍ଣମାତ୍ରାରେ ଗୃହିଣୀମାନଙ୍କ ଉପରେ ନିର୍ଭର କରେ ।

ଯେଉଁ ଗୃହିଣୀମାନେ ଅର୍ଥ ଉପାର୍ଜ୍ଜନ କରିବା ପାଇଁ ସଂପୂର୍ଣ୍ଣଭାବେ କର୍ମକ୍ଷେତ୍ରକୁ ଆସିବା ପସନ୍ଦ କରନ୍ତି ନାହିଁ ସେମାନେ ମଧ୍ୟ ଇଚ୍ଛାକଲେ ଘରର ଅନେକ କାର୍ଯ୍ୟ ନିଜେ ତୁଲାଇ ପରିବାରର ଖର୍ଚ୍ଚ ହ୍ରାସ କରି ପାରିବେ କିମ୍ବା ଆଂଶିକଭାବେ କୌଣସି ଧନ୍ଦା ଅବଲମ୍ବନ କରି ପରିବାରର ଆୟ ବୃଦ୍ଧି କରି ପାରିବେ ।

ପ୍ରତ୍ୟେକ ଗୃହିଣୀଙ୍କୁ କିଛି କିଛି ଅବସର ସମୟ ମିଳିଥାଏ । ଏଇ ଅବସର ସମୟକୁ ବିନିଯୋଗ କରି ସେମାନେ ନିଜର ରୁଚି ଅନୁସାରେ କୌଣସି ଏକ ସ୍ୱାବଲମ୍ବୀ ଧନ୍ଦା ଚଳାଇଥାରେ ପରିବାରର ଆୟ ବୃଦ୍ଧି କରି ପାରିବେ । ସିଲେଇ କରିବା, ଉଲ

ବୁଣିବା, ଆଚାର, ବଡ଼ି ଓ ପାଂପଡ଼ ପ୍ରସ୍ତୁତ କରିବା, ବିଭିନ୍ନ ରକମ ଫଳଜାତ ଦ୍ରବ୍ୟ ଯଥା :—ଜେଲି, ଜାମ, ସ୍କ୍ୱାସ ପ୍ରସ୍ତୁତ କରିବା, ଗାଁ ଗହଳରେ ଧାନ କୁଟିବା, ବିରିଗୁ ବିଭିନ୍ନ ରକମର ଉପଯୋଗୀ ପଦାର୍ଥ ପ୍ରସ୍ତୁତ କରିବା, ଗାଈ, କୁକୁଡ଼ା, ଛେଳି, ମେଣ୍ଢା କିମ୍ବା ଘୁଷୁରି ପୋଷିବା ପ୍ରଭୃତି ଧନ୍ଦା ସହଜରେ ଅବଲମ୍ବନ କରିପାରିବେ । ସ୍ତ୍ରୀମାନଙ୍କୁ ସାମୟିକ କିମ୍ବା ପୂରାସମୟ ପାଇଁ ଧନ୍ଦା ଯୋଗାଇବା ଉଦ୍ଦେଶ୍ୟରେ ସରକାର ନାନା ରକମ ଯୋଜନା କରିଛନ୍ତି । ବିଶେଷତଃ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଏଥିପାଇଁ ନାନା ରକମ ସାହାଯ୍ୟ କରିଥାନ୍ତି । ଗୋଷ୍ଠୀ ଉନ୍ନୟନ, ଆଦିବାସୀ ଏବଂ ଗ୍ରାମ ମଙ୍ଗଳ ବିଭାଗର ମଧ୍ୟ ଏ ଦିଗରେ ଯୋଜନା ରହିଛି । ଗୃହିଣୀମାନେ ଏସବୁ ଯୋଜନାର ସଦୁପଯୋଗ କରିବା ସକାଶେ ମହିଳା ସମିତି, ସମବାୟ ସମିତି, ନାରୀ ସେବା ସଂଘ ପ୍ରଭୃତି ଅନୁଷ୍ଠାନମାନଙ୍କ ଜରିଆରେ ସଂଗଠିତ ହେବା ଆବଶ୍ୟକ ।

ଗୃହିଣୀମାନଙ୍କଠାରୁ ଆମେ ଯେଉଁ କର୍ତ୍ତବ୍ୟ ଓ ଦାୟିତ୍ୱ ଆଶା କରୁ ତାହା ସମ୍ୟକ୍ ଭାବରେ ବୁଝିବା ପାଇଁ ନାରୀ ଶିକ୍ଷା ଓ ତାଲିମ ବ୍ୟବସ୍ଥାର ବ୍ୟାପକ ପ୍ରସାର ଏକାନ୍ତ ପ୍ରୟୋଜନ । କିନ୍ତୁ ଆମ ଦେଶରେ ନାରୀମାନଙ୍କର ଶିକ୍ଷା ପ୍ରତି କୌଣସି ଗୁରୁତ୍ୱ ଆରୋପ କରାଯାଏ ନାହିଁ । ତେଣୁ ସେମାନଙ୍କ ଭିତରେ ବ୍ୟାପକ ନିରକ୍ଷରତା ରହିଛି । ଶିଶୁର ଲାଳନ-ପାଳନର ବୈଜ୍ଞାନିକ ପଦ୍ଧତି, ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ଶିଶୁର ସ୍ୱାସ୍ଥ୍ୟ ଓ ମନସ୍ତତ୍ତ୍ୱ ସମ୍ବନ୍ଧରେ ଗୃହିଣୀମାନଙ୍କୁ ତାଲିମର ବ୍ୟବସ୍ଥା ହେବା ଆବଶ୍ୟକ । ସେହିପରି ଉନ୍ନତ ପ୍ରଣାଳୀରେ ଫଳଜାତ ଦ୍ରବ୍ୟ ପ୍ରସ୍ତୁତି, ଗୋପାଳନ, କୁକୁଡ଼ାପାଳନ, ସିଲେଇ ପ୍ରଭୃତି ସମ୍ବନ୍ଧରେ ମଧ୍ୟ ତାଲିମ ଦେବାର ଯୋଜନା ପ୍ରସ୍ତୁତ ହେବା ଉଚିତ । ସରକାରଙ୍କ ପ୍ରୌଢ଼ ଶିକ୍ଷା ଯୋଜନାରେ ଗୃହିଣୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉ । ନିରକ୍ଷରତା ଦୂରୀକରଣ ସଙ୍ଗେ ସଙ୍ଗେ ନିଜର ଜୀବନ ଓ ଧନ୍ଦାରେ ଲାଗୁଥିବା ଜ୍ଞାନ ଓ କୌଶଳ ସମ୍ବନ୍ଧରେ ତାଲିମର ବ୍ୟବସ୍ଥା ହେବା ଆବଶ୍ୟକ । ଶିକ୍ଷା ଓ ସାକ୍ଷରତାର ପ୍ରସାର ବିନା ଏକ ଉନ୍ନତ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଗୃହିଣୀମାନେ ନିଜର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରି ପାରିବେ ନାହିଁ ।



## ବିକଳାଙ୍ଗ ଲୋକମାନଙ୍କ କର୍ମସଂସ୍ଥାନ ସୁବିଧା

ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ଚାକିରି ତଥା ପଦବୀରେ ସିଧାସଳଖ ନିଯୁକ୍ତି ସମୟରେ ଅନ୍ଧ, ବଧିର, ମୂକ ତଥା ଶାରୀରିକ ବିକଳାଙ୍ଗ ଲୋକମାନଙ୍କ ପାଇଁ ଶତକଡ଼ା ୧ ଭାଗ ସ୍ଥାନ ସଂରକ୍ଷଣ ନିମନ୍ତେ ସରକାର ସ୍ଥିର କରିଛନ୍ତି । ବିଭିନ୍ନ ସରକାରୀ ଚାକିରି ନିମନ୍ତେ ରହିଥିବା ସର୍ବୋଚ୍ଚ ବୟସ ସୀମା ଏମାନଙ୍କ କ୍ଷେତ୍ରରେ ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବା ସଙ୍ଗେ ସଙ୍ଗେ କୋଣସି ପରୀକ୍ଷାରେ ସର୍ବନିମ୍ନ ନମ୍ବର ନିର୍ଦ୍ଧାରିତ ହୋଇଥିଲେ ଶତକଡ଼ା ୫ ଭାଗ ନମ୍ବର କୋହଳ କରାଯିବ । ଆଉମଧ୍ୟ ଏଭଳି ପ୍ରାର୍ଥୀଙ୍କ କ୍ଷେତ୍ରରେ ନିଯୁକ୍ତି ସଂକ୍ରାନ୍ତ ସର୍ତ୍ତ—ଟ୍ରେନିଂ/ପରୀକ୍ଷା ଓ ଅଭିଜ୍ଞତା ଆଦି ପ୍ରଯୁଜ୍ୟ ହେବ ନାହିଁ । ଯଦି କୋଣସି ନିଯୁକ୍ତି ନିମନ୍ତେ ତାଲିମ ଏକାନ୍ତ ପ୍ରୟୋଜନ ହୋଇଥାଏ, ଏଭଳି ପ୍ରାର୍ଥୀ ନିଯୁକ୍ତି ପାଇବାର ଦୁଇବର୍ଷ ମଧ୍ୟରେ ତାଲିମ ସଂପୂର୍ଣ୍ଣ କରିପାରିବେ । ସଂପ୍ରତି ସରକାରୀ ଚାକିରିରେ ଥିବା କୋଣସି କର୍ମଚାରୀ ଯଦି ବିକଳାଙ୍ଗ ହୋଇପଡ଼ନ୍ତି, ତେବେ ଏଭଳି ବିକଳାଙ୍ଗଙ୍କ ପାଇଁ ସଂରକ୍ଷିତ ଥିବା ଚାକିରି ତଥା ପଦବୀରେ ତାଙ୍କୁ ନିଯୁକ୍ତି କରାଯିବ । ଏଭଳି ବିକଳାଙ୍ଗ ଲୋକମାନଙ୍କ କର୍ମସଂସ୍ଥାନ ନିମନ୍ତେ ରାଜ୍ୟ ସରକାରଙ୍କ ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗରେ ଗୋଟିଏ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି । ବିଭିନ୍ନ ବିଭାଗରେ ସେମାନଙ୍କ ପାଇଁ ସଂରକ୍ଷିତ ଚାକିରି ତଥା ପଦବୀରେ ନିଯୁକ୍ତି ନିମନ୍ତେ ଶାରୀରିକ ବିକଳାଙ୍ଗମାନଙ୍କ ନାମ ସୁପାରିଶ କରିବା ଲାଗି ଏହି ବିଭାଗରେ ସେମାନଙ୍କ ନାମ ରେଜେଷ୍ଟ୍ରିଭୁକ୍ତ କରାଯିବ । ତେଣୁ ନାମ ରେଜେଷ୍ଟ୍ରିଭୁକ୍ତ କରିବା ଲାଗି ଶିକ୍ଷାଗତ ଯୋଗ୍ୟତା, ଟ୍ରେନିଂ ଓ ବୟସ ସଂପର୍କିତ ପ୍ରମାଣପତ୍ର ସହ ଆବେଦନ କରିବା ପାଇଁ ଶାରୀରିକ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ପରାମର୍ଶ ଦିଆଯାଉଛି । ସରକାରୀ ଚାକିରିରେ ନିଯୁକ୍ତି ପୂର୍ବରୁ ସେମାନଙ୍କୁ ଏକ ଡାକ୍ତରୀ ପରୀକ୍ଷା ନିମନ୍ତେ ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ଦ୍ୱାରା ନିଯୁକ୍ତ ବିଶେଷଜ୍ଞଙ୍କ ନିକଟରେ ଉପସ୍ଥିତ ହେବାକୁ ପଡ଼ିବ ଓ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ ଏକ ପରିଚୟପତ୍ର ଦିଆଯିବ । ଏସବୁ ନିମନ୍ତେ ସେମାନଙ୍କୁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ । ଏ ସଂପର୍କରେ ସବିଶେଷ ବିବରଣୀ ପାଇଁ ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

# ବିଶ୍ୱ ଶାନ୍ତିର କେନ୍ଦ୍ରବିନ୍ଦୁ

# ଜାତିସଂଘ

**ଶ୍ରୀ ସରୋଜ ରଞ୍ଜନ ମହାନ୍ତି**

ଅକ୍ଟୋବର ୨୪ ତାରିଖ ହେଉଛି ବିଶ୍ୱ ଜାତିସଙ୍ଘର ପ୍ରତିଷ୍ଠା ଦିବସ । ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ଏହାର ଜନ୍ମ-ନାଟକ ପ୍ରସ୍ତୁତ କରାଯାଇଥିଲ । ବିଶ୍ୱକୁ ଯୁଦ୍ଧମୁକ୍ତ କରିବା ସଙ୍ଗେସଙ୍ଗେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଅବସରରେ ପ୍ରତ୍ୟେକ ଦେଶକୁ ଅର୍ଥନୈତିକ ଓ ସାମାଜିକ ନିରାପତ୍ତା ଉପଭୋଗ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେହିଁ ଏହି ସଙ୍ଗଠନର ପ୍ରତିଷ୍ଠାପନ କରାଯାଇଥିଲ । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ହସ୍ତକ୍ଷେପ ନ କରିବାର ନୀତିକୁ ସମ୍ମାନ ଦେଇ ଦେଶ-ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା ଏବଂ ଆନ୍ତର୍ଜାତୀୟ ଅର୍ଥନୈତିକ, ସାମାଜିକ ଓ ମାନବିକ ସମସ୍ୟାର ସମାଧାନ ଦିଗରେ ଆନ୍ତର୍ଜାତିକ ସହଯୋଗ ହାସଲ କରିବା ଦିଗରେ ଏହି ବିଶ୍ୱ ସଙ୍ଗଠନ କାର୍ଯ୍ୟ କରିବ ବୋଲି ଏହାର ଚାର୍ଟର ବା ବିଧାନପତ୍ରରେ ଲିପିବଦ୍ଧ କରାଯାଇଛି ।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ କାଳରେହିଁ ଜାତିସଂଘର ପରିକଳ୍ପନା କରାଯାଇଥିଲ । ବିଶ୍ୱ ଯୁଦ୍ଧର ଭୟାବହତା, ରକ୍ତପାତ ଓ ଜନକ୍ଷୟ ଦେଖି ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ-ବିମୂଢ଼ ହୋଇ ଯାଇଥିଲ । ମାନବ ସଭ୍ୟତାର ସଂରକ୍ଷଣ କରି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ବହୁ ସଭ୍ୟ ରାଷ୍ଟ୍ର ଉପଲବ୍ଧି କରିବାକୁ ଲଗିଲେ । ତା' ନ ହେଲେ, ଜର୍ମାନୀ,ଜାପାନ ଇଟାଲୀର ସାମ୍ରାଜ୍ୟବାଦୀ ଆକ୍ରମଣରେ ସମଗ୍ର ବିଶ୍ୱ ଧ୍ୱଂସ ପାଇଯିବାର ଆଶଙ୍କା ପ୍ରବଳ ହୋଇଗଲ । ପୃଥିବୀରେ ସାମଗ୍ରିକ ଭାବରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ କେତେଗୁଡ଼ିଏ ଦେଶ ଭିତରେ ଅଲଗା ଅଲଗା ଶାନ୍ତି ଚୁକ୍ତି ସମ୍ପାଦନ ଯଥେଷ୍ଟ କିମ୍ବା ଅନୁକୂଳ ନୁହେଁ ବୋଲି ୧୯୪୧ ମସିହା ଜୁନ୍ ୧୨ ତାରିଖରେ ଲଣ୍ଡନ ସମ୍ମିଳନୀରେ ଘୋଷଣା କରାଗଲ । ଏହାକୁହିଁ 'ଜାତିସଂଘ' ପରିକଳ୍ପନାର ଆଦ୍ୟ ସ୍ୱର ବୋଲି ଗ୍ରହଣ କରାଯାଇଥାଏ । ଅବଶ୍ୟ ପରବର୍ତ୍ତୀ କାଳରେ ଅଗଷ୍ଟ ମାସରେ ବ୍ରିଟେନ୍ ପକ୍ଷରୁ ଚର୍ଚ୍ଚିଲ ଓ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ପ୍ରେସିଡେଣ୍ଟ ରୁଜ୍‌ଭେଲ୍ଟ ଆଟ୍‌ଲାଣ୍ଟିକ୍ ମହାସାଗର ଭିତରେ 'ପ୍ରିନ୍ସ ଅଫ ୱେଲ୍‌ସ' ଜାହାଜରେ ମିଳିତ ହୋଇ ଏକ ମିଳିତ ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ । ନାତ୍ସୀ ଜର୍ମାନୀର ସଂପୂର୍ଣ୍ଣ ପରାଜୟ ପରେ ପ୍ରତ୍ୟେକ ଦେଶ ନିଜ ନିଜର ଭୌଗୋଳିକ ସୀମା ମଧ୍ୟରେ ଭୟମୁକ୍ତ ଓ ଅଭାବମୁକ୍ତ ହୋଇ ଶାନ୍ତିରେ ରହିପାରିବା ଭଳି ଏକ ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠିତ ହୋଇପାରିବ ବୋଲି ସେମାନେ ଏଥିରେ ଆଶାପ୍ରକାଶ କରିଥିଲେ । ଏହାପରେ ୧୯୪୨ ମସିହାର ନବ ବର୍ଷରେ ୱାସିଂଟନଠାରେ ୨୬ଟି ଦେଶ ଏକତ୍ରିତ ହୋଇ ଜାତିସଂଘ ଗଠନର ଘୋଷଣା କରିଥିଲେ ଏବଂ ଶତ୍ରୁ ସହ ଅଲଗା ଅଲଗା ସନ୍ଧିଚୁକ୍ତି ବା କୌଣସି ଶାନ୍ତିଚୁକ୍ତି ସ୍ୱାକ୍ଷର ନ କରିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ ।

ଶେଷତଃ ୧୯୪୩ ନଭେମ୍ବର ୧ ତାରିଖରେ ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ଋଷିଆ ଓ ଚୀନର ବୈଦେଶିକ ମନ୍ତ୍ରୀମାନେ ମସ୍କୋଠାରେ ଏକ ସମ୍ମିଳନୀରେ ମିଳିତ ହୋଇ, ଯଥା ସମ୍ଭବ ଶୀଘ୍ର କୌଣସି ଏକ ସମୟରେ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ଶାନ୍ତିକାମୀ ରାଷ୍ଟ୍ରର ସାର୍ବଭୌମ ସମାନତାକୁ ସମ୍ମାନ ଦେବାର ନୀତିକୁ ଭିତ୍ତି କରି ଏକ ବିଶ୍ୱ ସଙ୍ଗଠନ ପ୍ରତିଷ୍ଠା କରିବାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ । ଏ ବିଷୟରେ ଚିରନିର୍ଦ୍ଦିଷ୍ଟ ଆଲୋଚନା କରି ଏହି ବିଶ୍ୱ ସଙ୍ଗଠନର ଗଠନତନ୍ତ୍ର ଓ କାର୍ଯ୍ୟକାରୀ ପରିଷଦ ସମ୍ପର୍କରେ ୱାସିଂଟନର ଡମ୍ବାର୍ଟନ ଓକ୍‌ସ ସମ୍ମିଳନୀ (Dumbarton Uaks Conference) ଏବଂ ୟାଲ୍‌ଟା ସମ୍ମିଳନୀରେ ସବିଶେଷ ଆଲୋଚନା କରାଯାଇଥିଲ । ୟାଲ୍‌ଟା ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ୧୯୪୫ ଅପ୍ରେଲ ୨୫ ତାରିଖରେ ୫୦ଟି ଦେଶ ସାନ୍‌ଫ୍ରାନ୍‌ସିସ୍କୋଠାରେ ମିଳିତ ହୋଇ ଜାତିସଂଘର ସନନ୍ଦ (Charter) ଓ ଆନ୍ତର୍ଜାତୀୟ ଅଦାଲତର ଷ୍ଟାଚ୍ୟୁଟ୍ ପ୍ରସ୍ତୁତ କରିଥିଲେ ଏବଂ ଜୁନ୍ ୨୬ ତାରିଖରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲ । ଏହା ଫଳରେ ଅକ୍ଟୋବର ୨୪ ତାରିଖରେ ଜାତିସଂଘ ଗଠିତ ହୋଇଥିଲ । ଏହି ଐତିହାସିକ ଦିବସଟିକୁ ସେହି ଦିନଠାରୁ ଜାତିସଂଘ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି ।

ଜାତିସଂଘର ସନନ୍ଦରେ ଉଲ୍ଲେଖ କରାଯାଇଛି ଯେ କ୍ଷୁଦ୍ର ବା ବୃହତ୍ ରାଷ୍ଟ୍ର ନିର୍ବିଶେଷରେ, ପ୍ରତ୍ୟେକ ମଣିଷର ସମ୍ମାନବୋଧକୁ ସ୍ୱୀକାର କରି, ନର-ନାରୀ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରି ଏବଂ ମୌଳିକ ମାନବିକ ଅଧିକାର ଉପରେ ବିଶ୍ୱାସ ରଖି ମାନବ ଜାତିର ଭବିଷ୍ୟତକୁ ସୁଖଶାନ୍ତିମୟ କରିବା ପାଇଁ ପୃଥିବୀକୁ ଯୁଦ୍ଧ ଉପଦ୍ରବରୁ ମୁକ୍ତ କରି ପାରସ୍ପରିକ ବୁଝାମଣା ଓ ସହନଶୀଳତା ଦ୍ୱାରା ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା ଦିଗରେ ଏହା ସମ୍ମିଳିତ ଭାବରେ କାର୍ଯ୍ୟ କରିବ । ଏହା ସଙ୍ଗେ ସଙ୍ଗେ ମାନବ ଜାତିର ଅର୍ଥନୈତିକ ଓ ସାମାଜିକ ଉନ୍ନେଷ ଦିଗରେ ଏହି ସଙ୍ଗଠନ କାର୍ଯ୍ୟ କରିବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି ।

ପ୍ରଥମେ ୫୦ଟି ରାଷ୍ଟ୍ରକୁ ନେଇ ଗଠିତ ଜାତିସଂଘର ସଦସ୍ୟ ସଂଖ୍ୟା ବର୍ତ୍ତମାନ ୧୫୦ କୁ ଅତିକ୍ରମ କରିଗଲଣି । ଏହାର ସଫଳତା ସ୍ୱୟଂସଂପୂର୍ଣ୍ଣ ଯଥେଷ୍ଟ ଓ ଆଶାନୁରୂପ ନହେଲେ ମଧ୍ୟ ଏହି ସଭ୍ୟ ସଂଖ୍ୟା ବୃଦ୍ଧିହିଁ ତା'ର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାର ପ୍ରମାଣ ଦିଏ । ଆନ୍ତର୍ଜାତୀୟ ବିବାଦର ବିଚାର କରି ସମାଧାନ କରିବା ପାଇଁ 'ନେଦରଲ୍ୟାଣ୍ଡ'ର 'ହେଗ୍' ଠାରେ ବିଶ୍ୱ ଅଦାଲତ ପ୍ରତିଷ୍ଠା କରାଯାଇଛି । ୯ ବର୍ଷ ପାଇଁ ନିର୍ବାଚିତ ୧୫ ଜଣ ଖ୍ୟାତନାମା ଆଇନଜ୍ଞଙ୍କୁ ନେଇ ଏହି ଅଦାଲତ ଗଠିତ ହୋଇଥାଏ । ବିଶ୍ୱ ନିରାପତ୍ତା ପାଇଁ ଏକ ନିରାପତ୍ତା କାଉନ୍‌ସିଲ୍ (Security Council) ରହିଛି । ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା ଫ୍ରାନ୍ସ, ଋଷିଆ ଓ ଚୀନ ଏହାର ସ୍ଥାୟୀ ସଭ୍ୟ ଏବଂ ଏମାନଙ୍କ ଛଡ଼ା ଅନ୍ୟ ୧୦ ଜଣ ଅସ୍ଥାୟୀ ସଭ୍ୟ ପ୍ରତି ଦୁଇ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ଏହାର ସ୍ଥାୟୀ 'ସଭ୍ୟମାନଙ୍କର ଭିଟୋ ପ୍ରୟୋଗ କରିବା କ୍ଷମତା ରହିଛି । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ଏହି 'ଭିଟୋ' କ୍ଷମତା କେତେବେଳେ କ୍ଷତିକାରକ ହୋଇଛି ତ କେତେବେଳେ ଫଳପ୍ରଦ ମଧ୍ୟ ହୋଇଛି । ସ୍ଥାୟୀ ସଭ୍ୟମାନଙ୍କର ଏହି 'ଭିଟୋ' ପ୍ରୟୋଗ ବ୍ୟବସ୍ଥା ଅନେକ କ୍ଷେତ୍ରରେ ଅପବ୍ୟବହାର

ପାଇଁ ସମାଲୋଚନା କରାଯାଇଥାଏ । କମ୍ୟୁନିଷ୍ଟ ଚୀନକୁ ଦୀର୍ଘ ଦିନ ଧରି ଜାତିସଂଘର ସଭ୍ୟ ପଦରୁ ବଞ୍ଚିତ କରାଯାଇଥିଲା । ମାତ୍ର ଏବେ ଜାତିସଂଘରେ କମ୍ୟୁନିଷ୍ଟ ଚୀନର ପ୍ରବେଶ ପରେ ଏବଂ ତାକୁ ନିରାପତ୍ତା ପରିଷଦରେ କୋମିଙ୍ଗ୍‌ଟାଙ୍ଗ ଚୀନ ସ୍ଥାନରେ ସଭ୍ୟ ରୂପେ ଗ୍ରହଣ କରାଯିବା ଫଳରେ ବିଶ୍ୱ ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି କୁହାଯାଇପାରେ । ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷିଆ ମଧ୍ୟରେ ଥିବା ଟିକତା ଏବଂ ଅନ୍ୟ ପକ୍ଷରେ ଋଷ ଓ ଚୀନ ମଧ୍ୟରେ ଥିବା ତିକ୍ତତା ହୁଏତ ବିଶ୍ୱ ରାଜନୀତିର ଭାରସାମ୍ୟ ରକ୍ଷା କରିବା ଦିଗରେ ସହାୟକ ହୋଇପାରିବ । ତେଣୁ ଏହି 'ଭିଟୋ' କ୍ଷମତା କିଛି ପରିମାଣରେ ନିୟନ୍ତ୍ରିତ ହେବାର ସମ୍ଭାବନାକୁ ପୁରାପୁରି ଅଗ୍ରାହ୍ୟ କରାଯାଇ ନପାରେ ।

ଜାତିସଂଘର ଅନ୍ୟାନ୍ୟ ପରିପୂରକ ଓ ସହଯୋଗୀ ସହୋଦର ସଂସ୍ଥା ରୂପେ ୟୁନେସ୍କୋ, ଖାଦ୍ୟ ଓ କୃଷି ସଙ୍ଗଠନ ( F. A. O. ), ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (W. H. O.) ଆନ୍ତର୍ଜାତୀୟ ମୁଦ୍ରା ସଙ୍ଗଠନ (I. M. F.), ଏବଂ ଅର୍ଥନୈତିକ ଓ ସାମାଜିକ ସଙ୍ଗଠନ (ECO-SOC) ପ୍ରଭୃତି ଉଲ୍ଲେଖଯୋଗ୍ୟ । ମାନବ ସମାଜର ସ୍ୱାସ୍ଥ୍ୟରେ ଉନ୍ନତିବିଧାନ, ଖାଦ୍ୟ ସାର ଖାଦ୍ୟ ଯୋଗାଣ, ଅର୍ଥନୈତିକ, ଶିକ୍ଷାଗତ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧି ଦିଗରେ ଏହି ସଙ୍ଗଠନଗୁଡ଼ିକ ଆଶାଜନକ ଅଗ୍ରଗତି କରିଛନ୍ତି । ଆନ୍ତର୍ଜାତୀୟ ଶିଳ୍ପ ବିକାଶ ପାଇଁ (I. M. F.) ଆର୍ଥିକ ସାହାଯ୍ୟ ଏବଂ ବିଶ୍ୱ ବ୍ୟାଙ୍କ୍ ପକ୍ଷରୁ ଜାତୀୟ ପୁନର୍ଗଠନ ଓ ବିକାଶ ପାଇଁ ପ୍ରଚୁର ଋଣ ଦାନର ବ୍ୟବସ୍ଥା ରହିଛି । ଅନୁନ୍ନତ, ଅନଗ୍ରସର ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଜାତୀୟ ବିକାଶରେ ଏହି ସଙ୍ଗଠନଗୁଡ଼ିକ ପ୍ରଶଂସ୍ୟ ସାହାଯ୍ୟ କରୁଛନ୍ତି । ଏକ ସୁସ୍ଥ ଓ ସୁଖୀ ମାନବ ସଭ୍ୟତାର ପ୍ରତିଷ୍ଠା ପାଇଁ ଏବଂ ସାମାଜିକ ଓ ସାଂସ୍କୃତିକ ବିକାଶ ଦିଗରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ ।

ଜାତିସଂଘର ପ୍ରତିଷ୍ଠା ଦିନଠାରୁ ପୃଥିବୀରେ କ୍ଷୁଦ୍ର କ୍ଷୁଦ୍ର ଯୁଦ୍ଧ ବିଗ୍ରହ ସଙ୍ଗଠିତ ହୋଇଛି । ଏହି ଯୁଦ୍ଧ ବିଗ୍ରହ ପାଇଁ ଜାତିସଂଘକୁ ଦାୟୀ କରାଯାଇ ନପାରେ । କାରଣ ଏସବୁ ନବ୍ୟ ଔପନିବେଶିକବାଦ ଓ ନବ୍ୟ ସାମ୍ରାଜ୍ୟବାଦର ରୂପାନ୍ତର ମାତ୍ର । ଅର୍ଥନୈତିକ ସାମ୍ରାଜ୍ୟବାଦ ପ୍ରତିଷ୍ଠା ପାଇଁ ମୁଖ୍ୟତଃ ଏହା ଉଦ୍ଦିଷ୍ଟ । ତେବେ, ଏସବୁ ଯୁଦ୍ଧ ବିଗ୍ରହକୁ ସଂପ୍ରସାରିତ ହେବା ପାଇଁ ଜାତିସଂଘ ସୁଯୋଗ ଦେଇନାହିଁ । ବରଂ ଏହାକୁ ସୀମିତ ରଖି ଏହାର ସମାଧାନ କରିବାରେ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଂଘ ଫଳପ୍ରଦ କାର୍ଯ୍ୟ କରିଛି । କୋରିଆ ଯୁଦ୍ଧ ଓ କଙ୍ଗୋ ସମସ୍ୟାର ସମାଧାନ ଦିଗରେ ଜାତିସଂଘର ସକ୍ରିୟ କାର୍ଯ୍ୟ ଉଲ୍ଲେଖଯୋଗ୍ୟ । ଅତୀତର ଅଭିଜ୍ଞତାରୁ ଏତିକି କୁହାଯାଇପାରିବ ଯେ କେତେକ ତ୍ରୁଟିବିଚ୍ୟୁତି ସତ୍ତ୍ୱେ ବିଶ୍ୱ ଶାନ୍ତିରକ୍ଷା ଦିଗରେ ଏହା ଯେ ଏକମାତ୍ର ନିର୍ଭରଯୋଗ୍ୟ ଆନ୍ତର୍ଜାତୀୟ ସଙ୍ଗଠନ, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । କୋରିଆ ଓ ମିଶରରେ ଏହା ଶାନ୍ତି ପ୍ରତିଷ୍ଠା କରିଛି ; ସିରିଆ, ଲେବାନନ, ବର୍ମା, ଇରାନର ବିଦେଶୀ ସୈନ୍ୟବାହିନୀକୁ ଅପସାରଣ କରିଛି ଓ ବର୍ଲିନଅବରୋଧ ପ୍ରତିହତ କରିବାରେ ସାହାଯ୍ୟ କରିଛି । ଏହିସବୁ କାରଣରୁ ବିଶ୍ୱଶାନ୍ତି, ବିଶ୍ୱମୈତ୍ରୀ ଓ ମାନବ ଜାତିର ସର୍ବାଙ୍ଗୀନ ଉନ୍ନତିସାଧନ ପାଇଁ ଜାତିସଂଘ ଆଜି ସମଗ୍ର ବିଶ୍ୱର ଏକମାତ୍ର ଆଶା ଭରସାର କେନ୍ଦ୍ରବିନ୍ଦୁ ହୋଇ ପାରିଛି ।

## ୨,୮୪୫ଟି ଉଠା ଜଳସେଚନ ଯୋଜନାରେ ବିଦ୍ୟୁତ୍‌କରଣ

ରାଜ୍ୟରେ ଏପର୍ଯ୍ୟନ୍ତ ସର୍ବମୋଟ ୨,୮୪୫ଟି ଉଠାଜଳସେଚନ ପଏଣ୍ଟ ସ୍ଥାପନ କରାଯାଇ ସେଗୁଡ଼ିକୁ ବିଦ୍ୟୁତ୍‌କରଣ କରାଯାଇଛି । ତନ୍ମଧ୍ୟରେ ୧,୧୯୦ଟି ନଳକୂପ ଏବଂ ୧,୬୫୫ଟି ଜଳାଧାରରୁ ସିଧାସଳଖ ଜଳସେଚନ ଯୋଜନା (ଡ୍ରାଇରେକ୍ଟ ଲିଫ୍ଟ ପଏଣ୍ଟ) ଅନ୍ତର୍ଭୁକ୍ତ ।

ବିଦ୍ୟୁତ୍‌କରଣ ହୋଇଥିବା ଏହି ପଏଣ୍ଟଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାରେ ସର୍ବାଧିକ ୧,୧୮୧ଟି ପଏଣ୍ଟ ଅନ୍ତର୍ଭୁକ୍ତ । କଟକ ଜିଲ୍ଲା ପଛକୁ ବାଲେଶ୍ୱରରେ ୫୦୦ଟି, ଗଞ୍ଜାମରେ ୩୯୧ଟି, କୋରାପୁଟରେ ୨୨୭ଟି, ଢେଙ୍କାନାଳରେ ୧୨୧ଟି, ମୟୂରଭଞ୍ଜରେ ୯୧ଟି, କେନ୍ଦୁଝରରେ ୭୨ଟି, ସମ୍ବଲପୁରରେ ୪୩ଟି, ସୁନ୍ଦରଗଡ଼ରେ ୪୯ଟି, ବଲାଙ୍ଗିରରେ ୪୩ଟି, କଳାହାଣ୍ଡିରେ ୨୪ଟି, ଏବଂ ଫୁଲବାଣୀରେ ୨୫ଟି, ପଏଣ୍ଟରେ ବିଦ୍ୟୁତ୍ ସଂଯୋଗ କରା ଯାଇଛି । ବିଦ୍ୟୁତ୍ ସଂଯୋଗ କରାଯାଇଥିବା ୨,୮୪୫ଟି ପଏଣ୍ଟ ମଧ୍ୟରୁ ବର୍ତ୍ତମାନ ୨୬୫୬ଟି ପଏଣ୍ଟ କାର୍ଯ୍ୟକାରୀ ହେଉଛି । ଫଳରେ ଖରିଫ୍ ଋତୁରେ ୧ଲକ୍ଷ ୫୩ ହଜାର ୪୧୩ ଏକର ଏବଂ ରବି ଋତୁରେ ପ୍ରାୟ ୯୨ ହଜାର ଏକର ଜମିରେ ଜଳସେଚନ ହେବାର ସୁବିଧା ସୃଷ୍ଟି ହୋଇଛି । ଏହି ସବୁ ପଏଣ୍ଟ ସ୍ଥାପନ କରିବା ଦିଗରେ ସର୍ବମୋଟ ୧୩ କୋଟି ୯୪ଲକ୍ଷ ୧୪ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏହା ବ୍ୟତୀତ ୨୮୬ଟି ଯୋଜନା ନିର୍ମାଣ କରିବା ପାଇଁ ବୈଷୟିକ ଅନୁମୋଦନ ତଥା ମଞ୍ଜୁରୀ ମିଳି ସାରିଲାଣି ।

# ଚିତା ବିରାଡ଼ି

ଡକ୍ଟର ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ

ଭାରତ ତଥା ଓଡ଼ିଶା ଜଂଗଲର ଶୋଭା ବର୍ଦ୍ଧନ କରୁଥିବା ଜୀବ ଜନ୍ତୁଙ୍କ ମଧ୍ୟରେ ଚିତା ବିରାଡ଼ି **(LEO-PARD CAT)** ହେଉଛି ଅନ୍ୟତମ । ଏହା ଦେଖିବାକୁ ଠିକ୍ ଚିତା ବାଘ ପରି । କିନ୍ତୁ ଆକାରରେ ଏହା ଅତି ଛୋଟ, ଗୋଟିଏ ପୋଷା ବିରାଡ଼ିର ଆକାର ସହିତ ପ୍ରାୟ ସମାନ । ଏହାର ଦେହର ଉପରି ଭାଗର ବର୍ଣ୍ଣ ହଳଦିଆ ଓ ତଳି ପେଟ ଧଳା । ସାରା ଦେହରେ ଛୋଟ ବଡ଼ ଅନେକ କଳା ବା ବାଦାମି ଦାଗ ଥାଏ । ଜଂଗଲରେ କେହି ଯଦି ଚିତା ବିରାଡ଼ିକୁ ହଠାତ୍ ଦେଖନ୍ତି, ଚିତା ବାଘର ଛୁଆ ବୋଲି ମନେ କରିବା ସ୍ୱାଭାବିକ ।

ଗୋଟିଏ ପୂର୍ଣ୍ଣ ବୟସ୍କ ଚିତା ବାଘ ପ୍ରାୟ ଦୁଇ ମିଟରରୁ ସାମାନ୍ୟ ଅଧିକ ଲମ୍ବ ଓ ଚାଳିଶରୁ ପଚାଶ କିଲୋ ଗ୍ରାମ ଓଜନ ହେବା ସ୍ଥଳେ ଗୋଟିଏ ପୂର୍ଣ୍ଣ ବୟସ୍କ ଚିତା ବିରାଡ଼ି ପ୍ରାୟ ନବେ ସେଣ୍ଟି ମିଟର ଲମ୍ବ ଓ ମୋଟେ ତିନିରୁ ଚାରି କିଲୋ ଗ୍ରାମ ଓଜନ ହୁଏ ।

ଏହା ଭାରତର ସବୁ ଜଂଗଲରେ ପରିଦୃଷ୍ଟ ହୁଏ । ଭାରତ ବାହାରେ ଏହି ବିରାଡ଼ି ଦକ୍ଷିଣ-ପୂର୍ବ ଏସିଆର କେତେକ ଦେଶରେ ମଧ୍ୟ ରହିଛି । ଆମ ଓଡ଼ିଶାର ମୟୂରଭଞ୍ଜ, କୋରାପୁଟ, କେନ୍ଦୁଝର, ପୁରୀ, କଟକ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଏହା ଦେଖିବାକୁ ମିଳେ । ହୁଏତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଜଂଗଲରେ ମଧ୍ୟ ଚିତା ବିରାଡ଼ି ଥାଇପାରନ୍ତି ।

ଚିତା ବାଘ ପରି ଏହା ଅତି ସହଜରେ ଗଛ କିମ୍ବା ଉଚ୍ଚ ସ୍ଥାନକୁ ଚଢିପାରେ । ସାଧାରଣତଃ ଏହା ଗଛ କୋରଡ଼ରେ ବାସ କରେ । ଏମାନେ ଜଙ୍ଗଲରେ ଦିନ ସାରା ଲୁଚି ରହନ୍ତି ଏବଂ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ବାହାରି ପଡ଼ନ୍ତି । ତେଣୁ ଜଂଗଲରେ ଏମାନେ କ୍ୱଚିତ୍ ଦେଖା ଯାଆନ୍ତି । ଚିତା ବିରାଡ଼ି ଛୋଟ ଛୋଟ ପକ୍ଷୀ ଓ ଜନ୍ତୁ ମାରି ଖାଏ । ବେଳେ ବେଳେ ଗ୍ରାମର କୁକୁଡ଼ା ମାରି ଖାଉଥିବାର ଜଣାଯାଏ । ଏହି ବିରାଡ଼ି ତାର ନଖ ଓ ମୁନିଆ ଦାନ୍ତ ସାହାଯ୍ୟରେ ଶିକାର କରେ । ଏହାର ନଖଗୁଡ଼ିକ ଅନ୍ୟାନ୍ୟ ବିରାଡ଼ି ପରି ଗୋଟିଏ ଗୋଟିଏ ଚମଡ଼ା ଖୋଳ ଭିତରେ ଲୁଚି ରହିଥାଏ ଓ ଦରକାର ବେଳେ ସେ ଏହାକୁ ପଦାକୁ ବାହାର କରି କାର୍ଯ୍ୟରେ ଲଗାଏ । ଛୋଟ ଅବସ୍ଥାରୁ ପାଳିଲେ ଚିତା ବିରାଡ଼ି କେବେ କେବେ ପୋଷା ମାନି ଗୃହପାଳିତ ବିରାଡ଼ି ସହିତ ବସବାସ କରେ । ଚିଡ଼ିଆଖାନାରେ ଏହା ମାଂସ ଖାଇ ବଞ୍ଚି ରହେ କିନ୍ତୁ ଜିଅନ୍ତା କୁକୁଡ଼ା ବା ଅନ୍ୟାନ୍ୟ ପକ୍ଷୀ ତା'ର ମନ ପସନ୍ଦ ଖାଦ୍ୟ ବୋଲି ଜଣାଯାଏ ।

ମାଈ ଚିତା ବିରାଡ଼ି ସାଧାରଣତଃ ମାର୍ଚ୍ଚ ମାସରୁ ମଇ ମାସ ଭିତରେ ଛପନ ଦିନ ଗର୍ଭ ଧାରଣ ପରେ ଥରକେ ଏକରୁ ଚାରୋଟି ପର୍ଯ୍ୟନ୍ତ ଛୁଆ ଜନ୍ମ କରେ । ସଦ୍ୟଜାତ ଛୁଆର ଲମ୍ବ ପ୍ରାୟ ୨୨ ରୁ ୨୫ ସେ. ମି. ଓ ଓଜନ ପ୍ରାୟ ୯୫ ରୁ ୧୨୦ ଗ୍ରାମ ଥାଏ । ଛୁଆର ଆଖି ଜନ୍ମ ହେବା ଅବସ୍ଥାରେ ବନ୍ଦ ଥାଏ । ଜନ୍ମ ହେବାର ୮ ରୁ ୧୪ ଦିନ ଭିତରେ ତାର ଆଖି ଖୋଲେ । ପୋଷା ବିରାଡ଼ି ପରି ଚିତା ବିରାଡ଼ି ତା' ଛୁଆର ବେକକୁ କାମୁଡ଼ି ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରେ । ପ୍ରାୟ ଏକ ମାସ ବୟସ ବେଳକୁ ଏହାର ଚାରୋଟି ତୀକ୍ଷ୍ଣ ଦାନ୍ତ ଗଜୁରି ଥାଏ ଏବଂ ପ୍ରାୟ ଦେଢ଼ ମାସ ବୟସରୁ ସେ ମା' ସହିତ ମିଶି କିଛି କିଛି ମାଂସ ଖାଇବା ଆରମ୍ଭ କରେ। ଏହା ପ୍ରାୟ ବାର ବା ତେର ବର୍ଷ ଯାଏଁ ବଞ୍ଚେ '

ଏହି ସୁନ୍ଦର ବିରାଡ଼ିମାନଙ୍କର ସଂଖ୍ୟା ଆମ ଜଂଗଲରୁ ଧୀରେ ଧୀରେ କମି ଯାଉଥିବାରୁ ଏହାକୁ ୧୯୭୨ ମସିହାର ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ପ୍ରଥମ ତପସିଲ ତାଲିକାଭୁକ୍ତ **(SCHEDULE-1 OF THE WILD LIFE (PROTECTION) ACT, 1972)** କରଯାଇ ଏହି ପ୍ରାଣୀର ସମସ୍ତ ପ୍ରକାର ଶିକାର ବନ୍ଦ କରାଯାଇଛି । ଆଶା କରା ଯାଉଛି, ଜନ-ସାଧାରଣଙ୍କ ସହଯୋଗରେ ଏହି ପ୍ରାଣୀଙ୍କ ସଂଖ୍ୟା ପୂର୍ବ ପରି ଆମ ଜଂଗଲରେ ପୁଣି ଥରେ ବୃଦ୍ଧି ପାଇବ ଓ ଏମାନେ ଆମ ଜଂଗଲର ଶୋଭା ବର୍ଦ୍ଧନ କରିବେ ।

ନନ୍ଦନ କାନନ ପ୍ରାଣୀ ଉଦ୍ୟାନ
ବାରଙ୍ଗ, କଟକ

# ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ଓଡ଼ିଶାରେ ହସ୍ତଶିଳ୍ପର ବିକାଶ

ଶ୍ରୀ ପ୍ରହ୍ଲାଦ ମାର୍ଥା

ଭାରତବର୍ଷ ଏକ ଗ୍ରାମବହୁଳ ଦେଶ । ଏହାର ମୋଟ ଗ୍ରାମ ସଂଖ୍ୟା ପାଞ୍ଚ ଲକ୍ଷ ସତଷଠି ହଜାର ତିନି ଶହ ଅଠତିରିଶ । ଏହାର ମୋଟ ଲୋକ ସଂଖ୍ୟା ମଧ୍ୟରୁ ଶତକଡ଼ା ଏକୋଇଶ ଜଣ ମାତ୍ର ସହରବାସୀ, ଅବଶିଷ୍ଟ ଅଣାଅଶୀ ଜଣ ହେଉଛନ୍ତି ଗ୍ରାମବାସୀ । ଓଡ଼ିଶା କଥାତ ତ ସ୍ୱତନ୍ତ୍ର । ଏଠାରେ ସହରବାସୀଙ୍କ ସଂଖ୍ୟା ମାତ୍ର ଶତକଡ଼ା ସାଢ଼େ ଆଠ । ବାକୀ ସମସ୍ତେ ଗ୍ରାମବାସୀ ।

ବାସ୍ତବିକ ଏହି ଗ୍ରାମବାସୀମାନଙ୍କର ଉନ୍ନତି ନ ହେଲେ ଦେଶର ଉନ୍ନତି କଥା ଚିନ୍ତା କରିବା ନିରର୍ଥକ । ଦେଶ ସ୍ୱାଧୀନ ହେବା ପରେ ଆମ ଦେଶରେ ଗ୍ରାମ ଉନ୍ନୟନ ପାଇଁ କେତେ ଗୁଡ଼ିଏ ଯୋଜନା ଗ୍ରହଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ପ୍ରଥମ ପଦକ୍ଷେପ ହେଲା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ସର୍ବ ପ୍ରଥମେ ୧୯୫୨ ମସିହାରେ ୫୫ ଟି ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପ ରୂପେ ଶୁରୁ କରାଗଲା । ଏହି ପ୍ରକଳ୍ପ ମଧ୍ୟରେ ସାରା ଦେଶରେ ୧୬୫ ଟି ଗୋଷ୍ଠୀ ଉନ୍ନୟନ ବ୍ଲକ ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟ ଆରମ୍ଭ କଲେ । ତା' ପରେ ପରେ ସମୟର ପରିବର୍ତ୍ତନ ଓ ଦେଶବାସୀଙ୍କର ଉନ୍ନତିକଳ୍ପେ ସଘନ କୃଷି ଜିଲ୍ଲା କାର୍ଯ୍ୟକ୍ରମ, ସଘନ କ୍ଷେତ୍ର କାର୍ଯ୍ୟକ୍ରମ, କ୍ରାସ କାର୍ଯ୍ୟକ୍ରମ ଶୁରୁ କରାଗଲା । ପରେ ପରେ ଦୁର୍ବଳ ଶ୍ରେଣୀ ଗୁଡ଼ିକର ଉନ୍ନତି ଲାଗି କ୍ଷୁଦ୍ର ଓ ନାମ ମାତ୍ର ଚଷୀ ଉନ୍ନୟନ କାର୍ଯ୍ୟକ୍ରମ, ମରୁଡ଼ିଗ୍ରସ୍ତ ଅଞ୍ଚଳ କାର୍ଯ୍ୟକ୍ରମ, ପାର୍ବତ୍ୟ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଏବଂ ଆଦିବାସୀ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମମାନ ଗ୍ରହଣ କରାଗଲା । କିନ୍ତୁ ଏ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଦେଶରୁ ବେକାରୀ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଆଶାନୁରୂପ ଫଳ ଫଳାଇ ପାରି ନାହିଁ । ତେଣୁ ବର୍ତ୍ତମାନ ଲୋକପ୍ରିୟ ସରକାର ଉତ୍ପାଦନମୂଳକ କାର୍ଯ୍ୟକ୍ରମ କରିଆରେ ଆସନ୍ତା ଦଶ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ କର୍ମ ସଂସ୍ଥାନର ବ୍ୟବସ୍ଥା କରିବା ସକାଶେ ଏକ ମଧ୍ୟବର୍ତ୍ତୀ କାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି । ସେହି ଯୋଜନାର ମୂଳ ଲକ୍ଷ୍ୟ ହେଲା ସାମାଜିକ ନ୍ୟାୟ ସହ ଦେଶବାସୀଙ୍କର ତଥା ଦେଶର ବିକାଶ ଘଟାଇବା । ଏହି ଯୋଜନା ଫଳରେ ଦରିଦ୍ର ଗ୍ରାମବାସୀଙ୍କର ସାମଗ୍ରିକ ଉନ୍ନତି ତଥା ଶିକ୍ଷା, ସଂସ୍କୃତି, କର୍ମସଂସ୍ଥାନ, ଜଳ ଯୋଗାଣ, ରାସ୍ତାଘାଟ ଇତ୍ୟାଦିର ଉନ୍ନତିବିଧାନ କରାଯାଇପାରିବ ।

୧୯୭୭-୭୮ ବର୍ଷରୁ ପରୀକ୍ଷାମୂଳକ ଭାବରେ ଭାରତ ବର୍ଷରେ କୋଡ଼ିଏଟି ଜିଲ୍ଲାରେ "ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା" ଆଗୁଆ ଯୋଜନା ରୂପେ ଆରମ୍ଭ କରାଯାଇଛି । ପରେ ଅଭିଜ୍ଞତା ହାସଲ ପରେ ସମସ୍ତ ଅଞ୍ଚଳରେ ଏହା କାର୍ଯ୍ୟକାରୀ କରାଯାଇପାରିବ । ଏହି ଜିଲ୍ଲା ମାନଙ୍କ ମଧ୍ୟରୁ ଆମ ପ୍ରଦେଶର ପୁରୀ ଜିଲ୍ଲା ଅନ୍ୟତମ । ଏହି ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳ ତଥା ପୁରୀ ସହର ଓ ତାର ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ଅନେକ ହସ୍ତଶିଳ୍ପ କାରିଗର ବାସ କରନ୍ତି । ସେହି ହସ୍ତଶିଳ୍ପ ଗୁଡ଼ିକର ଦେଶରେ ଏବଂ ଦେଶ ବାହାରେ ଦିନକୁ ଦିନ ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ପୁରୀର ପଥର କାମ ରଘୁରାଜପୁରର ପଟ୍ଟଚିତ୍ର, କାଠ କଂଢେଇ ଓ ଯୌତୁକ ବାକ୍ସ କାମ , ବାଲକାଟି ଓ କଣ୍ଟିଲୋରେ କଂସା ଓ ପିତଳ ବାସନ କାମ, ପୁରୀର ସୋଲ ଓ ତାଳ ପତ୍ରରେ ଚିତ୍ର କାମ , ପିପିଲିର ଚାନ୍ଦୁଆ କାମ, ଓ ପୁରୀର ଟସର ପେଣ୍ଟିଂ କାମ ଗୁଡ଼ିକର ଚାହିଦା ବଜାରରେ ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଏ ସମସ୍ତ କାରିଗରୀକୁ ସମ୍ବଳ କରି ଅନେକ କାରିଗର ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଗାଁ ଗହଳରେ ବାସ କରୁଅଛନ୍ତି । ବର୍ତ୍ତମାନ ପରୀକ୍ଷାମୂଳକ ଭାବରେ ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାର ପରିସର ମଧ୍ୟରେ କଣ୍ଟିଲୋ ଓ ବାଲକାଟି ଠାରେ କଂସା ଓ ପିତଳ କାରିଗର ଓ ପିପିଲିଠାରେ ଚାନ୍ଦୁଆ ଶିଳ୍ପ କାରିଗର ମାନଙ୍କର ଆର୍ଥିକ ଉନ୍ନତି ତଥା ସେମାନଙ୍କର ଉତ୍ପାଦନ ବୃଦ୍ଧି, ଉତ୍ପାଦିତ ମାଲଗୁଡ଼ିକର ବିକ୍ରି ବ୍ୟବସ୍ଥା, ସାମାଜିକ ପରିବେଶର ଉନ୍ନତି, କାରିଗର ମାନଙ୍କ ପାଇଁ କର୍ମସଂସ୍ଥାନ ତଥା ସେମାନଙ୍କର କାରିଗରୀ କୌଶଳର ଅଭିବୃଦ୍ଧି ପାଇଁ ନୂତନ ଧରଣର ଯନ୍ତ୍ରପାତି ପ୍ରଚଳନ ତଥା କାର୍ଯ୍ୟ ତ୍ୱରାନ୍ୱିତ କରି ମୁଣ୍ଡପିଛା ଆୟ ବଢ଼ାଇବା ପାଇଁ

ଦୁଇଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପର ଲୋକପ୍ରିୟତା ଏହାର ପରିସର ଅଭିବୃଦ୍ଧିରେ ସାହାଯ୍ୟ କରିବ ।

### ବାଳକାଟି ଓ କଣ୍ଟିଲୋଠାରେ କଂସା ଓ ପିତ୍ତଳ ଶିଳ୍ପ ପ୍ରକଳ୍ପ

ବାଳକାଟି ଓ କଣ୍ଟିଲୋ ଅଞ୍ଚଳରେ କଂସା ଓ ପିତ୍ତଳ କାରିଗର ମାନଙ୍କର ଉନ୍ନତି ପାଇଁ କାରିଗରମାନଙ୍କୁ ଚାରଗୋଟି ସମବାୟ ସମିତି ଜରିଆରେ ସଂଗଠିତ କରାଯାଇଛି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଋଣ ଓ ଅନୁଦାନ ବ୍ୟବସ୍ଥାକୁ ଛାଡ଼ି ପ୍ରଚଳିତ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଏହି ଚାର ଗୋଟି ସମବାୟ ସମିତିର ଉନ୍ନୟନକଳ୍ପେ ନିମ୍ନଲିଖିତ ପ୍ରକାରେ ତିନି ଲକ୍ଷ ବାଷଠୀ ହଜାର ଟଙ୍କାର ବ୍ୟୟ ବରାଦ କରା ଯାଇଛି ।

| | | |
|---|---|---|
| (କ) | ପରିଚାଳନା ସାହାଯ୍ୟ | .. ଟ ୩୬,୦୦୦.୦୦ |
| (ଖ) | ଅଂଶଧନ ଖଟାଣ | .. ଟ ୧,୪୪,୦୦୦.୦୦ |
| (ଗ) | ଗୃହ ତୋଳା ସାହାଯ୍ୟ | .. ଟ ୧,୩୮,୦୦୦.୦୦ |
| (ଘ) | ଅଂଶଧନ ସାହାଯ୍ୟ | .. ଟ ୪୪,୦୦୦.୦୦ |
| | ମୋଟ | .. ଟ ୩,୬୨,୦୦୦.୦୦ |

ସମବାୟ ସମିତି ଗୁଡ଼ିକର ସୁପରିଚାଳନା ପାଇଁ ପରିଚାଳନା ସାହାଯ୍ୟ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ସମିତିମାନେ ଯେପରି ନିଜ ଅଂଶଧନ ବୃଦ୍ଧି କରି ବ୍ୟାଙ୍କ ମାନଙ୍କରୁ ଋଣ ଉଠାଇ ପାରିବେ । ସେଥିପାଇଁ ସମିତିରେ ସରକାର ଅଂଶଧନ ଖଟାଇ ଅଛନ୍ତି । ପ୍ରତ୍ୟେକ ସମିତି ପାଇଁ ଗୃହ ଅତ୍ୟାବଶ୍ୟକ । ତେଣୁ ପ୍ରତ୍ୟେକ ସମିତି ଯେପରି ଭବେ ନିଜ ନିଜର ଗୋଟିଏ ଗୋଟିଏ ପକ୍କା ଗୃହ ତିଆରି କରି ପାରିବେ ସେଥିପାଇଁ ଗୃହ ତୋଳା ସାହାଯ୍ୟ ବ୍ୟବସ୍ଥା କରାଯାଇଛି । ଏହି ସମସ୍ତ ସାହାଯ୍ୟ ସମିତି ଗୁଡ଼ିକର ସାମଗ୍ରିକ ଉନ୍ନତି ପାଇଁ ଉଦ୍ଦିଷ୍ଟ । ସମିତି ସ୍ୱୟଂ ସଂପୂର୍ଣ୍ଣ ହୋଇ ପାରିଲେ ତାର ସଭ୍ୟମାନେ ପୂର୍ଣ୍ଣ ସମୟ ଧରି କାମ ପାଇ ପାରିବେ ଏବଂ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ବଢ଼ିବ । ସମବାୟ ସମିତିରେ ନୂତନ ସଭ୍ୟ ହେବା ପାଇଁ ମଧ୍ୟ ଅଂଶଧନ ସାହାଯ୍ୟ ବ୍ୟବସ୍ଥା କରାଯାଇଛି ।

ଉପରୋକ୍ତ ଖର୍ଚ୍ଚ ବ୍ୟତୀତ ଉଭୟ କଣ୍ଟିଲୋ ଓ ବାଳକାଟି ଅଞ୍ଚଳର କାରିଗରମାନଙ୍କୁ ଉନ୍ନତ ଧରଣର ଯନ୍ତ୍ରପାତି ଯୋଗାଇବା ପାଇଁ ଟ ୨,୦୦,୪୦୦.୦୦ ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ୧,୩୩୬ ଜଣ କାରିଗର ଉପକୃତ ହେବେ ।

ଏହା ବ୍ୟତୀତ କଂସା ପିତ୍ତଳ କାରିଗର ମାନଙ୍କର ସୁବିଧା ପାଇଁ ଉପରୋକ୍ତ ଦୁଇସ୍ଥାନରେ ଦୁଇଗୋଟି କମନ ସର୍ଭିସ୍ ଫାସିଲିଟି ସେଣ୍ଟର ଟ ୫,୫୪,୦୦୦.୦୦ ବ୍ୟୟରେ ସ୍ଥାପନ କରାଯାଉଛି । ଏହି ସଂସ୍ଥାରେ ଉନ୍ନତ ଧରଣର ଯନ୍ତ୍ରପାତି ଖଞ୍ଜାଯାଇ କଂସା ବାସନ ଶିଳ୍ପର ଉନ୍ନତି କରାଯିବ ।


ଏହା ଜଣା ଶୁଣା ଯେ କଂସାବାସନ କାରିଗର ମାନେ ସୁଲଭ ମୂଲ୍ୟରେ ବର୍ଷର ସବୁ ସମୟରେ କଂଶ୍ଚ ମାଲ ପାଇ ପାରି ନ ଥାନ୍ତି । ତେଣୁ ବାଳକାଟି ଓ କଣ୍ଟିଲୋଠାରେ ଦୁଇଗୋଟି କଂଶ୍ଚ ମାଲ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ଟ୨,୬୮,୬୦୦-୦୦ଙ୍କା ବ୍ୟୟ ବରାଦ କରାଯାଇଛି । ଏହି ବ୍ୟୟ ବରାଦ୍ ବାଦ୍ ବ୍ୟାଙ୍କ୍‌ରୁ ଟ୮,୦୦,୦୦୦-୦୦ଙ୍କା ଋଣ ଆକାରରେ ଗ୍ରହଣ କରି ଉକ୍ତ କଂଶ୍ଚ ମାଲ ବ୍ୟାଙ୍କ୍‌ର ଅଭିବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ଏହିପରି ଭାବେ ସର୍ବ ମୋଟ କଂସା ପିତ୍ତଳ ଶିଳ୍ପର ବିକାଶ ତଥା କାରିଗର ମାନଙ୍କର ଆର୍ଥିକ ଉନ୍ନତି ପାଇଁ ମୋଟ ତେରଲକ୍ଷ ପଞ୍ଚାଅଶୀ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### ଚନ୍ଦୁଆ ଶିଳ୍ପ ପ୍ରକଳ୍ପ

ପିପିଲିଠାରେ ଚନ୍ଦୁଆ ଶିଳ୍ପ କାରିଗର ତଥା ସେଠାରେ ପ୍ରତିଷ୍ଠିତ ହୋଇଥିବା ଦୁଇଗୋଟି ସମବାୟ ସମିତିର ଉନ୍ନତି କଳ୍ପେ ଟ୮୮,୦୦୦-୦୦ ବ୍ୟୟରେ ଗୋଟିଏ କଂଚାମାଲ ବ୍ୟାଙ୍କ୍ ପ୍ରତିଷ୍ଠା କରିବାର ବ୍ୟବସ୍ଥା କରାଯାଇଛି । ଏହି ବ୍ୟୟ ବରାଦ୍ ବାଦ୍ ବ୍ୟାଙ୍କ୍‌ରୁ ଟ୮୦,୦୦୦-୦୦ ଋଣ ସୂତ୍ରରେ ଆଣି କାର୍ଯ୍ୟକାରୀ ମୂଳଧନ ରୂପେ ବ୍ୟବହାର କରାଯିବ । ଏହି ବ୍ୟାଙ୍କ୍‌ରୁ କାରିଗରମାନେ ସୁଲଭ ମୂଲ୍ୟରେ ନିଜ ଗୃହ ପାଖରେ ଦରକାରୀ କନା, ସୂତା, ଛତା କାଠି ଇତ୍ୟାଦି ପାଇ ପାରିବେ । ଏହା ପିପିଲିର ଶତାଧିକ କାରିଗରଙ୍କୁ କର୍ମ ଯୋଗାଣରେ ସାହାଯ୍ୟ କରି ପାରିବେ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ଘଟାଇ ପାରିବ ବୋଲି ଆଶା କରାଯାଉଛି ।

ଏହି ଯୋଜନାଟି ଶିଳ୍ପ ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରରେ ଓଡ଼ିଶା ସମବାୟ ହସ୍ତଶିଳ୍ପ ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ହସ୍ତ ଶିଳ୍ପ ବିକାଶ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ଏହି ଯେଉଁ ବଳିଷ୍ଠ ପଦକ୍ଷେପ ନିଆଯାଉଛି ଏହା ନିଶ୍ଚିତ ଭାବରେ ସଂପୃକ୍ତ ଅଞ୍ଚଳର କାରୀଗରମାନଙ୍କୁ ଉପକୃତ କରିବାରେ ସାହାଯ୍ୟ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ହସ୍ତଶିଳ୍ପ ଭବନ
ସଚିବାଳୟ ମାର୍ଗ
ୟୁନିଟ—୪, ଭୁବନେଶ୍ୱର



# ଗୟଳ

ଶ୍ରୀ ଭୁବନେଶ୍ୱର ସାମଲ

ଗୋମହିଷାଦି ପଶୁମାନଙ୍କ ଭିତରେ ଗୟଳଙ୍କୁ ରାଜା କୁହାଯାଏ । ଏହାକୁ ଗଉର ( Gaur ) ବା ଭାରତୀୟ ବାଇଶନ ( Indian Bison ) କୁହାଯାଏ । ଅଣ୍ଡିରା ଗୟଳର ଉଚ୍ଚତା ୬ ଫୁଟରୁ ୬ ୧/୨ ଫୁଟ । ମାଈ ଗୟଳ ଅଣ୍ଡିରା ଅପେକ୍ଷା ୪/୫ ଇଞ୍ଚ ଛୋଟ । ଓଜନ ପ୍ରାୟ ୭୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଏହାର ଶିଂଗ ଚେପ୍‌ଟା । ଏହି ଚେପ୍‌ଟା ଅଂଶ ଶିଂଗର ମୂଳରେ ବେଶ୍ ଜଣାପଡ଼େ । ମାଈଗୟଳର ଶିଂଗ ସାମାନ୍ୟ ଚେପ୍‌ଟା ଏବଂ ବଙ୍କାଳିଆ । ଏହାର ଲାଞ୍ଜ ଅନ୍ୟାନ୍ୟ ଗାଈ ଗୋରୁଙ୍କ ତୁଳନାରେ ଛୋଟ । ଏହାର ହାକୁଡ଼ କାଂଧ ପାଖରୁ ଆରମ୍ଭ ହୋଇ ପିଠିର ଅର୍ଦ୍ଧେକ ପର୍ଯ୍ୟନ୍ତ ଲମ୍ବି ଯାଇ-ଥାଏ । ଅଣ୍ଡିରା ଗୟଳ ଶରୀରର ରଙ୍ଗ କଳା, କିନ୍ତୁ ମାଈ ଗୟଳ ଲାଲ ମିଶ୍ରିତ ଧୂସର । ଏମାନଙ୍କ ଗୋଡ଼ର ଆଣ୍ଠୁ ତଳୁ ଖୁରା ପର୍ଯ୍ୟନ୍ତ ଚମତ୍କାର ରଙ୍ଗ ଧଳା । ଗୟଳ ଛୁଆ ଜନ୍ମ ହେବା ବେଳକୁ ଶରୀରର ରଙ୍ଗ ସାମାନ୍ୟ ହଳଦିଆ ହୋଇ ପରେ ହରିଣ ଛୁଆ ଭଳି ରଂଗ ହୋଇଥାଏ । ତା'ପରେ ସାମାନ୍ୟ ଧୂସର ହୁଏ । ଏହାର ମୁଣ୍ଡର ଅଗ୍ରଭାଗ ରଙ୍ଗ ପାଉଁଶିଆ ଏବଂ ଉଚ୍ଚାଳିଆ ହୋଇଥାଏ । ଆଖିର ରଙ୍ଗ ମଧ୍ୟ ଧୂସର । ଏହାର ଲୋମ ଛୋଟ, ଛୋଟ ସୁନ୍ଦର ଓ ଚିକ୍‌ଣ । ଖୁରାଗୁଡ଼ିକ ଅଣଓସାରିଆ ଏବଂ ଗୋଜିଆ । ଗୟଳ ବୃଦ୍ଧ ହେଲେ ବେଳକୁ ଶରୀରର ଲୋମ ସାଧାରଣତଃ ବହୁତ ପତଳା ହୋଇଯାଏ । ଗୟଳ ବଣରେ ବାସ କରୁଥିବା ଅନ୍ୟ ଗୋରୁ ଗାଈଙ୍କଠାରୁ ଉଚ୍ଚତାରେ ବଡ଼ । ଏମାନେ ସାଧାରଣତଃ ପାହାଡ଼ିଆ ଘଞ୍ଚ ଜଙ୍ଗଲରେ ବାସ କରନ୍ତି । ସମତଳ ଭୂମିରୁ ପ୍ରାୟ ୬୦୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଏମାନଙ୍କୁ ଦେଖିବାକୁ ମିଳେ । ଏମାନଙ୍କର ଶରୀର ବେଶ୍ ହୃଷ୍ଟପୁଷ୍ଟ ହୋଇଥିଲେ ମଧ୍ୟ ପାହାଡ଼ ପର୍ବତର ବନ୍ଧୁର ପଥରେ ଏମାନେ ଅନାୟାସରେ ଚଲାବୁଲା କରି ପାରନ୍ତି । କିନ୍ତୁ ତୃଣ ପ୍ରାନ୍ତର ଦେଖି ସମତଳ ଭୂମିକୁ ଆସନ୍ତି । ଏମାନେ ଦଳ ଦଳ ହୋଇ ଚରୁଥାନ୍ତି । ଗୋଟିଏ ଗୋଟିଏ ଦଳରେ ୧୦-୧୨ ଟି ଆଉ ଖୁବ୍ ବେଶୀ ହେଲେ ୨୦ଟି ପର୍ଯ୍ୟନ୍ତ ଗୟଳ ଥାଆନ୍ତି । ଏମାନେ ଦିନ ଭିତରେ ପ୍ରାୟ ୬-୭ ଘଣ୍ଟା ପର୍ଯ୍ୟନ୍ତ ଚରି ଥାଆନ୍ତି । ଏମାନଙ୍କର ପ୍ରଧାନ ଖାଦ୍ୟ ଘାସ । ତା' ଛଡ଼ା ଏମାନେ ଗଛର ପତ୍ର ଏବଂ କଅଁଳିଆ ଗଣ୍ଡି ମଧ୍ୟ ଖାଆନ୍ତି । ରାତି ହୋଇଗଲେ ଅତି ଉଚ୍ଚ ଜାଗାମାନଙ୍କରେ ବିଶ୍ରାମ ନିଅନ୍ତି । ଯାହା ଫଳରେ ମଶା, ମାଛି, ଡ଼ାଆଁସଙ୍କ ଦାଉରୁ ରକ୍ଷା ପାଇଯାଆନ୍ତି ।

ଗୟଳମାନଙ୍କ ଗହଣରେ ସମ୍ବର, ହରିଣ, ଘୁଷୁରି ପ୍ରଭୃତି ମଧ୍ୟ ଚରୁଥାଆନ୍ତି । ଗୟଳର ବାଘକୁ ଯେତେ ଡ଼ର ନୁହେଁ ମଣିଷକୁ ତା'ଠାରୁ ବେଶୀ ଡ଼ର । ଗୋଟିଏ ବୟସ୍ତ ଗୟଳକୁ ବାଘ ଆକ୍ରମଣ କରିବାକୁ ସାହାସ କରେ ନାହିଁ । କେବଳ ଗୟଳ ଛୁଆ ବା ବାଛୁରୀମାନଙ୍କୁ ଆକ୍ରମଣ କରେ । ଗୟଳ ହାତୀକୁ ମଧ୍ୟ ଡ଼ରେ ନାହିଁ । ଗୟଳମାନେ ଦଳ ଦଳ ହୋଇ ଚରୁଥିବାରୁ ବାଘ, ହାତୀମାନେ ଆକ୍ରମଣ କରନ୍ତି ନାହିଁ । ଗୟଳମାନେ ମଣିଷର ବାସସ୍ଥଳୀଠାରୁ ଦୂରରେ ରହୁଥିବାରୁ ବିଶେଷ ଫସଲ ନଷ୍ଟ କରନ୍ତି ନାହିଁ ।

ପ୍ରତ୍ୟେକ ଦଳର ଦଳପତି ହୋଇଥାଏ ଅଣ୍ଡିରା ଗୟଳ ଅର୍ଥାତ୍ ଯାହାର ଦୈହିକ ଶକ୍ତି ପ୍ରବଳ, ସେହିଁ ଦଳ ଭିତରେ ଦଳପତି ହୋଇଥାଏ । ସାଧାରଣତଃ ଦଳପତି ଏକା ରହିବାକୁ ଭଲପାଏ । ତେଣୁ ସେ ଦଳଠାରୁ ଅଲଗା ରହି ଟିକିଏ ଦୂରରେ ଚରୁଥାଏ । ଦଳ ଭିତରେ ଛୋଟ ବାଛୁରୀମାନଙ୍କୁ ମାଈ ଗୟଳ ସଦାସର୍ବଦା ଆଖି ଆଗରେ ରଖିଥାଏ । ତେଣୁ ମାଈ ଗୟଳମାନଙ୍କ ଭିତରେ ବାଛୁରୀଗୁଡ଼ିକ ଚରୁ ଆଆନ୍ତି । ସମୟ ସମୟରେ କିଏ ଦଳପତି ବୁଝାପଡ଼େ ନାହିଁ । କାରଣ କେତେକ ସମୟରେ

ମା ଗୟଳ ଦଳ ଭିତରୁ ବାହାରି ଆଗକୁ ଚାହେଁ । ଆଉ ବିପଦର ସମ୍ଭାବନା ଅଛିକି ନାହିଁ ସତର୍କ ଭାବରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରେ, କିନ୍ତୁ ଦଳ ଭିତରେ ବୃଦ୍ଧ ଗୟଳ ଆଦୌ ସତର୍କତା ଅବଲମ୍ବନ କରେନାହିଁ । ସେ ତାର ଆହାର ବିହାରରେ ବ୍ୟସ୍ତ ଥାଏ । ଯେତେବେଳେ ବିପଦ ଆସୁଛି ବୋଲି ଦଳପତି କିମ୍ବା ବୟସ୍ତ ଗୟଳ ଜାଣିପାରେ ସେ ସତର୍କତାମୂଳକ ସ୍ୱର ଉତ୍ତୋଳନ କରେ ଏବଂ ବିପଦ କେଉଁଆଡୁ ଘନେଇ ଆସୁଛି ଇସାରା ଦିଏ । ସେତେବେଳେ ଦଳଟା ଯାକ ବିପଦ ମୁହଁରୁ ରକ୍ଷା ପାଇବା ପାଇଁ ହୁଏତ ଦୌଡ଼ି ପଳାଇଯିବାକୁ କିମ୍ବା ଆତ୍ମରକ୍ଷା କରିବାକୁ ସଜାଗ ହୁଅନ୍ତି । ଦଳ ଭିତରେ ସବୁଠାରୁ ସନ୍ଦିହାନ ତତ୍ପର ଓ ସଜାଗ ଥାଏ ମା ଗୟଳ ।

ସାଧାରଣତଃ ନଭେମ୍ବରରୁ ମାର୍ଚ୍ଚ ମାସ ମଧ୍ୟରେ ଏମାନଙ୍କର ଯୌନ ମିଳନ ଘଟେ । ଏହି ସମୟରେ ଅଣ୍ଡିରା ଗୟଳ ଦଳ ଭିତରୁ ବାହାରି ଆସି ଜଙ୍ଗଲ ଭିତରେ ଇତସ୍ତତଃ ହୋଇ ଘୁରି ବୁଲେ । ମଝିରେ ମଝିରେ ଠିଆ ହୋଇ ଗଡ଼ିକରେ । ସାଧାରଣତଃ ପ୍ରଭାତ ଓ ଗୋଧୂଳି ସମୟରେ ଏହାର ସ୍ୱର ଶୁଣାଯାଏ । ଏହି ସ୍ୱର ମାଧ୍ୟମରେ ସେ ମାଈ ଗୟଳକୁ ଇସାରା ଦିଏ । ଏହି ସ୍ୱର ପ୍ରାୟ ଦେଢ଼ କିଲୋ ମିଟର ଦୂରକୁ ଶୁଣାଯାଏ । ଅଣ୍ଡିରା ଗୟଳ ଦଳ ଠାରୁ ଅଳ୍ପ ଦୂରରେ ଚରୁଥିବା ସମୟରେ ମାଈ ଗୟଳକୁ ଲକ୍ଷ୍ୟ ରଖୁଥାଏ । ଯୌନ ମିଳନର ୯ ରୁ ୯ ୧/୨ ମାସ ଭିତରେ ଛୁଆ ଜନ୍ମ ହୁଏ । ମାଈ ଗୟଳ ଛୁଆ ଜନ୍ମ କଲା ବେଳକୁ ଦଳରୁ ବାହାରି ଅଲଗା ରହେ । ଛୁଆ ଚାଲିବାକୁ ସକ୍ଷମ ହେଲେ ପୁଣି ଆସି ଦଳ ମଧ୍ୟରେ ମିଶିଯାଏ । ବାଛୁରୀ ଜନ୍ମ ହେବାର ୧୦ମିନିଟ୍ ପରେ ଚାଲିବାକୁ ଓ ଅଧଘଣ୍ଟା ପରେ ଡିଆଁ ମାରିବାକୁ ସକ୍ଷମ ହୁଏ । ଏହି ସମୟରେ ମାଈ ଗୟଳ ବଡ଼ ଭୟଙ୍କର ଏବଂ ଭଲମନ୍ଦ ବାଛ ବିଚାର ନ କରି ବିପଦ ଆସୁଛି ଜାଣିଲେ ସହସା ଆକ୍ରମଣ କରେ ।

ଗୋମହିଷାଦି ପଶୁମାନଙ୍କ ଭିତରେ ଗୟଳର ଦୈହିକ ଶକ୍ତି ଯେଉଳି ପ୍ରବଳ, ଘ୍ରାଣ ଶକ୍ତି ମଧ୍ୟ ତଦ୍ରୂପ ପ୍ରଖର । ଗୟଳ ଶିକାର କରିବା ବଡ଼ କଷ୍ଟସାଧ୍ୟ । ଏଥିପାଇଁ ଶିକାରୀମାନଙ୍କର ଯଥେଷ୍ଟ ସାହସ ଥିବା ଆବଶ୍ୟକ । ସେଥିପାଇଁ ଦିନେ ଶିକାରୀମାନଙ୍କ ପକ୍ଷରେ ଗୟଳ ଶିକାର କରିବା ଏକ ଗର୍ବର ବିଷୟ ଥିଲା ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର–୧୪

## ଝୋଟ ବ୍ୟବସାୟୀମାନଙ୍କୁ ଲାଇସେନ୍ସ କରିବାକୁ ପଡ଼ିବ

ଝୋଟ ଓ ମେସ୍ତା ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଲାଇସେନ୍ସ କରିବାକୁ ହେବ । ବିଭିନ୍ନ କୃଷି ଜିଲ୍ଲା ଅଫିସର ଓ ଭୁବନେଶ୍ୱରସ୍ଥ ସମବାୟ ସମିତି (ବିହିବଟା) ଯୁଗ୍ମ ନିବନ୍ଧକଙ୍କୁ ଏଥିପାଇଁ ଲାଇସେନ୍ସ ଦେବା ନିମନ୍ତେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ ନିଯୁକ୍ତ କରାଯାଇଛି ।

୧୯୭୮ ଫେବୃଆରୀ ମାସ ୩ ତାରିଖର ୩୩୧୯ ନମ୍ବର ସରକାରୀ ବିଜ୍ଞପ୍ତି ଅନୁସାରେ ଝୋଟ ଓ ମେସ୍ତା ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ବାର୍ଷିକ ୧୦ ଟଙ୍କା ଲାଇସେନ୍ସ ଫିସ୍ ଏବଂ ୫ ଟଙ୍କା ନବୀକରଣ ଫିସ୍ "(Major head 120-Industries-B-Large and Medium Industries-Consumers Industries (Jute Licensing Fee)" ହେଡ୍‌ରେ ଦାଖଲ କରିବାକୁ ହେବ । ଏହି ଲାଇସେନ୍ସ ଜୁଲାଇ ପହିଲା ତାରିଖଠାରୁ ପରବର୍ତ୍ତୀ ବର୍ଷ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ।

# ଅଭିଶାପ ନା ଆଶୀର୍ବାଦ

## (ମହାଭାରତରୁ ଗୃହୀତ)

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସୁଧର୍ମା ସଭା ଆଜି ଚଳଚଞ୍ଚଳ ହୋଇ ଉଠିଛି । ସ୍ୱର୍ଗର ସମସ୍ତ ଦେବତା ଆଜି ସଭାରେ ଉପସ୍ଥିତ ଅଛନ୍ତି । ସେମାନଙ୍କ ମୁଖମଣ୍ଡଳରେ ଦୀପ୍ତିଭରି ରହିଛି । ରମ୍ଭା, ମେନକା, ଉର୍ବଶୀ, ତିଲୋତ୍ତମା ଆଦି ନୃତ୍ୟପଟୁ ଅପ୍ସରାଗଣ ବିଭିନ୍ନ ଭଙ୍ଗୀରେ ସୁସଜ୍ଜିତ ହୋଇ ବସିଅଛନ୍ତି । ଦେବରାଜଙ୍କ ଇଙ୍ଗିତରେ ପରିବେଷଣ କରିବେ ମନଭୁଲା ଅପରୂପ ନୃତ୍ୟ । ସଭାରେ କେବଳ ନାହାନ୍ତି ସଭାପତି—ଦେବରାଜ ଇନ୍ଦ୍ର । ଆଜି ଏ ସ୍ୱତନ୍ତ୍ର ଆୟୋଜନର କାରଣ ? ସତ୍ୟଯୁଗ ପର୍ଯ୍ୟନ୍ତ ଦେବଗଣଙ୍କୁ ପ୍ରପୀଡ଼ିତ କରୁଥିବା ନିର୍ବାତ କବଚଙ୍କୁ ଯୁଦ୍ଧରେ ନିହତ କରିଛନ୍ତି ନରନାରାୟଣରୂପୀ ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ । ତାହାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ କରି ନେଇଥିଲେ ଦେବରାଜ । ସେ ଅଭିଯାନ ଫଳପ୍ରଦ ହୋଇଛି । ଅର୍ଜ୍ଜୁନ ଅସୁରଙ୍କୁ ସବଂଶରେ ସଂହାର କରିଛନ୍ତି । ତାହାଙ୍କୁ ଅଭିନନ୍ଦିତ କରିବେ, ନାନାଦି ଉପଢୌକନ ପ୍ରଦାନ କରିବେ ବୋଲି ଆଜି ସବୁ ଦେବଗଣ ପ୍ରସ୍ତୁତ । ସମସ୍ତେ ଉତ୍କଣ୍ଠିତ ହୋଇ ରହିଛନ୍ତି ।

ପ୍ରବେଶ କଲେ ଦେବରାଜ । ଅର୍ଜ୍ଜୁନଙ୍କର ହାତଧରି ନିଜ ସିଂହାସନ ଉପରେ ନେଇ ବସାଇଲେ । ଅର୍ଜ୍ଜୁନ ସବୁ ଦେବତାଙ୍କୁ ସମ୍ମାନ ପ୍ରଦର୍ଶନ କରି ସାରିବା ପରେ ଆସନ ଗ୍ରହଣ କଲେ । ଯେତେ ବଳଶାଳୀ ହେଲେ ମଧ୍ୟ ସେ ମାନବ । ଦେବତାମାନେ ମାନ୍ୟାର୍ହ । ପୂଜ୍ୟ ପୂଜାରେ ଯେପରି ବ୍ୟତିକ୍ରମ ନ ହୁଏ ସେଥିପାଇଁ ଅର୍ଜ୍ଜୁନଙ୍କ ପରି ଜ୍ଞାନୀ ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କଲେ ନାହିଁ । ଦେବରାଜଙ୍କ ଇଙ୍ଗିତରେ ନୃତ୍ୟ ପରିବେଷଣ କଲେ ଉର୍ବଶୀ—ଶ୍ରେଷ୍ଠ ଦେବନଟୀ । ଅର୍ଜ୍ଜୁନ ଅପଲକ ନେତ୍ରରେ ଉର୍ବଶୀଙ୍କର ନୃତ୍ୟ କୌଶଳ ଲକ୍ଷ୍ୟ କରୁଥାଆନ୍ତି । ଅର୍ଜ୍ଜୁନ ଭାବୁଛନ୍ତି—ଏପରି ନୃତ୍ୟ କଅଣ ସମ୍ଭବ ? ଏଣେ ଉର୍ବଶୀ ଅର୍ଜ୍ଜୁନଙ୍କ କାମଜିଣା କାନ୍ତିରେ ବିଭୋର । ମନେ ମନେ ଭାବୁଛନ୍ତି—ମର୍ତ୍ତ୍ୟରେ ଏପରି ସୁନ୍ଦର ପୁରୁଷ ସମ୍ଭବ ହେଲା କିପରି ? ଏହିପରି ଉଭୟେ ବିଭିନ୍ନ ଭାବାବେଶରେ ତନ୍ମୟ ହୋଇ ପରସ୍ପର ପରସ୍ପରଙ୍କୁ ମନେମନେ ଅଶେଷ ପ୍ରଶଂସା କରୁଥାଆନ୍ତି । ଅର୍ଜ୍ଜୁନ ଏକଲୟରେ ଉର୍ବଶୀଙ୍କୁ ଚାହିଁଥିବା ବେଳେ ଉର୍ବଶୀ ନୃତ୍ୟ ମାଧ୍ୟମରେ ନିଜର କଟାକ୍ଷପାତରେ ଅର୍ଜ୍ଜୁନଙ୍କ ମନକୁ ଜୟ କରିବା ପ୍ରଚେଷ୍ଟାରେ ଥାଆନ୍ତି ।

ଏହି ଭାବାବେଶ ଇନ୍ଦ୍ରଙ୍କ ଦୃଷ୍ଟି ଏଡ଼ି ପାରି ନ ଥିଲା । ସେ କିନ୍ତୁ ବୁଝିଲେ ଭୁଲ । ଭାବିଲେ ବୋଧହୁଏ ପରସ୍ପର ପରସ୍ପର ପ୍ରତି ଆକୃଷ୍ଟ ହୋଇଛନ୍ତି ।

(ଦୁଇ)

ଗଭୀର ରାତ୍ରି । ଅର୍ଜ୍ଜୁନ ନାରାୟଣଙ୍କ ପଦଚିନ୍ତାରେ ମଗ୍ନ । ହଠାତ୍ ଦ୍ୱାରରେ କରାଘାତ ହେଲା—"ଦ୍ୱାର ଖୋଲ ଅର୍ଜ୍ଜୁନ" । ଦୁଇଥର ଡାକ ଶୁଣିବା ପରେ ସେ ହେଲେ ଅନ୍ୟମନସ୍କ । ମନ ହେଲା ଚଞ୍ଚଳ । ନିର୍ଜ୍ଜନ ନିଶୀଥରେ ରମଣୀର କଣ୍ଠସ୍ୱର ଶୁଣି ସେ ଦ୍ୱାର ଖୋଲିଲେ । ସମ୍ମୁଖରେ ଉର୍ବଶୀଙ୍କୁ ଦେଖି ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । କର୍ତ୍ତବ୍ୟ ଜ୍ଞାନ ହଠାତ୍ ଜାଗ୍ରତ ହୋଇ ଉଠିଲା । ଅଭିବାଦନ ସହ ଉର୍ବଶୀଙ୍କୁ ନିଜ ପ୍ରକୋଷ୍ଠକୁ ଆମନ୍ତ୍ରଣ କରି ଆସନ ଗ୍ରହଣ କରିବା ପାଇଁ ଅନୁରୋଧ କଲେ ଅର୍ଜ୍ଜୁନ । ପଚାରିଲେ ଆଗମନର ଉଦ୍ଦେଶ୍ୟ । ଅପରୂପ ବେଶ ପରିପାଟୀରେ ସୁସଜ୍ଜିତା ଉର୍ବଶୀ ସ୍ମିତ ମୁଖରେ ଉତ୍ତର ଦେଲେ—"ଆସିଛି ମୁଁ ଇନ୍ଦ୍ରାଦେଶେ ଏଥେ, କରିବାକୁ ପ୍ରେମ ସମ୍ଭାଷଣ" ।

"ପ୍ରେମ ସମ୍ଭାଷଣ ?" ଅର୍ଜ୍ଜୁନଙ୍କ ଦେହରେ ବିଦ୍ୟୁତ ଶକ୍ତି ସଞ୍ଚାରିତ ହେଲା । ସେ ଉପାତାଳକୁ ହଠାତ୍ ଖସି ପଡ଼ିବା ପରି ବୋଧ କଲେ । କିନ୍ତୁ ପର ମୁହୂର୍ତ୍ତରେ ସ୍ଥିତପ୍ରଜ୍ଞ ହେଲେ । ଏତେ ନିବିଡ଼ ରଜନୀରେ ଅପରୂପ ରୂପସମ୍ଭାରରେ ଶୋଭିତ ଉର୍ବଶୀଙ୍କୁ ଏକାକୀ ପାଇ ମଧ୍ୟ ସେ କିଞ୍ଚିତ୍‌ହେଲେ ଲୋଭସକ୍ତ ହେଲେ ନାହିଁ । ବିଚିତ୍ର ଜିତେନ୍ଦ୍ରିୟ ଭାବରେ କହିଲେ—

"ଏ'କି ଆଚମ୍ବିତ କଥା କହୁଛ ଜନନୀ"

ଜନନୀ—"କିଏ ଜନନୀ ? ଉର୍ବଶୀ ଯେ କାମ ବିଧୁରା
ପ୍ରେମିକ ସମ୍ମୁଖରେ ଦଣ୍ଡାୟମାନ । ପ୍ରେମିକ
କହୁଛି 'ଜନନୀ', ଏ କି ବିଚିତ୍ର ସମ୍ବୋଧନ !"

ଉର୍ବଶୀ ନିଜର ପରିଚୟ ଦେଲେ । ସବୁକଥା ବୁଝାଇ କହିଲେ । କିନ୍ତୁ ଅର୍ଜୁନଙ୍କ ମୁଖରେ ସେଇ ଗୋଟିଏ କଥା—

"ମୋ' ପୂର୍ବ ପୁରୁଷେ ବସିଥିଲେ ଇନ୍ଦ୍ରପଦେ
ତୁମେ ଥିଲ ସେମାନଙ୍କ ଅଙ୍କ ବିହାରିଣୀ
ଇନ୍ଦ୍ରଦେବତ ଅଟନ୍ତି ପିଅର ମୋହର
ଏଣୁ ମୋ' ନିକଟେ ତୁମ ସ୍ଥାନ ମାତାଠାରୁ ଉଚ୍ଚ
ଶଚୀ, ଗାନ୍ଧାରୀ, କୁନ୍ତୀଙ୍କଠାରୁ ଗରିୟସୀ । "

ଏଣୁ ସେ ପାଦଧରି ଉର୍ବଶୀଙ୍କୁ ଫେରିଯିବାକୁ ବହୁ ଅନୁନୟ କଲେ ।

ଉର୍ବଶୀ ସେସବୁକୁ କର୍ଣ୍ଣପାତ ନ କରି ନିଜର କୁତ୍ସିତ ପ୍ରସ୍ତାବକୁ ବାରମ୍ବାର ଉପସ୍ଥାପନ କରନ୍ତେ ଜିତେନ୍ଦ୍ରିୟ ଅର୍ଜୁନ ବିରକ୍ତ ହେଲେ । କିନ୍ତୁ ଉର୍ବଶୀତ ମାନ୍ୟର ପାତ୍ର । ମାନ୍ୟ ପ୍ରଦର୍ଶନ ଭିନ୍ନ କରିବେ କଅଣ ? କିନ୍ତୁ କାମୋନ୍ମତ୍ତା ଉର୍ବଶୀ ଅର୍ଜୁନଙ୍କର ମାନ୍ୟର ମହତ୍ତ୍ୱ ଉପଲବ୍ଧି କରି ପାରିଲେ ନାହିଁ । ବିଶେଷ କାମାତୁରା ହୋଇଥିବା ଯୋଗୁଁ କ୍ରୁଦ୍ଧ ହୋଇ ଅର୍ଜୁନକୁ ନାନା କଟୁକଥା କହିଲେ ଏବଂ ଶେଷରେ ଦେଲେ ଅଭିଶାପ । କହିଲେ—

"ମୋ ରୂପକୁ ଦେଖି ଯୋଗାରୂଢ଼ ଋଷି ମଧ୍ୟ ହେଲେ ତପଭ୍ରଷ୍ଟ
ଆଉ ଆନଜନ, ନପୁଂସକ ମନ ମଧ୍ୟ ହୁଏ ଉଚ୍ଚାଟନ
ଅଛି ଯାହା କରୁ ତୁରେ ମୂର୍ଖ

ନପୁଂସକ ପକ୍ଷେ ମଧ୍ୟ ନୁହଇ ସମ୍ଭବ ।।
ଅଛି ଯଦି ପୁରୁଷତ୍ୱ ସତ୍ୟତେ ତୋ ଦେହେ
ତେବେ ମୋହ ଶାପ ବଳେ ତୁହି
ହୁଅ ନପୁଂସକ ।"

ଏହା କହି ଝଡ଼ ବେଗରେ ପ୍ରସ୍ଥାନ କଲେ ।

ସ୍ଥିତପ୍ରଜ୍ଞ ଅର୍ଜୁନ ମଧ୍ୟ ବିଶେଷ ବିଚଳିତ ହୋଇ ଭାବିଲେ,

"ଏ କଅଣ' ହେଲା ?
ଏ କି ଦେବକୃତ ।

ନଚେତ ଏତେ ଉପକାରର ଏକି ବିଚିତ୍ର ପ୍ରତ୍ୟୁପକାର ।" ବିଶେଷ ଅଶାନ୍ତ ମନରେ ସେ ନାନା ଦୁଶ୍ଚିନ୍ତାରେ ରାତ୍ର କଟାଇଲେ । ନିଦ୍ରା ହେଲା ନାହିଁ ।

(ତିନି)

ପରଦିନ ଦେବରାଜ ଏ ସମ୍ବାଦ ପ୍ରଥମେ ଶଚୀ ଆଉ ପରେ ନାରଦଙ୍କ ମୁଖରୁ ଶୁଣି ବ୍ୟସ୍ତ ହେଲେ । ନାରଦଙ୍କର ଉକ୍ତି ନା,

"ଦେବଦତ୍ତ ଶଙ୍ଖସ୍ୱନ ଗାଣ୍ଡୀବ ନିର୍ଘୋଷ
ଦେବରେ ଦୁର୍ବୋଧ୍ୟ ଗରିଷ୍ଠ ଶାସକଙ୍କର ମତ
ଅବିରତେ କମ୍ପିଥିଲେ ଦିଗରଣ ଯା କର୍ଣ୍ଣ କୁହରେ
ଭାବିଥିଲ ପାରିଥାନ୍ତା ଭେଦ କରି ସେହି ଶବ୍ଦବ୍ୟୂହ
ଦେବନଟୀ ଉର୍ବଶୀର ନୂପୁର ନିକ୍ୱଣ ।"

ପୁଣି କହିଲେ—ଚିର ବ୍ରହ୍ମଚର୍ଯ୍ୟ ବ୍ରତେ ଯା କାନ୍ତି ଭାସ୍ୱର
ନର ଋଷୀ ନାରାୟଣ ବୋଲି ଯାର ଖ୍ୟାତି
ତା'ମନକୁ ପାରିଥାନ୍ତା କରି ଆଲୋଡ଼ିତ
ରୂପଜୀବୀ ଉର୍ବଶୀର ପ୍ରେମ ସମ୍ଭାଷଣ ?

ଯଦି ସ୍ୱୟଂ ଦେବରାଜ କରିଥିବେ ଏଡ଼େ ଅକର୍ତ୍ତବ୍ୟ
ଆଉ କାହା ପକ୍ଷେ କେଡ଼େ ଅସମ୍ଭବ ପୁଣି ନହେବ ସମ୍ଭବ ।"

ଏଣୁ ନାରଦ ପରାମର୍ଶ ଦେଲେ ପ୍ରତିକାର ଆବଶ୍ୟକ । ଦେବରାଜଙ୍କ ହୃଦବୋଧ ହେଲା—ପ୍ରତିକାର ଆବଶ୍ୟକ ।

ସଙ୍ଗେ ସଙ୍ଗେ ସେ ଡକାଇଲେ ଅର୍ଜୁନଙ୍କୁ ଆଶ୍ୱାସନା ଦେବାପାଇଁ । ଉର୍ବଶୀଙ୍କୁ ଡକାଇଲେ କଠୋର ଶାସ୍ତି ଦେବା ପାଇଁ । ଉର୍ବଶୀଙ୍କ ସଙ୍ଗେ ଯୁକ୍ତି ପ୍ରତ୍ୟୁକ୍ତି କଲବେଳେ ଲକ୍ଷ୍ୟ କଲେ ତାଙ୍କ ମନରେ ଅପୂର୍ବ ପରିବର୍ତ୍ତନ ।

କହିଲେ ଉର୍ବଶୀ—

ଫେରିଯାଇ ଅର୍ଜୁନ ସଦନୁ
ସମଗ୍ର ରଜନୀ ମୁହିଁ ଯାପିଲି ଗ ନିନ୍ଦ୍ରେ
ଚିନ୍ତାକଲି ଦେଇଥିବା ଶାପ ପରିଣତି ।
ସେତେବେଳେ ହେଲା ମୋ ସ୍ମରଣ
ପାର୍ଥ ମହାରଥୀଙ୍କର ଜିତେନ୍ଦ୍ରିୟ ଉଦାରପଣିଆ
କର୍ଣ୍ଣେ ମୋର ହେଲା ନିକ୍ୱଣିତ—ଅର୍ଜୁନଙ୍କ ମାତା ସମ୍ବୋଧନ ।

ଦେବରାଜ—ବାସ୍ତବିକ ଉର୍ବଶୀ, ଆଜି ଯେଉଁ ଜିତେନ୍ଦ୍ରିୟ ଗୁଣ ଅର୍ଜୁନ ପ୍ରଦର୍ଶନ କଲେ, ତାହା ତିନିପୁରରେ ବିରଳ । ତେବେ ତୁମେ କି ନିଷ୍ପତ୍ତି କରିଛ ?

ଉର୍ବଶୀ କହିଲେ—ବହୁ ଚିନ୍ତା କରି ମୁହିଁ କରିଛି ନିଷ୍ପତ୍ତି—

ମୋହ ଶାପ ବର ରୂପେ ହେବ ପରିଣତ ।
ଏହା ମୋର ମାତାର ଆଶିଷ ॥

ଆଶ୍ଚର୍ଯ୍ୟ ହେଲେ ଦେବରାଜ ! ଶାପ ପୁଣି ବର ହେବ କିପରି ? ଏହା କଣଅ ସମ୍ଭବ ? ଏହାତ ବିଚିତ୍ର ସମସ୍ୟା । କିନ୍ତୁ ଏହାକୁ ସମାଧାନ କଲେ ଉର୍ବଶୀ ।

ଆଉ କିଛିଦିନ ପରେ ପାଣ୍ଡବମାନେ କରିବେ ଅଜ୍ଞାତ ବନବାସ, ସେତେବେଳେ କିଏ କେଉଁଠାରେ ଲୁଚିବେ ତାର ପରିକଳ୍ପନା ଆବଶ୍ୟକ । ଦେବରାଜ—କି ପରିକଳ୍ପନା ?

ଉର୍ବଶୀ—ହଁ, ଦେବରାଜ ।

ଏମାନେ ଯାଇ ଲୁଚିବେ ବିରାଟ ନଗରେ
ଧରି ନାନାବିଧ ଛଦ୍ମ ରୂପ ।
ମହାରାଜ ଯୁଧିଷ୍ଠିର ହୋଇ କଙ୍କ ପଣ୍ଡା
ପଶାଖେଳେ ମତାଇବେ ବିରାଟ ନୃପତି,
ଅଲୌକିକ ପରାକ୍ରମୀ ବୀର ଭୀମସେନ
ବୋଲି ହୋଇ କଳା, ବଲ୍ଲଭ ସୁଆର ହୋଇ
ଲୁଚିବେ ସେଠାରେ ।
ଆଉ ଏହି ତିନିପୁର ଜେତା ପାର୍ଥ ମହାରଥୀ
ଯେବେ ନିଜ ବେଶେ ଯିବେ ସେହିଠାବେ
ନିଶ୍ଚେ ଏହି କାମ ବିମୋହନ ରୂପ ପଡ଼ିଯିବ ଧରା ।
ଯେବେ ବାହୁବନ୍ଧ କଙ୍କଣ କଞ୍ଚୁକ
ଚୂଡ଼ି ଶଂଖା ଖଡ଼ୁ ହୋଇ ସମନ୍ୱିତ
ଆବୃତ ନ କରିବେ ଯା ଶାଳପ୍ରାଂଶୁଭୁଜେ
କହ ହେବ କେମନ୍ତେ ଲୁଚାଇ
ଗାଣ୍ଡିବ ଶରାସନର ଗୁଣ କ୍ଷତ ଚିହ୍ନ ?
ଯେବେ ପାହୁଡ଼ କିଙ୍କିଣୀ ବଳା ଝୁଣ୍ଟିଆ ଝମକ
ଜନ ମନେ ନଦେବେ ଚମକ
କେମନ୍ତେ ବା ହୋଇବ ଲୁଗ୍ୱର
ଏତ୍ରିପୁର ବିଜୟୀର ମରକରୀ ଶ୍ରୀ
କର୍ଣ୍ଣୀରବ ଛଟା ।

ଦେବରାଜ ଆଶ୍ଚର୍ଯ୍ୟାନ୍ୱିତ—ସତରେ କ ବିଚିତ୍ର ପରିକଳ୍ପନା ।

ଅର୍ଜୁନ କୃତଜ୍ଞତାରେ ଆନନ୍ଦାଶ୍ରୁପୂର୍ଣ୍ଣ । କହିଲେ ଦେବରାଜ—

"ଏହିଠାରେ ଏହି କଥା କହୁଛି ସଦମ୍ଭେ
ଯେବେ କେହି ମାତା ଭ୍ରମବଶେ ଅବା ହୋଇ କ୍ରୁଦ୍ଧ
ନିଜ ପୁତ୍ରେ ଦେବେ ଅଭିଶାପ
ତେବେ ସେ ଶାପେ ରହିବ ସଦା ଆଶିଷ ସ୍ଫୁଲିଙ୍ଗ ।"

ସତରେ ମାତ୍ର ଶାପରେ ମଧ୍ୟ ଆଶୀର୍ବାଦର ସ୍ଫୁଲିଙ୍ଗ ।

ଯୁଗାବ୍ଧି....କି ବିଚିତ୍ର ପରମ୍ପରା !!!

"କାମ ପାଇଁ ଖାଦ୍ୟ" ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କଠାରୁ ୩୦ ହଜାର ମେଟ୍ରିକ ଟନ ଗହମ ମିଳିଥିଲା ।

# ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ

ବହୁ ମୂଲ୍ୟବାନ ପ୍ରାକୃତିକ ସମ୍ପଦଭରା ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟର ଅର୍ଥନୀତି ଏବେ ସୁଦ୍ଧା ଅନଗ୍ରସର ଅବସ୍ଥାରେ ରହିଛି । ପ୍ରତିବର୍ଷ ବନ୍ୟା, ବାତ୍ୟା ଏବଂ ମରୁଡ଼ିର ଦାରୁଣ କଷାଘାତରେ ରାଜ୍ୟର ଆର୍ଥିକ ସମୃଦ୍ଧିର ସମ୍ଭାବନା ବିଦୂରିତ ହେଉଛି । ଗତ ୧୯୬୬ ମସିହାଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ବର୍ଷ କିଛି କିଛି ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ ଧନଜୀବନ କ୍ଷତି ହେବା ସଙ୍ଗେ ସଙ୍ଗେ ବ୍ୟାପକ ଫସଲ ହାନି ହେଉଛି । ଯଥାର୍ଥରେ କହିବାକୁ ଗଲେ ଝଡ଼ି, ବଢ଼ି, ଓ ମରୁଡ଼ି ଏବେ ଆମର ସହଚର ହେଲେଣି ।

୧୯୬୬ରେ ସ୍ୱଳ୍ପ ବୃଷ୍ଟି ହେତୁ ମରୁଡ଼ି ହୋଇଥିଲା । ତା'ପରବର୍ଷ ଅତିବୃଷ୍ଟି ହୋଇ ମହାନଦୀରେ ପ୍ରବଳବନ୍ୟା ଆସିବାରୁ ବଲାଙ୍ଗୀର ଓ କଳାହାଣ୍ଡି ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ବିପନ୍ନ ହୋଇଥିଲା । ସେହି ବର୍ଷ ଅକ୍ଟୋବର ମାସରେ ମଧ୍ୟ ଏକ ଅଭୂତପୂର୍ବ ବାତ୍ୟା ହେବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ବହୁ କ୍ଷତି ହୋଇଥିଲା । ୧୯୬୮ ମସିହାରେ ମଧ୍ୟ ଏହିପରି ଏକ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ୧୯୬୯ରେ କ୍ରମାଗତ ଦୁଇଥର ବନ୍ୟା ହେବାରୁ କଳାହାଣ୍ଡି, ଫୁଲବାଣୀ, ବଲାଙ୍ଗୀର ଓ କୋରାପୁଟ ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବ୍ୟାପକ କ୍ଷତି ହୋଇଥିଲା । ୧୯୭୦ରେ ପୁଣି ଆସିଲା ପ୍ରବଳ ବନ୍ୟା । ୧୯୭୧ରେ ମଧ୍ୟ ବନ୍ୟା ଓ ବାତ୍ୟାର ପ୍ରଳୟଙ୍କର ତାଣ୍ଡବଲୀଳାରେ ଓଡ଼ିଶା ଶ୍ରୀହୀନ ହେଲା । ଏହି ବାତ୍ୟାରେ ୭୬୨୩ ଜଣ ଲୋକ ଏବଂ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଗାଈଗୋରୁ ମୃତ୍ୟୁ ମୁଖରେ ପଡ଼ିଥିଲେ । ସେହିବର୍ଷ ମଧ୍ୟ ଦୁଇଥର ବନ୍ୟା ହୋଇଥିଲା । ୧୯୭୨ ମସିହାରେ ଅଳ୍ପ ବୃଷ୍ଟି ହେତୁ କେତେକ ଜିଲ୍ଲା ମରୁଡ଼ିଗ୍ରସ୍ତ ଓ ଆଉ କେତେକ ଅଞ୍ଚଳ ବନ୍ୟାଗ୍ରସ୍ତ ହୋଇଥିଲା । ତା' ପରବର୍ଷ ଏକ ବ୍ୟାପକ ଧରଣର ମରୁଡ଼ି ହେବାରୁ ରାଜ୍ୟର ବହୁ ଅଞ୍ଚଳରେ ଫସଲହାନି ହୋଇଥିଲା । ୧୯୭୪ରେ ହୋଇଥିବା ପ୍ରଳୟଙ୍କରୀ ମରୁଡ଼ି କଥା କିଏ ବା ନ ଜାଣେ । ସେବର୍ଷ ୨୪୭୮ଟି ଗ୍ରାମ ପଞ୍ଚାୟତର ପ୍ରାୟ ୯୫ ଲକ୍ଷ ଲୋକ ମରୁଡ଼ିର କରାଳ କବଳରେ ପଡ଼ିଥିଲେ । ୧୯୭୫ ମସିହାର ପ୍ରଥମ ଭାଗରେ ମରୁଡ଼ି ଏବଂ ଜୁଲାଇ-ଅଗଷ୍ଟ ମାସରେ ଅତ୍ୟଧିକ ବୃଷ୍ଟିପାତ ହେତୁ ଉପକୂଳବର୍ତ୍ତୀ ଅଞ୍ଚଳ ବନ୍ୟା ବିପନ୍ନ ହୋଇଥିଲା । ସେହିବର୍ଷ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶକ୍ରମେ କେନ୍ଦ୍ର ସରକାର ଆମକୁ ୭କୋଟି ଟଙ୍କା ଋଣ ଆକାରରେ ସାହାଯ୍ୟ ଦେଇଥିଲେ । ଏହା ବ୍ୟତୀତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ୧୦ ହଜାର ମେଟ୍ରିକ୍‌ଟନ୍ ଗହମ ମିଳିଥିଲା । ୧୯୭୬ ମସିହାରେ କେତେକ ଜିଲ୍ଲାରେ ବାତ୍ୟା ଏବଂ ଆଉ କେତେକ ଜିଲ୍ଲାରେ ବନ୍ୟା ହୋଇଥିଲା । ଗତବର୍ଷ ହୋଇଥିବା ବନ୍ୟାରେ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିପନ୍ନ ହେବା ସଙ୍ଗେ ସଙ୍ଗେ ୯୪,୫୬୮ ଏକର ଜମିର ଫସଲ ସମ୍ପୂର୍ଣ୍ଣଭାବେ ଏବଂ ୩୦,୬୪୦୦ ଏକର ଜମିର ଫସଲ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ସମୁଦାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଫସଲ କ୍ଷତିଗ୍ରସ୍ତ ହୋଇଥିବାର ହିସାବ ହୋଇଛି । ଏହି ବନ୍ୟାରେ ୪୧ଜଣ ଲୋକ ପ୍ରାଣ ହରାଇ ଥିଲେ । ଗତବର୍ଷ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶ କ୍ରମେ ଆମକୁ ୮ କୋଟି ୫୨ ଲକ୍ଷ ଟଙ୍କା ଅଗ୍ରୀମ ଯୋଜନା ସାହାଯ୍ୟ ମିଳିଥିଲା । ଗତ ବର୍ଷର ବଢ଼ି ପରେ ରାଜ୍ୟର ୯ଟି ଜିଲ୍ଲାରେ ମରୁଡ଼ି ଦେଖା ଦେଇଥିଲା । ବନ୍ୟା ଓ ମରୁଡ଼ିଗ୍ରସ୍ତ ଲୋକମାନଙ୍କୁ କାମଧନ୍ଦା ଯୋଗାଇବା ପାଇଁ ବ୍ୟାପକ ଭାବରେ ଶ୍ରମବହୁଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଗତବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ "କାମ ପାଇଁ ଖାଦ୍ୟ" ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କଠାରୁ ୩୦ ହଜାର ମେଟ୍ରିକ ଟନ ଗହମ ମିଳିଥିଲା ।

## ଚଳିତ ବର୍ଷର ବାତ୍ୟା ଓ ବନ୍ୟା ପ୍ରସଙ୍ଗ

ଓଡ଼ିଶାରେ ଚଳିତ ବର୍ଷ ମାର୍ଚ୍ଚ ମାସଠାରୁ ପ୍ରାକୃତିକ ବିପର୍ଯ୍ୟୟ ଆରମ୍ଭ ହୋଇଛି । ଢେଙ୍କାନାଳ ଜିଲ୍ଲାରେ ପ୍ରଥମେ ବାତ୍ୟା ହେବା ଫଳରେ ୩ ହଜାର ୯୩୦ଟି ଗୃହ ଭାଙ୍ଗି ଯାଇଥିଲା ଏବଂ ୪୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବାତ୍ୟାଗ୍ରସ୍ତ ହୋଇଥିଲେ । ଏହା ବ୍ୟତୀତ ୬୮ଜଣ ଲୋକ ଏବଂ ୧ ହଜାର ୨ଟି ଗାଈ ଗୋରୁଙ୍କର ମୃତ୍ୟୁ ହୋଇଥିଲା । ୨୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ଜରୁରୀ ସାହାଯ୍ୟ ଏବଂ ପ୍ରାୟ ୪ହଜାର ଗୃହହୀନଙ୍କୁ ଘର ତିଆରି ସାହାଯ୍ୟ ଦିଆଯାଇଥିଲା । ତା' ପରେ ଆସିଲା ପୁଣି ବାତ୍ୟା । ଗତ ଅପ୍ରେଲ ମାସରେ ଆନନ୍ଦପୁର ସବ୍‌ଡିଭିଜନର ପୁରୁଣା ବାନ୍ଧଗୋଡ଼ା ଗ୍ରାମ ସମେତ ଯାଜପୁର ସବ୍‌ଡିଭିଜନର କେତେକ ଗ୍ରାମ ଏ ପ୍ରଳୟଙ୍କରୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା । ବାତ୍ୟାର ତାଣ୍ଡବଲୀଳା ପୁରୁଣା ବାନ୍ଧଗୋଡ଼ାରେ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ସମୁଦାୟ ୧୬୬ ଜଣ ଲୋକ ଏବଂ ୧୧୭୬ଟି ଗାଈଗୋରୁ ମୃତ୍ୟୁ ମୁଖରେ ପଡ଼ିଥିଲେ । ବହୁ ଘରଦ୍ୱାର ଭାଙ୍ଗିଯିବା ସଙ୍ଗେ ସଙ୍ଗେ ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇ ଯାଇଥିଲା । ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଉଦ୍ୟମରେ ଦୁଃସ୍ଥ ଲୋକଙ୍କୁ ସାହାଯ୍ୟ ଏବଂ ସେବା କରାଯାଇଥିଲା । ଯେଉଁସବୁ ସଂସ୍ଥା ଏହି ସାହାଯ୍ୟ କାର୍ଯ୍ୟରେ ସ୍ୱେଚ୍ଛାକୃତଭାବେ ଆଗେଇ ଆସିଥିଲେ ସେମାନଙ୍କ ମଧ୍ୟରେ ହିନ୍ଦୁସ୍ଥାନ ଇସ୍ପାତ ଲିଃ, ଟାଟା କମ୍ପାନୀ, କେୟାର ଏବଂ ଓରିଏଣ୍ଟ କାଗଜକଳ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ପୁରୁଣା ବାନ୍ଧଗୋଡ଼ା ଗ୍ରାମର ବାସହୀନ ପରିବାରଙ୍କ ପାଇଁ ସରକାରଙ୍କ ତରଫରୁ '୧୬୦ଟି ପକ୍କା ଘର ନିର୍ମାଣ କରାଯାଉଛି । କେନ୍ଦ୍ର ସରକାର ବାତ୍ୟାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ୧ କୋଟି ୯୧ ଲକ୍ଷ ୫୬ ହଜାର ଟଙ୍କା ଅଗ୍ରୀମ ଯୋଜନା 'ସାହାଯ୍ୟ ରୂପେ ଦେଉଛନ୍ତି ।

ବାତ୍ୟାର ଦୁଃଖ ନ ଭୁଲୁଣୁ ଆସିଲା ପ୍ରଳୟଙ୍କରୀ ବନ୍ୟା । ଅଗଷ୍ଟ ମାସ ଶେଷ ସପ୍ତାହରେ ମହାନଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ସେହି ନଦୀଗୁଡ଼ିକରେ ବନ୍ୟା ଦେଖା ଦେଇଥିଲା । ମହାନଦୀର ମୁଣ୍ଡଳୀଠାରେ ଚଳିତ ବନ୍ୟାରେ ସର୍ବାଧିକ ୯.୯୩ ଲକ୍ଷ କ୍ୟୁସେକ୍ ପାଣି ନିଷ୍କାସିତ ହେବା ଫଳରେ ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକରେ ବଳବତ୍ତର ବିପଦ ସଙ୍କେତ

ଅତିକ୍ରମ କରିଥିଲା । ସେହିପରି ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ଉପର ମୁଣ୍ଡରେ ପ୍ରବଳ , ବୃଷ୍ଟିପାତ ଯୋଗୁଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବହୁ ଅଞ୍ଚଳ ଜଳମଗ୍ନ ହେଲା । ସୁବର୍ଣ୍ଣରେଖାର ରାଜଘାଟଠାରେ ଜଳପତନ ବିପଦ ସଙ୍କେତଠୁ ଟପି ୨୦'୮୦ ଫୁଟରେ ପହଞ୍ଚିଥିଲା । ଅତୀତରେ କେବେ ସେଠାରେ ଏତେ ଅଧିକ ବନ୍ୟା ହୋଇ ନ ଥିଲା ।

ଚଳିତ ବନ୍ୟାରେ ସମଗ୍ର ରାଜ୍ୟରେ ବିଭିନ୍ନ ନଦୀମାନଙ୍କରେ ୯୧୬ଟି ଘାଇ ହେବା ଫଳରେ ସମୁଦାୟ ୬ହଜାର ୪୨୫ଟି ଗ୍ରାମର ୨୮ ଲକ୍ଷ ୪୮ ହଜାର ଲୋକ ବିପନ୍ନ ହୋଇଛନ୍ତି । ଏହା ବ୍ୟତୀତ ୧୦ଲକ୍ଷ ୨୪ ହଜାର ଏକର ଜମି ଜଳମଗ୍ନ ହୋଇଛି ଏବଂ ୮ଲକ୍ଷ ୧୭ ହଜାର ଏକର ଜମିର ଫସଲ ନଷ୍ଟ ହୋଇଛି । ପ୍ରାୟ ୧୧କୋଟି ୧୬ ଲକ୍ଷ ଟଙ୍କାର ଫସଲ ନଷ୍ଟ ହୋଇଥିବାର ହିସାବ ହୋଇଛି । ୨୭ ହଜାର ୪୩୧ଟି ଗୃହ ଭାଙ୍ଗିଯିବା ସଙ୍ଗେ ସଙ୍ଗେ ୩୯୪ଟି କ୍ଷୁଦ୍ର ଜଳସେଚନ ଯୋଜନା, ୬୯୭ଟି ପି. ଡବ୍ଲ୍ୟୁ. ଡି. ରାସ୍ତା ଓ ୨୫୧ଟି ପୋଲ ଓ କଲଭର୍ଟ ସମେତ ବହୁ ସାଧାରଣ ଅନୁଷ୍ଠାନ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି । ନଷ୍ଟ ହୋଇଥିବା ଫସଲ, ଘରଦ୍ୱାର ଏବଂ ସାଧାରଣ ସମ୍ପତ୍ତିର ସର୍ବମୋଟ ମୂଲ୍ୟ ୧୯ କୋଟି ୫୨ ଲକ୍ଷ ୬୩ ହଜାର ଟଙ୍କା ହେବ । ବନ୍ୟାଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ୧୨ ହଜାର ୫୮୫ କୁଇଣ୍ଟାଲ ଗହମ ଏବଂ ୩ହଜାର ୮୯୧ କୁଇଣ୍ଟାଲ ଅଟା ସମେତ ଆବଶ୍ୟକ ରିଲିଫ୍ ସାମଗ୍ରୀ ତୁରନ୍ତ ବଣ୍ଟନ କରାଯାଇଛି । ସମୁଦାୟ ୧୨ ଲକ୍ଷ ୮ ହଜାର ଲୋକ ଏଥିଦ୍ୱାରା ଉପକୃତ ହୋଇଛନ୍ତି । ଏହା ବ୍ୟତୀତ ବନ୍ୟାଞ୍ଚଳରେ ତୁରନ୍ତ ସ୍ୱାସ୍ଥ୍ୟରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୩୧ ହଜାର ୬୧୩ ଜଣ ରୋଗୀଙ୍କୁ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୨ଲକ୍ଷ ୨୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତିଷେଧକ ଇଞ୍ଜେକସନ ଦିଆଯାଇଛି ଏବଂ ୯୫ ହଜାର ୫୧୨ ଟଙ୍କା ମୂଲ୍ୟର ଔଷଧ ବଣ୍ଟନ କରାଯାଇଛି । ପଶୁମାନଙ୍କ ଚିକିତ୍ସା ଦିଗରେ ୫୬ ହଜାର ୯୩୨ ଟଙ୍କାର ଔଷଧପତ୍ର ମଧ୍ୟ ଉପଯୋଗ କରାଯାଇଛି । ୧ଲକ୍ଷ ୪୨ ହଜାର ୨୧୪ଟି ଗାଈଗୋରୁଙ୍କୁ ପ୍ରତିଷେଧକ ଇଞ୍ଜେକ୍ସନ ଦିଆଯାଇଛି ।


ଓଡ଼ିଶାବାସୀଙ୍କ ଏ ଦୁର୍ଗତି ସମୟରେ ପ୍ରଧାନମନ୍ତ୍ରୀ ତାଙ୍କ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ୫୦ ହଜାର ଟଙ୍କା ଦାନ କରିଛନ୍ତି । ଏହା ବ୍ୟତୀତ ତ୍ରିପୁରାର ମୁଖ୍ୟମନ୍ତ୍ରୀ ମଧ୍ୟ ୫୦ ହଜାର ଟଙ୍କା ଦାନ କରିଛନ୍ତି । ଚଳିତ ବନ୍ୟାର କ୍ଷୟକ୍ଷତି ଅଟକଳ କରାଯିବାପରେ କେନ୍ଦ୍ର ସରକାରଙ୍କଠାରୁ ଆବଶ୍ୟକ ସାହାଯ୍ୟ ମିଳିବ ବୋଲି ଆଶା କରାଯାଏ ।



## ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାପ୍ରତି ଗତବର୍ଷ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମର ବିଦ୍ୟୁତ୍‌କରଣ ହୋଇଛି

ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଫଳରେ ଗତ ଆର୍ଥିକ ବର୍ଷ ମଧ୍ୟରେ ୪ ହଜାର ୩୬୭ଟି ଗ୍ରାମ ଓ ପଲ୍ଲୀଗ୍ରାମ ଭିତରକୁ ବିଦ୍ୟୁତ୍ ଲାଇନ୍ ସଂପ୍ରସାରିତ ହୋଇଛି । ଫଳରେ ସଂପୃକ୍ତ ଗ୍ରାମବାସୀମାନେ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରିବାର ସୁଯୋଗ ପାଇଛନ୍ତି । ବିଦ୍ୟୁତ୍‌ଶକ୍ତି ପାଇଥିବା ଏହି ଗ୍ରାମଗୁଡ଼ିକ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ୪୮୦ଟି, ବଲାଙ୍ଗୀର ୧୬୪ଟି, ଢେଙ୍କାନାଳର ୧୫୯ଟି, ଗଞ୍ଜାମର ୨୪୩ଟି, କଳାହାଣ୍ଡିର ୨୦୨ଟି, କେନ୍ଦୁଝରର ୧୪୪ଟି, କୋରାପୁଟର ୪୯୭ଟି, ମୟୂରଭଞ୍ଜର ୩୨୧ଟି, ଫୁଲବାଣୀର ୧୦୧ଟି, ପୁରୀର ୩୪୯ଟି ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୬୮ଟି ଗ୍ରାମ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ କଟକ ଜିଲ୍ଲାରେ ସର୍ବାଧିକ ୮୮୩ଟି ଗ୍ରାମ ଏବଂ ତା'ପଛକୁ ସମ୍ବଲପୁର ଜିଲ୍ଲାରେ ୫୫୬ଟି ଗ୍ରାମ ଭିତରକୁ ବିଦ୍ୟୁତ୍ ଲାଇନ୍ ସଂପ୍ରସାରିତ କରାଯାଇଛି । ଏ ବାବଦରେ ବ୍ୟୟ କରାଯାଇଥିବା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟରୁ ରାଜ୍ୟସରକାର ବିଦ୍ୟୁତ୍ ବୋର୍ଡକୁ ୧ କୋଟି ଟଙ୍କା ଦେଇଥିଲେ ।


ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ୪ ହଜାର ୩୬୭ଟି ଗ୍ରାମ ଓ ପଲ୍ଲୀଗ୍ରାମ ଭିତରକୁ ଅତୀତରେ ବିଦ୍ୟୁତ୍ ଲାଇନ୍ ସଂପ୍ରସାରିତ କରା ନଯାଇ କେବଳ ଗ୍ରାମ ନିକଟ ପର୍ଯ୍ୟନ୍ତ ଲାଇନ୍ ଦିଆଯାଇଥିଲା ଏବଂ ଏହି ଗ୍ରାମଗୁଡ଼ିକ ବିଦ୍ୟୁତ୍‌କରଣ ହୋଇଗଲା ବୋଲି ୧୯୭୬-୭୭ ମସିହାରେ ପ୍ରକାଶ କରାଯାଇଥିଲା । ଏହି ଗ୍ରାମଗୁଡ଼ିକୁ ମିଶାଇ ଗତ ଜୁଲାଇ ମାସ ପର୍ଯ୍ୟନ୍ତ ରାଜ୍ୟର ସର୍ବମୋଟ ୧୬ ହଜାର ୨୯ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଗଲାଣି ।



ବନ୍ୟା ଘେରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଦମ୍ପଡ଼ା ପଞ୍ଚାୟତ



ଖରସୁଆଁ ନଦୀ ବନ୍ୟାରେ କ୍ଷତିଗ୍ରସ୍ତ ରସୁଲପୁର ବ୍ଲକର ଗୋଟିଏ ଗ୍ରାମ



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ସେପ୍ଟେମ୍ବର ୩ ତାରିଖ ଦିନ କେନ୍ଦ୍ରାପଡ଼ା ସବ୍-ଡିଭିଜନର ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ଚିତ୍ରରେ : ମୁଖ୍ୟମନ୍ତ୍ରୀ ମାର୍ଶାଘାଇ ଅଞ୍ଚଳରେ ହୋଇଥିବା ଗୋଟିଏ ଘାଇ ଦେଖୁଛନ୍ତି ।



ବାଲେଶ୍ୱର ଜିଲ୍ଲା ବନ୍ୟା ଅଞ୍ଚଳରେ ପାଣି ଘେରରେ ଥିବା ଗୋଟିଏ ଗ୍ରାମରୁ ଡଙ୍ଗା ସାହାଯ୍ୟରେ ଗାମବାସୀମାନଙ୍କୁ ନିରାପଦ ସ୍ଥାନକୁ ଅଣାଯାଉଛି

# ଋଷିପୁଙ୍ଗବ ଶ୍ରୀଅରବିନ୍ଦଙ୍କ ଦୁଇଟି କବିତା

ଭାଷାନ୍ତରେ :
ସୁଜାତା ପ୍ରିୟମ୍ବଦା

॥ ଧ୍ୟାନମୌନ ॥

ଛୋଟିଏ ନିର୍ମଳ ତାରା ପିନ୍ଧି ଟିକା ରଜତ ବିନ୍ଦୁର
ଉପମାନ—ଚନ୍ଦ୍ରମାର ଜ୍ୟୋତିର୍ମୟ ଦେହେ....
ଝଞ୍ଜାଛିନ୍ନ ମେଘରେଖା ପାଣ୍ଡୁନଭ ସୀମାନ୍ତେ ସିନ୍ଦୁର
ଦିଗନ୍ତେ ବିଲୀନ... ଅବଧି ଅକଳୋକ....ମୂର୍ଚ୍ଛାହତ ପ୍ରାୟେ !

ମାନସ ମୋ ଜାଗିଉଠେ ବିନିଷମ ଧ୍ୟାନେ ଉଦ୍ଭାସିତ ..
ନିଃଶବ୍ଦ ଅନ୍ତର—ବହି ଉଭସର ଅସହ ସମ୍ଭାର....
ଚଞ୍ଚଳ ଇନ୍ଦ୍ରିୟ-ନୃତ୍ୟ-ଚକମକ-ଖେଳ-ନିର୍ବାସିତ....
ତନୁ ମୁଗ୍ଧ....ମୌନ... ସିଦ୍ଧ ସ୍ୱର୍ଣ୍ଣକାନ୍ତି ଆଲୋକ ଆସାର !

ହେ ନକ୍ଷତ୍ର ନିରଞ୍ଜନ—ମୂର୍ତ୍ତିମନ୍ତ—ସୃଜନ ବିଳାସ !
ଅଚିନ୍ତ୍ୟ-ଶିହରଣନନ୍ଦ-ଦୀପ୍ତ ସାନ୍ଦ୍ର ହେ ଚନ୍ଦ୍ରମଣ୍ଡଳ !
ଆତ୍ମାର ଯେ ରୂପାନ୍ତର ମନ୍ତ୍ରିବ—ତାର ଝଞ୍ଜାଶ୍ୱାସ !
ଅମ୍ବୁଧି-ସମ୍ପିତ ମମ—ବୀତସଙ୍ଗ—ପୁଲକ-ବିହ୍ୱଳ !

[ TRANCEରୁ ]

॥ ତୁମେ ॥

କେଉଁ ଏକ ଅସ୍ଫୁଟ ଉଷାରେ
କେଉଁ ଏକ କୁହେଳି ସନ୍ଧ୍ୟାରେ
ଆଲୋକର ଆଶ୍ୱାସ ସମାନ
ଆନନ୍ଦର ସ୍ୱପ୍ନଭଳି
ମୋ ପାଖକୁ ଆସ ତୁମେ—
ନିକଟରୁ ଆହୁରି ନିକଟେ ।

[ METRICAL EXPERIMENTSରୁ

ପଲ୍ଲୀ ନିବାସ
ପୋ: ଅ: ଗଣ୍ଡୁଆନ-୭୫୭୦୩୫
ଜିଲ୍ଲା: ମୟୂରଭଞ୍ଜ



# ମତ୍ତହସ୍ତୀ

**ଶ୍ରୀ ସୁଧାକର ମହାପାତ୍ର**

ପ୍ରାପ୍ତ ବୟସ ପୁରୁଷ ହାତୀମାନେ ଅନେକ ସମୟରେ ଉନ୍ମତ୍ତ ହୋଇଉଠନ୍ତି । ଏହି ଅବସ୍ଥାରେ ହାତୀ ଅସ୍ଥିର ଏବଂ ଉତ୍ତେଜିତ ହୁଏ । ଉନ୍ମତ୍ତ ହୋଇ ମାହୁନ୍ତର ନିର୍ଦ୍ଦେଶ ମାନେ ନାହିଁ । ନିଜର ପ୍ରବୃତ୍ତିରେ ପରିଚାଳିତ ହୋଇ ଆକ୍ରମଣଶୀଳ ହୁଏ । ଖୁବ୍ ଶାନ୍ତ ଶିଷ୍ଟ ହାତୀ ମଧ୍ୟ ଏମନ୍ତ ଅବସ୍ଥାରେ ଦୁର୍ଦ୍ଦାନ୍ତ ହୋଇ ଉଠେ, ମନୁଷ୍ୟ-ଜୀବନ ଓ ଧନ ସମ୍ପତ୍ତି ବିପଦର କାରଣ ହୋଇପଡ଼େ । ଏଭଳି ହାତୀ ମଣିଷ, ଗୋରୁ ଗାଈ, ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଚକଟି ମାରିବା, ଶୁଣ୍ଢରେ ଟେକି ଫିଙ୍ଗିଦେବା ଓ ଗଛରେ ପିଟି ମାରିବା ଘରଦ୍ୱାର ଭାଙ୍ଗିବା, ଜିନିଷପତ୍ର ନଷ୍ଟ କରିବା ଏବଂ ଗାଡ଼ି, ମଟର ଓ ରେଳଗାଡ଼ି ପ୍ରଭୃତିର ଦୁର୍ଘଟଣା ଘଟାଇବା ଭଳି ଦୃଷ୍ଟାନ୍ତ ବିରଳ ନୁହେଁ । ବେଳେ ବେଳେ ମାଈ ହାତୀ-ମାନେ ମଧ୍ୟ ଏହି ଅବସ୍ଥାକୁ ଆସନ୍ତି । ଯୌନୋନ୍ମାଦନରୁ ଏ ଅବସ୍ଥାର ଉତ୍ପତ୍ତି ବୋଲି ଅନୁମାନ କରାଯାଏ ।

ହାତୀର ଆଖି ଓ କାନର ମଧ୍ୟବର୍ତ୍ତୀ ସ୍ଥାନରେ ମୁଣ୍ଡର ଦୁଇପାଖରେ ଦୁଇଟି ଛୋଟ ରନ୍ଧ୍ର ଥାଏ । ରନ୍ଧ୍ର ଦୁଇଟିର ଗଭୀରତା ପ୍ରାୟ ଦଶ ସେଣ୍ଟିମିଟର । ଏହା ଟେରଛା ହୋଇ ରହିଥାଏ । ସାଧାରଣ ଅବସ୍ଥାରେ ଏହି ରନ୍ଧ୍ରର ମୁହଁ ବାହାରକୁ ଦେଖାଯାଏ ନାହିଁ । ମାତ୍ର ଉନ୍ମତ୍ତ ଅବସ୍ଥାରେ ରନ୍ଧ୍ର ଦୁଇଟିର ପାର୍ଶ୍ୱ-ବର୍ତ୍ତୀ ମାଂସପେଶୀ ଫୁଲିଯିବା ଫଳରେ ରନ୍ଧ୍ର ଦେଖାଯାଏ । ବେଳେ ବେଳେ ସମୁଦାୟ ମୁଣ୍ଡଟି ଫୁଲିଯାଏ । ସେତେବେଳେ ରନ୍ଧ୍ର ଦୁଇଟି ପରିଷ୍କାର ଦେଖାଯାଏ । ଏଥିରୁ ଏକ ପ୍ରକାର ତରଳ ଅଥଚ ଅଠାଳିଆ ପଦାର୍ଥ ନିର୍ଗତ ହୁଏ । ଏହାକୁ ମଦଜଳ କହନ୍ତି ।

ମଦ ଜଳ ଏକ ତେଲିଆ ପଦାର୍ଥ । ଏହା ଦେଖିବାକୁ ଘନ ଧୂସର ରଙ୍ଗର । ଏହାର ଗନ୍ଧ ଛତିଆନା ଗଛର ଫୁଲ କିମ୍ବା ଗୁଲୁଗାଡ଼ି ଗଛର ଫୁଲର ଗନ୍ଧ ସଙ୍ଗେ ପ୍ରାୟ ସମାନ । ଏହି ଗନ୍ଧ ଏତେ କଡ଼ା ଯେ, ଅନେକ ଦୂର ପର୍ଯ୍ୟନ୍ତ ତାହା ପରିବ୍ୟାପ୍ତ ହୋଇଯାଏ ।

ହାତୀର ବୟସ ଓ ସ୍ୱାସ୍ଥ୍ୟର ଅବସ୍ଥା ଅନୁସାରେ ମଦଜଳର ପରିମାଣ କମ୍ ବା ବେଶୀ ହୋଇଥାଏ । ପନ୍ଦର-ଅଠର ବର୍ଷ ବୟସରୁ ମଦଜଳର ପ୍ରବାହ ଆରମ୍ଭ ହୁଏ । ଏହି ଅବସ୍ଥାରୁ ପ୍ରାୟ ପଞ୍ଚତିରିଶ ବର୍ଷ ବୟସ ପର୍ଯ୍ୟନ୍ତ ମଦଜଳର ପରିମାଣ ଅପେକ୍ଷାକୃତ କମ୍ ଥାଏ । ପଞ୍ଚତିରିଶ ବର୍ଷରୁ ପଞ୍ଚସ୍ତରିଶ ବର୍ଷ ବୟସ ମଧ୍ୟରେ ଏହାର ପରିମାଣ ବେଶୀ ହୁଏ । ଅନେକ ସ୍ଥଳରେ ଏହି ମଦଜଳର ପ୍ରବାହ ଏତେ ବେଶୀ ହୁଏ ଯେ ତାହା ଟୋପା ଟୋପା ହୋଇ ତଳେ ପଡ଼େ ଏବଂ ମାଟି ଉପରେ ଜମି ରହେ । ମତ୍ତ ହାତୀ ଅଧିକ ଉତ୍ତେଜିତ ହେଲେ ଏହି ପ୍ରବାହ ବଢ଼ିଯାଏ । ପଚାଶ ବର୍ଷ ଟପିଲେ ମଦ-ଜଳର ପରିମାଣ କମି ଆସେ ।

ମଦଜଳ ପ୍ରବାହର ପ୍ରାୟ ମାସକ ଆଗରୁ ହାତୀର ମାନସିକ ଅବସ୍ଥାରେ କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ପରିଲକ୍ଷିତ ହୁଏ । ପ୍ରବାହ ଆରମ୍ଭ ହେଲେ ତାହା ପ୍ରାୟ ଏକମାସ ପର୍ଯ୍ୟନ୍ତ ଲାଗିରହେ । ପ୍ରବାହ ବନ୍ଦ ହେଲା ପରେ ହାତୀର ସ୍ୱାଭାବିକ ଅବସ୍ଥା ଫେରି ଆସିବାକୁ ପ୍ରାୟ ମାସେ ସମୟ ଲାଗେ । ଅତଏବ ମତ୍ତ ହାତୀର ଅସ୍ୱାଭାବିକ ଅବସ୍ଥା ପ୍ରାୟ ତିନି ମାସପର୍ଯ୍ୟନ୍ତ ରହେ । ଏହି ସମୟ ମଧ୍ୟରେ ସେ ଉତ୍ତେଜିତ ରହେ ଏବଂ ତା'ର ହାବଭାବରେ ଯୌନାବେଗ ପରିଲକ୍ଷିତ ହୁଏ ।

ଜୀବ ବିଜ୍ଞାନୀମାନଙ୍କ ମତରେ ହାତୀର କପୋଳ ଦେଶରେ ଥିବା ଦୁଇଟି ଗ୍ରନ୍ଥିରୁ ମଦଜଳ ନିର୍ଗତ ହୁଏ । ଉନ୍ମତ୍ତ ଅବସ୍ଥାରେ ଏହି ଗ୍ରନ୍ଥି ଦୁଇଟି ଫୁଲିଯାଏ । ତେଣୁ କପୋଳ ଉଚ୍ଚା ଦେଖାଯାଏ । ମଦଜଳ ପ୍ରବାହିତ ହେଉଥିବା ଅବସ୍ଥାରେ ହାତୀ ଖୁବ୍ କମ୍ ପରିମାଣରେ ମୂତ୍ର ତ୍ୟାଗ କରେ । ମୂତ୍ରର ରଙ୍ଗ ଗାଢ଼ ହଳଦିଆ । ଏହାର ଗନ୍ଧ ମଦଜଳର ଗନ୍ଧପରି । ଏଥିରୁ ଅନୁମାନ କରାଯାଏ ଯେ, ଉନ୍ମତ୍ତ ଅବସ୍ଥାରେ ମାନସିକ ପରିବର୍ତ୍ତନ ଛଡ଼ା ହାତୀର ଶରୀର ମଧ୍ୟରେ ଅନେକ ତାତ୍ତ୍ୱିକ ପରିବର୍ତ୍ତନ ମଧ୍ୟ ଘଟେ ।

ଛନ୍ଦ ବିଶେଷରେ ଦେଖାଯାଇଛି ଯେ ମଦଜଳ ଶୁଖିଯାଇ ମଦ-ରନ୍ଧ୍ରର ମୁହଁ ବନ୍ଦ କରିଦିଏ । ଫଳରେ ମଦଜଳ ନିର୍ଗତ ହୋଇ ନପାରି ଭିତରେ ଜମିରହେ । ତେଣୁ ହାତୀ କଷ୍ଟ ଅନୁଭବ କରେ । ଏହି ଯନ୍ତ୍ରଣାରୁ ରକ୍ଷା ପାଇବାକୁ ସେ ପ୍ରବଳ ବେଗରେ ଦୌଡ଼େ । ସାମନାରେ ଜୀବଜନ୍ତୁ ଆସିଲେ ଚକଟି ମାରି ପକାଏ କିମ୍ବା ଶୁଣ୍ଢରେ ଟେକି ଫିଙ୍ଗିଦିଏ ଅଥବା ପିଟିଦିଏ । ଘର-ଦ୍ୱାର ଗାଡ଼ି-ମଟର ଇତ୍ୟାଦିକୁ ଭାଙ୍ଗି ପକାଇବାକୁ ଚେଷ୍ଟା କରେ । ବେଦନାର ଉପଶମ ପାଇଁ ମୁଣ୍ଡକୁ ଖୁବ୍ ଜୋରରେ ଡୋହଲାଏ, ଏପରିକି ବେଳେ ବେଳେ ନିଜ ମୁଣ୍ଡକୁ ଗଛ ବା ପଥର ଉପରେ ପିଟି ଥାଏ । ଶୁଣ୍ଢରେ ପାଣି ନେଇ ସୂକ୍ଷ୍ମଧାରରେ ମଦ-ରନ୍ଧ୍ର ଭିତରକୁ ଛାଡ଼େ । ବେଳେ ବେଳେ ଉତ୍ତେଜିତ ହୋଇ ଗର୍ଜନ କରେ ଏବଂ ଦାନ୍ତରେ ଶକ୍ତ ମାଟି, ପଥର ଏବଂ ବଡ଼ ବଡ଼ ଗଛ-ମାନଙ୍କରେ ପ୍ରଚଣ୍ଡ ଆଘାତ କରେ । ଏହା ଫଳରେ ମଦ-ରନ୍ଧ୍ରର ମୁହଁ ଖୋଲିଯାଇ ମଦଜଳ ନିର୍ଗତ ହୋଇଯାଏ । ଏଥିରେ କିଛିଟା ଶାନ୍ତି ମିଳେ ।

ପୋଷା ହାତୀ ପ୍ରମତ୍ତ ହେଲେ ପ୍ରଥମେ ସେ ତା'ର ମାହୁନ୍ତ ଏବଂ ତା'ର ଯତ୍ନ ନେଉଥିବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଆକ୍ରମଣାତ୍ମକ ବ୍ୟବହାର ଦେଖାଏ । ତେଣୁ ଉକ୍ତ ମାହୁନ୍ତ କିମ୍ବା ନିକଟରେ ରହୁଥିବା ପରିଚିତ ଲୋକମାନଙ୍କ ଦ୍ୱାରା ହାତୀକୁ ଆୟତ୍ତ କରିବାକୁ ଚେଷ୍ଟା ନକରିବା ଉଚିତ । ତାହାହେଲେ ହାତୀ ଅଧିକ ଉତ୍ତେଜିତ ହୁଏ ଏବଂ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼େ । ଅନ୍ୟ ସ୍ଥାନରୁ ଅପରିଚିତ ମାହୁନ୍ତ ଅଣାଇ ଏଭଳି ହାତୀକୁ ଆୟତ୍ତ କରିବା ଦରକାର । ହାତୀ ଯଦି ଖୋଲା ବୁଲୁଥାଏ, ତେବେ ତାକୁ ଫୁସେଇ ଫସେଇ କରି ବାନ୍ଧି ପକାଇବା ବିଧେୟ । ପ୍ରାୟ ଦଶମିଟର ଉପର ଶକ୍ତ ଲୁହା ଶିକୁଳିରେ ଗୋଟିଏ ଆଗଗୋଡ଼କୁ ଏବଂ ଗୋଟିଏ ପଛଗୋଡ଼କୁ ଶକ୍ତ ଖୁଣ୍ଟ ବା ଗଛ ସହିତ ବାନ୍ଧିବା ଦରକାର । ଅନେକ ସମୟରେ ଅଭିଜ୍ଞ ମାହୁନ୍ତମାନେ ପୂର୍ବରୁ ହାତୀର ପ୍ରମତ୍ତାବସ୍ଥାର ଆଭାସ ପାଇ ତାକୁ ବାନ୍ଧି ପକାନ୍ତି । ଏପରି ସ୍ଥଳରେ ହାତୀଠାରୁ ବିପଦର ଆଶଙ୍କା ବହୁତ କମ୍ । ଏତଦ୍‌ବ୍ୟତୀତ ମତ୍ତ ହାତୀର ଚିକିତ୍ସା କରାଇବା ସହଜ ହୁଏ ।

ବାନ୍ଧି ପକାଇବା ପରେ ତା'ର ଖାଦ୍ୟର ପରିମାଣ କମାଇ ଦିଆଯାଏ । ପାଚିଲା କଦଳୀ, ଗୁଡ଼ କିମ୍ବା ଅନ୍ୟ କୌଣସି ସୁସ୍ୱାଦୁ ଖାଦ୍ୟ ସଙ୍ଗେ ଅଫିମ, ଗଞ୍ଜେଇ, ଧୂଆଁପତ୍ର ଗୁଣ୍ଡ କିମ୍ବା ସେଇ ଧରଣର ଅନ୍ୟ କୌଣସି ନିଦ୍ରା-କାରକ ପଦାର୍ଥ ଖାଇବାକୁ ଦେଇ ତାକୁ ଶୁଆଇ ରଖିବା ଉଚିତ । ବ୍ରୋମାଇଡ୍ ଭଳି ଶାନ୍ତିକାରକ ପଦାର୍ଥ ମଧ୍ୟ ଏ କ୍ଷେତ୍ରରେ ବ୍ୟବହାର କରା ଯାଇଥାଏ । ମତ୍ତ ହାତୀକୁ ଖାଇବାକୁ ଦେଲାବେଳେ ଖୁବ୍ ସାବଧାନତା ଅବଲମ୍ବନ କରିବା ଦରକାର । ଦୂରରେ ରହି ଖାଦ୍ୟ ପଦାର୍ଥକୁ ତା' ପାଖକୁ ଫିଙ୍ଗି-ଦେବା ଉଚିତ । ଏ ଅବସ୍ଥାରେ ହାତୀକୁ କୌଣସି ପ୍ରକାରେ ବିରକ୍ତ କରିବା ଅନୁଚିତ ।

ହାତୀର ଉନ୍ମତ୍ତାବସ୍ଥା ପାଗଳାବସ୍ଥାଠାରୁ ଭିନ୍ନ । କେତେକ ସ୍ଥଳରେ ପୋଷାହାତୀ-ମାନେ ଉନ୍ମତ୍ତାବସ୍ଥାରୁ ପାଗଳ ହୋଇଥିବାର ଦେଖା ଯାଇଛି । ପୂର୍ବକାଳରେ ରାଜା-ମହାରାଜା, ଶିକାରୀ ଏବଂ ମାହୁନ୍ତମାନଙ୍କର ଧାରଣା ଥିଲା ଯେ, ମଦଜଳ ହାତୀର ମସ୍ତିଷ୍କରୁ ନିର୍ଗତ ହୁଏ ଏବଂ ଏହା ଫଳରେ ହାତୀର ମସ୍ତିଷ୍କ ବିକୃତି ଘଟେ । ମାତ୍ର ଏ ଧାରଣା ଅମୂଳକ । ଆଜିକାଲି ବିଶ୍ୱାସ କରାଯାଉଛି ଯେ ଯୌନ ଉନ୍ମାଦନାରୁ ହାତୀ ପ୍ରମତ୍ତ ହୁଏ । ତେଣୁ ମତ୍ତ ହାତୀ ନିକଟରେ ବିପରୀତ ଲିଙ୍ଗର ସାଧାରଣ ହାତୀକୁ ରଖାଇ ମତ୍ତ-ହାତୀକୁ ଶାନ୍ତ କରିବାର ଚେଷ୍ଟା କରାଯାଏ । ଛନ୍ଦ ବିଶେଷରେ ଦେଖାଯାଇଛି ଯେ, ଯୌନ କାମନାର ପରିତୃପ୍ତିରେ ମତ୍ତହାତୀ ସ୍ୱାଭାବିକ ଆଚରଣ ଦେଖାଏ । ମାତ୍ର ଏହା ସର୍ବଦା ସର୍ବତ୍ର ସମ୍ଭବ ନୁହେଁ ।

ଆଫ୍ରିକୀୟ ହାତୀମାନଙ୍କ ଅପେକ୍ଷା ଏସୀୟ ହାତୀମାନେ ଅଧିକ ମାତ୍ରାରେ ଉନ୍ମତ୍ତ ହୁଅନ୍ତି । ଜଙ୍ଗଲୀ ହାତୀମାନଙ୍କ ଅପେକ୍ଷା ପୋଷା ହାତୀମାନେ ସହଜରେ ଏହି ବ୍ୟାଧିରେ ଆକ୍ରାନ୍ତ ହୁଅନ୍ତି । ମାଈ ହାତୀଙ୍କ ଅପେକ୍ଷା ପୁରୁଷ ହାତୀମାନେ ଅଧିକ ମାତ୍ରାରେ, ଅଧିକ ସମୟରେ ଏବଂ ଅଧିକ ସଂଖ୍ୟାରେ ପ୍ରମତ୍ତ ହୁଅନ୍ତି । ଗ୍ରୀଷ୍ମ ଋତୁ ଅପେକ୍ଷା ଶୀତ ଋତୁରେ ଏହି ବ୍ୟାଧି ଅଧିକ ମାତ୍ରାରେ ଦେଖାଯାଏ । କମ୍ ଖାଦ୍ୟ ଖାଇ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କଠିନ ପରିଶ୍ରମ କରୁଥିବା ହାତୀମାନଙ୍କ ଅପେକ୍ଷା କମ୍ ପରିଶ୍ରମ କରି ଖାଦ୍ୟ ପ୍ରାଚୁର୍ଯ୍ୟ ଏବଂ ବିଳାସ ଭିତରେ ରହୁଥିବା ହାତୀମାନେ ସହଜରେ ପ୍ରମତ୍ତ ଅବସ୍ଥାକୁ ଆସନ୍ତି । କେଉଁ ନିର୍ଦ୍ଦିଷ୍ଟ କାରଣରୁ ହାତୀ ପ୍ରମତ୍ତ ହୁଏ ଏବଂ କି ପ୍ରକାର ଶରୀର ତାତ୍ତ୍ୱିକ କିମ୍ବା ମାନସିକ ଅବସ୍ଥାରୁ ଏହି ବ୍ୟାଧିର ଉତ୍ପତ୍ତି ସେ କଥା ନିଶ୍ଚିତ ରୂପେ ଜଣା ଯାଇନାହିଁ । ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଅପେକ୍ଷା ହାତୀ ଜନ-ଜୀବନ ସଙ୍ଗେ ଅଧିକ ସମ୍ପୃକ୍ତ ଥିବା ଦୃଷ୍ଟିରୁ ଏ ଦିଗରେ ଅଧିକ ଅନୁଧ୍ୟାନ ହେବା ଉଚିତ ।

## ୩ ହଜାର ୨୫୧ ଟି ହଲର ଲାଇସେନ୍ସ ଦିଆଯାଇଛି

ଗତ ଜାନୁଆରୀ ମାସଠାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୩ ହଜାର ୨୫୧ ଟି ହଲର ଲାଇସେନ୍ସ ଦିଆଯାଇଛି । ଏତଦ୍ୱାରା ଗାଁ ଗଣ୍ଡାରେ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାରେ ସୁବିଧା ମିଳିପାରିଛି । ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୭୪ ଠାରୁ ୧୯୭୭ ମସିହା ମଧ୍ୟରେ କେବଳ ୭୮୦ ଟି ହଲର ଲାଇସେନ୍ସ ଦିଆଯାଇଥିଲା ।

ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ ଯେ ଗାଁ ଗହଳରେ ଆତ୍ମ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଓ କ୍ଷୁଦ୍ର ଶିଳ୍ପର ପ୍ରସାର ନିମନ୍ତେ ହଲର ବସାଇବା ସଂକ୍ରାନ୍ତ ନୀତି ରାଜ୍ୟ ସରକାର ଗତ ଜାନୁଆରୀ ମାସଠାରୁ କୋହଳ କରି ଦେଇଛନ୍ତି । ଏଥିପୂର୍ବରୁ ମାଷ୍ଟର ପ୍ଲାନକୁ ଭିତ୍ତି କରି ହଲର ଅନୁମତି ପାଇବା ପାଇଁ ଦରଖାସ୍ତକାରୀଙ୍କୁ ଦୀର୍ଘ ଦିନ ଧରି ହଇରାଣ ହେବାକୁ ପଡୁଥିଲା । ଏହି ପ୍ଲାନକୁ ରଦ୍ଦ କରାଯିବା ଫଳରେ ହଲର ପାଇଁ ଲାଇସେନ୍ସ ମିଳିବା ସହଜ ହୋଇ ପାରିଛି ।

# ଜିଲ୍ଲା ଶିଳ୍ପ କେନ୍ଦ୍ର

ଶ୍ରୀ ନୃସିଂହ ଚରଣ ମିଶ୍ର

ବ୍ୟାପକ ଭାବରେ କ୍ଷୁଦ୍ର, ଗ୍ରାମ୍ୟ ଓ କୁଟୀରଶିଳ୍ପ ସ୍ଥାପନ କରି ଆମ ରାଜ୍ୟରେ ଦେଖା ଦେଇଥିବା ଉତ୍କଟ ବେକାର ସମସ୍ୟାର ସମାଧାନ ବିଶେଷତଃ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ଦୁରବସ୍ଥା ସୁଧାରିବା ଲକ୍ଷ୍ୟରେ ସଂପ୍ରତି ଜିଲ୍ଲା ଶିଳ୍ପ କେନ୍ଦ୍ର ମାନ ସ୍ଥାପନ କରା ଯାଉଛି । ଆମ ରାଜ୍ୟରେ ସବୁ ଜିଲ୍ଲାରେ ଏହି କେନ୍ଦ୍ରମାନ ସ୍ଥାପନ କରା ଯାଉଛି ଏବଂ ଏଗୁଡ଼ିକୁ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକ ସ୍ଥାପନ ପୂର୍ବରୁ ଶିଳ୍ପ ପ୍ରସାର ବିଷୟରେ ବୁଝାସୁଝା କରିବା ପାଇଁ ଜଣେ ମାତ୍ର ଦ୍ୱିତୀୟ ଶ୍ରେଣୀ ପାହ୍ୟାର ଅଫିସର ନିଯୁକ୍ତ ଥିଲେ ଏବଂ ବ୍ୟବସ୍ଥା ଗୁଡ଼ିକ ଏପରି ଥିଲା ଯେ, ତାହା ଗାଁ ଗହଳରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଅନେକ କ୍ଷେତ୍ରରେ ସନ୍ଦେହରେ ପକାଉଥିଲା ଏବଂ ଗୋଟିଏ ସଂସ୍ଥାରୁ ଆଉ ଗୋଟିଏ ସଂସ୍ଥାକୁ ବାରମ୍ବାର ଦୌଡ଼ି ସେମାନେ କେବଳ ଖର୍ଚ୍ଚାନ୍ତ ହେଉ ନ ଥିଲେ ବରଂ ଅନେକାଂଶରେ ହତାଶ ହୋଇ ପଡୁଥିଲେ । ନୂତନ ବ୍ୟବସ୍ଥା ଫଳରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ କେବଳ ତାଙ୍କ ଜିଲ୍ଲାରେ ଥିବା ଶିଳ୍ପ କେନ୍ଦ୍ର ସହିତ ଯୋଗାଯୋଗ ସ୍ଥାପନ କରିବାକୁ ହେବ । ଏହି କେନ୍ଦ୍ରରୁ ଶିଳ୍ପ ସମ୍ବନ୍ଧୀୟ ସମସ୍ତ ପ୍ରକାର ସାହାଯ୍ୟ ଯେତେ ଦୂର ସମ୍ଭବ କମ୍ ସମୟ ମଧ୍ୟରେ ମିଳି ପାରିବ । କ୍ଷୁଦ୍ର, କୁଟୀର ଓ ଗ୍ରାମ୍ୟ ଶିଳ୍ପର ସମସ୍ତ ଆବଶ୍ୟକତା ଗୋଟିଏ ଜାଗାରେ, ଗୋଟିଏ ସଂସ୍ଥାରେ ପୂରଣ କରିବା ହେଉଛି ଜିଲ୍ଲା ଶିଳ୍ପ କେନ୍ଦ୍ର ସ୍ଥାପନର ଲକ୍ଷ୍ୟ । ଏହି ଗୋଟିଏ ସଂସ୍ଥାରୁ ଶିଳ୍ପ ଉଦ୍ୟୋଗୀ ତା'ର ପରିକଳ୍ପିତ ଶିଳ୍ପର ସମ୍ଭାବ୍ୟ ରିପୋର୍ଟ (Feasibility report), ସେଥିପାଇଁ ଦରକାର ହେଉଥିବା ଯନ୍ତ୍ରପାତି, କଞ୍ଚାମାଲ, ଋଣ ଓ ବଜାର ସମ୍ବନ୍ଧରେ ସାହାଯ୍ୟ ପାଇ ପାରିବେ ।

ଜିଲ୍ଲା ଶିଳ୍ପ କେନ୍ଦ୍ର ଗୁଡ଼ିକରୁ ଯେଉଁ ସାହାଯ୍ୟ ମିଳି ପାରିବ ତାହା ଆଲୋଚନା କରିବା ପୂର୍ବରୁ ରାଜ୍ୟ ସରକାର ପ୍ରତ୍ୟେକ କେନ୍ଦ୍ରରେ କେଉଁ କେଉଁ ପ୍ରକାରର କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି ଓ ସେମାନଙ୍କର କର୍ତ୍ତବ୍ୟ କ'ଣ ସେଥି ସମ୍ବନ୍ଧେ ସମ୍ୟକ୍ ସୂଚନା ଦେବା ଆବଶ୍ୟକ, କାରଣ ଏହା ଶିଳ୍ପ କେନ୍ଦ୍ରର ସାହାଯ୍ୟ ସମ୍ବନ୍ଧରେ ଯଥେଷ୍ଟ ଧାରଣା ଦେବ ।

ପ୍ରତ୍ୟେକ କେନ୍ଦ୍ରରେ ବର୍ତ୍ତମାନ ପାଇଁ ପ୍ରଥମ ଶ୍ରେଣୀ ପାହ୍ୟାର ପାଞ୍ଚ ଜଣ ମ୍ୟାନେଜର ଅଛନ୍ତି । ଆବଶ୍ୟକ ସ୍ଥଳେ ଏମାନଙ୍କର ସଂଖ୍ୟା ସାତକୁ ବଢ଼ାଇ ଦେବାର ବ୍ୟବସ୍ଥା ମଧ୍ୟ ଅଛି । ଏହି ପାଞ୍ଚଜଣ ମ୍ୟାନେଜରଙ୍କ ମଧ୍ୟରୁ ଜଣେ ହେଲେ—ଅର୍ଥନୈତିକ ଅନୁସନ୍ଧାନ ଓ ବିପଣନ ମ୍ୟାନେଜର । ସେ ଜିଲ୍ଲାରେ କି କି କଞ୍ଚା ମାଲ ମିଳୁଛି, କି ପ୍ରକାର ଶିଳ୍ପ ସ୍ଥାପନ ପାଇଁ ସୁବିଧା ରହିଛି, ଲୋକଶକ୍ତି, ଜଳ ଓ ବିଦ୍ୟୁତ୍ ଶକ୍ତିର କି କି ସୁବିଧା ଅଛି ଓ ଶିଳ୍ପ ପାଇଁ ଅର୍ଥ ଯୋଗାଣ ବ୍ୟବସ୍ଥା, ଉତ୍ପନ୍ନ ମାଲର ବିକ୍ରିବଟା ସଂପର୍କରେ ବ୍ୟାପକ ଅନୁସନ୍ଧାନ କରି ଶିଳ୍ପ ଉଦ୍ୟୋଗୀମାନଙ୍କୁ ଉପଯୁକ୍ତ ଶିଳ୍ପ ନିର୍ବାଚନରେ ସାହାଯ୍ୟ ଓ ପରାମର୍ଶ ଦେବେ । ଏହା ବ୍ୟତୀତ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ବିକ୍ରୟ ବ୍ୟବସ୍ଥାରେ ସାହାଯ୍ୟ କରିବେ ।

ଯନ୍ତ୍ରପାତି ଓ କଞ୍ଚାମାଲ ଦାୟିତ୍ୱରେ ଥିବା ମ୍ୟାନେଜର ଶିଳ୍ପ ଉଦ୍ୟୋଗୀମାନଙ୍କୁ ଉପଯୁକ୍ତ ଯନ୍ତ୍ରପାତି ଉଚିତ ମୂଲ୍ୟରେ ଖରିଦ କରିବା ପାଇଁ ଓ ସେଗୁଡ଼ିକ ସ୍ଥାପନ କରିବା ଦିଗରେ ସାହାଯ୍ୟ କରିବେ ।

ଋଣ ଦାୟିତ୍ୱରେ ଥିବା ମ୍ୟାନେଜର ଶିଳ୍ପ ସଂସ୍ଥାମାନଙ୍କୁ ଅର୍ଥ ଯୋଗାଣର ସମସ୍ତ ପ୍ରକାର ବ୍ୟବସ୍ଥା କରିବେ ।

କୁଟୀର ଶିଳ୍ପ ମ୍ୟାନେଜର ଗ୍ରାମ୍ୟ ଓ କୁଟୀର ଶିଳ୍ପର ଅଭିବୃଦ୍ଧି ପାଇଁ ଯତ୍ନବାନ ହେବେ ଓ ସମସ୍ତ ପ୍ରକାର ସାହାଯ୍ୟ ଦେବେ ।

ଉପରୋକ୍ତ ଚାରିଜଣ ମ୍ୟାନେଜରଙ୍କ ବ୍ୟତୀତ ଗବେଷଣା, ପ୍ରସାରଣ ଓ ପରୀକ୍ଷଣ ମ୍ୟାନେଜର ଶିଳ୍ପ ଉଦ୍ୟୋଗୀମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରିବେ ଏବଂ ଶିଳ୍ପଜାତ ଦ୍ରବ୍ୟ ଗୁଡ଼ିକର ମାନ ବଢ଼ାଇବା ଓ ଆଧୁନିକ ଉତ୍ପାଦନ ପ୍ରଣାଳୀ ସଂପର୍କରେ ପରାମର୍ଶ ଦେବେ ।

ମ୍ୟାନେଜରଙ୍କୁ ସାହାଯ୍ୟ କରିବାକୁ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ପାଞ୍ଚଜଣ ସହକାରୀ ମ୍ୟାନେଜର ଓ ଆବଶ୍ୟକ କର୍ମଚାରୀ ରହିଛନ୍ତି । ସର୍ବୋପରି ପରିଚାଳନା ଦାୟିତ୍ୱରେ ଜଣେ ଜେନେରାଲ ମ୍ୟାନେଜର ଅଛନ୍ତି ।

ଯେଉଁ ଶିକ୍ଷିତ ଶିଳ୍ପ ଉଦ୍ୟୋଗୀମାନେ ଶିଳ୍ପ ସ୍ଥାପନ ଓ ପରିଚାଳନାଗତ ଟ୍ରେନିଂ ନେବାକୁ ଚାହାନ୍ତି ସେମାନଙ୍କୁ ରାଜ୍ୟ ମଧ୍ୟରେ ଏପରିକି ବାହାରେ ମଧ୍ୟ, ତାଲିମ ଦିଆ ଯିବାର ବ୍ୟବସ୍ଥା କରାଯାଉଛି । ତାଲିମ ସମୟରେ ଶିକ୍ଷାର୍ଥୀମାନଙ୍କୁ ବୃତ୍ତି ଦିଆ ଯିବାର ସୁବିଧା ଅଛି ।

କାରିଗରମାନଙ୍କୁ ତାଲିମ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଯେଉଁ କାରିଗରମାନେ ନିଜ କର୍ମଦକ୍ଷତା ବଢ଼ାଇବାକୁ ଚାହାନ୍ତି କିମ୍ବା କାରିଗରୀ ଯେଉଁମାନଙ୍କର ବଂଶଗତ ପେଶା ନୁହେଁ ଅଥଚ ସେମାନେ କୌଶଳୀ କାରିଗର ହେବାକୁ ଚାହାନ୍ତି ସେମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନ ବା ଶିଳ୍ପ ସଂସ୍ଥାମାନଙ୍କରେ ତାଲିମ ଦିଆଯିବାର ବନ୍ଦୋବସ୍ତ କରାଯିବ । ଦରକାର ହେଲେ ରାଜ୍ୟ ବାହାରକୁ ମଧ୍ୟ ଗସ୍ତ ଖର୍ଚ୍ଚ ଦିଆଯାଇ ପଠାଯିବ । ଆବଶ୍ୟକ ସ୍ଥଳେ ଅଭିଜ୍ଞ ଓ ଦକ୍ଷ କାରିଗରମାନଙ୍କୁ ଗ୍ରାମାଞ୍ଚଳକୁ ନେଇ ସ୍ଥାନୀୟ ଲୋକଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯିବ । ସରକାର ଶିକ୍ଷା ଦେଉଥିବା ଅଭିଜ୍ଞ କାରିଗରମାନଙ୍କର ଦରମା ଓ ତାଲିମପାଇଁ ଆବଶ୍ୟକ ଯନ୍ତ୍ରପାତି ଓ କଞ୍ଚାମାଲ ଯୋଗାଇ ଦେବେ । କାରିଗରୀ ଶିକ୍ଷା କରୁଥିବା ସମସ୍ତ ଶିକ୍ଷାନବିସମାନଙ୍କୁ ବୃତ୍ତି ଦିଆଯିବ । ତାଲିମ ପରେ ସମସ୍ତ କାରିଗରମାନଙ୍କୁ ଆଧୁନିକ

ଧରଣର ହାତ ହତିଆର ମାଗଣାରେ ଯୋଗାଇ ଦିଆଯିବ । ଯେଉଁମାନେ ଯନ୍ତ୍ରପାତି କିଣିବାକୁ ଚାହିଁବେ ସେମାନଙ୍କୁ ଦାମର ଏକ ତୃତୀୟାଂଶ ସାହାଯ୍ୟ ଆକାରରେ ଓ ଅବଶିଷ୍ଟ ଋଣ ଆକାରରେ ମଧ୍ୟ ଦିଆଯିବ । କିନ୍ତୁ ଯେଉଁ କାରିଗରମାନେ ଏକତ୍ରିତ ହୋଇ ସମବାୟ ସମିତି ମାଧ୍ୟମରେ ଶିଳ୍ପ ସ୍ଥାପନ କରିବାକୁ ଚାହିଁବେ ସେମାନଙ୍କୁ ସମିତିର ଅଂଶ ଖରିଦ କରିବାକୁ ସାହାଯ୍ୟ ଦିଆଯିବ । ଏହା ବ୍ୟତୀତ କାରଖାନା ଘର ଓ ଯନ୍ତ୍ରପାତି ଖରିଦ କରିବା ପାଇଁ ଦରକାର ହେଉଥିବା ଅର୍ଥର ଅର୍ଦ୍ଧେକ ସାହାଯ୍ୟ ଆକାରରେ ଓ ଅବଶିଷ୍ଟ ଋଣ ଆକାରରେ ମିଳି ପାରିବ । ଶିଳ୍ପ ସମବାୟ ସମିତି ଗୁଡ଼ିକୁ ପ୍ରଥମ ଚାରି ବର୍ଷ ପାଇଁ ପରିଚାଳନାଗତ ସାହାଯ୍ୟ ମଧ୍ୟ ମିଳିବ ।

ଶିଳ୍ପ କେନ୍ଦ୍ରଗୁଡ଼ିକ ରିହାତି ହାରରେ ଶିଳ୍ପସ୍ଥାପନ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ପୁଞ୍ଜି ରାଜ୍ୟ ସରକାର, ଭାରତ ସରକାର, ବିଭିନ୍ନ ବ୍ୟାଙ୍କ, ରାଜ୍ୟ ଅର୍ଥ କର୍ପୋରେସନ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥାରୁ ଯୋଗାଡ଼ କରି ଦେବେ । ଏଣିକି ଶିଳ୍ପ ଉଦ୍ୟୋଗୀମାନଙ୍କୁ ଋଣ ପାଇଁ ଉପରୋକ୍ତ ଅନୁଷ୍ଠାନମାନଙ୍କୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ । ଋଣ ଦାୟିତ୍ୱରେ ଥିବା ମ୍ୟାନେଜର ଏ ଦିଗରେ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ଏ ସବୁ ସାହାଯ୍ୟ ବ୍ୟତୀତ ରାଜ୍ୟ ସରକାର, କେନ୍ଦ୍ର ସରକାର, ଖଦୀ କମିଶନ ଇତ୍ୟାଦି କ୍ଷୁଦ୍ର ଓ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ପାଇଁ ଯେଉଁ ସମସ୍ତ ରିହାତି ଓ ସାହାଯ୍ୟ ଦେଉଅଛନ୍ତି ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ସେ ସମସ୍ତ ମିଳି ପାରିବ ।

କେନ୍ଦ୍ର ସରକାର ଅନଗ୍ରସର ଜିଲ୍ଲାରେ ଶିଳ୍ପ ସ୍ଥାପନ କଲେ କିମ୍ବା ସ୍ଥାପିତ ଶିଳ୍ପର ସଂପ୍ରସାରଣ କଲେ ସ୍ଥାୟୀ ମୂଳଧନର ଶତକଡ଼ା ୧୫ ଭାଗ ଏବଂ ଅନ୍ୟ ଜିଲ୍ଲାମାନଙ୍କ ପାଇଁ ରାଜ୍ୟ ସରକାର ଶତକଡ଼ା ୧୦ ଭାଗ ସାହାଯ୍ୟ ଦେଇ ଥାଆନ୍ତି । ରାଜ୍ୟରେ ଥିବା କ୍ଷୁଦ୍ର ଶିଳ୍ପ ସେବା ସଂସ୍ଥା ଜରିଆରେ ଶିଳ୍ପ ଉଦ୍ୟୋଗୀ କୌଣସି ବିଶେଷଜ୍ଞଙ୍କ ପରାମର୍ଶ ନେଲେ କେନ୍ଦ୍ର ସରକାର ଖର୍ଚ୍ଚର ଅନେକାଂଶ ବହନ କରି ଥାଆନ୍ତି । ସେହିପରି ରାଜ୍ୟ ସରକାର କୌଣସି ପ୍ରକାର ନୂତନ ଧରଣର ଶିଳ୍ପ ପାଇଁ ପ୍ରୋଜେକ୍ଟ ରିପୋର୍ଟ ତିଆରି କରିବାକୁ ହେଲେ ଖର୍ଚ୍ଚର ଶତକଡ଼ା ୭୫ ଭାଗ ବହନ କରି ଥାଆନ୍ତି । ନୂତନ ଭାବେ ସ୍ଥାପିତ ହୋଇଥିବା କିମ୍ବା ସଂପ୍ରସାରିତ ହୋଇଥିବା ଶିଳ୍ପ ସଂସ୍ଥା ଆରମ୍ଭରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଯେତେ ବିଦ୍ୟୁତ ଶକ୍ତି ଖର୍ଚ୍ଚ କରିବେ ତାର ଶତକଡ଼ା ୧୨'୫ ଭାଗ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ରାଜ୍ୟ ସରକାର ଉତ୍ପାଦନର ପ୍ରଥମ ପାଞ୍ଚବର୍ଷ ପାଇଁ ବିକ୍ରି କର ବାବଦ ଟଙ୍କା ବିନା ସୁଧରେ ଋଣ ଆକାରରେ ଦିଅନ୍ତି । ଏହା ବ୍ୟତୀତ ଅକ୍ଟ୍ରାଇ ମହାସୁଲ, ଶିଳ୍ପପାଟଣା, ଘରଭଡ଼ା ଓ ସରକାରୀ ଖରିଦରେ ଅନେକ ପ୍ରକାର ରିହାତି ଦେଇଥାନ୍ତି । ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ଏ ସମସ୍ତ ସୁବିଧାସୁଯୋଗ ମିଳିପାରିବ ।

ମୋଟାମୋଟି ଭାବେ କହିବାକୁ ଗଲେ ଜିଲ୍ଲା ଶିଳ୍ପ କେନ୍ଦ୍ର ଶିଳ୍ପ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ତାଲିମ ଦେବା ଠାରୁ ଆରମ୍ଭ କରି ଶିଳ୍ପ ନିର୍ବାଚନ, ଶିଳ୍ପ ସ୍ଥାପନ, ପରିଚାଳନା ଏବଂ ଉତ୍ପାଦିତ ମାଲ ବିକ୍ରୟ ପାଇଁ ସମସ୍ତ ପ୍ରକାର ପରାମର୍ଶ ଓ ସାହାଯ୍ୟ ଦେବେ ।

ଯୁଗ୍ମ ନିର୍ଦ୍ଦେଶକ, ଶିଳ୍ପ ଖଦୀ ଓ ଗ୍ରାମୋଦ୍ୟୋଗ
ବିଭାଗ, ଓଡ଼ିଶା

## ୪୭ ହଜାର ହେକ୍ଟର ଜମିରେ ଆଖୁଚାଷ

ରାଜ୍ୟର ବିଭିନ୍ନ କୃଷି ଜିଲ୍ଲାରେ ଏବର୍ଷ ୪୬ ହଜାର ହେକ୍ଟର ଜମିରେ ଆଖୁ ଚାଷ ହୋଇଥିବା ଜଣାଯାଇଛି । ବୈଜ୍ଞାନିକ ପଦ୍ଧତିରେ ଆଖୁ ଚାଷ କରି ଅଧିକ ଲାଭବାନ ହେବା ନିମନ୍ତେ କୃଷକମାନଙ୍କୁ ତାଲିମ ଦିଆଯାଉଛି । ଏଥିପାଇଁ ବିଭିନ୍ନ ସ୍ଥାନରେ କୃଷକମାନଙ୍କ ଆଖୁ କିଆରୀରେ ୧୫୭ଟି କ୍ଷେତ୍ର ପ୍ରଦର୍ଶନ କରାଯାଉଛି । ଏହି ପ୍ରଦର୍ଶନୀ ଆଖୁ କ୍ଷେତ ମାନଙ୍କରୁ ନିକଟବର୍ତ୍ତୀ ଆଖୁ ଚାଷୀମାନଙ୍କୁ ଆଖୁ ବିହନ ଯୋଗାଇ ଦିଆଯିବ ।

ଆସ୍କା ଅଞ୍ଚଳରେ ୫ ହଜାର ୮୨୦ ଏକର ଜମିରେ ଆଖୁଚାଷ କରାଯାଇଛି ଏବଂ ଏହି ଜମିରୁ ଉତ୍ପାଦିତ ପ୍ରାୟ ୧ ଲକ୍ଷ ୫୦ ହଜାର ଟନ୍ ଆଖୁ ଏବର୍ଷ ଆସ୍କା ଚିନି କଳରେ ପେଡ଼ା ଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ବରଗଡ଼ ଅଞ୍ଚଳରେ ୩ ହଜାର ୮୨୨ ଏକର ଜମିରେ ଆଖୁଚାଷ କରାଯାଇଛି । ଏଥିରୁ ଉତ୍ପାଦିତ ୯୦ ହଜାର ଟନ୍ ଆଖୁ ବରଗଡ଼ ଚିନି କଳରେ ପେଡ଼ା ଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଗତବର୍ଷ ଚିନିକଳ ଅଞ୍ଚଳମାନଙ୍କରେ ଏକର ପିଛା ୨୨ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା । ଏହି ଚିନି କଳଗୁଡ଼ିକ ପକ୍ଷରୁ କେତେକ ଆଖୁ ଚାଷୀଙ୍କୁ ଉନ୍ନତ ବିହନ, ଚାଷୋପକରଣ, ସାର ଏବଂ କୀଟନାଶକ ଔଷଧ ପ୍ରଭୃତି ଯୋଗାଇ ଦିଆଯାଇଥିଲା ।




# ଅଙ୍କୁଶ

ଶ୍ରୀ ସାତକଡ଼ି ହୋତା

ନଟୁକ ସେଠୀ ଘର ଛାଡ଼ି ଆସିବା ଦିନୁ ଆଉ ଫେରି ନାହିଁ । କିଏ ଅଛି ସେ ଫେରିବ ? ବାପା, ମା, ଭାଇ ଭଉଣୀ ଥିଲେ ଘର ଛାଡ଼ିବା ପାଇଁ ଇଚ୍ଛା ହୁଏ ନାହିଁ । ସ୍ତ୍ରୀ ଥିଲେ ପ୍ରବାସରୁ ଫେରି ଆସିବା ପାଇଁ ବାରମ୍ବାର ମନ ଉଚାଟ ହୁଏ । କିନ୍ତୁ ତା'ର ସେ ଭଳି କେହି ନ ଥିଲେ । ଯେଉଁମାନେ ପାଖରେ ରହିଲେ ସଂସାର ଗଢ଼ିଉଠେ ସେ ଭଳି କେହି ନ ଥିଲେ ବୋଲି ଘର ଓ ବାହାର ଭିତରେ ଫରକ ନ ଥିଲା ତା ପାଖରେ । ଦିନ ସାରା ଷ୍ଟେସନରେ କୁଲି କାମ କରି ରାତିରେ ଫେରି ଆସି ଶୋଇ ଯାଏ । ଦିନ ଯାକ ଖଟି ଖଟି ରାନ୍ଧିବାକୁ ଆଉ ଇଚ୍ଛା ହୁଏ ନାହିଁ ବୋଲି ମଣି ସାହୁର ଦୋକାନରେ ମାସିକିଆ ବ୍ୟବସ୍ଥା କରିଥିଲା । ଛଅ ସାତ ଖଣ୍ଡ ରୋଟି ଏବଂ ଡ଼ାଲଣା ସହିତ ଲଙ୍କା ବୁଡ଼ ଗୁଡ଼ି ଖଣ୍ଡ ଓ ପିଆଜ ଫାଳେ ଖାଇଦେଇ ପାଣି ଢ଼ାଳେ ପିଇ ଦେଲେ ପେଟ ଭରି ଯାଏ, ସେ ଘରକୁ ଆସି ଶୋଇ ପଡ଼େ । ଘର କୁହା ନ ଯିବ ତ ଆଉ କ'ଣ କହିବ ? କୁଡ଼ିଆ ହେଲେବି ଆଶ୍ରା ଦେଉଛି । ବର୍ଷା ବେଶୀ ହେଲେ ପାଣି ଗଳେ । ଗୋଟାଏ କୋଣକୁ ସପଟା ଟାଣି ନେଇ ପୁଣି ଶୋଇପଡ଼େ ନଟୁକ ।

ସେଇ ଯେ ଘର ଛାଡ଼ି ଚାଲି ଆସିଲା ଆଉ ଫେରି ନାହିଁ । ଗାଁ ଲୋକଙ୍କ ସଂଗରେ ବେଳେ ବେଳେ ଦେଖା ହୁଏ । ଭଲ ମନ୍ଦ ପଚାରେ । ସେମାନେ ବି ତାକୁ କେତେ କଥା ପଚାରନ୍ତି । କେହି କେହି କୁହନ୍ତି, ବହୁତ ଦିନ ରହିଗଲୁ, ଥରେ ଚାଲିଆ, ଗାଁ ଘର ଦେଖି ଆସିବୁ । ସବୁ ଶୁଣେ କିନ୍ତୁ ଆକର୍ଷଣ ଅନୁଭବ କରେ ନାହିଁ । ଯିବା ପାଇଁ । ମହନ୍ତି ପ୍ରଧାନ ତା' ଭିଟା ମାଟି ଉପରେ ବାଇଗଣ ଲଗାଇଛି । ଲଗାଉ, ସେଥିରେ କିଛି ଯାଏ ଆସେ ନାହିଁ । ଗୋସେଇଁ ବାପ ଶହେ ଟଙ୍କା କରଜ କରିଥିଲେ ତା ବାପର ବିଭା ଘର ପାଇଁ । ସେଇ ଟଙ୍କା ସେତେ ପରିଶୋଧ କଲେ ବି ମୂଳ ଓ ସୁଧ ହୋଇ ଇମିତି ବଢ଼ିଲା ଯେ ପୁରାପୁରି ଋଣ ମୁକ୍ତ ହୋଇ ପାରିଲା ନାହିଁ । ବାପ, ଗୋସେଇଁ ବାପ ଆଗ ପଛ ହୋଇ ଚାଲିଗଲେ । ମା' ବି ଚାଲିଗଲା । ବାକି ସେ ରହିଗଲା ଏକା । ବଣ ଭିତରେ ଶିଶୁ ଟିଏ ହଜି ଗଲେ ଯେପରି ଅସହାୟ ହୋଇ କାନ୍ଦି ଉଠେ ସେହିପରି ସମାଜର ଜନ ଗହଳି ଭିତରେ ନିଜକୁ ଏକୁଟିଆ ଦେଖି ଅସହାୟ, ଅସମର୍ଥ ଶିଶୁ ପରି ସେ ବି ବାହୁନି ଉଠିଥିଲା, ବାପ ପାଇଁ, ମାଆ ପାଇଁ । ତାପରେ କିନ୍ତୁ ସମ୍ଭାଳି ନେଇଥିଲା । ମହନ୍ତି ପଧାନ ଘରେ ତିନି ବର୍ଷ ଗୋତି ଲାଗିଥିଲା । ହଠାତ ଜୀବନଟା ଆଉ ସୁଖ ଲାଗିଲା ନାହିଁ ବୋଲି ସେ ପଳେଇ ଆସିଲା ଗାଁ ଛାଡ଼ି । କଅଣ ଗୋଟିଏ ନୂଆ ଚିଜ ପାଇବା ପାଇଁ ମନ ସବୁବେଳେ ଆତୁର ହୁଏ । ଇଂଜିନ ଡବା ମାନଙ୍କୁ ଟାଣିବା ପରି, ତାକୁ ଆଗକୁ ଟାଣେ । ମନ ଭିତରର ସେଇ ଶକ୍ତି ତାକୁ ଚଳାଏ । ଷ୍ଟେସନରେ କୁଲି କାମ କରିବା ପାଇଁ ଫୁସୁଲାଏ ଏବଂ 'ଟିକେ ସ୍ୱପ୍ନ, ଟିକେ ଆଶା ତାକୁ ଥୟ ବି କରେ ।

ଷ୍ଟେସନରେ କାମ ସବୁବେଳେ ମିଳେ ନାହିଁ । ଗାଡ଼ି ଆସିବାର ସମୟ ହେଲେ ସବାରୀ ଆସନ୍ତି । ଗାଡ଼ି ପହଞ୍ଚି ଗଲେ ମାଲ ଲଦିବା ଏବଂ ଉତାରିବା ପାଇଁ ଭିଡ଼ ଜମେ । ସେ ଅଣନିଃଶ୍ୱାସୀ ହୋଇ ଦଉଡ଼େ । ଗୋଟେ ବୋଝ ଗାଡ଼ିରେ ଲଦି ଦେଇ, ଆଉ ଗୋଟିଏ ମଥା ଉପରେ ବୋହି ରିକ୍ସା ପାଖକୁ ନେଇଯାଏ । ସେତେବେଳେ ତାର ଆଉ କୌଣସି କଥା ମନେ ପଡ଼େ ନାହିଁ । ତା ପରେ ସେ ଭାବେ ଇମିତି ପୃଥିବୀଟା କଇଁଦି କଇଁଦି ଚାଲିବା କି । ଗାଡ଼ି ଚାଲିଗଲେ ମୁହଁର ଝାଳ ପୋଛି ପ୍ଲାଟ ଫର୍ମରେ ଥିବା ଚା' ଦୋକାନ ଆଗରେ ବସି ପଡ଼ି ମାଟି ସରାରେ ଚା ପିଏ, ଆଉ ଅସକତ ଲାଗୁଥିବା ଦେହଟାକୁ ଟିକେ ସତେଜ କରି ଦିଏ ।

ନଟୁକ ସେଠୀ ନାଲି ଜାମା ପିନ୍ଧି, ବାହୁରେ ତାର ନମ୍ବର ପ୍ଲେଟ ଲଗାଇ ପ୍ଲାଟଫର୍ମ ଉପରେ ବସି ବସି ଭାବେ ଆଗକୁ ଯାଉଥିବା ଯାତ୍ରୀମାନଙ୍କ କଥା, ରେଳଗାଡ଼ି କଥା । କେହି ପଛକୁ ଯାଉଥିବାର ସେ ଦେଖି ନାହିଁ । ସମସ୍ତେ ଯାଉଛନ୍ତି ଆଗକୁ । କିଏ ଚାଲୁଛି ତ ଆଉ କିଏ ଧାଉଁଛି, ପୁଣି କିଏ ପଡ଼ିଯାଇ ଉଠି ପଡ଼ି ପୁଣି ଚାଲିବା ପାଇଁ ଅଣ୍ଟା ଭିଡୁଛି, ଗୋଟାଏ ଯାଗାରେ ଜଣକୁ ସବୁ ସମୟରେ କେହି କେବେ ଦେଖେ ନାହିଁ । ସେଥିପାଇଁ ସେ ଜୀବନଟାକୁ ରେଳଗାଡ଼ି ପରି ଚଳନ୍ତି କଳ ବୋଲି ମନେ କରେ । କୋଇଲ ଜଳିଲେ ପାଣି ଫୁଟି ବାଷ୍ପ ବାହାରେ । ସେହି ବାଷ୍ପ ଇଂଜିନ ଭିତରେ ଦେଇ ଚାଲିଗଲେ ଗାଡ଼ି ଚାଲେ । ମଣିଷର ବାଷ୍ପ ହେଉଛି ଉଦ୍ୟମ । ଉଦ୍ୟମ ମଣିଷକୁ କ୍ରିୟାଶୀଳ କରେ; ଯାହାର ଆଶା ନାହିଁ ତାହାର ଉଦ୍ୟମ ରହେ ନାହିଁ ।

ନଟୁକ ଜୀବନ ସହିତ ଯେତିକି ଯୁଝେ ଝାଳ ନାଳ ହୋଇ ସେତିକି କପାଳ ପୋଛେ; ସେ ବଞ୍ଚିଛି ବୋଲି ତାର ସେତିକି ମନେ ହୁଏ । କାମ ନ ଥିଲେ ସେ ସୁଖ ପାଏ ନାହିଁ । କାମ ଥିଲେ ସେ ଚଞ୍ଚଳ ଓ ସୁସ୍ଥ ।

ଦିନକର ରୋଜଗାର ବେଶୀ ନୁହେଁ । ପାଞ୍ଚ ଛଅ ଟଙ୍କା ମିଳିଗଲେ ଯଥେଷ୍ଟ । ଷ୍ଟେସନରେ ଚବିଶ ଘଣ୍ଟା ପଡ଼ି ରହେ । ଯେଉଁ କୁଡ଼ିଆଟା ଅଛି ପାଖରେ ତାହା ନିମିତ୍ତମାତ୍ର । ଚାରି ପାଞ୍ଚ ଘଣ୍ଟାରୁ ବେଶୀ ସେଠାରେ ରହି ପାରେନାହିଁ ।

ଯାତ୍ରୀମାନଙ୍କ କୋଳାହଳ, ରେଳଗାଡ଼ିର ଶବ୍ଦ, ଚୁକ୍ତିକାଲିମାନଙ୍କର ଚିତ୍କାର ସବୁ ତାକୁ ଭଲ ଲାଗେ । ଷ୍ଟେସନଟା କେବେ-କେବେ ଶାନ୍ତ ହୋଇ ଝିମେଇପଡ଼ିଲେ, ମୁହଁ ପାଟକୁ ମାଛିଟାଏ ଉଡେଇ ଦେଇ କହେ, ଶଳା, ଶୋଇ ପଡ଼ିଲେ ସମସ୍ତେ ! ସ୍ୱର ଶବ୍ଦ ନାହିଁ । ଶ୍ମଶାନର ଶାନ୍ତି । ଧେତ୍ ତେରୀ, ଗାଡ଼ି ଗୋଟେ ଆସନ୍ତା କି । !

ଚହୁଁ କହୁଁ କିଏ ଆସି ତାକୁ କହେ, ଆରେ ଆ. ଆ ! ମାଲପତ୍ର ଓଏଟିଙ୍ଗ ରୁମ୍‌ରେ ରଖିଦେ । ଗାଡ଼ି ଆସିବାକୁ ଆହୁରି ଡେରି !

ତାମରେ ଲଗିଯାଇ ମନକୁ ମନ କହେ ନକୁଳ ବାଃ, ଭଲ ହେଲା । ଗାଡ଼ି ବେଳକୁ ନ ଆସି ଆଗରୁ ଚାଲି ଆସିଲେ । ସମସ୍ତେ ଏମିତି ଆସନ୍ତେ କି, ଗାଡ଼ି ସମୟରେ ଭିଡ଼ ଜମନ୍ତା ନାହିଁ ।

ସବୁ କୁଲି ମିଶି ଷ୍ଟେସନ ସାମ୍ନା ସରକାରୀ ଜମି ଉପରେ ଥିବା ବରଗଛ ମୂଳେ ଗୋଟେ ସୁନ୍ଦର ମନ୍ଦିର ତୋଳିଛନ୍ତି । ସେଇ ମନ୍ଦିରର ଚଉତରା ଉପରେ ପ୍ରତିଦିନ ସନ୍ଧ୍ୟାବେଳେ ତ୍ରିନାଥ ମେଳା ହୁଏ । ପଚିଶ ଜଣ କୁଲି ପାଳି କରି ଖର୍ଚ୍ଚ ବହନ କରନ୍ତି । ତ୍ରିନାଥ ମେଳାର ପ୍ରସାଦ ସେବନ ପରେ ମନଟା ଖୁବ ଭଲେ, ସେ ଫୁଟୁକି ମାରି କହେ, ଭଲ ମାଲ ସୁଦେଇ ଭାଇ । ମଥାଟା ଭାରି ଭାରି ଲାଗୁଥିଲା । ବେଶ୍ ହାଲୁକା ହୋଇଗଲା ।

ପୁରୀ ଏକ୍ସପ୍ରେସ୍ ଆସିବାର ସମୟ ହୋଇଗଲା । ନମ୍ବର ପ୍ଲେଟ ହାତରେ ବାନ୍ଧି ଦେଇ ଉଠି ବସିଲା ।

ଦ୍ୱିତୀୟ ଘଣ୍ଟି ବାଜିଗଲା । ଗେଟ ପାଖରେ ଠିଆହେଲା ନକୁଳ । ତୃତୀୟ ଘଣ୍ଟି ବାଜିଲା ।

ଗାଡ଼ି ପ୍ଲାଟଫର୍ମକୁ ଆସୁଥିବାର ଶବ୍ଦ ଭାସି ଆସିଲା । ନକୁଳ ଗାଡ଼ି ପାଖକୁ ଦଉଡ଼ିଲା ।

ପଛରୁ କିଏ ଡାକିଲା ପରି ଡରଡର ହେଉଥାଏ । ଶୁଣିବାକୁ ତର ନାହିଁ । ଆଉ ଥରେ ଡାକିଲା ।

ସେ ରହିଯାଇ ଫେରି ଚାହିଁଲା ।

ମାଡ଼ୁଆଡ଼ି ବ୍ୟବସାୟୀ । ଚିହ୍ନା ଗରାଖ । ପହଞ୍ଚିଲା ନକୁଳ ।

ଗାଡ଼ି ପ୍ଲାଟଫର୍ମରେ । ଜିନିଷପତ୍ର ତା ମଥା ଉପରକୁ ଉଠେଇ ଦେଇ କହିଲେ ସେ, ଚଲବି, ଚଲବି............ । ଗାଡ଼ି ଆସିଗଲା । ଜାଗା ମିଳିବକି ନାହିଁ........ ଚଲ୍ ଚଲ........................

ନକୁଳ ଆଗକୁ ଯାଇଁ ଯାଇଁ କହିଲା, ଚିନ୍ତା ପରୁଆ ନାହିଁ । ବହୁତ ସମୟ ଅଛି । ଗାଡ଼ି ଆହୁରି ଦଶ ମିନିଟ ଅଟକିବ । ଜାଗା ହୋଇଯିବ ଶେଠ୍‌ଜୀ । ଆପଣ ଚିହ୍ନା ଲୋକ । ଏତକ ହବ ନାହିଁ ?

ଶେଠ୍‌ଜୀଙ୍କୁ ଗାଡ଼ିରେ ଉଠେଇ ଦେଇ କହିଲା ନକୁଳ, ହଜୁରଙ୍କ ଯାତ୍ରା ଶୁଭ ହେଉ ।

ଶେଠ୍‌ଜୀ ତା ହାତରେ ଦୁଇ ଟଙ୍କିଆ ନୋଟ୍ ଗୋଟେ ଗୁଞ୍ଜିଦେଇ କହିଲେ, ଯିବି ଆଉ ଆସିବି, କଲିକତାରେ ମାତ୍ର ଦିନେ ରହିବି, ମାଲପତ୍ର ଆସିବାର ଅଛି ।

ଗାଡ଼ି ଚାଲିବା ପାଇଁ ଆରମ୍ଭ କଲା । ନକୁଳ ନମସ୍କାର କରି ପଛକୁ ହଟି ଆସିଲା ।

ଧାଇଁ ଧାଇଁ ଆସି ଜଣେ ଲୋକ ସେହି ଚଳନ୍ତା ଗାଡ଼ିରେ ଉଠିଗଲା । ମୁହାର ପଇସା ପାଇଁ ଗାଡ଼ି ସଙ୍ଗେ ସଙ୍ଗେ ଦଉଡ଼ିଥିଲା ମୁହା ବିକାଳି । ଏମିତି ଦୃଶ୍ୟ ସବୁଦିନର । ନୂତନତ୍ୱ ନଥିଲେ ବି ଏଇ ସବୁ ପ୍ରତ୍ୟାଶିତ ଦୃଶ୍ୟ ଦେଖିବାକୁ ଭଲ ଲାଗେ ତାକୁ । ବ୍ୟସ୍ତତା ନଥିଲେ ଯେପରି ଜୀବନର ଅର୍ଥ ରହେ ନାହିଁ ।

ନକୁଳ ସିଧା ଯାଇ ସେଇ ଓଏଟିଙ୍ଗ ରୁମ ଭିତରେ ପଶିଗଲା ପାଣି ମୁନ୍ଦିଏ ପିଇବା ପାଇଁ । ଶୋଷ କରୁଥିଲା ।

ପାଣି ପିଇ, ମୁହଁ ଧୋଇ ଗାମୁଛାରେ ମୁହଁ ପୋଛି ବାହାରିଲା ବେଳକୁ ଦେଖେ ତଳେ ଗୋଟେ ଛୋଟ ସୁଟକେଶ୍ କିଏ ଛାଡ଼ି ଯାଇ ଥିବାର ଦେଖିଲା । ଚାରିଆଡ଼କୁ ଚାହିଁଲା । ଜଣେ ହେଲେ ଯାତ୍ରୀ ନଥିଲେ । ଘର ଖାଲି । ବାହାରକୁ ଯାଇ ଦେଖିଲା । କିଏ କୁଆଡ଼େ ହୁଏତ ଯାଇଥିବେ । ଅଳ୍ପ ସମୟ ଅପେକ୍ଷା ବି କଲା । ନିଶ୍ଚିତ ହୋଇ ଗଲା ଯେ ତରତରରେ ଚାଲିଗଲା ବେଳେ ସୁଟ୍‌କେଶ୍‌ଟିକୁ ନବା ପାଇଁ ଭୁଲି ଯାଇଛି ଯାତ୍ରୀଟି । ସେ ସୁଟ୍‌କେଶ୍‌ଟିକୁ ଉଠେଇ ଆଣି ପରୀକ୍ଷା କଲା । ତାଲା ଦେବାକୁ ଭୁଲି ଯାଇଥିଲା ବୋଧହୁଏ । ଟିପି ଦବାନ୍ତୁ ଖୋଲିଗଲା । ଇସ୍ ଭିତରେ ଏତେ ଗୁଡ଼ାଏ ଟଙ୍କା ।

ହଜିଲା ଜିନିଷ ପାଇଲେ ଷ୍ଟେସନରେ ଜମା ଦେଇ ଦିଏ ନକୁଳ । ଜିନିଷ ଛାଡ଼ି ଯିବା ଅସ୍ୱାଭାବିକ ନୁହେଁ । ଯାହାର ଛିଛି ଭୁଲି ଯାଏ ସେ ଖୋଜି ଖୋଜି ଆସେ । ଜିନିଷ ନେଇଥିବା ସମୟରେ କିଏ କିଏ ବକ୍‌ସିସ୍ ବି ବଢ଼ାଇ ଦିଅନ୍ତି । ଆଜି କିନ୍ତୁ ନକୁଳ ସୁଟ୍‌କେଶ୍ ଭିତରେ ଏତେ ଗୁଡ଼ାଏ ଟଙ୍କା ଦେଖି ଭାବିଲା, ଶୀଘ୍ର ଜମା ଦେଇ ଲାଭ କ'ଣ, କେତେ ଅଛି ଦେଖିଲେ କ୍ଷତି କେଉଁଠି ? ସେ ସୁଟ୍‌କେଶଟିକୁ ଗାମୁଛାରେ ଘୁଡ଼ାଇ ଦେଇ ଷ୍ଟେସନ ପାରିହୋଇ ନିଜ କୁଡ଼ିଆ ଆଡ଼କୁ ଚାଲିଗଲା । ଏ ସମୟରେ ତାର ତ୍ରିନାଥ ମେଳାକୁ ଯିବାର କଥା । ଏ ଅଭ୍ୟାସର ଅନିୟମ ହୁଏ ନାହିଁ । କିନ୍ତୁ ତ୍ରିନାଥ ମେଳାକୁ ନ ଯାଇ କୁଡ଼ିଆ ଭିତରେ ପଶିଯାଇ ଭିତର ପଟୁ କବାଟରେ ଖିଲୁଣି ଲଗାଇ ଦେଲା ।

ଲଣ୍ଠନ ଜାଳିଲା ନକୁଳ । କାନ ପାତି ଶୁଣିଲା କେହି ଘର ପାଖ ଦେଇ ଯିବା ଆସିବା କରୁଛି କି ନାହିଁ ଜାଣିବା ପାଇଁ । କାହାକୁ ବିଶ୍ୱାସ କରିବ ? ହୁଏତ କେହି ତା ଉପରେ ନଜର ରଖିଥିବ । ତା ପରେ କ'ଣ ମନ ହେଲା କେଜାଣି କବାଟ ଖୋଲି ବାହାରେ ଟିକିଏ ଚହଲ ମାରିଲା ଏବଂ ଗୁଣୁ ଗୁଣୁ ହୋଇ ପୁଣି ଘର ଭିତରକୁ ପଶି ଯାଇ ଖିଲୁଣି ଲଗାଇ ଦେଲା ।

ନୋଟ୍ ଗୁଡ଼ାକୁ ଗଣିବା ପାଇଁ ଇଚ୍ଛା ହେଲା । ଲଣ୍ଠନର ଶିଖାଟିକୁ କମେଇ ଦେଇ ସୁଟ୍‌କେଶ ଖୋଲି ନୋଟ୍‌ଗୁଡ଼ାକୁ ବାହାରକୁ ଆଣି ଦେଖିଲା ଦଶ ବିଡ଼ା ନୋଟ୍ । ଗୋଟାଏ ଗୋଟାଏ ବିଡ଼ା ଭଲ ଭାବରେ ବନ୍ଧା ହୋଇ କାଗଜ ଚକ୍ରଟାଏ ଉପରେ ଇଂରାଜୀରେ ଲେଖା ହୋଇଥାଏ ଅଙ୍କଟା । ଇଂରାଜୀ ପଢ଼ି ନଥିଲେ ବି ଦେଖି ଦେଖି ଇଂରାଜୀ ସଂଖ୍ୟା ଗୁଡ଼ା ବୁଝି ପାରେ ନକୁଳ । ପ୍ରତ୍ୟେକ ବିଡ଼ାରେ ହଜାର ହେଲେ ଦଶଟି ବିଡ଼ାରେ ଦଶ ହଜାର ଟଙ୍କା । ଅଲେ ବୋଉରେ ! ଅସ୍ପଷ୍ଟ ଚିତ୍କାର କରି ଉଠିଲା ନକୁଳ ।

ଦଶ ହଜାର ଟଙ୍କା ! ଶୁଣିଛି । କେବେ ଦେଖିନାହିଁ । ଆଜି ଏତେ ଗୁଡ଼ାଏ ଟଙ୍କା ଏକା ସାଙ୍ଗରେ ଦେଖି ଚମକି ପଡ଼ିଲା, ଦେହ ଭିତରଟା କେମିତି କେମିତି ହୋଇଗଲା । ମଥା ଟା ଝିମ୍ ଝିମ୍ କରି ଉଠିଲା । କୋଉଠି ଏତେ ଟଙ୍କା ରଖିବ, କେଉଁଠି ରଖିବ ସେ ? ହୁଏତ ଲୋକଟା ଏତେ ବେଳକୁ ପୁଲିସ୍‌କୁ ଖବର ଦେଇଥିବ, ଷ୍ଟେସନ ମାଷ୍ଟରଙ୍କ ପାଖରେ ନାଲିସ କରିଥିବ । ଚାରି ଆଡ଼େ ଧାଁ ଧପଡ଼ ଘର୍ଘ ଯାଇଥିବ ଖୋଜିବା ପାଇଁ । ଦଶ କି ପଚାଶ ନୁହେଁ, ଏତେ ଗୁଡ଼ାଏ ଟଙ୍କା । କାନ ପାରି ଶୁଣିବାକୁ ଚେଷ୍ଟା କଲା, ନା, କାହାରି ସ୍ୱର ଶୁଭୁନାହିଁ । କେହି ସେ ଆଡ଼କୁ ଆସୁନାହିଁ, ତଥାପି ଭୟ ହେଲା ନକୁଳର । ଲଣ୍ଠନଟାକୁ ଲିଭାଇ ଦେଇ ସୁଟକେଶ୍‌ଟାକୁ ପୁରୁଣା କନ୍ଥା ଗଣ୍ଠିଲିରେ ଘୋଡ଼େଇ ଦେଇ ବାହାରକୁ ଆସିଲା । ତାର ମନେ ହେଲା ଯେ ହୁଏତ ତାକୁ ଷ୍ଟେସନରେ ନ ଦେଖି ବା ତ୍ରିନାଥ ମେଳାରେ ନ ପାଇ - ଏତେବେଳକୁ ହୁଏତ ଖୋଜା ଚାଲିଥିବ । ତାକୁ ସମସ୍ତେ ସନ୍ଦେହ କରୁଥିବେ । ସେ ପଳେଇ ଆସିଲା କାହିଁକି ? କେବେ ତ ସେ ଏଇ ସମୟରେ ଷ୍ଟେସନ ଛାଡ଼ି କୁଆଡ଼େ ଯାଏନାହିଁ । ଧରା ପଡ଼ିଲେ କେବଳ ମାନ ମହତ ଯିବ ନାହିଁ,

ଜେଲ ଖାନା ଭିତରେ ଭର୍ତ୍ତି କରିଦେବେ । ନିଜକୁ ବଡ଼ ଧିକ୍କାର କଲା ନକୁଳ । କିଏ ସୁଟକେଶ୍ ଛାଡ଼ି ଯାଇଥିଲା । ସେ ପାଇଲା ଯଦି ତାକୁ ଷ୍ଟେସନ ଅଫିସରେ ଜମା ନଦେଇ ଘରକୁ ବୋହି ଆଣିଲା କାହିଁକି ?

ସେ ଧୀରେ ଧୀରେ ଷ୍ଟେସନ ଆଡ଼କୁ ଗଲା । କେଉଁଠି କିଛି ବ୍ୟତିକ୍ରମ ତା' ଆଖିରେ ପଡ଼ିଲା ନାହିଁ । ଯିଏ ଯାହାର କାମରେ ବ୍ୟସ୍ତ । କେହି ତାକୁ ଲକ୍ଷ୍ୟ କଲେ ନାହିଁ କି କିଛି ପଚାରିଲେ ନାହିଁ । ସାନବାବୁଙ୍କ ଅଫିସ ଭିତରକୁ କାରଣ ନଥାଇ ପଶିଗଲା ଏବଂ ବାହାରି ଆସିଲା । ଭେଟିଙ୍ଗ ରୁମ୍ ଭିତରେ ଟିକିଏ ବୁଲିଲା । କେହି ତା' ପ୍ରତି ବିଶେଷ ନଜର ଦେଲେ ନାହିଁ । ତା ପରେ ଧୀରେ ଧୀରେ ତ୍ରିନାଥ ମେଳା ବେଢ଼ା ଭିତରକୁ ଗଲା । ମେଳା ଜମି ଥାଏ । କଳିକା ଗୋଟିଏ ମୁହଁରୁ ଆଉ ଗୋଟିଏ ମୁହଁକୁ ଚାଲି ଯାଉ ଥାଏ । ସେ ଯାଇ ପଛରେ ବସିଲା । ମକରୁ କହିଲା, ନକୁଳ ଭାଇ ! ଏତେ ଡେରି ଯେ ? ଆମେ ଏଣେ ଅନାଶା କରିଛୁ । ଏତେବେଳେ ଟିକେ ଭରସା ପାଇ ସେ ପୁଣି ତା'ର ସ୍ୱାଭାବିକତା ଫେରି ପାଇବାର ଅନୁଭବ କରି କହିଲା, ଟିକେ କାମ ଥିଲା ଯେ, ରହି ଯାଇଥିଲି । ଆଜି କାହାର ପାଳି, ମାଲ ଭଲ ଆଣିଛ ତ ? ସେ ବସି ଗଲା ସାଙ୍ଗମାନଙ୍କ ସାଙ୍ଗରେ । ଦୁଇଜଣ ଭଜନ ଧରିଲେ ଖଞ୍ଜଣୀ ସହିତ ତାଳ ଦେଇ ।

ଗୋଟେ ଜିପ୍ ଆସି ଛିଡ଼ା ହେଲା ସାମ୍ନାରେ । ଛାତି ଭିତରଟା କମ୍ପି ଉଠିଲା ନକୁଳର । ସେ ତାଳ ଦେଉଥିଲା ଖଞ୍ଜଣୀ ସହିତ । ହଠାତ୍ ହାତ ବନ୍ଦ ହୋଇଗଲା । ଦେହରୁ ଝାଳ ବୋହିଗଲା । ଉଠିବା ପାଇଁ ଚେଷ୍ଟା କରି ଉଠି ପାରିଲା ନାହିଁ । ପାଦରେ ବଳ ନାହିଁ ଯେପରି । ଦେହରେ ଶକ୍ତି ନଥିଲା ଉଠିବା ପାଇଁ ।

ସେମାନେ ଷ୍ଟେସନ ଆଡ଼କୁ ଗଲେ ଏବଂ ଟିକିଏ ପରେ ଫେରିଗଲେ । ନା, ଏମାନେ ପୁଲିସ ନୁହଁନ୍ତି, ସେ ଲୋକ ବି ହୋଇନଥିବ । ହୋଇଥିଲେ ଖୋଜି ଥାଆନ୍ତା ନିଶ୍ଚୟ ।

ସାହସ ଫେରି ଆସିଲା ନକୁଳର । ତ୍ରିନାଥ ମେଳାର ପ୍ରସାଦ ସେବନ ପରେ ସେ ଷ୍ଟେସନକୁ ଗଲା । ଡାକଗାଡ଼ି ଆସିବାର ସମୟ ହୋଇ ଯାଇଥିଲା । ଡାକଗାଡ଼ିରେ ଭିଡ଼ ନଥାଏ, ତଥାପି କେବେ କିଏ ଭଲ ଯାତ୍ରୀ ମିଳିଗଲେ ଦୁଇ ଟଙ୍କା ମିଳିଯାଏ ।

ଗୋଟିଏ ମୋଟର ଗାଡ଼ି ଆସି ଛିଡ଼ା ହେଲା । ଭିତରୁ ଚାରି ପାଞ୍ଚ ଜଣ ଓହ୍ଲାଇଲେ । ମାଲ ପତ୍ର ଅନେକ । ଝିଅ ଶାଶୁ ଘରକୁ ଯାଉଛି । ବାପା, ଭାଇ, ମା ଛାଡ଼ିବାକୁ ଆସିଛନ୍ତି ।

ଝିଅର ମୁହଁରେ ଅନୁରାଗର ଆଲୋକ, କପାଳରେ ସିନ୍ଦୁର ଟୋପା, ଚୂଡ଼ାରେ ଫୁଲ । ପାଦରେ ଅଳତା । ହାତରେ ସୁନା ଚୁଡ଼ି । ଦେହକୁ ମାନିଲା ଭଳି ଗୋଲାପୀ ଶାଢ଼ୀ ।

ମାଲ ପତ୍ର ସବୁ ବୋହି ନେଇ ପ୍ଲାଟଫର୍ମରେ ରଖିଦେଲା ନକୁଳ ।

ହଠାତ୍ କାହିଁକି ତାର ମନେ ହେଲା ଯେ ସେ ବି ବାହା ହୁଅନ୍ତା କି । ନୂଆ ବୋହୂଟିଏ ତା ଘରକୁ ଆସନ୍ତା, ତା କଥା ନକୁଳ ବୁଝନ୍ତା, ଏବଂ ଉଭୟଙ୍କର ବୁଝାମଣା, ଦେହ ଓ ପ୍ରୀତି ଉପରେ ପ୍ରତିଷ୍ଠିତ ହୁଅନ୍ତା ସନାର ସଂସାର । ଡାକ ଗାଡ଼ିରେ ଝିଅ ଓ ଜ୍ୱାଇଁ ଚାଲିଗଲେ । ବାପା, ମା ଓ ଭାଇ ରହିଗଲେ । ରୁମାଲ ହଲାଇ ହଲାଇ ବିଦାୟ ନେଲା ଝିଅଟି ।

ତା' ଘରକୁ କିଏ ଆସିବ? ତାର ଘର କାହିଁ ? ପଇସା କାହିଁ ?

ଟଙ୍କା କଥା ପୁଣି ମନେ ପଡ଼ିଲା । ସେ ଖୁସି ହୋଇ ଭାବିଲା ଯେ ସେଇ ପଇସାରେ ସେ ବଡ଼ ଲୋକ ହୋଇଯିବ । ବିଭା ହେବ । ବ୍ୟବସାୟ କରିବ, ନୂଆ ବୋହୂ ଘରକୁ ଆସିଲେ ଲକ୍ଷ୍ମୀ ହସି ଉଠିବେ ସଂସାରରେ । ତାର ଖାତିର ବଢ଼ିବ ତାକୁ ଭଲମନ୍ଦରେ ଲୋକେ ପଚାରିବେ; ନ୍ୟାୟ ନିଶାପ ବେଳକୁ ତାକୁ ନିମନ୍ତ୍ରଣ କରିବେ । ମନର ଲୋଭ ବଡ଼ ହେବା ପାଇଁ, ସୁଖରେ ରହିବା ପାଇଁ ।

ଗାଡ଼ି ଚାଲିଗଲା, ପୁଣି ଷ୍ଟେସନଟା ଶୁନ୍ ଶାନ ହୋଇଗଲା । କୁଲି, କୁଲାବିକାଳି ଏବ ରାତିରେ ଷ୍ଟେସନ ବୁଲି ଆସିଥିବା କଲୋନି ପିଲାମାନେ ଯିଏ ଯାହାର ଚାଲିଗଲେ ।

ଷ୍ଟେସନ୍‌ର ଫାଟକ ଦୁଇ ପାଖରେ କାଗଜ-ଫୁଲର ଗଛ । ଅନେକ ଗୋଲାପୀ ଓ ଧଳା ଫୁଲ ଶୋଭାରେ ଚହଟି ଉଠୁଥିଲା ଗଛ । ସେଇ ଫୁଲ ମୁଠେ ହାତରେ ଧରିଲା ନକୁଳ ବାସ୍ନା ନାହିଁ । ଆଖିକୁ ସୁନ୍ଦର ସିନା, ଅନ୍ତର ନାହିଁ । ଏ ଯାଏଁ ନକୁଳ ତେବେ କେବଳ କାଗଜଫୁଲର ଗଛ ପରି ବଢ଼ି ଆସିଛି । ନିଜେ ବଢ଼ିଛି, କିନ୍ତୁ ତାର ବୟସ କାହାକୁ ସହାୟତା ଦେଇନାହିଁ, । କେହି ତା ପାଇଁ ପଥ ଧାରରେ ବା ଘରେ ଅପେକ୍ଷା କରିନାହିଁ । ହୁ ହୁ ହୋଇ ଜଳିଲା ଅନ୍ତର ଭିତରଟା ।

ନକୁଳର ବାପା ଗାଁରେ ଜନମି ଗାଁରେ ମରିଗଲା, ସହର ଦେଖିନାହିଁ । ରେଳଗାଡ଼ି ଦେଖିଥିଲେ କେଡ଼େ ଖୁସି ହୋଇ ଥାନ୍ତା ସତରେ । ଏତେ ବଡ଼ ଯନ୍ତ୍ରଟା ଏତେ ଲମ୍ବା, ପୁଣି ଏତେ ଲୋକଙ୍କ ପାଇଁ ବସିବା ପାଇଁ ସ୍ଥାନ । ଷ୍ଟେସନ୍‌ରେ କାମ କରି ବି ଆଶ୍ଚର୍ଯ୍ୟ ହୋଇ ଯାଏ ନକୁଳ । କଳ୍ପନା କରି ପାରେନାହିଁ ।

ଷ୍ଟେସନଟା ଖାଲି ହୋଇଗଲା । ନାଲି ପଗଡ଼ି ଲଗାଇ ଥିବା ଦୁଇଜଣ ପୁଲିସ ଟହଲ ମାରୁଥିଲେ ରେଳବାଇ ପୁଲିସ ଥାନା ସାମ୍ନାରେ ସେମାନେ ତାକୁ ଲକ୍ଷ୍ୟ କଲେ ଏବଂ ପରସ୍ପର ମଧ୍ୟରେ କଅଣ ସବୁ କଥା ଭାଷା ହେଲେ । ନକୁଳ ପ୍ରମାଦ ଗଣିଲା । ଲୋକ ଦୁଇଟା, ହୁଏତ ତାକୁ ଗଣୁଥିବେ, ତା'ର ଗତିବିଧି ଲକ୍ଷ୍ୟ କରୁଥିବେ, କଣ କରିବ ବୋଲି କିଛି ଠିକ୍ କରି ନପାରି, କାଗଜ ଫୁଲଗୁଡ଼ା ଫିଙ୍ଗିଦେଇ ଗୋଟେ ବିଡ଼ି ଧରାଇଲା ଏବଂ ଧୀରେ ଧୀରେ ସାମ୍ନା ରାସ୍ତା ଦେଇ ହୋଟେଲ ଆଡ଼କୁ ମୁହାଁଇଲା ।

ରେଳବାଇ ପୁଲିସ ହାକିଲା, ନକୁଳ—— ଶୁଣି ଯା——— ।

ଛାତି ଭିତରଟା ଆହୁରି ଯୋରରେ ଧଡ଼ ଧଡ଼ କରିବାକୁ ଲାଗିଲା । ନକୁଳର ଦେହ ଝାଳେଇଗଲା । ପାଦ ଟଳମଳ ହେବାକୁ ଲାଗିଲା ।

ନକୁଳ ନଶୁଣିବା ପରି ଚାଲି ଯାଉଥିଲା । ଡାକ ଛାଡ଼ିଲା ପୁଲିସ ନକୁଳ....ନକୁଳ...... ଶୁଣିଯା । ପୁଣି କନେଷ୍ଟବଳ ।

ନକୁଳ ଥାନା ଆଡ଼କୁ ମୁହାଁଇଲା । ମନରେ ଆଶଙ୍କା, ଉଦ୍‌ବେଗ ।

ଛି ଛି ! ପର ଜିନିଷ କାହିଁକି ନେଲା ବୋଲି ନିଜକୁ ଧିକ୍କାର କଲା । ଏବେ ହାତକଡ଼ି ଦେଇ ମାମୁଁ ଘରକୁ ନେଲେ ପିଠିରେ ପଡ଼ିବା ପାଇଁ ସାହା ଭରସା କେହି ନାହିଁ । ଚୋର ବୋଲି ଲୋକ କହିବେ । ସାଙ୍ଗମାନେ କହିବେ, ଆରେ, ଉପରଟା ଏଡ଼େ ସରଳ, ମିଠା ମିଠା, ଆଉ ଭିତରଟା ଏଡ଼େ ଅସୁନ୍ଦର । ଚୋରି କରିବା ମହାପାପ ବୋଲି ସେ ବର୍ଣ୍ଣ-ବୋଧରେ ପଢ଼ିଥିଲା । ବାପ ତାକୁ ଦିନେ କହିଥିଲେ, ଆମେ ଗରିବ ସିନାରେ ପୁଅ, କିନ୍ତୁ ଚୋର ତସ୍କର ନୋହୁଁ, ପେଟର ଭୋକ ମାରିବା ପାଇଁ ହାତ ଗୋଡ଼ ଦେଇଛନ୍ତି ଭଗବାନ । ଯେଉଁମାନେ ହାତ ଗୋଡ଼ ବ୍ୟବହାର ନକରି ପଇସା କମାନ୍ତି ସେମାନେ ସିନା ଚୋର.......... । ସେଇ କଥା ମାନି, ବୋଝ ବୋହି ପେଟ ପୋଷିବାପାଇଁ ଘରଛାଡ଼ି ବାହାରି ଆସିଥିଲା ସେ । ନିଜ ଓଠକୁ ନିଜେ କାମୁଡ଼ିଲା । ନିଜକୁ ଉତ୍ପାତ କରି ଶାସ୍ତି ଦବା ପାଇଁ ଇଚ୍ଛା ହେଲା ।

ପୁଲିସ କନେଷ୍ଟବଳ କହିଲା, ହୋଟେଲ ଆଡ଼େ ଯାଉଛୁ........ ?

ଆଜ୍ଞା ! ମଥା କୁଣ୍ଡେଇ କହିଲା ନକୁଳ । ଥାନା ବାବୁ ପାଇଁ ଖାଇବାର ପଠେଇ ଦବା ପାଇଁ କହିବୁ, ଫେରୁ ଫେରୁ ରାତି ହେବ । ଘରକୁ ଯାଇ ପାରିବେ ନାହିଁ । ସାଙ୍ଗେ ସାଙ୍ଗେ ଖାଇ ସାରି ପୁଣି ବାହାରି ଯିବେ ।

ନକୁଳର ପଚାରିବା ପାଇଁ ଇଚ୍ଛା ହେଲା କାହିଁକି ଏତେ ବ୍ୟସ୍ତ ଥାନା ବାବୁ, ଏବେ କି ଚଉରୀ କାମ ସେ ବସାକୁ ଯାଇ ଖାଇ ଆସିବା ପାଇଁ ସମୟ ନାହିଁ ହାତରେ । କିନ୍ତୁ କିଛି ଭେଉଟିଲା ନାହିଁ । ତଣ୍ଟି ଶୁଖିଗଲା । ମନକୁ ମନ କହିଲା, ହୁଏତ ସେଇ କେଶ୍‌ଟା ବୁଝୁଥିବେ । ଚୋରକୁ ଧରିବା ପାଇଁ ଦଉଡ଼ା ଦଉଡ଼ି କରୁଥିବେ । ଇସ୍ ! ତାକୁ ଯଦି ଗିରଫ କରନ୍ତି !

ସେ ନ ପଚାରି ପାରିଲେବି କନେଷ୍ଟବଳ କହିଲା, ଏତେ ବଡ଼ ଚୋରି କେସ୍ ଆଉ କେବେ ହୋଇନଥିଲା ଏ ଥାନାରେ ।

ନକୁଳ ଝୁଣ୍ଟି ପଡ଼ିଲା । ଡାହାଣ ପାଦର ବୁଢ଼ା ଆଙ୍ଗୁଠିର ନଖଟା ଉଠି ଯାଇ ରକ୍ତ ବୋହୁଥିଲା ।

ସେ ପୁଣି ଧୀରେ ଧୀରେ ଚାଲିଲା । ମନକୁ ସାନ୍ତ୍ୱନା ଦେବାପାଇଁ କିଛି ନଥିଲା ତା ପାଖରେ ।

ଖାଇବା ପାଇଁ ଭୋକ ବା ମନ ନଥିଲା । ଥାନା ବାବୁଙ୍କ ଖାଇବା ପଠାଇ ଦେବା ପାଇଁ ଚହି ବୁଢ଼ିଆ ଆଡ଼କୁ ମୁହାଁଇଲା ।

ବୁଢ଼ିଆଟା ଅନ୍ଧାର ଭିତରେ ବୁଡ଼ି ଯାଇଥିଲା ରାସ୍ତା କଡ଼ର ବତୀ ଟା କିଏ ଚୋରୀ କରି ନେଇ ଯାଇଥିବା ଯୋଗୁଁ । ଦୂରର ଆଲୋକ ପହଂଚୁ ନଥିଲା ସେଠାରେ । ସେଇ ଅନ୍ଧାର ଭିତରେ ବୁଢ଼ିଆର ସିଲହଟ ଛବି ପାଖରେ କାହାରି ଛାୟା ମୂର୍ତ୍ତି ଭାସି ଉଠିଲା । କିନ୍ତୁ ତୀକ୍ଷ୍ଣ ଦୃଷ୍ଟି ସତ୍ୱେ କିଛି ଜାଣି ପାରିଲା ନାହିଁ ନକୁଳ । ଲାଉ ଗଛର ଡ଼ଙ୍କ ସବୁ ଦୋହଲୁ ଥିଲେ ପବନରେ । ଲାଉ କେତୋଟି ଓହଳି ଥିଲେ ମଞ୍ଚା ଉପରୁ, ହୁଏତ କେହି ଲାଉ ଚୋରି କରିବା ପାଇଁ ଆସିଥିବେ, କିମ୍ବା ତାକୁ ଧରିବା ପାଇଁ...... ଘର ପାଖକୁ ଯିବା ପାଇଁ ସାହସ ହେଲା ନାହିଁ ନକୁଳର । ଲାଉ ଚୋରି କରିବାକୁ ଆସିଥିବା ଲୋକଟା ଟିକିଏ ସମୟ ପାଉ । ହୁଏତ ପେଟ ବିକଳରେ ଚୋରି କରୁଥିବ । କିନ୍ତୁ ପେଟ ଭୋକ ମାରିବା ପାଇଁ ହାତରେ ପଇସା ଥାଇବି ସେ ଶେଷରେ ଚୋରିକଲା । ପାପପୁଣ୍ୟର ସଂସାରରେ ପାପପୁଣ୍ୟର ସଠିକ୍ ରୂପଟା ଏ ଯାଏ କେବେ ଦେଖି ନଥିଲା ନକୁଳ । ତଥାପି ତା'ର ମନେ ହେଲା ଯେ ପିଲା ଦିନୁ ସଂଚୟ କରିଥିବା ପୁଣ୍ୟଗୁଡ଼ା ସବୁ ପାଣି ଫୋଟକା ପରି ଫୁଟି ଯାଇ କେଉଁଠାରେ ଅଦୃଶ୍ୟ ହୋଇଗଲା । ସେ କେବଳ ପାପକୁ ନେଇ ପଡ଼ି ରହିଲା । ପାପ, କେବଳ ପାପ........ ।

ମଦ ଖାଇବା ବା ପର ସ୍ତ୍ରୀ ଭୋଗ କରିବା କେବଳ ପାପ ନୁହେଁ । ପର ପଇସା ଚୋରୀ କରିବା ବି ପାପ । ପରଧନ ରେ ସୁଖୀ ହେବା ବି ପାପ, ଏବେ ଗୁଡ଼ିଏ ଟଙ୍କା ପାଇଗଲା ପରେ ଲୋଭ ନକରି ଷ୍ଟେସନରେ ଜମା ଦେଇ ଥିଲେ ଏତେ ବେଳକୁ ବହୁତ ପଢ଼ିପାଇ ଥା'ନ୍ତା ପରଦିନ ସମ୍ବାଦପତ୍ରର ସନ୍ଧ୍ୟା ସଂସ୍କରଣରେ ତାର ଛବି ଏବଂ ସୁନାମ ମୁଦ୍ରିତ ହୋଇ ଯାଇଥା'ନ୍ତା । ମନ୍ଦିର ତୋଳି ଯଶ ଅର୍ଜିବା ନାହିଁ । ବାଟରେ ହରି ନାମ ଅର୍ଜିବାକୁ ଯାଉଛି ସେ । ଛି, ଛି, ଖବର କାଗଜରେ ତା'ର ନାମ ବାହାରିବ । ଛବି ତଳେ ନାମ ଲେଖା ହୋଇ ଚୋରି କରିଥିବା ଟଙ୍କାର ପରିମାଣ ବି ଛପା ହେବ । ପଢି ସାରି ଲୋକେ କ'ଣ କହିବେ? ଷ୍ଟେସନର କୁଲିଗୁଡ଼ା ସବୁ ଚୋର....ଏମାନଙ୍କୁ ବିଶ୍ୱାସ ନାହିଁ....ସୁବିଧା ପାଇଲେ ତଣ୍ଟି କାଟିବେ, ତଣ୍ଟି କାଟିବେ........ ।

ଏଇ ଷ୍ଟେସନରେ ଆଜିକୁ ସାତ ବରଷ ହେଲା କାମ କରୁଛି ନକୁଳ । ମା ତାକୁ କୋଳେଇ କାଖେଇ ମଣିଷ କରିଥିଲା । ଷ୍ଟେସନ ତାକୁ ନିଜ ପରିଶ୍ରମ ଉପରେ ନିର୍ଭର କରିବା ପାଇଁ ଜୀବିକା ଦେଇଛି । ଷ୍ଟେସନ କେବଳ ଗାଡ଼ିରେ ଯିବା ଆସିବା ପାଇଁ ତିଆରି ହୋଇ ନାହିଁ । ଷ୍ଟେସନ ଅନେକଙ୍କୁ ଜୀବିକା ଦେଇଛି....ଜୀବନ ଦେଇଛି.... । ସେଇ ଷ୍ଟେସନର ବଦନାମ ହୋଇ ଯିବ..ତା ପାଇଁ ସମସ୍ତ କୁଲିଙ୍କୁ ଲୋକେ ଚୋର କହିବେ । ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ ବା ଗାଡ଼ି ଚଢିବା ପାଇଁ ଆସି ଲୋକେ କୁଲି ହାତକୁ ବିଶ୍ୱାସ କରି ଜିନିଷ ବଢ଼ାଇ ନ ଦେଇ ନିଜେ ବୋହି ନେବେ ।

ଜଣେ ମଣିଷ ଉପରେ ଆଉଜଣକର ବିଶ୍ୱାସ ଅଛି ବୋଲି ଏତେ ବଡ଼ ପୃଥିବୀ ଆତଯାତ ହେଉଛି । ବିଶ୍ୱାସ ତୁଟିଗଲେ ସବୁ ଅଚଳ ହୋଇଯିବ । ସମାଜର ବାସିଲୁଗାର ମଇଳା ଧୋଇବା ପାଇଁ ଆଉ କେହି ଆଗଭର ହେବେ ନାହିଁ । ନକୁଳର ମନଟି ବିକଳ ହେଉଥିଲା ଏତେ ବଡ଼ ଅପରାଧ କଲା ବୋଲି । ସେ ସମାଜରେ ଅଛି । କିନ୍ତୁ ସେଇ ସମାଜର ନିୟମ ଭାଙ୍ଗି ଶେଷରେ ଅସାମାଜିକ ହୋଇ ଗଲା । ନିଜ କପାଳରେ ଆପଣା ମାରିଲା । ନିଜ କାନ ନିଜେ ମୋଡ଼ି ଦେଇ ଜଗନ୍ନାଥଙ୍କ ପାଖରେ ଜଣାଣ ଗାଇଲା....ଏଇ ପାପର ପଙ୍କରେ ମୋତେ ପୋତି ଦିଅ ନାହିଁ ପତିତପାବନ.. ଲୋଭରୁ ଅପରାଧ କରି ପକେଇଛି..ମୋତେ ରକ୍ଷା କର......ମୋତେ ଉଦ୍ଧାର କର.... ।

ନକୁଳକୁ ଏକା ପାଇ ଷ୍ଟେସନ ବଜାରରେ ପସରା ମେଲାଇ ଥିବା ରୂପା କହିଲା, ଏକା ଏକା ଯେ !

ନକୁଳ କହିଲା, ଏକା ହୋଇତ ଜନମ ହୋଇଥିଲି...... ।

ହସି ଦେଇ କହିଲା ରୂପା, କିନ୍ତୁ ସାଙ୍ଗ ନହେଲେ ଜମେ ନାହିଁ । ଆଜି ଆଉ କେହି ନାହାନ୍ତି ବିରକ୍ତ କରିବାକୁ । ତୁମେ ଗୁଳିଆସ.... ।

ନକୁଳ ଅବାକ୍ ହୋଇଗଲା । ଏଯାଏଁ ସାହାସ କରି ତାକୁ ଏପରି କଥା କେହି କହି ନଥିଲେ । ତା ମୁହଁ ଉପରେ ଏଯାଏଁ କେହି ପାପର ଛାଇ ଦେଖି ନଥିଲେ । ରୂପା ହୁଏତ ଆଜି ତାକୁ ଠିକ୍ ଚିହ୍ନିଲା । ପୁଣ୍ୟର ମୁଖା ତଳେ ପାପର ଆଖି ଯୋଡ଼ିକୁ ଠିକ୍ ଚିହ୍ନି ପାରିଲା.. ।

ନକୁଳର ହାତ ଧରି ପକାଇ କହିଲା ରୂପା, ମୁଁ କଣଣ ଏତେ ଅସୁନ୍ଦରୀ ନକୁଳ......ମୋତେ ଟିକିଏ ଅନାଅ....ମୋ କଥା ଟିକେ ଶୁଣ.... ମୋ ସାଙ୍ଗରେ ଟିକେ ବସି ଯାଅ.... ।

ରୂପା ହୁଏତ ତା'ର ଗ୍ଲାନିଚକ୍ଷଣ ଦେଖି କିଛି ସନ୍ଦେହ କରିଥିବ । ନ ହେଲେ କେବେ ପଛକୁ ନଥିବା ଲୋକ ଆଜି ପଛରେ ଗୋଡ଼ାଉଛି କାହିଁକି ? ପାପ ଇମିତି ସଂଚରିଯାଏ, ଥରେ ଗୋଡ଼ ଖସିଗଲେ ତଳକୁ, ଖାଲି ତଳକୁ । ସେ ରୂପାର ହାତ ଛାଡି ଦେଇ ଦଉଡ଼ି ପଳାଇଗଲା ।

ଅନେକ ରାତି ଯାଏ ନିଦ ହେଲାନି । ଟିକିଏ ଶବ୍ଦ ହେଲେ ଚମକି ପଡ଼ି ଭାବିଲା, କେହି ଆସୁନାହିଁ ତ ।

ଛୋଟ କୁଡ଼ିଆଟି ଭିତରେ ଶୋଇ ପଡ଼ିଲେ ଆପେ ଆପେ ନିଦ ଘାରି ଯାଏ । ଆଜି ପ୍ରଥମ ବ୍ୟତିକ୍ରମ, ଚେଷ୍ଟା କରିମଧ୍ୟ ଆଖିକୁ ନିଦ ଲାଗିଲା ନାହିଁ । ମନଟା ଭୟରେ ଭୟରେ କୋଉ କୋଣରେ ଲୋସ୍‌ଟୋସ୍ ହୋଇ ପଡ଼ିଥିଲା । କେବଳ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଥିଲା ନକୁଳ ।

ଛୋଟ ଛୋଟ ଜୀବନ ନେଇ ସିନା ଇତିହାସ ଲେଖାହୁଏ ନାହିଁ, କିନ୍ତୁ ଛୋଟ ଛୋଟ ମଣିଷର ଶ୍ୱାସ ଏବଂ ଦୀର୍ଘଶ୍ୱାସ ଛାତି ଅନୁଭବ କରେ, ସେଇ ଶ୍ୱାସ ପ୍ରଶ୍ୱାସର ହିସାବ କରେ ଏବଂ ସେବି ସହାନୁଭୂତି ଜଣାଇ ଦୂତ ପଠାଇ ଦିଏ ଖବର ନବା ପାଇଁ । ଆକାଶରୁ ତାରା ଟିଏ ଖସିପଡ଼େ । ସ୍ୱାସ୍ଥ୍ୟ ଭାଙ୍ଗି ଗଲେ ଆଉଥରେ ଫେରାଇ ଆଣି ହୁଏ, ଧନ ହଜିଗଲେ ପୁଣି ଧନ ସଂଚୟ କରିହୁଏ କିନ୍ତୁ ଚରିତ୍ର ଗଲେ ଆଉ ଆସେନା । ସୁନ୍ଦରୀ ରଥ ଅଣଲେଉଟା । ଦେହ ଓ ମନ ମିଳ ବସି ପାପକରେ କେହି ନ ଦେଖିବା ଆଗରୁ ନିଜେ ଦେଖି ଚମକେ ମଣିଷ ; ପୁଣି କୁହିଁକର ପୁଣ୍ୟ ଫଳ ଯୋଗୁଁ ନିଜେବି ଶାନ୍ତିରେ ଘୁମୁଡ଼ି ମାରେ ଦୁନିଆର ସବୁ ସମସ୍ୟା ଏବଂ ଅଶାନ୍ତି କୁ ପାଦରେ ଦୂରକୁ ଠେଲି ଦେଇ ।

ନକୁଳ କବାଟ ଫାଙ୍କ ଦେଇ ଦେଖିଲା ସକାଳ ହୋଇ ନଥିଲେ ବି ସକାଳ ହେବାର ସୂଚନା ବହନ କରି କୁକୁଡ଼ା ଡାକୁଥିଲା ।

ସେଇ ଟଙ୍କା ଥିବା ସୁଟକେଶଟିକୁ ମଥା ତଳେ ତକିଆ ପରି କରି ରଖିଥିଲା । ଏବେ ଗୁଡ଼ାଏ ଟଙ୍କା ହାତଛଡ଼ା ହୋଇଗଲେ

ଆଉ ମିଳିବ ? ଜୀବନରେ ଆରାମ ଟିକେ ପାଇଲା ନାହିଁ । ଖଟି ଖଟି ସମୟ ଗଡ଼ିଗଲା ସେ ଜାଣି ବି ପାରିଲା ନାହିଁ । ଜୀବନ ଯାକ କ'ଣ ଦିନରାତି କେବଳ ଖଟୁଥିବ ? ଏ ପାପ ପୁଣ୍ୟର ବିଚାର ଦୁର୍ବଳ ମନର ବିଚାର । ମହଣ ମହଣ ଅଗରା ଯିଏ ସୋରିଷ ସହିତ ପେଷି ଖାଣ୍ଟି ତେଲ କହି ବିକି ଦେଉଛି ତାର କୋଠା ପାଇଁ ସିମେଣ୍ଟ ବା ଛଡ଼ର ଅଭାବ କେବେ ହୁଏନାହିଁ । ଅଥଚ ଦିନିଭାଗ ତୋଳା ଘରଟା ଫାଳେ ବାଉଁଶ ପାଇଁ ଅସଂପୂର୍ଣ୍ଣ ହୋଇ ପଡ଼ିରହେ । ଏତେ ପାପର ବିଚାର ହେଉ-ଥିଲେ ରେଳଡ଼ବା ଭାଙ୍ଗି ଲକ୍ଷପତି ହୋଇଥିବା ଚୁବେରମାନଙ୍କ କୋଠା ଗୁଡ଼ା ଆକାଶର ଗୋଡ଼ ଧରିବା ପାଇଁ ପ୍ରତିଯୋଗିତା କରନ୍ତେ ନାହିଁ । ଦୁର୍ବଳ ଲୋକର ବିଚାର କରିବାର ଶକ୍ତି ନଥାଏ ବୋଲି ସେ ପାପ ପୁଣ୍ୟର ବିଚାର କରି ପଡ଼ିରହେ ପଛରେ । ଟଙ୍କା ହାତରେ ଥିଲେ ସବୁ ହାତରେ ଥିବାର ସନ୍ତୋଷ ଅଛି । ଟଙ୍କା ନଥିଲେ ସବୁ ସାତତାଳ ପାଣିର ପଦ୍ମ ପରି ଘୁଞ୍ଚି ଘୁଞ୍ଚି ଯାଏ ।

ରୂପାର ହାତଟା ବେଶ୍ ଗରମ । ତା'ର ଥଣ୍ଡା ଥଣ୍ଡା ହାତରେ କେବଳ ଦୁର୍ବଳତାର ଝାଳ ଜମୁଥିଲା ବୋଲି ନିଜକୁ ଧିକ୍କାରିଲା ନନ୍ଦନ, ମନକୁ ସାନ୍ତ୍ୱନା ଦେଇ କହିଲା, ଲକ୍ଷ୍ମୀ ମନକୁ ଆସିଛନ୍ତି, ସେ ନ ଆଣିଥିଲେ ଆଉ କେହି ଆଣିଥାନ୍ତା । ପୃଥିବୀରେ ଚୋରି କେବେ ଧରା ହୁଏନାହିଁ । ଯାହାର ଚୋରି ହୋଇଯାଏ ସେଇ କେବଳ ଥାନାର ପୁଲିସ ହୋଇ ଆଉ କିଛି ହାତରୁ ଖସାଇ ଅପମାନ ମେଣ୍ଟାଏ ।

ଏ ଟଙ୍କା ଆଉ ପରର ନୁହେଁ ବା ପାପର ନୁହେଁ । ଏହା ତା ନିଜର ।

ନନ୍ଦନ ଶୋଇବା ପାଇଁ ଚେଷ୍ଟା କଲା । ନରମ ଯାଉଥିବା ଥଣ୍ଡା ଦେହରେ ପୁଣି ରୋମାଞ୍ଚ ହେଲା ଆଗାମୀ କାଲିର ସଂଭା-ବନାର ସୂଚନା ପାଇ ।

ଘଣ୍ଟିଟା ବାଜିଲା କି କ'ଣ, ନଗର ସଂକୀର୍ତ୍ତନ କରିବା ପାଇଁ ଭକ୍ତ ସମାଜ ବାହାରି ପଡ଼ିଥିଲେ ରାସ୍ତା ଉପରକୁ । ଗୋଟାଏ ନାମ ଏତେ ଗୁଡ଼ାଏ ଲୋକଙ୍କୁ ଏକାଠି କରିପାରିଛି, ଗୋଟାଏ ଅଦୃଶ୍ୟ ଶକ୍ତି ଯୋଗୁଁ ଆକାଶରେ ଏତେ ତାରା, ପୃଥିବୀର ଏତେ ଫୁଲ ମୁହଁ ଚାହାଁ-ଚୁହିଁ ହୋଇ ଶୁଭ ଦୃଷ୍ଟି ବିନିମୟ କରୁଛନ୍ତି । କେତେ ଆଖି ଯେ ସେମାନଙ୍କର ଦୃଷ୍ଟି କବାଟର ଫାଙ୍କ ଦେଇ ଏବଂ ଘରର ଛିଦ୍ର ଦେଇ ଲକ୍ଷ୍ୟ କରୁଥିଲେ ଭିତରକୁ...... ।

ନିଦ ହୋଇ ନଥିଲା ବୋଲି ଆଖି ଯୋଡ଼ିକ ପୋଡ଼ୁଥିଲା । ଯନ୍ତ୍ରଣାରେ ଛଟପଟ ହେଉ-ଥିଲା ବୋଲି ଦେହ ଅବସାଦରେ ଭରି ଉଠିଥିଲା । ତା'ର ବି ହଠାତ୍ ଇଚ୍ଛା ହେଲା ନଗର ସଂକୀର୍ତ୍ତନ କରିବା ପାଇଁ । କିନ୍ତୁ ତାକୁ ଆଉ କିଏ ଅକତିଆର କରିନେଇ କହିଲା, ତୁ ନନ୍ଦନ, ନଗରଶ୍ରେଷ୍ଠୀ ଶେଠ୍ ନୋହୁଁ, ତୋର ଇତିହାସ ନଥିଲେ ବି ହସ ଓ ଦୀର୍ଘଶ୍ୱାସ ଅଛି । ଶେଠ୍‌ଜୀର ଧାରକରା ହସ ତୋର ଦୀର୍ଘଶ୍ୱାସର ଫଳ । ନଗର ସଂକୀର୍ତ୍ତନ ଆଗକୁ ଖସିଗଲେ ଆଉ ସେମାନଙ୍କ ସହିତ ମିଶି ପାରିବୁ ନାହିଁ ; ତୋ ସ୍ୱରଟା ଏତେ ଉଚ୍ଚ ନୁହେଁ ଯେ ସମସ୍ତଙ୍କୁ ଶୁଣାଯିବ । ତୁ ମିଶିଯା ସେମାନଙ୍କ ସାଙ୍ଗରେ । ସେଇ ଏକା ବଡ଼ । ସେଇ କେବଳ ପତିତଙ୍କୁ ପାବନ କରନ୍ତି । ଆଉ ବିଳମ୍ବ ନ କରି ସୁଟ୍‌କେଶଟା ହାତରେ ଧରି ଆଗକୁ ଧାଇଁଲା ନନ୍ଦନ— ସଂକୀର୍ତ୍ତନ କରିବା ପାଇଁ ନୁହେଁ, ଥାନାରେ ସୁଟ୍‌କେଶଟା ଜମା ଦେବା ପାଇଁ ।

ମୁଖ୍ୟ ଲୋକସଂପର୍କ ଅଫିସର,
ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡନରିଚ ରୋଡ,
କଲିକତା ।



## ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାର ଅନ୍ତର୍ଗତ । ବର୍ଷକ ମଧ୍ୟରେ ୧,୨୬୮ଟି ଗ୍ରାମ ବିଦ୍ୟୁତ୍‌କରଣ ହୋଇଛି

ଗତବର୍ଷ ଜୁଲାଇ ମାସଠାରୁ ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ରାଜ୍ୟରେ ସବୁ ଜିଲ୍ଲାରେ ସର୍ବ ମୋଟ ୧,୨୬୮ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି । ତନ୍ମଧ୍ୟରେ ୧,୧୫୯ଟି ଗ୍ରାମ ଏବଂ ୧୦୯ଟି ପଲ୍ଲୀଗ୍ରାମ ଅନ୍ତର୍ଭୁକ୍ତ । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୨୩୧ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ସେହିପରି କଟକ ଓ ପୁରୀ ପ୍ରତ୍ୟେକ ଜିଲ୍ଲାରେ ୧୯୪ଟି ଲେଖାଏ ଗ୍ରାମ ବିଦ୍ୟୁତ୍‌କରଣ ହୋଇଛି ।

ଗତବର୍ଷ ଜୁନ୍‌ମାସ ପର୍ଯ୍ୟନ୍ତ ସମୁଦାୟ ୧୪ହଜାର ୭୬୧ଟି ଗ୍ରାମ ବିଦ୍ୟୁତ୍‌କରଣ ହୋଇଥିଲା ।

# ଗାନ୍ଧିଜୀ ଓ ଭାରତର ବୈଦେଶିକ ନୀତି

ଡକ୍ଟର ସ୍ୱବପ୍ରାହ୍ମୀ ମିଶ୍ର

ଭାରତରେ ରାଜନୈତିକ ପରିବେଶରେ ଯେତେବେଳେ କୌଣସି ଆପଦ ଦେଖା-ଦିଏ ସେତେବେଳେ ରାଷ୍ଟ୍ରର ବହୁ ନେତା ଦଳମତ ନିର୍ବିଶେଷରେ ଗାନ୍ଧିଜୀଙ୍କ କଥା ସ୍ମରଣ କରିଥାନ୍ତି । ଏପରିକି ଆନ୍ତଃରାଷ୍ଟ୍ରୀୟ ସଂପର୍କ ପ୍ରତିଷ୍ଠା କ୍ଷେତ୍ରରେ ଗାନ୍ଧିଜୀଙ୍କର ପ୍ରେରଣା ଅନୁସରଣୀୟ ବୋଲି ଘୋଷଣା କରିଥାନ୍ତି । ଯେଉଁମାନେ ବୈଦେଶିକ ନୀତି, କୂଟନୀତି ଓ ବ୍ୟବହାରିକ ବିଜ୍ଞାନ ସଂପର୍କରେ ରଚିତ ପୁସ୍ତକମାନ ଅନୁଶୀଳନ କରିଛନ୍ତି ଓ ଭାରତୀୟ ବୈଦେଶିକ ନୀତିର ଗତିଧାରା ସଂପର୍କରେ ଅନୁଧ୍ୟାନ କରିଛନ୍ତି ସେମାନେ ସ୍ୱୀକାର କରିବେ ଯେ ଏ କ୍ଷେତ୍ରରେ ଗାନ୍ଧିଜୀଙ୍କର ଅବଦାନ ସୀମିତ । କେବଳ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ବ୍ୟତିତ ଗାନ୍ଧିଜୀ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ଭାରତ କିପରି ସଂପର୍କ ପ୍ରତିଷ୍ଠା କରିବା ଉଚିତ୍, ସେ ସମ୍ପର୍କରେ ବିଶେଷ କୌଣସି "ନୀତି" ବୟାନ କରି ନ ଥିଲେ ।

ଦୁଃଖର କଥା ଯେ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ଯେତେବେଳେ ଭାରତର ବୈଦେଶିକ ନୀତି ପ୍ରଣୟନର ପ୍ରଚେଷ୍ଟା ଆରମ୍ଭ ହେଲ, ସେତେବେଳେ ପରାମର୍ଶ ଦେବାକୁ ଗାନ୍ଧୀଜୀ ନ ଥିଲେ । ଯେ କୌଣସି ରାଷ୍ଟ୍ରର ଆଞ୍ଚଳିକ ସ୍ଥିତି, ସାଂସ୍କୃତିକ ଜୀବନ ଧାରା ଓ ରାଜନୈତିକ ସ୍ଥିରତା, ଉଣା ଅଧିକେ ଆନ୍ତଃରାଷ୍ଟ୍ରିୟ ରାଜନୈତିକ ଆଦର୍ଶବାଦ ଦ୍ୱାରା ପ୍ରଭାବିତ ହୋଇଥାଏ । ବୈଦେଶିକ ନୀତି ପ୍ରଣୟନ କ୍ଷେତ୍ରରେ ରାଷ୍ଟ୍ରର ନୀତି-ପ୍ରଣେତା ମାନଙ୍କର ବିଚାର ରାଷ୍ଟ୍ରର ଶକ୍ତି ସାମର୍ଥ୍ୟ ଉପରେ ନିର୍ଭର କରେ । ତେଣୁ ରାଜନୀତି କ୍ଷେତ୍ରରେ ଥିବା ଦୁଇ ବୃହତ୍ ଶକ୍ତିଙ୍କର ଶକ୍ତି ସାମର୍ଥ୍ୟକୁ କଳନା ନ କରି କେବଳ ନୈତିକତାର ଭିତ୍ତି ଉପରେ ବା ଅତୀତ ଇତିହାସର ଘଟଣାବଳୀ ଉପରେ ନିର୍ଭର କଲେ କୌଣସି ରାଷ୍ଟ୍ର ତାହାର ବୈଦେଶିକ ନୀତିର ଉପଯୁକ୍ତ ମାର୍ଗ ନିର୍ଦ୍ଧାରଣ କରିବା ସମ୍ଭବପର ନୁହେଁ । କ୍ଷମତାର ପ୍ରତିଯୋଗିତା ଯେପରି ଆଧୁନିକ କାଳରେ ରାଷ୍ଟ୍ର ଗଠନର ମୂଳଭିତ୍ତି ହୋଇଛି, ସେ କ୍ଷେତ୍ରରେ ନୈତିକତାର ମୂଲ୍ୟ ହ୍ରାସ ପାଇବା ସ୍ୱାଭାବିକ । କେବଳ କୌଣସି "ଶକ୍ତି ଗୋଷ୍ଠୀ" ସହିତ ସହଯୋଗ ପ୍ରଦର୍ଶନ କିମ୍ବା "ରାଷ୍ଟ୍ରୀୟତାର ସଙ୍କୁଚିତ ସଂଜ୍ଞା" ମଧ୍ୟରେ ବୈଦେଶିକ ନୀତିକୁ ପ୍ରତିଷ୍ଠା କରିବା ଆଉ ସମ୍ଭବପର ନୁହେଁ । ଊନବିଂଶ ଶତାବ୍ଦୀର ରାଜନୈତିକ ଆଦର୍ଶ ଦ୍ୱାରା ଏବେ ବି ବହୁ ରାଷ୍ଟ୍ର ପ୍ରଭାବିତ ହେଉଥିବା କଥା ସ୍ୱୀକାର କରିବାକୁ ପଡ଼ିବ । ଦ୍ୱିତୀୟ ମହାଯୁଦ୍ଧ ପରେ ନୂତନ ରାଷ୍ଟ୍ର ସମୂହ ଏହି "ରାଜନୈତିକ ଆଦର୍ଶବାଦ" ଜନିତ ଗୋଷ୍ଠୀ ବିବାଦରୁ ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖି ପାରି ନାହାନ୍ତି । ଏ କ୍ଷେତ୍ରରେ ଭାରତ "ନିରପେକ୍ଷ ବୈଦେଶିକ ନୀତି" ପ୍ରଣୟନ କ୍ଷେତ୍ରରେ ନେତୃତ୍ୱ ନେଇଛି । କିନ୍ତୁ ଭାରତବର୍ଷର ଆଭ୍ୟନ୍ତରୀଣ ବ୍ୟାପାରରେ ଉଗ୍ର ରାଷ୍ଟ୍ରୀୟତା, ଭାଷା ସଂଘର୍ଷ, ସାମ୍ପ୍ରଦାୟିକ ଭାବପ୍ରବଣତା ଆଜି ନୂତନ ରାଷ୍ଟ୍ର ଗଠନର ସହାୟକ ଭାବରେ "ନିରପେକ୍ଷ ନୀତି" ଅବଲମ୍ବନ କରିବାକୁ ସକ୍ଷମ ହୋଇ ପାରି ନାହିଁ । ବରଂ ନୂତନ ରାଷ୍ଟ୍ରମାନେ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ଦୁଇ ବୃହତ୍ ଶକ୍ତିଙ୍କର ପ୍ରତିଯୋଗିତା ମୂଳକ ବିବାଦକୁ ନିଜର ସ୍ୱାର୍ଥ ଦୃଷ୍ଟିରୁ ବ୍ୟବହାର କରିବାକୁ ଚେଷ୍ଟା କରି ଆସିଛନ୍ତି । ଫଳରେ ବୈଦେଶିକ ନୀତି ପ୍ରଣୟନ କ୍ଷେତ୍ରରେ "ନିରପେକ୍ଷ ନୀତି" ସଂପୂର୍ଣ୍ଣ ଭାବରେ ସଫଳ ହୋଇ ପାରିନାହିଁ ।

ଯେ କୌଣସି ରାଷ୍ଟ୍ରର ବୈଦେଶିକ ନୀତି କେବଳ ଆନ୍ତଃରାଷ୍ଟ୍ରୀୟ ଅବସ୍ଥା ଉପରେ ନିର୍ଭରଶୀଳ ନୁହେଁ । ଏହା ରାଷ୍ଟ୍ରର ଅନ୍ତର୍ନିହିତ ଶକ୍ତି ଓ ସମ୍ବଳ ଉପରେ ନିର୍ଭର କରେ । ଏ ଦିଗରେ ଯେ କୌଣସି ରାଷ୍ଟ୍ରର ଅଧିବାସୀଙ୍କର ମନସ୍ତାତ୍ତ୍ୱିକ ଅବସ୍ଥାର କଳନା କରି ନ ପାରିଲେ ବୈଦେଶିକ ନୀତିର ଅସଫଳତା ସନ୍ଦର୍ଶନ କରିବା ଅସ୍ୱାଭାବିକ ହେବ ନାହିଁ । ରାଷ୍ଟ୍ରରେ ଏକତା ହିଁ ଶକ୍ତିର ଉତ୍ସ । ଭାରତବର୍ଷରେ ଆଞ୍ଚଳିକତା, ଭାଷା ସଂଘର୍ଷ, ରାଜ୍ୟ-ରାଜ୍ୟ ମଧ୍ୟରେ ଥିବା ସଂଘର୍ଷ, ରାଜ୍ୟ ଓ କେନ୍ଦ୍ରର ସଂପର୍କ ଓ ଭୌଗୋଳିକ ପରିସ୍ଥିତି ଏପରି ଯେ ଏହାର ଦୃଷ୍ଟାନ୍ତ ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ରରେ ଖୋଜି ପାଇବା ସମ୍ଭବ ନୁହେଁ । ପୃଥିବୀର ବହୁ ନୂତନ ରାଷ୍ଟ୍ର ଆକାର ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ଗୋଟିଏ ଗୋଟିଏ ରାଜ୍ୟ ବା ଗୋଟିଏ ଗୋଟିଏ ଜିଲ୍ଲା ସହିତ ସମାନ । ତା ଛଡ଼ା ଭାରତର ଆଭ୍ୟନ୍ତରୀଣ ରାଜନୀତି କ୍ଷେତ୍ରରେ ଦେଖା ଦେଉଥିବା ଅସ୍ଥିର ରାଜନୀତି ସହିତ, ବୈଦେଶିକ ନୀତିରେ ଦେଖା ଦେଉଥିବା ଅସୁବିଧାର ସଂପର୍କ ରହିଛି । ଏ କ୍ଷେତ୍ରରେ ଗାନ୍ଧିଜୀଙ୍କର କୌଣସି ସୁସ୍ପଷ୍ଟ ନିର୍ଦ୍ଦେଶ ମିଳୁ ନ ଥିଲେ ମଧ୍ୟ, ତାଙ୍କର ଆଦର୍ଶବାଦୀ ଚିନ୍ତାଧାରା ଓ ଆନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ "ଆପୋଷ ସମାଧାନର" ସମର୍ଥନକୁ ଗଭୀର ଭାବରେ ଅନୁଧ୍ୟାନ କରିବାର ବେଳ ଆସିଛି ।

ଗାନ୍ଧିଜୀଙ୍କ ମୃତ୍ୟୁ ପରେ, ତାଙ୍କର ବହୁ ଘୋଷଣା, ବିବୃତି ଓ ଚିନ୍ତାଧାରା ରାଷ୍ଟ୍ରର "ରାଜନୈତିକ ଆଦର୍ଶ" କୁ ବିଭିନ୍ନ ସମୟରେ ପ୍ରେରଣା ଯୋଗାଇ ଆସିଛି । ରାଷ୍ଟ୍ରୀୟ ପରିକଳ୍ପନା କ୍ଷେତ୍ରରେ ଯେ କୌଣସି ରାଜନୈତିକ ଆଦର୍ଶବାଦକୁ ଗ୍ରହଣ କରାଗଲେ ମଧ୍ୟ, ତାହା ରାଷ୍ଟ୍ରର ଅନ୍ତର୍ନିହିତ ଶକ୍ତି ଓ ସମ୍ବଳର କଳନା କରିପାରେ ହିଁ କାର୍ଯ୍ୟକାରୀ କରିବା ସମ୍ଭବ । ଯେଉଁମାନେ ଭାରତର ବୈଦେଶିକ ନୀତିର ମୂଳରେ ଗାନ୍ଧିଜୀଙ୍କର ଚିନ୍ତାଧାରାର ପ୍ରଭାବ ଅନୁଧ୍ୟାନ କରିବାକୁ ଚେଷ୍ଟା କରନ୍ତି ସେମାନେ ଭୁଲିଯାନ୍ତି ଯେ ଗାନ୍ଧିଜୀ ମୁଖ୍ୟତଃ ଜଣେ ନୀତିବାନ୍ ଶିକ୍ଷକ ଓ ଜାତୀୟତାବାଦୀ ନେତା ଥିଲେ । ଆନ୍ତଃରାଷ୍ଟ୍ରୀୟ ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ଭାରତର ଆଭିମୁଖ୍ୟ କ'ଣ ହେବା ଉଚିତ୍ ସେ କଥା ବିଚାର କରିବାକୁ ଗାନ୍ଧିଜୀ ନ ଥିଲେ ।

ଯେ କୌଣସି ରାଷ୍ଟ୍ରର "ରାଜନୈତିକ ଆଦର୍ଶ"କୁ କେବଳ ଘୋଷଣା କରିଦେଲେ ଚଳେ ନାହିଁ । ଦୈନନ୍ଦିନ ଜୀବନରେ ସମାଜର ସୁରକ୍ଷା କ୍ଷେତ୍ରରେ ଓ ଆଭ୍ୟନ୍ତରୀୟ ପ୍ରଶାସନିକ ବ୍ୟାପାର ସହିତ ସଂପୃକ୍ତ କାର୍ଯ୍ୟକ୍ରମ କରିପାରେ ହିଁ ଏହା ପ୍ରତିଫଳିତ ହେବା ଉଚିତ୍ । ଅନ୍ୟଥା ଏହା କେବଳ "ପୋଥି ବାଇଗଣ" ହୋଇ ରହିଯିବ । ତେଣୁ ରାଷ୍ଟ୍ରର "ରାଜନୈତିକ ଆଦର୍ଶ" ଏପରି ହେବା ଉଚିତ୍ ଯାହା କାର୍ଯ୍ୟକାରୀ ହେବା ସମ୍ଭବ । ନିଜ ନିଜ ସମାଜର ଅନ୍ତର୍ନିହିତ

ଶକ୍ତି ଓ ସମ୍ବଳର କଳନା ନ କରି ଅନ୍ୟ ରାଷ୍ଟ୍ରରୁ "ଧାରକରା ବୁଦ୍ଧି" ନେଇ କୌଣସି ରାଷ୍ଟ୍ର ତାହାର ରାଜନୈତିକ ଆଦର୍ଶକୁ ଦୃଢ଼ କରି ପାରିବ ନାହିଁ । ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା ଯେ ପୃଥିବୀର ବହୁ "ପୁରାତନ ସମାଜ" "ଏବେ ନୂତନ ରାଷ୍ଟ୍ର"-ରେ ପରିଣତ ହେଉଥିବା ବେଳେ "ପାରଂପରିକ ସମାଜର ଲକ୍ଷଣ" ଓ "ଆଧୁନିକ ରାଷ୍ଟ୍ର ନିର୍ମାଣର କୌଶଳ" ମଧ୍ୟରେ ସଂଘର୍ଷ ଉପୁଜୁଛି । ଭାରତୀୟ ସମାଜ କୌଟିଲ୍ୟ, ଅଶୋକ ଓ ଗାନ୍ଧିଜୀଙ୍କର ଅବଦାନକୁ ଅସ୍ୱୀକାର କରି ପାରିବ ନାହିଁ । କିନ୍ତୁ ଭାରତକୁ ଏକ "ଆଧୁନିକ ରାଷ୍ଟ୍ରରେ" ପରିଣତ କରିବାକୁ ହେଲେ "ପାରଂପରିକ ସମାଜର" କେତେକ ଲକ୍ଷଣକୁ ପରିହାର କରିବାକୁ ପଡ଼ିବ ।

କେତେକ ଲେଖକ ଓ ରାଜନୀତିଜ୍ଞ ଭାରତର ବୈଦେଶିକ ନୀତିରେ ଗାନ୍ଧିଜୀଙ୍କର ଚିନ୍ତାଧାରା ପ୍ରତିଫଳିତ ହୋଇଥିବା କଥା ଉଲ୍ଲେଖ କରିଥାନ୍ତି । ଏହା ହୁଏତ ଏକ ରାଜନୈତିକ କୌଶଳ ବା ଗାନ୍ଧିଜୀଙ୍କର ଚିନ୍ତାଧାରା ସଂପର୍କରେ ଅଗଭୀର ଅଧ୍ୟୟନର ପରିଣାମ । ଗତ ତିରିଶ ବର୍ଷ ମଧ୍ୟରେ ଭାରତର ବୈଦେଶିକ ନୀତି ଯେଉଁଭଳି ଭାବରେ ଗତି କରି ଆସିଛି, ସେହି ପରିପ୍ରେକ୍ଷୀରେ ହିଁ ବୈଦେଶିକ ନୀତି ପ୍ରଣୟନ କ୍ଷେତ୍ରରେ ଗାନ୍ଧିଜୀଙ୍କର ଚିନ୍ତାଧାରା ପ୍ରତିଫଳିତ ନ ହୋଇ ପାରିଥିବାର କାରଣ ଅନୁଧ୍ୟାନ କରାଯାଇ ପାରେ ।

ଯେ କୌଣସି "ରାଜନୈତିକ ଆଦର୍ଶର ଭାଷା" ଏକ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଇଥାଏ । ଏଭଳି ଭାଷା ବ୍ୟବହାରର ମଧ୍ୟ ଆବଶ୍ୟକତା ରହିଛି । କାରଣ କୌଣସି ଅପରିକଳ୍ପିତ ପରିସ୍ଥିତି ଓ ସମସ୍ୟାକୁ କେବଳ ସେହିଭଳି ବ୍ୟାପକ ଅର୍ଥ ସମ୍ବଳିତ ଭାଷା ମାଧ୍ୟମରେହିଁ ଆୟତ୍ତାଧୀନ କରାଯାଇପାରିବ । କିନ୍ତୁ ଥରେ କୌଣସି ରାଜନୈତିକ ଆଦର୍ଶକୁ ଏକ ନିର୍ଦ୍ଦିଷ୍ଟ ଭାଷାରେ ଓ ସରକାରୀ ସ୍ୱୀକୃତ ଦଲିଲରେ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ପରେ ସରକାରୀ କର୍ମଚାରୀ, ସାଧାରଣ ନାଗରିକ, ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ନେତାମାନେ ସେମାନଙ୍କର ଆଚରଣ ବ୍ୟବହାର ଓ କର୍ମପନ୍ଥାରେ ଏହି "ଭାଷା"ର ଅର୍ଥପ୍ରତି ସମ୍ମାନ ପ୍ରଦର୍ଶନ କରି କାର୍ଯ୍ୟ କରିବା ଉଚିତ୍ । ଯେ କୌଣସି ଦଳର ବିଭିନ୍ନ ସଦସ୍ୟ ଏକ ନିର୍ଦ୍ଦିଷ୍ଟ ଆଦର୍ଶ ପ୍ରତି ସେମାନଙ୍କର ଅନୁରକ୍ତି ପ୍ରକାଶ କରିଥିଲେ ମଧ୍ୟ, ସେହି ଆଦର୍ଶର ବ୍ୟାଖ୍ୟା କାଳରେ ସେମାନଙ୍କ ମଧ୍ୟରେ ଭିନ୍ନ ବୁଝାମଣା ରହିବା ସମ୍ଭବ । ତେଣୁ "କାର୍ଯ୍ୟପନ୍ଥା" ହିଁ 'ଭାଷା' ଅପେକ୍ଷା ଅଧିକ ବଳଶାଳୀ । ଗାନ୍ଧିଜୀ ଯେତେବେଳେ 'ସତ୍ୟ', 'ଅହିଂସା',"ନ୍ୟାୟ ପରାୟଣତା" ଆଦି ଶବ୍ଦର ବାରମ୍ବାର ବ୍ୟବହାର କରୁଥିଲେ, ସେତେବେଳେ ସେ ଏହାକୁ ଏକ ଗଭୀର ଅର୍ଥରେହିଁ ବ୍ୟବହାର କରିବାକୁ ଆଗ୍ରହୀ ଥିଲେ । ବୈଦେଶିକ ନୀତି ପ୍ରଣୟନ ଓ ତାହାର ପ୍ରୟୋଗ କ୍ଷେତ୍ରରେ ଏହି ଶବ୍ଦରାଶିର ଅର୍ଥ ଦ୍ୟୋତନାକୁ କିଭଳି ବିଚାର କରାଯାଉଛି, ତାହା ଦେଖିବାକୁ ପଡ଼ିବ । ନଚେତ୍ ନିଜକୁ ଗାନ୍ଧିଜୀଙ୍କର ଦାୟାଦ ବୋଲି ଘୋଷଣା କରିବାରେ କୌଣସି ତାତ୍ପର୍ଯ୍ୟ ରହିବ ନାହିଁ । ବୈଦେଶିକ ନୀତି ପ୍ରଣୟନ କ୍ଷେତ୍ରରେ ଓ ତାହାର ପ୍ରୟୋଗ ପରୀକ୍ଷା କାଳରେ ଆମେ ଗାନ୍ଧିଜୀଙ୍କର "ଆଦର୍ଶ ଶବ୍ଦାବଳୀ"ର ନିକଟତର ହୋଇ ପାରୁଛେ କି ? ଯେ କୌଣସି ରାଜନୈତିକ ଆଦର୍ଶର ଦୋହାଇ ଦେଇ ମଧ୍ୟ ଭିନ୍ନ ନିଷ୍କର୍ଷ ଓ ଏପରିକି ବିରୋଧାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଦୃଷ୍ଟାନ୍ତ ସ୍ୱରୂପ ପ୍ରଥମ ମହାଯୁଦ୍ଧ ସମୟରେ ଗାନ୍ଧିଜୀ ବ୍ରିଟିଶ ସରକାରଙ୍କୁ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଓ ଏହା ଭାରତର ଭବିଷ୍ୟତ ପ୍ରତିଷ୍ଠା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବ ବୋଲି ସୂଚନା ଦେଇଥିଲେ । କିନ୍ତୁ ଏଇ ଘୋଷଣାର ଅଳ୍ପ କେତେବର୍ଷ ପୂର୍ବରୁ ଗାନ୍ଧିଜୀ ନିଜ ଆଦର୍ଶର ଅନୁସରଣ କରି ଭାରତ ଓ ବ୍ରିଟେନର ସମ୍ପର୍କକୁ "ପ୍ରେମର ଈଶ୍ୱର" ଓ "ଯୁଦ୍ଧର ଈଶ୍ୱର" ମଧ୍ୟରେ ସଂଘର୍ଷ ବୋଲି ଘୋଷଣା କରିଥିଲେ ।

କେତେକ ରାଜନୈତିକ ନେତା ସେମାନଙ୍କର ଅଗଭୀର ଅଧ୍ୟୟନ ଫଳରେ ଗାନ୍ଧିଜୀଙ୍କର ଏହି ଘୋଷଣା ମଧ୍ୟରେ ବିରୋଧାତ୍ମକ ଅର୍ଥ ଖୋଜି ପାରନ୍ତି । ଗାନ୍ଧୀ ଅହିଂସା-ଅସହଯୋଗର ପନ୍ଥା ନିର୍ଦ୍ଦେଶ କରି ଯାଇଛନ୍ତି । କିନ୍ତୁ ଏହି ପନ୍ଥା ଅନୁସରଣ କାଳରେ ଯଦି ଶତ୍ରୁପକ୍ଷ କୌଣସି "ନୈତିକ ଦ୍ୱନ୍ଦ୍ୱ"ର ସମ୍ମୁଖୀନ ହୋଇ ନାନା ପ୍ରକାର ଅନୈତିକ କାର୍ଯ୍ୟ କରିପାରେ, ସେଥିପାଇଁ ଆଦର୍ଶ ଦୃଷ୍ଟିରୁ ଅହିଂସା–ଅସହଯୋଗର ଆଦର୍ଶକୁ ପରିତ୍ୟାଗ କରାଯାଇ ପାରିବ ନାହିଁ । ଏଠାରେ ସେ ଏକ ଉଚ୍ଚତର "ମୂଲ୍ୟବୋଧ" ସଂପର୍କରେ ସଚେତନ । ତାଙ୍କର ବକ୍ତବ୍ୟ ହେଉଛି ଯେ ଅହିଂସା-ଅସହଯୋଗର ପନ୍ଥାକୁ ଏପରି ଭାବରେ ପ୍ରୟୋଗ କରିବା ଆବଶ୍ୟକ ଯାହା କୌଣସି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରିପାରିବ ନାହିଁ । କିନ୍ତୁ ସାମାଜିକ ଓ ରାଜନୈତିକ ଆଚରଣରେ ଓ ବ୍ୟବହାରରେ ଏପରି ଉଚ୍ଚ ନୈତିକ ମାନଦଣ୍ଡ ଆଶା କରିବା ସର୍ବଦା ସମ୍ଭବପର ନୁହେଁ । ଅହିଂସା-ଅସହଯୋଗର ପ୍ରୟୋଗ କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଗାନ୍ଧିଜୀ ସଚେତନ ଥିଲେ । ତେଣୁ ତାଙ୍କର ବିଭିନ୍ନ ଉକ୍ତି ମଧ୍ୟରେ ଥିବା ଅସଙ୍ଗତି ବା ଅସାମଞ୍ଜସ୍ୟ ବିଷୟରେ ସେ ଆଦୌ ବିଚଳିତ ନ ଥିଲେ । ସେ ଦୃଢ଼ତାର ସହିତ ସ୍ୱୀକାର କରିଥିଲେ ଯେ "କୌଣସି ନିର୍ଦ୍ଦିଷ୍ଟ ସମସ୍ୟା ସମ୍ପର୍କରେ ମୋର ପୂର୍ବବର୍ତ୍ତୀ ମତାମତ ସହିତ ଏବର ମତାମତ ମଧ୍ୟରେ ଥିବା ପାର୍ଥକ୍ୟ ଯୋଗୁଁ ମୁଁ ବିଚଳିତ ନୁହେଁ । କାରଣ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମତେ "ସତ୍ୟ"ର ସ୍ୱରୂପ ଯେପରି ଜଣାଯାଏ, ସେହି ସ୍ୱରୂପ ପ୍ରତି ମୁଁ ଅନୁରକ୍ତ ରହିବାକୁ ଚେଷ୍ଟା କରେ ।"

ତେଣୁ ଜାତୀୟତା ଓ ରାଜନୈତିକ ଆଦର୍ଶ କ୍ଷେତ୍ରରେ ତାଙ୍କର ଉକ୍ତିମାନଙ୍କ ମଧ୍ୟରେ ଥିବା ଅସଙ୍ଗତି ସ୍ୱାଭାବିକ । ଯଦି ତାଙ୍କର ନୀତି ପ୍ରତି ସେ "ସମ୍ପୂର୍ଣ୍ଣ" ଅନୁରକ୍ତି ଆଶା କରିଥାନ୍ତେ, ତେବେ ସେ ଜଣେ "ଆଦର୍ଶବାଦୀ" ରହିଯାଇ ଥାନ୍ତେ । କିନ୍ତୁ ଗୀତାର ପ୍ରଭାବ ଫଳରେ ସେ ନିଜକୁ ଜଣେ "କର୍ମବାଦୀ" ଭାବରେ ଗଢ଼ିବାକୁ ଚେଷ୍ଟା କରୁଥିଲେ । ଏକ ନିର୍ଦ୍ଦିଷ୍ଟ ଓ ବାସ୍ତବ ଲକ୍ଷ୍ୟ ସାଧନ ପାଇଁ ଏକ ଉଚ୍ଚତର ନୈତିକତାର ମାନଦଣ୍ଡକୁ ତ୍ୟାଗ କରିବାକୁ ଚାହୁଁ ନ ଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଭାରତର ସ୍ୱାଧୀନତା । ଜୀବନର ଏହି ଲକ୍ଷ୍ୟ ସାଧନ ଦିଗରେ ଦେଶବାସୀଙ୍କୁ ଜାଗ୍ରତ କରିବା ପାଇଁ ସେ ଅନେକ ଅସଂଗତିକୁ ନୀରବରେ ସହ୍ୟ କରି ଯାଇଥିଲେ ।

ରାଜନୈତିକ ଲକ୍ଷ୍ୟ ଓ ରାଜନୈତିକ ମୂଲ୍ୟବୋଧକୁ ସମୟ ସମୟରେ ସ୍ୱତନ୍ତ୍ର ଭାବରେ ବିଚାର କରିବାର ଆବଶ୍ୟକତା ଦେଖା ଦେଇଥାଏ । ଏପରିକି ନୈତିକ ମୂଲ୍ୟବୋଧକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରାଯିବା, ଆନ୍ତଃ-ରାଷ୍ଟ୍ରୀୟ ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ କିଛି ନୂଆ କଥା ନୁହେଁ କିମ୍ବା ରାଜନୈତିକ ଆଦର୍ଶ ପ୍ରତି ଅନୁରକ୍ତି ନାମରେ ସମୟ ସମୟରେ ସମସ୍ତ ନୈତିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ । ଗାନ୍ଧିଜୀ "ଲକ୍ଷ୍ୟ ଓ ପନ୍ଥା" ଭିତରେ ସମନ୍ୱୟ ସାଧନ କରିବାର ଦୃଢ଼ ସମର୍ଥକ ଥିଲେ ବି ରାଜନୈତିକ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାପାଇଁ "ଅନାବଶ୍ୟକ ପନ୍ଥା" ଗ୍ରହଣକୁ ବେଳେ ବେଳେ ସମର୍ଥନ କରିଛନ୍ତି । ଏହା ବୋଅର, ଜୁଲୁ ଓ ପ୍ରଥମ ମହାଯୁଦ୍ଧ ସମୟରେ ପ୍ରମାଣିତ ହୋଇଛି । ଏହି ଯୁଦ୍ଧମାନଙ୍କରେ ତାଙ୍କର ସାହାଯ୍ୟ (ଅହିଂସା) ଉଲ୍ଲେଖନୀୟ । ସେଥିପାଇଁ ନେହୁରୁଜୀ ଥରେ କହିଥିଲେ ଯେ ଜଣେ "ଜାତୀୟବାଦୀ" ନେତା ଭାବରେ "ଭାରତର ଓ ପୃଥିବୀର ସମସ୍ତ ନିଷ୍ପେଷିତ ରାଷ୍ଟ୍ରର ସ୍ୱାଧୀନତା ପାଇଁ ତାଙ୍କର ଆଗ୍ରହ ଅନେକ ସମୟରେ ତାଙ୍କର ଅହିଂସାନୁରକ୍ତିକୁ ଅତିକ୍ରମ କରି ଯାଇଛି" । ତେଣୁ ଆନ୍ତଃ-ରାଷ୍ଟ୍ରୀୟ କ୍ଷେତ୍ରରେ ଏଭଳି ପରିସ୍ଥିତି ସମୟ ସମୟରେ ଉପୁଜିଛି ଯେ ଗାନ୍ଧିଜୀ ତାଙ୍କର ନୀତି ଓ ତତ୍କାଳୀନ ପରିସ୍ଥିତି ମଧ୍ୟରେ ଏକ ଆପୋଷ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । "ଜାତୀୟବାଦ" ପ୍ରତି ଆତ୍ୟନ୍ତିକ ଆଗ୍ରହ, ଏକ ନିର୍ଦ୍ଦିଷ୍ଟ ରାଜନୈତିକ ପରିସ୍ଥିତିରେ ଆବଶ୍ୟକ ପଦକ୍ଷେପ ଓ ଉଚ୍ଚ ନୈତିକ ମୂଲ୍ୟବୋଧ ମଧ୍ୟରେ ସେ ବେଳେ ବେଳେ ସାଲିସ୍ କରିବାକୁ ଚେଷ୍ଟା କରିଛନ୍ତି । ମନେହୁଏ

ଯେତେବେଳେ କୌଣସି ଆନ୍ତଃ-ରାଷ୍ଟ୍ରୀୟ ପରିସ୍ଥିତି ତାଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜାଇଛି, ସେତେବେଳେ ତାଙ୍କର "ଅନ୍ତରର ବାଣୀ" ବା "ବିବେକାନୁମୋଦିତ ପନ୍ଥା", "ଜାତୀୟ-ବାଦୀ" ଆଦର୍ଶକୁ ହିଁ ସମର୍ଥନ କରିଛି ।

ନିଜ ଦେଶ ମଧ୍ୟରେ ଗାନ୍ଧିଜୀ ଯେପରି ପ୍ରଭାବ ବିସ୍ତାର କରି ପାରିଥିଲେ, "ଆନ୍ତଃ-ରାଷ୍ଟ୍ରୀୟ ବ୍ୟାପାର"ରେ ତାଙ୍କର ସେଇଳି ପ୍ରଭାବ ନ ଥିଲା । ଅବଶ୍ୟ ଏକଥା ସ୍ୱୀକୃତ ଯେ ଜଣେ ନୀତିବାଦୀ ଆଦର୍ଶ ପୁରୁଷ ଭାବରେ ସେ ପୃଥିବୀର ବହୁ ଚେତନଶୀଳ ବ୍ୟକ୍ତି ବିଶେଷଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇ ପାରିଥିଲେ । ସମଗ୍ର ମାନବ ସମାଜର କଲ୍ୟାଣ ତାଙ୍କ ଆଦର୍ଶର ଭିତ୍ତିଭୂମି ଥିଲେ ମଧ୍ୟ ଭାରତର ସ୍ୱାଧୀନତା ହାସଲ ହିଁ ତାଙ୍କର ପରମ ଓ ଚରମ ଲକ୍ଷ୍ୟ ଥିଲା । ତେଣୁ ସେ "ଜାତୀୟତାବାଦୀ" ରାଜନୈତିକ ଆଦର୍ଶର ବେଷ୍ଟନୀ ମଧ୍ୟରୁ ନିଜକୁ ମୁକ୍ତ କରି ଆନ୍ତଃ-ରାଷ୍ଟ୍ରୀୟ ଭୂମିକାରେ ଅଂଶ ଗ୍ରହଣ କରିବାପାଇଁ ସମୟ ବା ସୁଯୋଗ ପାଇ ନ ଥିଲେ ।

ତାଙ୍କର କର୍ମ ଯୋଜନା ମୁଖ୍ୟତଃ ଭାରତ ପାଇଁହିଁ ଉଦ୍ଦିଷ୍ଟ ଥିଲା । ସେ ଅବଶ୍ୟ ବିଶ୍ୱାସ କରୁଥିଲେ ଯେ ଭାରତବର୍ଷରେ ତାଙ୍କର ପରୀକ୍ଷାର କୌଶଳ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରରେ ପ୍ରୟୋଗ କରାଯାଇପାରେ । ବହୁ ବର୍ଷ ପରେ ଦେଖାଯାଇଛି ଯେ ଏହା ଯୁକ୍ତରାଷ୍ଟ୍ର ଆମେରିକାରେ ମାର୍ଟିନ୍ ଲୁଥରକିଙ୍ଗ୍ ଓ ଲାଟିନ ଆମେରିକାରେ କାମିଲୋ ଟରେସ୍‌ଙ୍କ ଦ୍ୱାରା କିଛି ପରିମାଣରେ ଅନୁସୃତ ହୋଇଛି । ସବୁବେଳେ ସେମାନଙ୍କ ଦ୍ୱାରା ଅନୁସୃତ ନୀତି ଆନ୍ତରାଷ୍ଟ୍ରୀୟ ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ସମର୍ଥନ ଲଭିପାରିନାହିଁ । ତେଣୁ ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କର ଆଦର୍ଶଗତ ମୂଲ୍ୟବୋଧ ଓ ଭାରତୀୟ ବୈଦେଶିକ ନୀତି ମଧ୍ୟରେ ଥିବା ସମ୍ପର୍କ ବିଚାର କରାଯାଇ ପାରେ ।

ବି/୫, ଶାରଦେଵନଗର
ଭୁବନେଶ୍ୱର–୭୫୧୦୦୧



## ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି କରିବାପାଇଁ ଆହ୍ୱାନ

ଯେଉଁ ଶିକ୍ଷା ପଦ୍ଧତିରେ ଛାତ୍ର ଛାତ୍ରୀମାନଙ୍କର ବ୍ୟକ୍ତିତ୍ୱ ତଥା ମାନବିକ ଗୁଣାବଳୀ ବିକଶିତ ହୁଏ ସେହି ପଦ୍ଧତି ଗ୍ରହଣ କରିବା ଉଚିତ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ମତ ପ୍ରକାଶ କରିଛନ୍ତି ।

ସେପ୍ଟେମ୍ବର ୧୬ ତାରିଖ ଦିନ କଟକ ଜିଲ୍ଲା ଜଗତସିଂହପୁର ସବ୍‌ଡିଭିଜନର ଛପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼ାଇଲେ ଗ୍ରାମରେ ଅନୁଷ୍ଠିତ ଶ୍ରୀ ଅରବିନ୍ଦ-ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ପଦ୍ଧତି ଅନୁସରଣ କଲେ ଶିକ୍ଷାଦାନର ମହତ ସାଧିତ ହୋଇପାରିବ । ବହୁ ସଂଖ୍ୟାରେ ସାଧାରଣ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ପରିବର୍ତ୍ତେ ଏହି ଧରଣର ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ । ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଉକ୍ତି ଉଦ୍ଧାର କରି ଶ୍ରୀ ମହାନ୍ତି କହିଲେ, ଏକ ନୂତନ ଯୁଗର ଅଭ୍ୟୁଦୟ ହେବାକୁ ଯାଉଥିବାରୁ ପୃଥିବୀରେ ବ୍ୟାପକ ଧରଣର ପରିବର୍ତ୍ତନ ଆବଶ୍ୟମ୍ଭାବୀ । ମାନବ ସମାଜ ଏହି ପରିବର୍ତ୍ତନର ସମ୍ମୁଖୀନ ହେବା ପାଇଁ ଯୋଗୀ ତଥା ସାଧକ ଶ୍ରୀ ଅରବିନ୍ଦଙ୍କ ଆଦର୍ଶ ଉପରେ ଆଧାରିତ ଶିକ୍ଷା ପ୍ରଣାଳୀ ଗ୍ରହଣ କରିବା ଆବଶ୍ୟକ । ବର୍ତ୍ତମାନର ସାଧାରଣ ଶିକ୍ଷା ସମାଜରେ ରହିଥିବା ବିଭିନ୍ନ ଅନ୍ୟାୟ ଓ କଳୁଷ ଦୂର କରିବା ଦିଗରେ ଯଥେଷ୍ଟ ସହାୟକ ହେଉ ନାହିଁ ବୋଲି ଶ୍ରୀ ମହାନ୍ତି ବୁଝାଇଥିଲେ ।

ଏହି ଉତ୍ସବରେ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭାପତି ଅଧ୍ୟାପକ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପଣ୍ଡିଚେରୀ ଆଶ୍ରମର ସାଧକ ଅଧ୍ୟାପକ ଶ୍ରୀ ଛୋଟନାରାୟଣ ଶର୍ମା ମୁଖ୍ୟ ବକ୍ତା ରୂପେ ଉଦ୍‌ବୋଧନ ଦେଇଥିଲେ ।

# ମେହେର ସାହିତ୍ୟରେ ଉଷା ବର୍ଣ୍ଣନା

ସୁଚନ୍ଦା ମହାପାତ୍ର

ପ୍ରକୃତି ଭିତରେ ପରମ ପୁରୁଷର ନିତ୍ୟରାସ । ଏହି ଲୀଳା ହିଁ ସୃଷ୍ଟିକୁ କରିଛି କମନୀୟ, କାନ୍ତ, ମଧୁମୟ, ଅମୃତମୟ । ତେଣୁ ପ୍ରକୃତିର ସୌନ୍ଦର୍ଯ୍ୟରେ ଅବଗାହନରେ କ୍ଳାନ୍ତି ନାହିଁ, ଅଛି ଚିରନ୍ତନ ଅଖଣ୍ଡ ଅନାହତ ପ୍ରଶାନ୍ତି । ଏ ସୌନ୍ଦର୍ଯ୍ୟ ବିଚିତ୍ରବର୍ଣ୍ଣୀ.... ବହୁ ରୂପରେ ତାର ଅଭି-ବ୍ୟକ୍ତି । ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ମଣିଷ ପ୍ରକୃତି ସଂପର୍କିତ ତା'ର ବିପୁଳ ଅନୁଭବକୁ ରୂପ ଦେବା ପାଇଁ ସତେ ଯେପରି ଅଧୀର ହୋଇ ଉଠିଛି । ବିଶ୍ୱ ସାହିତ୍ୟର ଅନୁଶୀଳନ କଲେ ବିଭିନ୍ନ ସମୟରେ ସାରସ୍ୱତ ପ୍ରତିଭାର ଚିତ୍ତଗହନରେ ପ୍ରକୃତି କିଭଳି ଭାବ ସଞ୍ଚାର କରିଛି ତାହା ଉପଲବ୍ଧି ହୁଏ । ପ୍ରକୃତରେ ବିଭିନ୍ନ ଉପାଦାନ ପୁଷ୍ପର ସୁରଭିଠାରୁ ମିଳିନ୍ଦର ଗୁଞ୍ଜନ, କାନ-ନିକାର ସବୁଜ ସମାରୋହ, ଆକାଶଚୁମ୍ବୀ ନଗମାଳାର ସ୍ତବ୍ଧ ଗାମ୍ଭୀର୍ଯ୍ୟ, ମଳୟର ମର୍ମର, ଶ୍ରାବଣୀ ରଜନୀରେ କଦମ୍ବର ରୋମାଞ୍ଚ, ଶରତ୍‌ର ଶୁଭ୍ର କାଦମ୍ବିନୀ ପ୍ରଭୃତି ସକଳ ବିଭବ ସ୍ରଷ୍ଟାର ଲେଖନୀରେ ବହୁରୂପରେ ଚିତ୍ରିତ ହୋଇ ଆସିଛି । ଉଷା ପ୍ରକୃତିର ଏକ ମନୋରମ ପରି-ବେଶ । କବି ଗଙ୍ଗାଧର ମେହେରଙ୍କର ସୃଷ୍ଟିରେ ଏହି ଉଷାର ଚିତ୍ର କିପରି କମନୀୟ ଭାବରେ ଅଙ୍କିତ ତାହାହିଁ ପ୍ରଦର୍ଶନ କରିବା ଏ ଆଲୋଚନାର ଉଦ୍ଦେଶ୍ୟ ।

ଆଲୋକ ଓ ଅନ୍ଧକାର ସୃଷ୍ଟି-ପକ୍ଷୀର ଦୁଇଟି ଡେଣା । ମଦାଳସୀ ରାତ୍ରି ଯେତେବେଳେ ଗରବିଣୀ ହୋଇ ନିଥର ଲଗ୍ନରେ ଗଗନେ ଭୁବନେ ନିଜ ପ୍ରଭାବ ଜନିତ ଔଦ୍ଧତ୍ୟରେ ଆତ୍ମବିସ୍ମୃତ ହୁଏ ସେତେବେଳେ ସେ ଭୁଲିଯାଏ ଯେ ପ୍ରାଚୀ ନଭରେ ପ୍ରଭାତୀ ତାରା ଉଦିତ ହେବାକୁ ଆଉ ବେଶୀ ବିଳମ୍ବ ନାହିଁ । ଏହି ଉଷାହିଁ ଦିଏ ଆଲୋକର ସଙ୍କେତ । ଅନ୍ଧକାରର ବୁକୁ ବିଦାରଣ କରି ସେ ନୂତନ ଜୀବନର ମାଙ୍ଗଳିକ ଗାନ କରେ । ବୈଦିକ ଯୁଗରୁ ଏହି ଉଷା ଆର୍ଯ୍ୟଋଷି ବନ୍ଦିତା । ବେଦରେ ତା'ର ଆଗମନର ସ୍ୱଚ୍ଛଚିତ୍ର, ମନରେ ଗଭୀର ରେଖାପାତ କରିଥାଏ "ସକଳ ବିଷୟ ପ୍ରତି ସତର୍କ ଦୃଷ୍ଟିପାତ କରି ମହୀୟସୀ ମହିଳା ସଦୃଶ ଉଷା ବିରାଜମାନ କରୁଛନ୍ତି । ତାଙ୍କ ଆଗମନରେ ପ୍ରାଣୀଜଗତ ଜାଗ୍ରତ ହେଉଛି । ତାଙ୍କରି ଆବିର୍ଭାବ ପଦଯୁକ୍ତ ପ୍ରାଣୀକୁ ଦେଉଛି ଅଭିନବ ପ୍ରେରଣା.... କୁଳାୟ ତେଜି ବିହଙ୍ଗମ ତାଙ୍କରି ଶୁଭାଗମନରେ ଧୀରେ ଧୀରେ ନୀଳିମ ଆକାଶରେ ଉଡ଼ିଯାଉଛି ।"

(ଋକ୍‌ବେଦ । ୮୯-୪)

ବେଦବର୍ଣ୍ଣିତା ଉଷାର ଅଙ୍ଗେ ଅଙ୍ଗେ ଶୁଭ୍ରତା ଓ ଉଜ୍ଜ୍ୱଳତା । ସଦ୍ୟସ୍ନାତା ପବିତ୍ରତାର ପ୍ରତିଭୂ ଉଷା, ଅନ୍ଧକାର ଓ ହିଂସା ଦ୍ୱେଷ ପ୍ରଭୃତି ଦୂରକରି ନବୀନ ଆଲୋକ ସହିତ ବିଶ୍ୱର ବିପୁଳ ଅଂଗନରେ ଆବିର୍ଭୂତା ।

ଓଡ଼ିଆ ସାହିତ୍ୟରେ ଉଷାର ପବିତ୍ର ଚିତ୍ର ଅଙ୍କିତ ହୋଇଛି ଆଧୁନିକ ଯୁଗରେ । ଭକ୍ତକବି ମଧୁସୂଦନଙ୍କର ଲେଖନୀରେ ଉଷାର ବନ୍ଦନାଗୀତି ଝଙ୍କୃତ ହୋଇ ଉଠିଛି । ଋଷିକଣ୍ଠ ବନ୍ଦିତା ସରସ୍ୱତୀ ନଦୀତଟରେ ଉଷାର ଆଗ-ମନୀରେ ପ୍ରକୃତିରେ ଯେଉଁ ବର୍ଣ୍ଣୋତ୍ସବ ଦେଖା ଦେଇଥିଲା, ତାହାରି ଭିତରେ ହଜି ଯାଇଥିଲେ ଏହି ଭକ୍ତକବି ଏବଂ ତାଙ୍କର ମୁଗ୍ଧ ପ୍ରାଣରେ ଦେବାବତରଣ ହୋଇଥିଲା । ସମସାମୟିକ ଗଂଗାଧରଙ୍କ ତୂଳିରେ ପ୍ରକୃତିର ପବିତ୍ର ଓ ସୁନ୍ଦର ରୂପେ ଅଙ୍କିତ ହୋଇଛି କବି ରାଧାନାଥଙ୍କ ଭାଷାରେ ସେ ଉତ୍କଳର ରବିବର୍ମା, ପୁଣି ତାଙ୍କରି ମୂଲ୍ୟ କୋହିନୂର ଅପେକ୍ଷା ଅଧିକ । ତାଙ୍କ ପ୍ରଥମ ପ୍ରକାଶିତ କାବ୍ୟ 'ଇନ୍ଦୁମତୀ' ପାଠ କରି ରାଧାନାଥ ତେଣୁ ଲେଖି-ଥିଲେ —"ଗ୍ରନ୍ଥକାର ଉଚ୍ଚ ଶିକ୍ଷାର ସୁବିଧା ପାଇ ନ ଥିଲେ; ମାତ୍ର ତାହାଙ୍କର ନୈସର୍ଗିକ ପ୍ରତିଭା ସେହି ଅଭାବ ପୂରଣ କରିଦେଇଛି । ସେହି ପ୍ରତିଭା ବଳରେ ସେ ପ୍ରକୃତିର ସୌନ୍ଦର୍ଯ୍ୟ ପରୋକ୍ଷ ଭାବରେ ପୁସ୍ତକରେ ନ ଦେଖି ସେଥିରୁ ସ୍ୱଚ୍ଛନ୍ଦ ପ୍ରତ୍ୟକ୍ଷ କରିଅଛନ୍ତି ଏବଂ ଯାହା ଦେଖିଅଛନ୍ତି, ତାହା ଯଥାଯଥ ବର୍ଣ୍ଣନା କରିଛନ୍ତି ।"

ରାଧାନାଥ ଥିଲେ ମେହେର ପ୍ରତିଭାର ନିଷ୍କପଟ ପ୍ରଶଂସକ । ସମ୍ବଲପୁର ଜିଲ୍ଲାର ଏକ ଅଖ୍ୟାତ ଗ୍ରାମରେ ଏକ ଉଦୀୟମାନ ପ୍ରତିଭା, ସେତେବେଳକୁ ପ୍ରତିକୂଳ

ପରିସ୍ଥିତି ସଂଜାତ ଝଡ଼ ଝଂଜାରେ ଅବିଚଳିତ ରହି ପବିତ୍ର ଓ ସୁନ୍ଦର କାବ୍ୟ ରଚନାରେ ଅଭୂତପୂର୍ବ ଭକ୍ତି ଅର୍ଜନ କରୁଥିବା ଦେଖି ସେ ବିସ୍ମିତ ଓ ଚକିତ ହୋଇଥିଲେ । ସେ ଜାଣିଥିଲେ ଅଯତ୍ନ ବର୍ଦ୍ଧିତ ବନ ବଲ୍ଲରୀ ଯେପରି ପ୍ରସ୍ଫୁଟିତା ହୋଇ ତାର ନୈସର୍ଗିକ ପ୍ରତିଭାରେ ଜନ-ଗଣ-ମନ ହରଣ କରେ, ଅନୁରୂପ ଭାବରେ ଦାରିଦ୍ର୍ୟ ଓ ଉପେକ୍ଷାର ମହାଶ୍ମଶାନବାସୀ ଗଙ୍ଗାଧର ତାଙ୍କ ତପସ୍ୟାରେ ଦିନେ ଉତ୍କଳର ବିଦଗ୍ଧ ସାହିତ୍ୟ ପ୍ରେମୀମାନଙ୍କର ଚିତ୍ତଜୟ କରି ପାରିବେ । ମେହେର କବିଙ୍କ ସଂପର୍କରେ ତାଙ୍କର ଅବବୋଧ ରୂପ ପାଇଛି 'କୀଚକ ବଧ' ସଂପର୍କିତ ତାଙ୍କ ମନ୍ତବ୍ୟରେ—"ଗଂଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତି , କି ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଂଗାଧର ଶିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇ ପାରନ୍ତି, ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ ; ପ୍ରକୃତ ଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟ -ରୂପେ ଆବଶ୍ୟକ । ଗଂଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱ-ସ୍ୱ ଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବ ପ୍ରଧାନ ନ ହୋଇ ରସ ପ୍ରଧାନ ହୁଏ । × × × ଗଂଗାଧରଙ୍କର ଦୁର୍ଭାଗ୍ୟ ସେ ଓଡ଼ିଶାରେ ଜନ୍ମ ଗ୍ରହଣ କରିଛନ୍ତି । ଅନନ୍ତ ସୌନ୍ଦର୍ଯ୍ୟ ଉଦ୍‌ଭାସିନୀ ପ୍ରକୃତି ଦେବୀ ଏବଂ ପ୍ରକୃତି ଦେବୀଙ୍କର ପଟ୍ଟ ପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କର କଳ୍ପନାର ଚିର ସହଚର, ଦୁଃସ୍ପୁର ଉଦର-ପୂର୍ତ୍ତି ସକାଶେ ଏକୁଆର, ଏକପଦିଆ, ଗେଆଣ, ଓଆରିକା ପ୍ରଭୃତି ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି ।"

କବି ଗଂଗାଧର ଉପବନ ସଭ୍ୟତାର ଏକ ସୃଷ୍ଟି-ସଚେତନ ସୂତ୍ରଧର ଶିଳ୍ପୀ । ସେ ଜାଣିଥିଲେ ଜୀବନର ସାର୍ଥକତା ସମ୍ଭୋଗରେ ନାହିଁ, ଅଛି ତ୍ୟାଗରେ । ଯେଉଁ ତ୍ୟାଗର ମହିମା ଏ ଦେଶର ଶାସ୍ତ୍ର ପୁରାଣର ପୃଷ୍ଠାରେ ବର୍ଣ୍ଣିତ, ତାଙ୍କ କାବ୍ୟ ଭିତରେ ବିଚ୍ଛୁରିତ ହୋଇଛି ସେହି ତ୍ୟାଗର ବିଭୂତି, ତେଣୁ ତାହା ପବିତ୍ର ଓ ସୁନ୍ଦର । ପ୍ରକୃତି ବର୍ଣ୍ଣନାରେ ତାଙ୍କ ହୃଦ୍‌ବୀଣାର ସକଳତାର ମନ୍ଦ୍ରିତ । ତାଙ୍କ ଉଷା କେତେବେଳେ ଯୋଗେଶ୍ୱରୀ (ତପସ୍ୱିନୀ), କେତେବେଳେ ପାପର ବିଲୟ ଓ ପୁଣ୍ୟର ବିଜୟ ଭିତରେ ଲାସ୍ୟରତା ଏକ ଭୁବନମୋହିନୀ ପୁଲକିତା ରୂପସୀ (କୀଚକବଧ), କେତେବେଳେ ପୁଣି ଭୂଲୋକ ଓ ଦ୍ୟୁଲୋକରେ ନୂତନ ଜୀବନ ଉତ୍ତାପର ଜନ୍ମ ଦାତ୍ରୀ (ବସନ୍ତ ବାସର) ।

ପ୍ରଖ୍ୟାତ ତପସ୍ୱିନୀ କାବ୍ୟରେ ଉଷା ସ୍ୱକୀୟା ମହିମାରେ ମହନୀୟା । ଅଯୋଧ୍ୟାର ରାଜରାଣୀ ରୂପେ କାରୁଣ୍ୟଭରା ପରିଣତିରେ ରକ୍ତ ମାଂସର ଏକ କରୁଣ କବିତାରେ ପରିଣତ ହୋଇଥିବା ରାମ-ହୃଦୟ-ଜ୍ୟୋତ୍ସ୍ନା ସୀତାଙ୍କୁ 'ସତୀ ରାଜ୍ୟରାଣୀ' ସମ୍ବୋଧନ ମାଧ୍ୟମରେ ସେ ତ୍ୟାଗର ମହିମା ଗାନ କରିଛନ୍ତି ।

ଏକଦା ରାଜରାଣୀ ସୀତାଙ୍କର ଜୀବନରେ ଆସିଥିଲା ଘୋର ଅନ୍ଧକାର । ପ୍ରଜାନୁରଞ୍ଜକ ରାମଚନ୍ଦ୍ର ପ୍ରଜାନୁରଞ୍ଜନ ପାଇଁ ପ୍ରାଣସମା ସୀତାଙ୍କୁ ବିସର୍ଜନ କରିଥିଲେ । ଅଗ୍ନିରେ ଝାସଦେଇ ସୀତା ନିଜର ସତୀତ୍ୱର ପରୀକ୍ଷା ଦେଇଥିଲେ ମଧ୍ୟ ସେ ସମାଜ ଆଖିରେ ହୋଇଥିଲେ କଳଙ୍କିତା । ସେଥିପାଇଁ ରାମଚନ୍ଦ୍ରଙ୍କ ଦ୍ୱାରା ସେ ହେଲେ ନିର୍ବାସିତା । ରାଜଉଆସ ଛାଡ଼ି ପ୍ରକୃତିର କୋଳରେ ଆଶ୍ରୟ ନେଲେ । ତାଙ୍କର ଉତ୍ତର ଜୀବନ ଯାପିତ ହୋଇଥିଲା ବାଲ୍ମୀକିଙ୍କର ତପୋବନରେ । ଆଶ୍ରମରେ ଅତିଥି ସେ । ତେଣୁ ଆଶ୍ରମର ତାପସୀ ତାପସୀଗଣଙ୍କ ଦ୍ୱାରା ସେ ଯଥାବିଧି ଚର୍ଚ୍ଚିତା ହେଲେ । ତାପରେ ଆକାଶର ଅନନ୍ତ ଅଂଗନରେ ଆସିଲା ଗଭୀର ରାତ୍ରୀ । ଏ ରାତ୍ରୀର ସ୍ପର୍ଶ ପାଇ ସମଗ୍ର ଜୀବଜଗତ ହେଲା ସୁପ୍ତ, ଜଡ଼ତାଗ୍ରସ୍ତ । ମାତ୍ର ପ୍ରାତଃକାଳରେ ଉଷାର ଆଗମନୀରେ ଏ ଜୀବ ଜଗତ ପାଇଲା ନୂତନ ଜୀବନ, ନୂତନ ଚେତନା । ଆଶ୍ରମବାସୀଙ୍କ ଦ୍ୱାରା ସୀତାଙ୍କର ଚର୍ଚ୍ଚା କରି କବିର ଲେଖନୀ ସନ୍ତୁଷ୍ଟ ହୋଇନି । ଆଶ୍ରମ ପ୍ରକୃତି ମଧ୍ୟ ସୀତାଙ୍କର ବନ୍ଦନା କରିବା ପାଇଁ ଧାଇଁ ଆସିଛି । ଉଷା ନିଜର ସହଚରୀମାନଙ୍କ ଗହଣରେ ଆଶ୍ରମଗତା ସୀତାଙ୍କର ବନ୍ଦନା କରିଛି । ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗରେ ଏ ବର୍ଣ୍ଣନା ଅତୀବ ଜୀବନ୍ତ ହୋଇଛି:—

"ମଗନେ ଅଇଲା ଉଷା ବିକଚ-ରାଜୀବ ଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,

" କର ପଲ୍ଲବେ ନିହାର-ମୁକ୍ତାଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,

କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ, ରାତି ପାହିଲା ।"

ଗଭୀର ରାତ୍ରିର ଅବସାନ ପରେ ଉଷାର ଆଗମନୀ, ବସନ୍ତ ପ୍ରଭାତରେ ପଲ୍ଲବ ଉପରେ ଶିଶିର ପତନ, କଳକଣ୍ଠ କୁଳର ଚିର ଶ୍ରୁତିକାନ୍ତକର କଳରବ, ମିଳିନ୍ଦର ମଧୁର ଗୁଞ୍ଜନ, ସମୀରର ପ୍ରବାହ, କୁମ୍ଭାଟୁଆ ଓ କଜଳପାତିର ମଧୁର ଶବ୍ଦ—ଏ ସମସ୍ତ ପ୍ରକୃତିର ସାଧାରଣ ରୂପ, ମାତ୍ର କବିର କଳ୍ପନା ଏହାକୁ ଦେଇଛି ନୂତନ ବର୍ଣ୍ଣବିଭା । କବିର ଲେଖନୀ କାଉଁରୀ କାଠି । ସେ ଅରୂପକୁ ରୂପ ଦିଏ, ଅସୀମକୁ ସୀମାୟିତ କରେ ଏବଂ ପରିବେଷଣ କରେ ଅପୂର୍ବ ରସ । ସ୍ରଷ୍ଟା ସ୍ୱପ୍ନ ପ୍ରବଣ, କଳ୍ପନା ପ୍ରବଣ । ମଣିଷ କଳ୍ପନା ବିହୀନ ହେଲେ ଲୁଣ କର୍ଦ୍ଦମଶିଳା ଓ ମଣିଷ ଭିତରେ ତଫାତ ରହିଲା କେଉଁଠି ?

'ତପସ୍ୱିନୀ' କାବ୍ୟ ଗଂଗାଧରଙ୍କର ଓଡ଼ିଆ ସାହିତ୍ୟ ଜଗତକୁ ସର୍ବ ଶ୍ରେଷ୍ଠ ଦାନ । ଭାରତୀୟ ସଂସ୍କୃତିର ଚିର ସମ୍ମାନିତ ନୀତି ଓ ଆଦର୍ଶ ଏହି କାବ୍ୟରେ ରୂପାୟିତ । ପ୍ରକୃତି ଭିତରେ ଜୀବନାଦର୍ଶର ଅନ୍ୱେଷଣ ଗଂଗାଧରଙ୍କ ତପସ୍ୱିନୀ କାବ୍ୟର ଏକ ଅନବଦ୍ୟ ଆକର୍ଷଣ । ଆଶ୍ରମରେ ପ୍ରଥମ ରାତ୍ରି ଯାପିତ ହେବା ପରେ, ଦ୍ୱିତୀୟ ଦିବସରେ ପ୍ରାରମ୍ଭରେ ସୀତାଙ୍କୁ ଦର୍ଶନ କରିବାର ଅଭିପ୍ସାରେ ଆସିଛି ରକ୍ତି ବର୍ଣ୍ଣ ବର୍ଦ୍ଧିତା ରାଜୀବ-ନୟନା ଉଷା । ତାର

କରପଲ୍ଲବରେ ଥିଲା ନିହାର ମୁକ୍ତା ସୀତାଙ୍କ ପାଇଁ ଉପହାର । ସୀତାଙ୍କର ବାସ-ବାହାର-ପ୍ରାଙ୍ଗଣରେ ରହି ଉଷା କହିଲା– "ଦରଶନ ଦିଅ ସତୀ ରାତି ପାହିଲା ।" ଉଷା ଯୋଗେଶ୍ୱରୀ । ତେଣୁ ତାର ପରିଧେୟ ଅରୁଣ କଷାୟ ବାସ । ପ୍ରଶାନ୍ତ ରୂପ ତାର ସନ୍ୟାସିନୀ ସୁଲଭ ଗୁଣର ପରିପ୍ରକାଶ କରିଛି । କୁସୁମେ କୁସୁମେ ତାହାର କାନ୍ତି ବିକଶିତ ହୋଇଛି । ମନେ ହେଉଛି ସତେ ଯେପରି ସୀତାଙ୍କର ଦୁଃଖରାଶିର ଉପଶମ କରିବା ପାଇଁ, ତାଙ୍କୁ ନବ ଜୀବନ ଦେବା ପାଇଁ କେଉଁ ଯୋଗେଶ୍ୱରୀ ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛନ୍ତି ।

ଭାରତୀୟ ସଂସ୍କୃତି ଓ ପରଂପରାକୁ କବି ପ୍ରକୃତି ସହିତ ଅଂଗୀଭୂତ କରିଛନ୍ତି । ଅତିଥି ସେବା ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଅଂଗ । ସେଥିପାଇଁ କବି ଗଂଗାଧର ପ୍ରକୃତି ହସ୍ତରେ ଅତିଥି ସେବା ଅତି ଚମତ୍କାର ଭାବେ କରିଛନ୍ତି । ଏଠାରେ ଆମେ ପାଉ କବିଙ୍କର ଆଉ ଏକ ଗୁଣ–ସୌଜନ୍ୟ ବୋଧତା । ସୀତା ଆଶ୍ରମରେ ଅତିଥି । ସେ ଅପରିଚିତା । ତେଣୁ ଉଷା ସୀତାଙ୍କ ଗୃହରେ ପ୍ରବେଶ କରି ତାଙ୍କୁ ଡ଼ାକି ନାହାନ୍ତି, କିନ୍ତୁ ପରନ୍ତୁ ବାସବାହାର ପ୍ରାଙ୍ଗଣରେ ରହି କଳକଣ୍ଠର କଣ୍ଠରେ ସୀତାଙ୍କୁ ଡ଼ାକିଛନ୍ତି

ଏ ଉଷା କେବଳ ତିମିର ବିଧ୍ୱଂସୀ, ରବି ଆଗମନ ଶଂସୀ ନୁହେଁ । ସେ ସୀତାଙ୍କ ପାଇଁ ନେଇ ଆସିଛି ଏକ ନୂତନ ଜୀବନର ସଂକେତ । ରାଜରାଣୀ ସୀତାଙ୍କର ଅନ୍ତରାଳରୁ ସେ ତପସ୍ୱିନୀ ସୀତାଙ୍କୁ ଆବିଷ୍କାର କରିଛି । ସୀତାଙ୍କର ଜୀବନରେ ଉନ୍ମୋଚନ କରିଛି ଏକ ନୂତନ ଅଧ୍ୟାୟ । ସେ ଆଉ ରାଜରାଣୀ ସୀତା ନୁହଁନ୍ତି–ସେ ତାପସୀ ସୀତା । ତାଙ୍କର ଦୁଃଖରାତ୍ରିର ଅବସାନ ହୋଇଛି । ସେ ଆରମ୍ଭ କରିଛନ୍ତି ଏକ ନୂତନ ଜୀବନ ।

ଉଷାର ସହଚରୀ ଭାବରେ ସମୀର, ଭ୍ରମର, ସୁରଭି, କୁମ୍ଭାଟୁଆ, କଜଳପାତୀ, ଆଦି ଆସିଛନ୍ତି ସୀତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ । ସମୀରର ମର୍ମର, ମଧୁପର ଗୁଞ୍ଜନ, ସୁରଭିର ପ୍ରକାଶ, କୁମ୍ଭାଟୁଆ ଓ କଜଳପାତୀର ମଧୁର ଶବ୍ଦ ଉଷା କାଳକୁ ମୁଖରିତ କରେ, ତା'ର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରେ, କିନ୍ତୁ କବିର ଲେଖନୀ ପ୍ରକୃତିର ଏହି ସାଧାରଣ ରୂପକୁ ଦେଇଛି ଭିନ୍ନରୂପ । ଏହିଠାରେହିଁ କବିଙ୍କର ବୈଶିଷ୍ଟ୍ୟ ଫୁଟି ଉଠିଛି । ସୀତାଙ୍କୁ ସମ୍ବର୍ଦ୍ଧିତା କରିବା ପାଇଁ ଉଷା ଆସିଛି । ସମ୍ବର୍ଦ୍ଧନାର ସେହି ମନୋଜ୍ଞ ପରିବେଶରେ ଉଷାର ନିର୍ଦ୍ଦେଶରେ ସମୀର ସଂଗୀତ ଗାନ କରିଛି, ଭ୍ରମର ବୀଣା ବାଦନ କରିଛି, ସୁରଭି ନର୍ତ୍ତନ କରିଛି, କୁମ୍ଭାଟୁଆ ଭାଟ ହୋଇ ସ୍ତବ ପାଠ କରିଛି । ସୀତାଙ୍କର ଦର୍ଶନ ଆଶାୟୀ କଜଳପାତୀ ତା'ର ମଧୁର ସ୍ୱରରେ ସୀତାଙ୍କୁ ନିଦ୍ରାରୁ ଉଠାଇବା ପାଇଁ ଚେଷ୍ଟା କରିଛି । କବିର ଲେଖନୀରେ ତାହା ନିମ୍ନ ମତେ ପ୍ରକାଶ ପାଇଛି–

"କଳିଙ୍ଗ ଅଇଲା ପାଟ ମାଗଧବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ–ରାଜ-ରାଣୀ, ରାତି ପାହିଲା ।"

ବାସ୍ତବିକ ଉଷା ଚରିତ୍ର ଗଂଗାଧରଙ୍କ ଏକକ ଓ ଅନନ୍ୟ ସାଧାରଣ ସୃଷ୍ଟି ।

ଗଂଗାଧରଙ୍କର କୀଚକ ବଧ କାବ୍ୟ ଉତ୍କଳ-ଭାରତୀଙ୍କର ରତ୍ନାଗାରର ଏକ ଅମୂଲ୍ୟ ସଂପଦ । ମହା-ଭାରତର ଏକ ଆଖ୍ୟାନ, ପୌରାଣିକ ବିଷୟ ବସ୍ତୁର ପୃଷ୍ଠ ଭୂମିରେ ଏ କାବ୍ୟ ରଚିତ ହୋଇଥିଲେ ହେଁ ଗଂଗାଧରଙ୍କର ମୌଳିକତା ଏହାକୁ ଅଧିକ ରୁଚିକର କରି ପାରିଛି ।

କୀଚକ ପାପର ଏକ ମୂର୍ତ୍ତିମନ୍ତ ବିଗ୍ରହ । ଯୁଗେ ଯୁଗେ ଧର୍ମର ଜୟ ଏବଂ ପାପର କ୍ଷୟ ଏହି ବାଣୀ ଘୋଷିତ ହୋଇଛି । ଏହି ନ୍ୟାୟରେ ପାପାଶ୍ରୟୀ କୀଚକର ମୃତ୍ୟୁ ହୋଇଛି । କୀଚକର ମୃତ୍ୟୁରେ କେବଳ ପଞ୍ଚପାଣ୍ଡବ ଓ ସୈରିନ୍ଧ୍ରୀ ଯେ ଉତ୍ଫୁଲ୍ଲ ହୋଇଛନ୍ତି ତାହାନୁହେଁ, ତା'ର ମୃତ୍ୟୁରେ ପ୍ରକୃତି ମଧ୍ୟ ଉଲ୍ଲସିତ ହୋଇଛି । ଏହି ପର୍ଯ୍ୟାୟରେ କବି ଗଂଗାଧର 'କୀଚକ ବଧ' କାବ୍ୟର ଶେଷ ସର୍ଗରେ ଉଷାର ବର୍ଣ୍ଣନା କରିଛନ୍ତି––

"ଅଇଲା ଉଷା-ଯୋଷିତ କୁସୁମେ ହୋଇ ଭୂଷିତ
ଭ୍ରମର ଅଞ୍ଜନାଞ୍ଚିତ ପଦ୍ମନୟନା
ବିହଙ୍ଗସ୍ୱନ କିଂକିଣୀ ନିକ୍ୱଣିଲା କିଣି କିଣି
ଜୀବଚିତ୍ତ ନେଲା କିଣି କୁନ୍ଦ ଦଶନା
ଅରୁଣ ଚରଣ ସୁନ୍ଦର
ପ୍ରଭାତୀ ତାରକା ମଥାମଣି ଭାସ୍ୱର ।"

ପାପର ଅବସାନ ଓ ପୁଣ୍ୟର ବିଜୟରେ ନିଖିଳ ବିଶ୍ୱର ଉଲ୍ଲାସକୁ କବି ପୁଲକିତ । ଉଷାର ଲାସ୍ୟରେ ପ୍ରକଟନ କରିଛନ୍ତି ।

କୁସୁମ ବିଭୂଷିତା, ପଦ୍ମ ନୟନା, ଭ୍ରମର ଅଞ୍ଜନ ଶୋଭିତା, କୁନ୍ଦ ଦଶନା ଉଷା ତାର ବିହଙ୍ଗ ସ୍ୱନ ରୂପିଣୀ କିଙ୍କିଣୀରେ ଜୀବଚିତ୍ତ ହରଣ କଲା । ତା'ର ଅରୁଣ ଚରଣ ଅତୀବ ସୁନ୍ଦର; ମସ୍ତକରେ ପ୍ରଭାତୀତାରା ରୂପୀ ମଥାମଣି ଭାସ୍ୱର ।

'ବସନ୍ତ ବାସର' ବସନ୍ତ ଋତୁରେ ବାସରର ଅକପଟ ଚିତ୍ରପଟ । ଏଠାରେ ପ୍ରକୃତି ବ୍ୟଞ୍ଜନାଧର୍ମୀ ନୁହେଁ, କିନ୍ତୁ ଏକ ସୁଦକ୍ଷ ଆଲେଖ ଶିଳ୍ପୀ ପରି ସେ ନିଜର ତୂଳି-କାରେ ବସନ୍ତର ଆଗମନରେ ଉଷା କାଳୀନ ପ୍ରକୃତିରେ ଯେଉଁ ନାନ୍ଦନିକ ସୁଷମା ପ୍ରତିଭାତ ହୁଏ, ତାର ଚିତ୍ର ପ୍ରଦାନ କରିଛନ୍ତି । ମଦାଳସୀ ମୌନାବତୀ ରାତ୍ରିର ଅଭିସାରରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇ ଧୀର ମନ୍ଥର ପଦକ୍ଷେପରେ ଧରିତ୍ରୀର ଅଂଗନରେ ଦେଖାଦିଏ ଉଷା । ଭୂଲୋକ ଓ ଦ୍ୟୁଲୋକରେ ନୂତନ ଜୀବନ ସଂଚାରିଣୀ ଏହି ଉଷାର ବର୍ଣ୍ଣୋତ୍ସବମୟ ଦୃଶ୍ୟ 'ବସନ୍ତ ବାସର' ରେ ପ୍ରଦର୍ଶିତ ହୋଇଛି ।

ବାସ୍ତବିକ୍ ପ୍ରକୃତି ପ୍ରତି ଗଂଗାଧରଙ୍କର ଦୃଷ୍ଟିଭଙ୍ଗୀ ଓଡ଼ିଆ ସାହିତ୍ୟରେ ଅଭିନବ । ପ୍ରକୃତିପ୍ରେମୀ ରାଧାନାଥଙ୍କର ପ୍ରକୃତି ଦର୍ଶନ କେବଳ ସୌନ୍ଦର୍ଯ୍ୟ ଉପାସନା ଉପରେ ପ୍ରତିଷ୍ଠିତ, କିନ୍ତୁ କବି ଗଂଗାଧର ତାଙ୍କର ବ୍ୟକ୍ତିତ୍ୱର ତୂଳୀରେ କଳ୍ପନାର ରଂଗ ଦେଇ ପ୍ରକୃତିର ଯେଉଁ କମନୀୟ ଚିତ୍ର ଅଙ୍କନ କରି ଛନ୍ତି, ତାହା ପାଠକର ଚିତ୍ତକୁ ବିହ୍ୱଳିତ କରେ ।

ଗଂଗାଧରଙ୍କ ମାଟିର ଶରୀର ମାଟିରେ ମିଶିଯାଇଛି । ଏ ପୃଥ୍ୱୀ ରଂଗମଞ୍ଚରେ ତାଙ୍କର ଅଭିନୟ ସାରି ସେ ରଂଗମଞ୍ଚରୁ ବିଦାୟ ନେଇ ଯାଇଛନ୍ତି, ମାତ୍ର ଅଗଣିତ ଦର୍ଶକ, ଶ୍ରୋତା ତଥା ପାଠକଙ୍କ ହୃଦୟରେ ସେ ଚିର ସଂଜୀବିତ ହୋଇ ରହିଛନ୍ତି ଏବଂ ରହିଥିବେ ମଧ୍ୟ ।

ନନ୍ଦକିଶୋରଙ୍କ ଭାଷାରେ——

"ଭିକ୍ଷୁକ ସଙ୍ଗତେ ନୃପ-ମୁକୁଟ ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁ ଅନ୍ତର୍ହିତ ।
କିନ୍ତୁ ତୁମେ ଦୀନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡ଼ିଆ ସାହିତ୍ୟ ।"

କ୍ୟାରପ୍—ଉପେନ୍ଦ୍ର ମହାପାତ୍ର
କାଜିବଜାର, କଟକ-୧



## ୧୫ ହଜାର ଏକର ଜମିରେ କପାଚାଷ

ଚଳିତ ଖରିଫ୍ ଋତୁରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୫ ହଜାର ଏକର ଜମିରେ କପା ଚାଷ କରାଯାଉଛି । ବିଭିନ୍ନ କିସମ କପା ମଧ୍ୟରେ ବିକାନିରୀ ନର୍ମା ଜାତୀୟ କପା ବହୁଳ ଭାବରେ ଚାଷ କରାଯାଉଛି ।

କପା ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୭୬୦ କୁଇଣ୍ଟାଲ ଉନ୍ନତ କିସମ କପା ମଞ୍ଜି କୃଷକ ମାନଙ୍କୁ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ସେମାନଙ୍କୁ ଉନ୍ନତ କପାଚାଷ ପ୍ରଣାଳୀ ଶିକ୍ଷା ଦେବା ନିମନ୍ତେ ୩୪୭ ହେକଟର ଜମିରେ କ୍ଷେତ୍ର ପ୍ରଦର୍ଶନ କରାଯାଉଛି । କପାଚାଷୀ ମାନେ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନରୁ ଫସଲ ସଂରକ୍ଷଣ ଯନ୍ତ୍ରପାତି କିଣିବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେମାନଙ୍କୁ ଶତକଡ଼ା ୨୫ ହାରରେ ସବ୍‌ସିଡ଼ି ଯୋଗାଇ ଦିଆଯାଉଛି ଏବଂ କୁଇଣ୍ଟାଲ ପିଛା ୧୫୦ ଟଙ୍କା ରିହାତି ମୂଲ୍ୟରେ କପାମଞ୍ଜି ଯୋଗାଇ ଦିଆଯାଉଛି ।

# ବାଙ୍କେଶ୍ୱର ଗ୍ରାମର ବିକାଶ କାହାଣୀ

ଶ୍ରୀ ଦେବେନ୍ଦ୍ର ନାଥ ଦତ୍ତ

ଗ୍ରାମରେ ଅଧିଷ୍ଠିତ ଦେବତାଙ୍କ ନାମାନୁସାରେ ଗ୍ରାମଟିର ନାମ ରଖାଯାଇଛି ବାଙ୍କେଶ୍ୱର ଏହି ଗ୍ରାମଟି ବାଲେଶ୍ୱର ସହରଠାରୁ ମାତ୍ର ୧୪ କିଲୋମିଟର ଦୂର । ଇତିହାସ ପ୍ରସିଦ୍ଧ Salt Roadରେ ୧୨ କିଲୋମିଟର ଗଲାପରେ ଗୋଟିଏ ୨ କିଲୋମିଟର ଲମ୍ବ ବିଶିଷ୍ଟ କଚ୍ଚା ରାସ୍ତା ଗାଁଟିକୁ ସଂଯୋଗ କରୁଛି । ଜନମୁଖରୁ ଶୁଣାଯାଏ ଯେ, ଐତିହାସିକ ଲୁଣମରା ଆନ୍ଦୋଳନରେ ଏହି ଗ୍ରାମର ଶତାଧିକ ନରନାରୀ ଅଂଶ ଗ୍ରହଣ କରି କାରାବରଣ କରିଥିଲେ ।

ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୫,୦୦୦ । ତନ୍ମଧ୍ୟରୁ ମହିଳା ୧,୫୦୦ ଓ ପୁରୁଷ ୩,୫୦୦ । ଗ୍ରାମରେ ବାସ କରୁଥିବା ଆଦିବାସୀଙ୍କ ସଂଖ୍ୟା ଅତି ନ୍ୟୂନ ଥିବା ସ୍ଥଳେ ହରିଜନଙ୍କ ସଂଖ୍ୟା ପ୍ରାୟ ୧,୦୦୦ । ଗ୍ରାମରେ ଖନାତିହ ବାଦ ଦେଲେ ଚଷ ଜମି ପ୍ରାୟ ୧,୦୦୦ ଏକର । ଚିରସ୍ରୋତା ପାଗ ନଦୀ ଗ୍ରାମବାସୀଙ୍କର ଜଳସେଚନ ପାଇଁ ବ୍ୟବହୃତ ହୋଇ ଆସୁଅଛି । ବାସ୍ତବିକ, ଗ୍ରାମଟିକୁ ଦେଖିଲେ ମନରେ ଯେତେ ଆନନ୍ଦ ଆସେ ନାହିଁ, ଗ୍ରାମ ମୁଣ୍ଡରେ ଠିଆ ହୋଇ ଶସ୍ୟ ଶ୍ୟାମଳା କ୍ଷେତକୁ ଦେଖିଲେ ତାହାଠାରୁ ଅଧିକ ଆନନ୍ଦ ଜାତ ହୁଏ । ବର୍ଷର ସବୁ ଋତୁରେ ଗ୍ରାମର ଚଷୀମାନେ କିଛି ନା କିଛି ଚଷ କରି ଚାଲିଛନ୍ତି । ଏମାନେ ବିଭିନ୍ନ କିସମର ଅଧିକ ଅମଳ କ୍ଷମ ଧାନ ଚଷ କରି ଅଭୂତ ପୂର୍ବ ଉତ୍ପାଦନ କରି ଚାଲିଛନ୍ତି । ଅଧିକ ଅମଳ କ୍ଷମ ଧାନ ମଧ୍ୟରେ ଶକ୍ତି, ପୋଷା, ଜଗନ୍ନାଥ, ରତ୍ନା ଓ ନୂତନ ଭାବରେ ପ୍ରଚଳିତ ହେଉଥିବା Selection 14 ଚଷ କରାଯାଉଛି । ଗତ ଖରିଫ୍ ଋତୁରେ ଆମର ପଲ୍ଲୀଶ୍ରୋତା ମଣ୍ଡଳୀର ସଭାପତି ତାଙ୍କର ଏକ ଏକର ଜମିରେ ଶକ୍ତି ଧାନ ଚଷ କରି ପ୍ରାୟ ୧୫ କୁଇଣ୍ଟାଲ ଧାନ ଅମଳ କରିଥିଲେ । ସେହିପରି ଗ୍ରାମର ଅନ୍ୟତମ ଚଷୀ ଶ୍ରୀ ବୈକୁଣ୍ଠ ନାଥ ତିପାଠୀ ଜଗନ୍ନାଥ ଧାନ ଏକ ଏକର ଜମିରେ ଚଷ କରି ପ୍ରାୟ ୧୪ କୁଇଣ୍ଟାଲ ଧାନ ଅମଳ କରିଥିଲେ । ନୂତନ ଭାବରେ ପ୍ରଚଳିତ ହେଉଥିବା Selection 14 ଧାନ ଗ୍ରାମର ଜଣେ ବିଶିଷ୍ଟ ଚଷୀ ପ୍ରାୟ ଏକ ଏକର ଜାଗାରେ ଚଷ କରିଛନ୍ତି । ଧାନ ଗଛକୁ ଦେଖିଲେ ସେ ବିଶେଷ ଲାଭବାନ ହେବେ ବୋଲି ଜଣାଯାଏ । ସେହିପରି ରବି ଋତୁରେ ମଧ୍ୟ ଗାଁର ଚଷୀକୂଳ ବିଭିନ୍ନ ପ୍ରକାର ରବି ଚଷରେ ଲାଗି ଯାଆନ୍ତି । ରବି ଚଷ ହୋଇଲେ ଗହମ, ବିରି, ମୁଗ, ଏହି ଗ୍ରାମର ପ୍ରଧାନ ଚଷ । ଗତ ରବି ଋତୁରେ ଗ୍ରାମର ଚଷୀ ଶ୍ରୀ ହରେନ୍ଦ୍ର ନାରାୟଣ ଦାସ ଦେଢ଼ ଏକର ଜାଗାରେ ଗହମ ଚଷ କରି ପ୍ରାୟ ଏକର ପିଛା ୧୫ କୁଇଣ୍ଟାଲ ଅମଳ କରି ନୂତନ ଉତ୍ସାହ ସୃଷ୍ଟି କରି ପାରିଛନ୍ତି । ଏ ବର୍ଷ ପଲ୍ଲୀଶ୍ରୋତା ମଣ୍ଡଳୀ ସଭ୍ୟମାନେ Ta ବିରି ଚାରି ଏକର ଜମିରେ ଯୋଠ ଚଷ କରି ବେଶ ଲାଭବାନ ହୋଇ ପାରିଛନ୍ତି । ରବି ଋତୁରେ ପାଗ ନଦୀ କୂଳେ କୂଳେ ଗ୍ରାମର ଚଷୀମାନେ ବିଭିନ୍ନ ପ୍ରକାର ପନିପରିବା ଚଷ କରନ୍ତି । ଏହି ପନିପରିବା ମଧ୍ୟରେ ବୋଇତାଳୁ, ବାଇଗଣ ଖରାଚିଆ ଭେଣ୍ଡି ଓ କଲରା ପ୍ରଭୃତି ପ୍ରଧାନ । ଏହି ଗ୍ରାମର ପନିପରିବା ବାଲେଶ୍ୱର ଓ ଭଦ୍ରକ ବଜାରକୁ ପ୍ରତିଦିନ ଗଉଡ ଗାଡ଼ିରେ ବୋଝେଇ ହୋଇ ବିକ୍ରୟ ହେବା ପାଇଁ ଯାଏ ।

ଗ୍ରାମରେ ଜଳସେଚନର ସେତେ ସୁବିଧା ନାହିଁ । ବ୍ୟକ୍ତିଗତ ଭାବରେ କେତେକ ଚଷୀ ନିଜ ନିଜ ଗଡିଆ, ପୋଖରୀରୁ ପାଣି ମଡାଇ ସର୍ବମୋଟ ପ୍ରାୟ ୨୦ ଏକର ଜମିକୁ ଜଳସେଚିତ କରିଥାନ୍ତି । ଏ ପର୍ଯ୍ୟନ୍ତ ଗ୍ରାମଟିର ବିଦ୍ୟୁତକରଣ ହୋଇ ପାରି ନାହିଁ । ବିଦ୍ୟୁତ ଶକ୍ତି ସରବରାହ ହେଲେ ପାଗ ନଦୀର ଜଳକୁ ଉଠା ଜଳସେଚନ ସାହାଯ୍ୟରେ ଜଳସେଚନ ପାଇଁ ବ୍ୟବହାର କରାଯାଇ ପାରିବ ।

ପଲ୍ଲୀଟି ଶିକ୍ଷା ଦିଗରେ ମଧ୍ୟ ପଛରେ ପଡି ନାହିଁ । ଗ୍ରାମରେ ଗୋଟିଏ ପଞ୍ଚାୟତ ସମିତି, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଛି । ଏହି ବିଦ୍ୟାଳୟମାନଙ୍କରେ ଯଥାକ୍ରମେ ୨୦୦ ଓ ୪୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ସ୍କୁଲରେ ପ୍ରତ୍ୟହ ପ୍ରାର୍ଥନା ଶେଷରେ ଦେଶ ବିଦେଶର ବଡ଼ ବଡ଼ ସମ୍ବାଦମାନ ପଢ଼ି ଶୁଣାଇ ଦିଆଯାଏ । ବିଦ୍ୟାଳୟର ବାରଣ୍ଡାରେ ଥିବା କଳାପଟାରେ ମୁଖ୍ୟ ସମ୍ବାଦଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲିପିବଦ୍ଧ କରାଯାଏ । କୃଷକ ସାକ୍ଷର ଯୋଜନାରେ ଗ୍ରାମର ୧୫ ଠାରୁ ୪୫ ବର୍ଷ ବୟସର ୧୦୫ ଜଣ ବ୍ୟକ୍ତି ଶିକ୍ଷା ଲାଭ କରୁଛନ୍ତି । ତାଙ୍କୁ ସରକାରଙ୍କ ତରଫରୁ ଯାବତୀୟ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି ।

ପଶୁ ଚିକିତ୍ସା ପାଇଁ ନିକଟତମ ଗ୍ରାମ ସାରଗାଁରେ ଗୋଟିଏ ଷ୍ଟକ୍‌ମ୍ୟାନ୍ କେନ୍ଦ୍ର ଅଛି । ଗ୍ରାମବାସୀମାନେ ସେମାନଙ୍କର ଗୃହପାଳିତ ପଶୁମାନଙ୍କୁ ସେହିଠାରେ ଚିକିତ୍ସିତ କରାଇଥାନ୍ତି ।

କୁଟୀର ଶିଳ୍ପର ପ୍ରସାର ପାଇଁ ଗ୍ରାମବାସୀମାନେ ଯତ୍ନଶୀଳ । ଏହି ଗ୍ରାମର ହାତ ତନ୍ତରେ ବୁଣା ଲୁଗା ବାଲେଶ୍ୱର ତନ୍ତବାୟ ସମବାୟ ସହଯୋଗ ସମିତିକୁ ଯୋଗାଇ ଦିଆଯାଏ । ବାଉଁଶ ଓ କାଉଁଚରେ ବୁଣା ପାଛିଆ ଓ ବଡ଼ ବଡ଼ ଟୋକେଇ ଗ୍ରାମର ହରିଜନମାନଙ୍କ ନିତିଦିନିଆ କାମ । ଏହି ଗ୍ରାମରୁ ନିର୍ମିତ ହେଉଥିବା ବଡ଼ ବଡ଼ ଟୋକେଇରେ ଲୁଣା ମାଛ ଭର୍ତ୍ତି କରାହୋଇ ସୁଦୂର କଲିକତା, ଟାଟା ଓ ରାଉରକେଲା ପ୍ରଭୃତି ସ୍ଥାନମାନଙ୍କୁ ରପ୍ତାନି କରାଯାଏ । ପ୍ରତିଦିନ ପ୍ରାୟ ୧୭/୧୮ଟି ମହଣକିଆ ବଡ଼ ବଡ଼ ଟୋକେଇ ବାଲେଶ୍ୱର ମତ୍ସ୍ୟ ସମବାୟ ସମିତିକୁ ଯୋଗାଇ ଦିଆଯାଏ । ଏହି ବ୍ୟବସାୟ ଦ୍ୱାରା ହରିଜନମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟୁଛି ।

ପାନୀୟ ଜଳ ଯୋଗାଣ ଯୋଜନା ଅନୁଯାୟୀ ଏହି ଗ୍ରାମରେ ୧୯୭୭ ମାର୍ଚ୍ଚ

ପରଠାରୁ ପାଞ୍ଚ ଗୋଟି ନଳକୂପ ଓ ତିନିଗୋଟି Ring Well ବସାଯାଇ ସର୍ବସାଧାରଣଙ୍କ ପାଇଁ ପାନୀୟ ଜଳ ସୁବିଧା କରାଯାଇ ପାରିଛି ।

ଜେଆର ସଂସ୍ଥା ତରଫରୁ ବିଦ୍ୟାଳୟ-ମାନଙ୍କରେ ଅଧ୍ୟୟନ କରୁଥିବା ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ମଧ୍ୟାହ୍ନ-ଭୋଜନ ଯୋଗାଇ ଦିଆଯାଉଛି ।


କେତେ ମାସ ତଳେ ଗ୍ରାମରେ ଜଣେ ଗ୍ରାମ୍ୟ କୃଷି କର୍ମଚାରୀ ତାଙ୍କ କାର୍ଯ୍ୟରେ ଯୋଗ ଦେଇଛନ୍ତି । ତାଙ୍କରି ପ୍ରେରଣା ପାଇ ଗ୍ରାମବାସୀମାନେ ନିଜ ନିଜ ବାଡ଼ି-ବଗିଚା ଓ ପୋଖରୀ ହୁଡ଼ାମାନଙ୍କରେ ସର୍ବମୋଟ ୨୦୦ଟି ଉନ୍ନତ କଦଳୀ ଗଛ ଓ ୫୦୦ ଗୋଟି ଅମୃତ ଭଣ୍ଡା ଗଛ ଲଗାଇ-ଛନ୍ତି । ଏହା ଏକ ଲାଭଜନକ ତଥା ସ୍ୱାସ୍ଥ୍ୟ ହିତକାରୀ ଯୋଜନା ଅଟେ ।

ଏହି ଗ୍ରାମରେ ଗୋଟିଏ ଯୁବକ ସଂଘ ସକ୍ରିୟଭାବରେ କାର୍ଯ୍ୟ କରୁଛି । ଏହି ସଂଘର ସଭ୍ୟମାନେ ଗତବର୍ଷ ପାଞ୍ଚ ଏକର ବିଶିଷ୍ଟ ଗୋଟିଏ ପୋଖରୀରେ ଉନ୍ନତ କିସମର ମାଛ ଚାଷ କରି ଗ୍ରାମ୍ୟ ଭିତରେ ୧୧ ହଜାର ମାଛ ବିକ୍ରୟ କରି ଲାଭାଂଶରେ ଗ୍ରାମରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିଛନ୍ତି । ଗ୍ରାମରେ ଥିବା ପ୍ରାୟ ଦୁଇ କିଲୋମିଟର ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ସେହି ଯୁବକ ସଂଘ ବହନ କରିଛନ୍ତି । ଶ୍ରମଦାନ କରି ଯୁବକ ସଂଘର ସଭ୍ୟମାନେ ଅନ୍ୟ ଏକ ପୋଖରୀର ପଙ୍କୋଦ୍ଧାର କରିଛନ୍ତି ।

ଗ୍ରାମର ଲୋକମାନେ ବର୍ଷର ବିଭିନ୍ନ ମାସରେ ହେଉଥିବା ପର୍ବ ପର୍ବାଣୀ ବେଶ ଜାକଜମକରେ ପାଳନ କରିବା ସଙ୍ଗେ ସଙ୍ଗେ ଶିବରାତ୍ରି, ଝୁଲଣ ଓ ରଥଯାତ୍ରା ପ୍ରଭୃତି ଯାନି ଯାତ୍ରାକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାନ୍ଧକୁ କାନ୍ଧ ମିଳାଇ ପାଳନ କରନ୍ତି । ସନ୍ଧ୍ୟା ସମୟରେ ସେହି ପଲ୍ଲୀ ପରିବେଶଟି ଧର୍ମାନୁରାଗୀମାନଙ୍କ ପାଇଁ ଅନୁକୂଳ ହୋଇଥାଏ । ଘର-ମାନଙ୍କରେ କୁଳବଧୂମାନେ ଶଂଖ ଧ୍ୱନି ଦେଇ ବୃନ୍ଦାବତୀଙ୍କୁ ପୂଜା କରୁଥିବେବେଳେ ପଲ୍ଲୀ ବାଳିକାମାନେ ସୁଲଳିତ କଣ୍ଠରେ ପ୍ରାର୍ଥନାରେ ରତ ଥାନ୍ତି । ସେ ପଟେ ଗ୍ରାମର ଅନ୍ୟତମ ଠାକୁର ମଦନ ଗୋପାଳଙ୍କ ନିକଟରେ ଆଳତି ହେଉଥାଏ । ଠିକ୍ ସନ୍ଧ୍ୟାର ଏକ ଘଣ୍ଟା ପରେ ଗ୍ରାମର କିଶୋରମାନେ ପାଠ୍ୟ ଉପକରଣ ହାତରେ ଧରି ନୈଶ୍ୟ ବିଦ୍ୟାଳୟକୁ ଯାଉଥିବାର ଦୃଶ୍ୟ ଦେଖିଲେ ମନେ ହୁଏ ସରସ୍ୱତୀ ଦେବୀ ମଧ୍ୟ ଏହି ପଲ୍ଲୀବାସୀଙ୍କ ପ୍ରତି ସଦୟ ଅଛନ୍ତି । ଯୁବକ ସଂଘ ଆନୁକୂଲ୍ୟରେ ଗୋଟିଏ ପାଠାଗାର ଗ୍ରାମରେ କାର୍ଯ୍ୟ କରୁଛି । ସେହି ପାଠାଗାରରେ ପ୍ରାୟ ୫,୦୦୦ ପୁସ୍ତକ ଅଛି । ୧୫୦ ଜଣ ମଧ୍ୟ ପାଠାଗାରର ସଦସ୍ୟ ଅଛନ୍ତି ।

ଏହି ଗ୍ରାମରେ ପ୍ରାୟ ଗତ ୬ ମାସ ହେଲା ପଲ୍ଲୀଶ୍ରୋତା ମଣ୍ଡଳୀଟିଏ କାର୍ଯ୍ୟ କରୁଅଛି । ସଭ୍ୟମାନଙ୍କର ନିୟମିତ ବୈଠକ ହୁଏ । ସେମାନେ ବିଭିନ୍ନ ସମୟରେ ରେଡିଓରେ ଆଲୋଚନା ହେଉଥିବା ବିଷୟବସ୍ତୁ ଉପରେ ପ୍ରଶ୍ନମାନ ପଚାରିଥାନ୍ତି ।

ଆଞ୍ଚଳିକ ସଂଗଠକ ପଲ୍ଲୀ ଶ୍ରୋତା
ମଣ୍ଡଳୀ, ବାଲେଶ୍ୱର ।



## ସମନ୍ୱିତ ବାସଗୃହ ଯୋଜନାର ଅଗ୍ରଗତି

ରାଜସ୍ୱ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ବାସଗୃହ ଯୋଜନା ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଗତ ଜୁନ୍ ମାସ ଶେଷ ସୁଦ୍ଧା ଜିଲ୍ଲାରେ ସମୁଦାୟ ୧,୫୧୬ଟି ବାସଗୃହ ନିର୍ମିତ ହୋଇଛି । ତନ୍ମଧ୍ୟରୁ ୧,୩୯୩ ଟି ଗୃହ ବାସହୀନ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଏଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାରେ ୧୪୬ଟି, ପୁରୀରେ ୨୩୧ଟି, ମୟୂରଭଞ୍ଜରେ ୧୩୨ଟି, ଢେଙ୍କାନାଳରେ ୨୦୭ଟି, କେନ୍ଦୁଝରରେ ୧୫୪ଟି, ସମ୍ବଲପୁରରେ ୪୩ଟି, ସୁନ୍ଦରଗଡ଼ରେ ୨୫୨ଟି, ବଲାଙ୍ଗିରରେ ୩୮ଟି, ଗଞ୍ଜାମରେ ୧୮ଟି, କୋରାପୁଟରେ ୧୧୨ଟି ଏବଂ ଫୁଲବାଣୀରେ ୬୦ଟି ଗୃହ ସଂପୃକ୍ତ ଜିଲ୍ଲାର ବାସହୀନ ବ୍ୟକ୍ତି-ମାନଙ୍କୁ ଯୋଗାଇ ଦିଆଯାଇଛି ।

୧,୫୧୬ଟି ଗୃହ ନିର୍ମାଣ ବାବଦରେ ସମୁଦାୟ ୮ଲକ୍ଷ ୭୪ ହଜାର ୬୫୪ ଟଙ୍କା ବ୍ୟୟ କରାଯାଇଛି ।

ଏହି ଯୋଜନା ମାଧ୍ୟମରେ ୧୯୭୫-୭୬ ରେ ୨,୫୦୫ଟି ଗୃହ, ୧୯୭୬-୭୭ରେ ୧,୧୫୭ଟି ଗୃହ ଏବଂ ୧୯୭୭-୭୮ରେ ୨,୩୬୨ଟି ଗୃହ ନିର୍ମିତ ହୋଇଥିଲା ।

# ବଣ୍ଡା ଗପ

## (ପିଲାଙ୍କ ପାଇଁ)

ଶ୍ରୀ ଉପେନ୍ଦ୍ର ମିଶ୍ର

ପିଲାଏ ? ତୁମେ ବାଘ ଭାଲୁ ଦେଖିଛ, କେଉଁଠି କହିଲ ? ସର୍ବସ୍ୱରେ ନା । ବାଘ, ଭାଲୁ, ହାତୀ ସବୁ ବଣ ପାହାଡ଼ରେ ରହନ୍ତି । ସେମାନଙ୍କ ପାଖକୁ କେହି ଭୟରେ ଯାଆନ୍ତି ନାହିଁ । କିନ୍ତୁ ଆଦିବାସୀମାନେ ସେମାନଙ୍କୁ ଭୟ କରନ୍ତି ନାହିଁ, ବରଂ ବାଘ ଭାଲୁ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରନ୍ତି । ଆଦିବାସୀମାନେ ଧନୁଶର ଓ ଟାଙ୍ଗିଆ ଧରି ବଣରେ ଫଳମୂଳ ସଂଗ୍ରହ କରନ୍ତି । ଯଦି କେତେବେଳେ ବାଘ ଆସିଲା ତାକୁ ଶର ମାରନ୍ତି ନଚେତ୍ ଟାଙ୍ଗିଆରେ ହାଣି ଦିଅନ୍ତି । ତୁମକୁ ଏ କଥା ଶୁଣିଲେ ଭୟ ଲାଗୁଥିବ । ଆଜି ଆମେ ଗୋଟିଏ ଆଦିବାସୀ ବଣ୍ଡା ଗପ ଶୁଣିବା । କୋରାପୁଟ ଜିଲ୍ଲା ହେଉଛି ଗୋଟିଏ ଆଦିବାସୀବହୁଳ ଜିଲ୍ଲା । କଟକ ଠାରୁ କୋରାପୁଟ ପ୍ରାୟ ୪୦୦ କିଲୋମିଟର । ସେଠାରୁ ଆଉ ୧୦୦ କିଲୋମିଟର ଗଲେ ବଣ୍ଡା ପାହାଡ଼ ପଡ଼ିବ । ସେଠାରେ



ଆଦିବାସୀ ବଣ୍ଡାମାନେ ରହନ୍ତି । ସେମାନେ ଦେଖିବାକୁ ଭାରି ସ୍ୱାସ୍ଥ୍ୟବାନ କିନ୍ତୁ ଅଧା ଲଙ୍ଗଳା । ଖଣ୍ଡିଏ ଖଣ୍ଡିଏ କୌପିନ୍ ପିନ୍ଧି ଥାଆନ୍ତି । ହାତରେ ଧନୁଶର ଓ ଟାଙ୍ଗିଆ ଧରି ପାହାଡ଼ରେ ବୁଲି ଜନ୍ତୁ ଶିକାର କରନ୍ତି । ସେମାନଙ୍କ ଭାଷା ଅଲଗା । ଆମେ ତାକୁ ବୁଝି ପାରିବା ନାହିଁ । ଆମ ଭଷାରେ "ପାଠ ପଢ଼ିଲେ ଭଲ" । ତାଙ୍କ ଭାଷାରେ "ପାଠ ପଢ଼ିଗା ବ୍ନାନିମାନ୍ ।" ତୁମେ ତାଙ୍କ ଫଟ ଦେଖ, ତା ସଙ୍ଗେ ସଙ୍ଗେ ତାଙ୍କ ଭାଷା ଶିଖ । ଅନେକ ଦିନ ତଳେ ସେଠାରେ ସିମା ପାଟଣା ବୋଲି ଖଣ୍ଡିଏ ଛୋଟ ରାଜ୍ୟ ଥିଲା । ସେଠାର ରାଣୀ ଭାରି ସୁନ୍ଦରୀ ଓ ଦୟାବତୀ ଥିଲେ । ଆଜିକାଲି ପରି ଦୋକାନ ବଜାର ନ ଥିଲା । ଜିନିଷପତ୍ର କିଣାବିକା ପାଇଁ ଲୋକେ ଫସଲ ଅଦଳ ବଦଳ କରୁଥିଲେ । ଜଣେ ସୋରିଷ ଦେଇ ଗୁଡ଼ଳ ଆଣୁଥିଲା । ଆଉ ଜଣେ ହଳଦୀ ଦେଇ ଲୁଣ ଆଣୁଥିଲା । ଏଥିରେ ବହୁତ ଅସୁବିଧା ହେଉ । ଏ ଅସୁବିଧା ଦୂର କରିବା ପାଇଁ ରାଣୀ ଭଗବାନଙ୍କୁ ପ୍ରାର୍ଥନା କଲେ । ଭଗବାନ ସନ୍ତୁଷ୍ଟ ହୋଇ ରାଣୀଙ୍କୁ କହିଲେ ମା' ତୁମେ ମୋ ସାଙ୍ଗରେ ଆସ । ଯାହା ଦେଖିବ ନିଜେ ବୋହି ଆଣିଲା ପରି ଆଣିବ । ଅଧିକ ଲୋଭ କରିବ ନାହିଁ । ସେ ଜିନିଷକୁ ପ୍ରଜାମାନଙ୍କ ମଧ୍ୟରେ ବାଣ୍ଟି ଦେବ । ଏତକ କହି ଭଗବାନ ଆଗେ ଆଗେ ଚାଲିଲେ । ରାଣୀ ତାଙ୍କ ପଛେ ପଛେ ଯାଉଥାନ୍ତି । କିଛି ଦୂର ଗଲା ପରେ ରାଣୀ ଗୋଟିଏ ରୁପା ପାହାଡ଼ ଦେଖିଲେ । ତା ପରେ ଗୋଟିଏ ସୁନା ପାହାଡ଼ ଦେଖିଲେ । ଶେଷରେ ଗୋଟିଏ ତମ୍ବା ପାହାଡ଼ ଦେଖିଲେ । ଏସବୁ ଦେଖି ରାଣୀ ଆଶ୍ଚର୍ଯ୍ୟ ହୋଇଗଲେ । ଭଗବାନ ଆଶୀର୍ବାଦ କରି କହିଲେ, "ରାଣୀ, ତୁମେ ଏଥିରୁ କିଛି ସଂଗ୍ରହ କରି ତୁମ ରାଜାଙ୍କୁ ଦେବ । ସେ ଗୋଟିଏ ବଣିଆ ଡ଼ାକି ଟଙ୍କା ପଇସା ତିଆରି କରି ପ୍ରଜାମାନଙ୍କୁ ୨୦୦ କରି ବାଣ୍ଟି ଦେଇ ଆସିବେ । ପ୍ରଜାମାନେ ଏହି ଟଙ୍କା ପଇସା ବଦଳାଇ ଜିନିଷ ପତ୍ର କିଣା ବିକା କରିବେ । ସେମାନଙ୍କର ଆଉ କିଣା ବିକାରେ ଅସୁବିଧା ହେବ ନାହିଁ । ସେ ବଦଳରେ ରହିଲେ ତୁମକୁ କର ଦେବେ । ତୁମେ କର ଓ ଖଜଣା ଆକାରରେ ଏହି ଟଙ୍କା ପଇସା ପାଇବ । ରାଜ କୋଷରେ ରଖି ପ୍ରଜାମାନଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କରିବ" । ଏତକ କହିବା ପରେ ଭଗବାନ ଉଭେଇ ଗଲେ । ରାଣୀ ଖୁସିରେ ନିଜେ ବୋହି ଆଣି ଥିବା ସୁନା, ରୁପା, ତମ୍ବା ରାଜାଙ୍କୁ ଦେଲେ । ରାଜା ବଣିଆ ଡ଼କାଇ ମୁଦ୍ରା ତିଆରି କରି ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଜାମାନଙ୍କୁ ବାଣ୍ଟି ଦେଇ ଆସିଲେ । ସେହି ଦିନ ଠାରୁ ସୀମା ପାଟଣା ରାଜ୍ୟରେ ଆଉ କିଣା ବିକାରେ ଅସୁବିଧା ହେଲା ନାହିଁ । ବର୍ତ୍ତମାନ ଏହି ବଣ୍ଡା ଆଦିବାସୀମାନେ କହନ୍ତି ଆମର ପୂର୍ବ ପୁରୁଷମାନେ ପ୍ରଥମେ ଟଙ୍କା ପଇସା ଆରମ୍ଭ କରି-ଥିଲେ । ଆଜି ପର୍ଯ୍ୟନ୍ତ ଏହି ବଣ୍ଡା ଜାତି ସ୍ୱାଧୀନ ଭାବରେ ପାହାଡ଼ରେ ବସ ବାସ କରି ବଣରୁ ଫଳ ମୂଳ ସଂଗ୍ରହ କରିବା, ଶିକାର କରିବା, ଝରଣାରୁ ପାଣି ଆଣିବା କାମରେ ଲାଗି ଥାଆନ୍ତି । କେତେକ ବଣ୍ଡା ସାମାନ୍ୟ ଚାଷ କାମକୁ ଆପେଇ ଆସିଲେଣି । ସେମାନେ ଯଦି ଆମକୁ ବିଶ୍ୱାସ କରିବେ ତେବେ ଆମକୁ ମିତ ବୋଲି ଡ଼ାକି ନେଇଯିବେ, ନଚେତ୍ ଅବିଶ୍ୱାସ କଲେ ସଂଗେ ସଂଗେ ତୀର ମାରି ଶେଷ କରିଦେବେ । ଏ ଜାତି ବଡ଼ ଯୁଦ୍ଧଖୋର ଓ ସ୍ୱାଧୀନଚେତା । ଆଜି କାଲି ଏ ବଣ୍ଡା ରାଜ୍ୟରେ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି । ଦିନ ଆସିବ, ଯେଉଁଦିନ ବଣ୍ଡା ପିଲାମାନେ ଆମ ପିଲାମାନଙ୍କ ସହିତ ମିଶି ଖେଳିବେ ।



# ଲାଲବାହାଦୁର ଶାସ୍ତ୍ରୀ: ଏକ ଶ୍ରଦ୍ଧାଞ୍ଜଳି

ଶ୍ରୀ ଅନ୍ତର୍ଯ୍ୟାମୀ ମହାପାତ୍ର

ସଙ୍ଗମ-ଛକରେ ମାଘ ସ୍ନାନ ପାଇଁ ୧୯୦୫ ଜାନୁଆରୀ ୧୪ ତାରିଖ ସୋମବାର ପଡ଼ିଥିବା ମକର ସଂକ୍ରାନ୍ତି ଦିନ ମାତ୍ର ୪ ମାସର ଶିଶୁକୁ ଧରି ମା' ବାପ ଓ ଆଉ ଅନ୍ୟମାନେ ଯାଉଥାଆନ୍ତି । ଜିଲ (ଆହ୍ଲା-ବାଦର ପ୍ରାଚୀନ ଦୁର୍ଗ) ପାଖ ଘାଟରେ ନୌକାରେ ବସିବା ବଡ଼ ଦୁଃସାଧ୍ୟ ଥିଲା ; ତଥାପି ସେଇ ଠେଲାଠେଲି ଭିତରେ ବାପା ମାଆ ପିଲାଟିକୁ ଧରି ବସିବା ସମୟରେ ପିଲାଟି ହଠାତ୍ ଛିଟିକି ପଡ଼ିଲା ।

ଏଇ ସମୟରେ ଆଉ ଗୋଟିଏ ଡଙ୍ଗା ସେଇ ଡଙ୍ଗା ପାଖ ଦେଇ ସଙ୍ଗମ ଛକକୁ ମନ୍ଥର ଥାଏ । ଡଙ୍ଗାର ଗୋଟିଏ ମଙ୍ଗରେ ଦୁଧବାଲଟିଏ ତା' ପସରା ଧରି ସ୍ନାନ କରିବାକୁ ଯାଉଥାଏ । ହଠାତ୍ ତା ପସରାରେ ଜୀବନ୍ତ ପୁଅଟିଏ ଆକାଶରୁ ଖସି ପଡ଼ିବାର ଦେଖି ସେ ବିସ୍ମିତ ହେଲା । ଡଙ୍ଗାରେ ଥିବା ଅନ୍ୟମାନେ ମଧ୍ୟ ଏଇ ଘଟଣାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ଦୁଧବାଲର ପିଲାକବିଲା ନଥିବାରୁ ସେ ଏଇ ଶିଶୁଟିକୁ ପାଇ ତାହା ଗଙ୍ଗାଦେବୀଙ୍କ କୃପା ବୋଲି ଧରି ନେଲା ଓ ନିଜେ ପିନ୍ଧିଥିବା ଚୁଲାରେ ତିଆରି ଜାମା ଦ୍ୱାରା ସେଇ ଶିଶୁ ପୁତ୍ରଟିକୁ ଘୋଡ଼େଇ ଧରି ପେଣ୍ଡି ବା ପାହେ ସାହାଯ୍ୟରେ ଦୁଧ ଖୁଆଇବାକୁ ଲାଗିଲା ।

ଏଣେ ପିଲାଟି ଖସି ପଡ଼ିବା ପରେ ଡଙ୍ଗା ସାରା ଚହଳ ପଡ଼ିଗଲା । ସମସ୍ତେ ଖୋଜାଖୋଜି କଲେ । ଏଣେ ତେଣେ ବହୁତ ଦୃଷ୍ଟି ନିକ୍ଷେପ କଲେ କିନ୍ତୁ କିଛି ଜାଣି ପାରିଲେ ନାହିଁ । ପ୍ରବୋଧନା ସତ୍ତ୍ୱେ ମା' ରାମଦୁଲାରୀ ନନ୍ହେ । ନନ୍ହେ । କହି କ୍ରନ୍ଦନ କରୁଥାନ୍ତି । ବାପା ସାରଦା ପ୍ରସାଦ କିଂକର୍ତ୍ତବ୍ୟବିମୂଢ଼ ଭାବେ ଠିଆ ହୋଇଥାନ୍ତି ।

ପାଖ ଏକ ଘଣ୍ଟା କାଳ ଏଇପରିଭାବେ ଅତିବାହିତହୋଇଗଲା ।

ଡଙ୍ଗାଟିଏ ସଙ୍ଗମ ଛକରୁ କୂଳକୁ ଫେରୁଥାଏ । ସାରଦା ପ୍ରସାଦ ପ୍ରତି ଫେରନ୍ତା ଡଙ୍ଗାକୁ ନଜର ଦେଉଥାନ୍ତି ।

ଉତ୍ସବସରରେ ଦୁଧବାଲା ପସରାରେ ଛୋଟ ପିଲାଟିଏ ଥିବାର ଦେଖି ହଠାତ୍ ସେ ଡଙ୍ଗାକୁ ଅଟକାଇବାକୁ କହିଲେ । ଡଙ୍ଗାଟି ଅଟକିଲା ପରେ ସାରଦା ପ୍ରସାଦ ଦୁଧବାଲଠୁଁ ସମସ୍ତ ଘଟଣା ଶୁଣିଲେ । ଶେଷକୁ ନ୍ୟାୟ, ଯୁକ୍ତିତର୍କ ଓ ବହୁ ଲୋକମାନଙ୍କ ପରେ ପୁଅକୁ ଫେରି ପାଇଲେ ; କିନ୍ତୁ ତା' ବଦଳରେ ଦୁଧବାଲକୁ ପିଲାର ମନମୁଗ୍ଧରେ ନଷ୍ଟ ହୋଇଥିବା ଜାମା ବାବଦକୁ ନିଜର ଭଲ ଦାମିକା ଭଲ ଗୁଦଡ଼ିଟିକୁ ଦେଇଥିଲେ ଏବଂ ଦୁଧ ପିଆଇ ଥିବା ବାବଦକୁ ପାଞ୍ଚଟଙ୍କା ଦେଇଥିଲେ । ସେହି ପିଲାଟି ଏପରି ଆଶ୍ଚର୍ଯ୍ୟ ଜନକ ଭାବରେ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲା, ସେ ଆଉ କେହି ନୁହେଁ—ସେ ହେଉଛନ୍ତି ଲାଲ ବାହାଦୁର ଶାସ୍ତ୍ରୀ, ଯାହାଙ୍କୁ ତାଙ୍କର ମା ଅତି ଆଦରରେ ସର୍ବଦା "ନନ୍ହେ ।" ବୋଲି ଡାକୁଥିଲେ । ତାଙ୍କୁ ଯେତେବେଳେ ଏକ ବର୍ଷ ଚାରିମାସ ଠିକ୍ ସେତିକିବେଳେ ସାରଦା ପ୍ରସାଦ ମୃତ୍ୟୁ ବରଣ କରିଥିଲେ । ତା' ପରେ ସ୍ନେହମୟୀ ଜନନୀଙ୍କର ଏକମାତ୍ର ନୟନ ପିତୁଳା ନନ୍ହେ । ନିଃସହାୟ ଭାବେ ଭାଗ୍ୟକୁ ଆଦରି ବନ୍ଧୁ ସ୍ୱଜନଙ୍କ ସହାୟତାରେ ବଢ଼ିବାକୁ ଲାଗିଲେ ।

ତାଙ୍କ ବାଲ୍ୟାବସ୍ଥାର ପ୍ରତ୍ୟେକ ଦିନ, ମାସ, ବର୍ଷ ଯେପରି ଘଟଣାପ୍ଲୁତ ; ପର-ଅବସ୍ଥା ସେହପରି ରୋମାଞ୍ଚିତ ଓ ରହସ୍ୟାବୃତ ମଧ୍ୟ । ଦୁଃଖ କେଉଁ ମୁହୂର୍ତ୍ତରେ ତାଙ୍କୁ ଅବସର ଦେଇନାହିଁ । ଦୁଃଖ ବିରୁଦ୍ଧରେ ଲଢ଼ାଇ କରି କରି ଭବିଷ୍ୟତକୁ ସେ ହୋଇ-ଥିଲେ ମହନୀୟ ।

ନନ୍ହେ । ପ୍ରତି ମା'ଙ୍କର ଥିଲା ଅସୀମ ସ୍ନେହ, ଅତୁଳ ଶ୍ରଦ୍ଧା, ଆଶୀର୍ବାଦ । ଯାହା ଫଳରେ କି ୫ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ନନ୍ହେ । ଗଙ୍ଗାନଦୀକୁ ଦୁଇ ଦୁଇ ଥର ପହଁରି ପାରିଥିଲେ । ନନ୍ହେ ।ର ପ୍ରତ୍ୟେକ କାର୍ଯ୍ୟ ପ୍ରତି ମା'ଙ୍କର ଥିଲା ଅତୁଳ ସମର୍ଥନ । ହରିଶ୍ଚନ୍ଦ୍ର କଲେଜରେ ହାଇସ୍କୁଲ ପରୀକ୍ଷା ଦେବା ପାଇଁ ଯିବାବେଳେ ସତ୍ୟା-ଗ୍ରହୀଙ୍କ ବାଧାଦାନ ଯୋଗୁ ସେ ପରୀକ୍ଷା ଦେଇ ନପାରି ଫେରି ଆସିଥିଲେ ଏବଂ ଆଉ ପରୀକ୍ଷା ନଦେଇ ଦେଶ କାମ କରିବାକୁ ମା'ଙ୍କୁ ନିଜ ମନ କଥା ଜଣାଇଲେ । ଗର୍ଭ ଦେଇ ଜନ୍ମ କରିଥିବା ମା' ଜାଣନ୍ତି ନନ୍ହେ ।ର ମନୋବଳ କେତେ ? ତେଣୁ ସେ ଆଶୀର୍ବାଦ ଦେଲେ—"ନନ୍ହେ ।" ତୁ ଯାହା କିଛି କରିଛୁ ବୁଝି ବିଚାରି କରିଛୁ; ଆଗକୁ ଯାହା କରିବୁ ଭାବି ଚିନ୍ତି କରିବୁ ଏ ଭରସା ମୋର ଅଛି; କିନ୍ତୁ ମୋର କହିବା କଥା, ଆଗକୁ ଯେବେ ଗୋଡ଼ ବଢ଼ାଇବୁ ଆଉ ପଛକୁ ତାହା ଫେରାଇବୁ ନାହିଁ ।"

ଏଇ ମାତୃ ବାଣୀକୁ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ଲଙ୍ଘନ କରି ନାହାନ୍ତି । ଯେଉଁ କାମ ସେ କରିବାକୁ ଚାହିଁଛନ୍ତି, ଯାହାକୁ ସେ ଉଚିତ ମନେ କରିଛନ୍ତି, ତାହା ଯେତେ ଦୁଃସାଧ୍ୟ ଓ କ୍ଷତିକାରକ ହେଲେ ସୁଦ୍ଧା ସେଥିରୁ ସେ କେବେହେଲେ ହଟି ଆସି ନାହାନ୍ତି ।

ପରେ କାଶୀ ବିଦ୍ୟାପୀଠରେ ନନ୍ହେ । ପଢ଼ିବାକୁ ଲାଗିଲେ । ପଢ଼ା ଅଭାବରୁ ଗୋଟିଏ ଖଦୀ ଭଣ୍ଡାରରେ ମାସିକ ପଚାଶ ଟଙ୍କା ଦରମାରେ ଚାକିରି ଜୀବନ ଆରମ୍ଭ କରିବାକୁ ଲାଗିଲେ । ସେତିକି ଟଙ୍କାରେ ସେ ନିଜେ ଚଳିବା ସାଙ୍ଗେ ସାଙ୍ଗେ ମାଆଙ୍କ ଚଳିବା ପାଇଁ ପଇସା ଦେଇ ଭବିଷ୍ୟତ ପାଇଁ ମଧ୍ୟ କିଛି କିଛି ସଞ୍ଚୟ କରୁଥିଲେ । ପରେ ପରେ 'ନନ୍ହେ ।' ବିଦ୍ୟା ଅଧ୍ୟୟନ ଶେଷ କରି "ଶାସ୍ତ୍ରୀଜୀ" ଭାବେ ସମଗ୍ର ବିଶ୍ୱରେ ପରିଚିତ ହେଲେ ।

ଖଦୀ ଭଣ୍ଡାରରୁ ଚାକିରି ଛାଡ଼ି ଲାଲ ଲଜପତରାୟଙ୍କ ପ୍ରତିଷ୍ଠିତ 'ଲୋକସେବକ ମଣ୍ଡଳ'ରେ ଚାକିରି କରୁଥିବା ସମୟରେ ମିର୍ଜାପୁର ସହରରେ ଡେଡଗଞ୍ଜ ମହଲ ନିବାସୀ ଗଣେଶ ପ୍ରସାଦଙ୍କ କନିଷ୍ଠା କନ୍ୟା ଲଳିତା ଦେବୀ (ଲଲମନୀ) ଙ୍କ ସହିତ ୧୯୨୮ ମେ ମାସ ୧୬ ତାରିଖ ଦିନ ତାଙ୍କର ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା ; କୌତୂହଳର ବିଷୟ ଯୌତୁକ ବା ଉପହାର ବାବଦକୁ ତାଙ୍କୁ ଲୁଗା ଥାନେ ଓ ଏକଟଙ୍କା ମିଳିଥିଲା । ଶାଳଗ୍ରାମ ପୂଜା କରୁଥିବା 'ଲଲମନୀ' କିପରି ଶାସ୍ତ୍ରୀଜୀଙ୍କୁ ବିବାହ କରିବା ପୂର୍ବରୁ ଏକ ଅଲୌକିକ ସ୍ୱପ୍ନ ଦେଖିଥିଲେ ଏବଂ ପରେ ସେଇ ସ୍ୱପ୍ନ ସତ୍ୟରେ ରୂପାନ୍ତରିତ ହୋଇଥିଲା, ତାହା ଉମାଶଙ୍କରଙ୍କ ଲିଖିତ "A memory of Lalita Shastri on Shastrijee" ପୁସ୍ତକରୁ ଜଣାପଡ଼େ ।

ବିବାହ ପରେ ତାଙ୍କର ଆର୍ଥିକ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇ ପାରିନଥିଲା । ସବୁବେଳେ ସହନଶୀଳ ହେବା ପାଇଁ ଓ ଅବସ୍ଥା ସହିତ ତାଳ ଦେଇ ଚାଲିବା ପାଇଁ ଶାସ୍ତ୍ରୀଜୀ ବାରମ୍ବାର ଲଳିତା ଶାସ୍ତ୍ରୀଙ୍କୁ

କରୁଥିଲେ । ସ୍ନେହମୟୀ ମା'ଙ୍କ ପ୍ରତି ଲାଳେ ଲଳିତାଙ୍କର କର୍ତ୍ତବ୍ୟରେ ତ୍ରୁଟି ରହିବ ନେଣ୍ଟ ସେ ପ୍ରଥମ ମିଳନ ରାତ୍ରିରେ କହିଥିଲେ— "ତୁମକୁ ମାଆଙ୍କ ଉପରେ ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ । କାରଣ ତାଙ୍କ ଆନନ୍ଦରେ ମୋର ଆନନ୍ଦ ।" ଆଉ ଥରେ ମଧ୍ୟ ଜେଲ ଯିବା ପୂର୍ବରୁ ଲଳିତାଙ୍କୁ ଶୁଣାଇ କହିଥିଲେ— "ବୋଧହୁଏ ଏଇ ୨—୪ ଦିନ ଭିତରେ ମୋତେ ଜେଲ ଯିବାକୁ ପଡ଼ିପାରେ ; କିନ୍ତୁ ମୁଁ ଜେଲ ଯିବା ପରେ ଯିଏ କଦା ଉଟା କରିବ, ମୁଁ ଜାଣିବି ମୋ ପ୍ରତି ତାର ସ୍ନେହ ନାହିଁ । ଯେ ଆଦୌ ନ କାନ୍ଦିବ ମୋ ପ୍ରତି ପ୍ରକୃତରେ ତାର ସ୍ନେହ ରହିଛି ବୋଲି ଜାଣିବି ।" ଜେଲରେ ଥିବାବେଳେ ଲଳିତା ତାଙ୍କୁ ଦେଖା କରିବାକୁ ଯାଇଥିଲେ । ସେଇ ଅବସରରେ ସେ ଲଳିତାଙ୍କୁ କହିଥିଲେ— "ଅଲଗା ରହିଲେ ସ୍ନେହ ବଢ଼େ । ମୋର ଏଠାରେ କୌଣସି ପ୍ରକାର ଅସୁବିଧା ହେଉ-ନାହିଁ । ତୁମେ ଖୁସିରେ ରହିବ । ଯଦି ତୁମେ ମନ ଖୁସିରେ ନ ରହିବ ; ତା'ହେଲେ ମୋ ମନରେ ଦୁଃଖ ଜାତ ହେବ । ହଁ, ରାମ ନଗରରେ ସମସ୍ତଙ୍କର ସେବା ଶୁଶ୍ରୁଷା କରୁଥିବ । କିନ୍ତୁ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଦୃଷ୍ଟି ଦେଉଥିବ ।"

ସୋରପୁର ଗଣ୍ଡଗୋଳ ହେଇ ସେଠାରେ ସାମରିକ ଆଇନ ଜାରି ଯୋଗୁଁ ପ୍ରତ୍ୟହ ସତ୍ୟାଗ୍ରହୀମାନେ ଗୁଳି ମୁହଁରେ ମରୁଥାନ୍ତି । ଜଣେ ସତ୍ୟାଗ୍ରହୀ ଭାବେ ଶାସ୍ତ୍ରୀଜୀ ସେଠାକୁ ନ ଯିବାକୁ ଲଳିତା ଚାହୁଁଥିଲେ । ରାଜର୍ଷି ଟଣ୍ଡନ ଓ ଜନନୀ ରାମଦୁଲାରୀ ସୋରପୁରକୁ ଶାସ୍ତ୍ରୀଜୀ ନଯିବାକୁ ବହୁ ଚେଷ୍ଟା କରି ନଯିବା ଭାର ଲଳିତାଙ୍କ ଉପରେ ଛାଡ଼ିଦେଲେ । ଟଣ୍ଡନଜୀ ଓ ସ୍ନେହମୟୀ ଜନନୀଙ୍କ ଆନ୍ତରପୂର୍ଣ୍ଣ ବାରଣକୁ ଦୃଢ଼ମନା ଲାଲ ବାହାଦୁର ଯିନା ଫାଙ୍କି ଦେଲେ କିନ୍ତୁ ସତୀ, ପତିବ୍ରତା, ପ୍ରଣୟିନୀ ଲଳିତାଙ୍କ ଲୋତକଭରା ଅଶ୍ରୁଳ ନୟନର ଆବେଦନକୁ ଫାଙ୍କି ଦେଇ ପାରିଲେ ନାହିଁ । ଜୀବନରେ ସେଇଠି ସେ ପ୍ରଥମ ଥର ପାଇଁ ପରାସ୍ତ ହେଲେ କିନ୍ତୁ ପ୍ରତିଶ୍ରୁତି ମାଗିଲେ ଲଳିତାଙ୍କୁ ଯେ ତାଙ୍କ କାର୍ଯ୍ୟରେ ଭବିଷ୍ୟତକୁ ଲଳିତା ଆଉ ବାଧା ଦେବେନି । ଅନ୍ୟ ଉପାୟ ନଦେଖି ଲଳିତା ପ୍ରତିଶ୍ରୁତି ଦେଲେ ଏବଂ ଶାସ୍ତ୍ରୀଜୀଙ୍କ ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ଆଉ ତାଙ୍କ ପ୍ରତିଜ୍ଞାରୁ ଓହରି ଯାଇ ନଥିଲେ ।

ନେହେରୁଙ୍କ ସ୍ତ୍ରୀ କମଳାଜୀଙ୍କ ଯୋଗୁଁ ଲଳିତା ଜଣେ ସତ୍ୟାଗ୍ରହୀ ଭାବେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ପାରିଥିଲେ । ସତ୍ୟାଗ୍ରହୀର କର୍ତ୍ତବ୍ୟ କ'ଣ ? ଲଳିତା ଶାସ୍ତ୍ରୀଜୀଙ୍କୁ ପଚାରନ୍ତେ ସେ କହିଥିଲେ— "ଯାହାକୁ ଯାହା କିଛି କହିବ, ଖୁବ୍ ନମ୍ର ଭାବରେ କହିବ । ତୁମ କଥାରେ ଯେପରି କାହା୍ ମନରେ କିଛି ଦୁଃଖ ନ ହେବ ସେଥିପ୍ରତି ମଧ୍ୟ ଯତ୍ନବାନ ହେବ ।"

ଫୈଜାବାଦ ଜେଲରେ ଶାସ୍ତ୍ରୀଜୀ ଥିବାବେଳେ ଲଳିତା ତାଙ୍କୁ ଦେଖା କରିବାକୁ ଯାଇ ବିନା ଅନୁମତିରେ ଦୁଇଟି ଆମ ଚୁଷଇ ନେଇ ଯାଇ ଶାସ୍ତ୍ରୀଜୀଙ୍କୁ ଦିଅନ୍ତେ, ଶାସ୍ତ୍ରୀଜୀ ବଡ଼ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରି ଲଳିତାଙ୍କ ବିରୁଦ୍ଧରେ ଆଇନ ଲଙ୍ଘନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜେଲରକୁ କହିବାକୁ ଧମକ ଦେଇଥିଲେ । ଆଉ ମଧ୍ୟ କହି-ଥିଲେ— "ବଡ଼ ଲଜ୍ୟାର କଥା ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ କର୍ତ୍ତବ୍ୟ ମାର୍ଗରୁ ବିଚ୍ୟୁତ କରିବ ?" ନାନାଦି ତିରସ୍କାର ବାକ୍ୟ ଶୁଣି ଲଳିତା ମର୍ମନ୍ତୁଦ ଯନ୍ତ୍ରଣା ବହନ କରି ଜେଲରୁ ଘରକୁ ଫେରି ଆସିଥିଲେ । ଏ ଘଟଣା ଘଟିବାର ମାତ୍ର ୪—୫ ଦିନ ପରେ ଶାସ୍ତ୍ରୀଜୀ ତାଙ୍କର ସେଇ କ୍ରୋଧ ବଶତଃ ବ୍ୟବହାର ପାଇଁ ଅନୁତାପ କରିବା ସାଙ୍ଗେ ସାଙ୍ଗେ ଲଳିତା ଦେବୀଙ୍କଠାରେ କ୍ଷମା ପ୍ରାର୍ଥନା କରି ପତ୍ର ଦେଇଥିଲେ ।

ପଇସା ଓ ଯତ୍ନର ଅଭାବରୁ କନ୍ୟା ପୁଷ୍ପାର ମୃତ୍ୟୁରେ ନିଜେ ଶାସ୍ତ୍ରୀଜୀ ବଡ଼ ଅଧୀର ହୋଇ ପଡ଼ିଥିଲେ ଓ କବିତାଟିଏ ଲେଖିଥିଲେ—ତା'ର କେତୋଟି ପଂକ୍ତି ଦିଆଗଲା—

"ପୁଷ୍ପା ତୁ କନଉର ହମାରୀ ଅମର ଦେଶକୀ ସୁନ୍ଦର ରାନୀ"।

ବୀତୀ ବାତ ବତାତୀ ଫସଲୀ ଶେଷ ରହି ବସ୍ ଏକ କାହାନୀ"

ପୁଣି ଲଳିତାଙ୍କ କଣ୍ଠରେ ଫୁଟାଇ ଥିଲେ—

"ମୁଝ ଗରୀବନୀ ଦୁଖିୟା ମାଂକୋ କ୍ୟୋଁ ପୁଷ୍ପାତ୍ ଛୋଡ଼ ଚଲୀ

ପହଲେ ତୋ ବନ୍ଧନ ମେଁ ବନ୍ଧୀ ଫିର କ୍ୟୋଁ ଇସ୍‌କୋ ତୋଡ଼୍ ଚଲୀ"

ଯହି ଖେଲ କ୍ୟା ନିଠୁର ନିୟତି କୀ ଅଭି ଯୋ ତୁମ୍‌ନେ ଖେଲ ହେ

ଯହ କହ ବନ୍ଧନ ତୋଡ଼ ଚଲୀ କି ଜଗ୍‌ତୋ ଏକ ଝମେଲ ହୈ।"

କେବଳ ସେତିକି ନୁହେଁ, ସେଇପରି ଥରେ ଶାସ୍ତ୍ରୀଜୀ ଭୀଷଣ ଅସୁସ୍ଥ ହୋଇଥିଲେ । ଶ୍ରୀକମଳାପତି ତ୍ରିପାଠୀ ଓ ଅନ୍ୟମାନଙ୍କ ସାହାଯ୍ୟ ସହଯୋଗରେ ଶାସ୍ତ୍ରୀଜୀ ଆରୋଗ୍ୟ ଲାଭ କଲେ । ଡାକ୍ତରଙ୍କ ପରାମର୍ଶରେ ପାହା-ଡ଼ିଆ ସ୍ଥାନରେ ରହିବାର ଦରକାର ହେବାରୁ ଶାସ୍ତ୍ରୀଜୀଙ୍କ ପରିବାର "ରାଣୀଖେତ" ଯାଇଥିଲେ । ନେହେରୁଙ୍କ ପ୍ରାଇଭେଟ ସେକ୍ରେଟାରୀଙ୍କ ଘର ମଧ୍ୟ ସେଠାରେ ଅଟେ । ସେ ମଧ୍ୟ ଆର୍ଥିକ ସହାୟତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଜଣେ ଶ୍ରେଷ୍ଠୀ ଅଢ଼େଇଶହ ଟଙ୍କା ସାହାଯ୍ୟ ଦେଇଥିଲେ ।

ପଇସାର ଅଭାବ ଯୋଗୁଁ ତାଙ୍କ ବସାଘର ପାଖରେ ଥିବା ଜେଟୁକି ଫଳ ଆଣି ତାକୁ ସିଝାଇବା ପରେ ସେଇ ଉପରେ ଅଟା ଗୋଳେଇ 'ବଡ଼ି' (ଏକ ପ୍ରକାର ଖାଦ୍ୟ) ତିଆରି କରି ତରକାରୀ ପରିବର୍ତ୍ତେ ତାହା ପିଲମାନଙ୍କୁ ଲଳିତା ଖାଇବାକୁ ଦେଇ ପଇସା ବଞ୍ଚାଇ ଶାସ୍ତ୍ରୀଜୀଙ୍କୁ ସୁସ୍ଥ କରାଇ ଥିଲେ । ୧୯୨୮ ଠାରୁ ୧୯୪୬ ପର୍ଯ୍ୟନ୍ତ ଦୀର୍ଘ ୧୮—୨୦ ବର୍ଷ ଶାସ୍ତ୍ରୀଜୀଙ୍କ ପକ୍ଷରେ ଥିଲା ଏକ ସଙ୍ଘର୍ଷମୟ ସମୟ । ଏପରିକି ଶାସ୍ତ୍ରୀଜୀଙ୍କ ଚିରା ଜାମାକୁ କାଟି ବ୍ଲାଉଜ କରି ଓ ଧୋତିକୁ କାଟି ସିଲାଇ କରି ଶାଢ଼ୀଭାବେ ଲଳିତା ତାହା ସବୁ ବ୍ୟବହାର କରୁଥିଲେ ।

ପନ୍ତଜୀ ପ୍ରଥମେ ଶାସ୍ତ୍ରୀଜୀଙ୍କୁ ପାର୍ଲିଆ-ମେଣ୍ଟାରୀ ସେକ୍ରେଟାରୀ ଭାବେ ନିଯୁକ୍ତି ଦେଲେ । ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଶାସ୍ତ୍ରୀଜୀ ଉତ୍ତର ପ୍ରଦେଶର ଘରୋଇ ବିଭାଗ ମନ୍ତ୍ରୀ ଥିଲେ । ପରେ ୧୯୫୨ ରେ କେନ୍ଦ୍ରରେ ରେଳବାଇ ମନ୍ତ୍ରୀଭାବେ ଯୋଗଦାନ କରିଥିଲେ । ସେଇ ସମୟରେ ଥରେ ବମ୍ବେ ଯାଉଥିବା ବେଳେ ଶାସ୍ତ୍ରୀଜୀ ବସିଥିବା ୧ମ ଶ୍ରେଣୀ ଡବାଟିରେ କୁଲର ଖଞ୍ଜା ଯାଇଥାଏ । କିଛି ବାଟ ଯିବାପରେ ଶାସ୍ତ୍ରୀଜୀ ହଠାତ୍ କହିଲେ—"ବାହାରେତ ଭୀଷଣ ଗରମ ଲାଗୁଛି । କିନ୍ତୁ ଡବା ଭିତରଟା ଏପରି ଥଣ୍ଡା କାହିଁକି ଜଣା ପଡୁଛି ।" ପି. ଏ. କୈଳାସବାବୁ କହିଲେ—"ଆଜ୍ଞା, କୁଲର ଖଞ୍ଜା ଯାଇଛି । ଯା ଶୁଣି ଶାସ୍ତ୍ରୀଜୀ ରାଗିଯାଇ କହିଲେ "ମୋତେ ନପଚାରି କୁଲର କାହିଁକି ଖଞ୍ଜାଯାଇଛି । ମୁଁ ୩ୟ ଶ୍ରେଣୀ ଡବାରେ ଯିବାର କଥା ; ୧ମ ଶ୍ରେଣୀ ଡବାରେ ରହି ବୋଲି କ'ଣ କୁଲର ଲାଗିବ ? ଆଗ ଷ୍ଟେସନରେ କୁଲର କାଢ଼ି ଦେବ ।" ତାଙ୍କ ନିର୍ଦ୍ଦେଶ ଅନୁସାରେ ମଥୁରା ଷ୍ଟେସନରେ ଗାଡ଼ି ଅଟକିବା କ୍ଷଣି ସେ ଡବାରୁ କୁଲର କାଢ଼ି ନିଆଗଲା ।

ଶାସ୍ତ୍ରୀଜୀ ରେଳବାଇ ମନ୍ତ୍ରୀ ଥିଲାବେଳେ ଦେଶରେ କେତିକ ସ୍ଥାନରେ ରେଳ ଦୁର୍ଘଟଣା-ମାନ ଘଟିବାରୁ ରେଳବାଇର ମନ୍ତ୍ରୀଭାବେ ସେ ସମସ୍ତ ଦୋଷ ନିଜ ଉପରକୁ ନେଇ ଓ ନିଜେ ସେଥିପାଇଁ ଦାୟୀ ମନେକରି ତତ୍‌କ୍ଷଣାତ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏକ ଉଚ୍ଚତମ ପରଂପରା ସୃଷ୍ଟି କରିଥିଲେ, ଯାହାକି ଆଜି ବିରଳ ।

ପନ୍ତଜୀଙ୍କ ମୃତ୍ୟୁପରେ ଶାସ୍ତ୍ରୀଜୀ ଭାରତର ଘରୋଇ ମନ୍ତ୍ରୀ ହେଲେ । ପରେ କାମରାଜ ଯୋଜନାରେ ମନ୍ତ୍ରୀ ପଦ ତ୍ୟାଗ କରି ଦଳର ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ସଂଶ୍ଳିଷ୍ଟ କରିଥିଲେ ।

ପଣ୍ଡିତଜୀଙ୍କ ମୃତ୍ୟୁପରେ ୧୯୬୪ ଜୁନ୍ ୨ ତାରିଖ ଶୁକ୍ରବାର ଦିନ ସେ ପାର୍ଲିଆ-ମେଣ୍ଟରେ ନେତାଭାବେ ନିର୍ବାଚିତ ହେଲେ

ଓ ଜୁନ୍ ୯ ତାରିଖ ଶୁକ୍ରବାର ଦିନ ଭାରତର ଦ୍ୱିତୀୟ ପ୍ରଧାନ ମନ୍ତ୍ରୀ ରୂପେ କାର୍ଯ୍ୟାରମ୍ଭ କରିଥିଲେ ।

ଥରେ ଜଣେ ସାମ୍ବାଦିକ ଶ୍ରୀମତୀ ଶାସ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ପ୍ରଶ୍ନ କଲେ— "ଆପଣ ପ୍ରଧାନ ମନ୍ତ୍ରୀଙ୍କ ପତ୍ନୀ ହୋଇଥିବାରୁ ବର୍ତ୍ତମାନ ଆପଣଙ୍କଠାରେ କି ବିଶେଷତ୍ୱ ଥିବାର ଆପଣ ଅନୁଭବ କରୁଛନ୍ତି ?"

ଶ୍ରୀମତୀ ଶାସ୍ତ୍ରୀ କହିଲେ—"ମୁଁ ସେପରି କିଛି ଅନୁଭବ କରୁନାହିଁ କିନ୍ତୁ ଯେତେବେଳେ ଆପଣମାନେ ଆସୁଛନ୍ତି, ସେତେବେଳେ ମୁଁ ଭାବୁଛି, ବୋଧହୁଏ ମୋଠାରେ କିଛି ବିଶେଷତ୍ୱ ଅଛି । କାରଣ ଆଗରୁତ ଆପଣମାନେ ମୋ ନିକଟକୁ କେବେ ହେଲେ ଆସୁନଥିଲେ ।"

ଶାସ୍ତ୍ରୀଜୀଙ୍କର ଦୁଇଟି ଅଭିଳାଷ ଥିଲା । ପ୍ରଥମଟି ଗୋଟିଏ ଆଦର୍ଶ ଆଶ୍ରମ ପ୍ରତିଷ୍ଠା କରିବା । ଦ୍ୱିତୀୟରେ କେତେ ଖଣ୍ଡି ପୁସ୍ତକ ରଚନା କରିବା । ଏବେ ଆଶ୍ରମ ନହେଲେ ସୁଦ୍ଧା "ମାଣ୍ଡା"ର (ଉତ୍ତର ପ୍ରଦେଶସ୍ଥ 'ମେଜା' ତହସିଲରେ ଥିବା ଏକ ସମୃଦ୍ଧ ଅଞ୍ଚଳ ଯାହାକି ସ୍ୱାଧୀନତା ପୂର୍ବରୁ ଏକ ଦେଶୀୟ ରାଜ୍ୟ ଥିଲା ) । ରାଜ ମହଲରେ "ଶାସ୍ତ୍ରୀ—ସେବା-ନିକେତନ" ସ୍ଥାପିତ ହୋଇଅଛି ।

ସେଇ ମାଣ୍ଡାର ରାଜା ଶାସ୍ତ୍ରୀଜୀ ଶାନ୍ତି ଚୁକ୍ତି କରିବା ନିମନ୍ତେ ତାସକେଣ୍ଟ ଯିବା ପୂର୍ବରୁ ତାଙ୍କୁ ମାଣ୍ଡାକୁ ଡ଼ାକାଇ ସେଠାରେ ଅଭୂତପୂର୍ବ ଅଭିନନ୍ଦନ ଜଣାଇ ଥିଲେ ଓ ନିଜ ଆଙ୍ଗୁଠି କାଟି ସେଇ ରକ୍ତରେ ଶାସ୍ତ୍ରୀଜୀଙ୍କ ଲଲାଟରେ ଏକ ବିଜୟ ଟୀକା ଲଗାଇ ଦେଇଥିଲେ ।

ଘଟଣାଚକ୍ରରେ ଶାସ୍ତ୍ରୀଜୀ ଶାନ୍ତି—ଚୁକ୍ତି କରିବା ନିମନ୍ତେ ରୁଷିଆର ପ୍ରଧାନ ମନ୍ତ୍ରୀଙ୍କ ନିମନ୍ତ୍ରଣ ରକ୍ଷା କରି ତାସକେଣ୍ଟ ଯାତ୍ରା କଲେ । ନାନା ପ୍ରକାର ଅନିଶ୍ଚିତତା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଲା । ୧୯୬୬ ଜାନୁଆରୀ ୧୧ ତାରିଖ ଶୁକ୍ରବାର ଦିନ । ସେତେବେଳକୁ ଉତ୍ତର ଭାରତରେ ସର୍ବତ୍ର ଗଣେଶ ଚତୁର୍ଥୀ ବ୍ରତ ପାଳିତ ହେଉଥାଏ ଏବଂ ଲଳିତା ଦେବୀ ସେହି ବ୍ରତ ନିମନ୍ତେ ଉପବାସ କରିଥାନ୍ତି ।

ରାତି ୧୦ଟାରେ ତାସକେଣ୍ଟରୁ ଶାସ୍ତ୍ରୀଜୀ ଫୋନ୍ ଦ୍ୱାରା ଜଣାଇଲେ ସେ ଶାନ୍ତି—ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଇ ଏକ ସମାଧାନରେ ପହଞ୍ଚି ପାରିଛନ୍ତି । ତାଙ୍କର ବଡ଼ ଝିଅ କୁସୁମ ଫୋନ ଧରି କଥାବାର୍ତ୍ତା କରୁଥାନ୍ତି । ଲଳିତା ଦେବୀ ଫୋନ ଧରିଥିଲେ ସୁଦ୍ଧା ଯାନ୍ତ୍ରିକ ତ୍ରୁଟି ଯୋଗୁଁ କଥାବାର୍ତ୍ତା କରି ପାରିଲେ ନାହିଁ ।


ରାତି ୧୨ଟାରେ ସମସ୍ତେ ଫଳାହାର କରି ଶୋଇବାକୁ ଯାଉଛନ୍ତି, ଫୋନ୍ ଆସିଲା । ଶାସ୍ତ୍ରୀଜୀ ସାଙ୍ଘାତିକ ଅସୁସ୍ଥ"......ପୁନରାୟ ରାତି ପ୍ରାୟ ଗୋଟାଏ ବେଳକୁ ଫୋନ ଦ୍ୱାରା ଶାସ୍ତ୍ରୀଜୀଙ୍କ ତିରୋଧାନ ସମ୍ବାଦ ଜଣାଇ ଦିଆଗଲା । ଦୁଃସମ୍ବାଦଟି ତାଙ୍କର ପୁତ୍ର ହରି କିଶାନ ସମସ୍ତ ପରିବାରକୁ ଜଣାଇ ଦେଲେ । କିନ୍ତୁ ମାତା ରାମଦୁଲାରୀ ଏ ସମ୍ବାଦ ବିଶ୍ୱାସ କରିବେ ବା କିପରି ? ପରବର୍ତ୍ତୀ ଅବସ୍ଥାରେ ଯେତେବେଳେ ଦିଲ୍ଲୀ ଆକାଶକୁ ପ୍ରକମ୍ପିତ କରି ଶାସ୍ତ୍ରୀଜୀଙ୍କ ଶବ ଶୋଭାଯାତ୍ରା ପ୍ରଶସ୍ତ ଜନ ପଥ ଉପରେ ଆଗେଇ ଚାଲିଥାଏ ଓ ବେଳେ ବେଳେ ଧ୍ୱନି ଶୁଣା ଯାଉଥାଏ—"ଲାଲ ବାହାଦୁର ଶାସ୍ତ୍ରୀ ଅମର ରହେ, ଜୟ ଯବାନ୍, ଜୟ କିଷାନ୍" ସେତେବେଳେ ତାଙ୍କର ସରଳ ମାତୃ ହୃଦୟ ବିଧାତାଙ୍କର କ୍ରୂର ଅଟ୍ଟହାସ ବିଷୟରେ ଆଦୌ ସଚେତନ ନଥିଲା । ସେ ମଝିରେ ମଝିରେ କେବଳ କହି ଉଠୁଥିଲେ—"ବୋହୁ । ବୋହୁ ! ! ମୋ ବଚଓ୍ୱା ଆସିଗଲା । ମୋ ବଚଓ୍ୱା ଆସିଗଲା । । ଆରେ କିଏ କେଉଁଠି ଅଛ, ଆସ, ଦେଖିବ ଆସ, ହେଇ ପରା ରାସ୍ତାରେ କୋଳାହଳ ଶୁଭୁଛି ! ! ! ପ୍ରକୃତରେ ବଚଓ୍ୱା, ତୁ ଗୋଟିଏ ଦେବତା ; ମୋ କୋଳରେ ଜନ୍ମ ନେଇଥିଲୁ ସିନା, ମୁଁ ବା ତୋତେ ଚିହ୍ନିବି କିପରି ?"

ସେହିବର୍ଷ ନଭେମ୍ବର ୨ ତାରିଖ ଦିନ ରାମଦୁଲାରୀ ପୂଜା ଗୃହରେ ପ୍ରବେଶ କରି ଶାସ୍ତ୍ରୀଜୀଙ୍କ ଫଟୋ ନିକଟରେ ନତଜାନୁ ପ୍ରଣିପାତ କରି କିଛି ସମୟ ଫଟୋଟିକୁ ଧରି ଆଲିଙ୍ଗନ କଲେ ଓ ଚୁମ୍ବନ ଦେଲେ । ପରେ ଫଟୋଟିକୁ ଛୁଇଁ ଛୁଇଁ କିଛି ସମୟ ପରେ ସେ ଗୃହରୁ ବାହାରି ଆସିଲେ ଓ ତହିଁ ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା ।

ମହୀୟସୀ ରାମ ଦୁଲାରୀ କିମ୍ବା ତାଙ୍କ 'ବଚଓ୍ୱା' କେହି ଆଉ ନାହାନ୍ତି । ଦଗ୍ଧୀଭୂତ ଜୀବନ ଧରି କାଳସ୍ରୋତରେ ଭାସମାନ ଅତୀତର ବିକ୍ଷିପ୍ତ ସ୍ମୃତିରାଜିକୁ ସ୍ମରଣ କରି କରି ସମୟ ଅତିବାହିତ କରୁଛନ୍ତି ; ମୁନ୍ସୀ ନନ୍ଦନ ଲାଲଜୀ ବଂଶର ଏକ ଆଦର୍ଶ ପରାୟଣା, ମହନୀୟା, କୁଳବଧୂ "ଲଲମନୀ" ଅର୍ଥାତ୍ ଲଳିତା ଶାସ୍ତ୍ରୀ ।

### ଶାସ୍ତ୍ରୀଜୀଙ୍କ ବଂଶାବଳୀ

ଜନ୍ମ—୧୯୦୪ ଅକ୍ଟୋବର ୨, ଶୁକ୍ରବାର,
ମୃତ୍ୟୁ—୧୯୬୬ ଜାନୁଆରୀ ୧୧, ଶୁକ୍ରବାର



## ଲଳିତା ଶାସ୍ତ୍ରୀଙ୍କ ବଂଶାବଳୀ

ବାବୁ ସୀତା ରାମଜୀ

- ଗଣେଶ ପ୍ରସାଦ
  - ୧–ସରଜୁ ପ୍ରସାଦ
  - ୨–ଅମ୍ବିକା ପ୍ରସାଦ
  - ୩–ଚନ୍ଦ୍ରିକା ପ୍ରସାଦ
  - ୪–ବ୍ରଜ ବିହାରୀ
  - ୧–ଜଗଦମ୍ବା ଦେବୀ
  - ୨–କୃଷ୍ଣ ନଳିନୀ ଦେବୀ
  - ୩–ଲଳିତା ଦେବୀ
- ମାତା ପ୍ରସାଦ



ବଲାଙ୍ଗୀର ଜିଲ୍ଲାର ଶିବତଲାଠାରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଉଦ୍‌ଘାଟନ କରି ଗ୍ରାମୀମାନଙ୍କୁ ଚାରା ଗଛ ବିତରଣ କରୁଛନ୍ତି ।

ସାମାଜିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଯାୟୀ ଅର୍ଥକରୀ ବୃକ୍ଷରୋପଣ, ଫାର୍ମ ଜଙ୍ଗଲ ସୃଷ୍ଟି, ରିଜର୍ଭ ଜଙ୍ଗଲ ସୃଷ୍ଟି ଏବଂ ଶୀଘ୍ର ବୃଦ୍ଧି ପାଉଥିବା ବୃକ୍ଷରୋପଣ, ଘାସ ଓ ପଶୁ ଖାଦ୍ୟ ପାଇଁ ବୃକ୍ଷରୋପଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ଆଉ ମଧ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ପ୍ରାଙ୍ଗଣରେ ବୃକ୍ଷରୋପଣ ତଥା ବ୍ୟକ୍ତି ବିଶେଷଙ୍କୁ ଚାରାବୃକ୍ଷ ଦେଇ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି ।

# ମୋହନ ମୁରଲୀ ଡାକେ

ଶ୍ରୀମତୀ ସୁନ୍ଦରମଣି ପଟ୍ଟନାୟକ

ଗୋଟିଏ କଣ୍ଠ ମୋହନ ମୁରଲୀ
କୋଟିଏ ପରାଣେ ତୋଳେ ଝଙ୍କାର
ଗୋଟିଏ ପୁରୋଧା କୋଟି ଜନତାର
ହୃଦୟ-ବେଦୀରେ ତୋଳେ ଓଁକାର

* * * * *

ଦୁର୍ଦ୍ଦିନ ଥିଲା ଭାରତ ମାଆର, ଶତ୍ରୁ କବଳେ ରହି,
ସ୍ୱାଧୀନ ମୁକ୍ତା ହରାଇ ଥିଲା ଯେ, ପର ପଦାନତ ହୋଇ ।
ସନ୍ତାନଗଣ ଶଙ୍କିତେ ଯାର ଦୁଃଖେ କାଟୁଥିଲେ କାଳ,
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା, ହେଉଥିଲା ଛାରଖାର ।

ଭାରତ ଭୂଇଁର ସେବା ସଂସ୍କୃତି ଭାରତ ପରମ୍ପର,
ନଷ୍ଟ ହଜିଲା ଜାତି ଆଦର୍ଶ ମାଆଟି ସର୍ବହରା ।
ସହସା ଆସିଲେ ଯୁଗର ପୁରୁଷ, "ସତ୍ୟ"ର ଡାକ ଦେଇ,
ବିପ୍ଳବ-ଧ୍ୱଜା, ଉଡ଼ାଇଦେଲେ ଯେ, ଅହିଂସା ଗୀତି ଗାଇ ।

ପ୍ରାର୍ଥୀ ପା'ରେ, ମାଗିଲେ ଶରଣ, ପାଏନାହିଁ ଟିକେ ଠାବ,
ମୂର୍ତ୍ତିମନ୍ତ ସ୍ୱଦେଶ ଭିକ୍ଷୁ, ସତ୍ୟର ଗଉରବ ।
କର୍ମିଲ ବାଣୀ ବାପୁଜୀ କଣ୍ଠୁ, ସ୍ୱାଧୀନ ସୈନ୍ୟଦଳ,
ଆସରେ ଆସରେ ଝାସରେ ଅଙ୍ଗ ବିସ୍ତାରି ବାହୁ ବଳ ।

ଲକ୍ଷ ହୃଦୟ ବକ୍ଷ ରୁଧିର, ନିଗାଡ଼ି ଦିଅରେ ବଳେ,
ରକ୍ତ କମଳେ ପୂଜିବ ଆଜିରେ ମାତୃ ଚରଣ ତଳେ ।
ଶୁଭ-ଶଙ୍ଖର ମାଙ୍ଗଳିକାରେ, ଦିଗ ଦିଗନ୍ତ ପୁରେ,
ସୁପ୍ତ କେଶରୀ-ଶାବକ ବୃନ୍ଦ ତନ୍ଦ୍ରା ଫିଙ୍ଗି ଦୂରେ ।

ଆସିଲେ "ଅଙ୍ଗ", ଆସିଲେ "ବଙ୍ଗ", "କଳିଙ୍ଗ" ସେନାଦଳ,
"କର୍ଣ୍ଣାଟ", "ମହାରାଷ୍ଟ୍ର", "ସିନ୍ଧୁ" ଗୁର୍ଜର ଦଳ ଦଳ ।
"ପଞ୍ଜାବୀ" ବୀର ଆଗେଇ ଚାଲିଲେ "ବିନ୍ଧ୍ୟ" ବାହିନୀ ଧରି,
"ହିମାଚଳ" ଗାଏ ବୀର ସଂଗୀତ ଝଙ୍କାରେ ଦିଗ ଭରି ।


ଗୋଟିଏ କଣ୍ଠ ସଂଗୀତ ଧାରେ କୋଟିଏ କଣ୍ଠ ଉଠେ,
ନୀଳ-ଯମୁନାର ତରଙ୍ଗମାଳେ କନକ-ପଦ୍ମ ଫୁଟେ ।
ଧୂର୍ଜଟି ଶିରୁଁ ଉଛୁଳି ପଡ଼ିଲେ ପତିତ ତାରିଣୀ ଗଙ୍ଗା,
ନାଚିଲା ସିନ୍ଧୁ, କାବେରୀ, କୃଷ୍ଣା, ଥରେ କାଞ୍ଚନଜଙ୍ଘା ।

ଛାତ୍ର ତେଜିଲେ ବିଦ୍ୟା ସାଧନ, କର୍ମଚାରୀଏ କର୍ମ,
କୃଷକ ଭୁଲିଲେ କୃଷିର ଧନ୍ଦା ଭକ୍ତ ଭୁଲିଲେ ଧର୍ମ ।
ଲଳନା ଭୁଲିଲେ ଗୃହ-ଅଙ୍ଗନ ସଂଗ୍ରାମେ ଦେଇ ଝାସ,
ଦେଶ, ଦଶ ଲାଗି ବର୍ଜନ କଲେ ଜୀବନ, ମୁକ୍ତି ଆଶ ।

ସଂଗ୍ରାମ କୋଳେ ମର୍ତ୍ତି ହସିଲେ, ସ୍ୱାଧୀନ ସୈନ୍ୟଦଳ,
ଦୁର୍ଦ୍ଧର୍ଷ ସେନା, ଇଂରେଜ କଲେ ମୁକ୍ତ ତା' କରବାଳ ।
ଗର୍ଜି ଉଠିଲା ତୋପ, କମାଣ ବନ୍ଧୁକ ଶାଣ ମୁନ,
ମାନବ ରକ୍ତେ, ମାନବ ଉଠିଲା ମୃତ୍ୟୁର-ଅଭିଯାନ ।

ଦଳ ଦଳ ବୀର-ସୈନିକ ବୁଲ ମଣ୍ଡିଲେ କାରବାସ,
ଜାତିର-ଜନକ ମହାତ୍ମା ବାପୁ ବର୍ଜିଲେ ପ୍ରାଣ ଆଶ ।
ବରଣ କରିଲେ ଉନ୍ନତ ଶିରେ, ଦୀପ୍ତ ଅନଳ ଶିଖା,
ସ୍ୱାଧୀନ-ସମରେ ବିଜୟୀ ଗାନ୍ଧୀ ବହିଲେ ବିଜୟ ଟୀକା ।

ବନ୍ଦନ କଲେ ବିଜୟ-କିରୀଟ ମାତୃ ଶିରରେ ଆଣି,
ଧନ୍ୟ ବାପୁଜୀ ଜାତି ସମ୍ରାଟ, "ଭରତ ମୁକୁଟମଣି" ।
ପରାଜିତ ହୋଇ ଇଂରେଜ ସେନା ଅପସରିଗଲେ ଦୂରେ,
ସ୍ୱାଧୀନ ଭରତ ଉଚ୍ଚ କି ଉଠେ ବିଶ୍ୱର ଦରବାରେ ।



# ସୋନପୁରରେ ବଳିଯାତ୍ରା

ଶ୍ରୀ ଗୋରେଖନାଥ ସାହୁ

ଆମ ଦେଶରେ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଧର୍ମର ଏକ ଅଂଗ ସ୍ୱରୂପ ବଳି ଦିଆଯାଏ । କୁକୁଡ଼ା ବଳି, ଛାଗ ବଳି, ଅଶ୍ୱ ବଳି, ମହିଷି ବଳି ଇତ୍ୟାଦି । ଏପରିକି ଭୂମି ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂର୍ବେ ଆଦିବାସୀମାନେ ହଳଦୀ କିଆରୀରେ ନରବଳି ମଧ୍ୟ ଦେଉଥିଲେ । ରାଜୁତ୍ୱ ଶାସନରେ ଅନେକ ରାଜ୍ୟରେ ନରବଳି ଦିଆ ଯାଉଥିବାର ଲୋମହର୍ଷଣକାରୀ କାହାଣୀ ଏବେ ମଧ୍ୟ ଶୁଣାଯାଏ । ସୋନପୁରର ଅଧିଷ୍ଠାତ୍ରୀ



ସୁରେଶ୍ୱରୀ ମନ୍ଦିର

ଦେବୀ ସୁରେଶ୍ୱରୀଙ୍କ ନିକଟରେ ବହୁ ପୂର୍ବେ ମଣିଷ ବଳି ଦିଆଯିବାର ପ୍ରବଚନ ଅଛି । ଅନେକ ସ୍ଥାନରେ ଏହି ଉପଲକ୍ଷେ ବଳିଯାତ୍ରା ହୁଏ । ଏ ଅଞ୍ଚଳରେ ଆଶ୍ୱିନ ପୂର୍ଣ୍ଣିମା ଦିନ ତରଭା ନିକଟବର୍ତ୍ତୀ ସରଗଜର ଚୂଡ଼ାଖାଇ ପର୍ବତ ଉପରେ ବଳିଯାତ୍ରା, ବଲାଙ୍ଗୀର ନିକଟବର୍ତ୍ତୀ ଜଗସିଂହାର ବଳିଯାତ୍ରା, ଖଇରଗୁଡ଼ର ବଳିଯାତ୍ରା, ଭବାନି-ପାଟଣାର ବଳିଯାତ୍ରାଆଦି ପ୍ରସିଦ୍ଧ; ମାତ୍ର ସୋନପୁରର ବଳିଯାତ୍ରା ଏ ଅଞ୍ଚଳ କାହିଁକି ଓଡ଼ିଶା ବାହାରେ ମଧ୍ୟ ସୁଖ୍ୟାତ ।

ଏ ବଳିଯାତ୍ରା ଆଶ୍ୱିନ ମାସ ଅମାବାସ୍ୟା (ମହାଳୟା) ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଦୀର୍ଘ ପନ୍ଦର ଦିନ ଧରି ଚାଲେ । ବିଭିନ୍ନ ଦିନ, ବିଭିନ୍ନ ସ୍ଥାନ ଓ ସମୟରେ ଏ ଯାତ୍ରା ହୁଏ । ମନ୍ଦିରଗୁଡ଼ିକ ବିଶେଷଭାବରେ ସମଲେଶ୍ୱରୀ ମନ୍ଦିର, ଖମ୍ବେଶ୍ୱରୀ ମନ୍ଦିର, ସୁରେଶ୍ୱରୀ ମନ୍ଦିର, ଘଣ୍ଟ, ଶଙ୍ଖ, ଢୋଲ, ନିଶାଣ, ମହୁରୀ ଗର୍ଜନରେ ଗୁଞ୍ଜରିତ ହୋଇ ଉଠେ । ବିଭିନ୍ନ ଅଞ୍ଚଳରୁ ଯାତ୍ରୀ ସମାଗମରେ ସୋନପୁର ସହର ସତତସରଗରମ ହୋଇଉଠେ ।

ଝିଙ୍କାରୀର ଝିଁ ଝିଁ ଶବ୍ଦ ସହିତ ତାଳ ମିଳାଇ ଅଧିକାଂଶ ବଳିଯାତ୍ରା ସମାପ୍ତ ହୁଏ । ଘୋର ନିଶା ରତିରେ, ମଶାଲ ଆଲୁଅରେ ମନ୍ତ୍ର, ଯନ୍ତ୍ର, ତନ୍ତ୍ରର ପୀଠ ସ୍ଥାନ-ଦେଇ ମାଲୁଣୀ ଓରଫ୍ ମଦନା ମାଲୁଣୀର ବାସ ସ୍ଥାନ ସୋନପୁର ଗୁରୁ ଗମ୍ଭୀର ହୋଇ ଉଠେ । ମାନବିକ ନିସ୍ତବ୍ଧତା ମଧ୍ୟରେ ଦେବୀ ଶକ୍ତିର ଚଞ୍ଚଳତା ପ୍ରକାଶ ପାଏ । ମନ ରାଜ୍ୟରେ ସୃଷ୍ଟି ହୁଏ ଭୟ ଓ ଭକ୍ତି । ମହାଳୟା ଆଗମନ ପୂର୍ବରୁ ଦିନିକା ନିକଟବର୍ତ୍ତୀ ଶକମା ଗ୍ରାମର ଲୋହିତ ବସ୍ତ୍ର ପରିହିତ, ସିନ୍ଦୂର ବିଲେପିତ, ଦୀର୍ଘକେଶାବୃତ ବରୁଆମାନେ ଆସି ସ୍ୱୀୟ ପୂଜା କର୍ମାଣି



ଦ୍ୱାରା ଚୁଆ, ସିନ୍ଦୂର, ଅଗୁରୁ, ଦହଣା, ମହାର, ଦହିର ମହକ ଦ୍ୱାରା ପୁରପଲ୍ଲୀବାସୀଙ୍କୁ ଏକ ପ୍ରକାର ସମ୍ମୋହିତ କରି ଦେଇଥାଆନ୍ତି । ସେମାନଙ୍କ ଦୈନନ୍ଦିନ ଜୀବନରେ ପ୍ରସ୍ଫୁଟିତ ହୁଏ ଏକ ନିଛକ ପବିତ୍ରତା । ଓଳିଏ ଖାଇବା, ତଳେ ଶୋଇବା ସେମାନଙ୍କ ଆରାଧନାର ଏକ ଅଂଶ ।

ମହାଳୟାର ମାୟାରାତ୍ରି–ଦର୍ଶକର ହୃଦୟ କଂପାଇ ଢୋଲ, ନିଶାଣ ମହୁରୀରେ ବାଜିଉଠେ ଶୋହନ ଭରଣୀ । ଘଣ୍ଟିର ଟିଣିଟିଣି ଧ୍ୱନି ସହ ମାଦଳଶ୍ରୀର ମୂର୍ଚ୍ଛନା ଭାସି ଆସୁଥାଏ । ପୁରୋହିତ କର୍ତ୍ତୃକ ଯନ୍ତ୍ରାରୂଢ଼ ବରୁଆର ସିନ୍ଦୂରସିକ୍ତ ଶରୀର ଉତ୍ତେଜନାରେ ଆହୁରି ଉତ୍ତପ୍ତ ହୋଇ ଉଠେ । ଡାହାଣ ହସ୍ତରେ କନିଷ୍ଠ ଆଙ୍ଗୁଠି ତାହାର ଥରି ଉଠେ । ସେଇ ପଥ ଦେଇ ପ୍ରବେଶ କରନ୍ତି ଦେବୀ । ତା' ପରେ କମ୍ପନ ସୃଷ୍ଟି ହୁଏ ସାରା ଶରୀରରେ । ଅପୂର୍ବ ସେ କଂପନ । ବାଦ୍ୟର ତାଳେ ତାଳେ ନାଚିବାକୁ ଲଗେ 'ବରୁଆ' , ଠିଆ ହୋଇ ନୁହେଁ ଘୁଷୁରି ଘୁଷୁରି, ପାଦ ଓ



ସମଲେଶ୍ୱରୀ ମନ୍ଦିର—ବଳିଯାତ୍ରାର ଅନ୍ୟତମ ପୀଠସ୍ଥଳୀ

ହାତ ପାପୁଲି ଉପରେ ଭରା ଦେଇ ଚତୁଷ୍ପଦ ପ୍ରାଣୀଙ୍କ ସଦୃଶ । ତା'ର ଅଯତ୍ନ ବେଶଭୂଷା ଶୃଂଖଳିତାକୁ ପାଖେ ପାଖେ ଥାଆନ୍ତି 'ଗୁରି ଘରିଆ' ଗୁରିଜଣ । ମଝିରେ ମଝିରେ ବଳି ଦେବୀ ମୂର୍ତ୍ତିକୁ ଆଲିଙ୍ଗନ କରେ, କୋଳ-କରେ । ବାଦ୍ୟକାର ଅଥବା ଅନ୍ୟ କୌଣସି ବ୍ୟକ୍ତି ନିୟମ ଶୃଂଖଳା ଭଂଗ କଲେ ବରୁଆଠୁଁ ଗୋଇଠା, ଗପୁଡ଼ା ମିଳେ । ଅନେକ ସମୟ ନାଚି ନାଚି ଦଣ୍ଡାୟମାନ ହୋଇ ପଡ଼ିଲେ ବରୁଆର ମୁକୁଳା କେଶ ଗୁଡ଼ି କରି ବାନ୍ଧି ଦିଆଯାଏ । ତା ପରେ ମନ୍ଦିର ବାହାରକୁ ଆସି ଛତ୍ର ଧାରଣ କରି ଢୋଲ ଉପରେ ଅପୂର୍ବ ଭଙ୍ଗୀରେ ନାଚି ନାଚି ସେ ନିକଟବର୍ତ୍ତୀ ଦିଲବାହାଳପୁର ଜଙ୍ଗଲକୁ ଯାଏ । ଉକ୍ତିର ବାଟରେ ଜୋଡ଼ା ଖସରେ ବଳି ଦିଆଯାଏ । ଉକ୍ତିର ନିଦର୍ଶନ ସ୍ୱରୂପ ସେଠାରେ ଧନୁଶରରେ ପୁଷ୍ପ ଓ ଦହଣା ମାଡ଼ ହୁଏ । ମଧ୍ୟ ରାତ୍ରିରେ ହାଟ ବଜାର ବସି ଦିଲବାହାଳପୁର ଜଙ୍ଗଲ ଲୋକାରଣ୍ୟ ହୋଇଯାଏ । ସେଠାରେ ମଧ୍ୟ ବଳି ପଡ଼େ । ପୂର୍ବେ ଏହା ଘୋର ଅରଣ୍ୟ ଥିଲା ବେଳେ ବ୍ୟାଘ୍ର, ଭଲ୍ଲୁକାଦି ହିଂସ୍ରଜନ୍ତୁଙ୍କ ବିହାର ସ୍ଥଳ ଥିଲା । ଲୋକେ ବାଟ ଭୁଲି ଯିବେ ବୋଲି ଲଙ୍ଗଳ ଗାଛ ଉପରେ ହୁହୁଡ଼ା ପତ୍ର ପକାଇ ପଥ ଚିହ୍ନିତ କରଯାଏ । ଯିବା ବେଳକୁ ଦୁଇଜଣ ଓ ଫେରିବା ସମୟରେ ଅନ୍ୟ ଜଣେ ବରୁଆ ବଳି ଭରି ଆସେ ।

ସମଲେଶ୍ୱରୀ ମନ୍ଦିରରେ ପ୍ରତିପଦ, ଦ୍ୱିତୀୟା, ତୃତୀୟା ତିନିଦିନ ଧରି କିଣାବଳି ବା ଉପନବଳି ହୁଏ । ଉପନବଳିରେ ଛାଗ ମେଷାଦି ବଳି ଦିଆଯାଏ ନାହିଁ । ବରୁଆ ଛତ୍ର ଗ୍ରାମର ମଶାଲ ସହ ବାଦ୍ୟ ଯନ୍ତ୍ରର ତାଳେ ତାଳେ ନାଚି ନାଚି ରାଜପ୍ରାସାଦରେ ଥିବା କନକ ଦୁର୍ଗାଙ୍କ ମନ୍ଦିର ପର୍ଯ୍ୟନ୍ତ ଆସେ । ଚତୁର୍ଥୀ ଦିନ ରାତ୍ରି ତୃତୀୟ ପ୍ରହର । ସମସ୍ତଙ୍କ ମନରେ ଉତ୍ସୁକତା, ସୁରେଶ୍ୱରୀ ମନ୍ଦିର ସଂଲଗ୍ନ ଖଉଳ ଗାତରୁ ଖଉଳ ମାଟି କାଢ଼ିବ ଅନ୍ୟ ଜଣେ ବରୁଆ 'ଡାଙ୍ଗୁଆ' । ବଳି ଯାତ୍ରାର ଗୁରିକାଠି ଏ ଖଉଳ ମାଟି । ଏ ଗାତର ମହାତ୍ମ୍ୟ ମାରାତ୍ମକ ଧରଣର । ଏ ମାଟି ଛୁଇଁବ ଯିଏ ସର୍ବାଙ୍ଗ ତାର ଥରିବ, କୁଣ୍ଡେଇ ହେବ ଓ ଫୋଟକା ହୋଇଯିବ । କି ଦୈବୀଶକ୍ତି ବା ରାସାୟନିକ ପଦାର୍ଥ ଅଛି ଏହା ମଧ୍ୟରେ କାହାରିକୁ ଜଣା ନାହିଁ । କିମ୍ବଦନ୍ତୀ ଅଛି ବୀର ପର୍ଶୁରାମ ସ୍ୱୀୟ ମାତୃହତ୍ୟା ପରେ ଏ ସ୍ଥାନରେ ଯଜ୍ଞ କରିଥିଲେ ଏବଂ ଅତ୍ୟଧିକ ବଳି ଯୋଗୁଁ ପଶୁ ରକ୍ତରେ ଏ ସ୍ଥାନର ମାଟି ବିଷାକ୍ତ ହୋଇ-ଯାଇଛି । ଏ ଖଉଳ ଗାତ ପର୍ଶୁରାମଙ୍କ ଯଜ୍ଞକୁଣ୍ଡ । ପୂର୍ବତନ କଣ୍ଡରା ରାଜାମାନେ ଏ ଯଜ୍ଞକୁଣ୍ଡ ଓ ପର୍ଶୁରାମଙ୍କ ମାତା ରେଣୁକା ଦେବୀ ଓରଫ୍ ସୁରେଶ୍ୱରୀ ଦେବୀଙ୍କୁ ପୂଜା କରୁଥିଲେ । ପରେ ଚୌହାନ୍ ବଂଶଧରମାନେ



ବାଦ୍ୟର ତାଳେ ତାଳେ ଢୋଲ ଉପରେ ଛତ୍ର
ବାହୁଟି ଧରି ନୃତ୍ୟରତ ବଳି—

ଯେତେବେଳେ ସୋନପୁର ଶାସନ କଲେ ସେତେବେଳେ ସେମାନେ ମଧ୍ୟ ସେହି ପୂଜା ଆରାଧନା ଅବ୍ୟାହତ ରଖିଲେ ଓ ବଳିଯାତ୍ରାର ପ୍ରଚଳନ କଲେ । ପର୍ଶୁରାମଙ୍କ ଯଜ୍ଞ ଓ ବଳିରୁ ହିଁ ଏ ବଳିଯାତ୍ରାର ଉଦ୍ଭବ ବୋଲି ବର୍ଣ୍ଣିତ ଅଛି ।

ଏହି ଦିନ ବରୁଆ ଅଣ୍ଟାରେ ଦଉଡ଼ି ବାନ୍ଧି ସାତ ଆଠଜଣ ଟାଣି ଧରି ଥାଆନ୍ତି । ଗାତ ଭିତରେ ହାତ ପୁରେଇ ମାଟି ଆଣିବା ବେଳକୁ ସମୟ ରାତ୍ରି ଚତୁର୍ଥ ପ୍ରହର ପ୍ରାରମ୍ଭ । ଲଗ୍ନ ବରୁଆର ସ୍ତ୍ରୀ ଘରେ ଯନ୍ତ୍ରକାଟି ପରମ ନିଷ୍ଠାସହ ପୂଜା ଆରାଧନା ସମାପ୍ତ ପରେ ପନର୍ଘି ଓ ମେଷବଳି ସହ ଅପେକ୍ଷା କରିଥାଏ ବରୁଆର କିଳି କିଳା ଧ୍ୱନିକୁ । ତିନିଥର କିଳି କିଳା ଧ୍ୱନି ଶୁଣିବା ମାତ୍ରକେ ଏକା ଚେଟକେ



କଳସ ଥୋଇ, ପାଦ ଧୋଇ ଘରେ ଘରେ ପୁରେ
ପୁରେ ବଳିର ପୂଜା ଅର୍ଚ୍ଚନା କରାଯାଉଛି—

ମେଷର ମୁଣ୍ଡ ଗଣ୍ଡି ଅଲଗା କରି ଦିଏ—ଦେବୀ ତଥା ପତି ଭକ୍ତିର ଚରମ ନିଦର୍ଶନ ସ୍ୱରୂପ । ମଣିଷ ତ ଦୂରେ ଥାଉ ଚଢ଼େଇ ଚିରଗୁଣୀ ମଧ୍ୟ ଖଉଳ ପିଟା ଅସାଧ୍ୟ ସାଧନ ଦେଖିବା ମନା । ଥରେ କୁଆଡ଼େ ରାଜା ନିଜେ ଶାଳ୍ମଳୀ ବୃକ୍ଷ ଅଗ୍ରଭାଗରେ ବସି କୌତୂହଳ ବଶତଃ ଏ ଦୃଶ୍ୟ ଦେଖିବା ବେଳେ ଜଣେ ବରୁଆର ଖଉଳ ଗାତ ମଧ୍ୟରେ ପଶି ପ୍ରାଣ ଗଲା ଓ ରାଜା ପରିଶେଷରେ ଧରା ପଡ଼ିଲେ । ରାଜା ନିଜ କୃତ କର୍ମ ପାଇଁ ପୁରୋହିତଙ୍କୁ ଦଣ୍ଡ ମାଗିଲେ । ପୁରୋହିତ ଦଣ୍ଡ ସ୍ୱରୂପ ଇଚ୍ଛା ପ୍ରକାଶ କଲେ ଯେ ଦଶହରା ଦିନ ପ୍ରତିବର୍ଷ ସେ ନିଜେ ରାଜା ହୋଇ ରାଜ୍ୟ ଶାସନ କରିବେ । ସେହି ଦିନରୁ ପ୍ରତିବର୍ଷ ଦଶହରା ଦିନ ପୁରୋହିତ ଦିନକ ପାଇଁ ରାଜା ହୋଇ ରାଜ୍ୟ ଶାସନ ପୂର୍ବକ ପ୍ରଜାମାନଙ୍କୁ ଦଣ୍ଡ ଓ ପୁରସ୍କାର ଦିଅନ୍ତି । ଏବେ ମଧ୍ୟ ଏ ପ୍ରଥା ପ୍ରଚଳିତ । ତେଣୁ ପ୍ରଜାମାନେ ଏ ଢଗ ଗାଆନ୍ତି ।

"ଏକ୍ ଦିନିଆ ପୁରତ ରାଜା
ଢିଙ୍ଗ୍ ଢଙ୍ଗ୍ କରି ବାଜିଲା ବାଜା ।"

ଏ ମାଟି ବିନା ବଳିଯାତ୍ରା ସମ୍ଭବ ନୁହେଁ । ପରବର୍ତ୍ତୀ ବର୍ଷ ପାଇଁ ବରୁଆ ଦେହରେ ଦେବୀ ଆବାହନ ପାଇଁ ପୁରୋହିତଙ୍କର ତାହା ନିତାନ୍ତ ଜରୁରୀ । ତା' ପରେ ପଞ୍ଚମୀ ବଳି ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଚତୁର୍ଥ ପ୍ରହର ପ୍ରାରମ୍ଭରେ ଆରମ୍ଭ ହୋଇ ସୂର୍ଯ୍ୟୋଦୟ ବେଳକୁ ଶେଷ ହୁଏ । ଏହି ଦିନ ବରୁଆ ଅନ୍ତତଃ ଦଶ ପନ୍ଦର ଗୋଟି ଛାଗ ବଳି ଖାଏ ।

ଷଷ୍ଠୀ ଦିନ ସମଲେଶ୍ୱରୀ ମନ୍ଦିରରେ ହୁଏ ନିଶାବଳି । ସପ୍ତମୀ ଦିନ ରାଜ ଉଆସ ଛାଡ଼ି, ବର୍ଷକେ ଥରେ ସାଧାରଣ ଦର୍ଶନ ପାଇଁ, କନକ ଦୁର୍ଗା ଖମ୍ବେଶ୍ୱରୀ ମନ୍ଦିରକୁ ବିଜେ କରନ୍ତି ଏକ ବିରାଟ ଶୋଭାଯାତ୍ରାରେ । ଅଷ୍ଟମୀ ଦିନ ପ୍ରସିଦ୍ଧ ଭାଇ-ଜୁଁଟିଆ ଓ ଅଷ୍ଟଚଣ୍ଡୀ ଦେବୀ ଦର୍ଶନ ହୁଏ ।

ନବମୀର ନିଶାରାତ୍ରି—ବଳି ଯାତ୍ରାର ଚରମ ସୋପାନ । ଏକା ରାତ୍ରିକେ ଗାଏନ୍, ନଗର ନାଇକେନ୍ ଓ ମହାବଳି । ଗାଏନ୍ ବଳି ପିଢ଼ା ଆଣିବାକୁ ଯାଏ କୁମ୍ଭାର ଘରକୁ । ଯେଉଁ ଡାଙ୍ଗୁଆ ଖଉଳ ଗାତରୁ ମାଟି କାଢ଼େ ସେ ନଗର ନାଇକେନ୍ ବା ଡାଙ୍ଗୁଆ ବଳି ନାଚେ । ଏ ବଳି ମଶାଲ ଶୋଭାଯାତ୍ରାରେ ତୀବ୍ର ବେଗରେ ସହର ପରିକ୍ରମା କରେ । ଘରେ ଘରେ କଳସ ଥୋଇ, ପାଦ ଧୋଇ ଏହାର ପୂଜା ଅର୍ଚ୍ଚନା କରାଯାଏ । ତା' ପରେ ହୁଏ ମହାବଳି । ସବୁଠାରୁ ଅଧିକ ବଳି ପଡ଼େ ମହାବଳି ନିକଟରେ । ଶତାଧିକ ଛାଗ ମେଷାଦିଙ୍କ ମୁଣ୍ଡ ଗଣ୍ଡିରୁ ଅଲଗା ହୁଏ । ମଲ୍ଲିକ ଶାଣଦିଆ ଖଣ୍ଡାଧରି ଯମଦୂତ ସଦୃଶ ଜାଗ୍ରତ ଅବସ୍ଥାରେ ଦଣ୍ଡାୟମାନ ହୋଇଥାନ୍ତି । ବରୁଆ ଡାହାଣ ହାତ ପାପୁଲି ବଙ୍କା କରି ତଳକୁ ଦେଖାଇଲେ ସଙ୍ଗେ ସଙ୍ଗେ ଛାଗ ମେଷାଦି ହାଜର କରଯାଏ ଓ ଏକା ଚେଟକେ ମଲ୍ଲିକ ତାକୁ ଦିଗଡ଼ କରି ଦିଅନ୍ତି । ଏକା ଚେଟକେ ଦିଗଡ଼ ନ କଲେ ତାହା ତାଙ୍କ ଅପାରଗତା । ସେଥିପାଇଁ ତାକୁ ଗୁପ୍ତା, ବିଧା, ଗୋଇଠା ଖାଇବାକୁ ପଡ଼ିଥାଏ । ପିଚ୍ ପିଚ୍ ରକ୍ତ ନିର୍ଗତ ହେଉଥିବା ସମୟରେ ଗୁରିଘରିଆମାନେ ଗଣ୍ଡିକୁ ବରୁଆର ମୁହଁକୁ ଟେକି ଦିଅନ୍ତି ଓ ଚଁ ଚଁ ଶବ୍ଦ କରି ବରୁଆ କଞ୍ଚା ତାଜା ରକ୍ତ ପାନ କରେ । ରକ୍ତ ଦାଗରେ ମୁହଁ ଦେହ ଲାଲ ହୋଇଯାଏ । ମହାବଳି ଖମ୍ବେଶ୍ୱରୀ ମନ୍ଦିରରୁ ଛତ୍ର ଧାରଣ କରି ସୁରେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଓ ସେଠାରୁ ପୁଣି ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ



ଯାଏ । ଇତି ମଧ୍ୟରେ କନକ ଦୁର୍ଗାକୁ ରାଜଉଆସକୁ ଫେରାଇ ଅଣାଯାଏ । ତା' ପରେ ସହର ପରିକ୍ରମା କରେ ମହାବଳି । ବରୁଆକୁ ଗୁରିଘରିଆମାନେ ତାନ୍ତ୍ରିକ ତାପର୍ଯ୍ୟ ଥିବା ଗୁରିବାଟ, ଗୁରିଘାଟ, ଗୁରିଖାଲ, ଗୁରିନାଳ ଓ ଗୁରି ଚିଡ଼ିରା ବୁଲେଇ ଆଣନ୍ତି । ମଝିରେ ମଝିରେ ବରୁଆକୁ ଦହି, ମନ୍ଦାରଫୁଲ ଓ ଦହଣାରେ ଭୂଷିତ କରାଯାଉଥାଏ । ଘରେ ଘରେ ପାଦ ଧୋଇ ଏ ବଳିର

ମଧ୍ୟ ପୂଜା କରାଯାଏ । ସୋନପୁରରେ ଏହି ଦିନ ସର୍ବାଧିକ ଯାତ୍ରୀ ସମାଗମ ହୁଏ ।

ତା'ପରେ ଦଶହରା ଦିନ ସମଲେଶ୍ୱରୀ ମନ୍ଦିରରେ ଦଶହରା ବଳି ହୁଏ । ବନ୍ଧୁଆ ଛତ୍ର ବାହୁଟି ଧରି ଢୋଲ ଉପରେ ନାଚି ନାଚି ରାଜ ଉଆସରେ କନକଦୁର୍ଗା ପାଖରେ ପହଞ୍ଚିବା ପରେ ମନ୍ଦିର ସମ୍ମୁଖରେ ଜୋଡ଼ା ଖମ୍ବରେ ମହିଷବଳି ଦିଆଯାଏ । ଏ ଦୃଶ୍ୟ ଅତୀବ ମର୍ମନ୍ତୁଦ । ଦଶହରା ପରେ ପୂର୍ଣ୍ଣମୀ ଦିନ ବଳିଯାତ୍ରା ସେହି ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ହୁଏ । ସେହି ଦିନ ସମଲେଶ୍ୱରୀ ମନ୍ଦିର ସମ୍ମୁଖ ଜୋଡ଼ା ଖମ୍ବରେ ମହିଷ ବଳି ପଡ଼େ । ଦଶହରା ଓ ପୂର୍ଣ୍ଣମୀ ବଳି ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ଏହି ବଳିଯାତ୍ରା ଉପଲକ୍ଷେ ଛାଗ ମେଷ ମହିଷାଦିଙ୍କ ରକ୍ତରେ ବାଟ ଘାଟ ନଲ ହୋଇଯାଏ ।

ଆଡ଼ଭୋକେଟ୍, ସୋନପୁର

ଶୀତଳେଇ ମନ୍ଦିର ନିକଟରେ ହିଙ୍ଗୁଳେଇ ପୂଜା ଉପଲକ୍ଷେ ପୂର୍ଣ୍ଣମୀ ଦିନ ନିଆଁମଡ଼ା ନାମରେ ଅନ୍ୟ ଏକ ପର୍ବ ଅନୁଷ୍ଠିତ ହୁଏ । ଅଗ୍ନିସ୍ତମ୍ଭନ ମନ୍ତ୍ର ବଳରେ ରଡ଼ ରଡ଼ ନିଆଁ ଉପରେ ଆବାଳ ବୃଦ୍ଧ ବନିତା ଖାଲି ପାଦରେ ଚାଲି ଯାଆନ୍ତି । ମନୋରଞ୍ଜନ ପାଇଁ ଏହି ଦିନ ଘରେ ଘରେ ଜୁଆ ଖେଳ ହୁଏ । ତାସ, କଉଡ଼ି, ଧଣ୍ଡିମୁଣ୍ଡି, ଗଂଜପା, ନଡ଼ିଆବାଜି, ଛୁର, ଡୁଡୁ, କୁସ୍ତି, କୁକୁଡ଼ା, ମେଣ୍ଢା ଲଢ଼େଇ ଇତ୍ୟାଦି ବେଶ୍ ଉପଭୋଗ୍ୟ ।

ପୂର୍ବତନ ସୋନପୁର ରାଜ୍ୟର ସବୁଠାରୁ ବଡ଼ ଯାତ୍ରା ଥିଲା ଏ ବଳିଯାତ୍ରା । ଏବେ ମଧ୍ୟ ଏହା ଏ ଅଞ୍ଚଳରେ ପ୍ରଧାନ ସ୍ଥାନ ଅଧିକାର କରିରହିଛି । ପ୍ରତିବର୍ଷ ଦୀର୍ଘ ପନ୍ଦର ଦିନ ଧରି ହଜାର ହଜାର ଲୋକ ସମାଗମରେ ଯେଉଳି ଶାନ୍ତି ଶୃଙ୍ଖଳାର ସହିତ ଏ ଯାତ୍ରାପର୍ବ ସମାହିତ ହୁଏ, ତାହା ନିଜେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ।



# ୧୯୭୭ ରାଜ୍ୟ ନିରାପତ୍ତା ପୁରସ୍କାର

୧୯୭୮ ସେପ୍ଟେମ୍ବର ୧ ତାରିଖ ଦିନ ଭୁବନେଶ୍ୱରଠାରେ ଆୟୋଜିତ ଏକ ଉତ୍ସବରେ ଶ୍ରମ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ୧୯୭୭ ମସିହାର ରାଜ୍ୟ ଶିଳ୍ପ ନିରାପତ୍ତା ପୁରସ୍କାର ୭ ଗୋଟି ଶିଳ୍ପାନୁଷ୍ଠାନର ପ୍ରତିନିଧିମାନଙ୍କୁ ପ୍ରଦାନ କରିଥିଲେ ।

ଶିଳ୍ପାନୁଷ୍ଠାନଗୁଡ଼ିକରେ ଦୁର୍ଘଟଣା ରୋକିବା ପାଇଁ ଶ୍ରମମନ୍ତ୍ରୀ ସମ୍ମିଳନୀର ସୁପାରିଶକ୍ରମେ ରାଜ୍ୟ ସରକାର ୧୯୭୨ ମସିହାରୁ ଏଭଳି ପୁରସ୍କାର ପ୍ରତି ବର୍ଷ ଦେଇ ଆସୁଛନ୍ତି ।

ଚଳିତ ବର୍ଷର ରାଜ୍ୟ ନିରାପତ୍ତା ପୁରସ୍କାର ନିମ୍ନତମ ଦୁର୍ଘଟଣା ହାର ପାଇଁ କଟକର ସରକାରୀ ମୁଦ୍ରଣାଳୟ (ଫର୍ମ), ରାଉରକେଲା ଇସ୍ପାତ୍ କାରଖାନାର ବିଦ୍ୟୁତ୍ ବଣ୍ଟନ ସଂସ୍ଥା ଓ ରାୟଗଡ଼ାର ଫେରୋମାଙ୍ଗାନିଜ୍ କାରଖାନା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପାରିଛନ୍ତି ।

ସର୍ବାଧିକ ଦୁର୍ଘଟଣା ରହିତ ସମୟ ପାଇଁ ଭୁବନେଶ୍ୱରର ସରକାରୀ ପାଠ୍ୟପୁସ୍ତକ ମୁଦ୍ରଣାଳୟ ଓ ରାୟଗଡ଼ାର ଫେରୋମାଙ୍ଗାନିଜ୍ କାରଖାନା ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

ଦୁର୍ଘଟଣାର ନ୍ୟୁନତମ ତିବ୍ରତା ପାଇଁ ରାୟଗଡ଼ାର ଜୟପୁର ସୁଗାର କଂପାନୀ ଓ କଟକର ସର୍ଭେ ଓ ମାନଚିତ୍ର ପ୍ରକାଶନ ସଂସ୍ଥା ପୁରସ୍କୃତ ହୋଇଛନ୍ତି ।

ଏହି ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରମମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କଳକାରଖାନାଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ପ୍ରତି ବର୍ଷ ବହୁ ଧନଜୀବନ ନଷ୍ଟ ହେଉଛି । ପୂର୍ବରୁ କୁହାଯାଉଥିଲା ଯେ ଭଗବାନଙ୍କ ବରାଦ ଯୋଗୁଁ ଦୁର୍ଘଟଣାମାନ ଘଟୁଛି । ବର୍ତ୍ତମାନ ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପନ୍ଥାମାନ ଉଦ୍‌ଭାବନ କରିଛନ୍ତି । ଏହା ଫଳରେ ଦୁର୍ଘଟଣାର ସଂଭାବନା ପୁରାପୁରି ଏଡ଼ାଇ ଦିଆଯାଇ ନପାରିଲେ ମଧ୍ୟ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ ।


ଶ୍ରମମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ କଳକାରଖାନାଗୁଡ଼ିକରେ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ିଭାବେ ପ୍ରୟୋଗ କରିବାକୁ ରାଜ୍ୟ ସରକାର ତତ୍ପରତାର ସହ ଉଦ୍ୟମ କରୁଛନ୍ତି । ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଶ୍ରମ କମିଶନରଙ୍କ ଦପ୍ତରରୁ ଚିଫ୍ ଇନିସ୍‌ପେକ୍ଟର ଅଫ୍ ଫ୍ୟାକ୍‌ଟେରୀଜ୍‌ଙ୍କ ଦପ୍ତର ଅଲଗା କରି କ୍ଷମତା ବିକେନ୍ଦ୍ରୀକରଣ କରାଯାଇଛି । ଏହା ବ୍ୟତୀତ ଦୁର୍ଘଟଣାଜନିତ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ ସମାଧାନ କରିବା ଉଦ୍ଦେଶ୍ୟରେ ଏକ 'ସ୍ୱତନ୍ତ୍ର ସେଲ୍' ପ୍ରତିଷ୍ଠା କରାଯାଇଛି । ଆଉ ମଧ୍ୟ ଭୁବନେଶ୍ୱରଠାରେ ଏକ ନିରାପତ୍ତା ସଂଗ୍ରହାଳୟ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ।

ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜଗନ୍ନେଶ୍ ମାଝି ଏହି ଉତ୍ସବରେ ଭାଷଣ ଦେଇ କହିଲେ ଯେ ଯେଉଁ କାରଣଗୁଡ଼ିକ ଯୋଗୁଁ ଦୁର୍ଘଟଣା ଘଟିଥାଏ, ଠିକଣା ସମୟରେ ତହିଁର ପ୍ରତିକାର ବ୍ୟବସ୍ଥା କରିପାରିଲେ ଦୁର୍ଘଟଣା ଦୂର କରାଯାଇ ପାରିବ । କଳକାରଖାନାଗୁଡ଼ିକ ଯୋଗୁ ଜଳ ଓ ବାୟୁ ଦୂଷିତ ହେଉଛି । ଏହା ଫଳରେ ମଣିଷର ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି । ଏଣୁ ମଣିଷ ଜୀବନର ନିରାପତ୍ତା ପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।

ଶ୍ରମ ବିଭାଗର ସେକ୍ରେଟାରୀ ଶ୍ରୀ ଉପେନ୍ଦ୍ର ନାଥ ମଲ୍ଲିକ ତାଙ୍କର ଭାଷଣରେ ଉଭୟ ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ସହଯୋଗିତା ରକ୍ଷା କରି ନିରାପତ୍ତା ବ୍ୟବସ୍ଥାକୁ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ।

ଚିଫ୍ ଇନିସ୍‌ପେକ୍ଟର ଅଫ୍ ଫ୍ୟାକ୍‌ଟରିଜ୍ ଶ୍ରୀ ବୀର କିଶୋର ପଟ୍ଟନାୟକ ନିରାପତ୍ତା ପୁରସ୍କାର ଯୋଜନା ସଂପର୍କରେ ସୂଚନା ଦେଇ ଏଥିପାଇଁ ସରକାରୀ ସାହାଯ୍ୟ ବୃଦ୍ଧି କରିବାକୁ କହିଥିଲେ । ଡେପୁଟି ଚିଫ୍ ଇନିସ୍‌ପେକ୍ଟର ଶ୍ରୀ ଏସ୍. ଏନ୍. ପତି ଓ ନିରାପତ୍ତା ଇନିସ୍‌ପେକ୍ଟର ଶ୍ରୀ ନିରଞ୍ଜନ କର କଳକାରଖାନାଗୁଡ଼ିକରେ ନିରାପତ୍ତା ବ୍ୟବସ୍ଥାର ବିଭିନ୍ନ ଦିଗ ସଂପର୍କରେ ସୂଚନା ଦେଇଥିଲେ ।

OGP—MP-VI (Home [P.R.]) 48—15,000—28-10-1978



କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୮ ସେପ୍ଟେମ୍ବର ୨୯ ତାରିଖ ଦିନ ଭୁବନେଶ୍ୱର ବାଣୀବିହାରଠାରେ ନିଖିଳଭାରତ ଅନ୍ତଃସ୍ରାବୀଗ୍ରନ୍ଥି ବିଜ୍ଞାନୀମାନଙ୍କ ସମ୍ମିଳନୀ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଉଛନ୍ତି ।
ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଲ ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ ।



ସୂଚନା ଓ ଲୋକସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏ. ପି. ସିଂହ ଗଞ୍ଜାମଜିଲ୍ଲା ଖେମୁଣ୍ଡି କଲେଜ ଉଦ୍‌ଘାଟନ କରି ଭାଷଣ ଦେଉଛନ୍ତି

Licence No. C. R. N. P. 5—Licensed to post without Pre-Payment

# ପରବର୍ତ୍ତୀ ସନ୍ତାନ କେବେ ?

# ପ୍ରଥମଟି ସ୍କୁଲ୍‌କୁ ଯିବ ଯେବେ ।

ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କରିବା ପାଇଁ ନିକଟସ୍ଥ ପରିବାର କଲ୍ୟାଣ କେଂଦ୍ରର ପରାମର୍ଶ ନିଅନ୍ତୁ ।

ରାଜ୍ୟ ପରିବାର କଲ୍ୟାଣ ସଂସ୍ଥା

ଭୁବନେଶ୍ୱର

Printed at Orissa Govt. Press, Cuttack-10